
# ଭିନ୍ନ ଦେଶ ଭିନ୍ନ ଦୃଷ୍ଟି



ସହଦେବ ସାହୁ

"ମାସେଜ୍ ପାର୍ଲର ଆଉ ସେକ୍ସ ସପ୍ । ଦେହ ହାତ ଘଷାଘଷି କରିବା ବାହାନା ମାତ୍ର । ମାସେଜ୍ ପାର୍ଲରରେ (ଦୋକାନରେ) ମହିଳା ଗଲେ ନଗ୍ନପ୍ରାୟ ପୁରୁଷ ଏବଂ ପୁରୁଷ ଗ୍ରାହକ ଗଲେ ନଗ୍ନପ୍ରାୟା ଯୁବତୀ ସେବା କରିବା ପାଇଁ ଆସିବେ । ଯେପରି ଘଷାଘଷି ଚାହିଁବେ ସେପରି ମିଳିବ । ବେଶି ଆଗେଇବାକୁ ଚାହିଁଲେ ଦୋକାନୀ ତାର ବନ୍ଦୋବସ୍ତ କରିଦେବ ।"

****

"ଏ ଇଂରେଜଗୁଡ଼ାକ ଅଦ୍ଭୁତ ଲୋକ । ଆମ ଦେଶରେ ରାଜୁତି କରୁଥିଲା ବେଳେ ଖୋସାମତ କରିବାର ସମସ୍ତ ପ୍ରକାରର ଆଦବ କାଇଦା ଆମକୁ ଶିଖାଇଲେ । ଦରଖାସ୍ତ ଶେଷରେ "ଆଇ ବେଗ ଟୁ ରିମେନ୍ ସାର୍, ଇଓର ମୋଷ୍ଟ ଓବିଡିଏଣ୍ଟ ସର୍ଭାଣ୍ଟ" ଲେଖିବାକୁ ଅଭ୍ୟାସରେ ପକାଇଦେଲେ । ବର୍ତ୍ତମାନ ତାଙ୍କ ଦେଶ କଥା ଦେଖ । ସେ କହୁଛନ୍ତି ସମ୍ପର୍କ ଛାତ୍ର-ଅଧ୍ୟାପକ ହେଲେ କଣ ହେଲା, ପ୍ରଥମ ନାଁ ଧରି ଡାକ ।"

****

ଦେଶ ଭିନ୍ନ ହେଲେ ଦୃଷ୍ଟି ଭିନ୍ନ ହୁଏ । ଉପର ଦୁଇଟି ଉଦାହରଣ ଏ ସମ୍ପର୍କରେ ଯେତିକି ପ୍ରମାଣ ଦିଏ ବହିଟିର ପ୍ରତି ପୃଷ୍ଠା ତାକୁ ହିଁ ସାବ୍ୟସ୍ତ କରୁଛି ।

ଓଁ

# ଭିନ୍ନ ଦେଶ ଭିନ୍ନ ଦୃଷ୍ଟି

ଚନ୍ଦ୍ରଦେବ ସାହୁ

# ଭିନ୍ନ ଦେଶ ଭିନ୍ନ ଦୃଷ୍ଟି

ସହଦେବ ସାହୁ

ଓଡ଼ିଶା ବୁକ୍ ଷ୍ଟୋର

ଭିନ୍ନ ଦେଶ ଭିନ୍ନ ଦୃଷ୍ଟି ( ଭ୍ରମଣ କାହାଣୀ ) ●

ଲେଖକ : ସହଦେବ ସାହୁ ● ସର୍ବସ୍ୱତ୍ୱ ଅଧିକାରିଣୀ : ସୁମିତ୍ରା ସାହୁ ●

ପ୍ରକାଶକ : ଗୋବିନ୍ଦ ଚରଣ ପାତ୍ର, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୭୫୩୦୦୨ ●

ପ୍ରଥମ ପ୍ରକାଶ : ବୈଶାଖ ପୂର୍ଣ୍ଣିମା, ୧୯୯୦ ●

ପ୍ରଚ୍ଛଦ : (ଟେମସ୍ ବନ୍ୟାରୋଧକ) ଅସିତ ମୁଖାର୍ଜି ●

ମୁଦ୍ରଣ : ଗୁରୁପ୍ରସନ୍ନ ପ୍ରେସ୍, ଝୋଲସାହି (ନୂଆ କଲୋନୀ) କଟକ-୧ ●

ମୂଲ୍ୟ : ସାଧାରଣ—ଚାଳିଶି ଟଙ୍କା, ଶୋଭନ—ପଚାଶ ଟଙ୍କା

VINNA DESHA VINNA DRUSTI (Different Land Different Perception) ● A Travelogue in Oriya by : Sahadev Sahoo ● © Mrs. Sumitra Sahoo ● Published by : Govinda Charan Patra, Orissa Book Store, Binodbehari, Cuttack-2 ● 1st Edition : 1990 ● Cover : ( Thames Barrier ) by Asit Mukherjee ● Printed at : Guruprasanna Press, Jholasahi ( New Colony ), Cuttack-1 ● Price : Rs 40/-

# ଉତ୍ସର୍ଗ

ପାରିବାରିକ ଜୀବନରେ ଏକୁଟିଆ ବିଦେଶଗସ୍ତ କରିବା ଅର୍ଥ ପରିବାରର ଅନ୍ୟମାନଙ୍କୁ କଷ୍ଟରେ ପକାଇବା । ଅଭିଭାବକ ଦାୟିତ୍ୱ ନେବାପାଇଁ ଯଦି କେହି ନଥାନ୍ତି ତେବେ ସହଧର୍ମିଣୀଙ୍କୁ ସବୁକାମ ସମ୍ଭାଳିବାକୁ ପଡ଼େ । ପିଲାଙ୍କୁ ଦେଖିବା, ସେମାନଙ୍କ ପାଠ ପଢ଼ିବା ତନଖିବା, ଘର ସମ୍ଭାଳିବା ଓ ବାହାର କାମ ଦେଖିବା ସାଧାରଣ କଥା ହେଲେ ହେଁ ସରକାରୀ ବାସ ଭବନରେ ତାହା ଅସାଧାରଣ । କାରଣ ନିଜର ଜ୍ଞାତିକୁଟୁମ୍ବଙ୍କ ଠାରୁ ଦୂରରେ ଥିବା ଯୋଗୁଁ ସବୁ ବୋଝକୁ ଏକୁଟିଆ ସହି-ନେବାକୁ ପଡ଼େ । ଯଦି ସ୍ୱାମୀଙ୍କ ଗସ୍ତକାଳରେ ବଦଳି ହୋଇ-ଯାଏ ଓ ତାଙ୍କର ଉତ୍ତରାଧିକାରୀ ଭାବରେ ଆଉ ଜଣେ ଆସି ଯୋଗଦେଇ ସେହି ସରକାରୀ ବାସଗୃହରେ ରହିବାର ଚେଷ୍ଟା କରନ୍ତି ତେବେ ସହଧର୍ମିଣୀଙ୍କ ଦୁଃଖ ଯାହା ହେବ, କଳ୍ପନା କରିବା କଥା ।

ଏତେ ଯନ୍ତ୍ରଣା ସାଙ୍ଗକୁ ବିଦେଶ ନ ଯାଇ ଘରେ ପଡ଼ି-ରହିବାର ଦୁଃଖ ମୁଁ ଟିକେ ଅନୁମାନ କରିପାରୁଛି, କିନ୍ତୁ ଅଙ୍ଗେ ତ ନିଭାଇ ନାହିଁ ! ତାଙ୍କର ପ୍ରକୃତ ଦୁଃଖକୁ କିଛିଟା ଲାଘବ କରିବା ଉଦ୍ଦେଶ୍ୟରେ ମୋର ବିଦେଶଗସ୍ତର ଅନୁଭୂତି-ଗୁଡ଼ିକୁ ତାଙ୍କର ହାତରେ ସମର୍ପି ଦେଉଛି ।

# ମୁଖବନ୍ଧ ନୁହେଁ......

ମଣିଷର ସଭ୍ୟତା, ସଂସ୍କୃତି, ଆଚାର ବ୍ୟବହାର ନଦୀ ଉପରେ ନିର୍ଭର କରିଆସିଛି । କୃତ୍ରିମ ଉପାୟରେ ଜଳଯୋଗାଣ ଆରମ୍ଭ ହୋଇ ଆଧୁନିକ ଜନାକୀର୍ଣ୍ଣ ନଗରମାନ ଗଢ଼ିଉଠିବା ପୂର୍ବରୁ ନଦୀଧାରରେ ହିଁ ପୂର୍ବକାଳର ବଡ଼ ବଡ଼ ନଗର ଗଢ଼ିଉଠିଥିଲା । ଯେକୌଣସି ଦେଶ ହେଉ, ତାହାର ପ୍ରଥମ ଜନବସତି ମୁଖ୍ୟ ନଦୀତୀରରେ ହିଁ ଆରମ୍ଭ । ଯେପରି ମଧ୍ୟଏସୀୟ ଅଞ୍ଚଳରୁ ଆର୍ଯ୍ୟମାନେ ଆସି ପ୍ରଥମେ ସିନ୍ଧୁନଦୀ, ପରେ ଗଙ୍ଗା ତଥା ଅନ୍ୟ ନଦୀମାନଙ୍କ ତୀରଦେଶକୁ ବ୍ୟାପିଗଲେ । ସମତଳ ଉର୍ବର ଅଞ୍ଚଳରେ ପ୍ରବାହିତ ଗଙ୍ଗା ଆମ ଦେଶର ସଭ୍ୟତା ଓ ସଂସ୍କୃତିର ପ୍ରଥମ ରୂପରେଖ ତିଆରିକଲା । ସଂକ୍ଷେପରେ କହିଲେ, ଗଙ୍ଗା ଆମ ଦେଶର ପ୍ରାଚୀନ ଇତିହାସ । ଓଡ଼ିଶାରେ ଜନାକୀର୍ଣ୍ଣ ଅଞ୍ଚଳ ହେଉଛି ମହାନଦୀର ତ୍ରିକୋଣ ଭୂମି; ଓଡ଼ିଆ ଭାଷା ଓ ଓଡ଼ିଆ ସଂସ୍କୃତିର ଇତିହାସ ମହାନଦୀ ଅବବାହିକାର ଇତିହାସ ।

ଇଂରେଜ ଐତିହାସିକମାନେ ଯେଉଁପରି ତାଙ୍କର ଟେମ୍‌ସ ନଦୀକୁ ତରଳ ଇତିହାସ କହନ୍ତି । ଜନ୍ ବର୍ଣ୍ଣସ ପ୍ରଥମେ ଟେମସ୍‌କୁ ଲିକ୍ୱିଡ଼ ହିଷ୍ଟ୍ରି ରୂପେ ବର୍ଣ୍ଣନା କରିଥିଲେ । ବିଲାତ ଭୂଖଣ୍ଡର ଆକାରକୁ ଚାହିଁ ୩୫୦ କିଲୋମିଟର ଲମ୍ବର ଏହି ନଦୀ ବୃହତ୍ତମ ନଦୀ ଗ୍ଲୋଷ୍ଟରସାୟରର କଟ୍‌ସଓ୍ୱାଲଡ଼ ପାହାଡ଼ରୁ ବାହାରି କେବଳ ଇଂଲଣ୍ଡ ପ୍ରଦେଶରେ ପ୍ରବାହିତ । ବିଲାତ ଭୂଖଣ୍ଡରେ ଇଂଲଣ୍ଡ, ସ୍କଟଲଣ୍ଡ, ଓ୍ୱେଲସ୍ ଭଳି ଏକାଧିକ ଭାଷାଭାଷୀ ପ୍ରଦେଶ ଅଛି । ବିଲାତର ୨୦୦୦ ବର୍ଷର ଇତିହାସର ସାକ୍ଷୀ ଏହି ନଦୀ । ଏହାର ଜଳପଥ ଦେଇ ରୋମାନ୍‌ମାନେ ପ୍ରଥମେ ଦକ୍ଷିଣ ଇଂଲଣ୍ଡର କେନ୍ଦ୍ରଅଞ୍ଚଳକୁ ଆସିଥିଲେ ଏବଂ ବିଲାତରେ ସଭ୍ୟତାର ଆଲୋକ ବିସ୍ତାର କରିଥିଲେ ।

ଗ୍ରେଟ୍ ବ୍ରିଟେନର ଯାହାକିଛି ଉଲ୍ଲେଖନୀୟ, ତାହା ଟେମସ୍ ନଦୀ ସହିତ ସଂପୃକ୍ତ (ଇଂରେଜମାନେ ଟେମଜ୍ ଉଚ୍ଚାରଣ କରନ୍ତି) । ଏହି ନଦୀକୂଳରେ ଅକ୍ସଫୋର୍ଡ଼ (ବିଶ୍ୱବିଦ୍ୟାଳୟ), ଅବିଙ୍ଗଡ଼ନ୍, ରିଡ଼ିଙ୍ଗ (ବିଶ୍ୱବିଦ୍ୟାଳୟ ଓ ଜନବହୁଳ ସହର), ଇଟନ୍ (ବିଖ୍ୟାତ ପବ୍ଲିକ୍ ସ୍କୁଲ୍), ଓ୍ୱିଣ୍ଡସର, ରିଚ୍‌ମଣ୍ଡ

(ଯେଉଁଠି ନଦୀ ଲଣ୍ଡନ ନଗର ଭିତରକୁ ପଶିଛି ),) ଗ୍ରୀନ୍‌ଓ୍ୱିଚ୍‌ ଆଦି ପ୍ରସିଦ୍ଧ (ଐତିହାସିକ ଓ ଆଧୁନିକ) ସହରମାନ ଅଛି । ଲଣ୍ଡନକୁ ବିଶ୍ୱବାଣିଜ୍ୟର କେନ୍ଦ୍ର କରି ତୋଳିବାରେ ଟେମସ୍ ହିଁ ଦାୟୀ । ବଡ଼ ବଡ଼ ଜାହାଜମାନ ସମୁଦ୍ରରୁ ଟେମସ୍ ମୁହାଣରେ ପଶିବାବେଳେ ନଦୀ ପାଇଲଟ୍‌ମାନେ ଜାହାଜ ଚଳାଚଳ କରନ୍ତି । ସମୁଦ୍ରରେ ମିଶିବା ପୂର୍ବରୁ ଟେମସ୍ ୨୧୦୦ ଫୁଟ ଓସାର; କିନ୍ତୁ ଲଣ୍ଡନବ୍ରିଜ୍ ନିକଟରେ ୭୫୦ ଫୁଟ ମାତ୍ର । ଲଣ୍ଡନରେ ଟେମସ୍‌ଧାରରେ ବେଶ୍ ଲୋକାରଣ୍ୟ ବଜାର ଓ ବସତି । ଲଣ୍ଡନ ତଳକୁ ଜୁଆରିଆ ଅଂଶର ନିୟନ୍ତ୍ରଣଭାର ପୋର୍ଟ ଅଫ୍ ଲଣ୍ଡନ ଅଥରିଟି ହାତରେ ଓ ଉପରକୁ ଥିବା ନଦୀର ନିୟନ୍ତ୍ରଣ ଟେମସ୍ କନ୍‌ଜର୍ଭେନ୍‌ସି ବୋର୍ଡ଼ ହାତରେ ରଖାଯାଇଛି । କିନ୍ତୁ ବିଳାତର ସଂସ୍କୃତି, ସଭ୍ୟତା ଓ ବ୍ୟବସାୟ ବାଣିଜ୍ୟର ସ୍ରୋତବତୀ ସାକ୍ଷୀ ହୋଇ ରହିଛି ଟେମସ୍ ନଦୀ ।

ମହାନଦୀ ଉପତ୍ୟକାରୁ ଟେମସ୍ ଉପତ୍ୟକାକୁ ଆସି ଯାହାକିଛି ସାଦୃଶ୍ୟ ଓ ବିଭେଦ ଦେଖିଲି ସେସବୁ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ଚେଷ୍ଟା କରିଛି । କିଛି କାଳ ଇଂରେଜ ଶାସନାଧୀନ ଥାଇ ଆମେ ଯେପରି ଇଂରେଜମାନଙ୍କୁ ଅତିମାନବ ଦୃଷ୍ଟିରେ ଦେଖିଛୁ, ସେ ଦୃଷ୍ଟିକୁ କିଛି କିଛି ସଂଶୋଧନ କରିବାର ଚେଷ୍ଟା ମଧ୍ୟ କରିଛି । ବିଳାତରେ ଯାହା ମିଳିଯାଏ ତାହା ଭାରତର ଲୋକଙ୍କୁ ଭୂତଭଳି ଘାରିଯାଏ, ଅର୍ଥାତ୍ ପୁରୁଣା ହେଲେ ବି ବିଳାତି ଛବିଧାରି, ଆସୁର ବସ୍ତୁର ଆମକୁ ଯେପରି ଭସାଇନିଏ, ସେହି ମନୋବୃତ୍ତିକୁ ସୁଧାରିବାର ବେଳ ଏବେ ଆସିଛି । ଏତିକି ଯଦି ମୁଁ କେତେକଙ୍କ ଚିନ୍ତାଧାରାରେ ପୂରାଇପାରେ ତେବେ ମୋର ପରିଶ୍ରମ ସାର୍ଥକ ହେବ ବୋଲି ଭାବିବି ।

—ଲେଖକ

# ଆଉ ଦୁଇପଦ

"ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକ୍ରମ ପରିଚାଳନା" ସମ୍ପର୍କରେ ଅକ୍ସଫୋର୍ଡ଼ରେ ହୋଇଥିବା ଗୋଟିଏ ୧୦ ସପ୍ତାହବ୍ୟାପୀ ଉନ୍ନୟନ କର୍ମଶାଳାରେ ମୁଁ ଯୋଗ ଦେଇଥିଲି । ଜୁଲାଇ ୭ରେ ବିଲାତ ଛାଡ଼ିବା କଥା । ଦିନ ଯେତେ ପାଖେଇ ଆସିଲା, ଚିହ୍ନା ହୋଇଥିବା ଇଂରେଜମାନେ ପଚାରିବା ଆରମ୍ଭ କଲେ, "ଏ ଜାଗା କେମିତି ଲାଗିଲା ? ଏଠିକା ଜନପଦ, ଲୋକପ୍ରକୃତି ଆଦି କେମିତି ଲାଗୁଛି ?"

'ବେଶ୍ ଭଲ ଲାଗିଲା'—କହିଦେଲେ ମୋର ସାରା ଅନୁଭୂତିଟା ବୁଝା-ଇଲା ବୋଲି ସେମାନେ ଭାବୁଥିଲେ । କେହି କଠେଇ କଠେଇ ଗୋଟିଏ କିଛି ବିଷୟରେ ପଚାରୁଥିଲେ, ମୁଁ ନିର୍ଦ୍ଦିଷ୍ଟ ବିଷୟରେ ମୋର ମତାମତ ଦେଉଥିଲି । ମୋର ବିଲାତରେ ରହଣି କାଳ—ଅପ୍ରେଲ ୨୫ ରୁ ଜୁଲାଇ ୭ । ଅର୍ଥାତ୍ ୧୦ ସପ୍ତାହରୁ ସାମାନ୍ୟ ବେଶି । ଖୁବ୍ କମ୍ ସମୟ ଜଣାଯାଇପାରେ, କିନ୍ତୁ ମୋତେ ଏତେ ସ୍ଥାନ ବୁଲିବାକୁ ମିଳିଥିଲା, ଏତେ ଲୋକଙ୍କ ସହିତ ମିଳାମିଶା କରିବାକୁ ପଡ଼ିଥିଲା ଯେ ପ୍ରତିଦିନ କିଛି କିଛି ନୂଆ କଥା ଦେଖୁଥିଲି, ଶୁଣୁଥିଲି ବା ଅନୁଭବ କରୁଥିଲି । ଆବିଷ୍କାର କରିବା, ଆଶ୍ଚର୍ଯ୍ୟ ହେବା ବା ଉଲ୍ଲସିତ ହେବାର ଅବସର ବହୁତ ମିଳିଥିଲା । ବିଲାତି ଲେଖକଙ୍କ ଦ୍ୱାରା ଲିଖିତ ବିଲାତ ସମ୍ବନ୍ଧରେ ବହିପଢ଼ି ବିଲାତ ସମ୍ପର୍କରେ ଆମର ଯେଉଁ ସବୁ ବଡ଼ ବଡ଼ ଧାରଣା ହୋଇଯାଇଛି, ତାକୁ ତୁଳନା କରି ମୋତେ ଅନେକ ସମୟରେ ହତାଶ ହେବାକୁ ପଡ଼ିଥିଲା । ଇଂରେଜମାନଙ୍କୁ, ସେମାନଙ୍କ ଆଦବକାଇଦାକୁ, ସେମାନଙ୍କର ମୁହଁମୁଲକାର ଅଭାବ ବା ଅସାମାଜିକ ଭାବକୁ ନିନ୍ଦା କରିବାକୁ ଇଚ୍ଛା ହେଉଥିଲା । ନିଜର ଭଦ୍ରାମିରେ ସେଗୁଡ଼ିକୁ ନିଜ ଭିତରେ ଲୁଚାଇ ରଖିବାକୁ ପଡ଼ୁଛି । ଥରେ ଅଧେ ବ୍ରିଟିଶ କାଉନସିଲ ଓ ଆମର ପ୍ରଶିକ୍ଷଣ ନିର୍ଦ୍ଦେଶକଙ୍କୁ ଏ କଥା ପ୍ରସଙ୍ଗକ୍ରମେ କହିଛି । ମୋର ବିଲାତ ଭ୍ରମଣ ତଥା କର୍ମଶାଳାରେ ଯୋଗଦାନ ବ୍ରିଟିଶ କାଉନସିଲ ଜରିଆରେ କରାଯାଇଥିଲା । ତେଣୁ ତାଙ୍କର ଆଖିରେ ଅଙ୍ଗୁଳି ଗେଞ୍ଜିବା ଠିକ୍ ମନେକରି ନ ଥିଲି ।

ଅଭିଜ୍ଞତା, ଅନୁଭୂତି, ଦର୍ଶନ ଏତେ ପ୍ରକାରର ଓ ଏତେ ଆକର୍ଷକ ଯେ ସେସବୁକୁ ସୀମିତ କରି କହିହେବ ନାହିଁ । ବରଂ ଦୁଃଖ କ'ଣ ରହିଗଲା, ସେ ବିଷୟରେ ସଂକ୍ଷେପରେ କହିହେବ; ମୁଁ ଆହୁରି ବେଶି ଜାଗା ଦେଖିପାରିଲି ନାହିଁ, ଆହୁରି ବେଶି ଲୋକଙ୍କ ସହିତ ମିଶିବାର ସୁଯୋଗ ପାଇଲି ନାହିଁ । ଦଶ ଏଗାର ସପ୍ତାହ ଗୋଟିଏ ଦେଶକୁ, ଗୋଟିଏ ଜାତିକୁ ଜାଣିବା ପାଇଁ ଯଥେଷ୍ଟ ନୁହେଁ ବୋଲି ମୋର ମତ । କିନ୍ତୁ ଦଶଟି ସପ୍ତାହରେ ଯାହା ଦେଖିଲି, ତାହା ବି ଏତେ ସଘନ ଯେ ଅନ୍ୟମାନଙ୍କୁ ଜଣାଇବା ଉଚିତ ବୋଲି ମୋର ବନ୍ଧୁମାନେ କହିଲେ । ହୁଏତ ଏତକ ଅନୁଭୂତି ଉପରେ ଅନ୍ୟମାନେ ପୂର୍ଣ୍ଣାଙ୍ଗ ଅନୁଧ୍ୟାନ କରିବେ । ବଡ଼ ବଡ଼ ଅଟ୍ଟାଳିକା ତିଆରି କରିବାରେ ଶ୍ରେଷ୍ଠ ଶ୍ରେଷ୍ଠ ମନ୍ଦିର ଗଠନ, ମୁଖଶାଳା, ନାଟମନ୍ଦିର ଆଦିରୁ ନୂଆ ପ୍ରେରଣା ମିଳିଥାଏ ତ ! ଏହି ଆଶା ନେଇ ମୁଁ ଲେଖିଛି ଏବଂ ଏହି ଆଶା ପୂରଣ ହେଲେ ମୋ ଉଦ୍ୟମ ସଫଳ ହୋଇଛି ବୋଲି ଭାବିବି ।

# ସୂଚୀ


ବିମାନ ଯାତ୍ରା ॥ ୧ ॥

ବିଲାତି ଖାଦ୍ୟ ଓ ଖାଦ୍ୟରୁଚି ॥ ୨୧ ॥

ଦୋକାନ ବଜାର ଓ ବ୍ୟାଙ୍କ୍ କାରବାର ॥ ୪୯ ॥

ବିଲାତି କେଶ-ବିନ୍ୟାସ ଓ ପ୍ରସାଧନ ॥ ୭୧ ॥

ସେକ୍ସ ସପ୍ ଓ ଗୋଟିଏ ଗପ ॥ ୮୧ ॥

ଲଣ୍ଡନ ଦର୍ଶନ ଓ ପରଦର୍ଶନ ॥ ୯୩ ॥

ଗ୍ରେଟ ଦେଶ ବଡ଼ କଥା ॥ ୧୦୫ ॥

ଦୂର ପର୍ବତ ତେତେ ସୁନ୍ଦର ନୁହେଁ ॥ ୧୨୨ ॥

ଯାତ୍ରା ନିୟମ ଓ ଗାଡ଼ି ଚଳାଚଳ ॥ ୧୪୦ ॥

ୟୁରୋପରେ ପାଞ୍ଚରାତି ॥ ୧୫୦ ॥

ବିଲାତି ହର୍ଦ୍ଦି ଓ ଦେଶୀ ନେତା ॥ ୧୯୧ ॥

ବିଲାତି ଭାରତୀୟଙ୍କ ଅନୁଭୂତି ॥ ୧୯୫ ॥

ଆଇନ ଅଦାଲତ ॥ ୨୧୧ ॥

ଛାତ୍ରମାନଙ୍କ ସୁବିଧା ଅସୁବିଧା ॥ ୨୧୭ ॥

ନଦୀ ଧାରେ ॥ ୨୨୨ ॥

# ବିମାନ ଯାତ୍ରା

ଭାରତରେ ଥିବା ବ୍ରିଟିଶ ହାଇ କମିଶନ ବିଲାତରେ ବିଭିନ୍ନ ବିଷୟରେ ଉଚ୍ଚଶିକ୍ଷା ଓ ତାଲିମ ପାଇଁ ବିଭିନ୍ନ ପ୍ରାର୍ଥୀମାନଙ୍କ ଭିତରୁ ଉପଯୁକ୍ତ ବ୍ୟକ୍ତି ବାଛନ୍ତି । ଭାରତ ସରକାରଙ୍କ ଦ୍ୱାରା ବଛା ହୋଇଥିବା ବ୍ୟକ୍ତିଙ୍କଠାରୁ କିଛି ନା କିଛି ଲେଖା ମଗାଇ ବିଲାତର ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନ ପୁଣି ପରୀକ୍ଷା କରନ୍ତି । ଏତେ ବାଛବିଛ ସତ୍ତ୍ୱେ ପ୍ରତିବର୍ଷ ଶହଶହ ଲୋକ ବିଲାତ ସରକାରଙ୍କ ବୃତ୍ତିପାଇ ଇଂଲଣ୍ଡ ଯାଆନ୍ତି । ୧୯୮୩-୮୪ରେ ୮୬୦ଟି ବୃତ୍ତି ଦିଆଯାଇଥିବା ସ୍ଥଳେ ୧୯୮୪-୮୫ରେ ପ୍ରାୟ ୧୧୦୦ ବୃତ୍ତି ଦିଆଯାଇଥିଲା । ପ୍ରତିବର୍ଷ ବୃତ୍ତିସଂଖ୍ୟା ବଢୁଥିଲେ ହେଁ ବିଲାତ ଯିବାକୁ ଇଚ୍ଛୁକ ବ୍ୟକ୍ତି ଯେତେ ସଂଖ୍ୟାରେ ବାହାରନ୍ତି ତାହା ୧୧୦୦ର ଅନେକ ଗୁଣ । ପୁଣି ବୈଷୟିକ ଶିକ୍ଷାପ୍ରାପ୍ତ ପ୍ରାର୍ଥୀମାନଙ୍କୁ ବେଶୀ ସଂଖ୍ୟାରେ ପଠାଯାଏ । ତେଣୁ ଯେଉଁ ଅଣ ବୈଷୟିକ ବ୍ୟକ୍ତିମାନେ ଏହି ପ୍ରକାର ବୃତ୍ତିପାଇ ବିଲାତ ଯାଆନ୍ତି ସେମାନେ ନିଜକୁ ଖୁବ୍ ବଡ଼ ଭାବନ୍ତି । ଏହି କାରଣରୁ ମଧ୍ୟ ଯେଉଁମାନେ ଯାଇନାହାନ୍ତି ସେମାନେ ବଛା ଯାଇଥିବା ପ୍ରାର୍ଥୀମାନଙ୍କ ଯାତ୍ରାପଥରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି । ଯେଉଁମାନେ ଯାଇସାରିଛନ୍ତି, ସେମାନେ ବିଲାତକୁ ଖୁବ୍ ଟେକନ୍ତି ଓ ସେମାନେ ଯେତେ ବାହାଦୁରିରେ ତାଲିମ କାଳ କଟାଇଛନ୍ତି, ସେପରି ଅନ୍ୟ କେହି କରିପାରିବ ନାହିଁ ବୋଲି ଭାବନ୍ତି ।

ଯେତେ ବାଛବିଛ ସରିଥିଲେ ହେଁ, ସରକାରୀ କର୍ମଚାରୀ ହୋଇଥିଲେ, ସରକାରୀ ଅନୁମତି ବିନା କୌଣସି ପ୍ରାର୍ଥୀ ବିଲାତ ଯାଇପାରିବ ନାହିଁ । ଏହିସବୁ ପ୍ରତିବନ୍ଧକ ଡେଇଁ ମୁଁ ଯେ ବିଲାତ ଯାଇପାରିଲି ସେଥିପାଇଁ ମୋର ରାଶି ଟାଣ ବୋଲି କେତେକ କହୁଥିଲେ । ମୁଁ ଅପ୍ରେଲ ୧୭ ତାରିଖ ସନ୍ଧ୍ୟାରେ ଟେଲିଗ୍ରାମ ପାଇଥିଲି, ୨୩ ସକାଳେ ଦିଲ୍ଲୀରେ ପହଞ୍ଚି ବ୍ରିଟିଶ କାଉନ୍ସିଲରେ ଦେଖା କରିବି ଓ ୨୪ ରାତି ନ ପାହୁଣୁ ୨୫ ପ୍ରାତଃ ନ ହେଉଣୁ ଦିଲ୍ଲୀରୁ ବିମାନ ଯାତ୍ରା କରିବି । ମାତ୍ର ୪ଦିନ ସମୟ ।

ଭୁବନେଶ୍ୱରରେ ଥିବା ସରକାରୀ କର୍ମଗୃହ ପାଇଁ ଗୃହଦାନ ଯଥେଷ୍ଟ । କିନ୍ତୁ ମୁଁ ଥିଲି ସମ୍ବଲପୁରରେ—ରେଭିନ୍ୟୁ ଡିଭିଜନାଲ କମିଶନର । ଟେଲିଗ୍ରାମ ପାଇବାର ଦିନକ ପରେ ମୋ ତଳିପା ଦୁଇଟିରେ ଫୋଟକା ହୋଇଯାଇଥାଏ । ସମ୍ବଲପୁରକୁ ଶ୍ରୀ ଅରବିନ୍ଦଙ୍କ ଚିତାଭସ୍ମ ଆସିଥାଏ । ତତ୍କାଳୀନ ରାଜ୍ୟ ମନ୍ତ୍ରୀ ଶ୍ରୀ ଦୀକ୍ଷିତ ଏହାକୁ ବିମାନରେ ଆଣିଥାନ୍ତି । ସମ୍ବଲପୁର ମହକୁନବାସ ଠାରୁ ନିକଟବର୍ତ୍ତୀ ସାତଆଠ କିଲୋମିଟର ଦୂର କେଦାର ନୂଆପଲ୍ଲୀ ଗ୍ରାମର 'ଉଦୀୟମାନ ମାତୃକ୍ଷେତ୍ର'ଠାରେ ଏହି ଭସ୍ମର କିଛି ଅଂଶ ରଖା ହେବାର ଯୋଜନା ଥିଲା । ସମ୍ବଲପୁରରୁ କାର୍‌ରେ ମୁଁ ଏହି ଭସ୍ମ ନେଇଥିଲି । କିନ୍ତୁ ସମ୍ବଲପୁର ଦେଓଗଡ଼ ରାସ୍ତାରୁ ସେହି ଗାଁକୁ ବାଙ୍କି ଗଲା ପରେ କିଛି ଦୂରରୁ ଚାଲି ଚାଲି ଭସ୍ମପାତ୍ର ନେବାକୁ ପଡ଼ିଥିଲା । ସମ୍ବଲପୁର ଅଞ୍ଚଳର ଅପ୍ରେଲ ମାସର ଖରା । ସେଥିରେ ପୁଣି ଦିନର ସାଢ଼େ ଏଗାରଟା । ଭୂଇଁ ତାତି ଥାଏ; ତହିଁ ଉପରେ ଖାଲି ପାଦରେ । ଭସ୍ମ ଧରିଥିବାରୁ ଯୋତାଫୋତା ନ ପିନ୍ଧି ଖାଲି ପାଦରେ ଚାଲି ଚାଲି ଗଲି । ବାଟରେ ତ ଗୋଡ଼ ତାତିଗଲା । ସ୍ମୃତି ପାତ୍ରଟିକୁ ସଜା ହୋଇଥିବା ଗୋଟିଏ ଟେବୁଲ ଉପରେ ରଖି ଦେଇ ମଧ୍ୟ ରକ୍ଷା ମିଳିଲା ନାହିଁ । ଟେବୁଲ ଚାରିପଟେ କଳା ରଙ୍ଗର ସତରଞ୍ଜି ପଡ଼ିଥାଏ । କଳା ରଙ୍ଗ ତ ସୂର୍ଯ୍ୟ କିରଣର ତାପକୁ ଶୋଷି ନେଇଥାଏ । ସତରଞ୍ଜି ଉପରେ ପାଦ ରଖି ହେଉ ନ ଥାଏ । ବାଁ ପାଦ ରଖି ଡାହାଣ ଉଠାଉଥାଏ ତ ଡାହାଣ ପାଦ ରଖି ବାଁ ଉଠାଉଥାଏ । ଗୋଟେ ରକମର ନାଚ । ଅଣ୍ଟା ଉପରକୁ ହଲଚଲ ନାହିଁ । ଧର୍ମ ନାଁରେ ଚୁପ୍‌ଚାପ ରହି ମୋତେ ଅଧର୍ମୀ ବୋଲି ଲୋକେ କହିବେ । ଧର୍ମ ନାଁରେ ପାଦ ପୋଡ଼ିଯାଉ । ଶୀଘ୍ର ଶୀଘ୍ର ସାର ବୋଲି କହିଲେ ବି ଲୋକେ କହୁଥାନ୍ତି—ବ୍ୟସ୍ତ କାହିଁକି ହେଉଛନ୍ତି—ପୋଲିସମାନେ ଗାର୍ଡ୍ ଅଫ ଅନର ଦେଇଦେଲେ ଆପଣଙ୍କ କାମ ସରିଯିବ । ଗାର୍ଡ୍ ଅଫ ଅନର ଡିଆଟେନ୍ସବେଳକୁ ମୋ ପାଦ ଦୁଇଟିକୁ ପାଞ୍ଚ ଛ ସେକେଣ୍ଡ ପାଇଁ ବି ମୁଁ ସ୍ଥିର କରି ରଖି ପାରୁନଥାଏ । ଓଡ଼ିଶୀ କି ଭରତ ନାଟ୍ୟମରେ ଏଭଳି କସରତ ହେଉଥିବ କି ନାହିଁ ସନ୍ଦେହ । ଭସ୍ମପାତ୍ର ଯଥାସ୍ଥାନକୁ ନିଆଗଲା । ମୁଁ ଫେରି ଖଣ୍ଡିଏ ଚେଆରରେ ବସିଗଲି । ଦେଖିଲି ମୋର ପ୍ରତ୍ୟେକ ତଳିପାରେ ତିନିଚାରୋଟି ଲେଖାଏଁ ଫୋଟକା ହୋଇଯାଇଛି । ଡକ୍ଟର'ର ଆଗରେ ଓ ଗୋଇଠିଆଡ଼େ । ଫୋଟକା ଫଟାଇ ଦେଲେ ବେଶୀ କଷ୍ଟ ହେବ ବୋଲି ଦମଟ୍ରେ କହିଲେ । ପରିଚିତ ବନ୍ଧୁ ହୋମିଓପାଥ ଶ୍ରୀ ବି. ଦାସ ଗୋଟିଏ ହୋମିଓପାଥିକ ଔଷଧ ଦେଲେ—ହାନେମାନ ଲ୍ୟାବରେଟରୀ ତିଆରି କାନ୍ଥାରିସ ମଲମ । ତାହା ଲଗାଇବାରୁ ୨୦ ତାରିଖ ବେଳକୁ ଫୋଟକା ଭଲ ହୋଇ-ଯାଇଥିଲା, ଅନ୍ତତଃ ପାଦରେ ଦରଜ ନ ଥିଲା ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ନିଖିଳ ଭାରତ ସାଧାରଣ ପ୍ରଶାସନ (ପବ୍ଲିକ ଆଡ୍‌ମିନିଷ୍ଟ୍ରେସନ) ସଂଘର ଅଧିବେଶନ ସେହି ସମୟରେ ହେଉଥାଏ। ୧୮ ତାରିଖର ଉତ୍ସବ ପାଇଁ ସ୍ୱାଗତ ସମିତିର ସଭାପତି ହିସାବରେ ମୋର କିଛି ଭୂମିକା ଥାଏ। ସେହି ସମୟରେ ରାଜ୍ୟର ମୁଖ୍ୟଶାସନ ସଚିବ ସମ୍ବଲପୁର ଆସିଥାନ୍ତି। ଏସବୁ ଅସୁବିଧା ଓ ବ୍ୟସ୍ତତା ସତ୍ତ୍ୱେ ମୋତେ ସରକାରୀ ଅନୁମତି ଆଣିବାକୁ ପଡ଼ିବ, ପାସପୋର୍ଟ ଅଫିସରୁ ସରକାରୀ ପାସପୋର୍ଟ ଆଣିବାକୁ ପଡ଼ିବ ଓ ୨୨ ତାରିଖ ପାଇଁ ଭୁବନେଶ୍ୱରରୁ ଦିଲ୍ଲୀକୁ ବିମାନ ଟିକେଟ ସଂଗ୍ରହ କରିବାକୁ ପଡ଼ିବ। ପୁଣି ମୋ ବଦଳରେ ଜଣେ କିଏ ମୋ ପଦବୀର ଭାର ନେବ, ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଫାଇଲ ଯାଇ ଆଦେଶ ଆସିବ। ଏ ସବୁ କାମ ଚାରିଦିନ ଭିତରେ କରିବାକୁ ପଡ଼ିବ। ପୁଣି ନିଜେ ନ ଯାଇ ଏ କାମ ପାଇଁ ଯାହାକୁ ପଠାଇଲି ସେ ୧୮ ତାରିଖ ଦିନଟା ନେଲା ସମ୍ବଲପୁରରୁ ଭୁବନେଶ୍ୱର ଯିବାରେ। ପୁଣି ଅପ୍ରେଲ ୨୦ ଗୁଡ୍ ଫ୍ରାଇଡ଼େ ଯୋଗୁଁ ସରକାରୀ ଛୁଟିଥାଏ। ଅର୍ଥାତ୍ ୧୯ ଓ ୨୧ ଦୁଇ ଦିନରେ ସବୁକାମ ସରିଲେ ମୁଁ ୨୨ ଭୋରରୁ ସମ୍ବଲପୁର ଛାଡ଼ି ପାରିବି। ସମସ୍ତ ସାପେକ୍ଷ କାମକୁ ଖୁବ୍ ସହଳ କରିବାରେ ଜଣେ ଜଣେ ଖୁବ୍ ଦକ୍ଷ। ମୋର ଅଫିସର ଜଣେ ଅଧସ୍ତନ କର୍ମଚାରୀ ଶ୍ରୀମାନ କୃପାସିନ୍ଧୁ ବିଶ୍ୱାଳ ଏହି ଦାୟିତ୍ୱ ନେଇ ସୁରୁଖୁରୁରେ ତୁଲେଇଥିଲେ। ଫାଇଲ କେଉଁଠି ଅଟକି ଗଲେ ସେ ମୋତେ ଫୋନ୍‌ରେ ଜଣାନ୍ତି; ମୁଁ ଫୋନକରି ତ୍ୱରାନ୍ୱିତ କରେ। ୨୧ ତାରିଖ ରାତି ଆଠଟାରେ ମୋତେ ଫୋନ୍ ମିଳିଲା ଯେ; ସବୁ ଠିକ୍‌ଠାକ୍ ହୋଇଗଲା, ଶ୍ରୀ ବିଶ୍ୱାଳ ମୋ କାଗଜପତ୍ର ଧରି ଭୁବନେଶ୍ୱର ସର୍କିଟ ହାଉସରେ ଅପେକ୍ଷା କରିଥିବେ। ମୁଁ ସେ ସବୁ ନେଇ ବିମାନ ବନ୍ଦରକୁ ଯିବି। ୨୨ ତାରିଖରେ ବଡ଼ି ସକାଳୁ ବାହାରି ପଡ଼ିଲି। ସାଙ୍ଗରେ ସ୍ତ୍ରୀ ଓ ପିଲାମାନେ। ବାରଟା ପୂର୍ବରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା କଥା। ଜୋରରେ କାର୍ ଚଲାଇବାର ଗୋଟିଏ ସୀମା ବି ଅଛି। ଢେଙ୍କାନାଳ ସହର ପାଖରେ ବାଇପାସ୍ ତିଆରି ଚାଲିଥାଏ। ବାଇପାସ୍‌ରେ ଗଲେ ସମୟ ଟିକେ ବଞ୍ଚିଯିବ ଭାବି ସେହିବାଟେ କାର୍ ନେବାକୁ କହିଦେଲି। ଦୁର୍ଭାଗ୍ୟକୁ ସେ ରାସ୍ତା ପୂରା ଖୋଲି ନ ଥିଲା। ପାହାଡ଼ କଟା ସରି ନ ଥିଲା। ପୁଣି ପଛକୁ ଫେରି। ପିଲାମାନେ ମୋର ଡର ଡର ହେବାକୁ ନିଜେ ଡେରି କରିବାର କାରଣ ବୋଲି ଥଟ୍ଟା କଲେ। ଏତିକିରେ ଆଶଙ୍କା କମି ନ ଥିଲା। ଆଠଗଡ଼ ଛକ ପାର ହେବା ପରେ ଦେଖିଲି ଗାଡ଼ିମାନେ ସିଧା ଜାତୀୟ ରାଜପଥରେ ଯାଉ ନାହାନ୍ତି। ବୁଝିଲି ରାସ୍ତାରେ ପୋଲ ଭୁଶୁଡ଼ି ପଡ଼ିଛି। ସମସ୍ତେ ଧବଳେଶ୍ୱର ରାସ୍ତା ଧରି ଗାଁ ଗାଁ ଭିତରେ ବାହାରି ଟିଟାଗଡ଼ ପେପର୍‌ମିଲ୍ ବାଟଦେଇ ଚୌଦ୍ୱାରରେ ଉଠୁଛନ୍ତି। ମୁଁ ବି ସେଇଆଡ଼େ ଗଲି।

ଗାଁ ଭିତର ରାସ୍ତା ଅଣଓସାରିଆ । ସିବାଗାଡ଼ି ଓ ଲେକ୍ସିଟାଗାଡ଼ି, ଦୁଇଧାଡ଼ିର ଗାଡ଼ି ପାଇଁ ରାସ୍ତା ସବୁ ସ୍ଥାନରେ ଯଥେଷ୍ଟ ଓସାର ନ ଥିଲା । ମୋର ଗାଡ଼ି ଏମିତି ଗୋଟିଏ ଜାଗାରେ ଅଟକିଗଲା । ଆଗଗାଡ଼ି ଯାଉ ନାହିଁକି ସେ ଅଡ଼ୁ ଆସୁଥିବା ଗାଡ଼ିର ଭିଡ଼ କମୁନାହିଁ । ମିନିଟ ପରେ ମିନିଟ ଗଡ଼ି ଚାଲିଲା । ଡର ହେଲା, ବିମାନ ଛାଡ଼ିବା ପୂର୍ବରୁ ପହଞ୍ଚି ପାରିବି ନାହିଁକି ? ପ୍ରାୟ କୋଡ଼ିଏ ମିନିଟ ଭିତରେ ମୋ ଗାଡ଼ିକୁ ରାସ୍ତା ମିଳିଲା । ଯାହାହେଉ ବିମାନ ଛାଡ଼ିବା ବେଶ୍ ଅଧଘଣ୍ଟାଏ ପୂର୍ବରୁ ମୁଁ ପହଞ୍ଚିଗଲି । ଟିକେଟ, ପାସପୋର୍ଟ ଆଦି ସଂଗ୍ରହ କରି ମୁଁ ବିମାନ ଯାତ୍ରା ଆରମ୍ଭ କଲି ।

## ହିସାବ କରିବାକୁ ପଡ଼ିବ :

ବିଦେଶଯାତ୍ରା ପୂର୍ବରୁ ଖର୍ଚ୍ଚ ବିଷୟରେ ସଚେତନ ହେବା ନିହାତି ଦରକାର । ବିଦେଶରେ ବିଦେଶୀ ପଇସା ଦରକାର । ଥରେ ପଇସା ସରିଗଲେ ଖାଇବାକୁ ମିଳିବ ନାହିଁ; ଅନ୍ୟ କଥା ଦୂରେ ଥାଉ, ଇଜ୍ଜତ ଯିବ । ଗତ ଦଶକରେ ଭାରତ ଓ ନେପାଳକୁ ଯେଉଁ ହିପ୍ପୀମାନେ ଆସୁଥିଲେ, ସେମାନଙ୍କ ଭିତରୁ କେତେକ ନିଶାଦ୍ରବ୍ୟ କିଣିବା ପାଇଁ ପଇସା ନ ପାଇ ଡକାୟତି କରିଥିବାର ଖବର ତ ଖବରକାଗଜମାନଙ୍କରେ ବାହାରି ଥିଲା । ଜଣେ ଅଧେ କି ଦେହ ବିକିଥିବାର ଖବର ମିଳିଥିଲା । ଅର୍ଥାଭାବ ଏଡ଼ାଇବା ପାଇଁ ମୂଳରୁ ଯୋଜନା କରିବା ଉଚିତ । ଅଯଥା ଖର୍ଚ୍ଚ କମାଇବାର ଗୋଟିଏ ବଡ଼ ଦିଗ ହେଉଛି :— ଦୈନନ୍ଦିନ ବ୍ୟବହାର ପାଇଁ କଣ କଣ ଦରକାର, ରହଣିକାଳ ପାଇଁ ମୋଟରେ କେତେ ଦରକାର, ସେତିକ ସାଙ୍ଗରେ ନେଇ ନେବା ଉଚିତ । ବେଶି ଖର୍ଚ୍ଚ ହୁଏ ପୋଷାକରେ, ତା'ପରକୁ ଦେହ ସା' କଥା । ଦରକାରି ପୋଷାକ ସାଙ୍ଗକୁ ଛୋଟମୋଟ ଔଷଧ କେତେଟା ନେଇଥିବା ଦରକାର । ଏ ସବୁରେ ବିଦେଶୀ ପଇସା ବଞ୍ଚିଯିବ । ଗୋଟିଏ ଉଦାହରଣରୁ କଥାଟା ସାଫ୍ ହୋଇଯିବ । ଥରେ ଲଣ୍ଡନରେ ବୁଲୁଥିବାବେଳେ ମୋ ଯୋତାର ଲେସ୍ ଛିଡ଼ିଗଲା । ଗଣ୍ଠି ପକାଇ ପିନ୍ଧିଲି ଯେ ପୁଣି ଛିଡ଼ିଗଲା । ବେଶି ଗଣ୍ଠି ଦେଲେ ବାଜେ ଦେଖାଯିବ ବୋଲି ନୂଆ ଲେସ୍ ହଳେ କିଣିବାକୁ ବାଧ୍ୟ ହେଲି । ଯେତେ ଦୋକାନ ଖୋଜିଲି, କେହି ଗୋଟିଏ ପାଉଣ୍ଡରୁ କମ କହିଲେ ନାହିଁ । ଅତି ଶସ୍ତା ଲେସ୍ ହଳେ ସସ୍ତାକଡ଼ ଦୋକାନରୁ ୬୦ ପେନ୍ସ ଦେଇ କିଣିଲି । ଅର୍ଥାତ୍ ଦଶଟଙ୍କାର *

---

* ଏବେ ୧୭ ଟଙ୍କା ସହ ସମାନ । ସେତେବେଳେ ପାଉଣ୍ଡକ ୧୫ ଟଙ୍କା ୬୦ ପଇସା ଥିଲା; ବହି ଛପାବେଳକୁ ୨୭ ଟଙ୍କା ୬୦ ପଇସା ।

ବିଦେଶୀ ମୁଦ୍ରା ଏଥିରେ ସରିଗଲା । ସବୁବେଳେ ଯୋତା ପିନ୍ଧିବାକୁ ବାଧ୍ୟ, କାରଣ ଘରିଆଡ଼େ ଥଣ୍ଡା । ତେଣୁ ଲେସ୍ ଖୁବ୍ ଶୀଘ୍ର ଛିଡ଼ିବ; କିନ୍ତୁ ତିନି ମାସ ଭିତରେ ଛିଡ଼ିଯିବ ବୋଲି ମୁଁ ଭାବି ନ ଥିଲି । କିବା ଓଜନର ଲେସ୍ ହେଲେ ! ପୁଣି ୫୦ ପଇସାରୁ ୭୫ ପଇସା ଭିତରେ । ନ ନେଇ ଥିବାରୁ ସିନା ଦଶ ଟଙ୍କା ଖର୍ଚ୍ଚ । ଅସଲ କଥା ହେଉଛି, ଯାହା କିଛି ଦରକାର ହୋଇପାରେ ଏବଂ ସାଙ୍ଗରେ ନେଇ ହେବ ସେଗୁଡ଼ିକ ନେବା ଉଚିତ; ତାହା ଦ୍ୱାରା ଅନ୍ୟାନ୍ୟ ଜିନିଷ କିଣିବାରେ ବା ଯାତ୍ରାରେ ବିଦେଶରେ ଚଳିବାରେ ସୁବିଧା ହୁଏ ।

ପୋଷାକପତ୍ର ଅତିକମରେ କେତେ ନେଲେ ଚଳିବ, ତାହା ବିଦେଶର ଜଳବାୟୁ ଉପରେ ନିର୍ଭର କରେ । ଯାଆଁ ସମୟ ଓ ରହଣିକାଳରେ ସେ ଦେଶରେ ଉତ୍ତାପ କେତେ, ବର୍ଷାପାଣି କିପରି—ଏଇକି ବହିରୁ ଜାଣିହେବ । ନଚେତ୍ କେହି ସେ ଦେଶ ଯାଇ ଫେରି ଆସିଥିଲେ ତାଙ୍କୁ ପଚାରିନେଲେ ଜାଣି ହେବ । ଅନେକ ଲୋକ କହିବେ, ହଁ ମ, ଦରକାର ହେଲେ କୋଟ୍‌ଟିଏ କିଣି-ନେବୁ । ପ୍ୟାଣ୍ଟଟିଏ କିଣିନେବୁ । ସେମାନେ ଭୁଲି ଯାଆନ୍ତି ଯେ ଏଥିପାଇଁ ୭୦।୮୦ ପାଉଣ୍ଡ (୧୨୦୦ ବା ୧୬୦୦ ଟଙ୍କା) ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିବ । ଗଲାବେଳେ ତ ରିଜର୍ଭ ବ୍ୟାଙ୍କ୍ ୫୦୦ ଡଲାର ଅନୁମତି ଦେଇଥିବ କିମ୍ବା ବେଶି ଦିନ ରହିବାର ଥିଲେ ମାସିକ ଦୁଇଶହ ଡଲାର ହିସାବରେ ବେଶି ଦେବ । ଏ ତ ସରକାରୀ କାମରେ ଗଲେ ମିଳେ । ବ୍ୟକ୍ତିଗତ ବା ପ୍ରାଇଭେଟ୍ ଲକ୍ଷ୍ୟରେ ଗଲେ ସର୍ବମୋଟ୍ ୫୦୦ ଡଲାର ମିଳିବ । ତେଣୁ ବିଦେଶୀ ପଇସା ଅପର୍ଯ୍ୟାପ୍ତ ନୁହେଁ । ଆଉ ଗୋଟିଏ କଥା—ଦେଶରେ ଯେଉଁ ଜିନିଷ ଥିଲେ ବି, ନ ଦେଖି-ଥିବା ହେତୁ ଆମେ କିଣୁନା, ବିଦେଶରେ ସେ ଜିନିଷ ଦେଖି କିଣିବାକୁ ଇଚ୍ଛା ହେବ । ଏ ସବୁ ଛଡ଼ା ପୁଣି ସଉକ ତ ଅଛି ! ବୁଲାବୁଲି କରିବାକୁ ଇଚ୍ଛା ତ ହେବ ! ଏସବୁ ପାଇଁ ଗୁଡ଼ାଏ ବିଦେଶୀ ପଇସା ଦରକାର । ସମ୍ବଲପୁର ଛାଡ଼ିବା ପୂର୍ବଦିନ ହିରାକୁଦରେ ସୁପରିଣ୍ଟେଣ୍ଡିଙ୍ଗ୍ ଇଞ୍ଜିନିୟର ଡଃ ବି ପି. ଦାସଙ୍କ ସଙ୍ଗେ ଦେଖା ହୋଇଥିଲା । ତାଙ୍କର ଉପଦେଶ ବେଶ୍ କାମ ଦେଲା । ଇଂଲଣ୍ଡର ବସନ୍ତ ଋତୁରେ ମୁଁ ଯାଉଛି, ତେଣୁ ବେଶୀ ଗୁଡ଼ାଏ ଲୁଗାପଟା ନେବା ଦରକାର ନାହିଁ । କିନ୍ତୁ ବେଳେ ବେଳେ ଥଣ୍ଡା ପବନ ବହିବ ଯେ ଦେହ ଥରି ଉଠିବ । ତେଣୁ ଗୋଟିଏ ଓଭରକୋଟ୍ ଭଲ ନେଇଥା'ନ୍ତୁ ବୋଲି ସେ କହିଥିଲେ । ମୁଁ କିନ୍ତୁ ଓଭରକୋଟ ନେଲି ନାହିଁ । ତା ବଦଳରେ ମଫ୍‌ଲର୍, ଦସ୍ତାନା, ଜାକେଟ୍ ସହିତ ସୁଟ୍ (ତିନି ଖଣ୍ଡିଆ କୋଟ୍ ପେଣ୍ଟ) ନେଲି । ବିଲାତରେ ଖଣ୍ଡେ ପଶମ ଟୋପି କିଣିନେଲି—ଅଢ଼େଇ ପାଉଣ୍ଡରେ । ଟୋପିରେ ମୁଣ୍ଡ କାନ ଘୋଡ଼ାଇ,

ମଫଲର୍‌ରେ ବେକ ଗୁଡ଼ାଇରଖି ବେଶ୍ ଗରମ ଲାଗୁଥିଲା । ମଝିରେ ମଝିରେ ଝିପି ଝିପି ବର୍ଷା । ଛତା ନ ଧରିଲେ ବି ଚଳିବ, କିନ୍ତୁ ବାଳ ତ ଟିକେ ଓଦା ହୋଇଯିବ ! ପଶମ ଟୋପିଟି ବାଳ ପାଇଁ ଛତା କାମ ଦେଉଥିଲା । ଇଂଲଣ୍ଡର ଗ୍ରୀଷ୍ମ, ଆମର ଶୀତଦିନ ଭଳି, ସର୍ବନିମ୍ନ ତାପ ୫ ଡିଗ୍ରୀ ସେଲ୍‌ସିଅସ୍; ଅର୍ଥାତ୍ ଦିଲ୍ଲୀର ଶୀତଦିନଆ ମଧ୍ୟରାତ୍ରୀ ଭଳି ଥଣ୍ଡା । ମୋର ପୋଷାକ ବ୍ୟବସ୍ଥା ଦ୍ୱାରା ବେଶ୍ ଥଣ୍ଡା ସମ୍ଭାଳି ନେଲି । ବିଲାତରେ ପୋଷାକପତ୍ର ଆଦୌ କିଣି ନାହିଁ, କିଣିବାକୁ ପଡ଼ିଲା ନାହିଁ ।

## ବିଲାତୀ ଅପ୍ରେଲ :

ଅପ୍ରେଲ ମାସ ବିଲାତ ଲୋକଙ୍କୁ ଭଲ ଲାଗେ । ଗଛଲତାରେ ଫୁଲ ଫଳ ଭରିଉଠେ । ଘରଆଡ଼ର ଶୋଭା ବଢ଼ିଯାଏ । ପ୍ରବଳ ଥଣ୍ଡା ଯୋଗୁ ଘର ଭିତରେ ପଶିରହୁଥିବା ଲୋକେ ବାହାରେ ଘୂରି ବୁଲିବାକୁ ଭଲ ପାଆନ୍ତି । ଇଂରେଜ କବି ରବର୍ଟ ବ୍ରାଉନିଙ୍ଗ୍ ତାଙ୍କ **Home Thoughts from Abroad**ରେ ଲେଖିଛନ୍ତି, **Oh, to be in England, Now that April is there.**

"ଆଃ, ଇଂଲଣ୍ଡ କେଡ଼େ ବଢ଼ିଆ ଲାଗୁଥିବ, ବର୍ତ୍ତମାନ ଯେ ଅପ୍ରେଲ ମାସ ।"

ଅପ୍ରେଲ ମାସରେ ହିଁ ମୋର ବିଲାତଯାତ୍ରା ଆରମ୍ଭ । ଜୁଲାଇ ପ୍ରଥମ ସପ୍ତାହରେ ଶେଷ ହେବା ବେଳକୁ ବିଲାତର ଜଳବାୟୁ ଆହୁରି ଭଲ ଲାଗି ଆସୁଥାଏ । ମନେ ପଡ଼ୁଥାଏ, ଓଡ଼ିଶା ଫେରିଲେ, ବର୍ଷା ଲାଗି ରହିଥିବ, ଘରଆଡ଼େ କାଦୁଅ ପଚପଚ ରାସ୍ତାରେ ବୁଲିବାକୁ ପଡ଼ିବ ।

ବ୍ରିଟିଶ କାଉନ୍‌ସିଲର ଯୋଜନା ଅନୁଯାୟୀ ବିଲାତଯାତ୍ରୀ ପ୍ରାର୍ଥୀମାନଙ୍କୁ ପ୍ରଥମେ ଦିଲ୍ଲୀରେ ଥିବା ବ୍ରିଟିଶ ହାଇକମିଶନର୍‌ର ବ୍ରିଟିଶ କାଉନସିଲ ଡିଭିଜନ ସହିତ ସାକ୍ଷାତ କରିବାକୁ ହୁଏ । ଲଣ୍ଡନ ବିମାନ ବନ୍ଦରରେ ପହଞ୍ଚିବା ପରଠାରୁ କିପରି କୁଆଡ଼େ ଯିବାକୁ ପଡ଼ିବ, ଜଳବାୟୁ କିପରି ଥିବ, ସେଥିପାଇଁ କିପରି ପ୍ରସ୍ତୁତ ହେବ ଏବଂ ସେଠାକାର ଅଧିକାରୀମାନଙ୍କୁ କେଉଁ କେଉଁ ସ୍ଥାନରେ ତୁମେ ଭେଟିବ—ଏସବୁ ସେଠାରେ କୁହାଯାଏ ଏବଂ ଭିଡ଼ିଓ ଚିତ୍ର ସାହାଯ୍ୟରେ ଦେଖାଇ ଦିଆଯାଏ । କାହାର କିଛି ସନ୍ଦେହ ଥିଲେ ତାଙ୍କ ପ୍ରଶ୍ନର ଉତ୍ତର ବ୍ରିଟିଶ କାଉନସିଲ ଦିଅନ୍ତି ।

ବ୍ରିଟିଶ କାଉନସିଲରୁ ଆବଶ୍ୟକ କାଗଜପତ୍ର ନେଇ ଅନ୍ୟ ଛାତ୍ରୀମାନଙ୍କ ଭଳି ମୁଁ କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ବିଭାଗକୁ ଯାଇ ବୈଦେଶିକ ବିନିମୟ ମୁଦ୍ରା ପାଇବାର ଆଦେଶପତ୍ର ନେଲି ଓ ରିଜର୍ଭ ବ୍ୟାଙ୍କରେ ତାହା ଦେଖାଇ ବିଦେଶୀ ମୁଦ୍ରା କିଣିବାର ଅନୁମତି ପତ୍ର ଆଣିବାର ଚେଷ୍ଟା କଲି । ରିଜର୍ଭ ବ୍ୟାଙ୍କ ପରଦିନ ଏହି ପତ୍ର ଦେଇଥିଲା । ମୁଁ ୫୦୦ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଡଲାର କମ୍ପା ପାଉଣ୍ଡ କିଣିବାର ଅଧିକାର ପାଇଲି । ବିଲାତ ସରକାରଙ୍କ ଦରିଆ-ପାରି ଉନ୍ନୟନ ସଂସ୍ଥା ମୋର ଓ ମୋ ଭଳି ଅନ୍ୟ କେତେକଙ୍କର ରହିବା ଖର୍ଚ୍ଚ ପାଇଁ ଆର୍ଥିକ ବ୍ୟବସ୍ଥା କରିଥିଲେ । ଯେଉଁମାନେ ନିଜ ଖର୍ଚ୍ଚରେ ବିଦେଶ ଯିବେ ସେମାନଙ୍କୁ ସର୍ବମୋଟ ପ୍ରାୟ ୫୦୦ ମାର୍କିନ ଡଲାର ପରିମାଣରେ ମୁଦ୍ରା ମିଳିଥାଏ । ଏହା ଯଥେଷ୍ଟ ହୁଏ ନାହିଁ ବୋଲି ଅନେକ ଲୋକ ଚୋରିରେ ବିଦେଶୀ ମୁଦ୍ରା ନେଇଥାଆନ୍ତି । ଧରାପଡ଼ିଲେ ତାହା ହରାନ୍ତି ଏବଂ ଦଣ୍ଡ ମଧ୍ୟ ପାଇଥାଆନ୍ତି । ଯାହାକିଛି ବିଦେଶୀ ମୁଦ୍ରା କିଣାଯାଏ ତାହା ପାସ୍‌ପୋର୍ଟ ଦେହରେ ଲେଖାଯାଏ । ତେଣୁ ଯେ କୌଣସି ସମୟରେ ଏୟାରପୋର୍ଟର ଶୁଳ୍କ ଅଧିକାରୀମାନେ ଆପଣଙ୍କ ପାଖରେ କେତେ ବିଦେଶୀ ମୁଦ୍ରା ଅଛି ତାହା ଯାଞ୍ଚ କରିପାରିବେ ।

## ଏକଚାଟିଆ କାରବାର :

ଇଂରାଜୀରେ ଗୋଟିଏ କଥା ଅଛି, ଯିଏ ଗାୟକକୁ ପଇସା ଦିଏ, କି ଗୀତ ବୋଲାଯିବ ସିଏ ହିଁ ବରାଦ ଦିଏ । ଯେଉଁ ସରକାରଙ୍କ ତରଫରୁ ବୃତ୍ତି ମିଳେ ସେହି ସରକାରଙ୍କ ପରିଚାଳିତ ବିମାନସେବାରେ ଯାତ୍ରା କରିବାକୁ ବାଧ୍ୟକରାଯାଏ । ବସ୍ତୁତଃ ବ୍ରିଟିଶ କାଉନ୍‌ସିଲ ତାଙ୍କ ଏଜେଣ୍ଟଙ୍କ ଦ୍ୱାରା ବିମାନ ଟିକଟ କିଣି ମୋତେ ଧରାଇ ଦେଇଥିଲେ । ନିଜ ତରଫରୁ ଟିକଟ କଲେ ଅନ୍ୟ ବିମାନ କମ୍ପାନୀର ବିମାନରେ ଶସ୍ତାରେ ଯାଇହେବ । ଭାରତ ସରକାରଙ୍କ ଅନୁଦାନ ବା ବୃତ୍ତିରେ ବିଦେଶ ଯିବାକୁ ଥିଲେ, ନିୟମ ଅନୁଯାୟୀ ଏୟାର ଇଣ୍ଡିଆର ବିମାନରେ ବିଦେଶ ଯିବାକୁ ପଡ଼ିବ । ଅନେକ ବିଦେଶୀ କମ୍ପାନି ତାଙ୍କ ବିମାନରେ ଗଲେ ଭଡ଼ା ଉପରେ କିଛି କିଛି ରିହାତି ଦିଅନ୍ତି । ଏୟାର ଇଣ୍ଡିଆ କେବଳ ଏଜେଣ୍ଟଙ୍କୁ ଦିଏ; ଯାତ୍ରୀଙ୍କୁ ସିଧାସଳଖ ଦିଏ ନାହିଁ । ସେହିଭଳି ବ୍ରିଟିଶ ଓଭରସିଜ୍ ଏୟାର-ୱେଜର କଥା । ପାକିସ୍ଥାନ ବା ବାଙ୍ଗ୍‌ଲାଦେଶ ଏପରିକି ସୋଭିଏତ ଏୟାର ଲାଇନସ୍‌ରେ ଭଡ଼ା ଶସ୍ତା ପଡ଼େ । କିନ୍ତୁ ଅଫଗାନ ଓ ବାଙ୍ଗ୍‌ଲାଦେଶ ବିମାନରେ ଶସ୍ତା ଟିକଟ ପାଇଁ ବେଳେବେଳେ ନିରାପତ୍ତା ଓ ସମୟକୁ ବଳି ଦେବାକୁ ପଡ଼ିପାରେ । ଅଫଗାନ ଏୟାର ଲାଇନସ୍ ଓ ଆଉ ଗୋଟିଏ ଅଧେ ଛୋଟ ଦେଶର

ଏୟାର ଲାଇନସ୍‌ର ଭଡ଼ା ଖୁବ୍ ଶସ୍ତା ହୋଇଥାଏ । କିନ୍ତୁ କୌଣସି ଗୋଟିଏ ମଧ୍ୟବର୍ତ୍ତୀ ବିମାନ ବନ୍ଦରରେ ଓହ୍ଲାଇଲେ ବା ଅଟକିଲେ, ନିଜ ତରଫରୁ ଖାଇବା ଓ ରହିବା ବ୍ୟବସ୍ଥା କରିବାକୁ ହୋଇଥାଏ । ବେଳେବେଳେ ନିର୍ଦ୍ଦିଷ୍ଟ ସମୟରେ ନିଜ ଦେଶରେ ନ ପହଞ୍ଚି ଦିନେ ଦୁଇଦିନ ଡେରି ହୋଇପାରେ । ଫଳରେ ଶସ୍ତା ଯୋଗୁଁ ବଞ୍ଚିଥିବା ପଇସାର ସୁଖଠାରୁ ଅସ୍ଥିରତା ଜନିତ ଦୁଃଖ ବଳିଯାଏ । ଯେଉଁମାନେ ପାଠ ପଢ଼ିବାକୁ ଯାଇଥାଆନ୍ତି ଓ ମିଳୁଥିବା ଅଳ୍ପ ପଇସାରୁ କିଛି ବଞ୍ଚାଇ ଘରକୁ ବର୍ଷରେ ଥରେ ଫେରି ଆସିବାକୁ ଚାହାନ୍ତି ସେମାନେ ଅନାମଧେୟ ବିମାନ କମ୍ପାନୀର ବିମାନରେ ଶସ୍ତା ଟିକେଟରେ ଆସନ୍ତି । ଏଠାରେ ପଇସା ବଞ୍ଚାଇବାର ଯେଉଁ ଆନନ୍ଦ ତାହା ବାଟରେ ମିଳିଥିବା ଦୁଃଖକଷ୍ଟକୁ ଭୁଲାଇ ଦିଏ । କାରଣ ବର୍ଷ ମଧ୍ୟରେ ଅନ୍ୟୂନକ ଏପରି ବିମାନଯାତ୍ରା କରି ଘରକୁ ଆସିବା ଓ ଲେଉଟି ଯିବାପାଇଁ ନିଜ ପକେଟରୁ ହିଁ ଖର୍ଚ୍ଚ କରିବାକୁ ପଡ଼େ । ଯଦି ନିଜର ସ୍ତ୍ରୀ ଓ ପିଲାଙ୍କୁ ନେବାର ଥାଏ କଦାପି ଶସ୍ତା ବିମାନଯାତ୍ରା କରିବା ଉଚିତ୍ ନୁହେଁ । କାରଣ ତହିଁରେ ବିପଦ ଓ କଷ୍ଟରେ ପରିଣାମ ଅସହ୍ୟ ହୋଇ ଯାଇପାରେ ।

ବ୍ରିଟିଶ କାଉନସିଲ ଡିଭିଜନ୍ ସେମାନଙ୍କ ବୃତ୍ତିଧାରୀମାନଙ୍କ ପାଇଁ କାର୍ଯ୍ୟସୂଚୀ କଲାବେଳେ ଏପରି ଯୋଜନା ତିଆରି କରନ୍ତି ଯେ, ଗୋଟିଏ ଗୋଟିଏ ଉଡ଼ାଣରେ ବିଂଶାଧିକ ବୃତ୍ତିଧାରୀ ଯାଆନ୍ତି । ଏହାଦ୍ୱାରା ତିନୋଟି ଲାଭ ହୁଏ । ବିଲାତ ସରକାର ଗୁଡ଼ାଏ ଟିକେଟ କିଣି ନିଜର ରିହାତି ଉଠାନ୍ତି, ବ୍ରିଟିଶ ବିମାନ ସେବାର ଲାଭ ବଢ଼ାନ୍ତି ଏବଂ ଲଣ୍ଡନରେ ବୃତ୍ତିଧାରୀମାନଙ୍କର ରହିବା ଖାଇବା ଓ ଗନ୍ତବ୍ୟସ୍ଥାନକୁ ପଠାଇବାର ବ୍ୟବସ୍ଥା କରିବାରେ ସୁବିଧା ହୁଏ । ବୃତ୍ତିଧାରୀମାନଙ୍କୁ ମଧ୍ୟ ଗୋଟିଏ ସୁବିଧା ହୁଏ । ପ୍ରଥମ ବିଦେଶ ଯାତ୍ରାବେଳେ ବିମାନରେ ଓ ପହଞ୍ଚିବା ସ୍ଥାନରେ ଏକୁଟିଆ ଲାଗେ ନାହିଁ । ବ୍ରିଟିଶ କାଉନସିଲ ଡିଭିଜନ ଅଫିସରେ ବିଲାତ-ପରିଚୟ ଦିଆଯାଉଥିବା ସମୟରେ ବୃତ୍ତିଧାରୀମାନଙ୍କ ମଧ୍ୟରେ ପରସ୍ପର ଚିହ୍ନାପରିଚୟ ହୋଇ ଯାଇଥାଏ । ସାଧାରଣ ବିଦେଶୀ ଯାତ୍ରୀ ବ୍ରିଟିଶ କାଉନସିଲ ଜରିଆରେ ନଗଲେ ମଧ୍ୟ ଦିଲ୍ଲୀବିମାନ ବନ୍ଦରରେ ବିମାନଯାତ୍ରା କରିବାପାଇଁ ରୁଣ୍ଡ ହୋଇଥିବାବେଳେ, ନିରାପତ୍ତା ଯାଞ୍ଚପରେ ବା ବିମାନକୁ ଉଠିବା ପୂର୍ବରୁ ଅପେକ୍ଷା କରିଥିବା ସମୟରେ ଏବଂ ଦଶ ବାର ଘଣ୍ଟା ବିମାନ ଉଡ଼ୁଥିବା ସମୟରେ ସହଯାତ୍ରୀମାନଙ୍କ ସହିତ ଚିହ୍ନାପରିଚୟ କରିବାର ଅବକାଶପାଏ । ତେଣୁ ବିମାନଯାତ୍ରା ସମୟରେ ବା ବିଲାତରେ ଏକୁଟିଆ ଏକୁଟିଆ ଲାଗେନାହିଁ । ବିମାନ ଭିତରେ ଚୁପ୍‌ଚାପ୍ ଏକୁଟିଆ ବସିରହିଲେ ଲଣ୍ଡନରେ ଓହ୍ଲାଇବା ପରେ ମଧ୍ୟ ଏକୁଟିଆ ଲାଗିବ ।

କୌଣସି ଲୋକଙ୍କୁ ନିମନ୍ତ୍ରଣ କରି ଆଣିଲେ କିମ୍ବା କୌଣସି ଖର୍ଚ୍ଚ ଦେଇ ଡକାଇଲେ ଆମ ଦେଶରେ ଯେପରି ଅତିଥି ପରିସ୍ପୃଣତା ଦେଖାଯାଏ, ବିଲାତରେ ସେପରି ନାହିଁ । ଆମ ଦେଶରେ ଅତିଥି ପରିସ୍ପୃଣତା ଖୁବ୍ ବେଶି । ଯାହାଙ୍କୁ ଆମେ ଡାକିଆଣୁ ତାଙ୍କୁ ଆମେ ବିମାନଘାଟି, ରେଳ୍ ଷ୍ଟେସନ ବା ବସଷ୍ଟାଣ୍ଡ୍‌ରୁ ପାଛୋଟି ଆଣୁ । ଫେରିବାବେଳେ ତାଙ୍କୁ ଗାଡ଼ି ବା ବିମାନ ଚଢ଼ିବା ପର୍ଯ୍ୟନ୍ତ ବିଦାୟ ଦେବାପାଇଁ ଯାଉଁ । କିନ୍ତୁ ବିଲାତର ଲୋକେ ସେପରି କରନ୍ତି ନାହିଁ । ଦିଲ୍ଲୀରୁ ଛାଡ଼ିଲାବେଳେ ବ୍ରିଟିଶ କାଉନସିଲ ତାଙ୍କ ଅଫିସରେ ଆବଶ୍ୟକୀୟ କାଗଜପତ୍ର ଧରାଇ ଦେଇଥିଲେ ଏବଂ ଲଣ୍ଡନ ହିଟ୍ରୋ ବିମାନ ବନ୍ଦରରେ ଓହ୍ଲାଇ କେଉଁ ବସ୍ ବା ଟ୍ରେନ୍ ଧରିଲେ ଭିକ୍ଟୋରିଆ ରେଲୱେ ଷ୍ଟେସନକୁ ଯାଇ ହେବ କହିଦେଇ ଥିଲେ । ଏଥିପାଇଁ ବିଲାତରେ ରହିବାପାଇଁ ଆବଶ୍ୟକ ସୂଚନା ଥିବା ବହିଟିଏ ଓ ଲଣ୍ଡନରୁ ଭିକ୍ଟୋରିଆ ଷ୍ଟେସନ ଯିବାର ମାନଚିତ୍ରଟିଏ ଦେଇଥିଲେ । ଦିଲ୍ଲୀରେ ଟମାସ୍‌କୁକ୍ ନାମକ ପର୍ଯ୍ୟଟନ ବ୍ୟବସାୟୀଙ୍କ ଠାରୁ ଟିକେଟ ମିଳିବ ବୋଲି କହି ଆମକୁ ପଠାଇ ଦେଇଥିଲେ । କେହି ସାଙ୍ଗରେ ଯାଇ ନ ଥିଲେ କିମ୍ବା ଟିକେଟ ଆଣି ଦେଇ ନଥିଲେ । ଆମେ ତାଙ୍କ ଅଫିସ୍‌ର ଚିଠିଟିଏ ନେଇ ନିଜେ ବିମାନ ଟିକେଟ ଆଣିଥିଲୁ ।

## ବୈଦେଶିକ ମୁଦ୍ରା :

ଏକୋପ୍ରକାରର ତାଲିମକୁ ଯାଉଥିବା ଆମେ କେତେଜଣ ମିଶି ଗଲୁ । ଅର୍ଥନୈତିକ ବ୍ୟାପାର ମନ୍ତ୍ରଣାଳୟରୁ ଆବଶ୍ୟକ ଚିଠି ଆଣି ରିଜର୍ଭ ବ୍ୟାଙ୍କରୁ ବିଦେଶୀ ମୁଦ୍ରା କିଣିବାର ଅନୁମତିପତ୍ର ଆଣିଥିଲୁ । ସେହି ଅନୁମତିପତ୍ର ଦେଖାଇ ଟମାସକୁକ୍ କମ୍ପାନୀରୁ ବିମାନ ଟିକେଟ ହସ୍ତଗତ କଲାପରେ ବିଦେଶୀ ମୁଦ୍ରା କିଣିଥିଲୁ । ଟମାସକୁକ୍ ଗୋଟିଏ ଟ୍ରାଭଲ୍ ଏଜେନ୍‌ସି ବା ପର୍ଯ୍ୟଟନ ବ୍ୟବସ୍ଥାକାରୀ ସଂସ୍ଥା । ବିମାନ ଟିକେଟ ଦେବା ପୂର୍ବରୁ ସେମାନେ ପାସପୋର୍ଟ ଦେଖିଥିଲେ । ପାସପୋର୍ଟରେ ଥିବା ଲେଖାଗୁଡ଼ିକ ଭିତରେ ଏମିଗ୍ରେସନ (ବହିର୍ଗମନ) ବିଷୟରେ ପାସପୋର୍ଟ ଅଫିସର କିଛି ଲେଖି ନ ଥିଲେ, ସେମାନେ ବିମାନ ଟିକେଟ ଦେଇ ନ ଥିଲେ । କମନୱେଲଥ ବା ରାଷ୍ଟ୍ରସଂଘର ନାଗରିକ ହୋଇଥିଲେ ବହିର୍ଗମନ ନିମିତ୍ତ ସ୍ୱତନ୍ତ୍ର ଅନୁମତି ଦରକାର ନାହିଁ ବୋଲି ପାସପୋର୍ଟ ଅଫିସର ଲେଖି ଦିଅନ୍ତି । * ମୋ ପାସପୋର୍ଟରେ ଦକ୍ଷିଣ ଆଫ୍ରିକା ଛଡ଼ା ପୃଥିବୀର ସମସ୍ତ ଦେଶକୁ

---

* ଆଜିକାଲି ବିଲାତ ଯିବାପାଇଁ ଭିସା ପ୍ରତିବନ୍ଧକ ଲାଗୁ କରାଗଲାଣି ।

ଯିବାପାଇଁ ଅନୁମତି ଥିଲା ଏବଂ ଇଂଲଣ୍ଡକୁ ଯିବାପାଇଁ ଭିସା ବା ଏମିଗ୍ରେସନ ଫର୍ମାଲିଟି ଦରକାର ନାହିଁ ବୋଲି ଲେଖା ଥିଲା । ଗୁଜୁରାଟରୁ ଜଣେ ଅଫିସର ଶ୍ରୀ ଭନୁଜନ୍ ତାଙ୍କ ପାସପୋର୍ଟରେ ଏ ପ୍ରକାର ଲେଖା ନ ଥିବାରୁ ଟମାସକୁକ୍ କମ୍ପାନି ଠାରୁ ଟିକେଟ ପାଇଲେ ନାହିଁ । ବିଲାତ ଯିବାକୁ ଦିନେ ଥାଏ । ଏ ଅବସ୍ଥାରେ ଅସୁବିଧା ଉପୁଜିଲେ ଯେ କୌଣସି ଲୋକ ବ୍ୟସ୍ତ ହୋଇଯିବା କଥା । ସେ ଗାଡ଼ିରେ ଦୌଡ଼ାଦୌଡ଼ି କରି ଉଚ୍ଚାପଦସ୍ଥ ଲୋକଙ୍କୁ ଲଗାଇ ଦୁଇଘଣ୍ଟା ଭିତରେ ଦିଲ୍ଲୀସ୍ଥ ପାସପୋର୍ଟ ଅଫିସରୁ ଦରକାରୀ ଅନୁମତି ଲେଖି ଆଣିଲେ । ତା'ପରେ ତାଙ୍କୁ ବିମାନ ଟିକେଟ୍ ଓ ବୈଦେଶିକ ମୁଦ୍ରା ମିଳିଲା । ଏହିଭଳି ଅସୁବିଧା ନଲେ ପଡ଼ିମାରେ ବୋଲି ବିଲାତଯାତ୍ରୀର ଦୁଇଦିନ ପୂର୍ବରୁ ବୁଦ୍ଧିଆଣି-ମାନେ ଦିଲ୍ଲୀରେ ପହଞ୍ଚନ୍ତି; ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟମାନ ସମ୍ପୂର୍ଣ୍ଣ କରନ୍ତି ।

ବିଦେଶୀମୁଦ୍ରା କିଣିଲାବେଳେ ଲକ୍ଷ୍ୟ କରିବା ଉଚିତ ଯେପରି ହାତରୁ କିଛି ବାଜି ନ ଯାଏ । ଲାଇସେନ୍ସ ପ୍ରାପ୍ତ ବିଦେଶୀମୁଦ୍ରା ଓ ନୋଟ ବିକୁଥିବା ଅନୁଷ୍ଠାନମାନେ ସାଧାରଣ ଦୋକାନ ଭଳି । ସେମାନେ ଜଣାବିକାରେ କିଛି ଲାଭ କରନ୍ତି । ଏ ସମ୍ପର୍କରେ ଅବଶ୍ୟ ସେମାନେ ବ୍ୟାଙ୍କ୍, ବିଶେଷକରି ରିଜର୍ଭବ୍ୟାଙ୍କର ନିର୍ଦ୍ଦେଶ ମାନି ଥାଆନ୍ତି । ସେମାନଙ୍କର ନିଜ ଲାଭ ବା କମିଶନ ଥିବା ଦୃଷ୍ଟିରୁ ସେମାନେ ପାଉଣ୍ଡ ବା ଡଲାରକୁ ଯେତେ ଟଙ୍କାରେ ବିକନ୍ତି ତାହାଠୁ କମ୍ ଦାମରେ କିଣନ୍ତି । ଟମାସକୁକ୍ କମ୍ପାନିକୁ ଏକାବନ ଟଙ୍କା ପଚିଶ ପଇସାର କମିଶନ ଦେଇ ୫୧୨୫ ଟଙ୍କା ୨୫ ପଇସାର ୩୩୫ ପାଉଣ୍ଡ ନୋଟ କିଣିଲି ଓ ୩୧୨ ଟଙ୍କାର ୨୦ ପାଉଣ୍ଡର ଟ୍ରାଭେଲର୍ସ ଚେକ୍ କିଣିଲି । ପାଉଣ୍ଡର ଦାମ ୧୫ ଟଙ୍କା ୪୫ ପଇସା ଓ ତା' ଉପରେ କମିଶନ ପାଉଣ୍ଡ ପିଛା ପ୍ରାୟ ୧୭ ପଇସା କରି ପଡ଼ିଥିଲା । କିନ୍ତୁ ଟ୍ରାଭେଲର୍ସ ଚେକ୍‌ରେ ପାଉଣ୍ଡ ପିଛା ୧୫ ଟଙ୍କା ୬୦ ପଇସା ପଡ଼ିଥିଲା । ଅର୍ଥାତ୍ ନୋଟ କିଣିବା ଠାରୁ ଟ୍ରାଭେଲର୍ସ ଚେକ୍ ୧୦ ପଇସା ଅଧିକ । ଟ୍ରାଭେଲର୍ସ ଚେକ୍ ନେବା ନିରାପଦ । ଚୋରିର ଭୟ ନାହିଁ । ଟ୍ରାଭେଲର୍ସ ଚେକ୍ ବାବଦରେ ବିଭିନ୍ନ କାଗଜପତ୍ର ରଖାରଖି କରିବାକୁ ପଡୁଥିବାରୁ ଚେକ୍ ଦେଉଥିବା କମ୍ପାନି ଅଧିକା ପଇସା ନିଏ ।

ସେଠି ଟମାସ୍‌କୁକ୍ ଅଫିସରେ ପାଉଣ୍ଡ କିଣି ସାଙ୍ଗେ ସାଙ୍ଗେ ବିକ୍ରି କରି ଦେଇଥିଲେ ୧୫ ଟଙ୍କା ୩୦ ପଇସା ମିଳିଥା'ନ୍ତା । ଅର୍ଥାତ୍ ପ୍ରତି ପାଉଣ୍ଡରେ ୩୦ ପଇସା ହାତରୁ ଯାଇଥା'ନ୍ତା । ଟ୍ରାଭେଲର୍ସ ଚେକ୍ ଭଙ୍ଗାଇଥିଲେ ଚେକ୍‌ରେ ଯାହା ଲେଖା ଅଛି ତାହା ମିଳିଥା'ନ୍ତା ।

ମନେରଖିବାକୁ ହେବ ଯେ ଟଙ୍କାର ବୈଦେଶିକ ମୁଦ୍ରାର ବିନିମୟ ହାର ପ୍ରତିଦିନ ବଦଳୁଥାଏ । ବ୍ୟାଙ୍କମାନେ ପ୍ରତିଦିନ ଏହା ନୋଟିସ ବୋର୍ଡରେ ଜଣାନ୍ତି । କେଉଁ ଦେଶର ମୁଦ୍ରା ଆମ ଟଙ୍କା ତୁଳନାରେ ବଢ଼ି ବଢ଼ି ଚାଲିଛି ତାହା ସ୍ପଷ୍ଟ ଜାଣିହୁଏ । ମୁଁ ଯିବା ସମୟରେ ଡଲାରର ମୂଲ୍ୟ ଉଭୟ ଟଙ୍କା ଓ ପାଉଣ୍ଡ୍ ତୁଳନାରେ ବଢ଼ି ବଢ଼ି ଚାଲିଥିଲା । ଯେଉଁମାନେ ସାଙ୍ଗେ ସାଙ୍ଗେ ବିଦେଶୀମୁଦ୍ରାକୁ ବ୍ୟବହାର କରିବାକୁ ଚାହାନ୍ତି ନାହିଁ ସେମାନେ ଏହିପରି ଗୋଟିଏ ବଢ଼ୁଥିବା ବିଦେଶୀମୁଦ୍ରାକୁ କିଣି ବିଦେଶ ଯାତ୍ରା କରନ୍ତୁ । ଉଦାହରଣ ସ୍ୱରୂପ ମୁଁ ତିନିମାସ ବିଲାତରେ ଥିବା ସମୟରେ ଡଲାରର ମୂଲ୍ୟ ୧୦ ଟଙ୍କା ୧୦ ପଇସାରୁ ବଢ଼ି ୧୦ ଟଙ୍କା ୯୦ ପଇସା ହୋଇଗଲା । ପାଉଣ୍ଡର ମୂଲ୍ୟ ୧.୬ (ଏକ ଦଶମିକ ଛଅ) ଡଲାରରୁ ଖସି ଏକ ଦଶମିକ ପାଞ୍ଚ ଡଲାରକୁ ଖସିଗଲା । ଅର୍ଥାତ୍ ଯେଉଁମାନେ ନିଜ ଟଙ୍କାକୁ ଡଲାରରେ ପରିବର୍ତ୍ତନ କରି ବିଲାତ ଯାଇଥିଲେ ସେମାନଙ୍କର ଯିବାବେଳର ପ୍ରତ୍ୟେକ ଟଙ୍କା ଆସିବାବେଳକୁ ୧ ଟଙ୍କା ୮ ପଇସା ହୋଇଯାଇ-ଥିଲା । ଯେଉଁମାନେ ଫେରିବାବେଳକୁ କିଛି ଟଙ୍କା ବଞ୍ଚାଇବାକୁ ଚାହୁଁଥା'ନ୍ତି ସେଇମାନେ ମୂଳରୁ ଏପରି ଦର ବଢ଼ୁଥିବା ବିଦେଶୀମୁଦ୍ରା କିଣିଥିବା ଉଚିତ । ଅନ୍ୟପକ୍ଷରେ ଯେଉଁମାନେ ଦର ପଡ଼ିଯାଇଥିବା ପାଉଣ୍ଡ କିଣି ବିଲାତ ଯାଇଥିଲେ ସେମାନେ ବିଲାତରୁ ବେଶି ଜିନିଷପତ୍ର କିଣିବା ଦରକାର । କାରଣ ବିଦେଶୀମୁଦ୍ରା ତୁଳନାରେ ପାଉଣ୍ଡର ଦର ଯିନା କମିଥାଏ କିନ୍ତୁ ବିଲାତର ଘରୋଇ ବଜାରରେ ଜିନିଷପତ୍ରର ଦାମ ବଢ଼ି ନ ଥାଏ । ତେଣୁ ଜିନିଷପତ୍ର ଗୁଡ଼ିକର ମୂଲ୍ୟ ଭାରତୀୟ ମୁଦ୍ରାରେ ହିସାବ କଲେ କ୍ଷତି ଜଣାପଡ଼ିବ ନାହିଁ । କିନ୍ତୁ ଫେରିବାବେଳେ ଯଦି କିଛି ବିଦେଶୀ ଜିନିଷପତ୍ର ଆଣିଥାନ୍ତି ଓ ତାହିଁକୁ କେତେକ ଆମ ଦେଶକୁ ଆଣିବାରେ କଟକଣା ଥାଏ ତେବେ ଶୁଳ୍କ ବିଭାଗର ଅଫିସରମାନେ ଧରପଗଡ଼ କଲେ ଯେଉଁ ଶୁଳ୍କ ବା ଜୋରିମାନା ଦେବାକୁ ପଡ଼ିପାରେ ସେଥିପାଇଁ କିଛି ବିଦେଶୀମୁଦ୍ରା ହାତରେ ଧରିଥିବା ଦରକାର । କାରଣ ତାହା ଦେଇ ନପାରିଲେ ଜିନିଷପତ୍ର ଜବତ ହୋଇଯିବ ।

## ବହିଶୁଳ୍କ :

ମୁଁ ଫେରିବାବେଳେ ଶୁଳ୍କ ବିଭାଗର ନିୟମଥିଲା ଯେ, ଡ଼ିଉଟି ନ ଦେଇ ଭାରତୀୟ ପର୍ଯ୍ୟଟକମାନେ ୧୨୫୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବିଦେଶୀ ଜିନିଷ ଆଣିପାରିବେ । ଅଣ-ଭାରତୀୟ ପର୍ଯ୍ୟଟକମାନେ ଭାରତରେ ସେମାନଙ୍କର ବ୍ୟବହାର ପାଇଁ ବା ଉପହାର ଦେବାପାଇଁ ୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜିନିଷ

ଆଣିପାରିବେ । ଏଥିରେ ୨୦୦ ସିଗାରେଟ୍ ବା ୫୦ଟି ସିଗାର ବା ୨୫୦ ଗ୍ରାମ ଦୋକତା ଓ ୦.୯୫ ଲିଟର (୯୫୦ମିଲିଲିଟର) ମଦ ବିନା ଡ୍ୟୁଟିରେ ଆଣିହେବ । ଏହି ଗୁଡ଼ିକ ଭାରତୀୟଙ୍କ ପାଇଁ ୧୨୫୦ ଓ ଅଣ-ଭାରତୀୟଙ୍କ ପାଇଁ ୫୦୦ ଟଙ୍କା ଭିତରେ ଗଣାଯାଏ । ତତ୍ପରେ ଏତିକ ଯେ ଅଣ ଭାରତୀୟ ପର୍ଯ୍ୟଟକମାନେ ଅନ୍ୟ କିଛି ଅଧିକ ଆଣିଥିଲେ ଲେଉଟି ଗଲାବେଳେ ସେଗୁଡ଼ିକୁ ଫେରାଇନେବେ ବୋଲି କାଗଜପତ୍ରରେ ଲେଖିଦେବେ । ବାରବର୍ଷରୁ କମ ପିଲ ନିଜର ବ୍ୟବହାର ପାଇଁ ୩୦୦ ଟଙ୍କା ମୂଲ୍ୟର ଜିନିଷପତ୍ର ଆଣିପାରେ । ଯେଉଁମାନେ ଛଅମାସ ବା ତତୋଧିକ କାଳ ବିଦେଶରେ କୌଣସି ବୃତ୍ତିରେ ନିଯୁକ୍ତ ଅଛନ୍ତି ସେମାନେ ନିଜର ବ୍ୟବହୃତ ଲୁଗାପଟା, ବାସନ କୁସନ ଓ ପେସେଇ ସରଞ୍ଜାମ ଆଦି ଆକାରରେ ହଜାରେ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଅଧିକା ଜିନିଷ ବିନା ଡ୍ୟୁଟିରେ ଆଣିପାରିବେ । କେତେଗୁଡ଼ିଏ ଜିନିଷ ଯଥା— ଟେଲିଭିଜନ, ଟେପ୍‌ରେକର୍ଡ଼ର ରେକର୍ଡପ୍ଲେୟାର ଓ ଏଗୁଡ଼ିକ ମଧ୍ୟରୁ ଏକାଧିକ ସଂଯୋଗ ଥିବା ଯନ୍ତ୍ର ଆଣିଲେ ଡ୍ୟୁଟି ଦେବାକୁ ବାଧ୍ୟ । କୌଣସି ବୃକ୍ଷଲତା ଆଣିଥିଲେ ସେଗୁଡ଼ିକୁ ରୋଗ ଅଛି କି ନାହିଁ ପରୀକ୍ଷା କରାଯାଇପାରେ । ହଜାରେ ଡ଼ଲାରରୁ ବେଶୀ ବିଦେଶୀ ମୁଦ୍ରା ଧରି ଫେରୁଥିଲେ କରେନ୍‌ସି ଫର୍ମ ପୂରଣ କରିବାକୁ ପଡ଼େ । କୌଣସି ବିମାନ ବନ୍ଦରରେ ଓହ୍ଲାଇଲାବେଳେ ସେ ଦେଶର ବହିଃଶୁଳ୍କ ବା କଷ୍ଟମ୍‌ସ ଅଧିକାରୀମାନେ ଜିନିଷପତ୍ର ଯାଞ୍ଚ୍ କରନ୍ତି । ପ୍ରତି ଆନ୍ତର୍ଜାତିକ ବିମାନ ବନ୍ଦରରେ ଏଥିପାଇଁ ଦୁଇପ୍ରକାର ରାସ୍ତା ବା ଚ୍ୟାନେଲ ରଖାଯାଇଥାଏ । ଯେଉଁ ଯାତ୍ରୀମାନେ କୌଣସି ଧର୍ତ୍ତବ୍ୟ ବା ଡ଼୍ୟୁଟି ଲାଗିବା ଜିନିଷ ଆଣି ନ ଥାଆନ୍ତି କିମ୍ବା ସେମାନଙ୍କର ଜିନିଷପତ୍ର ଅନ୍ୟ ବିମାନ ବା ଜାହାଜରେ ଆସୁ ନଥାଏ, ତେବେ ସେମାନେ ସବୁଜ ରାସ୍ତା ବା ଗ୍ରୀନ ଚ୍ୟାନେଲ ବାଟେ ବିମାନ ବନ୍ଦରରୁ ବାହାରକୁ ଯାଇପାରନ୍ତି । କିନ୍ତୁ ଡ୍ୟୁଟି ଲାଗିଲାଭଳି ଜିନିଷ ଯଦି ପାଖରେ ଥାଏ ଲାଲ ରାସ୍ତା ବା ରେଡ୍ ଚ୍ୟାନେଲ ବାଟେ ଯିବାକୁ ପଡ଼ିବ । ଅନେକ ଯାତ୍ରୀ ବିଦେଶରେ ଥିଲାବେଳେ ଅନେକ ମାଲମତା କିଣିପକାନ୍ତି । ସେଗୁଡ଼ିକୁ ଉଡ଼ାଜାହାଜରେ ଆଣିଲେ ବହୁତ ଖର୍ଚ୍ଚ ପଡ଼େ । ଏହି କାରଣରୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ଯଦି କୌଣସି ଜିନିଷପତ୍ର ଡାକ, ମାଲବାହୀ ଜାହାଜ ବା ମାଲବାହୀ ଉଡ଼ାଜାହାଜରେ ଆସିବାର ବନ୍ଦୋବସ୍ତ ହୋଇଛି (ଏହାକୁ ଇଂରାଜୀରେ **unaccompanied luggage** କହନ୍ତି), ତେବେ ମଧ୍ୟ ଲାଲ ରାସ୍ତାରେ ଯିବାକୁ ପଡ଼ିବ । ଲାଲ ରାସ୍ତାରେ ଯାଇ ନିଜର ଜିନିଷପତ୍ର ସମ୍ପର୍କରେ ଦରକାରୀ ଘୋଷଣା ଓ ଶୁଳ୍କ ଦେଇଦେଲେ ଯାତ୍ରୀ ବିମାନବନ୍ଦର ବାହାରକୁ ଯାଇ-

ଯାଇବ । ଏହା ଅମାନ୍ୟ କଲେ ଜିନିଷପତ୍ର ତ ବାଜ୍ୟାପ୍ତ ହୋଇପାରେ, ଯାତ୍ରୀ ବିରୁଦ୍ଧରେ ଅପରାଧମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ କରାଯାଇପାରେ ।'

ସାଧାରଣତଃ ବିମାନଯାତ୍ରାରେ କୋଡ଼ିଏକିଲୋ ଓଜନର ଜିନିଷ ମାଗଣାରେ ନେଇହୁଏ । ଏହାଛଡ଼ା ନିଜ ହାତରେ ଗୋଟିଏ ଥଳି ବା ବାକ୍ସ ବା ସୁଟ୍‌କେଶ ମାଗଣା ନେଇହୁଏ । କିନ୍ତୁ ଏହାର ଲମ୍ବା କୋଡ଼ିଏ ଇଞ୍ଚରୁ ବେଶୀ, ଓସାର ୧୫ ଇଞ୍ଚରୁ ବେଶୀ ଓ ମୋଟେଇ ୧୦ ଇଞ୍ଚରୁ ବେଶୀ ହେଲେ ତାହା ହାତରେ ନେବାକୁ ଦିଆଯାଏ ନାହିଁ । ଆଜିକାଲି ନିରାପତ୍ତା ଦୃଷ୍ଟିରୁ ଏକାଧିକ ବ୍ୟାଗ୍ ହାତରେ ଆଣିବାକୁ ଦିଆଯାଉ ନାହିଁ । ଅବଶ୍ୟ ଛତା, ବାଡ଼ି, କ୍ୟାମେରା, କୋଟ ବା ଲଗେଜଟ୍ରଲି ଭଳି କେତେକ ଜିନିଷ ହାତ ବାକ୍ସ ସାଙ୍ଗରେ ମଧ୍ୟ ଅଣାଯାଇପାରେ ।

## କୁଲି ନା ଟ୍ରଲି :

ସବୁ ବିମାନବନ୍ଦରରେ ବିମାନବନ୍ଦର ଭିତରେ ଜିନିଷ ନେବା ଆଣିବା କରିବା ପାଇଁ ଲଗେଜଟ୍ରଲି ମିଳେ । କିନ୍ତୁ ବିମାନବନ୍ଦରର ଦରଜା ପାରହେବା ପରେ କୁଲି ଲଗାଇବାକୁ ପଡ଼ିଥାଏ । ଅବଶ୍ୟ କେହି କେହି ବାରଣ ନ ମାନି ଲଗେଜ ଟ୍ରଲିରେ ଜିନିଷପତ୍ର ଧରି ବିମାନ ବନ୍ଦରକୁ ଲାଗିଥିବା ରେଲ୍ ଷ୍ଟେସନ୍, ଟ୍ୟାକ୍ସି ଷ୍ଟାଣ୍ଡ ବା ବସଷ୍ଟାଣ୍ଡକୁ ଚାଲିଯାଆନ୍ତି । ତା ସତ୍ତ୍ୱେ ବେଳେବେଳେ ନିଜକୁ ଜିନିଷପତ୍ର ବୋହିବାକୁ ପଡ଼ିଥାଏ । ଓଜନ ବେଶି ହେଲେ କୁଲି ଲଗାଇବାକୁ ବାଧ୍ୟ । ବିଦେଶରେ କୁଲିମାନଙ୍କର ମଜୁରି ଖୁବ୍ ବେଶୀ । ବେଶୀ ହେଉ ବା କମ ହେଉ ପାଖରେ ଯେତେବେଳେ ବିଦେଶୀ ମୁଦ୍ରାର ପରିମାଣ ସୀମିତ, ସେତେବେଳେ କୁଲିମାନଙ୍କ ପଛରେ ବାରମ୍ବାର ପଇସା ଖର୍ଚ୍ଚ କରିବା ଉଚିତ ନୁହେଁ । ଅଧିକନ୍ତୁ ବିଦେଶରେ ଲୋକେ କୁଲି ବା ଚାକର ଉପରେ ପ୍ରାୟ ନିର୍ଭର କରନ୍ତି ନାହିଁ । ମାଲପତ୍ର ନବାଆଣିବା କରିବା ପାଇଁ, ଏପରିକି ପିଲାକୁ ବୁଲାବୁଲି କରାଇବା ପାଇଁ ହାଲୁକା ହାତଟଣା ଟ୍ରଲି (hand trolley) ବ୍ୟବହାର କରିଥାଆନ୍ତି । ଏହାର ଦାମ ଚାରିପାଉଣ୍ଡ ବା ସେତେବେଳର ୬୨ ଟଙ୍କା । ଷ୍ଟେସନରୁ ବା ବସ୍‌ଷ୍ଟାଣ୍ଡରୁ ଆଉ ଗୋଟିଏ ବସ ବା ଟ୍ୟାକ୍‌ସିକୁ ଜିନିଷପତ୍ର ନେବାପାଇଁ କୁଲି ଖର୍ଚ୍ଚ ପ୍ରାୟ ଦୁଇପାଉଣ୍ଡ ଉପରେ ପଡ଼େ । ତେଣୁ ପ୍ରଥମରୁ ଟ୍ରଲିଟିଏ କଲେ କୁଲି ଖର୍ଚ୍ଚ ତ ବଞ୍ଚିବ, ନିଶ୍ଚୟ ଟ୍ରଲିଦାମ ଉଠିଯିବ ଏବଂ ଓଜନଦାର ବଜାର ସଉଦା ଆଣିବାରେ ସୁବିଧା ହେବ । ଟ୍ରଲିଟିର ଓଜନ ଅଧକିଲୋରୁ ସାମାନ୍ୟ ଅଧିକ । ଏହି ଅଧକିଲୋ ଓଜନର ଆଲୁମିନିୟମ ଟ୍ରଲିରେ ମୁଁ ଫେରିଲାବେଳେ ୫୨ କିଲୋ ଓଜନର ଜିନିଷ

ଆଣିଥିଲି । ବଜାର ସଉଦା ହିସାବକୁ ନ ନେଲେ ମଧ୍ୟ ରହିବା ଜାଗାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଗୋଟିଏ କିଲୋମିଟର ଏବଂ ବସଷ୍ଟପରୁ ବିମାନବନ୍ଦରର ଟିକଟଦ୍ୱାର ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ଏହି ଟ୍ରଲିରେ ଜିନଷ ବୋହି ବୋହି ଆଣିଥିଲି । ଟ୍ରଲିର ଆଉ ଗୋଟିଏ ସୁବିଧା ଯେ, ଦୁଇହାତରେ ଝଣ୍ଡ ଝଣ୍ଡ ଜିନଷ ଓହଳି ନ ରହି ଟ୍ରଲିରେ ଗୋଟିଏ ମାତ୍ର ବୁଜୁଳା ହୋଇ ରହିଯାଏ । ଆମ ଭିତରୁ ଯେଉଁମାନେ ଟ୍ରଲି ବ୍ୟବହାର ବିଷୟରେ ସଚେତନ ନ ଥିଲେ, ସେମାନେ ଫେରିବା ସମୟରେ ଯେତେବେଳେ ଟ୍ରଲି କିଣି ବ୍ୟବହାର କଲେ ସେମାନଙ୍କୁ ସାତମତ କୁସ୍ତି କସରତ କରିବାକୁ ପଡ଼ିଥିଲା । ଟ୍ରଲିଗୁଡ଼ିକ ଅଣଓସାରିଆ ଓ ହାଲୁକା ହୋଇଥିବାରୁ ଜିନଷପତ୍ର ଲଦିବାରେ ଭାରସାମ୍ୟ ରକ୍ଷାକର ନ ଥିଲେ, କେତେବେଳେ ବାମ କଡ଼କୁ ତ କେତେବେଳେ ଡାହାଣ କଡ଼କୁ ଓଲଟି ପଡ଼ିବ । କହିବା ବାହୁଲ୍ୟ ଯେ ଏଥିପାଇଁ କେତେଜଣଙ୍କ ସଙ୍ଗରେ ମୋତେ ସେଣ୍ଟ ଗାଇଲସ୍ (ମୋର ରହିବା ସ୍ଥାନ)ରୁ ଅକ୍ସଫୋର୍ଡ଼ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବାକୁ ପଡ଼ିଥିଲା ।

## ବିମାନଯାତ୍ରାର ସାଥୀ :

ଫେରିବାବେଳେ ବିମାନବନ୍ଦରରେ କେହି ନା କେହି ଭାରତୀୟ ଯାତ୍ରୀ ମିଳିଯାଆନ୍ତି । କିନ୍ତୁ ମୋ କ୍ଷେତ୍ରରେ ଅକ୍ସଫୋର୍ଡ଼ରୁ ହିଁ କୃଷି ମନ୍ତ୍ରଣାଳୟର ଜନୈକ ଅଧିକାରୀ ଶ୍ରୀଯୁକ୍ତ ସିଂହ ଯୁଟିଥିଲେ; ବୋଧହୁଏ ମୁଁ ତାଙ୍କୁ ଯୁଟିଥିଲି । ସେ ବର୍ଷକ ପାଇଁ ବିଲାତ ସରକାରଙ୍କ ବୃତ୍ତିରେ ଅଧ୍ୟୟନ କରିବାକୁ ଯାଇଥିଲେ । ତାଙ୍କ ଅଧ୍ୟୟନ କାଳ ଠିକ୍ ମୋ ଆସିବା ସମୟକୁ ସରିଯାଇଥିଲା । ବର୍ଷେ କାଳ ରହିବା ହେତୁରୁ ସେ ବିନା ତ୍ରୁଟିରେ ଦେଶି ଜିନଷ ଆଣିବାର ସୁଯୋଗ ପାଇଥିଲେ । ତାଙ୍କୁ ମୁଁ ଗୋଟିଏ ଦୁଇଟି କାମରେ ଉପଯୁକ୍ତ ଉପଦେଶ ଦେଇଥିବାରୁ, ସେ ମୋ ଉଡ଼ାଣରେ ଟିକଟ କରିଥିଲେ । ଜଣକୁ ଯାହା ସାହାଯ୍ୟ, ଅନ୍ୟକୁ ତାହା କଷ୍ଟ । ତଥାପି ସାଙ୍ଗ ମିଳିବା ଆଶାରେ ମୁଁ ବି ଆଗଭର ହୋଇଥିଲି । ତାଙ୍କର ମାଲମତା ଦେଖି ମୁଁ ଉପଦେଶ ଦେଇଥିଲି ଯେ, ସେ ଛାଡ଼ ମିଳୁଥିବା ଓଜନଠାରୁ ଅଧିକ ଜିନଷପତ୍ରକୁ ଡାକରେ ପଠାଇ ଦିଅନ୍ତୁ । ତାଙ୍କୁ କେତେକ ବନ୍ଧୁ କହିଥିଲେ, ଜଳଜାହାଜରେ ପଠାଇଲେ ଶସ୍ତା ହେବ । ମୁଁ ହିସାବ କରି ଜଣାଇଥିଲି, ବ୍ୟୋମଡାକରେ ଯେତେ ଅଧିକ ଖର୍ଚ୍ଚ ପଡ଼ିବ ବୋଲି ଆମେ ଭାବୁ ତାହା ପ୍ରକୃତ ପକ୍ଷେ ସେତେ ନୁହେଁ । ବମ୍ବେ କ କଲିକତା ବନ୍ଦରକୁ ଯାଇ ଜାହାଜରୁ ପାର୍ଶଲ ଛଡ଼ାଇବାକୁ ତାଙ୍କ ଭଳି ଦିଲ୍ଲୀବାଲା ଲୋକଙ୍କୁ ବହୁତ ଖର୍ଚ୍ଚ

ପଡ଼ିବ । ଡାକରେ ଗଲେ ପାର୍ଶଲଟି ସିଧାସଳଖ ଦିଲ୍ଲୀରେ ପହଞ୍ଚିବ ଏବଂ ବନ୍ଦରକୁ ଯିବାଆସିବା ଖର୍ଚ୍ଚ ବଞ୍ଚିଯିବ । ଅନ୍ୟପକ୍ଷରେ ଯଦି ସେ ଶସ୍ତାରେ ଚାହାନ୍ତି ତେବେ ସେ **surface mail** ବା ଭୂପୃଷ୍ଠ ଡାକରେ ପାର୍ଶଲ କରିପାରନ୍ତି । ତାହା ଖୁବ୍ ଶସ୍ତା; କିନ୍ତୁ ଦୁଇ ତିନିମାସ ଲାଗିଯିବ । ସେ ତାହା ହିଁ କଲେ । ଯାବତୀୟ ପୁରୁଣା ଲୁଗାପଟା, ବହିପତ୍ର ଓ ଫେରିବାବେଳେ ଦରକାର ହେଉ ନ ଥିବା ଜିନିଷମାନ ସେ ପାର୍ଶଲରେ ପଠାଇ ଦେଲେ । ଅବଶ୍ୟ ପାର୍ଶଲ ଉପରେ ଡାକଘର ନିୟମ ଅନୁଯାୟୀ କଷ୍ଟମସ୍ ଡିକ୍ଲାରେସନ ବା ବହିଃଶୁଳ୍କ ଘୋଷଣାନାମା ପୂରଣ କରିଦେଲେ । ଡ଼ିଉଟି ଲାଗିବା ଜିନିଷକୁ ଡାକରେ ପଠାଇବା ସହଜ କଥା ନୁହେଁ, ଏଥିପାଇଁ ବିଲାତ ସରକାରଙ୍କ କଷ୍ଟମ୍ସ ବିଭାଗରୁ ଉପଯୁକ୍ତ ଶୁଳ୍କ ଦେଇ ଅନୁମତି ଆଣିବାକୁ ପଡ଼ିଥାଏ । ଏହାଛଡ଼ା ଆମ ଦେଶକୁ ଫେରି ପାର୍ଶଲ ବା ପେଟେରି ଛଡ଼ାଇବାବେଳେ ଆମ ଦେଶ ନିୟମ ଅନୁଯାୟୀ ଶୁଳ୍କ ଦେବାକୁ ପଡ଼େ । ନ ଦେଇ ପାରିଲେ ଶୁଳ୍କ ବିଭାଗ ଲୋକେ ପେଟେରିକୁ ବାଜ୍ୟାପ୍ତ କରି ନିଅନ୍ତି ।

## ବିକ୍ରିକର :

ଆମ ଦେଶରେ ଯେପରି ଜିନିଷପତ୍ର କିଣିଲାବେଳେ ବାଣିଜ୍ୟକର ବା ସେଲ୍ସଟ୍ୟାକ୍ସ ଲାଗେ, ଇଂଲଣ୍ଡରେ ଠିକ୍ ସେହିପରି **Value added tax,** ମୂଲ୍ୟ ସହିତ ଯୋଡ଼ା ହୋଇଥିବା ଟିକସ ବା ସଂକ୍ଷେପରେ 'ଭାଟ' **'VAT'** ପଡ଼େ । ସବୁ ଜିନିଷ ପ୍ରତି ଏହା ସମାନ ଭାବରେ ଶତକଡ଼ା ୧୫ ଭାଗ ହାରରେ ଲାଗୁହୁଏ । କିନ୍ତୁ ବିଲାତର ନିୟମ ଅଛି ଯେ ଯଦି କୌଣସି ବିଦେଶୀ ଲୋକ ତିନିମାସ ଭିତରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ, ସେ ଖରିଦ କଲାବେଳେ ଦେଇଥିବା ଭାଟ୍ ଫେରି ପାଇପାରିବ । ଏଥିପାଇଁ ଦୁଇଟି ସର୍ତ୍ତ ରହିଛି । ଗୋଟିଏ ହେଉଛି ଯେ, ଏଥିପାଇଁ ବିଲାତ ସରକାରଙ୍କ ଦ୍ୱାରା ରେଜିଷ୍ଟ୍ରୀଭୁକ୍ତ ହୋଇଥିବା ଦୋକାନ କେବଳ ଭାଟ୍ଫର୍ମ ପୂରଣ କରି ପାରିବ । ଏପରି ଦୋକାନ ବହୁତ ଅଛି । କେତେକ ଦୋକାନୀ ନିୟମ କରିଛନ୍ତି ଯେ ଅତି କମ୍‌ରେ ୫୦ ପାଉଣ୍ଡର ଜିନିଷ ନ କିଣିଲେ **VAT Retail Export Scheme** ଫର୍ମ ପୂରଣ କରିବେ ନାହିଁ । ଆଉ କେତେକ ଅତି କମ୍‌ରେ ୧୦୦ ପାଉଣ୍ଡର ଜିନିଷ କିଣିଲେ ଏହି ଫର୍ମ ପୂରଣ କରିବେ । ଦୋକାନୀ ଫର୍ମ ପୂରଣ କଲାବେଳେ ଗ୍ରାହକର ପାସପୋର୍ଟ ଦେଖି ସେ ଏହି ଟିକସ ଫେରସ୍ତପାଇଁ ହକ୍‌ଦାର ବୋଲି ସାର୍ଟିଫିକେଟ୍ ଦେବେ । ଗ୍ରାହକ ଉକ୍ତ ଫର୍ମରେ ପୂରଣ କରିବେ ସେ କେବେ ବିଲାତ ବା ଯୁକ୍ତରାଜ୍ୟ

(united kingdom)କୁ ଆସିଛନ୍ତି ଓ କେବେ ତ୍ୟାଗ କରିବେ । ଦ୍ୱିତୀୟ ସର୍ତ୍ତ ହେଉଛି ଯେ ବିଲାତରେ ଯେଉଁ ଆନ୍ତର୍ଜାତିକ ବନ୍ଦରରୁ, ଅର୍ଥାତ୍ ମୋ କ୍ଷେତ୍ରରେ ଲଣ୍ଡନର ହିଥ୍ରୋ ବିମାନ ବନ୍ଦରରୁ ଛାଡ଼ିବେ, ସେଠାରେ ଫର୍ମରେ ଲେଖାଥିବା ଜିନିଷଗୁଡ଼ିକୁ ଉପସ୍ଥିତଥିବା ଶୁଳ୍କ ଅଧିକାରୀମାନଙ୍କୁ ଦେଖାଇ ସେମାନଙ୍କଠାରୁ ଦସ୍ତଖତ ଓ ମୋହର ଲଗାଇ ନେବାକୁ ପଡ଼ିବ । ତାଙ୍କର ଦସ୍ତଖତ ଓ ମୋହର ରହିବା ଅର୍ଥ ଫର୍ମରେ ଥିବା ଜିନିଷଗୁଡ଼ିକ ବିଲାତରୁ ରପ୍ତାନି ହୋଇଗଲା । ଏହିପରି ପୂରଣ ହୋଇଥିବା ଏବଂ ଦସ୍ତଖତ ହୋଇଥିବା ଫର୍ମଟିକୁ ସେହି ବିମାନ ବନ୍ଦରରେ ଉକ୍ତ ଶୁଳ୍କ ବିଭାଗ ଅଫିସ ନିକଟରେ ଥିବା ଗୋଟିଏ ନିର୍ଦ୍ଦିଷ୍ଟ ଡାକ ବାକ୍ସରେ ସମ୍ପୃକ୍ତ ଦୋକାନୀଙ୍କ ଠିକଣାରେ ପୋଇ ଦେବାକୁ ହୁଏ । ଏଥିପାଇଁ ଦୋକାନୀମାନେ ସେମାନଙ୍କର ଠିକଣାଥିବା ଲଫାପା ସହିତ ଫର୍ମ ପୂରଣକରି ଦେଇଥାନ୍ତି । କେତେକ ଦୋକାନୀ ମଧ୍ୟ ଡାକଖର୍ଚ୍ଚ ବାବଦରେ ବିଲାତ ଡାକଟିକଟ ଲଗାଇ ଦେଇଥା'ନ୍ତି । ଜିନିଷର ମୂଲ୍ୟକୁ ୧୧୫ ଧରି ତହିଁର ୧୫ ଅଂଶ ଅର୍ଥାତ୍ ପ୍ରତି ୨୩ ପାଉଣ୍ଡରେ ତିନିପାଉଣ୍ଡ ଭାଟ୍ ଫେରନ୍ତି ମିଳିବା କଥା । କେତେକ ଦୋକାନୀ ସେମାନଙ୍କର ହିସାବ କିତାବ ରଖିବା ବାବଦକୁ କିଛି କାଟିରଖନ୍ତି ଓ ବାକିତକ ଚେକ୍ ଆକାରରେ ଗ୍ରାହକର ଦେଶ ଠିକଣାରେ ପଠାଇ ଦିଅନ୍ତି । ମୁଁ ଏହିପରି ୩୬ ପାଉଣ୍ଡ ଫେରପାଇଛି ।

## ବିଦେଶୀ ଜିନିଷ ଓ ବିମାନବନ୍ଦର ତନଖି :

ମୋ ସାଙ୍ଗରେ ଅସିଥିବା କୃଷିମହାଶାଳୟର ଶ୍ରୀସିଂହ ବିଲାତରେ ବର୍ଷେ ଥିବା କାରଣରୁ ବିନା ଶୁଳ୍କରେ ବେଶି ଦାମର ଜିନିଷ ଭାରତକୁ ଆଣି ପାରିବେ ବୋଲି ଅନ୍ୟାନ୍ୟ ଜିନିଷ ମଧ୍ୟରେ ଗୋଟିଏ ରଙ୍ଗୀନ ଟେଲିଭିଜନ ସେଟ୍ କିଣିଥିଲେ । ତାଙ୍କୁ ୪୦୦ ପାଉଣ୍ଡ ପଡ଼ିଥିଲା । ସେତେବେଳେ ଆମ ଦେଶରେ ରଙ୍ଗୀନ ଟି ଭି.ର ଦାମ ୧୨୦୦୦ ଟଙ୍କା ଥିଲା ଅର୍ଥାତ୍ ବିଲାତ ମୁଦ୍ରାରେ ୭୫୦ ପାଉଣ୍ଡ ପାଖାପାଖି । ତେଣୁ ୪୦୦ ପାଉଣ୍ଡ ଦାମ ଖୁବ୍ ଶସ୍ତା ଲାଗିଲା । ତହିଁରେ ପୁଣି ସେ ୫୨ ପାଉଣ୍ଡ ଭାଟ୍ ଅର୍ଥାତ୍ ପ୍ରାୟ ୮୦୦ ଟଙ୍କା ଫେରନ୍ତି ପାଇବା କଥା । ଶସ୍ତା କାରଣରୁ ସେ ଟେଲିଭିଜନ ସେଟ୍ ସହିତ ଆଉ କେତେକ ଜିନିଷ ହାତରେ ଧରି ଅର୍ଥାତ୍ ହ୍ୟାଣ୍ଡ ବ୍ୟାଗେଜ ଭାବରେ ଆଣିବା ପାଇଁ ଟିକେଟ କାଉଣ୍ଟରରେ ଅଳି କରିଥିଲେ ।

ଏସବୁ କାମରେ ତା'ଙ୍କୁ ଟିକେ ଡର ଲାଗୁଥିଲା । ମୁଁ କାମ ସାରିଲେ ସେ ସାହସ ପାଇଯିବେ ବୋଲି ମୋ ପଛେ ପଛେ ଆସୁଥିଲେ । ମୋର ଗୋଟିଏ

ଥ୍ରି-ଇନ୍-ଓ୍ୱାନ୍ (Three-in-One, ରେଡ଼ିଓ, ଟେପ୍‌ରେକର୍ଡ଼ର୍, ଓ ମ୍ୟୁଜିକ୍ ସିନ୍ଥେସାଇଜର୍ ଏଭଳି ତିନୋଟି ଜିନିଷ ଥିବା ଗୋଟିଏ ଯନ୍ତ୍ର) ଧରି ମୁଁ ଟିକେଟ୍ ବୁକ୍ କଲାବେଳେ, ମୋର ଆଉ ଗୋଟିଏ ହ୍ୟାଣ୍ଡ ବ୍ୟାଗେଜକୁ ଲମ୍ବ ବେଶୀ ହେବା କାରଣରୁ ହାତରେ ନେଇ ପାରିବି ନାହିଁ ବୋଲି ଅଫିସରଟି କହିଲା । ମୁଁ ଗୋଟିଏ ସ୍ପୋର୍ଟସ ବ୍ୟାଗ କିଣିଥାଏ, ତାହାର ଗୋଟିଏ ପାଖରେ ବ୍ୟାଡ଼ମିଣ୍ଟନ ର‍୍ୟାକେଟ ଭଳି ଗୋଟିଏ ଲମ୍ବା ଜିନିଷ ଧରିପାରେ ଓ ଭିତରେ ଗୋଟିଏ ଥ୍ରି-ଇନ୍-ଓ୍ୱାନ ମଧ୍ୟ ପଶିପାରେ । ଅତ୍ୟଧିକ ଲମ୍ବ କାରଣରୁ ଯେତେବେଳେ ମୋତେ ସ୍ପୋର୍ଟସ୍ ବ୍ୟାଗଟିକୁ ବିମାନରେ ମାଲ ଆକାରରେ ପଠାଇବାକୁ ପଡ଼ିଲା, ତାହାରୁ ମୁଁ ଜିନିଷପତ୍ର କାଢ଼ି ନେଇଥିଲି । ଘଣ୍ଟା, ପିଲାଙ୍କପାଇଁ ଆଣିଥିବା ଭିଡ଼ିଓଗେମ୍, ପର୍ସନାଲ କମ୍ପ୍ୟୁଟର ଭଳି ଜିନିଷଗୁଡ଼ିକୁ ମୋ କୋର୍ଟ ଓ ସାର୍ଟର ବିଭିନ୍ନ ପକେଟରେ ରଖିନେଲି । ଶ୍ରୀ ସିଂହଙ୍କ ହ୍ୟାଣ୍ଡ ବ୍ୟାଗେଜ ବେଶୀ ଓଜନ ହେବାରୁ ତାଙ୍କୁ ମାଲ ହିସାବରେ ବୁକ୍ କରିବାକୁ କୁହାଗଲା । ଏହା ଫଳରେ ତାଙ୍କୁ ଛାଡ଼ ମିଳିବାର ୨୦ କିଲୋଗ୍ରାମ ପରେ ୨୭ କିଲୋଗ୍ରାମ ଅଧିକା ହେଲା । ଆମେ ଜାଣିଥିଲୁ ଯେ, ନିୟମ ଅନୁଯାୟୀ, ୨୦ କିଲୋଗ୍ରାମ ଛାଡ଼ ହେଲେ ହେଁ, ବୁକିଂ କର୍ମଚାରୀର ଦୟାରେ ୩୦ ରୁ ୪୦ କିଲୋଗ୍ରାମ ପର୍ଯ୍ୟନ୍ତ ଛାଡ଼ ମିଳିଯାଏ । ବୁକିଂ କାଉଣ୍ଟରରେ ଥିବା ମହିଳା କର୍ମଚାରିଣୀ ନାମକୁମାତ୍ର ଦୁଇକିଲୋ ଓଜନର ମାଲପାଇଁ ଟିକେଟ କରିବାକୁ କହିଲେ । ଶ୍ରୀ ସିଂହ ନିଜ ପାଖରେ ପଇସା ନାହିଁ ବୋଲି ଜଣାଇବାକୁ ଯାଇ ମୋତେ ଧାର ମାଗିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଯଦି ତାଙ୍କ ପାଖରେ ପଇସା ନାହିଁ ବୋଲି ବୁକିଂ ଅଫିସର ଜାଣେ ତେବେ ସେ ବୋଧହୁଏ ମାଗଣାରେ ଜିନିଷସବୁ ଛାଡ଼ି ଦେବେ । ମୋର ଡର ଥିଲା ଯେ, ଦିଲ୍ଲୀରେ ଓହ୍ଲାଇବା ପରେ କେହିତ କାହା ସହିତ ସମ୍ପର୍କ ରଖିବେ ନାହିଁ, ତେଣୁ ଉଧାର ପଇସା ଫେରାଇବା ପାଇଁ ମାଗିବି କେବେ ? ମୋ ପାଖରେ ବଳକା ପାଉଣ୍ଡ ନାହିଁ ବୋଲି କହିଦେଲି । ତେବେଣେ ମହିଳା କର୍ମଚାରିଣୀ ଜଣକ କହିଲେ ଯଦି ପାଉଣ୍ଡ ନାହିଁ ସେ ଜଣେ କମ ଜିନିଷ ଥିବା ଯାତ୍ରୀଙ୍କ ସହିତ ମିଶି ଜିନିଷ ପଠାନ୍ତୁ । ଲଣ୍ଡନର ହିଥ୍ରୋ ବିମାନଘାଟୀରେ ଆମ ଦେଶର ବିମାନଘାଟୀ ଭଳି କୌଣସି ଗୋଟିଏ ଉଡ଼ାଣ ପାଇଁ କାଉଣ୍ଟର ନ ଥାଏ । ସେଠାରେ କାଉଣ୍ଟର ସବୁବେଳେ ଖୋଲା । ଘଣ୍ଟାକୁ ଛଅ ସାତୋଟି ଉଡ଼ାଜାହାଜ ଓହ୍ଲାଉ ଥାଏ ବା ଉଡୁଥାଏ । ଆମ ଦେଶ ଭଳି ବିଭିନ୍ନ କମ୍ପାନୀର ଉଡ଼ାଣ ପାଇଁ ବିଭିନ୍ନ କାଉଣ୍ଟର ଅଛି, କିନ୍ତୁ ଏତେ ସଂଖ୍ୟାରେ ବିମାନ ଲଣ୍ଡନରୁ ଉଡୁଥାଏ ଯେ କାଉଣ୍ଟର ସବୁବେଳେ ଖୋଲିଥାଏ ଏବଂ ଏକ ସମୟରେ ଏକାଧିକ ଉଡ଼ାଣର

ଯାତ୍ରୀଙ୍କ ଟିକଟ ଯାଞ୍ଚ ହୋଇ ମାଲମତା ବୁକିଂ ହୋଇଯାଉଥାଏ । ଗୋଟିଏ ଧାଡ଼ିରେ ଥାଇ ମଧ୍ୟ ବିଭିନ୍ନ ଯାତ୍ରୀ ବିଭିନ୍ନ ଉଡ଼ାଣ ପାଇଁ ଅନୁମତି ପତ୍ର ବା ବୋର୍ଡ଼ିଂ ପାସ୍ (Boarding Pass) ପାଆନ୍ତି । ଲଗେଜ ବା ମାଲମତା ମଧ୍ୟ ଚବିଶ ଘଣ୍ଟା ବୁକିଙ୍ଗ୍ ଚାଲୁଥାଏ । ଆମ ଦେଶରେ ଯେପରି ଗୋଟିଏ ଉଡ଼ାଣ ପାଇଁ ଗୋଟିଏ ଧାଡ଼ି ବା କ୍ୟୁ ଥାଏ, ଲଣ୍ଡନରେ ସେପରି କରିବା ଅସମ୍ଭବ, କାରଣ ପ୍ରତି ମୁହୂର୍ତ୍ତରେ କୌଣସି ନା କୌଣସି ଉଡ଼ାଜାହାଜ ଉଡ଼ୁଥାଏ । ଆମ ଦେଶର ବିଭିନ୍ନ ବିମାନବନ୍ଦରରେ ଟିକଟ ତନଖି କରି ଲଗେଜର ଓଜନ ଲେଖି ବୋର୍ଡିଂ ପାସ (Boarding Pass) ଦିଆଯାଏ । କିନ୍ତୁ ଲଣ୍ଡନ ବିମାନ ବନ୍ଦରରେ ବୋର୍ଡିଂ ପାସ କମ୍ପ୍ୟୁଟରରେ ଲେଖା ହୋଇଥିବାରୁ, ସେଗୁଡ଼ିକ କନଭେୟର ବେଲ୍ଟ ଉପର ଦେଇ ଯାଉଥିବାବେଳେ କର୍ମଚାରୀମାନେ ବିଭିନ୍ନ ଉଡ଼ାଣ ପାଇଁ ଲଗେଜକୁ ପୃଥକ କରି ନିଅନ୍ତି । ଜୁଲାଇ ୭ ତାରିଖ ଲଣ୍ଡନ ସମୟ ଅପରାହ୍ନ ୫ ସମୟରେ ଉଡ଼ାଣ ନମ୍ବର ବି. ଏ ୦୦୬୩ ଲଣ୍ଡନରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର ଥିଲା । ଏଥିଲାଗି ଆମ୍ଭେମାନେ ଅପରାହ୍ନ ୪ଟା ବେଳେ ବୁକିଂକାଉଣ୍ଟରରେ ଉପସ୍ଥିତ ହେବାର କଥା । ଆମେ ତ ୭ ତାରିଖ ସକାଳସୁଦ୍ଧା ହଷ୍ଟେଲ ଛାଡ଼ି ସାରିଥିଲୁ । ଆମେ ସବୁ ସେଦିନ ଅପରାହ୍ନ ୩ଟା ପୂର୍ବରୁ ବୁକିଙ୍ଗ୍ କାଉଣ୍ଟରରେ ପହଞ୍ଚିଗଲୁ । ସାଙ୍ଗେ ସାଙ୍ଗେ କ୍ୟୁରେ ଠିଆ ହୋଇଗଲୁ । ଟିକଟ୍ ଯାଞ୍ଚକରି ମାଲ-ମତାର ଓଜନ କରିସାରି କାଉଣ୍ଟରରେ ଥିବା ମହିଳା କର୍ମଚାରୀ ଆମକୁ ବୋର୍ଡିଂ ପାସ ଦେଇଦେଲେ । ଏପରି ଅବସ୍ଥାରେ ଏକା ଉଡ଼ାଣରେ ଯାଉଥିବା କମ ଲଗେଜ ନେଉଥିବା ଜଣେ ଯାତ୍ରୀଙ୍କୁ ଖୋଜି ବାହାର କରି ତା' ଟିକଟ ଅଧୀନରେ ବଳକା ଓଜନ ବୁକ୍ କରିବା ଅସମ୍ଭବ । ତେଣୁ ଶ୍ରୀ ସିଂହ ବାଧ୍ୟ ହୋଇ ନିଜ ପକେଟରୁ ଆବଶ୍ୟକ ପରିମାଣର ପାଉଣ୍ଡ କାଢ଼ିଲେ, ବଳକା ଲଗେଜର ଭଡ଼ା ଦେଲେ ।

ମାଲମତା ଟିକଟ କରିଥିବାରୁ ସେ ଭାଟ୍ ଫେରି ପାଇବାପାଇଁ ବିମାନ-ଘାଟିରେ ଥିବା ବହିର୍ଶୁଳ୍କ ଅଧିକାରୀମାନଙ୍କୁ ସବୁ ଜିନିଷର ପ୍ରମାଣ ଦେଖାଇ ପାରି ନଥିଲେ । ଫଳରେ ତାଙ୍କ ଭାଟ୍ ଫେରସ୍ତ ଫର୍ମରେ କେହି ଦସ୍ତଖତ କଲେନାହିଁ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇଥିଲି ଯେ, ଦିଲ୍ଲୀରେ ଓହ୍ଲାଇଗଲାପରେ ନିଜ ଅଞ୍ଚଳର ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଠାରୁ ଭାଟ୍ ଫେରସ୍ତ ପାଇବାକୁ ଦାବି କରୁଥିବା ଜିନିଷଗୁଡ଼ିକ ପାଇଁ ଗୋଟିଏ ସାର୍ଟିଫିକେଟ ନେଇନେବେ । ଭାଟ୍ ଫର୍ମରେ ଏସ୍.ପି.ଙ୍କ ସାର୍ଟିଫିକେଟ ରହିଲେ ନିୟମ ଅନୁଯାୟୀ, ବିଲାତର ସମ୍ପୃକ୍ତ

ଦୋକାନୀ ଖୁଚ୍ ଫେରସ୍ତ ଦେବାକଥା । ଶ୍ରୀ ସିଂହ କ'ଣ କଲେ, ସେ ବିଷୟରେ ମୋର ଖବର ନାହିଁ ।

## ଚାଲିବା ଉଡ଼ିବାଠାରୁ ମହଙ୍ଗା :

ଆନ୍ତର୍ଜାତୀୟ ବିମାନଘାଟିରେ ଯିବାଆସିବା କରିବାରେ ଅସୁବିଧା ନଥାଏ । ଚାରିଆଡ଼କୁ ଅନାଇ ବିଭିନ୍ନ ଦିଗରେ ଲେଖା ଥିବା ନିର୍ଦ୍ଦେଶକୁ ମାନି ଚାଲିଲେ ନିଜର ଗନ୍ତବ୍ୟ ସ୍ଥଳରେ ପହଞ୍ଚିହେବ । ନ ପଢ଼ିବା କାରଣରୁ ବହୁତ ଲୋକ ସ୍ୱାକୁ ତା'ଙ୍କୁ ପସ୍ତରନ୍ତି ଓ ହଇରାଣ ହୁଅନ୍ତି । ଭୁଲ୍ ନିର୍ଦ୍ଦେଶ ପାଇଲେ ଡେରି ହୋଇଯାଏ ଓ ଏଥିପାଇଁ ଧଁ ସଁ ହୋଇ ଦୌଡ଼ିବାକୁ ପଡ଼େ । ରେଲ-ଷ୍ଟେସନରୁ ହେଉ ବା ବସ୍‌ଷ୍ଟାଣ୍ଡରୁ ହେଉ ନିକଟବର୍ତ୍ତୀ ବିମାନବନ୍ଦରକୁ ଯିବା-ଦ୍ୱାର ନିର୍ଦ୍ଦେଶ ଥାଏ । ବିମାନବନ୍ଦରର ସୀମାରୁ ଟ୍ରଲିଟିଏ ଧରି ତହିଁରେ ଜିନିଷପତ୍ର ଲଦି ଲିଖିତ ନିର୍ଦ୍ଦେଶକୁ ମାନି ଆଗେଇଲେ ଠିକ୍ ସ୍ଥାନରେ ପହଞ୍ଚିହେବ । ଏଥିପାଇଁ ମହଲରେ ମହଲରେ ଉପରକୁ ବା ତଳକୁ ଯିବାପାଇଁ ଏସ୍କାଲେଟର (ଚଳମାନ ପାହାଚ) ବା ଲିଫ୍ଟ ବ୍ୟବହାର କରିବାକୁ ପଡ଼ିଥାଏ । ଆମ୍ଭମାନଙ୍କୁ ଲଣ୍ଡନ ହିଥ୍ରୋ ଏୟାରପୋର୍ଟର ସେଣ୍ଟ୍ରାଲ ଟାର୍ମିନାଲ ନମ୍ବର ୩ରେ ଉଡ଼ାଣ ନମ୍ବର ବି. ଏ. ୦୦୦୩ ପାଇଁ ରିପୋର୍ଟ କରିବାକୁ କୁହାଯାଇଥିଲା । (ସମ୍ପ୍ରତି ତାହା ବଦଳି ୪ ନମ୍ବର ହୋଇଛି) । ମୋ ପଛେ ପଛେ ଶ୍ରୀ ସିଂହ ଚାଲୁଥିଲେ ହେଁ, ଲିଫ୍ଟରେ ତା'ଙ୍କ ଟ୍ରଲିଟିକୁ ନେବାରେ ବଡ଼ ଅସୁବିଧାରେ ପଡ଼ିଲେ । ମୁଁ ଆଗେଇଗଲି, ତାଙ୍କୁ ୩ନମ୍ବର ସେଣ୍ଟ୍ରାଲ ଟାର୍ମିନାଲରେ ବହୁତ ସମୟ ପର୍ଯ୍ୟନ୍ତ ନପହଞ୍ଚିବାର ଦେଖି ମୁଁ ଫେରିଲି । ସେ ବାଟରେ ଗୋଟିଏ ଲିଫ୍ଟରେ ଅଟକି ରହିଥିଲେ, ଜିନିଷଭରା ବକ୍ସଗୁଣୁ ଲିଫ୍ଟ ବନ୍ଦହୋଇ ଯାଇଥିଲା । ତାଙ୍କ ଲିଫ୍ଟ କବାଟକୁ ଗୋଟିଏ ହାତରେ ଚିପିରଖି ମୁଁ ତାଙ୍କୁ ପାର କରାଇ ସାଙ୍ଗରେ ନେଲି । ସେ ଗୁଡ଼ାଏ ଜିନିଷ ଟ୍ରଲିରେ ରଖିଥାନ୍ତି, ଭଲକରି ବାନ୍ଧି ନଥାନ୍ତି । ଭିଡ଼ ଭିତରେ ତା'ଙ୍କ ଟ୍ରଲିକୁ ପୁରାଇଲାବେଳେ ଗୋଟିଏ ନା ଦୁଇଟି ଜିନିଷ ଖସିପଡ଼ୁଥାଏ । ତେଣୁ ସେ ଲିଫ୍ଟରୁ ବାହାରିଆସି ପୁଣି ଅଡୁଆରେ ବାନ୍ଧୁଥାଆନ୍ତି । ମୁଁ ଆଗରେ ଚାଲି ଯାଉଥିବାରୁ ମୋତେ ନ ଦେଖି ସେ ବଡ଼ ନର୍ଭସ୍ ହୋଇ ଯାଇଥିଲେ । ଡରରେ ତାଙ୍କ ଦେହସାରା ଝାଳ ବୋହି ଯାଉଥିଲା । ମୋର ଫେରିବା ଦେଖି ସେ ଗୋଟିଏ ବଡ଼ ଲଜରୁ ରକ୍ଷା ପାଇଗଲେ ।

ଆମେ ସମସ୍ତେ ସରକାରୀ ପଇସାରେ ଯାଇଥିବାରୁ ଆମ୍ଭମାନଙ୍କୁ ଇକନମି କ୍ଲାସ୍‌ରେ ଟିକଟ ମିଳିଥିଲା । ବ୍ରିଟିଶ୍ ଏୟାରୱେଜ ବିମାନରେ ଚାରୋଟି

ଶ୍ରେଣୀ ଅଛି । ପ୍ରଥମ ଶ୍ରେଣୀ, କ୍ଲବ, ଇକନମି ଓ ଟୁରିଷ୍ଟ । ଗଲାବେଳେ ଆମପାଇଁ ବ୍ରିଟିଶ୍ କାଉନସିଲ ୮୯୪୮ ଟଙ୍କା ଦେଇ ଦିଲ୍ଲୀରୁ ଲଣ୍ଡନ ଟିକଟ କରିଥିଲେ । ଫେରିବା ଟିକଟ ପାଇଁ ମୋଟେ ୨୮୨ ପାଉଣ୍ଡ ଦେବାକୁ ପଡ଼ିଥିଲା । ତେତେ-ବେଳର ବିନିମୟ ହାର ପାଉଣ୍ଡକୁ ୧୬ ଟଙ୍କା ଧରିଲେ ଏହା ପ୍ରାୟ ୪୫୧୨ ଟଙ୍କା ହେବ । ଅର୍ଥାତ୍ ବିଲାତରୁ ଭାରତକୁ ଆସିବା ଭଡ଼ା ଭାରତରୁ ବିଲାତକୁ ଯିବା ଭଡ଼ାର ଅଧା । ପାଶ୍ଚାତ୍ୟ ଦେଶରେ ପ୍ରତିଯୋଗିତା ଯୋଗୁ ବିମାନ ଭଡ଼ା ଖୁବ ଶସ୍ତା । ବିଲାତ ତଥା ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ଥଳଭାଗର ଯାତ୍ରା ଭଡ଼ା ଆମ ଦେଶ ତୁଳନାରେ ଖୁବ୍ ବେଶୀ । ଅକ୍ସଫୋର୍ଡ଼ରୁ ଲଣ୍ଡନ ପ୍ରାୟ ୬୦ କିଲୋମିଟର ଟ୍ରେନ୍‌ରେ ୬ ପାଉଣ୍ଡ (୯୬ଟଙ୍କା) ଓ ବସ୍‌ରେ ୪ ପାଉଣ୍ଡ (୬୪ ଟଙ୍କା) ପଡ଼ୁଥିଲା । ଏହା ତେତେବେଳେ ଆମ ଦେଶ ତୁଳନାରେ ଖୁବ୍ ବେଶୀ ମନେ ହେଉଥିଲା । କିନ୍ତୁ ଉଡ଼ାଜାହାଜ ଭଡ଼ାରେ ପାଶ୍ଚାତ୍ୟ ଦେଶମାନେ ଆମ ଦେଶ ତୁଳନାରେ ଖୁବ୍ ଶସ୍ତା । ଆମ ଦେଶରେ ମଧ୍ୟ ଆମ ସରକାର ବିଦେଶୀମାନଙ୍କ ପାଇଁ ଶସ୍ତା ଭଡ଼ା ଲାଗୁ କରିଛନ୍ତି । ଉଦାହରଣ ସ୍ୱରୂପ, ୧୯୮୪ରେ ଦୁଇଶହ ଡଲାରର ଟିକଟ କଲେ ଭାରତସାରା ଟୁରିଷ୍ଟ ଶ୍ରେଣୀରେ ବିମାନରେ ବୁଲି ଆସିହେଉଥିଲା । ଏହାର ଭାରତୀୟ ମୂଲ୍ୟ ୩୨୦୦ ଟଙ୍କା । କେବଳ ଭୁବନେଶ୍ୱରରୁ ବାରାଣସୀ ବାଟଦେଇ ଦିଲ୍ଲୀଯାଇ ଭୁବନେଶ୍ୱର ଫେରି ଆସିବାକୁ ଆମକୁ ୨୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଥିଲା । ଧନୀବାଲାମାନେ ଉଡ଼ାଜାହାଜରେ ଯାଆନ୍ତି ବୋଲି ଧାରଣାକରି ବିମାନ ଭଡ଼ାକୁ ବେଶି ରଖାଯାଇଛି । ଏହି ଅତିଭଡ଼ା କାରଣରୁ କାଳେ ଭାରତୀୟ ବିମାନରେ କେହି ଯାତ୍ରା କରିବେ ନାହିଁ, ସେଥିଲାଗି ଭାରତ ସରକାର ନିୟମ କରିଛନ୍ତି ଯେ, ସରକାରୀ ତଥା ସରକାର କର୍ତ୍ତୃତ୍ୱାଧୀନ କମ୍ପାନୀର କର୍ମଚାରୀମାନେ ଭାରତୀୟ ବିମାନରେ ବିଦେଶ ଯାତ୍ରା କରିବାକୁ ବାଧ୍ୟ । ଅନ୍ୟ ପକ୍ଷରେ ଭାରତରୁ ବହିର୍ଗତ ହେଉଥିବା ବିଦେଶୀ ବିମାନ କମ୍ପାନୀମାନେ ମଧ୍ୟ ଭାରତୀୟ ବିମାନ ଆଦାୟ କରୁଥିବା ଭଡ଼ାଠାରୁ କମ୍ ନେଇ ପାରିବେ ନାହିଁ ବୋଲି ସରକାରୀ ରାଜିନାମା ଅଛି । କେତେକ ଲୋକ ଏହି ନିୟମକୁ ଏଡ଼ାଇବା ପାଇଁ ଦିଲ୍ଲୀ ବା କଲିକତାରୁ ଢାକା ବା କାବୁଲକୁ ଟିକଟ କରି ସେଠାରୁ ବିଲାତ ବା ଆମେରିକାକୁ ଟିକେଟ କରନ୍ତି ।

# ବିଲାତି ଖାଦ୍ୟ ଓ ଖାଦ୍ୟ ରୁଚି

ଆରେବାବୁ ! ବିଲାତ ଯାଉଛୁ, ଟିକେ ଦେଖି ଶୁଣି ଚଳିବୁ । ନହେଲେ, ଫେରିବାବେଳକୁ ମାତାଲ ହୋଇଯାଇଥିବୁ ।

ମୋର ବିଲାତ ଯିବା କଥା ଶୁଣି ଚିହ୍ନା ଜଣା ଲୋକଙ୍କ ଭିତରୁ ବହୁତ ଏମିତି କହିଲେ । କହିଲେ ନୁହେଁ, ଆଶଙ୍କା କଲେ ।

ବହୁତ ଲୋକଙ୍କ ଧାରଣା, ଲୋକ ପିଆପିଇ ନକଲେ ବିଲାତରେ ଚଳିପାରିବ ନାହିଁ ।

ଦିଲ୍ଲୀରୁ ଅପ୍ରେଲ ୨୬ ତାରିଖରେ ବ୍ରିଟିଶ ଏୟାରୱେଜ ବିମାନରେ ବସିବାର ଘଣ୍ଟାକ ଭିତରେ ମୁଁ ବି ଏମିତି ଧାରଣା କରିଥିଲି । ବିମାନ ପରିଚାରିକା (ଏୟାରହୋଷ୍ଟେସ୍)ମାନେ ପ୍ରଥମେ ଯେତେବେଳେ ପାନୀୟ ଦେବା ଆରମ୍ଭ କଲେ, ସେଥିରେ ଥିଲା ସ୍କଚ୍, ହ୍ୱିସ୍କି, ଜିନ୍ ଆଉ ଅନ୍ୟାନ୍ୟ । ସେରି, ବିଅର ମଧ୍ୟ । କିନ୍ତୁ ମୋ ଭଳିଆ ଲୋକ କଣ ନେବ ? ମୁଁ ତ, କେବେ ପିଏ ନାହିଁ । ମଦ ବା ତଦ୍ରୂପ ପାନୀୟ ପିଏନାହିଁ । ବଜାରିର କୌଣସି ପ୍ରକାର କୃତ୍ରିମ ପାନୀୟ ପିଏନାହିଁ । କୋଉଠି ଭେଜାଲ ତ ଆଉ କୋଉଥିରେ କୃତ୍ରିମତା ଖୁବ୍ ବେଶି । ଏମିତି ବସ୍ତୁବହୁ କରି ବେଳେ ବେଳେ ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼େ ।

ସାମନା ସିଟ୍‌ର ପଛପଟେ ଥିବା ପକେଟ୍‌ରୁ ପତ୍ରିକା କାଢ଼ି ପଢ଼ିଲି, **British Airways High Life** ହେଉଛି ବ୍ରିଟିଶ୍ ଏୟାର ୱେଜ୍‌ର ମୁଖପତ୍ର । ଉଡ଼ାଣ ବିଷୟରେ ଲେଖାଟି ପଢ଼ି ଜାଣିଲି ଯେ, ମଦଛଡ଼ା ବି ପାନୀୟ ମିଳେ ।

ମୁଁ ମାଗିଦେଲି ସୋଡ଼ାପାଣି । ଦେଖିଲି ସେଥିରେ କୁଇନାଇନ୍ ମିଶିଛି । ପିତା ଲାଗୁଛି । କାଳେ ଭାରତରୁ ଆସିଥିବା ଲୋକେ ମେଲେରିଆ ଜୀବାଣୁଧରି ଆସିଥିବେ, ସେଥିପାଇଁ କୁଇନାଇନ୍ ମିଶାଯାଇଛି । ପାଣି ପିଇବାକୁ ମାଗିଲି, ମିଳିଲା -ନେଚ୍ରାଲ ୱାଟର—ଖଣିଜଦ୍ରବ୍ୟ ମିଶ୍ରିତ ପାଣି । ଅର୍ଥାତ୍ ପାହାଡ଼ ଝରଣାରୁ ଜୀବାଣୁ ରହିତଜଳ ସିଧା ସଲଟ ବୋତଲରେ ଭର୍ତ୍ତି ହୋଇଛି । ଯଦ୍ଧ

ବିଶୁଦ୍ଧ ଜଳ ପିଇବାକୁ ଚାହିଁ, ତେବେ ଶୌଚାଳୟ ପାଖରେ ବା କ୍ୟାବିନ କାନ୍ଥ ପାଖରେ ଥିବା ନଳ (ଟାପ୍)କୁ ନିଜେ ଯାଇ ପାଣି ନେଇଆସ ।

## ବିମାନ ଯାତ୍ରାରେ ପାଣି ଦରକାର; ମଦ ନୁହେଁ :

ବିମାନରେ କାହିଁକି ପାଣି ପିଇବା ନିଶ୍ଚୟ ଦରକାର, ସେ ବିଷୟରେ ପଢ଼ି ଜାଣିବା ଦରକାର । ବିମାନ ବାୟୁମଣ୍ଡଳର ଊର୍ଦ୍ଧ୍ୱ ଅଂଶକୁ ଯାଏ । ପୃଥିବୀ ଚାରିପଟେ ଯେଉଁ ବାୟୁମଣ୍ଡଳ ଘେରି ରହିଛି, ତାହାର ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ଅଛି । ଆମେ ଆକାଶରେ ଯେତେ ଉଚ୍ଚକୁ ଉଠିବା, ବାୟୁମଣ୍ଡଳର ଉଚ୍ଚତା ସେତେ କମିବ, ଅର୍ଥାତ୍ ଆମ ଉପରେ ବାୟୁର ଚାପ ସେତେ କମ୍ ହେବ । ଦେହଭିତରେ ଥିବା ପବନ ଓ ତାହାର ଜଳୀୟଅଂଶ ସବୁ ଭୂ-ପୃଷ୍ଠର ବାୟୁଚାପ ସହିତ ମେଳ ରଖି ରହିଥାଏ । ବାୟୁଚାପ କମିଗଲେ ସେଗୁଡ଼ିକ ଆୟତନରେ ବଢ଼ିଯାଏ, ତେଣୁ ଦେହରୁ ବାହାରିଯିବାର ଚେଷ୍ଟାକରେ । ଏହି କାରଣରୁ କେତେକ ଯାତ୍ରୀ ବାନ୍ତିକରି ପକାନ୍ତି । ସାଧାରଣ କଲମରୁ କାଳି ବାହାରିପଡ଼ି ଲୁଗା ପକେଟକୁ ରଙ୍ଗ କରିଦିଏ । ବାନ୍ତି କରୁଥିବା ଲୋକଙ୍କ ପାଇଁ ବାନ୍ତି ଥଳି **(sicknessbag)** ଆଗ ସିଟ୍‌ର ପଛପାଖେ ଥିବା ପକେଟ୍‌ରେ ଥାଏ । ବାୟୁ ହାଲୁକା ହେଉଥିବା କାରଣରୁ ଯାତ୍ରୀମାନଙ୍କ କାନ ବଧିର ହୋଇଯାଏ । ବିମାନ ଯାତ୍ରାର ଦୁଃଖକଷ୍ଟ, ସୁଖ ସୁବିଧା କହିବାକୁ ତ ବହୁତ ସମୟ ଲାଗିବ । ଏଠାରେ କେବଳ କାହିଁକି କିଛି ପିଇବା ଦରକାର ସେହି କଥା କହୁଛି ।

ଦେହରୁ ଜଳଅଂଶ କିଛି କିଛି ପରିମାଣରେ ବାହାରି ଯାଉଥିବାରୁ, ବିମାନ ଯାତ୍ରାରେ ଦେହ ଶୋଷିଲା ଧରିଯାଏ; ବିଶେଷ କରି ଯଦି ବିମାନଯାତ୍ରା ଚାରିଘଣ୍ଟାରୁ ବେଶି ସମୟ ନିଏ, ଦେହରେ ଡିହାଇଡ୍ରେସନ (dehydration, ପାଣିର ଅଭାବ ହେତୁ ରୋଗ) ଲକ୍ଷଣ ଦେଖାଯାଏ । ଏଥିପାଇଁ ପ୍ରତ୍ୟେକ ବିମାନ ଯାତ୍ରୀଙ୍କୁ ଆଉ କିଛି ଦିଆଯାଉ ନ ଯାଉ, କିଛି ପାଣୀୟ ପିଇବାକୁ ଦିଆଯାଏ ।

ମନେରଖିବାକୁ ହେବଯେ, ମଦ (alcohol) ଜଳର ଅଭାବ ମେଣ୍ଟାଏ ନାହିଁ । ବରଂ ଅଭାବ ବଢ଼ାଏ, ଏଥିପାଇଁ "ହାଏଲାଇଟ" (ବ୍ରିଟିଶ୍ ଏଆରୱେଜ କମ୍ପାନୀର ମୁଖପତ୍ର)ରେ ଲେଖାଅଛି—**Alcohol speeds up the dehydration Process,** ଯେଉଁ ବିଲାତ ଲୋକେ

ଏପରି ଲେଖିଛନ୍ତି ସେମାନେ କପରି ମୋତେ ମଦ୍ୟପ କରି ଛାଡ଼ିବେ, ସେଇକଥା ମୁଁ ବିମାନଯାତ୍ରା ସମୟତକ ଭାବୁଥିଲି ।

ମୁଁ ଯେଉଁ ବିମାନରେ ଯାତ୍ରା କରିଥିଲି ତାହା **Tri-Star** (ତ୍ରି-ତାରକା) ଜାତୀୟ ବିମାନ; ତହିଁରେ ପ୍ରତି ଶୌଚାଳୟ ନିକଟରେ ଓ କାବିନ ବିଭାଜକ କାନ୍ଥରେ ପିଇବା ପାଣି ପାଇଁ ନଳ ବା ଟ୍ୟାପ୍ ଥାଏ; ବିମାନ ପରିଚାରିକା ତାକୁ ପିଇବା ପାଣିର ଝର **(Drinking water fountain)** ବୋଲି କହୁଥାଏ । ପାଖରେ ଗୁଡ଼ାଏ ପ୍ଲାଷ୍ଟିକ ଗିଲାସ ଥାକ ହୋଇ ସଜଡ଼ା (ସ୍ପ୍ରିଙ୍ଗ ବ୍ୟବସ୍ଥା ଦ୍ୱାରା) ହୋଇଥାଏ । ଥାକ ତଳୁ ଗୋଟିଏ କାଢ଼ିନେଲେ, ଆଉ ଗୋଟିଏ ସେ ସ୍ଥାନକୁ ଆସିଯାଏ; ଅନ୍ୟ ଗୁଡ଼ିକ ଲୁଚି ରହିଥାଏ । ପାଣି ବେଶ୍ ଥଣ୍ଡା ଥାଏ । ଯଦି କେହି ଯାଇ ପରିଚାରିକାକୁ କିଛି ପାଣି ମାଗିବ, ସେ କୁଇନାଇନ,ସୋଡ଼ା ବା ସାଧାରଣ ମିନେରାଲ ପାଣିର ବୋତଲ ବା ଟିଣଟିଏ **(can)** ଆଣି ଥୋଇଦେବ । ବୋତଲ ଅପେକ୍ଷା ଟିଣ ବା କ୍ୟାନର ପ୍ରଚଳନ ଖୁବ୍ ବେଶି । କ୍ୟାନ୍‌ଟି ପତଳା ଟିଣରେ ତିଆରି; ଉପରଆଡ଼ୁ ଖୋଲିବା ପାଇଁ (ଫଟିବାପାଇଁ କହିଲେ ଠିକ୍ ବୁଝାଇବ) ଏଥିରେ ଦାଗ ଦିଆହୋଇ ଗୋଟିଏ ମୁଦି ଥାଏ, ତାକୁ ଟାଣିଦେଲେ କ୍ୟାନ୍ ଫଟା ହୋଇଯାଏ, ପାନୀୟ ପିଇ ହୁଏ । ବିମାନ ଭିତରେ ପ୍ରାୟ ଘଣ୍ଟାକୁ ଘଣ୍ଟା କିଛି ନା କିଛି ଖାଇବାକୁ ମିଳୁଥାଏ । ସବୁ ବିମାନ ଯାତ୍ରା ଭଳି ଏଥିରେ ମଧ୍ୟ ଖାଦ୍ୟ ଶୁଖିଲା, ଶୁଖିଲା । ଘରେ ଯେମିତି ଝୋଳ, ତରକାରି, ସେମିତି ନୁହେଁ । ଭାତ ନଥାଏ । ମୁଁ ଶୁଣିଲି ଆଗରୁ ଜଣାଇଲେ, ଭାତ ବି ମିଳିପାରେ, କିନ୍ତୁ ଶୁଖିଲା ଝର ଝର ଜଗନ୍ନାଥଙ୍କ ଅବଢ଼ାଭଳି । ସେ ଭାତକୁ ପଲଉ କହିପାରିବ ନାହିଁ କି ଖେଚୁଡ଼ି କହିପାରିବ ନାହିଁ । ମସି ମସିଲିଆ, ଦରସିଝା ରଙ୍ଗରଙ୍ଗିଆ ଖେଚୁଡ଼ି କହିଲେ ଠିକ ହେବ । ଇଂରେଜ ଲୋକେ ସିଝା ଜାଣନ୍ତି ନାହିଁ—ଜଣେ ସହଯାତ୍ରୀ କହିଲେ । ଆଉ ଜଣେ କହିଲେ ଲାଜକରି ଉପବାସ ରହିବ କାହିଁ ? ହକ ପଇସା ଦେଇଛନ୍ତି ? ସେ ବାବୁ କହୁଥିଲେ ହକ ପଇସା ଦେଇଛ ଯେତେବେଳେ ଗୁଡ଼ାଏ ପିଇବ ନାହିଁ କାହିଁକି ? ମୁଁ ବି ଦେଖିଲି ଇଂରେଜ ପିଲାମାନେ ଲୁଚି ଲୁଚି ଗୋଟାକ ପରେ ଗୋଟାଏ ଛୋଟ କ୍ୟାନ୍ (ଖୁବ୍ ଛୋଟ ପ୍ରାୟ ୧୦୦ ମିଲିଲିଟର ପରିମାଣର ଟିଣ) ପକେଟରେ ପୁରାଇ ସିଟ୍‌କୁ ଚାଲି ଯାଉଥାନ୍ତି । ବିମାନ ପରିଚାରିକା ନିଜର ଠେଲାଗାଡ଼ି (ଟ୍ରଲି) ଛାଡ଼ି ଏଣେତେଣେ ଯାଇଥିବାବେଳେ ଏ ସବୁ ଘଟେ । ମୁଁ ତ ପିଏ ନାହିଁ, ତେଣୁ ଏ ବିଷୟରେ ଅଧିକା ଜାଣିବାର ଚେଷ୍ଟା କଲିନାହିଁ ।

## ଆମେ ଗୋଟିଏ ଗୋଟିଏ ଭଣ୍ଡ :

ଯେଉଁ ଭାରତୀୟମାନେ ପିଇବାରେ ବାଛ ବିଚାର କରନ୍ତି ନାହିଁ, ସେମାନେ ଖାଇବାରେ ବେଶ୍ ବାଛ ବିଚାର କରନ୍ତି । ହିନ୍ଦୁ ହେଉ କି ମୁସଲମାନ ହେଉ କିଏ ଗୋମାଂସ ଖାଇବ ନାହିଁ ତ କିଏ ଘୁଷୁରି ମାଂସ ଖାଇବ ନାହିଁ । କୁକୁଡ଼ା କି ମେଣ୍ଢା ମାଂସ ଖାଇଲେ ବି ମୁସଲମାନମାନେ ବାଛିବେ କିପରି ଜନ୍ତୁଟା ମରିହେଲା । ଯଦି ବେକ ଅଧାକଟା ହୋଇ ମରି ହୋଇଛି, ହଲାଲ କରାଯାଇଛି, ତେବେ ଖାଇବେ; ବେକ ପୁରା କାଟି ମରି ହୋଇଥିଲେ ବା ମୋଡ଼ିଦେଇ ମରି ହୋଇଥିଲେ, ତାହା ହିନ୍ଦୁ ବ୍ୟବସ୍ଥା ହେଲା ତେଣୁ ଖାଇବେ ନାହିଁ । ଏମିତି ବାଛ ବିଚାର କରୁଥିବା ଭାରତୀୟମାନେ (କେବଳ ଭାରତୀୟ କାହିଁକି, ଏସୀୟ-ମାନେ) ମଦ୍ୟପାନ କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ହିନ୍ଦୁମାନଙ୍କ ଦେବତା ଓ ମୁନି, ଋଷିମାନେ ପରା ସୋମରସ ପିଅନ୍ତି !

ଯଦି ଗୋମାଂସ ବା ଘୁଷୁରି ମାଂସ ଖାଇବାରେ ଘୃଣା ଅଛି, ଜଣାଇ-ଦେଲେ ବିମାନ ପରିଚାରିକା ବା ପରିଚାରକମାନେ ମେଣ୍ଢା ମାଂସ ଦେବେ ଅଥବା ପକ୍ଷୀମାଂସ ଦେବେ । ବିଲାତ ଲୋକେ ଛେଳି ପାଳନ୍ତି ନାହିଁ । ଏ ଗୁଡ଼ାକ ଗଛପତ୍ର ଆଗ ଚୁଙ୍ଗି ଦେଇ ମରୁଭୂମି ତିଆରି କରୁଛନ୍ତି, ତେଣୁ ଛେଳିମାଂସ ବିଲାତରେ ନାହିଁ । ଛେଳି ମିଳିବ ନାହିଁ, ମାଂସ ଖାଇବାର ଅଭ୍ୟାସ ମେଣ୍ଟିବ କିପରି ?

ବିଲାତ ଥଣ୍ଡା ଦେଶ । ଲୋକଙ୍କ ଖାଦ୍ୟର ଅଧିକାଂଶ ବିଲାତ ବାହାରୁ ଆସିଥାଏ । ବିଲାତରେ ହେଉଥିବା ପରିବାପତ୍ର ଖୁବ୍ କମ ଏବଂ ଗ୍ରୀଷ୍ମ ଋତୁରେ ମିଳିଥାଏ । ସୁଷମ ଖାଦ୍ୟ ପାଇଁ ଇଂରେଜମାନେ ମାଂସ ଉପରେ ନିର୍ଭର କରନ୍ତି । ବିଭିନ୍ନ ମାଂସ ମଧ୍ୟରେ ଇଂରେଜମାନେ ଗୋମାଂସ (ବିଫ୍)କୁ ସବୁଠାରୁ ବେଶି ପସନ୍ଦ କରନ୍ତି । ତା ତଳକୁ ଘୁଷୁରିମାଂସ (ପୋର୍କ) । ତା ତଳକୁ ମେଣ୍ଢା ମାଂସ ବା ଲ୍ୟାମ୍ବ । ମେଣ୍ଢା ଛୁଆକୁ Lamb କୁହାଯାଏ, କିନ୍ତୁ ସେ ଦେଶରେ ବୟସ ନିର୍ବିଶେଷରେ ସବୁ ମେଣ୍ଢାର ମାଂସକୁ ଲ୍ୟାମ୍ବ କହନ୍ତି; ଲ୍ୟାମ୍ବ ମିଟ୍ ବା ମଟନ୍ ଏମିତି ଶବ୍ଦ ବ୍ୟବହାର ହୁଏନାହିଁ ।

ତା ତଳକୁ କୁକୁଡ଼ା ମାଂସ—ଏହାକୁ ଫାଉଲ ବା ଚିକେନ କହନ୍ତି । କୁକୁଡ଼ା ମାଂସ ବୋଇଲେ ଯେତେ ଉଡ଼ନ୍ତାପକ୍ଷୀ ସବୁର ମାଂସକୁ ବୁଝାଏ । ବତକ ବି ମିଳିଥାଏ ଏହି ନାଆଁରେ । ଆମ ଦେଶରେ ମୁସଲମାନମାନେ

ଗୋମାଂସ ଖାଆନ୍ତି । ସେମାନେ ଯେଉଁ ଗୋରୁ ଏଥିପାଇଁ ମାରନ୍ତି ତାର ସ୍ୱରୂପ ଓ ଅବସ୍ଥା ଦେଖିଲେ ନ ଖାଉଥିବା ଲୋକ ଘୃଣା କରିବ । କିନ୍ତୁ ବିଲାତରେ ଲୋକେ କେବଳ ମାଂସ ପାଇବା ପାଇଁ ବାଛୁରି ପାଳନ୍ତି । ଯେମିତି ଆମେ କୁକୁଡ଼ା ବା ଖାସି ପାଳୁଁ । ବାଛୁରିଙ୍କୁ ଖୋଇପେଇ ମୋଟା କରାଯାଏ, ଦୁଧ ପାଇଁ ବା ହଳ କରିବାପାଇଁ ନୁହେଁ—କେବଳ ମୋଟା ହେବା ପାଇଁ । ଯେମିତି କୁକୁଡ଼ା କୃଷି ବ୍ରଏଲର (broiler) ବଢ଼ାଏ । ଅଧିକାଂଶ ବାଛୁରି ବର୍ଷକ ଭିତରେ ମରାଯାନ୍ତି । ଆମ ଦେଶରେ ବୁଢ଼ା ହଡ଼ା ଗାଈ ବା ବଳଦ ମାରି ମାଂସ କରାଯାଏ ବୋଲି ଆମର ସେ ମାଂସ ପ୍ରତି ଘୃଣା ହୋଇଥାଏ । ମୁସଲମାନ-ମାନଙ୍କ ଧର୍ମ ମତ ଅନୁଯାଇ ଯଦି ଜନ୍ତୁଟାର ତଣ୍ଟି କଟାହୋଇ ଭୂଇଁରେ ରକ୍ତ ସବୁ ନିଗିଡ଼ି ନଗଲା, ତେବେ ସେ ମାଂସ ଭୋଜନ ଯୋଗ୍ୟ ନୁହେଁ । ଏହି କାରଣରୁ ବିଲାତରେ ଏସୀୟ ଲୋକଙ୍କ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ଭାରତୀୟ ହୋଟେଲ ଓ ରେସ୍ତୋରାଁ ବଢ଼ି ଚାଲିଛି । ସାଧାରଣତଃ ପାକିସ୍ଥାନୀ ବା ବାଙ୍ଗ୍ଲାଦେଶୀମାନେ ସ୍ଥାପନ କରିଥାନ୍ତି; ବିଲାତର ଲୋକେ ସେଗୁଡ଼ିକୁ ଭାରତୀୟ ଭୋଜନାଳୟ କହନ୍ତି । ନ କହନ୍ତେ ବା କାହିଁକି ? ସ୍ୱାଧୀନତା ପୂର୍ବରୁ ବାଙ୍ଗ୍ଲା-ଦେଶ, ପାକିସ୍ଥାନ, ଶ୍ରୀଲଙ୍କା ଓ ଭାରତ ସବୁତ ଗୋଟିଏ ଦେଶ—ଭାରତ-ଥିଲା ।

ମୁଁ ଓ ମୋଭଳି ଆଉ କେତେଜଣ ମିଶି ଲଣ୍ଡନର ହିଥ୍ରୋ ଏଆର-ପୋର୍ଟରୁ ବିମାନରୁ ଓହ୍ଲାଇ ଭିକ୍ଟୋରିଆ ଷ୍ଟେସନକୁ ଗଲୁ । ସେଠାରେ ବ୍ରିଟିଶ୍ କାଉନସିଲର କର୍ମଚାରୀମାନେ ଆମର ସରକାରୀ କାଗଜପତ୍ର ଦେଖିଲେ ଓ ଲଣ୍ଡନରେ ଅପ୍ରେଲ ୨୧ ତାରିଖ ପର୍ଯ୍ୟନ୍ତ ରହିବା ପାଇଁ ହୋଟେଲ ବନ୍ଦୋବସ୍ତ କରିଦେଲେ । ବ୍ଲୁମ୍ସବରି ଅଞ୍ଚଳର ଅପର-ଉବର୍ଣ୍ଣ ପ୍ଲେସରେ ଥିବା କୋରା (cora) ହୋଟେଲ । ଦୁଇ ଶଯ୍ୟା ବିଶିଷ୍ଟ ଗୋଟିଏ ପ୍ରକୋଷ୍ଠରେ ମୁଁ ଜଣେ ସାଙ୍ଗ ସହିତ ରହିଲି । ଜଣକା ବେଡ୍ ପ୍ରତି ଦିନକୁ ୧୪ ପାଉଣ୍ଡ—ତେତେ-ବେଳର ବିନିମୟ ହାର ଅନୁଯାଇ ପ୍ରାୟ ୨୨୦ ଟଙ୍କା । ଲଣ୍ଡନ୍‌ରେ ପାଞ୍ଚଦିନ ରହଣି ପାଇଁ ବ୍ରିଟିଶ୍ କାଉନସିଲ ପ୍ରତ୍ୟେକଙ୍କୁ ୧୩୦ ପାଉଣ୍ଡ ଦେଇଥାଏ । ଏହାଛଡ଼ା ୨୧ ତାରିଖରେ ଅକ୍ସଫୋର୍ଡ଼ ଯିବାକୁ ଗୋଟିଏ ରେଲ ଟିକେଟ୍ ଧରାଇ ଦେଇଥାଏ ।

ଏ ହୋଟେଲ ଖୁବ୍ ଶସ୍ତା । ତେଣୁ ତିନ ଚାରୋଟି ରୁମ୍ ପାଇଁ ଗୋଟିଏ ଗୋଟିଏ ସର୍ବ ସାଧାରଣ ସ୍ନାନ ଓ ଶୌଚ ଗୃହ ଥାଏ । ରୁମ୍‌ରେ ଗରମ ଓ ଥଣ୍ଡାପାଣି ଯୋଗାଣ ବ୍ୟବସ୍ଥା ଥାଏ । ରଙ୍ଗିନ ଟେଲିଭିଜନ ମଧ୍ୟ ଥାଏ ।

ପହଞ୍ଚିଲା ପରେ ଆମ ସମସ୍ତଙ୍କର ଚିନ୍ତା ଥିଲା ଖାଇବା ପିଇବାରେ ଖୁବ୍ କମ୍ ଖର୍ଚ୍ଚ କରିବା; ଅନ୍ତତଃ ଭତ୍ତାରୂପେ ମିଳୁଥିବା ଅର୍ଥରେ ଚଳିଯିବା, ନିଜ ପଇସା ଛୁଇଁବା ନାହିଁ । ଯଦି ଛୁଇଁବା, ଖୁବ୍ କମ୍ । ପଇସା ବଳିଲେ କିଛି ବିଲାତି ଜିନିଷ କିଣିବା । ନହେଲେ ବିଲାତ ଆସିଥିଲୁ ବୋଲି ଲୋକେ କହିବେ କିମିତି ?

## ବିଲାତି ଜଳଖିଆ :

ହୋଟେଲରେ ଯେଉଁ ରୁମ୍ ଭଡ଼ା ନିଆଯାଏ, ତାହାରି ଭିତରେ ସକାଳର ଜଳଖିଆ (ବ୍ରେକ୍‌ଫାଷ୍ଟ) ମାଗଣା ମିଳେ । ମାଗଣା ଜିନିଷଟା ବେଶି ଖାଇଦେଲେ, ଗୋଟିଏ ଅଧେ ବଖତ ଉପାସ ରହିହେବ ବୋଲି ସାଧାରଣତଃ ଭାବିବା କଥା । କିନ୍ତୁ ଏହି ମାଗଣା ବ୍ରେକ୍‌ଫାଷ୍ଟର ପରିମାଣ ସୀମିତ ଥିଲା—ଏହାର ନାମ କଣ୍ଟିନେଣ୍ଟାଲ ବ୍ରେକ୍‌ଫାଷ୍ଟ ।

ବିଲାତି ଜଳଖିଆର ପରିମାଣ ଏଭଳି ସୀମିତ ନୁହେଁ । ମନଇଚ୍ଛା ଆଦେଶ ଦେଇ ଖାଇ ହୁଏ; ଅବଶ୍ୟ ସେଥିପାଇଁ ବେଶି ପଇସା ପଡ଼େ ।

ଏସବୁ ବୁଝିବାପାଇଁ ବିଲାତରେ ଖାଇବା ପଦ୍ଧତି ବୁଝିବା ଦରକାର । ଜଳଖିଆ ନାଆଁରେ ଇଂରେଜମାନେ ବେଶ୍ ପେଟେ ଖାଇ ଦିଅନ୍ତି, ଯଥେ ଯେପରି ଉପବାସ ଭାଙ୍ଗନ୍ତି । ଜଳଖିଆର ନାମକରଣ ହୋଇଛି ବ୍ରେକ୍ ଫାଷ୍ଟ । ସକାଳ ଆଠଟାରୁ ଦଶଟା ଭିତରେ ଏ ଉପାସ ଭାଙ୍ଗିବା ସରିଯାଏ । ସାଢ଼େ ବାରଟାରୁ ଦୁଇଟା ଭିତରେ ସେମାନେ ଯାହା ଖାଆନ୍ତି ତାହା ଲଞ୍ଚ୍ । ପରିମାଣ ବେଶୀ ନୁହେଁ । ଦିନଟାକୁ ଚଳେଇନେବା ପାଇଁ ଏତିକି ଖାଇବା କଥା । ଅନେକ ଲଞ୍ଚ୍ ପୁରାପୁରି ନ ଖାଇ ଖଣ୍ଡେ ଦିଖଣ୍ଡ ସାଣ୍ଡୱିଚ ଖାଇ ଦେଇ ଲଞ୍ଚ୍ କରିଦେଇଛନ୍ତି ବୋଲି କହନ୍ତି । ଅପରାହ୍ଣ ସାତଟା ଆଠଟା ବେଳକୁ ଦିବସର ମୁଖ୍ୟ ଭୋଜନ, ଇଂରାଜୀରେ ଡିନର୍ । ଅପରାହ୍ଣ ସାତଟା ଆଠଟା କହିଲି, ରାତି ସାତ, ଆଠ କାହିଁକି କହିଲି ନାହିଁ, ଏ ବିଷୟ ବୁଝାଇବାକୁ ହେଲେ ଭୂଗୋଳ ବହିର ଆଶ୍ରୟ ନେବାକୁ ହେବ । ଏତିକି କହିଲେ ଯଥେଷ୍ଟ ହେବ ଯେ, ଆମ ଦେଶରେ ଦିବାରାତ୍ର ୨୪ ଘଣ୍ଟା ଯେମିତି ଅଧା ଦିନ ଅଧା ରାତି ପ୍ରାୟ ସମାନ ଭାବରେ ବାଣ୍ଟି ହୋଇ-ଥାଏ, ବିଲାତରେ ସେମିତି ନୁହେଁ । ଆମେ କ୍ରାନ୍ତି ମଣ୍ଡଳୀୟ (Tropics ମଧ୍ୟବର୍ତ୍ତୀ) ଦେଶର ଲୋକ, କିନ୍ତୁ ବିଲାତ ଉତ୍ତର ଗୋଲାର୍ଦ୍ଧର ଆହୁରି ଉତ୍ତରକୁ । ବିଷୁବ ରେଖା ପରେ କ୍ରାନ୍ତି ରେଖା (ମକର, କର୍କଟ) ଉଭୟ ଉତ୍ତର ଓ ଦକ୍ଷିଣକୁ

ଅଛି । ତାପରେ ଯେତେ ଦୂରକୁ ଯିବା ଦିନ ଓ ରାତି ମଧ୍ୟରେ ପ୍ରଭେଦ ସେତେ ବଢ଼ିବ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଆମ ଦେଶରେ ଯେତେବେଳେ ଗ୍ରୀଷ୍ମ ଋତୁ, ସେତେବେଳେ ଉତ୍ତର ଗୋଲାର୍ଦ୍ଧର ଉତ୍ତର ଅଞ୍ଚଳରେ ରାତି ପରିମାଣଠାରୁ ଦିନ ପରିମାଣ ବେଶୀ । ସ୍ଥାନର ଅକ୍ଷାଂଶ ଯେତେ ବେଶି ଦିନ ପରିମାଣ ସେତେ ବେଶି; ଏପରିକି ମେରୁ ଅଞ୍ଚଳରେ ଛ'ମାସ ଦିନ ଓ ଛ'ମାସ ରାତି; ବର୍ଷଟା ସାରା ଗୋଟିଏ ଦିବସ ଭଳି ଭାଗ କରି ହେବ । ଆମ ଦେଶରେ ଯେତେବେଳେ ଶୀତ ଋତୁ (ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଅବସ୍ଥାନ କରି ସେଠାରେ ଗ୍ରୀଷ୍ମ ଋତୁ କରୁଥାଆନ୍ତି) ସେତେବେଳେ ରାତିର ପରିମାଣ ଦିନଠାରୁ ବେଶୀ । ମୁଁ ଯେତେବେଳେ ବିଲାତ ଯାଇଥିଲି ଅପ୍ରେଲରୁ ଜୁଲାଇ ମାସ । ତେଣୁ ଗ୍ରୀଷ୍ମ ଦିନ । ରାତିର ପରିମାଣ ଦଶଟାରୁ ପାଞ୍ଚଟା ଅର୍ଥାତ୍ ୭ ଘଣ୍ଟା ଥିଲାବେଳେ ଦିନର ପରିମାଣ ୧୭ ଘଣ୍ଟା । ଶୀତ ଦିନେ ଏହାର ଓଲଟା । ଗ୍ରୀଷ୍ମ ଦିନେ ସନ୍ଧ୍ୟା ହେଉଥିଲା ଦଶଟାରେ, କିନ୍ତୁ ଡିନର ଖିଆ ସାଢ଼େଟା ଆଠଟା ଭିତରେ । ଏହି କାରଣରୁ ମୁଁ ଅପରାହ୍ଣ ଶବ୍ଦ ବ୍ୟବହାର କରୁଛି । ରାତିରେ ଶୋଇବା ବେଳକୁ ଭୋକ ଲାଗିପାରେ । ଯେଉଁମାନେ ରାତିରେ ଖାଇବାକୁ ଚାହାଁନ୍ତି, ସେମାନେ ସପର୍ ଖାଆନ୍ତି, ଖୁବ୍ ହାଲୁକା ଭୋଜନ । ପାଠକମାନେ ବୁଝି ପାରୁଥିବେ, ଶୀତଦିନେ ବିଲାତ ଲୋକେ ଯେଉଁ ଡିନର ଓ ସପର ଖାଉଥିବେ, ତାହା କେବଳ ରାତିରେ ହିଁ ଖାଉଥିବେ । ବିଲାତି ଖାଇବା ବ୍ୟବସ୍ଥାରେ ଦୁଇଥର ପେଟଭରି ଖିଆଯାଏ—ବ୍ରେକ୍‌ଫାଷ୍ଟ ଓ ଡିନର୍ । ଆଉ ଦୁଇଥର ହାଲୁକା ଖିଆ ଲଞ୍ଚ୍ ଓ ସପର ।

ୟୁରୋପ ମହାଦେଶରେ ବିଲାତ, ଗ୍ରୀନଲାଣ୍ଡ ଭଳି ଦ୍ୱୀପପୁଞ୍ଜ ମୁଖ୍ୟ ଭୂ-ଖଣ୍ଡର ବାହାରେ । ଏଗୁଡ଼ିକର ଜୀବନଯାତ୍ରା ପ୍ରଣାଳୀ ଭିନ୍ନ । ମୁଖ୍ୟ ଭୂଖଣ୍ଡକୁ କଣ୍ଟିନେଣ୍ଟ ବା ମହାଦେଶ କୁହାଯାଏ । ମୁଖ୍ୟ ଭୂ-ଖଣ୍ଡରେ ଥିବା ଫ୍ରାନ୍‌ସ ଓ ଜର୍ମାନୀ ଆଦି ଦେଶରେ ଯେଉଁଭଳି ଜଳଖିଆ ଖିଆଯାଏ, ସେ ଭଳି ଜଳଖିଆକୁ କଣ୍ଟିନେଣ୍ଟାଲ ବ୍ରେକ୍‌ଫାଷ୍ଟ କୁହାଯାଏ । ୟୁରୋପୀୟ ମହାଦେଶରେ ବ୍ରେକ୍‌ଫାଷ୍ଟଟା ଗୌଣ; ଖୁବ୍ ହାଲୁକା । ଲଞ୍ଚ୍‌ଟା ବେଶ୍ ପେଟପୂରା । ସନ୍ଧ୍ୟାବେଳେ ଚା'ପାନ ବା ଜଳଖିଆ ଏବଂ ରାତିରେ ଡିନର୍ ।

ଆମ ଭଳି ଯେଉଁମାନେ ଜଳଖିଆଟା ଖାଇଦେଇ ଲଞ୍ଚଟା ଏଡ଼ାଇ ଦେବୁ ବୋଲି ଚାହୁଁଥିଲୁ ସେମାନଙ୍କ ପାଇଁ କଣ୍ଟିନେଣ୍ଟାଲ୍ ବ୍ରେକ୍‌ଫାଷ୍ଟ ଗୋଟିଏ ଅଭିଶାପ । ଗଣି ଗଣି ଗୋଟିଏ ସିଝା ଅଣ୍ଡା, ଗୋଟିଏ ବା ଦୁଇଟା ବନ, ରୁଟିଟିଏ

ସ୍ଲାଇସ୍ ବ୍ରେଡ୍, କପେ ଫଳରସ ଓ କପେ ଚା' ବା କଫି । ଏହା ସାଙ୍ଗରେ ମାପିଚୁପି ଜାମ୍ ବା ଜେଲି ବା ମାର୍ମଲେଡ୍—ଗୋଟିଏ ଗ୍ଲେଟ ପାକେଟରେ । ମୁଁ ଚା' ବା କଫି ଖାଏନାହିଁ କହିଲେ, ସେମାନେ ଅଧିକା କପେ ଦୁଧ ବା ଫଳରସ ଦିଅନ୍ତି ।

ହୋଟେଲରେ ମିଲ୍ ଦାମ ଖୁବ୍ ବେଶି । ଅଢ଼େଇ ପାଉଣ୍ଡରୁ କମ୍ ଖର୍ଚ୍ଚ କଲେ ସନ୍ତୋଷଜନକ ଭୋଜନ ମିଳିବ ନାହିଁ । ଲଣ୍ଡନରେ ରହିଥିବା ବେଳେ ଆମେ ନିଜ ଭତ୍ତା ପଇସାରୁ ନିଜ ଖର୍ଚ୍ଚ ଚଳାଇବା କଥା । ଆମେ ଠିକ୍ କଲୁ ହୋଟେଲରେ ନ ଖାଇ ସଦାରେ ଥିବା ଜଳଖିଆ ଦୋକାନରେ ଖାଇବୁ । ହାମ୍‌ବର୍ଗର ଓ ପଟାଟୋ ଚିପ୍‌ସ୍ ଶସ୍ତା ଲାଗିଲା । ଦେଖିଲୁ ଇଂରେଜ ଲୋକେ ମଧ୍ୟ ସେଇଆ ଚଳେଇଛନ୍ତି । ଚକୁଳି ପିଠା ଭଳି ଖଣ୍ଡେ ମାଂସ ଚକଡ଼ାକୁ ତେଲ ବା ଘିଅରେ ଭାଜି ଦୁଇଖଣ୍ଡ ବନ ମଝିରେ ସଜାଇ ରଖି ହାମ୍‌ବର୍ଗର କରାଯାଏ । ସ୍ୱାଦ ବଢ଼ାଇବା ପାଇଁ ବିଲାତି ବାଇଗଣ, ପିଆଜ ବା କଞ୍ଚା ସାଲାଡ଼ପତ୍ର ଦିଆ ହୋଇପାରେ । ଯେତେ ବେଶି ସଜାହେବ ସେତେ ବେଶି ଦାମ । କଟା ଆଳୁ ତେଲରେ ଛଣା ହୋଇ ପଟାଟୋ ଚିପ୍‌ସ୍ ନାମରେ ବିକ୍ରି ହେଉଥାଏ । ଶସ୍ତା ରେସ୍ତୋରାଁରେ ଆଳୁ ଚିପ୍‌ସ୍ ୫୦ ପେନ୍‌ସ ଓ ହାମ୍‌ବର୍ଗର ୫୦ ପେନ୍‌ସ ଖାଇ-ଦେଲେ ପେଟଟା ଶାନ୍ତ ହୋଇ ଯାଉଥିଲା । ହାମ୍‌ବର୍ଗର ତୁଳନାରେ ଆଳୁଭଜା ବେଶି ମହରଗ ଜଣାଯାଉଥିଲା ।

## ସୁଲଭ ଶୌଚାଳୟ :

କିନ୍ତୁ ଅଧିକାଂଶ ଶସ୍ତା ଜଳଖିଆ ଦୋକାନରେ ପାଣି ପିଇବାକୁ ବା ହାତ ଧୋଇବାକୁ ନଥାଏ । ଆମକୁ ମନା କରାହୋଇଥାଏ ଯେଉଁଠି ସେଇଠି ପାଣି ପିଇବ ନାହିଁ । ଟ୍ରେନ୍‌ରେ ହେଉଥିବା ଜଳ ଯୋଗାଣରୁ ପାଣି ଆଦୌ ପିଇବ ନାହିଁ । ଯଦି ପିଇବ ମିନେରାଲ୍ ୱାଟର୍ ପିଇବ—ଅର୍ଥାତ୍ ପାଣି ପିଇବାକୁ ପଇସା ଦେବାକୁ ପଡ଼ିବ । ଅଧଲିଟର ପାଣି ବୋତଲର ବା ଟିଣ (କାନ୍)ର ଦାମ୍ ୬୫ ପେନ୍‌ସ (ଛଅଟଙ୍କା ପଚାଶ ପଇସା) । ଆମ ଭିତରେ ଭାଲେଣି ପଡ଼ିଗଲା, ଯେଉଁଠି ପିଇବା ପାଣି ମିଳିବ ସେମିତି ଜଳଖିଆ ଦୋକାନ ବାହାର କରିବାକୁ ପଡ଼ିବ ।

ଚା, କଫି, ଦୁଧ, ଫଳରସ, ବିଅର, ମିନେରାଲ୍ ୱାଟର—ଏମିତି କିଣି କିଣି ଶୋଷ ମେଣ୍ଟାଇବା ବ୍ୟୟସାଧ୍ୟ ହୋଇପଡ଼ିଲା । ବିଶ୍ରି ଅଞ୍ଚଳ ଗ୍ରାଉଣ୍ଡ

ଆମେ ବଜାର ଆଡ଼େ ବୁଲିଲୁ । କେତେଗୁଡ଼ିଏ ବଡ଼ ରେସ୍ତୋରାଁ ପାଇଲୁ । ଗୋଟିଏ ଗୋଟିଏ ଜଳଖିଆ ଦୋକାନର ନା ଷ୍ଟ୍ରବେରି, ଦେଶ ବିଦେଶରେ ତାର ଶାଖା ପ୍ରଶାଖା ଅଛି । ଏପରି ଗୋଟିଏ ଦୋକାନର ନାଁ ମାକ୍‌ଡୋନାଲଡ୍ । ମୋତେ ଖୁବ୍ ପସନ୍ଦ ହେଲା । ଦର ପ୍ରାୟ ଅନ୍ୟ ଦୋକାନ ଭଳି । ପଇସା ଦିଅ, ପାକେଟ୍‌ରେ ଜଳଖିଆ ଆଣ, ଫାଙ୍କା ଚେୟାର ଦେଖି ବସିପଡ଼ । ନଳକୁ ପାଣିପିଅ । ଦରକାର ହେଲେ ପରିସ୍ରାଘର (ଇଂଲଣ୍ଡରେ ମୌଖିକ ଭାଷାରେ ଲୁ (Loo) କୁହାଯାଏ) ବା ପାଇଖାନା ବ୍ୟବହାର କର । ବିଲାତର ସହର-ମାନଙ୍କରେ ପାଇଖାନା ବା ପରିସ୍ରା ଘର ବ୍ୟବହାର ପାଇଁ ପଇସା ଦେବାକୁ ପଡ଼େ । ବିଲାତରେ ଗୋଟିଏ ଜିନିଷ ପାଇଁ ପଇସା ଦେବାକୁ ପଡ଼େ ନାହିଁ— ତାହା ହେଉଛି ପବନ । ରାସ୍ତାକଡ଼ରେ ପରିସ୍ରା କରିବା ବା ଝାଡ଼ା ଫେରିବା ଅପରାଧ । କେତେକ ପାର୍କରେ ମାଗଣା ବ୍ୟବସ୍ଥା ଥାଏ । ଗାଁ ଗହଳରେ ଲୋକଙ୍କର ଇଚ୍ଛା ପରିତୃପ୍ତ ହେଲେ ଏଥିପାଇଁ ପଇସା ପଡ଼େନାହିଁ । କିନ୍ତୁ ସର୍ବ-ସାଧାରଣ ସୁବିଧା ବ୍ୟବହାର କରିବାପାଇଁ ଆମ ଦେଶରେ ସୁଲଭ ଶୌଚାଳୟ ପାଇଁ ଯେପରି ପଇସା ଦେବାକୁ ହୁଏ, ସେପରି ଦେବାକୁ ପଡ଼େ । ଯେଉଁଠି ସୀମିତ ବିଦେଶୀମୁଦ୍ରା ସେଠି ମନଇଚ୍ଛା ପଇସା ଖର୍ଚ୍ଚ କରି ହେବନାହିଁ । ତେଣୁ ପିଇବା, ଝାଡ଼ା, ପରିସ୍ରା ଭଳି ଜିନିଷ ଯେଉଁଠି ମାଗଣାରେ ସାରହେଲା, ସେଠାକୁ କାହିଁକି ଜଳଖିଆ କରିବାକୁ ଯିବନାହିଁ ?

କିନ୍ତୁ ସବୁବେଳେ ରହିବା ହୋଷ୍ଟେଲ ଠାରୁ ବହୁତ ଦୂରକୁ ବଜାର ଖୋଜିବାକୁ ଯିବା ସମ୍ଭବ ହେଲାନାହିଁ । ବୁଲିବୁଲି କଟୁଥିବାବେଳେ ବେଶ୍ ଭଲ ଖାଇହେଲା । ଥରେ ଅଧେ ଆଲଡ୍‌ଉଇଚ୍‌ରେ ଥିବା ଭାରତୀୟ ହାଇକମିଶନର ଅଫିସ୍‌କୁ ଦେଖା କରିବାକୁ ଯାଇ ଆମ ଘର ରନ୍ଧାଭଳି ଭାତ ଓ କୁକୁଡ଼ା ତରକାରୀ ଗୋଟିଏ ପାଉଣ୍ଡ ବା ପାଉଣ୍ଡେ କୋଡ଼ିଏ ପେନ୍ସ ଭିତରେ ଖାଇ ଦେଉଥିଲୁ । କିନ୍ତୁ ତାହାକୋଶ ହୋଷ୍ଟେଲଠାରୁ ବହୁତ ଦୂର । ରାସ୍ତା ଖର୍ଚ୍ଚ ଜିନିଷପତ୍ରର ଦାମକୁ ବଢ଼େଇ ଦେବ ।

ଆମ ଦେଶରେ ପଚିଶ ଟଙ୍କାରେ ବଢ଼ିଆ ଖାନା ମିଳୁଥିବା ବେଳେ ଇଂଲଣ୍ଡର ସହର ମାନଙ୍କରେ ପାଞ୍ଚ ପାଉଣ୍ଡ ଅର୍ଥାତ୍ ପଚତ୍ତରି ଟଙ୍କାରୁ ବେଶି ପଡ଼ୁଥିଲା । ତେଣୁ ଆମେ ଭାବୁଥିଲୁ ଯେ, ଜିନିଷପତ୍ରର ଦାମ ଖୁବ୍ ବେଶି । ପ୍ରକୃତରେ ତାହାନୁହେଁ । ସେଠାକାର ଲୋକଙ୍କ ରୋଜଗାର ଦେଖି ଜିନିଷପତ୍ରର

ଦାମ । ଆମର ଯେପରି ଟଙ୍କା, ସେମାନଙ୍କର ସେପରି ପାଉଣ୍ଡ । ଆମେ ଶନମସ୍ତ ହିସାବ ଧରୁଥିବାରୁ ଆମକୁ ଖୁବ୍ ବେଶି ଲାଗେ ।

ଲଣ୍ଡନ୍‌ରେ ୪ ରାତି ୫ ଦିନ ରହିବାର ଥିଲା । ଅକ୍ସଫୋର୍ଡ଼କୁ କେବଳ ୨୯ ତାରିଖ ରାତିରେ ଫେରିବାର କଥା; ତା ଆଗରୁ ରହିବା ବନ୍ଦୋବସ୍ତ ନଥିଲା । ଲଣ୍ଡନ ଦେଖିବା ଓ ବନ୍ଧୁ ଜୀବନଗାନ୍ଧୀ ସହିତ ଖାପ୍ ଖୋଇବା ପାଇଁ ଆମେ କୋଉ ହୋଟେଲ୍‌ରୁ ସକାଳ ଜଳଖିଆଟା ଖାଇଦେଲା ପରେ ଲଣ୍ଡନର ଗୃହଆଡ଼େ ବୁଲୁ । ବାଟରେ ଯେଉଁଠି ଭୋକ ଲାଗିଲା ଖାଉ ।

## ଶସ୍ତାରେ ହିନସ୍ତା :

ଗୋଟିଏ ଦୋକାନରେ ଖାଇବା ଜିନିଷ ଖୋଜୁ ଖୋଜୁ ଦେଖିଲୁ ଅଧଲିଟରର କ୍ରିମ୍‌ର ଦାମ ୩୯ ପେନ୍ସ । ଚର୍ବି କଢ଼ା ହୋଇନଥିବା ଦୁଧକୁ କ୍ରିମ୍ କହନ୍ତି । ସରଭଳି ନହେଲେ ବି, ଦୁଧ ଖୁବ୍ ମୋଟା । ସେଠାକାର ଗାଈ ଦୁଧରେ ଶତକଡ଼ା ୭ ଭାଗ ଚର୍ବି । ଆମର ମଇଁଷି ଦୁଧଠାରୁ ବି ଗାଢ଼ା । ଦୁଧ କାଗଜଥଳି ବା କାର୍ଟୁନରେ ଆଲୁମିନିୟମ ଫଏଲ ଦିଆହୋଇ ସବୁଜ (ସିଲ୍) କରିଯାଇ ରଖାଯାଇଥାଏ । ଦେଶଟାଯାକ ତ ଥଣ୍ଡା । ଖରାପ ନହୋଇ ମାସେ ଦି'ମାସ ବି ରହେ । ଫଳରସ ଦୁଧଠାରୁ ଶସ୍ତା, ପ୍ରାୟ ୨୫ ପେନ୍ସରେ ଅଧ ଲିଟର । ଗୋଟିଏ ପାଉଣ୍ଡ ଖର୍ଚ୍ଚ କରି ବସିତେ ଖାଇବା ଅପେକ୍ଷା ଏତେ ପୁଷ୍ଟିକର ଜିନିଷ ଶସ୍ତାରେ କାହିଁକି ନଖାଇବା ? ଆମେ ଯେତେଜଣ କୋଟ୍ ବାସିନ୍ଦା, ସମସ୍ତେ ଠିକ୍ କଲୁ କ୍ରିମ୍ କିମ୍ବା ଫଳରସ ପିଇ ବାଟରେ କଟାଇ ଦେବା ।

ମୁଁ ଅଧଲିଟରର କ୍ରିମ ପିଇଦେଲି । କିଏ ଅଧଲିଟରର ଫଳରସ ପିଇଲା ତ କିଏ କ୍ରିମ୍ ପିଇଲା । ଶସ୍ତାରେ ହିନସ୍ତା ବୋଲି ଲୋକେ କହନ୍ତି । ଆମ ଦେଶରେ ଶସ୍ତା ଜିନିଷ ଠକାମି ଜିନିଷ । କିନ୍ତୁ ବିଲାତରେ ତ ଦୋକାନି ଠକାଏ ନାହିଁ । ତଥାପି ସେଦିନ ଆମେ ଯାଉଁ କୁଆଡ଼େ ? ଉପର ଓଳିରୁ ପତଳା ଝାଡ଼ା ଆରମ୍ଭ ହୋଇଗଲା । ପରସ୍ପର ପରସ୍ପରକୁ ଦୋଷ ଦେଲୁ । ଖାଲି ପେଟରେ ଥଣ୍ଡା କ୍ରିମ ବା ଥଣ୍ଡା ଫଳରସ ପିଇବା ଭୁଲ୍ ହୋଇଛି ବୋଲି ଭାବିଲୁ । କିଏ କହିଲା, ଫଳରସରେ ପ୍ରିଜରଭେଟିଭ୍ (ଫଳରସକୁ ନପଚିବା ପାଇଁ ଦିଆ ହୋଇଥିବା ରାସାୟନିକ ଜିନିଷ) ବେଶି ଦିଆ ହୋଇଥିବ । କିଏ କହିଲା ଦୁଧ ବା କ୍ରିମ୍ ଖରାପ ହୋଇ ଆସିଥିବ । ଯାହାହେଉ ସେଦିନ ଉପର ବେଳା ଓ ରାତିରେ କେବଳ ଶୁଖିଲା ପାଉଁରୁଟି ଖାଇ ଖାଇ ରହିଲୁ ।

# ମଜା ନା କାଲ ?

ସେଦିନର ମଜା କଥା ନକହିଲେ ଅନୁଭୂତି ସମ୍ପୂର୍ଣ୍ଣ ହେବନାହିଁ । ଦେହ ଖରାପ ହେବାରୁ ସେଦିନର ବୁଲାବୁଲି ବନ୍ଦକରି ଆମେ ଯମଟ୍ରେ କୋର୍ଟ ହୋଟେଲକୁ ଫେରି ଆସିଲୁ । ଦୋକାନ ବଜାର ସବୁ ୫ଟାରୁ ସାଢ଼େ ପାଞ୍ଚଟା ମଧ୍ୟରେ ବନ୍ଦ । କେବଳ ଅକ୍ସଫୋର୍ଡ଼୍ ଷ୍ଟ୍ରିଟ୍‌ଭଳି କେତୋଟି ଜାକ୍‌ଜକମ ବଜାର ଛଅଟା ପର୍ଯ୍ୟନ୍ତ ଖୋଲାରହେ । ଦିନ ଯିବାକୁ ଆହୁରି ତିନିଘଣ୍ଟାରୁ ବେଶି । ଛଅଟା ସୁଦ୍ଧା କୋର୍ଟ ହୋଟେଲକୁ ଫେରିଲୁ । ସୁଲୁ ସୁଲୁ ପବନ ବହୁଥାଏ । ତିନି ତିନି ଗଞ୍ଜି କୁର୍ତ୍ତା ଓ କୋଟ୍ ପିନ୍ଧି ମଧ୍ୟ ଥଣ୍ଡା ଲାଗୁଥାଏ । ରୁମ୍ ଭିତରେ ପଶିଯାଇ ଗରମ ପାଇଲା ପରେ ଟିକେ ଭଲ ଲାଗିଲା । ହୋଟେଲ ରୁମକୁ ଗରମ କରିବାପାଇଁ ଗରମ ପବନ ଛାଡ଼ିବାର ଯନ୍ତ୍ର ଲାଗିଥାଏ ।

ଆମେ ଦୁଇଜଣ ଗୋଟିଏ ରୁମ୍‌ରେ । ଏହା ଦୁଇଶଯ୍ୟା ବିଶିଷ୍ଟ । ଆଉ ତିନିଜଣ ଅନ୍ୟ ଗୋଟିଏ ତିନିଶଯ୍ୟା ବିଶିଷ୍ଟ ରୁମ୍‌ରେ ଥାଆନ୍ତି । ସେମାନଙ୍କ ଭିତରୁ ଦୁଇଜଣ ବେଶ ଭଲ ଥାଆନ୍ତି । ସେମାନେ ଅଠଟା ବେଳକୁ ବାହାରିଲେ କିଛି ଖାଇବା ଜିନିଷ କିଣିବା ଲାଗି । ଆମକୁ ପଚାରିଲେ କିଛି ଦରକାର କି ? ଆମେ ଦୁଇଜଣ ପାଉରୁଟି ଆଣିବାର ବରାଦ ଦେଲୁ । ତିନିଜଣିଆ ରୁମ୍‌ରେ ରହିଯାଇଥିବା ଯାତ୍ରୀଙ୍କର ଦେହ ଟିକେ ବେଶି ଖରାପ ଥାଏ । ଖାଲି ପାଣିଝାଡ଼ା ହେଉଥାଏ । ସେ ନିଜର ହୋମିଓପାଥି ଔଷଧ ଖାଉଥାଏ ।

ଆମଙ୍କୁ ପାଉରୁଟି ଦେଇ ବଜାର ଯାଇଥିବା ଯାତ୍ରୀ ଦୁହେଁ ନିଜ ରୁମ୍‌କୁ ଫେରିଗଲେ । ଘଡ଼ି ଘଣ୍ଟାଏ ଘଣ୍ଟ ହୋଇଗଲାଣି । ପ୍ରାୟ ଦଶଟା । ଆମ କବାଟରେ କିଏ ବାଡ଼େଇବାର ଶବ୍ଦ ଶୁଭିଲା । ବିଦେଶ ଜାଗା । ଆମେ ଚୁପ୍ ରହିଲୁ । ଜୋରରେ କବାଟ ବାଡ଼ିଆ ଶବ୍ଦ ଶୁଭିଲା । ଭିତରୁ ଆଉ କଥାବାର୍ତ୍ତାରୁ ଆମେ ଚାହିଁ ବାରିଲୁ ବଜାରରୁ ଫେରି ଆସିଥିବା ଦୁଇଜଣ ଯାତ୍ରୀ । ଏବେ ଏବେ ପାଉରୁଟି ଦେଇଯାଇଥିଲେ । ଆମେ ଖାଇଦେଇ ବିଛଣାରେ ପଡ଼ିଲୁ ଛଣି ନିଦ ଆସିଯାଇଛି । ଥଣ୍ଡା ଦେଶରେ ଗରମ ହାଓ୍ବା ପାଇ ନିଦରା ନ ହୁଅନ୍ତା କାହିଁକି ?

କିନ୍ତୁ ସେ ଦୁହେଁ ଅନ୍ଧାରରେ ଅଛନ୍ତି; ବଡ଼ ବ୍ୟସ୍ତ । ରୁମ୍ ଭିତରୁ ବନ୍ଦ । ମଧ୍ୟପ୍ରଦେଶର ଲାଲ୍‌ଜି କଣ ହୋଇଯାଇଛି !

କଣ ହୋଇଛି ? ମୁଁ ପଚାରିଲି ।

କବାଟ ଏତେ ବାଡ଼େଇଲୁଣି, ସେ ଶୁଣୁନାହାନ୍ତି । କେରଲର ସାଥୀ ଜଣକ କହିଲା ।

ମନରେ ଆମର କେତେ ଦୁଶ୍ଚିନ୍ତା ଆସିଲା । ସାଙ୍ଗହୋଇ ପାଞ୍ଚଜଣ ଆସିଲୁ । ସୁଖ ଦୁଃଖରେ ଭାଗୀହେବା କଥା । ବିଦେଶରେ କିଏ କାହାର ଯେ ? ମନ ଭିତରେ ଦକା ପଶିଲା, ଉପରେ ଉପରେ ଆମେ ଦୁହେଁ କହୁଥାଉଁ, କବାଟକୁ ପୁଣି ଜୋରରେ ଧକ୍କାମାର । ସେ କାଳେ ନିଘୋଡ଼ ନିଦରେ ଶୋଇପଡ଼ିଥିବ ।

ସେ ଦୁହେଁ ଫେରି ଆସିଲେ । "ବହୁତ ଧକ୍କା ପରେ ବି ସେ ଉଠୁନାହିଁ ।"

ମୁଁ ଖୁବ୍ ଡରିଗଲି କିଛି—ହୋଇଗଲାକି ଆଉ !

ଆମେ ଦୁହେଁ ବି ଗଲୁ । କବାଟରେ ଧକ୍କା ମାରିଲୁ । ବାଡେଇଲୁ । ଭିତରୁ କବାଟ ବନ୍ଦ । ବହୁତ ପାଟି କି କଲୁ । ଉତ୍ତର ନାହିଁ ।

ତଳକୁ ଗଲୁ । ହୋଟେଲର ମାଲିକଙ୍କୁ କହିଲୁ । ଜଣେ ଭାରତୀୟ ମହିଳା ଶ୍ରୀମତୀ ଦେଶାଇ ହୋଟେଲର ମାଲିକାଣୀ । ସିଏ ସାହାଯ୍ୟ କରିପାରନ୍ତି ।

କିନ୍ତୁ ଦୁଃଖ ଯେତେବେଳେ ଆସେ, ଏକୁଟିଆ ଆସେ ନାହିଁ । ଯାହାକୁ ସାହାଯ୍ୟପାଇଁ ଧରିବା ପାଇଁ ଚେଷ୍ଟା କରିବ, ସେ ଧରାଛୁଆଁ ଦେବନାହିଁ । "ଶ୍ରୀମତୀ ଦେଶାଇଙ୍କ ଦେଖା ମିଳିବ ନାହିଁ । ସେ ହୋଟେଲ ହତା ଭିତରେ ନାହାନ୍ତି ।" ହୋଟେଲ ବୟ୍‌ କହିଲା ।

ହୋଟେଲର କେଆର ଟେକରଙ୍କୁ ଆମର ଦୁଃଖ କଥା କହିଲୁ । ସେ ରିସେପ୍‌ସନ ସ୍ଥାନରୁ ବନ୍ଦ ଥିବା ରୁମ ଭିତରକୁ ଫୋନ୍ କଲେ । ଫୋନ୍‌ ବହୁତ ସମୟଧରି ବାଜିଲା । କିନ୍ତୁ ଉତ୍ତର ନାହିଁ ।

ସେ ରୁମ୍‌ର ସାଙ୍ଗ ଦୁ'ଜଣ ହାକି କାନ୍ଦ କାନ୍ଦ ହୋଇଗଲେ । ତାକୁ କାହିଁକି ଛାଡ଼ି ଗଲେ ? ବଜାର ନ ଯାଇଥିଲେ ଭଲ ହୋଇଥାଆନ୍ତା । ଏମିତି ଗୁଡ଼ାଏ ଆସି ବିଶ୍ଳେଷଣ ଚାଲିଲା । ଆମ ଦୁହିଁଙ୍କ ଆଖି ବି ଛଳ ଛଳ ହୋଇ ଆସିଲା ।

ଏମିତି ଚେଷ୍ଟା କରୁ କରୁ ରାତି ସାଢ଼େ ଏଗାର ହେଲା । କିଛି ଗୋଟାଏ କରିବାକୁ ପଡ଼ିବ । କୌଣସି ମତେ ରୁମ୍‌ ଖୋଲିବାକୁ ପଡ଼ିବ ।

ହୋଟେଲ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣି କେଆର ଟେକର ଚାବି ଆଣିଲୁ । ଡୁପ୍ଲିକେଟ ଚାବି । କବାଟ ନ ଖୋଲି ପୋଲିସଙ୍କୁ ଖବର ଦେବା ଅନୁଚିତ ହେବ ବୋଲି ଆମେ ସମସ୍ତେ ଏକମତ ହେଲୁ ।

କେଅର ଟେକର ପଛେ ପଛେ ଆମେ ଚାଲିଥାଉ । ଭଗବାନଙ୍କୁ ଡାକୁଥାଉ ଲୀଲା ଭଲରେ ଥାଉ । ଅତି କମରେ ବଞ୍ଚିଥାଉ ।

କବାଟ ଖୋଲି ସମସ୍ତେ ଦଉଡ଼ିଗଲୁ ଲୀଲାର ବିଛଣାକୁ । ହଲାଇ ଦେଲା ବେଳକୁ ସେ ଉଠିବସିଲା । ଓଃ, କି ଆଶ୍ୱସ୍ତି !

ଲୀଲା ଆମର ସବୁକଥା ଶୁଣି ଠୋ ଠୋ ହସିଲା, କହିଲା ଏମିତିକା ନିଦ ତା ଜୀବନରେ କେବେ ହୋଇ ନ ଥିଲା ।

## ପାଖରେ କିଛି ଔଷଧ ରଖ :

ବିଦେଶରେ ଦେହ ଖରାପ ହେଲେ, ମନଟା ବହୁତ ଖରାପ ହୋଇଯାଏ । କେବଳ ସାନ୍ତ୍ୱନା ଦେବାକୁ, ଦେଖାଶୁଣା କରିବାକୁ କେହି ନାହିଁ, ତା ନୁହେଁ । ଡାକ୍ତରୀ ପରାମର୍ଶର ଖର୍ଚ୍ଚ, ଔଷଧପତ୍ରର ଦାମ ଦେଇ ପାରିଲେ ତ ? ଏତେ ପଇସା କାହିଁ ? ସୁଖର କଥା, ଆମ ଭିତରୁ ଅଧିକାଂଶ କିଛି ନା କିଛି ଔଷଧ ନେଇଥିଲେ ପ୍ରାଥମିକ ଚିକିତ୍ସା ସ୍ୱରୂପ । ଝାଡ଼ା ବାନ୍ତି, ଜ୍ୱର, ମୁଣ୍ଡବିନ୍ଧା, ସର୍ଦ୍ଦି, ଦେହହାତ ଦୋଳାବିନ୍ଧା, କଟାକଟି ଆଦି ସାଧାରଣ ରୋଗ ପାଇଁ ଟାବ୍‌ଲେଟ୍, କ୍ରିମ ଆଦି ସହିତ ଯାହାର କିଛି ବିଶେଷ ଅସୁବିଧା (ଯଥା ଅମ୍ଳ, ଡିକାର, ଅଜୀର୍ଣ୍ଣ) ଥିଲା ସେ ତାପାଇଁ ସ୍ୱତନ୍ତ୍ର ଔଷଧ ନେଇଥିଲେ । ଲୀଲା କେବଳ ହୋମିଓପାଥି ଔଷଧ ନେଇଥିଲା । ଏଭଳି ଫାଷ୍ଟଏଡ୍ କାଇଟ୍ସ ଔଷଧ ବିଦେଶ ଯାତ୍ରାରେ ବେଶ୍ କାମ ଦିଏ । ପଇସା ବଞ୍ଚାଇବା ଅପେକ୍ଷା ଡାକ୍ତର ଓ ଔଷଧ ଦୋକାନ ଖୋଜିବାର ଝଞ୍ଜଟରୁ ରକ୍ଷା ମିଳେ ।

## ଅକ୍ସଫୋର୍ଡ଼ରେ ପହଞ୍ଚିଲୁ :

୨୯ ତାରିଖ ସକାଳବେଳା ଆମେ ଲଣ୍ଡନ ଛାଡ଼ିଲୁ । ପ୍ରାୟ ଘଣ୍ଟାକ ପରେ ଟ୍ରେନ୍‌ରେ ଅକ୍ସଫୋର୍ଡ଼ ପହଞ୍ଚିଲୁ । ଆମର ରହିବା, ଖାଇବା ଆଦିର ବ୍ୟବସ୍ଥା ହେଲା ଅକ୍ସଫୋର୍ଡ଼ର କୁଇନ ଏଲିଜାବେଥ୍ ହାଉସରେ । ବିଦେଶୀ କମନ-ୱେଲଥ୍ ଛାତ୍ରମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । କୁଇନ୍ ଏଲିଜାବେଥ୍ ହାଉସରେ ଆମର ସବୁ ଖର୍ଚ୍ଚ ଅକ୍ସଫୋର୍ଡ଼ ପଲିଟେକ୍‌ନିକ୍ ବହନ କରିଥାନ୍ତି । ଏଥିପାଇଁ

କଲୋମ୍ବୋ ଯୋଜନା ଅଧୀନରେ ବ୍ରିଟିଶ୍ କାଉନ୍‌ସିଲ ସବୁ ପଇସା ପଲିଟେକ୍‌ନିକକୁ ଦେଇଥାନ୍ତି । ଏଣିକି ଆମକୁ ଆଉ 'ଯାଯାବର ହେବାକୁ ପଡ଼ିଲା ନାହିଁ । ଛାତ୍ରାବାସର ଅନ୍ତେବାସୀ ଭଳି ଚଳିବାକୁ ପଡ଼ିବ । ବୁଲିବାକୁ ଗଲେ କାହାର ନିମନ୍ତ୍ରଣ ରକ୍ଷା କଲେ ବା କାହାରିକୁ ନିମନ୍ତ୍ରଣ କଲେ ଆମର ଖାଇବା ପିଇବା ବଦଳିବ; ନଚେତ ନାହିଁ ।

ଆମେ ଯେଉଁଦିନ ଅକ୍‌ସ୍‌ଫୋର୍ଡ଼ରେ ପହଞ୍ଚିଲୁ, ସେଦିନ ଆମ କର୍ମଶାଳାର ନିର୍ଦ୍ଦେଶକ ମିଃ. ଇଆନ୍ ଡେଭିସ୍ ଆମ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅକ୍‌ସଫୋର୍ଡ଼ ନଗର ବୁଲାଇ ଦେଖାଇନେବାକୁ କହିଲେ । ଆମେ ସମସ୍ତେ ଖୁସିରେ ରାଜିହେଲୁ । ସ୍ୱାଗତ ଭ୍ରମଣର ମୁଖ୍ୟ ଅଙ୍ଗ ଥିଲା ଆମ୍ଭମାନଙ୍କୁ ଏକ ପାନୀୟ ପଙ୍କ୍ତରେ ଆପ୍ୟାୟିତ କରିବା ।

## ଗୋଟିଏ ମଦ୍ୟପ ଜାତି :

ପ୍ରତ୍ୟେକ ଜାତିର କିଛି ନା କିଛି ଗୋଟିଏ ଚରିତ୍ର ବା ନିଜତ୍ୱ ଥାଏ । ସେଥିରୁ ସେମାନଙ୍କର ଜୀବନର ଝଲକ ମିଳିଥାଏ । ଓଡ଼ିଆ ଜାତିର ଭାଗବତ ଟୁଙ୍ଗି —ଯେଉଁଠି ଗାଁ'ଯାକ ଲୋକେ ସନ୍ଧ୍ୟାବେଳେ ଠୁଳ ହୋଇ ଧର୍ମ ଚର୍ଚ୍ଚା କରନ୍ତି, ଦୁଃଖ, ସୁଖ ହୁଅନ୍ତି । ଅବଶ୍ୟ ଏହା ଲିଭି ଲିଭି ଆସୁଛି । ଇଂରେଜ ଜାତିର ଗୋଟିଏ ଚିହ୍ନ ହେଉଛି ସେମାନଙ୍କ ପବ୍ (Pub) । ଏହା ଧର୍ମ ସମ୍ପର୍କରେ ନୁହେଁ, ଏକାଠି ହେବାର ଗୋଟିଏ ସ୍ଥାନ । ପବ୍‌ର ପୂର୍ବ ଶବ୍ଦ ହେଉଛି Public House; ଏହା ପୂର୍ବକାଳରେ ଗାଁ'ର ସମସ୍ତେ ଏକାଠି ହେବାର ସ୍ଥାନ ଥିଲା । ଏକାଠି ହେଲେ କିଛି ନା କିଛି ଖାଦ୍ୟ ବା ପାନୀୟ ଯୋଗାଣ ହେବା ଦରକାର । ଥଣ୍ଡା ଦେଶରେ ଦେହକୁ ଉଷୁମ ରଖିବା ପାଇଁ ମଦଠାରୁ ବଳି ଅଧିକ ଉପାଦେୟ ପାନୀୟ ଅଉ କଣ ହୁଅନ୍ତା ! ତେଣୁ ପବ୍ ଲାଇଫ୍ ବୋଇଲେ ମଦ୍ୟପାନ ଛଳରେ ଏକାଠି ହେବାର ସ୍ଥାନ । ଆଜିକାଲି ଏକାଠି ହେବା ଛଳରେ ମଦ୍ୟପାନର ସ୍ଥାନ ।

ଗୋଟିଏ ଗୋଟିଏ ପବ୍‌ର ଜନ୍ମ ମଦଭାଟିରୁ । ପୂର୍ବକାଳରେ ମଦ ତିଆରି କରିବା ପାଇଁ ଗହମ, ବାଇ ଆଦିକୁ (ଆମ ଦେଶରେ ଚାଉଳ) ଚୂର୍ଣ୍ଣ କରି ତହିଁରେ ପାଣି ମିଶାଇ ଫେଣାଇବାକୁ ଛାଡ଼ି ଦିଆଯାଏ । ଜଲ୍‌ଦି ଫେଣାଇବାକୁ ଆଜିକାଲି ଖମିର (yeast) ମିଶାଯାଉଛି । ଖାଦ୍ୟଯୋଗ୍ୟ ଏହି ଗୁଣ୍ଡ ଜିନିଷକୁ ଇଂରାଜୀରେ malt କହନ୍ତି । ପୂର୍ବକାଳରେ ମଦଭାଟିକୁ (Malt-House)

ମାଲ୍ଟହାଉସ କୁହାଯାଉଥିଲା । ବିଲାତରେ ଯାନ୍ତ୍ରିକ ସଭ୍ୟତାର ଉତ୍କର୍ଷ ଆସିଯିବାରୁ ଆଉ ସାଧାରଣ ମଦଭାଟି ବା ମାଲ୍ଟହାଉସ ରହିଲା ନାହିଁ; ବିଭିନ୍ନ ପ୍ରକାରର ମଦତିଆରି ପାଇଁ କାରଖାନା ବସିଲା ଓ ପୁରୁଣାକାଳର ମାଲ୍ଟହାଉସ ସବୁ କେବଳ ପବ୍ହାଉସ ବା ସଂକ୍ଷେପରେ ପବ୍ ହୋଇ ରହିଗଲା । ବିଭିନ୍ନ ପ୍ରକାର ମଦ ଓ ମଦ ସାଙ୍ଗକୁ ଖାଦ୍ୟ ବିକ୍ରି କରିବା ଆରମ୍ଭ କଲା । ଆମ ଦେଶରେ ସହରମାନଙ୍କରେ କଫି ହାଉସ ଗୁଡ଼ିକରେ ଯେପରି ସଞ୍ଜବେଳେ ଲୋକ ଭିଡ଼ ହୁଏ, ବିଲାତରେ ପବ୍ମାନଙ୍କରେ ସେମିତି ଅପରାହ୍ନରେ ବେଶ୍ ଭିଡ଼ହୁଏ । ସପ୍ତାହ ଶେଷ ଶନିବାର ଓ ରବିବାରରେ ମଧ୍ୟ ଭିଡ଼ହୁଏ ।

ଆମକୁ ସ୍ୱାଗତ ଜଣାଇଥିବା ଅଧ୍ୟାପକ ଇଆନ ଡାଭିସ୍ ଅକ୍ସଫୋର୍ଡ ସହରର ବିଭିନ୍ନ କଲେଜ ଦେଖାଇ ଦେଖାଇ ନିଉକଲେଜ ଲେନ୍, ନିଉକଲେଜ ଷ୍ଟ୍ରିଟ୍ ବାଟଦେଇ ଦ ଟର୍ଫ ଟାଭର୍ନ (The turf tavern କୁ ନେଇଗଲେ । ଗଳି ଗଳି ରାସ୍ତା ପାରହୋଇ ଯାଉଥିବାବେଳେ ଆମେ ବହୁତ ପୁରୁଣା ଘର ଦେଖିଲୁ । ଟାଭର୍ନ ସବୁଠୁ ପୁରୁଣା ଘର । ବଡ଼ ନୁଆଣିଆ, ଆଣ୍ଠୁରେ ମୁଣ୍ଡ ବାଜିବାଭଳି ଲାଗୁଥିଲା ।

ଟର୍ଫ ଟାଭର୍ନରେ ପହଞ୍ଚିବାକ୍ଷଣି ଅଧ୍ୟାପକ ଡ଼ାଭିସ୍ ଆମକୁ ତାର ଐତିହାସିକ ତଥ୍ୟ ବତାଇବା ସଙ୍ଗେ ସଙ୍ଗେ ପାନୀୟ ବରାଦ ମଧ୍ୟ କଲେ । ମୋ ପାଇଁ କମଳାରସ ମାଗିବାରୁ ଅଧ୍ୟାପକ ବ୍ୟସ୍ତ ହୋଇଗଲେ । ସଙ୍ଗତରେ ପଡ଼ିଲେ ବି ଜଣେ ମଦପ୍ରତି ଆସକ୍ତି ଦେଖାଇବ ନାହିଁ, ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ବହୁତ ସାଥୀ ବଡ଼ ବଡ଼ ମଗରେ ପୁରା ମଗେ ଲେଖାଏଁ ବିଅର ବା ଓ୍ୱାଇନ ପିଇବା ଆରମ୍ଭ କରିଦେଲେ ।

ତା ସାଙ୍ଗକୁ ସିଗାରେଟ୍ ଧୂଆଁ ମୋତେ ଅସ୍ତବ୍ୟସ୍ତ କରିଦେଇଥିଲା । ଛୋଟ ଆଣ୍ଠୁଘର,ମୁଣ୍ଡ ବାଜିଗଲା ଭଳି ନୁଆଣିଆଁ, ସେଥିରେ ପୁଣି ଧୂଆଁ ବାଣ—ମୁଁ ଅଣନିଶ୍ୱାସୀ ହୋଇଗଲି । ବେଳେବେଳେ ଦ୍ୱାର ବାହାରକୁ ଆସି ଖୋଲା ପବନ ନେଉଥାଏ । ସମସ୍ତେ ଧୀରେ ସୁସ୍ଥେ ଢୋକେ ଢୋକେ କରି ମଦ ପିଉଥାନ୍ତି । ମୋ କମଳା ରସ, (ଖାଣ୍ଟି ରସ ନୁହେଁ, କିନ୍ତୁ ଏ ଅବସ୍ଥାରେ ଖାଣ୍ଟି ରସ ଉପରେ ଗୁରୁତ୍ୱ ଦେଇ ହାସ୍ୟାସ୍ପଦ ହେବ କାହିଁକି ?) ଥରେ ଦୁ ଥରରେ ସାରିଦେଇ ଅପମାନିତ ହୋଇଗଲି । ଆଉ ଗୋଟିଏ ଗିଲାସ ନେବାକୁ ଅଧ୍ୟାପକ ଡାଭିସ୍ ବାଧ୍ୟ କଲେ । ଏଥରକ ଧୀରେ ଧୀରେ ଢୋକେ କାହିଁକି, ଅଧଢୋକେ ଲେଖାଏଁ ପିଇଲି ।

୧୩ଶ ଶତାବ୍ଦୀରେ ଏହି ଟାଭର୍ନର ଜନ୍ମ । ୧୮ଶ ଶତାବ୍ଦୀରେ ଏହାର ରୂପ ଗୋଟିଏ ହଷ୍ଟେଲ ଭଳି ହୋଇଗଲା । ପାଖାପାଖି ଗ୍ରାହମାନଙ୍କ ରହିବା ପାଇଁ ଗୁଡ଼ାଏ ଘୁଲଘର ବା କଟେଜ୍ (Cottage) ତିଆରି ହେଲା । ଭିକ୍ଟୋରିଆ ଯୁଗରେ ଏଠାରେ ଜୁଆଖେଳ ବେଶ୍ ଜୋରସୋର୍‌ରେ ଚାଲିଲା । ଜୁଆ ସମ୍ପର୍କୀୟ ଶବ୍ଦ ଟର୍ଫ (Turf), ଏହାର ନାଆଁରେ ଯୋଡ଼ି ଦିଆଗଲା ।

ପ୍ରସିଦ୍ଧ ଇଂରେଜ ଔପନ୍ୟାସିକ ଟମାସ୍ ହାର୍ଡି (Thomas Hardy ଙ୍କ ଉପନ୍ୟାସ Jude the obscure ରେ ଏହି ଟର୍ଫର ବର୍ଣ୍ଣନା ଅଛି । ଅଜଣା ଅଶୁଣା ଜୁଡ୍ ଏହି ଟର୍ଫରେ ମଦ ପରିବେଷଣ କରୁଥିବା ବାଳିକା ଆରାବେଲାଙ୍କୁ ବିବାହ କରିବା ଚେଷ୍ଟା କରିଥିଲେ । ହାର୍ଡିଙ୍କ ସମୟରେ ଯେପରି ଭିନ୍ନ ରଙ୍ଗର ଲୋକେ ଏହି ଟର୍ଫ୍‌କୁ ଆସୁଥିଲେ, ଏବେବି ସେମିତି ଯାବତୀୟ ବୃତ୍ତିର ଲୋକେ, କଲେଜ ଛାତ୍ର ଓ ଅଧ୍ୟାପକ ଏହି ଟର୍ଫକୁ ଆକୃଷ୍ଟ ହୋଇ ଆସୁଛନ୍ତି । ଅକ୍ସଫୋର୍ଡ଼ର କଲେଜଗୁଡ଼ିକ ଖୋଲିଥିବା ବେଳେ ବେଶ୍ ଭିଡ଼ ହୁଏ । ଶୀତଦିନେ କଲେଜ ଛୁଟି ହେଲେ ଲୋକ କମିଯାଆନ୍ତି । ଅତି ଥଣ୍ଡା ଯୋଗୁ ବି ଲୋକେ ବେଶି ପଦାକୁ ବାହାରନ୍ତି ନାହିଁ ।

ଅକ୍ସଫୋର୍ଡ଼ର ଅଧିବାସୀମାନେ କେମିତି, ଯଦି କେହି ଜାଣିବାକୁ ଚାହେଁ, ଏଇଠିକି ଆସିବା ଉଚିତ । ତାହାର କଥାରେ ବାଡ଼ବଡା ନଥାଏ । କାମଦାମରୁ ଅବଶ ହୋଇ ଆସିଥିବା ଲୋକେ ଏଠି ଢୋକେ ଢୋକେ ମଦ ପିଉଥିବା ବେଳେ ନିଜର କ୍ଲାନ୍ତିକୁ ଧୀରେ ଧୀରେ ଦୂରେଇ ଦେଉଥାନ୍ତି । ପେଟ ଭିତରକୁ ସେତେ ବେଶି ମଦ ପଶେ, ପାଟି ସେତେ ଜୋର୍ ହୋଇଉଠେ, କଥାବାର୍ତ୍ତାର ବିଷୟବସ୍ତୁ ସେତେ ଜୀବନ୍ତ ହୋଇପଡ଼େ । ମଦ୍ୟପର କଥାବାର୍ତ୍ତା ଶୃଙ୍ଖଳିତ ନଥାଏ । କିନ୍ତୁ ମଣିଷର ଜ୍ଞାନଭଣ୍ଡାରର ଝଲକ ଏହି କଥାବାର୍ତ୍ତାରୁ ମିଳିଥାଏ । ପଥର କାନ୍ଥ ଓ କାଠ ଆଣ୍ଟୁ ଭିତରେ ଅକ୍ସଫୋର୍ଡ଼ୀୟ ଆଲୋଚନା, ସମାଲୋଚନା ଓ ବାକ୍‌ବିତଣ୍ଡା ବାୟୁମଣ୍ଡଳକୁ ସରଗରମ କରିଦିଏ । ଦେହ ଭିତରର ସୋମରସ ଅଟଳୁକର ଦେହ ଓ ମନକୁ ବାୟୁମଣ୍ଡଳର ଚାପ ସହିତ ସମୋକ୍ଷ କରିଦିଏ । ଟର୍ଫ ଟାଭର୍ନକୁ ଲାଗି ଦୁଇଟି ଉଦ୍ୟାନ ଅଛି । ଏଗୁଡ଼ିକୁ ବିଅରଗାର୍ଡେନ୍ (ବିଅର ପିଇବା ବଗିଚା) କୁହାଯାଏ । ଟାଭର୍ନରୁ ଖାଦ୍ୟପୁଡ଼ିଆ କିଣିନେଇ ଯେଉଁମାନେ ଟାଭର୍ନ ଭିତରେ ଖାଇ ନ ପାରନ୍ତି ସେମାନେ ଏହି ବଗିଚାକୁ ଆସନ୍ତି । ଟେବୁଲ ଚେୟାର ବ୍ୟବହାର କରନ୍ତି । ପିଇବା ସାଙ୍ଗରେ ଠିଆ ହୋଇ ଖାଇବା, ପୁଣି ଟାଭର୍ନ ଭିତରର ଘଷାଘଷି ପରସ୍ପରରେ; ମଦଜୋରରେ ଟଳ ଟଳ ହେଉଥିବା ଗୁଡ଼ାଏ ଲୋକଙ୍କ

ଭିତରେ ଭିଡ଼ ଭେଦକରି ଖାଦ୍ୟ ଓ ପେୟ ଦୁଇଟିକୁ ଦୁଇହାତରେ ଭାରସାମ୍ୟ ରକ୍ଷାକରି ଚଳବୁଲ କରିବା ଏକପ୍ରକାର ମଦ୍ୟପର ଦକ୍ଷତା ଦରକାର କରେ। ଆମ ଦେଶର କଫି ହାଉସରେ ଭିଡ଼ ଥିଲେ ବି ଏଭଳି ବାଉଁଶବାଜି ଖେଳର ଦକ୍ଷତା ଦରକାର ହୁଏ ନାହିଁ; କାରଣ କଫି ହାଉସରେ ଖାସ୍ ମାତାଲ ନଥାନ୍ତି। (ସବୁ ଜାଗାରେ ସବୁ ସମୟରେ କେହିନା କେହି ନ ପିଇ ମଧ୍ୟ ମାତାଲ ବ୍ୟବହାର ଦେଖାଇ ଥାଏ। ସେମାନଙ୍କ କଥା ମୁଁ କହୁନାହିଁ।)

ପଙ୍ଗତରେ ପିଇବା କେବଳ ପବ୍‌ରେ ହୁଏ କହିଲେ ସତ୍ୟର ଅପଳାପ ହେବ। ପାନୀୟ ସହିତ ଖାଦ୍ୟ ଯୋଗାଉଥିବା ବହୁତ ଦୋକାନ ମିଳେ। ଆମ ଦେଶରେ ଚା ଦୋକାନ ବା ଫ୍ରୁଟ୍ ଦୋକାନ ଭଳି ବିଲାତରେ ମଦ ଓ ମାଂସର ଦୋକାନ ସବୁଆଡ଼େ ଅଛି। ଥଣ୍ଡା ଦେଶରେ ଲୋକ ହେଉ ବା ଅତ୍ୟଧିକ ଗରମ ଦେଶ ହେଉ, ସେଠାକାର ଲୋକେ ପାଣି ପିଅନ୍ତି ନାହିଁ। ଶୋଷ ହେବାର ଅବସର କାହିଁ? ଝାଳ ବୋହିଲେ ବା ଦେହରୁ ଜଳୀୟ ଅଂଶ ଉଡ଼ିଗଲେ ତ ପିଇବାକୁ ଇଚ୍ଛା ହେବ? କେବଳ ଖାଇବାବେଳେ ପିଇବା କଥା। ଶୋଷ ହେଲେ ତ କୋକା କୋଲା, ଲିମ୍ବୁ ଭଳି ପାନୀୟର ବୋତଲଟିଏ କିଣି ପିଇଦିଅ। ଖାଇବା ଟେବୁଲ ପାଖରେ ବସିଲେ ବିଅର ପିଇବା ଗୋଟିଏ ସାଧାରଣ କଥା। ଦାମିକା ବା ଉଚ୍ଚ-ଗୁଣର ମଦ ପିଇବାର ଅବସର ଆସେ ଡିନର ଖାଇବା ବେଳେ। ଗ୍ଲାସ ଟଲ୍ କରି ଟିକିଏ ଟିକିଏ ଢାଳି ପିଇହେବ। ହାଲ୍‌କା ମଦ ହୋଇଥିବାରୁ ଏଥିରେ ମାତାଲ କରିବା ପ୍ରଭାବ ନିମ୍ନ ଧରଣର। ହ୍ୱିସ୍କି, ଜିନ୍, କନ୍ୟାକ୍ ଆଦି ଧୀରେ ଧୀରେ ଢୋକେ ଢୋକେ ପିଆଯାଏ। ଢୋକେ ଢୋଇଲେ ତୃପ୍ତି ପାଇଁ ନୁହେଁ। ଜିଭ ଲଗାଇ ପାଟି ଓଦା କରିବା କହିଲେ ବେଶ୍ ବୁଝାଇବ। ଯେଉଁମାନେ ମଦ ସାଙ୍ଗରେ ସୋଡ଼ାପାଣି ବା ସାଧାରଣ ପାଣି ମିଶାଇ ପିଅନ୍ତି, ସେମାନେ ଘୁଣ୍ଟେ ଢୋକ ପିଅନ୍ତି। ଆମ ଦେଶରେ ମଦ ଗିଲାସରେ ବରଫ ଖଣ୍ଡ ପକାଇ ଯେପରି ଥଣ୍ଡା କରାଯାଏ, ସେଭଳି ଅବସ୍ଥା ବିଲାତରେ ଆସେ ନାହିଁ। ମେ, ଜୁନ୍ ମାସରେ ଗରମ ବେଶି ହେଲେ ବରଫ ମିଶାନ୍ତି।

ହ୍ୱେମାନଭିଲ, ହେଜ୍‌ବାର୍ନ, ଲଣ୍ଡନ, ଗ୍ରିନ୍‌ଓ୍ୱିଚ୍, ଷ୍ଟାଟ୍‌ଫୋର୍ଡ ବା ୱେଲ୍‌ସ ଯେଉଁଆଡ଼େ ଗଲେ ବି ମଦ ପିଇବାକୁ ଇଚ୍ଛାହେଲେ, ଆମ ସାଙ୍ଗରେ ଯାଉଥିବା ଅଧ୍ୟାପକ ଡାଭିଡ୍ ଆମମାନଙ୍କୁ କୌଣସି ଗୋଟିଏ ପବ୍, ଗୋଟିଏ ଇନ୍ (inn) ବା ଭଦ୍ରସାଙ୍ଗସ୍ଥ ଦୋକାନକୁ ନେଇଯାଆନ୍ତି। ସେମାନେ ବିଅର ବା ଭିନ୍‌ମାନର ମଦ ପିଅନ୍ତି, ମୋ ଭାଗରେ କିଛି ଫଳରସ ବା ପାଣି ପଡ଼େ।

## ଅଧା ଖର୍ଚ୍ଚ ପିଇବାରେ :

ଇଂରେଜମାନଙ୍କ ଖାଇବା ଖର୍ଚ୍ଚର ବେଶି ଭାଗ ମଦକଣାରେ ଯାଏ । ଇଂରେଜମାନେ ଗୋଟିଏ ମଦ୍ୟପ ଜାତି—ସେମାନେ ନିଜେ କହନ୍ତି The English are a nation of alcoholics । ସମ୍ପ୍ରତି ସେମାନଙ୍କ ଭିତରେ ଗୋଟିଏ ନୂଆ ଜାଗରଣ ଆସିଛି, ମଦଖାଇବା ବିରୁଦ୍ଧରେ ଜନମତ ବଢ଼ୁଛି । ବହୁତ ଲୋକ ମୋର ମଦ ନ ପିଇବାକୁ ପସନ୍ଦ କରୁଥିବାର ମୁଁ ଦେଖିଛି । କିନ୍ତୁ ଯୁବକମାନଙ୍କ ଭିତରେ ମଦ୍ୟପାନର ପ୍ରଭାବ ଯେମିତି ସେମିତି ଅଛି । ଶୁକ୍ରବାର ଦିନ ସପ୍ତାହଟା ସରିଯାଏ, ଆଗରେ ଦୁଇଦିନ ଛୁଟି । ସେଦିନ ସନ୍ଧ୍ୟାବେଳେ ବହୁତ ଜଳଖିଆ ଦୋକାନୀ ସେମାନଙ୍କ ବିଭିନ୍ନ କିସମର ମଦର ଗୋଦାମ ଖାଲି କରିବାକୁ ବହୁତ ପ୍ରକାରର ରିହାତି ଘୋଷଣା କରନ୍ତି । କିମ୍ବା ମାଗଣା ନାଚଗାନର ବନ୍ଦୋବସ୍ତ କରନ୍ତି । ଏହି ରିହାତି ବା ନାଚର ସୁବିଧା ନେବା ପାଇଁ ସେ ଅଞ୍ଚଳର ଯୁବକ ଯୁବତୀମାନେ (ବିଶେଷତଃ ଯୁବକ) ଅପରାହ୍ଣ ଛଅଟାରୁ ଧାଡ଼ି ଲଗାଇ ଦିଅନ୍ତି; ଏହି ଧାଡ଼ି ରାତି ବାର ପର୍ଯ୍ୟନ୍ତ ସରିନଥିବାର ମୁଁ ଦେଖିଛି । ବାର ପରେ ଧାଡ଼ି ଥାଏ କି ନାହିଁ, ଦେଖିବାକୁ ମୋର ଧୈର୍ଯ୍ୟ ନଥାଏ । କିନ୍ତୁ ମୁଁ ଶୁଣିଛି, ଏ ଧାଡ଼ି ଅସରନ୍ତି । ରାତି ସାରା ଚାଲିଥାଏ । ଦୁଇଦିନ ତ ଛୁଟି ଅଛି; ନିଦରୁ ଜଲଦି ଉଠିବାର ପ୍ରଶ୍ନ ତ ନାହିଁ । ଧୂମଧାମ ପିଆପିଇ କରି ସକାଳ ହେଲା ବେଳକୁ ଶୋଇଯାଅ । ଆମ ଦେଶରେ ବଡ଼ ବଡ଼ ଅଫିସର, ବଡ଼ ବଡ଼ ଠିକାଦାର ବା ବ୍ୟବସାୟୀମାନେ ଯେମିତି କ୍ଲବକୁ ଫେରୁ ଫେରୁ ରାତି ଅଧ ପାରି ହୋଇଯାଏ, ବିଛଣାରୁ ଉଠୁ ଉଠୁ ଯେମିତି ସକାଳ ନଅ ହୋଇଯାଏ ।

## ନବାବୀ ଖାନା :

ବିଲାତରେ ଡିନର ଖାଇବା ଗୋଟିଏ ନବାବୀ କାରବାର । ଖାଇବା ଆରମ୍ଭ ହେବା ପୂର୍ବରୁ ପିଆପିଇ ଚାଲେ । ପ୍ରାୟ ଘଣ୍ଟାଏ ବା ବେଶିକାଳ । ଆମ ଦେଶରେ ପିଆପିଇ ହେଲେ ପାଟିଟା ଚାଲୁଥିବା ଦରକାର । କାଜୁବାଦାମ ହେଉ, ପକୋଡ଼ିହେଉ ବା ମାଂସଭଜା ହେଉ ଖାଇବା ଚାଲିଥାଏ, ପିଇବା ଚାଲିଥାଏ । ବିଲାତରେ ଡିନର ପୂର୍ବରୁ ପିଇବାରେ ଏମିତି ପାଟି ଚଳିବା ନଥାଏ, ପିଇବା ଧୀରେ ସୁସ୍ଥେହୁଏ । ପିଇ ପିଇ କ୍ଳାନ୍ତ ହୋଇଗଲେ ଅତିଥିମାନେ ଡିନର୍ ଟେବୁଲ୍‌କୁ ଯାଆନ୍ତି । ଡିନର ପାଇଁ ପହଞ୍ଚିବା ଓ ଡିନର ଖାଇବା ଆରମ୍ଭ କରିବା ଭିତରେ ଦୁଇଘଣ୍ଟା ବି ଲାଗି ଯାଇପାରେ । ପୁଣି ଡିନର ଖାଇବାବେଳେ ଓ୍ୱାଇନ (ମଦ)

ପିଇବା ଗୋଟିଏ ଆବଶ୍ୟକ କାମ । ପାଣି ତ କେହି ପିଅନ୍ତି ନାହିଁ; ଯଦି ପାଣି ଦରକାର ମାଗିନିଅ । ୱାଇନ୍ ପୁଣି ଦୁଇ ପ୍ରକାରର, ଧଳା ଓ ଲାଲ୍ । ଇଂରେଜ-ମାନେ ଡିନର ସାଙ୍ଗକୁ ରେଡ୍ ୱାଇନ୍ ବେଶି ପସନ୍ଦ କରୁଥିବାବେଳେ ଆମ ସାଙ୍ଗମାନେ ହ୍ୱାଇଟ୍ ୱାଇନ ବେଶି ମାଗୁଥିଲେ । ମୋ ଭାଗରେ ଓ ମୋଭଳି ଆଉ ତିନି ଚାରିଜଣଙ୍କ ଭାଗରେ ପାଇନ୍ ଆପଲ୍ ଜୁସ୍ (ସପୁରି ରସ) ପଡ଼େ । ଅବଶ୍ୟ ଏଥିପାଇଁ ମୋତେ ମାଗିବାକୁ ପଡ଼ିଥାଏ । ଯେତେ ପିଇବ ତେତେ ଦିଆଯିବ । ଡିନରର ଦାମ ବେଶି ହେବାର କାରଣ ଏହି ମଦ ଓ ମଦଜାତୀୟ ପାନୀୟ । ବିଲାତି ଖାଦ୍ୟରେ ବେଶି କିଛି ଦାମିକା ଜିନିଷ ନଥାଏ । ମସଲାପତ୍ର ତ ନଥାଏ । ପ୍ରଥମେ ସୁପ୍ (ପରିବା ବା ଆମିଷ ସିଝାପାଣି); ସେଥି ସାଙ୍ଗକୁ ଟେବୁଲ ଉପରେ ଥୁଆ ହୋଇଥାଏ ବ୍ରେଡ୍ ଓ ବଟର । ସୁପ୍ ସରିଗଲେ ଖାଦ୍ୟ ବଢ଼ାହୁଏ । ସିଝା ମାଂସ, ସିଝା ପରିବା, ସିଝା ଆଳୁ (ଏହାର ପରିମାଣ ଖୁବ୍ ବେଶି), କଞ୍ଚାପତ୍ରର ସାଲାଡ୍ ଏବଂ ଖାଇସାରିବା ବେଳକୁ କିଛି ମିଠା ଜିନିଷ । ଦରକାର ହେଲେ ଶସ୍ୟ ଜାତୀୟ ଖାଦ୍ୟ କରାଯାଏ—ପାଉଁରୁଟି, ସେଲ ଆଦି କିମ୍ବା ଚାଉଳର ଭାତ । ଏ ଭାତଟା କେବଳ ଆମଭଳି ଏସୀୟ ଲୋକଙ୍କ ପସନ୍ଦ । ଦିନଯାକ ଖାଦ୍ୟରେ ଆମିଷ ଥିବାରୁ ବିଲାତି ଲୋକେ କୋଷ୍ଠବଦ୍ଧତା ଭୋଗିବା କଥା । ଏହାକୁ ଏଡ଼ାଇବା ପାଇଁ ଲହୁଣି (ବଟର) ଓ କଞ୍ଚା ପରିବାପତ୍ର (ସାଲାଡ୍ ଆକାରରେ) ଖାଇବା ଅଭ୍ୟାସରେ ପଡ଼ିଯାଇଛି । ଖାଇବା ଶେଷରେ ଯେଉଁ ମିଠା ଆସେ, ତାହା ଆମ ଦେଶର ମିଠାଭଳି ନୁହେଁ । ନାସ୍‌ପାତି ତିଆରି ମିଠା ପିଠା ବା ଆପଲ୍ ସାସ୍ ଇଂରେଜମାନଙ୍କର ପ୍ରିୟ ମିଠା । ମୋତେ ଲାଗେ ଏହି ମିଠାରୁ ପାଚିଲା ପୋକର ଗନ୍ଧ ଆସେ । ତିଆରି ପ୍ରକ୍ରିୟାରୁ ଏହା ହେଉଥିବ ବୋଧହୁଏ ।

ମୁଁ ଯେଉଁ ଡିନର କଥା ଏଠାରେ କହୁଛି, ତାହା ଇଂରେଜ ଘରର କଥା, ହୋଟେଲ୍ ବା ରେସ୍ତୋରାଁର ନୁହେଁ । ଇଂରେଜ ପରିବାରର ଡିନରଭଳି ଡିନର ମଧ୍ୟ ଆମେ ରହୁଥିବା କୁଇନ୍-ଏଲିଜାବେଥ୍ ହାଉସରେ ଦିଆ ହେଉଥିଲା । ଡିନର ଟେବୁଲ୍‌ରେ ବ୍ରେଡ୍ ସ୍ଲାଇସ୍ (ପାଉଁରୁଟି କଟା କଟା ଖଣ୍ଡ), ସସ୍ (ବିଲାତି ଚଟଣି, ବିଶେଷତଃ ବିଲାତି ବାଇଗଣର) ବଟର, ଲୁଣ ଓ ଗୋଲମରିଚ ଗୁଣ୍ଡ ଥୁଆ ହୋଇଥାଏ । ସିଝା ସବୁଜ ପରିବା, ସିଝା ଆଳୁ ଓ ସିଝା ମାଂସ ସାଙ୍ଗକୁ ଯଦି ଝୋଳ ଦରକାର କର, ମାଗିଲେ ପରିବେଷଣକାରୀ ଆଣିଦେବ । ଏ ଝୋଳର ବି ସୁଆଦ ନଥାଏ । ମଇଦା, ଭିନେଗାର ଆଦି ମିଶାଇ ଏ ଝୋଳ ହୋଇଥାଏ, ଦେଖିବାକୁ ତେନ୍ତୁଳପାଣି ଭଳି । କିନ୍ତୁ ସାମାନ୍ୟ ଖଟା, ସ୍ୱାଦ

ବଢ଼ାଇବା ପାଇଁ । ଆମ ଦେଶର ଝୋଳଭଳି ମସଲାଦିଆ ଜିନିଷ ସାଧାରଣ ଇଂରେଜ ପରିବାର ଖାଏନାହିଁ ।

ଏମିତି ଅସୁଆଦିଆ ଜିନିଷ ପ୍ରଥମେ ପ୍ରଥମେ ଖରାପ ଲାଗୁଥିଲେ; କିନ୍ତୁ ଦିନପରେ ଅଭ୍ୟାସରେ ପଡ଼ିଗଲି । ଅଭ୍ୟାସରେ ପଡ଼ିଗଲା ପରେ ଯେ, ଭଲ ଲାଗିଲା ତାହା ନୁହେଁ, କିନ୍ତୁ ଦେହ ଖରାପ ହେଲାନାହିଁ । ସିଝା ଜିନିଷ ଖାଇଲେ ଦେହ ବା କାହିଁକି ଖରାପ ହେବ ? କ୍ୱଚିତ୍ ଏଲିଜାବେଥ୍ ହାଉସରେ ଥରେ ଥରେ ଦରବ କରାଇ ଆମେ ଭାତ ଓ ମାଂସ ତରକାରି କରାଉ; କିନ୍ତୁ ସେମାନେ ଭାଗ କରନ୍ତି ନାହିଁ । ଏଥିଲାଗି ଆମପାଇଁ ଚିଲି ସସ୍ (ଲଙ୍କାମରିଚର ଚଟଣି) ବରାଦ ହୋଇଅଛି ।

ଆମ ଦେଶରେ ଯେମିତି ସମସ୍ତେ ବସିଗଲେ ଯାଇ ଖାଇବା ଆରମ୍ଭ ହୁଏ, ଏବଂ ସମସ୍ତେ ସାରିଲେ ହିଁ ଉଠିବାର କଥା; ସେପରି ଢଙ୍ଗ କେବଳ ଆନୁଷ୍ଠାନିକ ଡିନରରେ ହୁଏ । ନିମନ୍ତ୍ରଣ କରାହୋଇ ଡକା ହୋଇଥିବା ଡିନରକୁ ଆନୁଷ୍ଠାନିକ ଡିନର କହନ୍ତି । ନିମନ୍ତ୍ରଣକାରୀଙ୍କ ବା କୌଣସି ଉଚ୍ଚ ପଦାଧିକାରୀ ବଡ଼ ଟେବୁଲରେ ବା ସମସ୍ତଙ୍କ ଆଗରେ ଥିବା ଟେବୁଲ ମୁଣ୍ଡରେ ବସିବା ପରେ ହିଁ ବଢ଼ାବଢ଼ି ଆରମ୍ଭ ହୁଏ; ଆଗରୁ ନୁହେଁ । ସେ ପ୍ରଥମେ ମଦ୍ୟପାନ କଲାପରେ ହିଁ ଅନ୍ୟମାନେ ମଦ୍ୟପାନ ଆରମ୍ଭ କରନ୍ତି । ଖାଇସାରିବା ପରେ ସେ ପ୍ରଥମେ ଉଠିଲେ ହିଁ ଅନ୍ୟମାନେ ଟେବୁଲ ଛାଡ଼ିବେ । ସେ ଆଗେ ସିଟ୍‌ରେ ବସିବେ ଓ ଆଗେ ଟେବୁଲ ଛାଡ଼ିବେ । ଅନ୍ୟମାନେ ପରେ ପରେ ତାହା ଅନୁସରଣ କରିବେ । ଅନ୍ୟଥା ଅଭଦ୍ରାମି ବୋଲି ଧରାଯାଏ ।

## ଆନୁଷ୍ଠାନିକ ଭୋଜନ :

ଅକ୍ସଫୋର୍ଡ଼ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ସ୍ଥାନ । ବିଭିନ୍ନ କଲେଜରେ ସପ୍ତାହରେ ଥରେ ଆନୁଷ୍ଠାନିକ (ଫର୍ମାଲ) ଡିନର ହୁଏ । ସେଦିନ ଛାତ୍ରମାନେ ବନ୍ଧୁ ନିମନ୍ତ୍ରଣ କରିପାରନ୍ତି । ଏମିତି ଗୋଟିଏ ନିମନ୍ତ୍ରଣ ପାଇ ମୁଁ ତ୍ରୟୋଦଶ ଶତାବ୍ଦୀର ପୁରୁଣା ମର୍ଟନ (meton) କଲେଜକୁ ଯାଇଥିଲି । ପିଲାମାନେ ଗାଉନପିନ୍ଧି ଡିନର ଟେବୁଲକୁ ଗଲେ । ମୁଁ ବାହାରର ହୋଇଥିବାରୁ କୋର୍ଟ ପ୍ୟାଣ୍ଟରେ ଯାଇଥିଲି । ହଷ୍ଟେଲର ଡିନର ଟେବୁଲ, ମାନେ ଡେସ୍କ ପାଖ ବେଞ୍ଚରେ ବସିଯିବାର କିଛିକ୍ଷଣ ପରେ ଜଣକର ଘୋଷଣା ଶୁଣିଲି । ଡିନ୍ ଓ ଅନ୍ୟ ଅଧ୍ୟାପକବୃନ୍ଦ ଗୋଟିଏ ପଛପଟରୁ ଡିନରଘରକୁ ଆସିଲେ । ଆମେ ସମସ୍ତେ ସେମାନଙ୍କୁ ସମ୍ମାନ

ଦେବାକୁ ଠିଆ ହୋଇଗଲୁ । ତା'ପରେ ପ୍ରାର୍ଥନା ହେଲା । ତିନି ଚାରିଜଣ ଗୀତ ବୋଲି ପ୍ରାର୍ଥନା କଲେ ଯୀଶୁଖ୍ରୀଷ୍ଟଙ୍କୁ । ସେମାନେ ବସିଲାପରେ ଆମେ ସବୁ ବସିଲୁ । ସେଦିନ ଗୋ ମାଂସ ହୋଇଥାଏ । ମୋ ପାଇଁ ମୋ ବନ୍ଧୁ ସାଧା ବା ନିରାମିଷ ବରାଦ ଦେଇଥାନ୍ତି । ସୁତରାଂ ଆଳୁଚକଟା ପ୍ରଥମେ ଦିଆଗଲା । ଅନ୍ୟମାନେ ସୁପ୍ ଖାଇଲେ । ଆମ ଦେଶର ଭରତାଭଳି ହୋଇଥିଲେ ଭଲ ଲାଗିଥାନ୍ତା, କିନ୍ତୁ ସେଥିରେ ପିଆଜ ନାହିଁ କି କୌଣସି ତେଲ ନାହିଁ । କେବଳ ସିଝା ଆଳୁର ଚକଟା । ଜବରଦସ୍ତ ଗିଳ, ନହେଲେ ଭୋକରେ ରୁହ । କିଛି ବଲ୍ଲଡ଼ ଝୋଳ, ସାମାନ୍ୟ ଲୁଣ ମିଶାଇ ଆଳୁସିଝା ଖାଇଲି । ତା'ପରେ ଆସିଲା ମୋ ପାଇଁ ସାଦା ଖାଦ୍ୟ—ଆମ ଦେଶର ଖେଚୁଡ଼ିଭଳି, କିନ୍ତୁ ଖେଚୁଡ଼ିର ସ୍ୱାଦ ନାହିଁ । କାରଣ ଏହା କେବଳ ସିଝା ଜିନିଷ । ଯେଉଁମାନେ ମାଂସ ଖାଉଥିଲେ ସେମାନେ ଆଳୁସିଝା ସହିତ ପେଟ ପୁରାଇଥିବେ । କିନ୍ତୁ ମୁଁ ଜବରଦସ୍ତ ଗିଳି ମଧ୍ୟ ଭୋକିଲା ରହିଗଲି । "କହିଲେ ତ କୁଳ କୁଟୁମ୍ବିକୁ ଲାଜ ।" କଲେଜଟି ମୁଖ୍ୟତଃ ଅଣ୍ଡର ଗ୍ରାଜୁଏଟ୍ ପିଲାଙ୍କପାଇଁ । ଏମାନଙ୍କୁ ଶହାତ ହାରରେ ଖାଇବାକୁ ଦିଆଯାଏ । ଡିନରର ମୂଲ୍ୟ ମାତ୍ର ଏକ ପାଉଣ୍ଡ ନିଆଯାଏ । ଏତେ ଶସ୍ତାରେ କେତେ ବେଶି ପ୍ରକାରର ଖାଇବାକୁ ଦିଆଯାନ୍ତା ? ଯେଉଁମାନେ ସୁପ୍ ଖାଇଲେ ସେମାନେ ପଇସା ତୁଳନାରେ ବେଶି ପାଇଲେ । ଶେଷରେ ପୁଣି ମିଠାଖିଆ ବି ଥିଲା । ଅସଲ କଥା, ବିଲାତରେ ଯଦି ନିରାମିଷ ଖାଇବ, ବହୁତ ଆଗରୁ କହିରଖିବ, ନଚେତ୍ ଶେଷ ମୁହୂର୍ତ୍ତରେ ସାଦା ଖାଇବ କହିଲେ, ଏତେ ସାଦାସିଧା ଜିନିଷ ମିଳିବ ଯେ, ପେଟ ଫାଙ୍କା ରହିଯିବ । କିମ୍ବା ଅଡୁଆରେ ପଡ଼ି ସେମାନେ ଆମିଷ ଖାନାରୁ ଆମିଷ ଅଂଶତକ କାଢ଼ିନେଇ ଆପଣଙ୍କୁ ଦେଇଦେବେ । ତେଣିକି ଆପଣ ନାକଉପରେ ନିର୍ଭର କରିବେ, ତାହା ସାଦା କି ଆମିଷର ଅଂଶ ବିଶେଷ । କିମ୍ବା ଆପଣଙ୍କ ଭୋକଉପରେ ନିର୍ଭର କରି ଖାଇଦେବେ; କହିବେ ଆଳୁରେ ନିୟମ ନାସ୍ତି ।

## ଦେଶୀ ଖାନା ଖୋଜା :

କିଛିଦିନ ରହିଗଲା ପରେ ଆମେ ଜାଣିଗଲୁ କେଉଁଠି କଣ ମିଳେ । ଭାତ ତରକାରି ନମିଳିଲେ ବି ରୁଟି ମିଳନ୍ତା କି ? ରୁଟି ଅର୍ଡର କଲେ, ଅଣ୍ଡା ପାଗରେ ରହିପାରିବ ସତ, ଅଣ୍ଡାରେ ରୁଟି ଟାଣ ହୋଇଯିବ । ବେଶି ସମୟ ରହିବାଭଳି ରୁଟି ଟିକେ ମୋଟା ହେବା ଦରକାର—ଯେମିତି ରାଜସ୍ଥାନର ଲୋକେ ପୁରୀ ଆସିଲାବେଳେ ଖାଦ୍ୟ ହିସାବରେ ରୁଟି ଆଣିଥାନ୍ତି (ଅବଶ୍ୟ ଏହା

ସମ୍ଭବତ ସେମାନେ ଅଙ୍ଗୁର, ଆଉ କିଛି ଶୁଖିଲା ଛାଣୁଆ ବା ମୁସୁମୁସୁ ଜଳଖିଆ ଧରି ଆସିଥାନ୍ତି ) । ବିଲାତରେ ସେ ପ୍ରକାର ରୁଟିକୁ ପିଟା କହନ୍ତି । ବୋଧହୁଏ ଏହା ଆମ ପିଠା ଶବ୍ଦର ଅପଭ୍ରଂଶ । ଏ ଶବ୍ଦ ମୁଁ ଏ ପର୍ଯ୍ୟନ୍ତ ଇଂରାଜୀ ଅଭିଧାନରେ ପାଇନାହିଁ । ଯେଉଁ ଯେଉଁ ଅଞ୍ଚଳରେ ବେଶି ଭାରତୀୟ ଥାନ୍ତି (ବେଶି ଭାରତୀୟ ଗ୍ରୁପ ମଧ୍ଯ) ସେ ସବୁ ଅଞ୍ଚଳରେ ଭାରତୀୟ ହୋଟେଲ ବା ରେସ୍ତୋରାଁ ଅଛି । ସାଧାରଣତଃ ବାଙ୍ଗ୍ଲା ଦେଶର ଲୋକେ ଏହିସବୁ ରେସ୍ତୋରାଁ ଚଳାଇଥାନ୍ତି । ବଙ୍ଗଳାଦେଶୀ, ପାକିସ୍ଥାନୀ ଓ ଭାରତୀୟ ସମସ୍ତେ ଥରେ ଅବିଭକ୍ତ ଭାରତରେ ଥିଲେ ବୋଲି ବିଲାତର ଲୋକ ଏ ତିନୋଟି ଯାକର ଦେଶର ଲୋକଙ୍କୁ ଭାରତୀୟ ବୋଲି କୁହନ୍ତି । ଅକ୍ସଫୋର୍ଡ଼ର କାଉଲି ରୋଡ଼ (Cowly Road) ଅଞ୍ଚଳରେ ଏସୀୟ ଲୋକଙ୍କର ବସବାସ । ସମୟ ସମୟରେ ବିଲାତରେ ଏସୀୟ ଲୋକ ଓ ବିଲାତି ଲୋକଙ୍କ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଯାଏ । ତେବେ-ବେଳେ ଏହି କାଉଲି ରୋଡ଼ରେ ହିଂସା କାଣ୍ଡ ଘଟିଥାଏ । ମୁଁ ଅନେକଥର ଆମ ଲୋକମାନଙ୍କର ବିଲାତି ଘରକଣ୍ଣା ଦେଖିବା ପାଇଁ କାଉଲି ରୋଡ଼ ଯାଇଛି । ସେଠାରେ ଭାରତୀୟ ଜିନଷ, ବିଶେଷତଃ ଲୁଗାପଟା, ହସ୍ତକର୍ମ ଖୁବ୍ ବେଶି ଦାମରେ ବିକି ହୁଏ; ହିନ୍ଦି ଭାଷାରେ କହିବାକୁ ଭଲଲାଗେ । କିନ୍ତୁ ଦର ବେଶି ହୋଇଥିବା କାରଣରୁ କିଣିବାକୁ ଇଚ୍ଛା ହୁଏନାହିଁ । ଭାରତୀୟ ଖାନା ଖାଇବା ପାଇଁ ବେଳେ ବେଳେ ଆମେ ଏହି କାଉଲି ରୋଡ଼କୁ ଆସୁଥିଲୁ ।

ଆମର କର୍ମଶାଳା ଆବାସିକ ହୋଇଥିବାରୁ ବ୍ରିଟିଶ କାଉନସିଲ ତରଫରୁ ମିଳୁଥିବା ପାଉଣ୍ଡ, ରହିବା, ଖାଇବା, ପିଇବା ଓ କେତେକ ପରିମାଣରେ ବୁଲାବୁଲି କରିବାର ଖର୍ଚ୍ଚ ତୁଲାଉଥିଲା । କିନ୍ତୁ ଅକ୍ସଫୋର୍ଡ଼ ପଲି ଟେକ୍ନିକ୍‌ର ଯେଉଁମାନେ ଏହି କର୍ମଶାଳା ଆୟୋଜନ କରିଥିଲେ ସେମାନେ ନିୟମ କରିଥିଲେ ଯେ, ସପ୍ତାହରେ ଅତି ବେଶିରେ ଦୁଇଦିନ ମାତ୍ର କୁଇନ୍ ଏଲିଜାବେଥ ହାଉସର ବାହାରେ ଖାଇପାରିବୁ ଓ ଏଥିପାଇଁ ଆମେ ପ୍ରତି ଡିନର ଲାଗି ଅଢ଼େଇ ପାଉଣ୍ଡ ଫେରି ପାଇବୁ । ଲଞ୍ଚ ଓ ବ୍ରେକ୍‌ଫାଷ୍ଟ ପାଇଁ କିଛି ଫେରସ୍ତ ମିଳୁ ନଥିଲା । ପଲି ଟେକ୍ନିକ୍ ତରଫରୁ ମିଃ ଇଆନ୍ ଡାଭିସ୍ ଯେତେବେଳେ ବାହାରେ ଖାଇବା ପିଇବାର ବନ୍ଦୋବସ୍ତ କରୁଥିଲେ, ସେ ଏଲିଜାବେଥ୍ ହାଉସରୁ ପଇସା ଫେରସ୍ତ ନେଇ ଖର୍ଚ୍ଚ ତୁଲାଉଥିଲେ । ଅକ୍ସଫୋର୍ଡ଼ ବାହାରେ ଗସ୍ତରେ ଯାଇଥିବାବେଳେ ଏହିପରି ମଧ୍ୟ ଆମ୍ଭମାନଙ୍କର ଖାଦ୍ୟ ପେୟର ଆୟୋଜନ ହେଉଥିଲା ।

ଥରେ ଦୁଇଥର ଅକ୍ସଫୋର୍ଡ ସହରରେ ଭାରତୀୟ ହୋଟେଲରେ ମଧ୍ୟ ଡିନର କରିଛୁ । ସାଦା ସିଝା ଓ ବିନା ମସଲା ତରକାରୀ ସହିତ ବ୍ରେଡ୍, ବଟର ଖାଇ ଖାଇ ଆମ୍ଭମାନଙ୍କୁ ଅରୁଚି ଧରିଥାଏ ସିନା, ଇଂରେଜ ଅଧ୍ୟାପକମାନଙ୍କୁ ତ ଅରୁଚି ଲାଗି ନଥିବ ! ତଥାପି ମସଲାଦିଆ ଭାରତୀୟ ତରକାରୀ ସହିତ ପଲଉ ବା ବିରିଆନି ଖାଇଲେ ସେମାନେ ବହୁତ ଖୁସି ହୁଅନ୍ତି ।

## ବାର୍ବେକ୍ୟୁ :

ଆମକୁ ଥରେ ଇଆନ୍ ଡାଭିସ୍ ତାଙ୍କ ଘରେ ଖାଇବାକୁ ଡାକିଥିଲେ । ପିଟରଉଇଣ୍ଟେଷ୍ଟରେ ନାମକ ଆଉ ଜଣେ ଗବେଷକଙ୍କ ଘରେ ମଧ୍ୟ ଥରେ ଡିନର ପାଇଁ ଯାଇଥିଲୁ । ଆପଣମାନେ ଭାବିବେ ନାହିଁ ଯେ, ସେମାନେ ନିଜ ହାତରୁ ଖର୍ଚ୍ଚ କରି ଆମମାନଙ୍କୁ ନିମନ୍ତ୍ରଣ କରିଥିଲେ । କୁଇନ୍ ଏଲିଜାବେଥ୍ ହାଉସରୁ ପ୍ରତି ଡିନର ପାଇଁ ଅଢ଼େଇ ପାଉଣ୍ଡ ହିସାବରେ ସେମାନେ ନେଇ ସାରିଥିଲେ । ସେମାନଙ୍କ ଘରେ ଖାଇବାରେ ବିଶେଷ କିଛି ବିଶେଷତ୍ୱ ନଥିଲା । କେବଳ ଗୋଟିଏ କଥାରେ ତଫାତ ଥିଲା ଯେ, ଆମମାନଙ୍କ ଭିତରୁ ପ୍ରତ୍ୟେକ ରେସିପିରେ କିଛି ନା କିଛି ସାହାଯ୍ୟ କରିଥିଲୁ । ଆମମାନଙ୍କ ଭିତରୁ କେତେକ ଅପରାହ୍ଣରେ ବଜାରଯାଇ ସଉଦା ପତ୍ର ଆଣିଥିଲୁ । ମଝିରେ ଥରେ ଆମେ ସମସ୍ତେ ଗୁନ୍ଦାକର ଇଆନଙ୍କ ଘରେ ବାର୍ବେକ୍ୟୁ କରିଥିଲୁ । ବାହାରେ ଚୁଲିଜାଳି ମାଂସ ପୋଡ଼ି ଖୋଲା ଜାଗାରେ ଖିଆପିଆ କରିବାକୁ ବାର୍ବେକ୍ୟୁ କୁହାଯାଏ । ଆମ ଭିତରୁ ଦୁଇ ତିନିଜଣ ନିଆଁରେ ମାଂସ ପୋଡୁଥାନ୍ତି ଏବଂ ଖଣ୍ଡିଏ ପରେ ଖଣ୍ଡିଏ ଜଣ ଜଣଙ୍କୁ ଧରାଇ ଦେଉଥାଆନ୍ତି । ଏଥି ସହିତ ବ୍ରେଡ୍ ଓ ସସ୍ ଥାଏ । ପାନୀୟ ମଧ୍ୟ ଦିଆଯାଇଥାଏ । ଚିଲ୍ଲନ୍ କଲବଲ ଲାଗୁଥାଏ । ଇଆନ ବା ପିଟର ଆମ ସହିତ ଗପୁଥିଲା ବେଳେ କାହାର କାହାର ଥାଳରୁ ମଧ୍ୟ ମାଂସ ଖଣ୍ଡ ଉଠାଇ ନେଇ ଯାଉଥାନ୍ତି । ପ୍ରଥମେ ପ୍ରଥମେ ମୁଁ ଭାବୁଥିଲି ଯେ, ମଦ ନିଶାରେ ସେମାନେ ଅଇଁଠା ଜାଣି ପାରୁନାହାନ୍ତି । ପରେ ବୁଝିଲି ଯେ, ବଡ଼ ବଡ଼ ମାଂସ ଖଣ୍ଡ କେହି ଛାଡ଼ି ଦେଇଥିଲେ ସେମାନେ ନଷ୍ଟ କରିବାକୁ ଦିଅନ୍ତି ନାହିଁ । ଇଂରେଜମାନେ ବଡ଼ ହିସାବୀ ଜାତି । ସେମାନେ କାହିଁକି କିଣା ହୋଇଥିବା ଜିନିଷକୁ ନଷ୍ଟ କରିବାକୁ ଦିଅନ୍ତେ ?

ଆମମାନଙ୍କ ଗହଣରେ ମି. ଡଙ୍ଗ୍ରେ ନାମକ ଜଣେ ଭାରତୀୟ ପୁରାପୁରି ନିରାମିଷାଶୀ ଥିଲେ । ସେ ପ୍ରାୟ ପ୍ରତିଦିନ ଖେଚୁଡ଼ି ଖାଉଥିଲେ ବା ଗୋଟିଏ ସାଦା ତରକାରୀ ସହିତ ବ୍ରେଡ୍, ବଟର ବା ବନ୍ ଖାଉଥିଲେ । ମୁଁ ଯେତେବେଳେ

କୌଣସି କୃତ୍ରିମ ପାନୀୟ ବା ମଦ ପିଇବ ନାହିଁ ବୋଲି କହି କିଛି ଫଳରସର ବନ୍ଦୋବସ୍ତ କରିଏ, ସେ ଖୁସିରେ ତହିଁରେ ଭାଗ ନିଅନ୍ତି । କିନ୍ତୁ ନିରାମିଷାଶୀ ବୋଲି ମଦ୍ୟପାନରୁ ବିରତ ନଥାନ୍ତି । ସେ ଦିଲ୍ଲୀ ଡେଭଲପ୍‌ମେଣ୍ଟ ଅଥରିଟିର ଅଧିକ୍ଷଣ ଯନ୍ତ୍ରୀ ପାହ୍ୟାର ଲୋକ । ଖରାବେଳେ ଲଞ୍ଚରେ ଭାରତୀୟ ତରକାରି ଖାଇବାକୁ ତାଙ୍କର ଭାରି ଇଚ୍ଛାଥାଏ । ଅକ୍ସଫୋର୍ଡ଼ର କୁଇନ୍ ଏଲିଜାବେଥ୍ ହାଉସରେ ସବୁ ସମୟରେ କୌଣସି ନାଁ । କୌଣସି ଭାରତୀୟ ଛାତ୍ର ଥାଆନ୍ତି ଜାଣି ନିକଟରେ ଗୋଟିଏ ମନୋହର ଦୋକାନ ଭାରତୀୟ ତରକାରି ସହିତ ଚପାତି ବିକ୍ରି କରୁଥାଏ ।

ଏହି ଦୋକାନଟି ଯାଇଗଲା ପରେ ତାଙ୍କେ ଖୁବ୍ ଖୁସି ହୋଇଗଲେ । ମୋତେ ସବୁବେଳେ ସାଙ୍ଗରେ ନେଇ ମଧ୍ୟାହ୍ନ ଭୋଜନ ପାଇଁ ଜିନଷ କିଣନ୍ତି । ଦୋକାନରେ ମିଳୁଥିବା ଚପାତିକୁ ସେମାନେ ପିଟା କହନ୍ତି । ବିଭିନ୍ନ ତରକାରି ମଧ୍ୟରେ ମସଲାଦିଆ ଡାଲି, ଆଳୁତରକାରି, କୋଫ୍‌ତା ତରକାରି, ବିଭିନ୍ନ ପରିବାର ସନ୍ତୁଳା ମିଳେ । ସେଗୁଡ଼ିକ କେତେଦିନ ତଳର କହି ହେବନି । ଶୀତ ପ୍ରଧାନ ଦେଶ ହୋଇଥିବାରୁ ଗନ୍ଧେଇଯାଏ ନାହିଁ । ବିକାଳବେଳେ ସେମାନେ ମାଇକ୍ରୋ-ୱେଭ୍ ହିଟର୍ (ବିଜୁଳି ଚୂଲା)ରେ ଗରମ କରିଦିଅନ୍ତି । ଆମେ ଯାହା କିଛି କିଣୁ, ଜଣେ କାହାର ରୁମ ଭିତରେ ବସି ପଙ୍ଗତରେ ଖାଉ । ପୁଣି ତାଙ୍କେ ତାଙ୍କ ଘର ତିଆରି ସାଲୁଆ, ମସମସିଆ ଜିନଷଗୁଡ଼ାଏ ନେଇଥାନ୍ତି । ସେଥିରୁ କିଛି କିଛି ମିଳେ । ତିନ୍ଟି ପିଟା ଓ ଗୋଟିଏ ଅଧେ ତରକାରି ଖୁବ୍ କମ୍ ପରିମାଣରେ କିଣିଲେ ମଧ୍ୟ ପ୍ରାୟ ପାଉଣ୍ଡେ (୧୬ ଟଙ୍କା) ପଡ଼ିଯାଏ । ହଷ୍ଟେଲରେ କମ୍ପା ପଦାରେ ସାଧାରଣ ଲଞ୍ଚ ଖାଇଲେ ଦୁଇ ପାଉଣ୍ଡରୁ ବେଶି ପଡ଼େ । ତେଣୁ ତରକାରି ଓ ଚପାତି ବାଛି ଆବଶ୍ୟକ ମୁତାବକ କିଣିବା ଶସ୍ତା ପଡୁଥିଲା ।

## ଅପରିଷ୍କାର ଜାତି (?)

ଇଂରେଜମାନେ ଭାରି ସଭ୍ୟ ବୋଲି ଗର୍ବ କରନ୍ତି । କିନ୍ତୁ ସପ୍ତାହ ଶେଷ ନହେବା ପର୍ଯ୍ୟନ୍ତ ସେମାନେ ଗାଧୁଅନ୍ତି ନାହିଁ । ଶୀତ ପ୍ରଧାନ ଦେଶ ହୋଇଥିବାରୁ ଏହା ତାଙ୍କର ଅଭ୍ୟାସରେ ପଡ଼ିଯାଇଛି । ଝାଳ ତ ବୁହେ ନାହିଁ, ଦେହ ଗନ୍ଧାଇବ କାହିଁକି ? ଯାହାକିଛି ଧୂଳିମଳି ହୋଇଥିବ, ସପ୍ତାହର ପାଞ୍ଚଦିନ ପରେ ଶନିବାର, ରବିବାର ଛୁଟି ଦୁଇଦିନ ସେମାନେ ଧୁଆଧୁଇ ହୁଅନ୍ତି । ଆମ ଦେଶର ବି ହିମାଳୟ ପାଦଦେଶରେ ଥିବା ଲୋକମାନେ ସେହିଭଳି ଗାଧୁଆ ପାଧୁଆରେ କଟକଣା କରନ୍ତି ।

ପେଣ୍ଟକନ୍‌ଷ୍ଟ୍ରିଟରେ ମୋର ଓ ଆଉ କେତେକ ପାଖ ଘରପାଇଁ ଯେଉଁ ପରିଷ୍କାରକ ବା ଝାଡ଼ୁଦାର ରହୁଥିଲା ତାକୁ ମୁଁ କ୍ୱଚିତ୍ ଦାନ୍ତ ଘଷିବାର ଦେଖିଛି । ଅନେକ ସମୟରେ ସେ ବିଛଣାରୁ ଉଠିବା ପରେ ପରେ ଜଳଖିଆ ଖାଇବାକୁ ଚାଲିଯାଏ । ଅଧିକାଂଶ ଇଂରେଜ ଲୋକ ମୁହଁ ଧୋଇଲେ ବି ଜିଭ ଛେଲନ୍ତି ନାହିଁ । ଅବଶ୍ୟ ଦାନ୍ତ ଘଷିବା ଯେତେ ଦରକାର, ଜିଭ ଛେଲିବା ସେତେ ଦରକାର ନୁହେଁ । ତାଙ୍କ ଦେଶରେ ଦାନ୍ତରୋଗ ଖୁବ୍ ବେଶି । ଅଧିକାଂଶ ମନୋହାରୀ ଦୋକାନରେ ଦାନ୍ତ ସଫା କରିବା ପାଇଁ ବିଭିନ୍ନ ପ୍ରକାରର ସରଞ୍ଜାମ ମିଳେ । ଦୁଇ ଦାନ୍ତ ସନ୍ଧିରେ ସଫା କରିବା ପାଇଁ ଖଣ୍ଡିଏ ଖଣ୍ଡିଏ ସୂତା ବିକ୍ରି ହେଉଥାଏ । ଏହାକୁ ଡେଣ୍ଟାଲ୍ ଫ୍ଲସ କହନ୍ତି । ଦାନ୍ତ ଉପରେ ହଳଦିଆ ଛିଟ (ଡେଣ୍ଟାଲ୍ ପ୍ଲେକ୍) ବସିଗଲେ ତାକୁ ସଫା କରିବାପାଇଁ ଔଷଧ ମିଳେ । ତଥାପି ସେମାନେ ଖୁବ୍ ସ୍ୱାସ୍ଥ୍ୟକର ପରିବେଶ ଭିତରେ ଅଛନ୍ତି ବୋଲି ଦାବି କରନ୍ତି । ଆମେ ସେମାନଙ୍କ ଗର୍ବକୁ ଭାଙ୍ଗିବା ପାଇଁ ଅବସର ଖୋଜୁଥାଉ । ସେମାନଙ୍କ ଖାଦ୍ୟରନ୍ଧା ଆମମାନଙ୍କର ମନଲୋଭା ହେଉ ନଥିବାରୁ ଏବଂ ଆମ ଭାରତୀୟ ଖାଦ୍ୟ ସେମାନେ ହଜମ କରି ପାରୁନଥିବାରୁ ଆମେ ଚିଡ଼ି ଯାଉଥାଉ । କୁଇନ ଏଲିଜାବେଥ୍ ହାଉସ୍‌ରେ ସେଫେଇ କରୁଥିବା ଲୋକଙ୍କ ଭିତରେ ଜଣେ ନାଇଜେରିଆ ମହିଳା ଥାନ୍ତି । ତାଙ୍କୁ କହିଲେ ସେ ଥରେ ଥରେ ଭାତ ରାନ୍ଧେ ଓ ଇଂରେଜୀ ରନ୍ଧାରେ ଚିଲି ସସ୍ (ଲଙ୍କାମରିଚ) ପକାଇ ଆମମାନଙ୍କୁ ଦିଏ । ମୁଁ ବେଶି ପରିମାଣର ପାଣି ପିଇବାକୁ ମାଗିଲେ ଇଂରେଜ କର୍ମଚାରୀମାନେ ଗର୍ବକରି କହନ୍ତି ଯେ, ମୋତେ ଯେଉଁ ପିଇବାପାଣି ଦେଉଛନ୍ତି ତାହା ୯୦ କିଲୋମିଟର ଦୂରରୁ ୫ ଥର ଫିଲ୍‌ଟର୍ ହୋଇ ଆସିଛି । ଏହା ଅସମ୍ଭବ ହୋଇନପାରେ, କାରଣ ଅକ୍ସଫୋର୍ଡ଼ ସହର ଭିତରେ ବୋହି ଯାଇଥିବା ଦୁଇଟିଯାକ ନଦୀର ପାଣି ଖୁବ୍ ଗୋଳିଆ । ବୋଧହୁଏ ସହରର ଆବର୍ଜନାରେ ଦୂଷିତ । ପିଇବାପାଇଁ ସେମାନେ ଯଦି ଝରଣାର ପାଣି ବା ମିନେରାଲ ଓ୍ୱାଟର ଆଣି ଦିଅନ୍ତି, ତାର ଦାମ ବିଅରଠାରୁ ବେଶି ହେବ । ତେଣୁ ମୁଁ ବେଶିଥର ପାଣି ମାଗିଲେ ଥରେ ଥରେ ସେମାନେ ପଚାରନ୍ତି "ଆପଣ କଣ ନଈ କୂଳରେ ରହନ୍ତି କି ?" ମୁଁ ଉତ୍ତର ଦିଏ "ନଈ କୂଳରେ ନୁହେଁ, ନଈ ଭିତରେ ବି ନୁହେଁ ।" ସେମାନଙ୍କୁ ଉଦାହରଣ ଦେଇ ମୁଁ କୁହେ ଯେ ଆମ ଦେଶର ନଦୀଗୁଡ଼ିକ ବିଲାତର ନଦୀଗୁଡ଼ିକ ଅପେକ୍ଷା ବହୁଗୁଣରେ ବଡ଼ । ଅକ୍ସଫୋର୍ଡ଼ ସହରରେ ବୋହିଯାଉଥିବା ଟେମସ୍ ଓ ଚେରଓ୍ୱେଲ ନଦୀ ମହାନଦୀର କେନ୍ଦ୍ରାପଡ଼ା ବା ବରଗଡ଼ କେନାଲଠାରୁ କୌଣସି ଗୁଣରେ ବଡ଼ ନୁହେଁ । ଆମ ଦେଶର ନଦୀଗୁଡ଼ିକ ଏତେ ବଡ଼ ଯେ, ତା ମଝିରେ ମଝିରେ

ଦ୍ୱୀପ ରହିଛି ଏବଂ ସେହି ଦ୍ୱୀପରେ ଲୋକମାନେ ବସବାସ କରନ୍ତି । ମୁଁ କୌଣସି ପଠାର ଅଧିବାସୀ ନୁହେଁ ସତ କିନ୍ତୁ ମୁଁ କହିବା ମୂଳରେ ଏତିକି ଭାଳୁଛି ଥାଏ; ସେମାନେ ଜାଣିବା ଉଚିତ ଯେ ସେମାନେ ଛୋଟ କଥାକୁ ବଡ଼ ବଡ଼ କରି କହୁଛନ୍ତି ।

## ଗୋଟିଏ ନମୁନା :

ବ୍ରେକ୍‌ଫାଷ୍ଟରେ ସେମାନେ ବିଭିନ୍ନ ପ୍ରକାରର ସାମଗ୍ରୀ ସହିତ କର୍ଣ୍ଣଫ୍ଲେକ୍ସ ଓ ଯାବତୀୟ ଶୁଖିଲା ଖାଦ୍ୟର ଗୁଣ୍ଡ ଯୋଗାଇଥାନ୍ତି । ଏହି ଗୁଣ୍ଡରେ ଚୂର୍ଣ୍ଣ ଗହମ, ମୁଢ଼ି ଭଳି ଗୁଣ୍ଡଳା ଭଜା, ଶୁଖିଲା ନଡ଼ିଆ, କିସ୍‌ମିସ୍, ଶୁଖାଯାଇଥିବା ପାଚିଲା କଦଳୀର ଚେକା, କାଜୁ ବାଦାମ ଆଦି ବିଭିନ୍ନ ମୁଖରୋଚକ ଜିନିଷ ଥାଏ । ଏଗୁଡ଼ିକ ପ୍ରାୟ ବିଦେଶରୁ ଆମଦାନୀ କରାଯାଇଥାଏ । ଥରେ ମୁଁ ଏହି ଗୁଣ୍ଡ ଭିତରୁ ଗୋଟିଏ ଦୁଇଟି ପୋକ ବାହାର କରି ସାଙ୍ଗମାନଙ୍କୁ ଦେଖାଇଥିଲି । ଖାଇବା ବେଳେ ବିଳାତ ଯାତ୍ରୀମାନେ ନିଜର ବଡ଼ିମା କରୁଥିବା ବେଳେ ମୁଁ ଥରେ ସେମାନେ ପୋକ ଖାଉଥିବା ଜିନିଷ ଖାଆନ୍ତି ବୋଲି କହି ଦେଇଥିଲି । ଏହାର ପ୍ରମାଣ କରିବା ପାଇଁ ସେମାନେ ମୋତେ ଆହ୍ୱାନ ଦେଇଥିଲେ । ସୌଭାଗ୍ୟକୁ ତା ପରଦିନ ଜଳଖିଆରେ ଗୁଣ୍ଡ ଖାଦ୍ୟ ଥିବା ପାତ୍ରରେ ଘୁମୁରୁ ଘାଣ୍ଟୁ ଘାଣ୍ଟୁ ଗୋଟିଏ କଳା ପୋକ ବାହାର କରି ସେମାନଙ୍କୁ ଦେଖାଇଲି । ସେଦିନ ସେମାନେ ଗୁଣ୍ଡ ଖାଦ୍ୟଗୁଡ଼ିକ ଫୋପାଡ଼ି ଦେଇଥିଲେ ଏବଂ କିଛି ଦିନ ପର୍ଯ୍ୟନ୍ତ ଆଉ ବଡ଼ ବଡ଼ କଥା କହିନଥିଲେ । କିନ୍ତୁ ମୋ ଉପରେ ଭାରି ଚିଡ଼ୁଥିଲେ । କଳାଚମ ଲୋକେ ସେମାନଙ୍କ ଦୋଷ ଧରିବେ ! ଏହା ସେମାନଙ୍କର ଅସହ୍ୟ ଥିଲା ।

ସେଉଁ ପ୍ଲେଟରେ ସେମାନେ ବଡ଼ାବଡ଼ି କରନ୍ତି ତାହା ସ୍ୱାସ୍ଥ୍ୟକର (ହାଇଜିନିକ୍) ବୋଲି ସେମାନେ କୁହନ୍ତି । ଥରେ ମୋ ପାଇଁ ବଢ଼ାହୋଇଥିବା ଗୋଟିଏ ପ୍ଲେଟର କଡ଼ରେ କିଛି ମଇଳା ଲାଗି ରହିଥିଲା । ମୁଁ ପ୍ଲେଟ ସଫା ହୋଇନାହିଁ ବୋଲି ଡାକି ପରିଚାରକଙ୍କୁ ଦେଖାଇ ଦେଇଥିଲି । ଇଂରେଜ ଲୋକମାନେ ଅଣଇଂରେଜ ଲୋକମାନଙ୍କଠାରୁ ସେମାନଙ୍କ ବ୍ୟବହାର ବିଷୟରେ କୌଣସି ଅଭିଯୋଗ ଶୁଣିବାକୁ ପସନ୍ଦ କରନ୍ତି ନାହିଁ । "ତୁମେ ଅଭିଯୋଗ କରୁଛ ?" କହି ସେମାନେ ଆହ୍ୱାନ ଦିଅନ୍ତି ଅଭିଯୋଗକୁ ପ୍ରମାଣ କରିବା ପାଇଁ । ନଚେତ୍ ନିଜେ କର ବୋଲି କହି ଛାଡ଼ି ଚାଲାନ୍ତି । ତେଣୁ କୌଣସି ଅଭିଯୋଗର ସତ୍ୟତା ନଥିଲେ ଥଟ୍ଟା ପରିହାସରେ ଅଭିଯୋଗ କରିବା କଥା ନୁହେଁ । ପ୍ଲେଟରେ ମଇଳା ଅଛି ବୋଲି ମୁଁ କହିଦେଲି ପରେ ଇଂରେଜ କର୍ମଚାରୀ ଜଣକ ଓଲଟି ଉତ୍ତର

ଦେଲେ ଯେ, ପ୍ଲେଟଗୁଡ଼ିକ ଷ୍ଟେରିଲାଇଜଡ୍ (Sterilized) ହୋଇଛି; ଅର୍ଥାତ୍ ପାଣି ଭିତରେ ଫୁଟା ହୋଇଛି । ତା'ର କହିବାର ଅର୍ଥ ଯେ, ଏଥିରେ କୌଣସି ଜୀବାଣୁ ନାହାଁନ୍ତି । ମୁଁ ଉତ୍ତର ଦେଲି ଷ୍ଟେରିଲାଇଜ୍ଡ୍ କରିଛ ବୋଲି ମଣିଷର ମଳ ଖାଇବାକୁ ଦେବ କି ? ସେ ମୋ କଥାର ମର୍ମ ବୁଝିଲେ ଓ ସାଙ୍ଗେ ସାଙ୍ଗେ ପ୍ଲେଟ୍‌ଟିକୁ ଫେରାଇ ନେଇ ଆଉ ଗୋଟିଏ ସଫା ପ୍ଲେଟ ଦେଲେ । ଏହି ଦୁଇଟା ଘଟଣା ପରେ ମୁଁ ଖାଇବା ସମୟରେ ଯାହା ମାଗିଲେ ବା ବଦଳ ଦେଲେ ସେମାନେ ପ୍ରାୟ ପୂରଣ କରୁଥିଲେ ।

## ଖାଦ୍ୟରୁଚି ବଦଳୁଛି :

ଆମର ତିନିମାସ ରହଣି ମଧ୍ୟରେ ତିନି ବ୍ରିଟିଶ ଇଂରେଜ ପରିବାର ସହିତ ମିଳାମିଶା ଘଟିଛି ଏବଂ ସେମାନଙ୍କ ସହିତ ରାତ୍ରି ଭୋଜନ ମଧ୍ୟ ହୋଇଛି । ମଝିରେ ମଝିରେ ଦୂର ରାସ୍ତାରେ ଯାଉଥିବା ବେଳେ ପବ୍ ହାଉସ୍‌ରେ ମଧ୍ୟ ଜଳଖିଆ କରିଛୁ । ଆମ ଦେଶରେ ଯେପରି ରାସ୍ତାକଡ଼ରେ ଢାବା ଦେଖିବାକୁ ମିଳେ, ସେ ଦେଶରେ ସେହିପରି ପବ୍ ହାଉସ୍ । କିନ୍ତୁ ପ୍ରଭେଦ ଦୁଇ ପ୍ରକାରର । ପ୍ରଥମତଃ ସେମାନେ ରାସ୍ତାକୁ ଲାଗି ସରକାରୀ ଜମି ଜବରଦଖଲ କରି ଘର କରି ନ ଥା'ନ୍ତି । ପବ୍ ହାଉସ୍ ସାଧାରଣତଃ ପର୍ଯ୍ୟଟନ ସ୍ଥାନ ପାଖାପାଖି ଥାଏ । ଗ୍ଲେଟ ଗ୍ଲେଟ ଦୁଇଟି ନଦୀର ମିଳନ ସ୍ଥଳ ପବ୍ ହାଉସ୍ ପାଇଁ ଉପଯୁକ୍ତ ଜାଗା । ଦ୍ୱିତୀୟ ପ୍ରଭେଦ, କାଉଣ୍ଟରକୁ ନିଜେ ଖାଦ୍ୟ ପାନୀୟ ଆଣିବାକୁ ପଡ଼େ । ବିଅର କିମ୍ବା ଅନ୍ୟ କଡ଼ା ପାନୀୟ, ଫଳରସ କିମ୍ବା କୋଲା ଭଳି ନରମ ପାନୀୟ ବଦଳ ଦେଇ ତା' ସହିତ କିଛି ଆମିଷ ଖାଦ୍ୟ ବରାଦ ଦିଆଯାଇପାରେ । ଖାଲି ସାଣ୍ଡୁଇଚ୍ କିମ୍ବା ବ୍ରେଡ୍‌ରୋଲ ଆଦି ମାଗିବା ଗରିବ ଲୋକଙ୍କର ଢଙ୍ଗ । ପାଣି କ୍ୱଚିତ୍ ମିଳେ, ତେଣୁ ମଦ ପିଉନଥିବା ଲୋକ କୌଣସି ଫଳରସ କିମ୍ବା କୋକା କୋଲା ଭଳି ପାନୀୟ ମାଗିବାକୁ ବାଧ୍ୟ । ସବୁ ଜିନିଷ ବଢ଼ାବଢ଼ି ସରିଲା ପରେ ଭୋଜନ ଆରମ୍ଭ ହେବା ଆମ ଦେଶର ରୀତି । ବିଲାତରେ ଏପରି ନିର୍ଦ୍ଦିଷ୍ଟ ନ ଥାଏ । ପହଞ୍ଚିବା ପରେ ପରେ ପାନୀୟ ଦିଆଯାଏ; ପାନୀୟ ସହିତ ତାଳ ଦେବାପାଇଁ ଚନାବାଦାମ ଭଜା ବା ଅନ୍ୟ ଶୁଖିଲା ଖାଦ୍ୟ ଯୋଗାଯାଏ । ବାଦାମ ଗୁଡ଼ିକ ଖୁବ୍ ବଡ଼ ବଡ଼, ନିଶ୍ଚୟ ଆମଦାନୀ ଜିନିଷ । କାଜୁବାଦାମ ଦର ଖୁବ୍ ବେଶୀ ହୋଇଥିବାରୁ ସେଗୁଡ଼ିକ ପ୍ରାୟ ଦିଆଯାଏ ନାହିଁ । ବାଦାମ ଦୁଇଟା ପାଟିରେ ପକାଉଥିବ, ଢୋକେ ମଦ ପିଉଥିବ । ଏହିଭଳି ଘଣ୍ଟା ଘଣ୍ଟା ଚାଲେ । ତା' ଭିତରେ ଖାଇବା ଆରମ୍ଭ ହୋଇଯାଏ । ଆଗରୁ କହିଛି, ଆମମାନଙ୍କ ଘରଭଳି ବିଲାତରେ ଛୁଁଆଛୁଣ

ନ'ଭଜା କରନ୍ତି ନାହିଁ । ବ୍ରେଡ୍ ବା ରୋଲ ସହ ବଟର, କିଛି ସିଝା ପନି, କିଛି ପରିବା ସାଙ୍ଗକୁ କିଛି ସିଝା ମାଂସ, ଏହା ହିଁ ତା'ଙ୍କର ପ୍ରିୟ ଭୋଜନ । ଗୁଡ଼ାଏ ମାଂସ ସାଙ୍ଗକୁ ଚିକ୍କଣିଆ ବ୍ରେଡ୍ ବା ପାଉଁରୁଟି ଖାଇଲେ କୋଷ୍ଠବଦ୍ଧତା ହେବା ନିଶ୍ଚିତ । ଝାଡ଼ା ସଫା ହେବା ପାଇଁ କିଛି ତନ୍ତୁ ଜାତୀୟ ଜିନିଷ ଖାଇବା ଦରକାର । ସିଝା ପରିବାପନି ସହିତ ସୁପ୍ ମିଶି ଏହି କାମ ଦିଏ ସତ, ତଥାପି କଞ୍ଚା ପନି ଓ ପରିବାର ସାଲାଡ୍ ଦିଆଯାଏ । ପୁଣି ବଟର ବା ଲହୁଣୀ ଖାଇଲେ ଝାଡ଼ାକୁ ଆହୁରି ଟାଣ କରିଦିଏ । ଆଜିକାଲି ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ଗୋଟିଏ ବୈଜ୍ଞାନିକ ଅନ୍ଧବିଶ୍ୱାସ ଆସିଗଲାଣି ଯେ, ଚର୍ବିଜାତୀୟ ଜିନିଷ ବେଶି ଖାଇଲେ ମଣିଷ ଅଯଥା ମୋଟା ହୋଇଯିବ ଓ ତା'ର ରକ୍ତରେ ଚର୍ବି ଅଂଶ ବା କୋଲେଷ୍ଟେରଲ ବଢ଼ିଯିବ । ଆଉ ଗୋଟିଏ ବିଶ୍ୱାସ ଯେ, ଅତ୍ୟଧିକ ଚିନି ଖାଇଲେ ଦେହର ଶର୍କରା ବିଶୋଧନକାରୀ ଯନ୍ତ୍ର ବା ପାନକ୍ରିୟାଜ୍ ଖୁବ୍ କମ୍ ଦିନରେ ଦୁର୍ବଳ ହୋଇପଡ଼ିବ । ପ୍ରଥମ କାରଣରୁ ରକ୍ତଚାପ ବୃଦ୍ଧି ଓ ହୃତ୍ପିଣ୍ଡ ସଞ୍ଚାଳନରେ ତୀବ୍ରତା ବଢ଼ିବ । ରକ୍ତନଳୀର କାନ୍ଥ ମୋଟା ହୋଇ ରକ୍ତ ଯିବାପାଇଁ ରାସ୍ତା ସରୁରୁ ଆହୁରି ସରୁ ହୋଇଯିବ । ଦେହରେ ଅମ୍ଳଜାନ ପାଇବା ପାଇଁ ଯେତିକି ରକ୍ତ ପ୍ରତି ମିନିଟ୍‌ରେ ସଞ୍ଚାଳନ ହେବା ଦରକାର, ସରୁ ଧମନୀ ବାଟେ ସେତିକି ରକ୍ତ ସ୍ରୋତକୁ ରଖିବା ପାଇଁ ହୃତ୍ପିଣ୍ଡକୁ ବେଶୀ ଜୋରରେ ପମ୍ପ କରିବାକୁ ପଡ଼ିବ; ଫଳରେ ଦିନେ ନା ଦିନେ ଥକିଯାଇ ହୃତ୍ପିଣ୍ଡ କ୍ରିୟା ବନ୍ଦ ହୋଇଯିବ । ଏହାକୁ ହାର୍ଟଫେଲ୍ କହନ୍ତି । ଦ୍ୱିତୀୟ ପ୍ରକାରରୁ ମଧୁମେହ ବା ବହୁମୂତ୍ର ରୋଗ ଜନ୍ମ ନେଇପାରେ । ରକ୍ତଚାପ ଭଳି ଏହି ରୋଗ ଥରେ ହେଲେ ଜୀବନସାରା ରହିଯିବ । ମଧୁମେହ ରୋଗ ହେଲେ ଦେହରେ ଅନ୍ୟ ରୋଗ ଆପେ ଆପେ ଆସିଯିବ । ଏହି କାରଣରୁ ବିଭିନ୍ନ ଭୋଜନାଳୟରେ ଓ ଥିଲାବାଲା ଲୋକଙ୍କ ଘରେ ଭୋଜନରେ ନାଲି ଗହମର ପାଉଁରୁଟି (Whole meal bread ବା ଗୋଟା ଗହମର ଅଟାରୁ ତିଆରି, ଅର୍ଥାତ୍ ଚୋକଡ଼ କଢ଼ା ନ ହୋଇଥିବା ଅଟାରୁ ବ୍ରେଡ୍ ବା ପାଉଁରୁଟି) ଧଳା ପାଉଁରୁଟି ସାଙ୍ଗରେ ଦିଆଯାଏ । ଧଳା ପାଉଁରୁଟି ଖାଇବ କି ନାଲି ପାଉଁରୁଟି ଖାଇବ, ନିଜେ ବାଛିବ । ଯେହିଭଳି ଦୁଧର ଲହୁଣୀ ବଦଳରେ ଚିନାବାଦାମର ଲହୁଣୀ ବା ସୋୟାବିନ୍‌ର ଲହୁଣୀ ଦିଆଯାଉଛି ଏବଂ ଧଳା ଚିନି ବଦଳରେ ସଫାଗୁଡ଼ କିମ୍ବା ନାଲି ଚିନି ଦିଆଯାଏ । କେତେକ ସ୍ଥାନରେ ଚିନି ବଦଳରେ ମହୁ ଦିଆଯାଏ । ଆପଣମାନେ ଭାବୁଥିବେ ଯେ ଲୋକେ ବେଶି ଶିକ୍ଷିତ ହେଲେ ପୁରୁଣାକାଳିଆ ଜିନିଷକୁ ପସନ୍ଦ କରୁଛନ୍ତି ଓ ଗାଁ ଗହଳର ବ୍ୟବସ୍ଥାକୁ ବେଶି ସ୍ୱାସ୍ଥ୍ୟପ୍ରଦ ମନେ କରୁଛନ୍ତି ।

# ଦୋକାନ ବଜାର ଓ ବ୍ୟାଙ୍କ କାରବାର

ଇଂଲଣ୍ଡର ଗାଁ ଗହଳି ଓ ଆମ ଦେଶର ଗାଁ ଗହଳି ଭିତରେ ବିଶେଷ କିଛି ପ୍ରଭେଦ ନାହିଁ । ଗାଁର ଆକାର ଓ ଜନସଂଖ୍ୟା ନେଇ ଏକାଧିକ ତେଜରାତି ଦୋକାନ ଦେଖିବାକୁ ମିଳେ । କିନ୍ତୁ ଡାକଘରଗୁଡ଼ିକ ଆମ ଗାଁର ଡାକଘର ଭଳି ସରକାରୀ ନୁହେଁ । ବ୍ରିଟେନ୍‌ରେ ଡାକ ବ୍ୟବସ୍ଥା ଗୋଟିଏ କରପୋରେସନ୍ ଦ୍ୱାରା ପରିଚାଳିତ । ଯେଉଁଠାରେ ଡାକଘର ପୋଷ୍ଟମାଷ୍ଟରଙ୍କୁ ପୁରା ଦରମା ଦେଇପାରିବ ନାହିଁ, ସେଠାରେ ପୋଷ୍ଟମାଷ୍ଟରଙ୍କୁ ମନୋହାରି ବା ତେଜରାତି ଦୋକାନ ଚଳାଇବାକୁ ଅନୁମତି ଦିଆଯାଇଥାଏ । ବଡ଼ ବଡ଼ ଜାଗାରେ ବା ସହରରେ ଆମ ଦେଶର ବଡ଼ ବଡ଼ ସହର ଭଳି ଦୋକାନ ବଜାର ଭିନ୍ନ ଭିନ୍ନ ଓ ଡାକଘର ସ୍ୱତନ୍ତ୍ର । ଏବେ ଆମ ସରକାର ମଧ୍ୟ ପରୀକ୍ଷାମୂଳକଭାବେ କେତେକ ସହରରେ ଏଜେଣ୍ଟ ଜରିଆରେ ଡାକଘର ଚଳାଇଲେଣି । ଆମ ସହର ଓ ବିଲାତ ସହର ଭିତରେ ବେଶୀ ତଫାତ ନାହିଁ । ଆମ ଦେଶରେ କେତେଗୁଡ଼ିଏ ବିଭାଗୀୟ ଭଣ୍ଡାର ବା ଡିପାର୍ଟମେଣ୍ଟାଲ ଷ୍ଟୋର ଛଡ଼ା ଗ୍ରାହକ ନିଜେ ସଉଦା ବାଛିବାର ସୁବିଧା ପାଏ ନାହିଁ । ଏହାର ଦୁଇଟି କାରଣ—ଗୋଟିଏ ହେଉଛି ଯେ ଆମ ଦେଶରେ ଚାକର ରଖିବା ବେଶି ବ୍ୟୟବହୁଳ ନୁହେଁ । ଦ୍ୱିତୀୟଟି ହେଉଛି ଅସଲ କାରଣ । ସବୁ ଗ୍ରାହକ ସମାନ ପ୍ରକୃତିର ନୁହନ୍ତି । କେତେକ ଗ୍ରାହକ ଜିନିଷ ବାଛୁ ବାଛୁ କିଛି ଜିନିଷ ଚୋରି କରି ନେବେ । ତେଣୁ ଦୋକାନ ମାଲିକ ବିକାବିକି କରିବା ପାଇଁ ଲୋକ ରଖେ, ସେ ଗ୍ରାହକଙ୍କୁ ତା'ର ଇଚ୍ଛା ମୁତାବକ ଜିନିଷ ଦେଖାଏ ଓ ଜିନିଷ ବିକି ପଇସା ରଖେ ।

ଇଂଲଣ୍ଡରେ ଲୋକମାନଙ୍କର ମଜୁରୀହାର ଆମ ଦେଶ ତୁଳନାରେ ଖୁବ୍ ବେଶି । ପ୍ରାୟ ସମସ୍ତେ ଘଣ୍ଟା ହାରରେ ମଜୁରି ନିଅନ୍ତି ଓ ସପ୍ତାହରେ ପାଞ୍ଚଦିନ କାର୍ଯ୍ୟ କରନ୍ତି । ଶନିବାର, ରବିବାର ଛୁଟି ଥାଏ । ଦୋକାନ ଛଅଦିନ ଖୋଲୁଥିବାରୁ ସେମାନେ ଅଧିକ ମଜୁରି ଦେବାକୁ ବାଧ୍ୟ ହୁଅନ୍ତି । ଏହିସବୁ କାରଣରୁ ଅଧିକାଂଶ ବଡ଼ ଦୋକାନ ବ୍ୟବସ୍ଥା କରିଥାନ୍ତି—ଗ୍ରାହକ ନିଜେ ଯେପରି ଜିନିଷ ବାଛି ନେଇପାରିବ ଓ ଦୋକାନରୁ ବାହାରି ଗଲାବେଳେ ସଉଦା ଦେଖାଇ ଖାଞ୍ଚାଞ୍ଚିକୁ ମୂଲ୍ୟ ଦେବ । ଛୋଟ ଦୋକାନଗୁଡ଼ିକୁ ମାଲିକ ବା ମାଲିକର ସ୍ତ୍ରୀ ବା ମାଲିକର କୌଣସି ସମ୍ପର୍କୀୟ ଚଳାନ୍ତି । ଉଚ୍ଚ ମଜୁରି ହାର ଯୋଗୁଁ ଜିନିଷପତ୍ରର ଦର ଖୁବ୍ ବଢ଼ିଯିବା ସ୍ୱାଭାବିକ । ତେଣୁ ଦରକୁ ଉଚିତ ସୀମାରେ ରଖିବାପାଇଁ ପାଶ୍ଚାତ୍ୟ ଦେଶମାନଙ୍କରେ ବିଭିନ୍ନ ଢଙ୍ଗର ଦୋକାନ ଦେଖାଯାଏ । ସବୁଠାରୁ

ବେଶି ସଂଖ୍ୟାର ଦୋକାନ ହେଉଛି, "ନିଜେକିଣ" ବା ସେଲଫ ସର୍ଭିସ୍ (self service) ଦୋକାନ । ଏ ପ୍ରକାର ଦୋକାନଗୁଡ଼ିକରେ ଜିନିଷ ସବୁ ସଜା ହୋଇ ରଖାହୋଇଥାଏ, ଗ୍ରାହକ ଦୋକାନ ସାରା ବୁଲି ନିଜର ମନମୁତାବକ ସଉଦାଧରି ଦୋକାନର କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ଖାଜାଞ୍ଚିମାନଙ୍କ ଭିତରୁ ଜଣଙ୍କ ପାଖରେ ସଉଦା ହିସାବ ଅନୁଯାୟୀ ପଇସାଦେଇ ବାହାରିଆସେ । ପଇସା ନଦେଇ ଜିନିଷଧରି ବାହାରି ଆସିଲେ ଦୋକାନରେଥିବା ଗୁପ୍ତଚର କ୍ୟାମେରା ଜରିଆରେ ସେ ଧରାପଡ଼ିଯିବ । ଏପରି ଗ୍ରାହକ ଦ୍ୱାର ମାଡ଼ିବାକ୍ଷଣି କ୍ୟାମେରା ନିର୍ଦ୍ଦେଶରେ ସତର୍କଘଣ୍ଟି ବାଜିଉଠିବ । ଦୋକାନର ପହରାଦାର ଆସି ଧରିନେବ । ଆଉ ଗୋଟିଏ ରକମର ଦୋକାନ ହେଉଛି ତାଲିକା ଦୋକାନ ବା "କାଟ୍‌ଲଗ୍ ସପ" (catalogue shop) । ଏଭଳି ଦୋକାନରେ ବିକ୍ରିଯୋଗ୍ୟ ଜିନିଷ ସବୁ ଗୋଦାମଘରେ ରଖାଯାଇଥାଏ । ପ୍ରାୟ ପ୍ରତ୍ୟେକ କିସମର ଜିନିଷରୁ ଗୋଟିଏ ଗୋଟିଏ ନମୁନା ସୋକେସ୍ ଭିତରେ ବା ତାଲା-ପଡ଼ିଥିବା କାଚଆଲମିରାରେ ରଖାଯାଇଥାଏ । ଦୋକାନ ଭିତରେ ସ୍ଥାନ ଅନୁଯାୟୀ ଗୁଡ଼ାଏ ଟେବୁଲଥାଏ ଏବଂ ପ୍ରତ୍ୟେକ ଟେବୁଲରେ ଛବିଲ କାଟ୍‌ଲଗ୍ ବା ଜିନିଷ ତାଲିକା ରଖା ହୋଇଥାଏ । ସେଗୁଡ଼ିକ ସାଧାରଣତଃ ଟେବୁଲ ସହିତ ବନ୍ଧା ହୋଇଥାଏ । ପ୍ରତ୍ୟେକ କାଟ୍‌ଲଗ୍‌ରେ ଜିନିଷର ଛବି ସାଙ୍ଗକୁ ବର୍ଣ୍ଣନାଥାଏ ଓ ମୂଲ୍ୟ ଲେଖାଥାଏ । ଏହି କାଟ୍‌ଲଗ୍ ପାଖରେ ଅର୍ଡରଫର୍ମ ବା ବରାଦ-କାଗଜ ଟେବୁଲ ଉପରେ ଥୁଆ ହୋଇଥାଏ । ଲେଖାଲେଖି କରିବାପାଇଁ ଶସ୍ତାଳିଆ ଡଟ୍‌ପେନ୍ ଥୁଆ ହୋଇଥାଏ । କାଟ୍‌ଲଗ୍‌ରେ ଥିବା ନମ୍ବର ଅନୁଯାୟୀ ସଉଦାର ବରାଦ କରିବାକୁ ପଡ଼େ । କାଚ ଆଲମିରାରେ ଥିବା ନମୁନା ଜିନିଷଗୁଡ଼ିକର ଦେହରେ ମଧ୍ୟ କାଟ୍‌ଲଗ୍ ନମ୍ବର ଦିଆଯାଇଥାଏ । ଏହାଦ୍ୱାରା ଗ୍ରାହକ କାଟ୍‌ଲଗ୍ ଅନୁଯାୟୀ ଜିନିଷର ଆକାର ପ୍ରକାର ଜାଣିପାରେ । ପାଠକମାନେ ଭାବିପାରୁଥିବେ ଯେ ଏପରି ଦୋକାନ ଇଂଲଣ୍ଡର ବିଭିନ୍ନ ସହରରେ ନିଶ୍ଚୟ ଥିବ, ନଚେତ୍ ଗୋଟିଏ ଦୋକାନ ସକାଶେ ଛବିଲ କାଟ୍‌ଲଗ୍‌ଟିଏ ଛପାଇବା ବହୁତ ଖର୍ଚ୍ଚ ସାପେକ୍ଷ ହେବ । ଏପ୍ରକାର ଦୋକାନରେ ଗ୍ରାହକପାଇଁ ଗୋଟିଏ ଅସୁବିଧା ଯେ ସେ ଜିନିଷକୁ ପରୀକ୍ଷା କରି ନେଇପାରିବ ନାହିଁ । ତା'ର ବରାଦ ଅନୁଯାୟୀ କମ୍ପ୍ୟୁଟର ପାଖରେ ବସିଥିବା ଜଣେ କର୍ମଚାରୀ କମ୍ପ୍ୟୁଟରରେ ଆଦେଶ ଦେବ । ଦୋକାନର ଗୋଦାମରେ ସେ ଜିନିଷ ଅଛି କି ନାହିଁ; ଯଦି ଅଛି ତାହା କେତେ ଦାମ୍, କମ୍ପ୍ୟୁଟର ତାହା ଲେଖିଦେଲା ପରେ ଗ୍ରାହକ ଆବଶ୍ୟକ ମୂଲ୍ୟ ଦେଇ, କମ୍ପ୍ୟୁଟର ରସିଦ ନେଇ ଦୋକାନର ମୁଖ୍ୟ କାଉଣ୍ଟରକୁ ଯିବ । ସେ ପହଞ୍ଚିବା

ବେଳକୁ ସୁପରପୁର ପ୍ୟାକିଙ୍ଗ୍ ହୋଇ ଜିନିଷଟି ଥୁଆ ହୋଇଥିବ । ରସିଦ ଦେଇ ସେ ଜିନିଷ ନେଇଆସିବ । ରସିଦ କାଗଜର ଖଣ୍ଡେ ନକଲ ଉପରେ ଡେଲିଭରି ହେଲାବୋଲି ଗୋଟାଏ ଷ୍ଟାମ୍ପମାରି ଦୋକାନୀ ଫେରାଇଦେବ । ଗ୍ରାହକ ପାଇଁ ଯାହା ଅସୁବିଧା, ତା'କୁ ସୁଧାରିବାପାଇଁ ଏହି କାଟ୍‌ଲଗ୍ ଦୋକାନମାନଙ୍କରେ ଅପସନ୍ଦ ସଉଦା ଫେରାଇ ନେବାପାଇଁ ପ୍ରାୟ ପନ୍ଦରଦିନ ସମୟ ଦିଆଯାଏ । ଯଦି ନାପସନ୍ଦ ହୁଏ ବା ସଉଦାଟି ଖରାପ ପଡ଼ିଯାଏ, ତାହା ଫେରାଇହେବ । ଏହି ସର୍ତ୍ତ ଯୋଗୁଁ କେତେକ ଟୁରିଷ୍ଟ କାମେରାଟିଏ କିଣି ପନ୍ଦରଦିନଯାଏ ଫଟୋ ଉଠାଇସାରି କାମେରାଟି ପସନ୍ଦ ହେଲାନାହିଁ ବୋଲି କହି ଫେରାଇ ଦିଅନ୍ତି । ଦୋକାନୀମାନେ ଗ୍ରାହକଙ୍କୁ ବିଶ୍ୱାସ କରନ୍ତି । ଅବଶ୍ୟ ଇଂଲଣ୍ଡସାରା ସବୁପ୍ରକାର ବଡ଼ ଦୋକାନୀ କିଣାଯାଇଥିବା ଜିନିଷ ଗ୍ରାହକର ପସନ୍ଦ ନ ହେଲେ ଫେରାଇ ନେବେ । ଅଧିକାଂଶ ସଉଦାରେ କେତେଦିନ ଭିତରେ ଫେରାଇହେବ ତାହା ଲେଖା ହୋଇଥାଏ । ତାହାଛଡ଼ା ଆଉ ଗୋଟିଏ ସର୍ତ୍ତମଧ୍ୟ ଲେଖା ହୋଇଥାଏ ଯେ, ଦୋକାନୀ ଜିନିଷ ଫେରସ୍ତ ନେଲେ ମଧ୍ୟ ଆଇନ ଅଦାଲତର ଆଶ୍ରୟ ନେଇ ଗ୍ରାହକ କ୍ଷତିପୂରଣ ଦାବୀ କରିପାରେ ।

## ପସନ୍ଦ ନ ହେଲେ ସଉଦା ଫେରାଅ :

ସିଲଭର କମ୍ପାନୀର ଗୋଟିଏ ଟାଇପ ରାଇଟର ଦେଖି କିଣିବାକୁ ମୋର ଲୋଭ ହେଲା । ଦାମ ମାତ୍ର ୩୨ ପାଉଣ୍ଡ (ସେତେବେଳେ ୫୦୦ ଟଙ୍କା ସାଙ୍ଗେ ସମାନ) । ଶସ୍ତା ବୋଲି କିଣିଦେଲି ସିନା, କିନ୍ତୁ ପରେ ଶୁଣିଲି ଯେ, ଟାଇପ ରାଇଟର ନେବାବେଳେ ଆମ ଦେଶରେ ବହିଃଶୁଲ୍କ ପଡ଼ିବ । ପୁଣି ଟାଇପ ରାଇଟରଟି ପ୍ରାୟ ଅଢ଼େଇକିଲୋ ଓଜନ । ବିମାନରେ ଫେରିବାବେଳେ ମୋର ଲଗେଜର ଓଜନ ଛାଡ଼-ସୀମାଠାରୁ ଅଧିକ ହେଲେ ପ୍ରତି କିଲୋ ଓଜନକୁ ପ୍ରାୟ ୧ ପାଉଣ୍ଡ ପଡ଼ିବ ବୋଲି ମୁଁ ଶୁଣିଲି । ଏସବୁ ଝଞ୍ଜଟ ଓ ଖର୍ଚ୍ଚରୁ ରକ୍ଷା ପାଇବାପାଇଁ ଟାଇପ ରାଇଟରଟିକୁ ଫେରାଇଦେଲି । କିନ୍ତୁ ଦୋକାନର କର୍ମଚାରୀଟିଏ କାହିଁକି ପସନ୍ଦ ହେଲାନାହିଁ ବୋଲି ପଚାରିଦେଲା । ଏ ପ୍ରଶ୍ନ ମୋତେ ପଚରାଯାଇପାରେ ବୋଲି ମୁଁ ଆଗରୁ ସନ୍ଦେହ କରୁଥିଲି । ମୁଁ କହିଲି, ଟାଇପ ରାଇଟରରେ ଇଂରାଜୀ ଏକ ('1') ସଂଖ୍ୟାଟି ନାହିଁ । ଅଧିକାଂଶ ଇଂରାଜୀ ଟାଇପ ରାଇଟରରେ "2"ରୁ '9' ଓ '0' ଥାଏ । ସେ କର୍ମଚାରୀଟି ମଧ୍ୟ ସେଇଆ କହିଲା । ମୁଁ କହିଲି ଟାଇପରାଇଟର ସମ୍ପର୍କୀୟ ବିବରଣୀ ପୁସ୍ତିକାଟିରେ '1' ରୁ '9' ଓ '0' ଅଛି ବୋଲି ଲେଖାଯାଇଛି । ଏହି ଭୁଲ ବର୍ଣ୍ଣନା ଯୋଗୁଁ ମୁଁ

ଫେରାଉଛୁ । କର୍ମଚାରୀଟି ଅଧିକ କିଛି ନ ଜାଣିଥିବାରୁ ଟାଇପ ରାଇଟରଟି ରଖି ୩୨ ପାଉଣ୍ଡ ଫେରାଇଦେଲା । ଇଂରାଜୀ ଟାଇପ ରାଇଟରରେ ଅକ୍ଷର 'L'ର ଛୋଟ ଅକ୍ଷରକୁ '1' ରୂପେ ବ୍ୟବହାର କରାଯାଏ । ଏହାଦ୍ୱାରା ଗୋଟିଏ 'କି' ବା ଗୁଣ୍ଡ କମି ଯାଉଥିବାରୁ ତା' ସ୍ଥାନରେ ଆଉ ଗୋଟିଏ ଚିହ୍ନ ବା ଅକ୍ଷର ବ୍ୟବହାର କରାଯାଇଥାଏ । ଯଦି କର୍ମଚାରୀଟି ସେତିକି ମୋତେ କହିଥା'ନ୍ତା, ତେବେ ମୁଁ ସେ ଟାଇପ ରାଇଟରଟିକୁ ଫେରାଇବାର ଅନ୍ୟ କଣ କାରଣ କାଢ଼ିଥାନ୍ତି, ଏ ପର୍ଯ୍ୟନ୍ତ ଭାବିପାରି ନାହିଁ ।

## ବଜାର ଦର ସଂଗ୍ରହ :

ଦୋକାନୀମାନେ ଗ୍ରାହକଙ୍କୁ କିପରି ବିଶ୍ୱାସ କରନ୍ତି, ତାହାର ଆଉ ଗୋଟିଏ ନମୁନା ଏଠାରେ ଦେଉଛି । ମାର୍କିନ ସରକାରଙ୍କର ଓ. ଏଫ୍ ଡି ଏ. **(Office of Foreign Disaster Assistance)** ସଂସ୍ଥାଦ୍ୱାରା ମନୋନୀତ ହୋଇ ବମ୍ବେର ଟାଟା ଇନଷ୍ଟିଚ୍ୟୁଟ୍ ଅଫ ସୋସାଲ ସାଇନ୍ସେସ୍‌ରୁ ଡଃ କ୍ଷ ପାଣ୍ଡେ ଆମ କର୍ମଶାଳାରେ କିଛିଦିନ ପରେ ଯୋଗ ଦେଇଥା'ନ୍ତି ! ଆମେ ଗୃହସମ୍ବାଦ କଟାଇଲୁ ପରେ ସେ ଅକ୍ସଫୋର୍ଡରେ ପହଞ୍ଚିଲେ । ମୁଁ ଅକ୍ସଫୋର୍ଡ଼ ଟାଉନସାରା ସବୁ ଦୋକାନ ବୁଲି ଓ ଲଣ୍ଡନରେ ଦୁଇତିନିଥର ବୁଲାବୁଲିକରି କେଉଁଠାରେ କେଉଁ ଜିନିଷ ଶସ୍ତାରେ ମିଳେ ତା'ର ଗୋଟିଏ ମାନସିକ ଚିତ୍ର କରିଥିଲି । ଅନ୍ୟମାନେ କୌଣସି ଜିନିଷ କିଣି ଆଣିଥିବାର ଦେଖିଲେ ତାହା ଅନ୍ୟ କେଉଁଠାରେ ଶସ୍ତାରେ ମିଳିଥା'ନ୍ତା ମୁଁ କହେ । ଆମ ସାଙ୍ଗରେ କର୍ମଶାଳାରେ ଯୋଗ ଦେଇଥିବା ଫିଜି ଦେଶର ଜଣେ ମହିଳା ଶ୍ରୀମତୀ ଆର୍. ଓଝ୍‌ସ କାପାନୀ ବ୍ରଦର କମ୍ପାନୀର ଗୋଟିଏ ଇଲେକ୍ଟ୍ରୋନିକ ଟାଇପରାଇଟର ତାଙ୍କର ଭ୍ୟାନିଟି ବ୍ୟାଗରେ ପୂରାଇ କର୍ମଶାଳାକୁ ଆସୁଥିଲେ । ସ୍ମରଣଶକ୍ତିଥିବା ଭୁଲଗୁଡ଼ିକୁ ଆପେ ଆପେ ଠିକ୍ କରିପାରୁଥିବା ଓ ବ୍ୟାଟେରୀରେ ଚାଲୁଥିବା ଏହି ଟାଇପରାଇଟର ଦ୍ୱାରା ଶ୍ରୀମତୀ ଓଝ୍‌ସ ଅନ୍ୟମାନଙ୍କ ବକ୍ତୃତାକୁ ସାର ଅଂଶ ଟାଇପ୍ କରିନେଉଥିଲେ । ଏହା ଦେଖି ଅନ୍ୟ ସମସ୍ତେ ଏହିଭଳି ଗୋଟିଏ ଟାଇପ୍‌ରାଇଟର ରଖିବାପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମୁଁ ମଧ୍ୟ । ସେ ୧୯୮ ଡଲାର ଦେଇ ଆମେରିକାରୁ ଏହା ଆଣିଥିଲେ । ଇଲେକ୍ଟ୍ରୋନିକ ମାଲରେ ବହୁ ଶୁଳ୍କ ପଡ଼େ । ସେ ତା'କୁ ଭ୍ୟାନିଟି ବ୍ୟାଗରେ ଆଣିଥିବାରୁ ଶୁଳ୍କ କର୍ମଚାରୀ ଧରି ପାରି ନାହାନ୍ତି ।

ସେତେବେଳେ ପାଉଣ୍ଡକର ମୂଲ୍ୟ ଦେଢ଼ ଡଲାର ଥିଲା । ମୁଁ ଅକ୍ସଫୋର୍ଡ଼ର କୋଡ଼ିଏଟି ବିଭିନ୍ନ ଦୋକାନରେ ଖୋଜାଖୋଜିକରି ବୁଝିଲି ଯେ ଜାପାନୀ ବ୍ରଦର ଇଲେକ୍ଟ୍ରୋନିକ ଟାଇପରାଇଟର ବିଭିନ୍ନ କିସମର ଥିଲେ ହେଁ, ଶ୍ରୀମତୀ ଓଝାଙ୍କର କିସମର ଟାଇପରାଇଟରର ଦାମ ଭିନ୍ନ ଭିନ୍ନ ଦୋକାନରେ ଭିନ୍ନଭିନ୍ନ । ସବୁଠାରୁ ବେଶି ୧୩୦ ପାଉଣ୍ଡ ଓ ସବୁଠାରୁ କମ୍ ୮୯ ପାଉଣ୍ଡ । ମଝିରେ ୧୧୬ ଓ ୯୩ ପାଉଣ୍ଡ ମଧ୍ୟ ଥିଲା । ଯେଉଁ ପାଶ୍ଚାତ୍ୟ ଦେଶମାନଙ୍କରେ ପ୍ରତିଯୋଗିତାମୂଳକ ବଜାର ଚାଲିଛି ବୋଲି ପାଶ୍ଚାତ୍ୟର ମୁକ୍ତିବାଦୀ ଅର୍ଥନୀତିଜ୍ଞମାନେ କହନ୍ତି, ବିଲାତ ସେଭଳି ଗୋଟିଏ ଦେଶ । କିନ୍ତୁ ଅକ୍ସଫୋର୍ଡ଼ ସହରରେ ନାତିଦୂରରେ ଥିବା କୋଡ଼ିଏଟି ଦୋକାନରେ ଗୋଟିଏ ଜିନିଷର କୋଡ଼ିଏଟି ବିଭିନ୍ନ ଦର ମୁଁ ଆବିଷ୍କାର କରି ସମସ୍ତଙ୍କୁ କହି ଦେଇଥାଏ । ତେଣୁ ସମସ୍ତଙ୍କ ଭିତରେ, ବିଶେଷକରି ଏସିଆରୁ ଯାଇଥିବା ସାଥୀମାନଙ୍କ ଭିତରେ ମୋତେ ଅକ୍ସଫୋର୍ଡ଼ ବଜାରର ବିଶେଷଜ୍ଞ ହିସାବରେ ଧରି ନେଇଥାନ୍ତି ।

ତେଣୁ ଡଃ ପାଣ୍ଡେ ଯେତେବେଳେ ଅକ୍ସଫୋର୍ଡ଼ରେ ପହଞ୍ଚିଲେ, ତାଙ୍କର କିଣାକିଣି କରିବାପାଇଁ ମୋର ସାହାଯ୍ୟ ଲୋଡ଼ିଲେ । ଅକ୍ସଫୋର୍ଡ଼ରେ ତାଙ୍କର ରହଣିକାଳ ମେ' ୨୭ ରୁ ଜୁନ୍ ୧୬ ପର୍ଯ୍ୟନ୍ତ ଥିଲା । ମୁଁ ତାଙ୍କୁ ଅକ୍ସଫୋର୍ଡ଼ର ପ୍ରସିଦ୍ଧ କାଟ୍‌ଲଗ୍ ଦୋକାନ ଆର୍ଗସ୍ ଡିଷ୍ଟ୍ରିବ୍ୟୁଟରସ୍ ଲିମିଟେଡ୍‌କୁ ନେଇଗଲି । ସେ ଖୁବ୍ କାମେରା ସଉକୀ ଥିଲେ । ନୂଆ ପ୍ରକାର ବାହାରିଥିବା ଡିସ୍କ କାମେରା କିଣିବାପାଇଁ ସେ ବ୍ୟଗ୍ର ହେଉଥିଲେ । ନ୍ୟୁ ଇନ୍ ହଲ୍ ଷ୍ଟ୍ରିଟ୍‌ରେ ଥିବା ଅରଗସ୍ ଡିଷ୍ଟ୍ରିବ୍ୟୁଟରସ୍‌ରେ ଥିବା କାଟ୍‌ଲଗ୍ ଦେଖି ସେ ମନମୁତାବକ ଗୋଟିଏ କାମେରା ବାଛିଲେ । ଦୁଇ ତିନଦିନ ପରେ ସେ ମୋ ପାଖକୁ ଦୌଡ଼ିଆସି କହିଲେ ଯେ ସେ ଯେଉଁ କାମେରାଟି ତାଲିକାରୁ ବାଛିଥିଲେ, ଆଣିଥିବା କାମେରାଟି ତାହା ନୁହେଁ । କାଗଜପତ୍ର ଦେଖି ଜାଣିଲୁ ଯେ, ତାଙ୍କ କଥା ସତ, ବୋଧହୁଏ କମ୍ପ୍ୟୁଟରରେ କାଟ୍‌ଲଗ୍ ନମ୍ବର ଛପାଇଲାବେଳେ ଭୁଲ୍ ହୋଇଯାଇଛି । ଏତିକି କହିଲେ କାମେରାଟି ବଦଳାଯାଇ ପାରିବ ବୋଲି ଆମେ ଜାଣିଥିଲୁ । କିନ୍ତୁ ମୁଁ କହିଲି ଯେ, ଏଥିପାଇଁ କ୍ଷତିପୂରଣ ମଧ୍ୟ ଦାବୀ କରିହେବ । କି ପ୍ରକାର କ୍ଷତିପୂରଣ ଦାବୀ କରିବା ବୋଲି ମୋତେ ସମସ୍ତେ ପ୍ରଶ୍ନ କଲେ । ଆମର ଦାବୀ ତା'ର ବିଶ୍ୱାସଯୋଗ୍ୟ ହେବା ଉଚିତ୍ । ମୁଁ କହିଲି ଯେ ଭାରତକୁ ଫେରିଯାଉଥିବା ବାଟରେ ଲଣ୍ଡନରୁ ଅକ୍ସଫୋର୍ଡ଼ ଫେରି ଆସିଛନ୍ତି; ତେଣୁ ଯାତ୍ରା ଖର୍ଚ୍ଚ ତାଙ୍କୁ ଦିଆଯାଉ । ଗୋଟିଏ ଦିନ ଭିତରେ ବସରେ ଯିବାଆସିବା ଖର୍ଚ୍ଚ ୪ ପାଉଣ୍ଡ ଓ ଟ୍ରେନ୍‌ରେ ୭ ପାଉଣ୍ଡ ।

ଷ୍ଟେସନ୍‌ରେ ଆସିଛନ୍ତି ଓ ତହିଁରେ ଫେରିଯିବେ ବୋଲି କହିବାକୁ ପଡ଼ିବ । ଆର୍‌ଗସ୍ ଡିଷ୍ଟ୍ରିବ୍ୟୁଟର୍‌ସଙ୍କୁ ଯାଇ ଆମେ ତାହା ହିଁ କଲୁ । ନାପସନ୍ଦ କାମେରା ବଦଳରେ ଠିକ କାମେରାଟିଏ ସାଙ୍ଗେ ସାଙ୍ଗେ ମିଳିଗଲା । କିନ୍ତୁ କ୍ଷତିପୂରଣ ବାବଦରେ ଟିକେ ଯୁକ୍ତି ହେଲା । ଦୋକାନୀ ଦୁଇଟି ପ୍ରଶ୍ନ ଉଠାଇଲା । ପ୍ରଥମଟି ହେଉଛି ଡଃ. ପାଣ୍ଡେ କାହିଁକି ଲଣ୍ଡନରେ ଥିବା ଆର୍‌ଗସ୍ ଡିଷ୍ଟ୍ରିବ୍ୟୁଟର୍‌ସ ଲିମିଟେଡ଼ରୁ କାମେରା ବଦଳାଇଲେ ନାହିଁ ? ଇଂଲଣ୍ଡ ସାରା ଆର୍‌ଗସ୍‌ର ଯେତେ ବ୍ରାଞ୍ଚ ଅଛି, ସବୁଠାରେ ଏକାପ୍ରକାରର କାଟ୍‌ଲଗ୍ ଓ ବରାଦଫର୍ମ (ଅର୍ଡ଼ର ଫର୍ମ) ବ୍ୟବହାର ହୁଏ । ତେଣୁ ଅର୍ଡ଼ର ଫର୍ମର ନକଲ ଓ ବଦଳାଇବାକୁ ଥିବା କାମେରା ଦେଖାଇ ଡଃ ପାଣ୍ଡେ ନୂଆ କାମେରା ନେଇପାରିଥା'ନ୍ତେ । ଆମେ ସମସ୍ତେ ଯୁକ୍ତିକଲୁ ଯେ ଲଣ୍ଡନରେ ଆର୍‌ଗସ୍‌ର କେଉଁଠି ବ୍ରାଞ୍ଚ ଅଛି ତାକୁ ଖୋଜିବାପାଇଁ ଯେଉଁ ସମୟ ଓ ମାନସିକ ଶାନ୍ତି ନଷ୍ଟ ହୋଇଥାନ୍ତା, ତାକୁ ଏଡ଼ାଇ ସେ ଅକ୍ସଫୋର୍ଡ଼ ଫେରି ଆସିଲେ । ଏହି କୈଫିୟତ ଗ୍ରହଣ କଲାପରେ ଦୋକାନର କର୍ମଚାରୀ ପଚାରିଲା ଯଦି ଟ୍ରେନ୍‌ରେ ଆସିଛନ୍ତି ତେବେ ଟିକଟ ଦେଖାନ୍ତୁ । ଆମେ ସବୁ କହିଲୁ ଯେ, ଆପଣ ଟିକଟ ମାଗିବେ ବୋଲି ଆମେ ଜାଣିନଥିଲୁ, ତେଣୁ ଟିକଟ ଆଣିନାହୁଁ । ଟିକଟ ଆଣିବାକୁ ହଷ୍ଟେଲକୁ ଗଲେ ପୁଣି ଯାତ୍ରାଖର୍ଚ୍ଚ ପଡ଼ିବ । ଏତେବେଶି ନ ମାଗି ଆମେ କେବଳ ଗୋଟିଏ ରିଟର୍ଣ୍ଣ ଟିକଟର ଦାମ ମାଗୁଛୁ । ଯିବାଆସିବା ଦୁଇଟି ଟିକଟର ଦାମ ୧୬ ପାଉଣ୍ଡ ବଦଳରେ ରିଟର୍ଣ୍ଣ ଟିକଟର ଦାମ ୭ ପାଉଣ୍ଡ । ସେ ଟିକେ ଇତସ୍ତତ ହେବାରୁ ଆମେ ଆମର କ୍ଷତିପୂରଣ ଦାବୀକୁ ଟିକେ କମେଇଦେଲୁ ଓ କହିଲୁ ତା'ହେଲେ ଆପଣ ବସ୍‌ଭଡ଼ା ଦେଇ ଦିଅନ୍ତୁ । ଅମେ ଅଧିକା ଚାହୁଁନୁ । ସେ ଦେଖିଲା ଆମ ସାଙ୍ଗରେ ଯୁକ୍ତିକରି ସମୟ ନଷ୍ଟ ହେଉଛି ଓ ତାହାଦ୍ୱାରା ଅନ୍ୟ ଗ୍ରାହକମାନେ ଦୋକାନର ଗଳତି ଜାଣୁଛନ୍ତି । ଏସବୁ ଏଡ଼ାଇବା ପାଇଁ ୪ ପାଉଣ୍ଡର ରସିଦ ନେଇ କର୍ମଚାରୀଟି ଡଃ ପାଣ୍ଡେଙ୍କୁ ୪ ପାଉଣ୍ଡ ଦେଲା । ଧୂମ୍ରପାୟୀ ଡଃ ପାଣ୍ଡେ ଖୁସିରେ ବଡ଼ ଚୁରୁଟ୍‌ଟାଏ ମୁହଁରେ ଲଗାଇଲେ । ବୋଧହୁଏ ଚାରିଟିଯାକ ପାଉଣ୍ଡ ଧୂଆଁରେ ଉଡ଼ିଯାଇଥିବ ।

## କାଟ୍‌ଲଗ୍ ଦୋକାନ ଶସ୍ତା :

ବର୍ଣ୍ଣନା ସ୍ଥଳରେ ପାଠକମାନଙ୍କର ଧାରଣା ଆସିଥିବଣି ଯେ କାଟ୍‌ଲଗ୍ ଦୋକାନମାନଙ୍କରେ ଅନ୍ୟ ଦୋକାନମାନଙ୍କଠାରୁ ଶସ୍ତାରେ ଜିନିଷ ମିଳେ । ଏହି ଧାରଣା ସତ । ଏହାର କାରଣ ଉକ୍ତ ଦୋକାନରେ ସେଲ୍‌ସମ୍ୟାନ ପ୍ରାୟ

ନାହାନ୍ତି । ଜଣେ ଦୁଇଜଣ କମ୍ପ୍ୟୁଟର ଚଳାଇବା ଲୋକ ଓ କେତେଜଣ ଜିନିଷ ଯୋଗାଇବା ଲୋକ ଛଡ଼ା ଆଉ କେହି କର୍ମଚାରୀ ନଥାନ୍ତି । ତେଣୁ ଦରମାବାବଦରେ ଖର୍ଚ୍ଚ ଖୁବ୍ କମ୍ । ଦ୍ୱିତୀୟତଃ ଜିନିଷ ଯେପରି ବନ୍ଧାହୋଇ ଉତ୍ପାଦନକାରୀଠାରୁ ଆସିଥାଏ, ସେହିପରି ଗ୍ରାହକଙ୍କୁ ଦେଇଦିଆଯାଏ । ତେଣୁ ଖୋଲାଖୋଲି କରିବାରେ ଓ ପୁଣି ବାନ୍ଧିବାରେ ମଜୁରି ନଷ୍ଟ ହୁଏ ନାହିଁ । ସବୁଠାରୁ ବଡ଼ କାରଣ ହେଉଛି ଯେ ସଉଦାପତ୍ର ଚୋରିହୁଏ ନାହିଁ, କାରଣ ଗ୍ରାହକ କିଣିବା ପୂର୍ବରୁ କୌଣସି ଜିନିଷ ଧରାଧରି କରିବାକୁ ପାଏନାହିଁ । ଏହି କାରଣରୁ ଦୋକାନମାଲିକ ଦୋକାନରେ ଗୋଇନ୍ଦା କ୍ୟାମେରା ରଖେନାହିଁ । ଫଳରେ ତା'ପକ୍ଷରେ ଯେପରି ଗୁଡ଼ାଏ ଖର୍ଚ୍ଚ ହୁଅନ୍ତା, ତା'ହା ବଞ୍ଚିଯାଏ । ଗୋଟିଏ ଉଦାହରଣ ଦେଲେ ଦରର ତାରତମ୍ୟ ଜାଣିହେବ । ୫୦ ମିଟର ଗଭୀର ପାଣିରେ ଅଚଳ ନ ହେବାଭଳି ବିଭିନ୍ନ ଆଲାର୍ମ ଓ ତାରିଖ ଆଦି କାମ ଦେଖାଉଥିବା କାସିଓ ସୋଲାର ଓ୍ୱାଚ ଅନ୍ୟ ଦୋକାନମାନଙ୍କରେ ୨୧ ପାଉଣ୍ଡ ବା ୧୯ ପାଉଣ୍ଡ ହେଉଥିବାବେଳେ ଆର୍ଗସ୍ କାଟ୍‌ଲଗ୍ ସପ୍‌ରେ ତାହା ମାତ୍ର ୧୪ ପାଉଣ୍ଡରେ ମିଳୁଥିଲା ।

ଇଂଲଣ୍ଡରେ ଅଧିକାଂଶ ବଡ଼ ବଡ଼ ଦୋକାନ ଡିପାର୍ଟମେଣ୍ଟାଲ ଷ୍ଟୋର ଓ ଚେନ ଷ୍ଟୋର । ଡିପାର୍ଟମେଣ୍ଟାଲ ଷ୍ଟୋରରେ ଯାବତୀୟ ରକମର ସଉଦା ମିଳେ । ଗ୍ରାହକର ଯାହା କିଛି ଦରକାର ତାହା ଗୋଟିଏ ଛାତତଳେ ଯୋଗାଉଥିବା ଦୋକାନକୁ ଡିପାର୍ଟମେଣ୍ଟାଲ ଷ୍ଟୋର କୁହନ୍ତି । ଜଣେ ମାଲିକ ଅଧୀନରେ ଏହିଭଳି ଦୋକାନ ଗୁଡ଼ିଏ ବିଭିନ୍ନ ସହରରେ ଥିଲେ ସେଗୁଡ଼ିକୁ ଚେନ୍‌ଷ୍ଟୋର କହନ୍ତି । କେତେଗୁଡ଼ିଏ ବିଦେଶୀ ଚେନ୍‌ଷ୍ଟୋରର ଶାଖା ଆମ ଦେଶର ଦିଲ୍ଲୀ, କଲିକତା, ବମ୍ବେ ଭଳି ସହରରେ ଅଛି । ଖାଦ୍ୟଦ୍ରବ୍ୟ ବିକିବାରେ ମଧ୍ୟ ବିଲାତ ବା ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ଚେନ୍‌ଷ୍ଟୋର ଦେଖାଯାଏ । ଅକ୍ସଫୋର୍ଡ ସହରରେ ଥିବା କେତେଗୁଡ଼ିଏ ପ୍ରସିଦ୍ଧ ଦୋକାନ ଭିତରୁ ଚେନ୍ ଡିପାର୍ଟମେଣ୍ଟାଲ ଷ୍ଟୋର ହିସାବରେ ଡେବେନ୍‌ହାମ୍‌ସ (Debenhams), ସେଲଫ୍ରିଜେସ୍ (Selfridges), ବୁଟ୍‌ସ ଆଦି ଉଲ୍ଲେଖଯୋଗ୍ୟ । ଏହାଛଡ଼ା ସମବାୟ ଡିପାର୍ଟମେଣ୍ଟାଲ ଷ୍ଟୋର ମଧ୍ୟ ଅଛି । ଇଂଲଣ୍ଡର ସବୁଠାରୁ ପ୍ରସିଦ୍ଧ ଓ ବଡ଼ ଡିପାର୍ଟମେଣ୍ଟାଲ ଷ୍ଟୋର ହେଉଛି ହାରୋଡ଼ସ (Harrods) । ଲଣ୍ଡନ ସହରର ନାଇଟ୍‌ସ ବ୍ରିଜ ଠାରେ ଅବସ୍ଥିତ ହାରୋଡ଼ସ ଦୋକାନରେ କିଣାକିଣି କରିବା ଗୋଟିଏ ଆଭିଜାତ୍ୟ କାରବାର ବୋଲି ଲୋକେ ଭାବନ୍ତି । ଆମ ଦେଶର ପୂର୍ବତନ ରାଜାମାନେ, ଗ୍ୱାଲିୟରର ପୂର୍ବତନ ରାଜମାତା ଶ୍ରୀମତୀ ଗାୟତ୍ରୀ ଦେବୀ, ସ୍ୱର୍ଗତ ପ୍ରଧାନମନ୍ତ୍ରୀ

ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ଓ ଧନାଢ୍ୟ ବ୍ୟକ୍ତିମାନେ ହ୍ୟାରୋଡ୍ସରେ କଣାକଣି କରନ୍ତି । ଏହି ଦୋକାନରୁ ଚୋରି କରିଥିବା ଅଭି-ଯୋଗରେ ମଧ୍ୟ କେତେକ ଜଣାଶୁଣା ଭାରତୀୟ ଧରାପଡ଼ିଥିବାର ଖବର ଆମେ ଶୁଣିଛୁ । ଲଣ୍ଡନର କେତେକ ବ୍ୟବସାୟ ବଜାର—ଯଥା ଅକ୍ସଫୋର୍ଡ଼ ଷ୍ଟ୍ରିଟ୍, ନାଇଟ୍ସ ବ୍ରିଜ ଆଦି ଅଞ୍ଚଳମାନଙ୍କରେ ବହୁତ ଲୋଭନୀୟ ଜିନିଷର ଦୋକାନ ଅଛି ଏବଂ ସେଗୁଡ଼ିକରୁ ବେଶି ନିଜେ ବାଛିବୁଛି ଜିନିଷ ଆଣିଲାବେଳେ ଗୋଟିଏ ଦୁଇଟି ଜିନିଷ ଲୁଚାଇ ଆଣିବାର ଇଚ୍ଛା ପ୍ରବଳ ହେଉଥିବ । ଏ ଇଚ୍ଛା ଯିଏ ଦବାଇ ନ ପାରିଲା, ତାକୁ କାମେରା ଧରିଲେ ଚୋରି ହେବ । ଦୋକାନୀର ପହରାଦାର ତ ଧରିବ, ପୁଣି ପୋଲିସ ହାତକୁ ଯାଇ କୋର୍ଟକୁ ଯିବାକୁ ପଡ଼ିବ । ମାନିଗଲେ "ଅଲ୍‌କଚ୍ଛି" ଜୋରିମାନାରେ ଛୁଟି ମିଳିପାରେ । ନ ମାନିଲେ ମକଦ୍ଦମା ହୋଇ ଦୋକାନୀ ଦାବି କରୁଥିବା ପରିମାଣର କ୍ଷତିପୂରଣ ଦେବାକୁ ପଡ଼ିପାରେ । "ଅଲ୍‌କଚ୍ଛି" ଜୋରିମାନାର ପରିମାଣ ଶହେପାଉଣ୍ଡ ପାଖାପାଖି ବା କମ ହୋଇପାରେ, ଚୋରି ଜିନିଷର ଦାମ ଉପରେ ନିର୍ଭର କରି । କେଶ୍ ହେଲେ ହାରିବାଟ ନିଶ୍ଚିତ । ଉକ୍ତ ଜିନିଷର ଷ୍ଟକ୍‌ରେ ଦୋକାନର କାଗଜପତ୍ର ଅନୁଯାୟୀ ଯେତେ କମ୍ତି ବା ଘର୍ଚ୍ଚୋଜ ହୋଇଛି ବୋଲି ଜଣାଯିବ, ତାହାର ଦାମ, ଦୋକାନୀ କରିଥିବା ମକଦ୍ଦମା ଖର୍ଚ୍ଚ, ସବୁ ମିଶି ଜୋରିମାନା ଆକାରରେ ଦେବାକୁ ପଡ଼ିବ । ଦେଇ ନ ପାରିଲେ ଜେଲ ଦଣ୍ଡ । ଏତେ ଜୋରିମାନା ହେବ ଯେ ପାଖରେ ବଳକାମୁଦ୍ରା ତେତେ ମିଳିବ ନାହିଁ; ତେଣୁ ଜେଲ ଯିବାକୁ ବାଧ୍ୟ । ବଡ଼ ବଡ଼ ଖେଳାଳୀ ଏହିପରି ଜେଲଦଣ୍ଡ ଭୋଗିଥିବାର ଖବର ବେଳେ ବେଳେ ପଢ଼ିବାକୁ ମିଳେ । ସେମାନେ ନାମିକା ଖେଳାଳୀ ହୋଇଥିବାରୁ ତାଙ୍କ ଦେଶର ରାଷ୍ଟ୍ରଦୂତମାନେ ଜୋରିମାନା ଦେଇ ବା ଜାମିନରେ ଖଲାସ କରାଇଥା'ନ୍ତି । ସେ ଭାଗ୍ୟ ତ ସାଧାରଣ ଟୁରିଷ୍ଟ ପାଇଁ ନୁହେଁ ! ତେଣୁ ଲୋଭ ସମ୍ବରଣ କରିବା ସର୍ବାଦୌ ଆବଶ୍ୟକ ।

ଦୋକାନରୁ ଜିନିଷଟିଏ ଉଠାଇ ନେଇ ଲୁଚି ପଳାଇବା ଗୋଟିଏ ସାଧାରଣ କଥା ହେଲାଣି । ପାଶ୍ଚାତ୍ୟ ଦେଶମାନଙ୍କରେ ବଡ଼ ବଡ଼ ଦୋକାନରେ ଏଭଳି ଯେତେ ଚୋରି ହୁଏ, ତାର ମୋଟ ପରିମାଣ ହଜାରେ କୋଟି ଡଲାରରୁ ବେଶି ହେବ ବୋଲି ଗୋଟିଏ ହିସାବରୁ ଜଣାଯାଏ । ଏହି ଚୋରିକୁ ରୋକିବାପାଇଁ ଗୁପ୍ତଚର କାମେରା ଯଥେଷ୍ଟ ନୁହେଁ । ଗୁପ୍ତଚର କାମେରା ଯେଉଁ ଫଟୋ ପ୍ରତି ମୁହୂର୍ତ୍ତରେ ଉଠାଉଥାଏ ତାହା ଦୋକାନର ଗୋଟିଏ ନିଭୃତ କୋଣରେ ଗୋଟିଏ ଟି. ଭି. ପରଦାରେ ଦେଖାଯାଏ; ସେଠାରେ ଜଣେ ଲୋକ ବସି ସେହି

ଫଟୋଗ୍ରାଫୁ ଠିକ୍ ଜଣେ କିଏ ଚୋରି କରୁଛି କି ନାହିଁ । ତା'ର ଦେଖିବାରେ ଗଲ୍ତି ରହିଯାଇପାରେ । ପୁଣି କ୍ୟାମେରା ଦୋକାନର ସବୁ ଅଂଶକୁ ଫଟୋ ଉଠାଇପାରେ ନାହିଁ । ଶସ୍ତା ଜିନିଷଗୁଡ଼ିକ କ୍ୟାମେରା ଦୃଷ୍ଟିର ବାହାରେ ରଖାଯାଇଥାଏ । କେତେକ ଚୋର ନଇଁପଡ଼ି ଜିନିଷ ବାଛନ୍ତି । ତେଣୁ ସେମାନଙ୍କ ପିଠି ହିଁ କ୍ୟାମେରାରେ ଉଠେ; ଜିନିଷ କ'ଣ ନେଲା ଜାଣିହୁଏ ନାହିଁ । ଏସବୁ ତ୍ରୁଟି ଏଡ଼ାଇବା ପାଇଁ ନ୍ୟୁୟର୍କର ଗୋଟିଏ କମ୍ପାନୀ ଏବେ ବାଳଭଳି ପତଳା ଚୁମ୍ବକ ତାର ତିଆରି କରିଛନ୍ତି; ତାହା ଅତର ବୋତଲଠାରୁ ଆରମ୍ଭ କରି ସିଗାରେଟ୍ ପାକେଟ ପର୍ଯ୍ୟନ୍ତ ସବୁଥିରେ ଲଗାଇ ହେବ । ଗ୍ରାହକ ଜିନିଷ ବାଛି ନେଇ ପଇସା ଦେଲାବେଳେ ବିକ୍ରେତା ଏକପ୍ରକାର ସ୍ୱତନ୍ତ୍ର ଯନ୍ତ୍ର ସାହାଯ୍ୟରେ ଏହି ଚୁମ୍ବକ ତାରକୁ ଅକାମି କରିଦିଏ । ଗ୍ରାହକ ସିଧାସଳଖ ଜିନିଷଟି ନେଇଗଲେ ଦ୍ୱାର ପାଖରେ ପହଞ୍ଚିଲାକ୍ଷଣି ଆଲାର୍ମ ବାଜି ଉଠିବ; କାରଣ ଚୁମ୍ବକ ତାରଟି ଅକାମି ହୋଇ ନ ଥିବ । ବାଳଭଳି ସରୁ ହୋଇଥିବାରୁ ଗ୍ରାହକ ଏହା କେଉଁଠି ଅଛି ଜାଣିପାରିବ ନାହିଁ । ଏ ପର୍ଯ୍ୟନ୍ତ ବିଲାତର ଦୋକାନମାନଙ୍କରେ ଏହା ଲାଗି ନାହିଁ । ଯେବେ ଲାଗିବ, ଚୋର କି ଏହାର ଚୁମ୍ବକତ୍ୱ ନଷ୍ଟ କରିବାର କାଇଦା ବାହାର କରି ସାରିଥିବ ବୋଧହୁଏ ।

ବସ୍ତବନେଇ ଦୋକାନକୁ ଯିବାରେ ଖର୍ଚ୍ଚର ଯେଉଁ ସଙ୍କୀର୍ଣ୍ଣତା ଥାଏ, ଖୋଲା ଦୋକାନକୁ ନିଜେ ଜିନିଷ ବାଛିଲେ ସେ ସଙ୍କୀର୍ଣ୍ଣତା ଦୂରେଇ ଯାଏ । ଭଲ ଜିନିଷଟିଏ ଦେଖିଲେ କିଣିବାକୁ ଇଚ୍ଛା ହୁଏ । କିମ୍ବା କେତେଗୁଡ଼ିଏ ଘରୁ ବାହାରିବାବେଳେ ଯେଉଁ ଜିନିଷ କିଣିବା ତାଲିକାରେ ନ ଥାଏ, ଦୋକାନରେ ଜିନିଷଟି ଦେଖି ନେବାକୁ ଇଚ୍ଛା ହୁଏ । ଅର୍ଥାତ୍ ଗ୍ରାହକର ଲୋଭ ବା ବରାଦ ବଢ଼ିଯାଏ । ବିଲାତର ବଡ଼ ବଡ଼ ଦୋକାନ ଗବାକ୍ଷ ଆଗରେ ସବୁ ଜିନିଷ ମେଲି ଦେଇ ଗ୍ରାହକର ଏ ପ୍ରକାର ମାନସିକ ଦୁର୍ବଳତାକୁ ଲାଭ ଉଠାଇଥା'ନ୍ତି । ଯାଙ୍ଗେ ଯାଙ୍ଗେ ଦରକାର ହେଉନଥିବା ଅନେକ ଜିନିଷ ଆମେ କିଣିବାକୁ ବାଧ୍ୟ ହେଉ । ଜିନିଷ ଦେଖି ଲୋଭ ହୁଏ; ପକେଟର ପଇସା ସରିବା ପର୍ଯ୍ୟନ୍ତ କିଣିବାକୁ ଇଚ୍ଛା ହୁଏ ।

ଗୋଟିଏ ଗୋଟିଏ ଡିପାର୍ଟମେଣ୍ଟାଲ ଷ୍ଟୋରର ଏ ମୁଣ୍ଡରୁ ସେମୁଣ୍ଡକୁ ବୁଲିଗଲେ ଛୁଞ୍ଚି ପାଖରୁ ଆରମ୍ଭ କରି ତରକାରି ପର୍ଯ୍ୟନ୍ତ ପରିବାର ଚଳାଇବା ପାଇଁ ଯାହା କିଛି ଦରକାର ସେ ସବୁ ଦେଖିବାକୁ ମିଳେ । ବିଲାତର ଲୋକେ ଭାତ ଖାଆନ୍ତି ନାହିଁ—ନ ହେଲେ "ଛୁଞ୍ଚିଠାରୁ ଆରମ୍ଭ କରି ଭାତପର୍ଯ୍ୟନ୍ତ"

କାହୁଥା'ନ୍ତି । ବିଳାତ ପାରିବାରିକ ଜୀବନକୁ ସରଳ କରି ଦେଇଛି ସେମାନଙ୍କ ଡିପାର୍ଟମେଣ୍ଟାଲ ଷ୍ଟୋରଗୁଡ଼ିକ । ସବୁ ଜିନିଷ ତିଆରି ହୋଇ (ରେଡ଼ିମେଡ୍) ମିଳୁଛି । ସେମାନଙ୍କ ରୋଷେଇରେ ମସଲା ବଟାବଟି ଦରକାର ନାହିଁ । ସିଝା ଖାଆନ୍ତି । ପୁଣି ଜିନିଷପତ୍ର ଥଣ୍ଡା ପାଗଯୋଗୁଁ ଖରାପ ହୁଏ ନାହିଁ । ଯାହା ହେଲେବି ଦୋକାନରେ ସବୁବେଳେ ତିଆରି ଜିନିଷ ମିଳୁଥିବାରୁ ଘରେ ରୋଷେଇ-ବାସରେ ସମୟ କଟାଇବା ଦରକାର ପଡ଼େ ନାହିଁ । ଆମ ଦେଶରେ ଗୃହିଣୀ ହେବା ଗୋଟିଏ ଦଣ୍ଡ—ଦିନସାରା ରୋଷେଇ ଘରେ । ଯଦି କୁଣିଆମଇପ ଆସିଲେ ତ ଚବିଶ ଘଣ୍ଟା ଚୁଲି ମୁହଁରେ । ବିଳାତ ଗୃହିଣୀ ଦୋକାନ ଜିନିଷ ନେଇ ଖାଲି ଗରମ କରିଦେଲା ବା ସିଝାଇଦେଲା ତ ଯଥେଷ୍ଟ । ଖାଇବାବେଳେ ଲୁଣଗୁଣ୍ଡ, ମରିଚଗୁଣ୍ଡ ବା ଚଟଣି ଆଦି (ସେ ସବୁ ତ ବଜାରରୁ ଆସିଥାଏ) ପକାଇ ବା ମିଶାଇ ଖାଇ ଦିଅନ୍ତି । ଅନ୍ୟ କାମ କରିବାକୁ ସେମାନଙ୍କୁ କେତେ ସମୟ ମିଳୁଥିବ ! ସିଝା ଜିନିଷ ଖାଇଲେ ଦେହ ଭଲ । ପୁଣି କେତେ ସମୟ ବଞ୍ଚୁଛି ! ଆମ ଦେଶର ଲୋକେ ଯଦି ଜିହ୍ୱା ଲାଳସା ଛାଡ଼ିଦେଇ ବିଲାତିସ୍ୱାଦ ବଢ଼ାନ୍ତେ, ଆମ ଜନସଂଖ୍ୟାର ଅଧେ ଲୋକଙ୍କ ଜୀବନର ଅଧାସମୟ ରୋଷେଇଘରୁ ବାହାରି ଅନ୍ୟ ଅର୍ଥକରୀ କାମରେ ଲାଗିପାରନ୍ତା !

"ସେଲଫ୍ ସର୍ଭିସ୍" ବା "ନିଜେ ବାଛି କିଣ" ଦୋକାନରେ ଯେ ବିକିବାବାଲା କେହି ନଥା'ନ୍ତି ତାହା ନୁହେଁ । ଯେଉଁ ଜିନିଷଗୁଡ଼ିକ ପାକେଟ ହୋଇପାରିବ, ଭିନ୍ନ ଭିନ୍ନ ଓଜନର ପାକେଟ କରି ତା'ତଳେ ଦାମ ଲେଖା ହୋଇଥାଏ । ଦୋକାନର ବିଭିନ୍ନ ଅଂଶରେ ଖାଲି ପାଛିଆ ବା ଟୋକେଇ ଥାଏ । ତହିଁରୁ ଗୋଟିଏ ନେଇ ତହିଁରେ ନିଜର ବାଛିଥିବା ଜିନିଷଟିକ ଧରି ଖଜାଞ୍ଚି (ପଇସା ରଖିବାବାଲା) ନିକଟକୁ ଗଲେ ସେ ହିସାବକରି ପଇସାନେବ ଓ ଜିନିଷଗୁଡ଼ିକୁ ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗରେ ପୂରେଇଦେବ । ଏହି ବ୍ୟାଗରେ ଜିନିଷ ଥିଲେ ଦ୍ୱାରବାଟେ ବାହାରିଗଲେ ଗୁପ୍ତ କାମେରା ଚୋରିଜିନିଷ ବୋଲି ଭାବିବ ନାହିଁ । ବିଭିନ୍ନ ରକମର ଇଂରାଜୀ ମିଠେଇ (ଚକ୍‌ଲେଟ୍, ଟଫି, କାଣ୍ଡି ଆଦି) ଖୋଲାମିଳେ; ସେଠାରେ ଜଣେ ବିକ୍ରେତା ଥାଏ । ଗ୍ରାହକର ଚାହିଦା ଅନୁଯାୟୀ ସେ ଓଜନ କରି ପାକେଟରେ ମିଠାଇ ଦେଇଥାଏ । ଆଉ ଗୋଟିଏ ପ୍ରକାର ଜିନିଷ କୌଣସିଠାରେ "ନିଜେ ବାଛି କିଣିବା" ସୁବିଧାର ଅନ୍ତର୍ଭୁକ୍ତ ହୁଏନାହିଁ—ସେଗୁଡ଼ିକ ସାଧାରଣତଃ ଆକାରରେ ଛୋଟ କିନ୍ତୁ ଦାମରେ ବଡ଼ । ଏ ଗୁଡ଼ିକ ଗହଣା ଶ୍ରେଣୀର । ବିଲାତରେ ଘଡ଼ିକୁ ଏହି ଶ୍ରେଣୀରେ ଧରାଯାଏ । ବସ୍ତୁତଃ ଘଡ଼ିର ଦାମ ତା'ର ଉତ୍ପାଦନକାରୀ ନାମ ଯୋଗୁଁ ନୁହେଁ, ତା'ଦେହରେ

ହୋଇଥିବା କାମ ଓ ତହିଁରେ ଲାଗିଥିବା ବିଭିନ୍ନ ଧାତୁ ଯୋଗୁଁ ହୋଇଥାଏ । ଘଣ୍ଟାର ବ୍ରାଣ୍ଡ ଗହଣାପରି ହୋଇଥାଇପାରେ, ପୁଣି ବିଭିନ୍ନ କ୍ୟାରେଟ୍‌ର ସୁନା ଲାଗିଥାଇପାରେ । ଧଳା ସୁନା, ହଳଦିଆ ରୁପା, ପ୍ଲାଟିନମ୍, ମୁକ୍ତା, ହୀରା, ନୀଳା ଆଦି ମଧ୍ୟ ଲାଗିଥାଇପାରେ । ସୁନା ଓ ରୁପା ଅନୁପାତ ଏ ପାଖ ସେପାଖ କଲେ ଧଳା ସୁନା ବା ହଳଦିଆ ରୁପା ହୋଇଥାଏ । ଗହଣା ଭଳି ହାତରେ ଲୁଚାଇ ହୋଇପାରିବା ଦାମିକା ଜିନିଷ ବିକିବାପାଇଁ ବଡ଼ ବଡ଼ ଦୋକାନରେ ମଧ୍ୟ ବିକାଳି ଥାଏ, ମନଇଚ୍ଛା ବଛାବଛି କରିବାକୁ ଗରାଖଙ୍କୁ ଛୁଇଁ ଦିଆଯାଏ ନାହିଁ ।

ଯେଉଁ ଦୋକାନଗୁଡ଼ିକ ଗୋଟିଏ ପ୍ରକାରର ସାମଗ୍ରୀ ବିକ୍ରି କରନ୍ତି, ସେଠାରେ ମଧ୍ୟ ଗରାଖ ନିଜେ ଜିନିଷ ଧରି ଆଣେ ନାହିଁ, ସେ ଖାଲି ବାଛିଦେଇ କହେ କେଉଁ ଟାଇପରାଇଟର ବା କେଉଁ କ୍ୟାମେରା ସେ ଚାହୁଁଛି । ବିକାଳି ତାହା ଆଣି ଦରକଷି ଦିଏ । କିନ୍ତୁ ଖାଦ୍ୟଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀମାନେ ଗରାଖଙ୍କୁ ଛୁଇଁ ଦିଅନ୍ତି, ସେ ଜିନିଷ ବାଛି ଖାକାଣ୍ଟି ପାଖକୁ ଆଣିଥାଏ । ବଡ଼ ବଡ଼ ଜଳଖିଆ ଦୋକାନରେ ପରଷିବାକୁ କେହି ନଥା'ନ୍ତି । ନିଜେ ଗରାଖ କ୍ୟୁରେ ଠିଆହୋଇ ବାଛିକ ଜିନିଷର ଦାମ ଦେଇଦେଲେ ଜିନିଷ ପାଏ ।

## ସୌଚାଳୟ ଥିବା ଜଳଖିଆ ଦୋକାନ ଦରକାର :

ମାକ୍‌ଡୋନାଲଡ୍ ନାମକ ପ୍ରସିଦ୍ଧ ରେଷ୍ଟୋରାଁ ପୃଥିବୀର ବିଭିନ୍ନ ଦେଶର ବଡ଼ ବଡ଼ ସହରରେ ଶାଖା ଦୋକାନମାନ ଖୋଲିଛି । ଏହା ଗୋଟିଏ ଜଳଖିଆ ଦୋକାନ । ଆମ ଦେଶରେ ବାଟା ଦୋକାନ ନଥିବା ସହର ଯେପରି ସହର ନୁହେଁ, ବିଲାତରେ ମାକ୍‌ଡୋନାଲ୍‌ଡ୍ ଜଳଖିଆ ଦୋକାନ ନଥିବା ସହର ସହରନୁହେଁ । ଆମେ କେଉଁଠି ବୁଲିବାକୁ ଗଲେ, ଜଳଖିଆ ଖାଇବାପାଇଁ ମାକ୍‌ଡୋନାଲ୍‌ଡ୍ ଦୋକାନ ଖୋଜୁ । ପ୍ରଥମତଃ ଏହା ଭଲ ଜିନିଷ ଶସ୍ତାରେ ଦିଏ; ଦ୍ୱିତୀୟତଃ ବସି ଖାଇବାପାଇଁ ସ୍ଥାନ ଥାଏ । ସେତେ ସମୟ ବସି ଆରାମକର, ମନା ନାହିଁ । ଆଉ ଗୋଟିଏ କାରଣ ଅଛି । ଦାମ ଶସ୍ତା ବୋଲି ନୁହେଁ । ଅନ୍ୟ ଜଳଖିଆ ଦୋକାନରେ ପରିସ୍ରାଗାର ନ ଥାଏ । କିନ୍ତୁ ମାକ୍‌ଡୋନାଲ୍‌ଡ୍ ଦୋକାନରେ ପାଇଖାନା, ପରିସ୍ରାଗାର ଆଦିର ସୁବିଧା ଥାଏ । ଆମ ଦେଶରେ ଆଜିକାଲି ସୁଲଭ ଶୌଚାଳୟ ହେଉଛି । ପଇସା ଦେଲେ ପରିସ୍ରା କରିହେବ । ବିଲାତରେ କୌଣସି ସହରରେ ବାହାରେ ପରିସ୍ରା କରିବା ମନା । କେତେକ ପାର୍କ ଛଡ଼ା ଆଉ କେଉଁଠି ମାଗଣାରେ ପରିସ୍ରା ବା ପାଇଖାନା

କରୁହେବ ନାହିଁ । ତେଣୁ ମାକ୍‌ଡୋନାଲ୍ଡରେ ଜଳଖିଆ କିଣିବା ବାହାନାରେ ମାଗଣାରେ ପରିସ୍ରା କରନ୍ତୁ । ପିଇବାପାଇଁ ମଧ୍ୟ ମାଗଣାରେ ଭଲ ପାଣି ମିଳେ । ବାହାରେ କୌଣସି ଦୋକାନ ବା କାହାର ଘରୁ ପିଇବା ପାଣି ମିଳିବା ଅସମ୍ଭବ । କୌଣସି ନରମ ପାନୀୟ କିଣିନଅ, କିମ୍ବା କଣ୍ଡା ପାନୀୟ କିଣିନଅ । ସାଧା ପାଣି ବୋଲି ମିନେରାଲ ୱାଟର ନାମରେ ଯାହା ମିଳିବ ତାହା ଦୁଧଠାରୁ ବା ବିଅରଠାରୁ ବେଶି ଦାମ । ଏହିସବୁ କାରଣରୁ 'ଜଳଖିଆ ଖାଇବାର ଦୋକାନ ବାଛିବା ନିହାତି ଦରକାର ।

## ଆମ ଜିନିଷରେ ବିଲାତି ମାର୍କା :

ବିଲାତର ଦୋକାନମାନଙ୍କରେ ବିକ୍ରି ହେଉଥିବା ଜିନିଷର ଶତକଡ଼ା ୯୦ ଭାଗ ବିଦେଶରୁ ଆସିଥାଏ । ଆଶ୍ଚର୍ଯ୍ୟର କଥା ସେ ଗୁଡ଼ିକ ଶସ୍ତା । ବିଲାତି ତିଆରି ଜିନିଷ ବେଶି ଦର, ବୋଧହୁଏ ସେଠା ଲୋକଙ୍କର ମଜୁରିହାର ବେଶି ବୋଲି । ଖାଦ୍ୟ ପଦାର୍ଥରୁ ମଧ୍ୟ ଅଧିକାଂଶ ବିଦେଶରୁ ଆମଦାନୀ ହୋଇଥାଏ । କେତେକ ଶୀତ ଅଞ୍ଚଳର ଜିନିଷ ଶସ୍ତା—ଯଥା ପଶମ ଜିନିଷ ଓ ବିଲାତି କୋଲି ତଥା ଆପଲ । କେତେକ ବିଲାତି କମ୍ପାନୀର ପଶମ ଜିନିଷ ପୃଥିବୀ ପ୍ରସିଦ୍ଧ । ବିଲାତର ଜର୍ସି ଦ୍ୱୀପ ନାଁ ଅନୁସାରେ ଜର୍ସି ପୋଷାକ ମିଳେ । ବିଲାତର ଫଳ-ଗୁଡ଼ାକ ଟିକେ ଖଟା । ଭୂମଧ୍ୟ ସାଗରୀୟ ଫଳ ଏହା ତୁଳନାରେ ବେଶ୍ ମିଠା । କଦଳୀ, ଆମ୍ବ ଆଦି ତ ଗ୍ରୀଷ୍ମ ମଣ୍ଡଳରୁ ଆସେ । ପୂର୍ବେ ଭାରତୀୟ ଜିନିଷ (ଫଳ ପରିବା ମଧ୍ୟ) ବେଶି ପରିମାଣରେ ବିଲାତ ଯାଉଥିଲା । ପଇସା ଲୋଭରେ ଆମର ରପ୍ତାନିକାରୀମାନେ ଠକିବାରୁ ଏବେ ବିଲାତର ଦୋକାନୀମାନେ ଅନ୍ୟ ଦେଶରୁ ବେଶି ଆମଦାନୀ କରୁଛନ୍ତି ।

ମୋର ଜଣେ ସାଙ୍ଗ ଲିଙ୍ଗରାଜ ସାହୁ ମୋତେ ଚିଠି ଲେଖିଲେ, ଫେରିବା ବେଳକୁ ବିଲାତି ସ୍ମୃତି ହିସାବରେ ଗୋଟିଏ ଟି ସାର୍ଟ ତାଙ୍କ ଲାଗି ଆଣିବାକୁ । ମୁଁ ଦୁଇ ତିନୋଟି ଡିପାର୍ଟମେଣ୍ଟାଲ ଷ୍ଟୋରରେ ଖୋଜିଲି । ଅଧିକାଂଶ ବଙ୍ଗଳାଦେଶ ଓ ପାକିସ୍ଥାନ ତିଆରି । ଗୋଟାକରେ ଦେଖିଲି ଲେଖା ହୋଇଛି, **Made for Debenham in India**—ଦେବେନହାମ କମ୍ପାନୀ ପାଇଁ ଭାରତରେ ତିଆରି । ଏ ସବୁ ଦେଖିଲାପରେ ମୁଁ ଲିଙ୍ଗରାଜ ସାହୁଙ୍କୁ ଲେଖିଲି ଭାରତ ତିଆରି ଜିନିଷ ବିଲାତରୁ କିଣି ପୁଣି ଭାରତକୁ ନେବା କି ? ଏ କଥା ଶୁଣି କିଏ ବା ମନ ବଳାନ୍ତା ? ସେ ଚୁପ୍ ରହିଲେ । ଆପଣମାନେ

ମନେ ମନେ ପଚାରୁଥିବେ, ତାହାହେଲେ କ'ଣ ବିଲାତରୁ କିଛି ଜିନିଷ ଆଣି ହେବନାହିଁ ? ନିଶ୍ଚୟ ଆଣିହେବ । ଶସ୍ତା ଜିନିଷ ହିସାବରେ ଇଲେକ୍ଟ୍ରୋନିକ ଜିନିଷ ବା ଯନ୍ତ୍ରପାତି ଆଣିହେବ । ଏଥିରେ ଖେଳନାଠାରୁ ଆରମ୍ଭ କରି ଗଣନାଯନ୍ତ୍ର, ଟାଇପରାଇଟର ଠାରୁ କାମେରା ପର୍ଯ୍ୟନ୍ତ । ଏ ସବୁଥିରେ ଭାରତରେ ଓହ୍ଲାଇବାବେଳେ ବହିଃଶୁଳ୍କ ବା କଷ୍ଟମସ୍ ଡ୍ୟୁଟି ଲାଗିବ । ବେଳେବେଳେ ଡ୍ୟୁଟି ସହିତ ସବୁ ଖର୍ଚ୍ଚ ମିଶିଲେ ବି ଭାରତରେ ସେହିଭଳି ଜିନିଷଟିଏର ଯାହା ଦାମ ତାହାଠାରୁ ଶସ୍ତା ପଡ଼େ ।

କ'ଣ କିଣିବେ ଠିକ୍ କରି ଯେ କୌଣସି ଦୋକାନରୁ କିଣିଦେଲେ, ଦାମରେ ଠକିଯିବେ । ଆଗରୁ କହିଛି, ସେଠାରେ ଦୋକାନ ଦୋକାନ ଭିତରେ ଦରଦାମ ଖୁବ୍ ତଫାତ୍ । ଫେରିବା ପୂର୍ବରୁ ମୋତେ କେତେଗୁଡ଼ିଏ ଜିନିଷ ଆଣିବାର ବରାଦ ମିଳିଥିଲା—ବଡ଼ପୁଅ ସୁବ୍ରତର ଗୋଟିଏ ପର୍ସନାଲ କମ୍ପ୍ୟୁଟର, ସାନପୁଅ ସୁଜିତ ପାଇଁ କିଛି ବିଲାତି ଟପି ସାଙ୍ଗକୁ ଭିଡିଓ ଖେଳଣା, ସ୍ତ୍ରୀଙ୍କ ପାଇଁ ଯଦି ସମ୍ଭବ ଗହଣା ଓ ଶଳା ପ୍ରମୋଦ ପାଇଁ ଗୋଟିଏ ଭଲ କାମେରା । କାମେରା ଓ କମ୍ପ୍ୟୁଟରର ଭିନ୍ନଭିନ୍ନ ଦୋକାନରେ ଭିନ୍ନଭିନ୍ନ ଦାମ୍ । ବିଭିନ୍ନ ସ୍ଥାନରୁ ମୂଲ୍ୟ ତାଲିକା ବା କାଟ୍‌ଲଗ୍ ଅଣାଇ ଦାମ ମେଳାଇଲି—ଯେଉଁ ଦୋକାନରେ ତାହା ଶସ୍ତା ଦେଖିଲି, ଅକ୍ସଫୋର୍ଡ଼ର ସେ ଦୋକାନରେ ଜିନିଷ ପଚରାଇଥିଲି । ଟେକ୍‌ହାଯ ଓ କାସିଓ ଭିତରେ ମୁଁ CASIO P. B 100 ପର୍ସନାଲ କମ୍ପ୍ୟୁଟର କିଣିବା ଠିକ୍ କଲି ଓ କାମେରା ଭିତରେ Olympus-XII—ଯଥାକ୍ରମେ ସେମାନଙ୍କ ଦର ୩୯ ପାଉଣ୍ଡ ଓ ୬୯.୯୯ ପାଉଣ୍ଡ । ଏଥିପାଇଁ ମୋତେ ଉକ୍ତ କାଟ୍‌ଲଗ୍ ଦୋକାନର ଲଣ୍ଡନ ଶାଖାକୁ ଯିବାକୁ ପଡ଼ିଥିଲା । ଅକ୍ସଫୋର୍ଡ଼ରୁ ଲଣ୍ଡନ ଯାତ୍ରାଖର୍ଚ୍ଚ ମିଶାଇ ମଧ୍ୟ ଅନ୍ୟ ଦୋକାନ ତୁଳନାରେ ଶସ୍ତା ପଡ଼ିଲା । ଲଣ୍ଡନରେ ଜିନିଷ ଖୋଜିବାପାଇଁ ମୋତେ ଶନିବାରଟି ଯିବାକୁ ପଡ଼ିଥିଲା । ଶନିବାର ଆମ କର୍ମଶାଳା ବନ୍ଦ, ଅଥଚ ଦୋକାନ ସବୁ ଖୋଲାଥାଏ । ତେଣୁ ଖୋଲା ମନରେ ଦୋକାନ ଦୋକାନ ବୁଲି ଜିନିଷ ବାଛିବାକୁ, ମୂଲେଇବାକୁ ଭଲ ଲାଗେ ।

ପ୍ରଥମେ ପ୍ରଥମେ ଆମକୁ ଲାଗୁଥିଲା ବିଲାତରେ ଜିନିଷପତ୍ର ଦର ଖୁବ୍ ବେଶି । କାରଣ ଆମେ ପ୍ରତ୍ୟେକର ମୂଲ୍ୟ ବିଲାତି ପାଉଣ୍ଡ ଓ ପେନ୍‌ସରେ ଦେଖୁଥିଲେ ହେଁ ତା'କୁ ଟଙ୍କା ଆଉ ପଇସାରେ ହିଁ ମନେ ମନେ ହିସାବ କରିନେଉ । ଫଳରେ ୧୬।୧୭ ଗୁଣ ଲାଗୁଥିଲା । ଅଧାପାଉଣ୍ଡ ବା ୫୦ ପେନି

ଆଠଟଙ୍କା ଲାଗୁଥିଲା । କିଛୁଦିନ ରହିଗଲାପରେ କୌଣସି ଜିନିଷ ପାଉଣ୍ଡ କିମ୍ବା ପାଉଣ୍ଡକରୁ ଊଣା ପଡ଼ୁଥିଲେ ଆମକୁ ଶସ୍ତା ଜଣା ପଡ଼ିଲା । କୌଣସି ଜିନିଷ ୫୦ ପେନିରୁ କମ୍ ନଥିଲା । ଆମ ଦେଶରେ ଯେପରି ପଚିଶ ପଇସାରୁ କମ ମୂଲ୍ୟର ଜିନିଷ ପ୍ରାପ୍ୟ ନାହିଁ ।

ମନୋହାରୀ ଦୋକାନରେ ବା କାଗଜ ପେନ୍‌ସିଲ ଦୋକାନରେ ଟ୍ରେଟମୋଟ କେତୋଟି ଜିନିଷର ଦାମ କମ ଥିଲା । ଜିନିଷପତ୍ର ରଖାରଖି, ନିଆଆଣରେ ଖର୍ଚ୍ଚ ବୋଧହୁଏ ୫୦ ପେନିରୁ କମ ପଡ଼ୁନଥିବ । ଏପରି କାରଣରୁ ବିଲାତ ଡାକଘର କାର୍ଡ଼ ଲଫାପା ବିକେନାହିଁ । ପିକ୍‌ଚର କାର୍ଡ଼ (ଛବିଥିବା କାର୍ଡ଼) କିଣିଲେ ପ୍ରାୟ ୧୦ ରୁ ୧୫ ପେନି ପଡ଼େ; ଅର୍ଥାତ୍ ଦୁଇଟଙ୍କା ପାଖାପାଖି । ତା' ଉପରେ ପୁଣି ଦ୍ୱିତୀୟ ଶ୍ରେଣୀର ଷ୍ଟାମ୍ପ ଡାକଖର୍ଚ୍ଚ ୧୨ ପେନି କିମ୍ବା ପ୍ରଥମ ଶ୍ରେଣୀର ଡାକ ୧୭ ପେନି । ଆମ ଦେଶର ୧୫ ପଇସିକିଆ କାର୍ଡ଼ ଓ ୫୦ ପଇସିକିଆ ଲଫାପା ତୁଳନାରେ ଏ ଗୁଡ଼ିକ ଖୁବ୍ ବେଶି ଲାଗୁନି କି ? କିନ୍ତୁ କିଛୁଦିନ ରହିଗଲା ପରେ ଅଭ୍ୟାସରେ ପଡ଼ିଯାଏ ଏବଂ ତାହା ଇଂରେଜ ଲୋକଙ୍କ ଭଳି ଶସ୍ତା ଲାଗେ ।

## ଲୋକେ ମାନସାଙ୍କ ଜାଣନ୍ତି ନାହିଁ :

ଆମ ଦେଶରେ ବଡ଼ ବଡ଼ ଦୋକାନମାନେ ଏବେ କାଲକୁଲେଟର ବ୍ୟବହାର କଲେଣି । ବିଲାତର ଦୋକାନମାନଙ୍କରେ ସର୍ବତ୍ର ଏହାର ପ୍ରଚଳନ । କେହି ମୁହଁରେ ହିସାବ କରେ ନାହିଁ । ଏହି ଗଣନାଯନ୍ତ୍ର ଉପରେ ସେମାନେ ଏତେ ନିର୍ଭରଶୀଳ ଯେ ମାନସାଙ୍କ କଷିବାକୁ ଶକ୍ତ ତ ନୁହଁନ୍ତି ବରଂ କେହି ଗ୍ରାହକ ମାନସାଙ୍କ କରି କହିଲେ ବିଶ୍ୱାସ କରନ୍ତି ନାହିଁ । ଆମ ଦେଶରେ ବାଟା ଦୋକାନରେ ଜୋତା ଗୁଡ଼ିକର ଦାମ ଅଜବ ଢଙ୍ଗର । ଯଥା— ୪୨ ଟଙ୍କା ୯୫ ପଇସା ବା ୩୫ ଟଙ୍କା ୯୫ ପଇସା । ଦାମଟାକୁ ପୁରା ଟଙ୍କା ଆକାରରେ ଲେଖିଲେ କ୍ଷତି କ'ଣ ହୁଅନ୍ତା ? କିନ୍ତୁ ତାହା କରାଯାଉ ନାହିଁ; କାରଣ ଗ୍ରାହକ ମନରେ ଧାରଣା ହେବ ଯେ, ଏହା ୪୩ ଟଙ୍କା ନୁହେଁ ବରଂ ୪୨ ଟଙ୍କା ୯୫ ପଇସା । ସତେ ଯେପରି ଗୋଟିଏ ଟଙ୍କା କମ୍ । ଇଂଲଣ୍ଡରେ ସେହିପରି କେତେଗୁଡ଼ିଏ ଜିନିଷର ଦାମ୍ ୯୯ ପେନ୍ସରେ ଶେଷ । ଯଥା, ୫ ପାଉଣ୍ଡ ୯୯ ପେନ୍ସ । ଟ୍ରାଉଜର ବା ସେହିଭଳି କେତେଗୁଡ଼ିଏ ଶ୍ରେଷ୍ଠ ଜିନିଷର ଦାମ ମାତ୍ର ୯୯ ପେନ୍ସ । ଏହିପରି ପାଞ୍ଚୋଟି ଜିନିଷ ମୁଁ ଗୋଟିଏ ଶ୍ରେଷ୍ଠ ଦୋକାନରୁ କିଣିଥିଲି (Till ପଇସା

ନେବା ଜାଗା) ପାଖକୁ ଗଲି । ସେଠାରେ ଗୋଟିଏ ଝିଅ ବସିଥାଏ । ଜିନିଷ ଦେଖାଇ ପାଞ୍ଚ ପାଉଣ୍ଡ ଦେଇ ମୁଁ ଅପେକ୍ଷା କଲି । ସେ କାଲକୁଲେଟର ଭିତରେ ଟାଇପ କରିବାକୁ ଗଲାବେଳେ ମୁଁ କହିଲି "ଏତେ ସମୟ ନେବା ଦରକାର ନାହିଁ । ୫ ପାଉଣ୍ଡ ଦେଇଛି ମୋତେ ୫ ପେନ ଫେରାଅ ।" ସେ ମୋ' ମୁହଁକୁ ବାଲବାଲ କରି ଚାହିଁଲା । ପଚାରିଲା, "ତୁମେ କିପରି ଜାଣିଲ ଯେ ତୁମେ ୫ ପେନ ପାଇବ ?" ମୁଁ କହିଲି, "ପ୍ରତିଟିରେ ଗୋଟିଏ ପେନି ଲେଖାଏଁ ବଳିଲେ ୫ଟିରେ ୫ ପେନି ବଳିବ ନାହିଁ ?"

"ଅପେକ୍ଷା କର, ମୁଁ ଯାଞ୍ଚ କରି ଦେଖେ ।" ଝିଅଟି କହିଲା ।

ତେଣେ କାଲ୍‌କୁଲେଟରରେ ଦାମସବୁ ମିଶାଇଲା । ପାଞ୍ଚ ପାଉଣ୍ଡ ଦେଲି ବୋଲି କାଲ୍‌କୁଲେଟରରେ ଟାଇପ କଲା । ବାକି ମୁଁ ଯାହା ପାଇବା କଥା ଖୁଚୁରା ଆକାରରେ କାଲ୍‌କୁଲେଟର ଯନ୍ତ୍ରଟି ହିସାବ କରି କାଢ଼ିଦେଉ ବୋଲି ଟାଇପ୍ କରି ନିର୍ଦ୍ଦେଶ ଦେଲା । କାଲ୍‌କୁଲେଟରରେ ଗୋଟିଏ ମୁଦ୍ରକ ବା ପ୍ରିଣ୍ଟର ଲାଗିଥାଏ । ତହିଁରେ ଲେଖି ହୋଇଗଲା ୪ ପାଉଣ୍ଡ ୯୫ ପେନି ଦାମ ବାବଦକୁ; ୫ ପେନି ଫେରନ୍ତ ବାବଦକୁ । ଏହି ଲେଖା ହିଁ ଗରାଖର ରସିଦ ।

ଝିଅଟି କାଗଜ ଟୁକୁରାଟିକୁ କାଲ୍‌କୁଲେଟରରୁ ଚିରିନେଲା । ଯନ୍ତ୍ରର ତଳ ତାଲାକୁ ଖସି ଆସିଥିବା ୫ ପେନି ମୁଦ୍ରାଟିକୁ ଆଣି ମୋତେ ଟୁକୁରା କାଗଜ ସହିତ ଧରାଇଦେଇ ମୁରୁକି ହସିଦେଲା । କହିଲା, "ଆପଣ ଠିକ୍ କହୁଥିଲେ ।"

## ବିଲାତ ହାଟ :

ଦୋକାନ ବଜାର ବିଷୟରେ ଏ ପର୍ଯ୍ୟନ୍ତ ଯାହା କହିଲିଣି, ସେଥିରୁ ଆପଣମାନେ ଭାବୁଥିବେ ଯେ, ବିଲାତରେ ଆମଦେଶ ଭଳି ହାଟ ବା ଖୋଲା ବଜାର ନାହିଁ । ପ୍ରକୃତରେ ତାହା ନୁହେଁ । ଅକ୍‌ସଫୋର୍ଡ଼ରେ ମୁଁ ଯେଉଁଠାରେ ରହୁଥିଲି ତା'ଠାରୁ ମାତ୍ର ଦୁଇତିନ ଶହ ମିଟର ଦୂରରେ ବସଷ୍ଟାଣ୍ଡକୁ ଲାଗି ଖୋଲାଜାଗାରେ ଗୋଟିଏ ସାପ୍ତାହିକ ହାଟ ବସୁଥିଲା । ବୁଧବାର ଦିନ ୧୦ଟା ପରଠାରୁ ଭିଡ଼ ଜମୁଥିଲା ଓ ଅପରାହ୍ଣ ୬ଟା ବେଳକୁ ସବୁ ସରିଯାଉଥିଲା । ପରିବାପତ୍ର, ମାଂସ ଆଦି ଠାରୁ ଆରମ୍ଭ କରି ଲୁଗାପଟା ଯନ୍ତ୍ର ପର୍ଯ୍ୟନ୍ତ ସାଧାରଣତଃ ଆମର ସାପ୍ତାହିକ ହାଟରେ ଯାହା ବିକ୍ରି ହୁଏ, ସେଠାରେ ମଧ୍ୟ ବିକ୍ରି ହେଉଥିଲା । ହାଟର ସଉଦା ବଡ଼ ବଡ଼ ଦୋକାନର ସଉଦା ଠାରୁ ଶସ୍ତା । ଏଠାରେ ବଡ଼

ବଡ଼ ଭ୍ୟାନ୍‌ରେ ଅସି କଂଟ୍ରସଇମାନେ ମାଂସ ବିକନ୍ତି । କିନ୍ତୁ ଆମମାନଙ୍କ ହାଟରେ ଯେପରି କଂସେଇ ଲୋକଙ୍କ ସାମନାରେ ଜନ୍ତୁମାନେ ଓ ଗୋଟା ପୁଣି ଟଙ୍ଗାଇ ରଖେ, ବିଲାତରେ ସେପରି ନୁହେଁ । ଯେ କୌଣସି ଜାଗାରେ ଜନ୍ତୁ ମାରିବା ଆଇନ ବିରୁଦ୍ଧ । ଏହା ଜୀବପ୍ରତି ନୃଶଂସତା ବୋଲି ଧରାଯାଏ । କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ସ୍ଥାନରେ କଂସେଇମାନଙ୍କୁ ଲାଇସେନ୍‌ସ ଦିଆଯାଇଥାଏ । ଭ୍ୟାନ ଭିତରେ ଖଣ୍ଡ ଖଣ୍ଡ ମାଂସ ଟଙ୍ଗା ହୋଇଥାଏ ବା ଥୁଆ ହୋଇଥାଏ । ଗ୍ରାହକର ଦରକାର ଅନୁଯାୟୀ କାଟି, ଓଜନକରି ଦିଆଯାଏ । ଛେଳି ମାଂସ ନାହିଁ । ପ୍ରାୟ ଘୁଷୁରି ଓ ଗୋରୁ ମାଂସ ଥାଏ । କୁକୁଡ଼ା ବା ହଂସ ମାଂସ ଖୁବ୍ ଶସ୍ତା । ଗୋରୁ ବା ଘୁଷୁରି ମାଂସରୁ ହାଡ଼ କାଢ଼ି ଦିଆଯାଇଥାଏ, ମାଂସକୁ ମେସିନ୍‌ରେ ଚାପି ପରତ ପରତ ସତରଞ୍ଜି ଗୁଡ଼ାଇଲା ଭଳି ଗୁଡ଼ାଇ ମୁଦ୍‌ଗର୍ ଭଳି ରଖା ଯାଇଥାଏ । ଯେଉଁଠାରେ ମାଂସ ବିକି ହୁଏ, ସେଠାରେ କେତେକ ବ୍ୟବସାୟୀ ନିଜେ କାଟିଥିବା ଗୋରୁ ବା ଘୁଷୁରି ମାଂସ ମେସିନ୍‌ଦ୍ୱାରା ତିଆରି ନ କରି ଗ୍ରାହକର ଦାବି ଅନୁଯାୟୀ କାଟି ଦିଅନ୍ତି । ଜନ୍ତୁର ଚମ ଛଡ଼ାଇବା ସଙ୍ଗେ ଚର୍ବି ଓ ହାଡ଼ଗୁଡ଼ାକ କାଢ଼ି ଦିଆ ଯାଇଥାଏ । ଇଂରେଜ ପରିବାରରେ ଚର୍ବି ଖିଆଯାଏ ନାହିଁ । ଜନ୍ତୁମାନଙ୍କର ଚର୍ବି, ହାଡ଼, ଅନ୍ତନଳୀ ଆଦି ଟିକିଟିକି କଟା-ଯାଇ ପଶୁଖାଦ୍ୟ ତିଆରିରେ ବ୍ୟବହାର କରାଯାଏ । ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ଯେ, ପଶୁମାନେ ନିଜର ମାଂସକୁ କିପରି ଖାଆନ୍ତି । ଗୋରୁ, ଘୁଷୁରି ଆଦିର ଶୀଘ୍ର ଶୀଘ୍ର ମାଂସ ବୃଦ୍ଧିପାଇଁ ସେମାନଙ୍କ ଖାଦ୍ୟରେ ପ୍ରୋଟିନ୍ ଦରକାର ଏବଂ ଏହା ଜନ୍ତୁମାନଙ୍କର ଚର୍ବି, ହାଡ଼, ଅନ୍ତନଳୀ ଓ ଚର୍ମ ଆଦିରୁ ଆସିଥାଏ । ଆମ ଦେଶରେ ତିଆରି ହେଉଥିବା କୁକୁଡ଼ା ଖାଦ୍ୟ ଓ ଗୋ-ଖାଦ୍ୟରେ ଯଦି ଶୁଖୁଆ ଗୁଣ୍ଡ ପଡ଼ିପାରୁଛି, ବାଛବିଚାର ନଥିବା ସେ ଦେଶରେ ଗୋଖାଦ୍ୟରେ ବା ଘୁଷୁରି ଖାଦ୍ୟରେ ମାଂସଗୁଣ୍ଡ ନ ପଡ଼ିବ କାହିଁକି ?

ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟର ବିଭିନ୍ନ କଲେଜରେ ବହୁତ ଭାରତୀୟ ଛାତ୍ର । ଅକ୍‌ସଫୋର୍ଡ ହାଟରେ ଏହି ଛାତ୍ରମାନଙ୍କ ଭିଡ଼ ଦେଖି । କେତେକ ଲୁଗା ଦୋକାନୀ ଆମକୁ ଭାରତୀୟ ବୋଲି ଚିହ୍ନି ଗଲାପରେ ଭାରତରୁ ଶାଢ଼ୀ ଓ ରେଡ଼ିମେଡ୍ ପୋଷାକ କିପରି କିଣିହେବ, ପ୍ରଶ୍ନ କରନ୍ତି । ସେମାନେ ଯେ ଜାଣି ନଥା'ନ୍ତି ତା'ନୁହେଁ, ଆମଦାନୀ ପଦ୍ଧତି ଅନୁସରଣ କରିବାକୁ ପଡ଼ିବ । ତଥାପି ଗ୍ରାହକ ସହିତ ସମ୍ପର୍କ ରଖିବାପାଇଁ ସେମାନେ ଏପରି ଆଲୋଚନା କରିଥାନ୍ତି । କେତୋଟି ପୋଷାକଦୋକାନୀ ଭାରତୀୟଙ୍କ ସହିତ ଏତେ ସମ୍ପର୍କରେ ଆସିଛନ୍ତି

ଯେ, ସହଜରେ କେତେଗୁଡ଼ିଏ ହିନ୍ଦିଶବ୍ଦ ବ୍ୟବହାର କରନ୍ତି, ବହୁତ ସହଜରେ "ସୁକ୍ରିୟା" କହନ୍ତି ଅର୍ଥାତ୍ "ଧନ୍ୟବାଦ" ।

## ବ୍ୟାଙ୍କ କାରବାର :

ଇଂଲଣ୍ଡରେ ବ୍ୟାଙ୍କିଙ୍ଗ୍ ଅଭ୍ୟାସ ଏତେ ବେଶି ଯେ ଲୋକେ ଖୁଚୁରା ବା ନୋଟ ଧରି ବୁଲନ୍ତି ନାହିଁ । ବିଭିନ୍ନ ପ୍ରକାରର କ୍ରେଡ଼ିଟ୍ କାର୍ଡ଼ ଦେଖାଇ ସେମାନେ ଜିନିଷ କିଣନ୍ତି । ଆମ ଦେଶରେ ଯେପରି ଡାଇନର୍ସ କାର୍ଡ଼ ଚଳେ ସେ ଦେଶରେ ଏପରି ଅନେକ ରକମର କାର୍ଡ଼ ଅଛି । ସମ୍ପୃକ୍ତ ବ୍ୟାଙ୍କ ବା ଅନୁଷ୍ଠାନରେ ସଦସ୍ୟ ହୋଇଗଲେ ଖଣ୍ଡିଏ କାର୍ଡ଼ ମିଳେ, ଯାହାକୁ ଦେଖାଇ ନିର୍ଦ୍ଦିଷ୍ଟ ପରିମାଣର ସଉଦା ବାକିରେ ଦେଇହୁଏ । ଦୋକାନୀମାନେ ଉକ୍ତ ଅନୁଷ୍ଠାନରୁ ପଇସା ନେଇ ନିଅନ୍ତି ଏବଂ ଅନୁଷ୍ଠାନଟି ସଦସ୍ୟର ବ୍ୟାଙ୍କ ଏକାଉଣ୍ଟରୁ ଏହା ଉଠାଇ ନିଏ । କ୍ରେଡ଼ିଟ୍ କାର୍ଡ଼ ଜରିଆରେ ଇଂଲଣ୍ଡରେ ଥରକରୁ ୫୦ ପାଉଣ୍ଡରୁ ବେଶି ବାକିରେ ନେଇ ହେବ ନାହିଁ । ଜଣେ ଜଣେ ବଦମାସ୍ ବିଭିନ୍ନ ଦୋକାନକୁ ଯାଇ ପ୍ରତ୍ୟେକ ଦୋକାନରୁ ୫୦ ପାଉଣ୍ଡ ଲେଖାଏଁ ବିଭିନ୍ନ ଜିନିଷ କିଣିନିଅନ୍ତି ଏବଂ ପରେ ହଇରାଣରେ ପଡ଼ନ୍ତି । ଏସବୁ ଦିନକିଆ କଥା । ଥରେ ନିଜର କ୍ଷମତା ବାହାରେ ଧାରରେ କିଣାକିଣି କରିଥିବାର ଧରାପଡ଼ିଲେ କାର୍ଡ଼ ଫେରାଇ ନିଆଯାଏ; ନ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ମକଦ୍ଦମା କରାଯାଏ । ନିଜ ବ୍ୟାଙ୍କ ଏକାଉଣ୍ଟ ଜରିଆରେ ମଧ୍ୟ ନିର୍ଦ୍ଦିଷ୍ଟ ପରିମାଣର (ପ୍ରାୟ ୫୦ ପାଉଣ୍ଡର) ଜିନିଷ ଚେକ୍ ଜରିଆରେ କିଣିହେବ । ବ୍ୟାଙ୍କ ଉପରେ ଏତେ ପରିମାଣରେ ନିର୍ଭରଶୀଳ ହୋଇଥିବାରୁ କେବଳ ଯେ ଦୋକାନୀମାନେ ବ୍ୟାଙ୍କ୍ର ଛୁଟିଦିନ ମାନଙ୍କରେ ଦୋକାନ ବଜାର ବନ୍ଦ କରି ଦିଅନ୍ତି ତା' ନୁହେଁ, ଅଫିସ୍, ସ୍କୁଲ, କଲେଜମାନ ମଧ୍ୟ ବନ୍ଦ ହୋଇଯାଏ । ଆମେ ଥିଲାବେଳେ ମେ ୨୮ ସୋମବାର ସ୍ପ୍ରିଙ୍ଗ୍ ବ୍ୟାଙ୍କ ହଲିଡ଼େ (ବ୍ୟାଙ୍କର ବସନ୍ତ ଋତୁ ଛୁଟି) ଯୋଗୁଁ ଆମର କର୍ମଶାଳା ମଧ୍ୟ ବନ୍ଦ ହୋଇଥିଲା । ଆମେ ଛୁଟି ବୋଲି ବଜାର ବୁଲିବାକୁ ଯାଇ ଦେଖିଲୁ, ବଜାର ମଧ୍ୟ ବନ୍ଦ । ଦିନଟାର ଯୋଜନା ଭଣ୍ଡୁର ହୋଇଗଲା ।

## ଛୁଟିଦିନରେ ବି ବ୍ୟାଙ୍କ ଚାଲିଛି :

ଆପଣମାନେ ଭାବୁଥିବେ ଯଦି ବ୍ୟାଙ୍କ ବନ୍ଦ ହେଲେ ସବୁ କାରବାର ବନ୍ଦ ହୁଏ, ଅତି ଦରକାର ପଡ଼ିଲେ ଲୋକେ କିପରି ଚଳନ୍ତି ? ଲୋକଙ୍କୁ ଜଣା

ଥିବାରୁ ସେମାନେ ଦରକାରୀ ଜିନିଷ କିଣି ନେଇଥା'ନ୍ତି । ମେସିନ୍ ସାହାଯ୍ୟରେ ବିକ୍ରି ହେଉଥିବା ଜିନିଷ ସବୁଦିନେ ମିଳେ । ସିଗାରେଟ୍, ଅଳ୍ପ କେତେ ପ୍ରକାରର ମିଠେଇ ପ୍ୟାକେଟ୍‌ରେ ଶୁଖିଲା ଜଳଖିଆ ଆଦି ମେସିନ୍ ସାହାଯ୍ୟରେ ବିକ୍ରି ହୁଏ । ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ସିନେମାହଲ ନିକଟରେ ତଥା କେତେଗୁଡ଼ିଏ ପାର୍କ ନିକଟରେ ଭେଣ୍ଡିଙ୍ଗ୍ ମେସିନ୍ ବା ବିକ୍ରି କରୁଥିବା ଯନ୍ତ୍ରରେ ଜିନିଷଗୁଡ଼ିକ ରଖାଯାଇଥାଏ । ନିର୍ଦ୍ଦିଷ୍ଟ ପରିମାଣର ମୁଦ୍ରା କଣାବାଟେ ଗଳାଇଲେ ଆବଶ୍ୟକ ଜିନିଷଟି ପଦାକୁ ବାହାରି ଆସେ । ଆମ ରେଲୱେ ଷ୍ଟେସନମାନଙ୍କରେ ଓଜନ ଜାଣିବା ପାଇଁ ଯେପରି ୧୦ ପଇସି ଗଳେଇ ଦେଇ ଆମେ କାର୍ଡ଼ଟିଏ ପାଉ (ଯହିଁରୁ ଓଜନ ସାଙ୍ଗରେ ଆମ ଭାଗ୍ୟଲେଖା ଜାଣିବାକୁ ପାଉ) ଭେଣ୍ଡିଙ୍ଗ୍ ମେସିନଟି ସେହିପରି ସବୁଦାଟି ବାହାର କରିଦିଏ । ରାସ୍ତାକଡ଼ରେ କେତେଗୁଡ଼ିଏ ସ୍ତମ୍ଭମାନଙ୍କରେ ପୋତା ହୋଇଥିବା ଭେଣ୍ଡିଙ୍ଗ୍ ମେସିନ୍ ଜରିଆରେ ଡାକଟିକଟ ମଧ୍ୟ ବିକ୍ରି ହୁଏ । ବିଭିନ୍ନ ମୂଲ୍ୟର ଟିକଟ ମିଶି ମୋଟରେ ୫୦ ପେନ ହୋଇଥିବା ଗୋଟିଏ ପୁସ୍ତିକା ବାହାରି ଆସେ । ୫୦ ପେନ ମୁଦ୍ରାଟିଏ ଗଳାଇବାକୁ ପଡ଼ିବ, ବିଭିନ୍ନ ମୁଦ୍ରାମିଶି ୫୦ ପେନ ହେଲେ ଚଳିବ ନାହିଁ । କାରଣ ୫୦ ପେନର ଆକାର ସେହି ଗାତରେ ଠିକ୍ ଖାପ ଖାଇବା ଯୋଗୁଁ ବୈଦ୍ୟୁତିକ ପ୍ରବାହ ସମ୍ପୂର୍ଣ୍ଣ ହୋଇଥାଏ ଏବଂ ତା' ଫଳରେ ଚୁମ୍ବକୀୟ ଶକ୍ତି ଜାତ ହୋଇ ଗୋଟିଏ ଟିକଟ ବହି ଠେଲିଦିଏ । ଠେଲିବା ଲିଭରଟିର ମୋଟେଇ ଟିକଟ ବହିର ମୋଟେଇ ସାଙ୍ଗରେ ସମାନ । ଯଦି ଟିକଟ ବହି କୌଣସି କାରଣରୁ ନ ବାହାରେ ତେବେ ୫୦ ପେନ ମୁଦ୍ରାଟି ଫେରି ଆସିବ । ଅର୍ଥାତ୍ ଭେଣ୍ଡିଙ୍ଗ୍ ମେସିନ୍‌ରେ ଜିନିଷ ନଥିଲେ ପଇସା ଅଟକ ଦିବ ନାହିଁ ।

ଛୁଟିଦିନମାନଙ୍କରେ ମଧ୍ୟ କେତେଗୁଡ଼ିଏ ବ୍ୟାଙ୍କ ସହରର ନିର୍ଦ୍ଦିଷ୍ଟ ସ୍ଥାନରେ କମ୍ପ୍ୟୁଟର ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କିଙ୍ଗ୍ ସେବା ଦେଇଥା'ନ୍ତି । କମ୍ପ୍ୟୁଟର କାଉଣ୍ଟରର ଆଗଟି ଗୋଟିଏ କାଚ ଦ୍ୱାର ଦ୍ୱାରା ବନ୍ଦ ହୋଇଥାଏ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ତା'ର ଏକାଉଣ୍ଟଧାରୀଙ୍କୁ ଏକ ସ୍ୱତନ୍ତ୍ର କାର୍ଡ଼ ଦେଇଥାଏ । ଏହି କାର୍ଡ଼ଟି କାଚ ଆଗରେ ଦେଖାଇ ଦେଲେ କମ୍ପ୍ୟୁଟର ତା'କୁ ପଢ଼ିନିଏ ଓ ନିଜର ହିସାବରେ ଯେପରି କାର୍ଡ଼ ଥିଲେ ହିଁ କାଚର କବାଟ ଖୋଲିଦିଏ । କୌଣସି ପ୍ରକାରର ଅମେଳ ଦେଖିଲେ କବାଟ ଖୋଲିବ ନାହିଁ । କବାଟ ଖୋଲିଗଲା ପରେ କାର୍ଡ଼ଟି ନିର୍ଦ୍ଦିଷ୍ଟ ଗାତ ଭିତରେ ପୁରାଇଦେଲେ ୫୦ ପାଉଣ୍ଡର ନୋଟ ବାହାରି ଆସେ । ଗ୍ରାହକର ଏକାଉଣ୍ଟରେ ସେତା କମ୍

ଥିଲେ କାର୍ଡ଼ଟି ଖାଲି ଫେରି ଆସିବ । ଏଇ ଟଙ୍କା ବାହାର କରି ନେଲାବେଳେ କମ୍ପ୍ୟୁଟର ଦ୍ୱାରା ଗ୍ରାହକର ହିସାବରେ ତାହା ଲେଖି ହୋଇଯାଏ । ତେଣୁ ଛୁଟିଦିନମାନଙ୍କରେ ମଧ୍ୟ ବ୍ୟାଙ୍କଗୁଡ଼ିକରୁ ଟଙ୍କା କାଢ଼ି ହେବ । ଆଜିକାଲି କମ୍ପ୍ୟୁଟରରୁ ଠକି ପଇସା ଉଠାଇବାର ଉପାୟ ବାହାରିଲାଣି । ବିଶେଷତଃ ଆମେରିକାରେ ଏଭଳି ଚୋରି ବେଶି ଘଟୁଛି । ଏହି କାରଣରୁ ବୋଧହୁଏ, କମ୍ପ୍ୟୁଟର କାଉଣ୍ଟରରୁ ୫୦ ପାଉଣ୍ଡ ପର୍ଯ୍ୟନ୍ତ ଟଙ୍କା କାଢ଼ିବାର ଗୋଟିଏ ସୀମା ରଖାଯାଇଛି; ତା'ଠାରୁ ବେଶି ମାଗିଲେ କମ୍ପ୍ୟୁଟର ଦେବ ନାହିଁ ।

## ବ୍ୟାଙ୍କିଙ୍ଗ୍ ସେବା :

ଏଠାରେ ଇଂଲଣ୍ଡର ବ୍ୟାଙ୍କିଙ୍ଗ୍ ସେବା ବିଷୟରେ କିଛି କହିବା ଉଚିତ । ମୁଁ ଅକ୍ସଫୋର୍ଡ଼ରେ ପହଞ୍ଚିଲା ପରେ ମୋତେ ଗୋଟିଏ ବ୍ୟାଙ୍କ୍ ଏକାଉଣ୍ଟ ଖୋଲିବା ପାଇଁ କୁହାଗଲା । କାରଣ ଆମକୁ ଯେଉଁ ବ୍ରିଟିଶ କାଉନସିଲ ବୃତ୍ତି ମିଳିବା କଥା, ସେମାନେ କେବଳ ଚେକ୍ ଆକାରରେ ଦେବେ । କୁଇନ୍-ଏଲିଜାବେଥ୍ ହାଉସ ନିକଟରେ ଥିବା ବାର୍କଲେ'ଜ୍ ବ୍ୟାଙ୍କରେ ଆମେ ଏକାଉଣ୍ଟ ଖୋଲିବୁ ବୋଲି ବ୍ରିଟିଶ୍ କାଉନ୍‌ସିଲର ଅକ୍ସଫୋର୍ଡ଼ ଶାଖା ଅଫିସ ମୋ ଦସ୍ତଖତକୁ ଚିହ୍ନଟ କରି ପଠାଇଦେଲା । ଚେକ୍ ବ୍ୟବହାର ସୁବିଧା ନେବାପାଇଁ କରେଣ୍ଟ ଏକାଉଣ୍ଟ ଖୋଲିବା ପାଇଁ ଆମକୁ ଉପଦେଶ ଦିଆଗଲା । ମୁଁ ବ୍ୟାଙ୍କରେ ପଚାରି ବୁଝିଲି ଯେ ବିଦେଶୀ ଛାତ୍ରମାନଙ୍କ ପାଇଁ ମଧ୍ୟ ସେଭିଙ୍ଗ୍‌ସ୍ ବ୍ୟାଙ୍କ ଏକାଉଣ୍ଟ ଖୋଲି ହେବ । କରେଣ୍ଟ ଏକାଉଣ୍ଟରେ ସୁଧ ମିଳେ ନାହିଁ, ଅଥଚ ସେଭିଙ୍ଗ୍‌ସ୍ ଏକାଉଣ୍ଟରେ ୫% ସୁଧ ମିଳେ । କିନ୍ତୁ ଚେକ୍ ବ୍ୟବହାର କରିବାରେ କଟକଣା ଅଛି । ତିନିମାସରୁ ବେଶି କାରବାର କଲାପରେ ବ୍ୟାଙ୍କର ବିଶ୍ୱାସ ଭାଜନ ହେଲେ ବ୍ୟାଙ୍କ୍ ଚେକ୍ କାର୍ଡ଼ ଦେଇପାରେ । ଏହି ଚେକ୍‌କାର୍ଡ଼ଟି ନିଜର ପରିଚୟ ପତ୍ର ଭଳି କାମଦିଏ । ଏ.ଜରୁ କହିଛି ଚେକ୍‌କାର୍ଡ଼ ସହିତ ଚେକ୍ ବହି ଥିଲେ ଯେ କୌଣସି ଦୋକାନୀ ପଚାଶ ପାଉଣ୍ଡ ମୂଲ୍ୟର ଜିନିଷ ଚେକ୍ ବଦଳରେ ଦେଇପାରିବ । ଆଗରୁ ଯେପରି କମ୍ପ୍ୟୁଟର ସେବାକଥା କହିଛି, ସେପରି କେତେକ ବ୍ୟାଙ୍କ କ୍ୟାସ କାର୍ଡ଼ ଦିଅନ୍ତି । ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ନିର୍ଦ୍ଦିଷ୍ଟ ପରେ ମେସିନ୍‌ରେ ଏହି କାର୍ଡ଼ ବ୍ୟବହାର କରି ୫୦ ପାଉଣ୍ଡ ପର୍ଯ୍ୟନ୍ତ ନଗଦ ଧନ କାଢ଼ି ହେବ । ଯେହେତୁ ମୋର ରହଣି ମାତ୍ର ତିନିମାସ ପର୍ଯ୍ୟନ୍ତ ଥିଲା, ମୋତେ ଏ ପ୍ରକାର ସୁଯୋଗ ମିଳିବାର କଥା ନୁହେଁ ଏବଂ ସୁଯୋଗ ମାଗିବାର ମଧ୍ୟ ଉଚିତ ନଥିଲା । ମୁଁ ସେଭିଙ୍ଗ୍‌ସ ବ୍ୟାଙ୍କ୍ ଏକାଉଣ୍ଟ ଖୋଲିବାର ଜାଣି, ସେହି କର୍ମଶାଳାକୁ

ଯାଇଥିବା ସବୁ ଭାରତୀୟମାନେ ସେଭିଙ୍ଗ୍‌ସ ବ୍ୟାଙ୍କ ଏକାଉଣ୍ଟ ଖୋଲିଲେ । ଏକାଉଣ୍ଟ ଖୋଲିବା ବଡ଼ ସହଜ । ବ୍ରିଟିଶ କାଉନ୍‌ସିଲର ପରିଚୟ ପତ୍ର ଦେଖାଇ ଆମେ କାଉଣ୍ଟରରେ କହିଥିଲୁ ଯେ, "ମୁଁ ଗୋଟିଏ ସେଭିଙ୍ଗ୍‌ସ ବ୍ୟାଙ୍କ୍ ଏକାଉଣ୍ଟ୍ ଖୋଲିବାକୁ ଚାହେଁ ।" ପାଞ୍ଚମିନିଟ୍ ଭିତରେ ଜଣେ କର୍ମଚାରୀ ବାହାରକୁ ଆସି ଏକ ସ୍ୱତନ୍ତ୍ର କକ୍ଷରେ ବସାଇଲା, ଆମ ଠାରୁ ଗୋଟିଏ ଫର୍ମରେ ସମସ୍ତ ବିବରଣୀ ପୂରଣ କରି ଆମର ଦସ୍ତଖତ ନେଲା । ପ୍ରାରମ୍ଭିକ ଡିପୋଜିଟ୍ ପାଇଁ ନ୍ୟୁନତମ ୫ ପାଉଣ୍ଡ ଥିଲେ ହେଁ, ମୋ ପାଖରେ ବଳିଥିବା ୪୦୦ରୁ ଅଧିକ ପାଉଣ୍ଡକୁ ଡିପୋଜିଟ୍ କରିଦେଲି । ସାଙ୍ଗେ ସାଙ୍ଗେ ମୋତେ ଗୋଟିଏ ଏକାଉଣ୍ଟ ବହି ମିଳିଲା । ତିନିଦିନ ପର୍ଯ୍ୟନ୍ତ ମୁଁ କିଛି ଡ୍ର କରି ପାରିବି ନାହିଁ ବୋଲି କର୍ମଚାରୀଟି କହିଲେ, କାରଣ କମ୍ପ୍ୟୁଟର ମେସିନ୍‌ରେ ମୋର ହିସାବକିସାବ ରଖିବା ପାଇଁ ତିନିଦିନରୁ ଅଧିକ ସମୟ ଛଡ଼ାଯାଏ । ସବୁ କାମ ପ୍ରାୟ ୧୫ ମିନିଟ ମଧ୍ୟରେ ସରିଗଲା । ଆମ ଦେଶରେ କୌଣସି ବ୍ୟାଙ୍କରେ ଏକାଉଣ୍ଟଟିଏ ଖୋଲିବା ପାଇଁ କେତେ ସମୟ ଲାଗେ ଆପଣମାନେ ଜାଣନ୍ତି, ପୁଣି ପାସ୍ ବୁକ୍ ମିଳିବାକୁ କେତେଦିନ ଲାଗେ । ବିଲାତ ବ୍ୟାଙ୍କରୁ ଟଙ୍କା ଡ୍ର କରିବା ପାଇଁ ବେଶି ସମୟ ଚେଷ୍ଟା କରିବାକୁ ପଡ଼େନାହିଁ । କର୍ମଶାଳାର ଦୁଇଟି ପିରିୟଡ଼ ମଧ୍ୟରେ ଚା' ବା କଫି ପାଇଁ ଯେଉଁ ୩୦ ମିନିଟ୍ ବିରତି ମିଳେ, ତହିଁରୁ ୧୦ ମିନିଟ୍ ଚା' ବା କଫିରେ କଟାଇ ବାକି ୨୦ ମିନିଟ ମଧ୍ୟରେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇ ପୁଣି ଫେରି ଆସିହୁଏ । ବ୍ୟାଙ୍କଟି କୁଇନ୍ ଏଲିଜାବେଥ୍ ହାଉସ୍ ଠାରୁ ୫ ମିନିଟ୍‌ର ରାସ୍ତା । ବ୍ୟାଙ୍କରେ ପହଞ୍ଚିଯାଇ, କାଉଣ୍ଟରରେ ମୁଁ କହିଦିଏ, ମୋର ଏତେ ପାଉଣ୍ଡ ଦରକାର । କାଉଣ୍ଟରରେ ଥିବା ମହିଳା କର୍ମଚାରୀଜଣକ ସାଙ୍ଗେ ସାଙ୍ଗେ କମ୍ପ୍ୟୁଟରରେ ମୋର ଏକାଉଣ୍ଟ ନମ୍ବର ଟାଇପ୍ କରିଦେଲେ ତହିଁରେ ମୋର କେତେ ପାଉଣ୍ଡ ରହିଛି, କମ୍ପ୍ୟୁଟର ପରଦାରେ ଦେଖାଯାଏ । ତା'ପରେ ମୁଁ କେଉଁ କେଉଁ ପରିମାଣର ନୋଟ ବା ମୁଦ୍ରା ନେବି ସେ ମୋତେ ପଚାରେ । ମୋର କହିବା ଅନୁଯାୟୀ ସେ ସେତିକି ପରିମାଣର ଧନ ଦେବାପୂର୍ବରୁ ମୋ'ଠାରୁ ଗୋଟିଏ ଦସ୍ତଖତ ନିଏ ଓ ଧନ ଦେଇସାରି କମ୍ପ୍ୟୁଟରରେ ଟାଇପ କରିଦିଏ । ଅର୍ଥାତ୍ ସାଙ୍ଗେ ସାଙ୍ଗେ ମୋର ହିସାବ ସଂଶୋଧନ ହୋଇଯାଏ । ମୋତେ କ୍ୟୁରେ ଠିଆ ହେବାକୁ ପଡ଼େ ଓ ମୋର ପାଳି ଆସିବାକୁ ଯାହାକିଛି ସମୟ ନଷ୍ଟ ହୁଏ ସିନା, ଥରେ କାଉଣ୍ଟର ପାଖରେ ପହଞ୍ଚିଗଲେ, ମିନିଟକ ଭିତରେ ଧନ କାଢ଼ି ନେଇ ହୁଏ । ଆମମାନଙ୍କର ପାସ୍‌ପୋର୍ଟ ଦେଖି ଏକାଉଣ୍ଟ ଖୋଲି ଯାଇଥିବା ଯୋଗୁଁ ସେମାନେ ଆମମାନଙ୍କୁ ବିଶ୍ୱାସ କରୁଥିଲେ । କିନ୍ତୁ ତିନିମାସରୁ ବେଶି

ରହୁ ନ ଥିବାରୁ ଚେକ୍ ବହି ବା କାର୍ଡ଼ ଦେଉ ନ ଥିଲେ । ଅମେ କୌଣସି ଧନ ଚେକ୍ ଆକାରରେ ପାଇ ଡିପୋଜିଟ୍ କରିବାକୁ ଦେଲେ ସେମାନେ ସାଙ୍ଗେ ସାଙ୍ଗେ ହିସାବକୁ ନେଉଥିଲେ । ଆମ ଦେଶରେ ବ୍ୟାଙ୍କମାନେ ଚେକ୍ ପାଇ ସମ୍ପୃକ୍ତ ବ୍ୟାଙ୍କ ଠାରୁ ଖବର ନ ପାଇଲା ପର୍ଯ୍ୟନ୍ତ ହିସାବକୁ ନଅନ୍ତି ନାହିଁ । ଏପରିକି ଡ୍ରାଫ୍ଟ ମଧ୍ୟ ପଠାଇଥିବା ଅଫିସଠାରୁ ଖବର ନପାଇବା ପର୍ଯ୍ୟନ୍ତ ଭଙ୍ଗାନ୍ତି ନାହିଁ । ଅକ୍ସଫୋର୍ଡ଼ରେ ବ୍ରିଟିଶ କାଉନସିଲ୍ ତରଫରୁ ଯେଉଁ ଧନ ମିଳୁଥିଲା ତାହା ଆମ ଏକାଉଣ୍ଟକୁ ସିଧାସଳଖ ଚାଲି ଯାଉଥିଲା । ଆପଣମାନେ ପଚାରିପାରନ୍ତି ଯେ ମୁଁ ଚେକ୍ ସାଙ୍ଗେ ସାଙ୍ଗେ କ୍ରେଡ଼ିଟ୍ ହେଉଥିବା ବିଷୟ ପରୀକ୍ଷା କଲି କିପରି ? ଅନେକ ପାଠକ ଜାଣିଥିବେ ମୁଁ ଜଣେ ଡାକଟିକଟ ସଂଗ୍ରାହକ ଓ ଷ୍ଟାମ୍ପସ ଆଣ୍ଡ ଷ୍ଟାମ୍ପସ (Stamps and Stamps) ନାମକ ଡାକଟିକଟ ସଂଗ୍ରହ ସମ୍ପର୍କୀୟ ଏକ ତ୍ରୈମାସିକ ପତ୍ରିକାର ଲେଖକ—ସମ୍ପାଦକ । ଇଂଲଣ୍ଡରେ ଡାକଟିକଟ ସଂଗ୍ରହ ସମ୍ପର୍କୀୟ ଅନୁଧ୍ୟାନକାରୀ ଇଣ୍ଡିଆ ଷ୍ଟଡ଼ି ସର୍କଲର କେତେକ କର୍ମକର୍ତ୍ତା, ବିଶେଷତଃ ଚେଆରମ୍ୟାନ୍ ଶ୍ରୀ ଜି. ଟି. ଡେଭରେଟନ୍ ମୋ ପତ୍ରିକାର ଗ୍ରାହକ । ମୁଁ କେତେଗୁଡ଼ିଏ ପୁରୁଣା ସଂଖ୍ୟା ସାଙ୍ଗରେ ନେଇ ଯାଇଥିଲି । ସେଗୁଡ଼ିକ ନେବ ପାଇଁ ଓ କେତେଗୁଡ଼ିଏ ଦେଶୀୟ ରାଜ୍ୟର ଟିକଟ (ଡାକଟିକଟ ନୁହେଁ) ନେବାପାଇଁ ସେମାନେ ଏକାଧିକବାର ଚେକ୍ ପଠାଇଛନ୍ତି । ଅକ୍ସଫୋର୍ଡ଼ ଠିକଣାରେ ଚେକ୍‌ଗୁଡ଼ିକୁ ପାଇ ମୁଁ ବାର୍କଲେ'ଜ୍ ବ୍ୟାଙ୍କରେ ଦେଲାକ୍ଷଣି ସେମାନେ ସାଙ୍ଗେ ସାଙ୍ଗେ ମୋ ହିସାବକୁ ନେଇଯାଉଥିଲେ । ମୋର ସେଭିଙ୍ଗ୍ସ ବ୍ୟାଙ୍କ ଏକାଉଣ୍ଟ୍ ବନ୍ଦ କରିବା ପାଇଁ ବିଲାତ ଛାଡ଼ିବାର ତିନିଦିନ ପୂର୍ବରୁ ସେମାନଙ୍କୁ ଜଣାଇବାକୁ ପଡ଼ିଥିଲା । ତିନିଦିନ ନୋଟିସ ନ ପାଇଲେ ଏକାଉଣ୍ଟ କ୍ଲୋଜ କରିପାରିବେ ନାହିଁ ବୋଲି ସେମାନେ ନିୟମ କରିଛନ୍ତି । ଯାହାହେଉ ମୁଁ ଆସିବାର ପାଞ୍ଚଦିନ ଆଗରୁ ନୋଟିସ ଦେଇ ଅକ୍ସଫୋର୍ଡ଼ ଛାଡ଼ିବାର ଦୁଇଦିନ ଆଗରୁ ସମସ୍ତ ଧନ କାଢ଼ି ପାରିଥିଲି ।

## ଖୋଲା ବଜାରରେ ବିଦେଶୀ ମୁଦ୍ରା :

ଆମ ଦେଶରେ ବିଦେଶୀ ମୁଦ୍ରା ପାଇବା ପାଇଁ ସରକାରୀ ଅନୁମତି ବିଶେଷତଃ ରିଜର୍ଭ ବ୍ୟାଙ୍କର ଅନୁମତି ଦରକାର । କିନ୍ତୁ ବିଲାତରେ ସବୁ ବ୍ୟାଙ୍କ ବିଦେଶୀ ମୁଦ୍ରା ଦେଇ ପାରିବେ । ଧନ ବଦଳାଇବା କାଉଣ୍ଟରରୁ ପାଉଣ୍ଡ ଆଣି ବିଦେଶୀ ମୁଦ୍ରା ବିକୁଥିବା କାଉଣ୍ଟରକୁ ଯିବାକୁ ପଡ଼ିବ । ସେଠାରେ ନିର୍ଦ୍ଦିଷ୍ଟ

କମିଶନ ଦେଇ ପାଉଣ୍ଡକୁ ଅନ୍ୟ ଯେ କୌଣସି ବିଦେଶୀ ମୁଦ୍ରାରେ ଭଙ୍ଗାଇ ହେବ । ଏହି କାରଣରୁ ପାଉଣ୍ଡକୁ ସ୍ୱଚ୍ଛନ୍ଦରେ ପରିବର୍ତ୍ତନଶୀଳ ମୁଦ୍ରା ବା **Freely Convertible Currency** କୁହାଯାଏ । ଆମ ଦେଶର ଟଙ୍କା ସ୍ୱଚ୍ଛନ୍ଦରେ ପରିବର୍ତ୍ତନଶୀଳ ମୁଦ୍ରା ନୁହେଁ । ବାସ୍ତବକ୍ଷେତ୍ରରେ ମଧ୍ୟ ବିଲାତରେ ଟଙ୍କା ନେଇ ପାଉଣ୍ଡ ଦେବାକୁ କେହି ରାଜି ହେବେନି । ପାଉଣ୍ଡ ସହଜରେ ଭଙ୍ଗାଇ ହେଉଥିବା ଯୋଗୁଁ ମୁଁ ଯେତେବେଳେ ୟୁରୋପର କେତୋଟି ଦେଶ ବୁଲିବାକୁ ଯାଇଥିଲି, ବିଲାତରୁ ହିଁ ସେ ଦେଶମାନଙ୍କର ମୁଦ୍ରା ନେବା ସହଜ ହୋଇଥିଲା । ଏଥିପାଇଁ ଆମ ଦେଶରେ ଯେପରି ରିଜର୍ଭ ବ୍ୟାଙ୍କର ଅନୁମତି ନେବାକୁ ପଡ଼େ, ସେମିତି କୌଣସି କେନ୍ଦ୍ର ବ୍ୟାଙ୍କର ଅନୁମତି ଦରକାର ପଡ଼େ ନାହିଁ ।

# ବିଲାତି କେଶ ବିନ୍ୟାସ ଓ ପ୍ରସାଧନ

କୌଣସି ଦେଶର ଲୋକଙ୍କ ହାବଭାବ, ଚାଲିଚଳଣି ଜାଣିବାପାଇଁ କେବଳ ପର୍ଯ୍ୟଟନ ସ୍ଥାନମାନଙ୍କରେ ବା ଦୋକାନ ବଜାରରେ ସେମାନଙ୍କୁ ଦେଖିଲେ ଯଥେଷ୍ଟ ଖବର ମିଳିବ ନାହିଁ । ଗୋଟିଏ ଦୁଇଟି ଘରକୁ ଯାଇ ସେତେ ଦେଖି ହେବ, ତାହା ବି ଯଥେଷ୍ଟ ନୁହେଁ । ଘରର ବୃଦ୍ଧ ଜାନ୍ତୁ ପିତା ପିତାମହ ବା ମାତା ମାତାମହଙ୍କ ନିୟନ୍ତ୍ରଣର ତନ୍ତ୍ରରୂପେ ମଣିଷର ଢଙ୍ଗଢଙ୍ଗକୁ କେତେଗୁଡ଼ିଏ ନୀତି ନିୟମର ସୀମା ଭିତରେ ବାନ୍ଧି ରଖିଥାଏ । ଅନ୍ୟପକ୍ଷରେ ଉଚ୍ଛୃଙ୍ଖଳ ହୋଇ ବୁଲୁଥିବା ଲୋକଙ୍କଠାରେ ପ୍ରତିବନ୍ଧମୂଳକ ସଂସ୍କୃତି ଦେଖିବାକୁ ମିଳେ ନାହିଁ । କିନ୍ତୁ ଘର ଭିତରର ରକ୍ଷଣଶୀଳତା ଓ ହାଟ୍‌ବଜାରର ଲଗାମଛଡ଼ା ବ୍ୟବହାର— ଏ ଦୁଇଟିଯାକ ନ ଜାଣିଲେ ସମାଜ କପର ଚଳୁଛି, କେଉଁଆଡ଼କୁ ଯାଉଛି ଜାଣି ହେବ ନାହିଁ ।

ଆମ ସହରମାନଙ୍କରେ ଯେପରି ବର୍ ରାସ୍ତା ଉପରେ ଟୋକାମାନେ ସାଇକେଲ ଧରି ବା ଖାଲି ଠିଆ ହୋଇ ଘଣ୍ଟା ଘଣ୍ଟା ଧରି ଗଳ୍ପ କରୁଥିବା ସ୍ଥଳରେ ରାସ୍ତା ଅବରୋଧ କରନ୍ତି, ବିଲାତର ସହରରେ ସେପରି ଦେଖାଯାଏ ନାହିଁ । ସେଠାରେ ରାସ୍ତା ଯାନବାହନ ପାଇଁ । ଲୋକଙ୍କ ଗଳ୍ପର ଆଡ୍‌ଡ଼ା ନୁହେଁ । ଏପରିକି ପାଦଚଲା ରାସ୍ତା ବା ଫୁଟ୍‌ପାଥ୍‌ରେ ମଧ୍ୟ ଲୋକେ ଅଳସୁଆ ହୋଇ ଠିଆ ହୋଇଥିବା ଦେଖାଯାଏ ନାହିଁ । ଯଦି କାହାର କେଉଁଠି ବସିବାର ଥାଏ, ସେ ପାର୍କରେ ବସିବ ବା ସ୍କୋୟାରରେ ଥିବା ପାହାଚ ବା ବେଞ୍ଚରେ ବସିବ ।

ବିଲାତରେ ରାସ୍ତା ଛକମାନଙ୍କରେ ବସିବାକୁ ଅଳ୍ପ ବହୁତ ଜାଗା ଥାଏ । ଏହାକୁ ସ୍କୋୟାର କହନ୍ତି । ଛକ ମଝିରେ ନ ଥିଲେ ଅନ୍ତତଃ ରାସ୍ତାକଡ଼ରେ ବସିବାର ସ୍ଥାନ ଥାଏ । ପ୍ରାୟ ସବୁ ଛକର ମଝିରେ ଖମ୍ବଟିଏ ଥାଏ । ଖମ୍ବଟି କୌଣସି ସ୍ମୃତିସ୍ତମ୍ଭ ହୋଇଥିବ କିମ୍ବା କୌଣସି ବିଖ୍ୟାତ ବୀରଙ୍କ ମୂର୍ତ୍ତି ବହନ କରିଥିବ । ଖମ୍ବର ପାଦଦେଶରେ ଗୁଡ଼ାଏ ପାହାଚ ଥିବ । ଆମ ଦେଶରେ ବଡ଼ ବଡ଼ ଛକଜାଗାମାନଙ୍କରେ ମଝିଟାକୁ ଗୋଲାକାର ଉଦ୍ୟାନ କରିଦିଆଯାଉଛି,— କିନ୍ତୁ ବସିବାର ସୁବିଧା କରାଯାଉ ନାହିଁ । କାରଣ ଆମ ପ୍ରକୃତି ଏମିତି ଯେ

ବସିବାକୁ ଜାଗା ଦେଲେ ସେଠି ଗଛପତ୍ର ରହିବ ନାହିଁ । ବରଂ ସ୍ଥାନଟି ଗୋଟିଏ ଆବର୍ଜନା ଜମା କରିବାର ଜାଗା ହୋଇଯିବ । ଅଧିକନ୍ତୁ ବସିବାର ଆସବାବ ପତ୍ର ଚୋରି ହୋଇଯିବ ।

ଷ୍ଟୋକ୍ହୋମରେ ବଳିଷ୍ଠ ପୁଅ ଝିଅମାନେ ଘଣ୍ଟା ଘଣ୍ଟା ଧରି ବସି ରହିଥିବାର ଦେଖିବାକୁ ମିଳେ । ଥଣ୍ଡା ଦେଶ ତ । ଖରା ଟିକିଏ ପୁଇଁବାପାଇଁ ବସିଯିବାକୁ ଇଚ୍ଛା ହେବ । ସୁଖକର ଖରା ପୁଇଁବା ପାଇଁ ବିଭିନ୍ନ ପାର୍କ ବା ପ୍ରମୋଦ ଉଦ୍ୟାନରେ ଦଳ ଦଳ ହୋଇ ଲୋକ ବସିଥିବେ । ବସିଥିବା ଲୋକଙ୍କ ଭିତରେ କମ୍ ବୟସର ଲୋକଙ୍କୁ ଦେଖିଲେ ଥୋଡ଼ାଏ ଅଜବ କେଶଭଙ୍ଗୀ ଥିବା ଝିଅ ପୁଅ ଦେଖିବାକୁ ମିଳିବେ । ସତେ ଯେମିତି କିଛି କାମ ନାହିଁ । ଘଣ୍ଟା ଘଣ୍ଟା ଧରି ସେଠାରୁ ଉଠୁ-ନାହାନ୍ତି । କେଉଁଠି କେଉଁଠି ଜଣକ ଉପରେ ଆଉ ଜଣେ ଲଦି ହୋଇ ପଡ଼ିଥିବ । ଆଉ କୋଉ ଦଳରେ କଫି, ଲଜେନ୍ସ୍, ବାଦାମ, ବା ସାଣ୍ଡୱିଚ୍—ଏମିତି କିଛି ନା କିଛି ପାଟିରେ ପୂରାଇଥିବ । ଅଜବ କେଶ ଓ ଅଜବ ବେଶ ଥିବା ଲୋକ କ୍ୱଚିତ ଏକୁଟିଆ ବସିଥାଏ । ପ୍ରାୟ ଯୋଡ଼ି ଯୋଡ଼ି ବା ଅଧିକ ସଂଖ୍ୟାରେ । ସେମାନେ ଆଗରୁ ଯୋଜନା କରି ଆସିଥିବା ଭଳି ମନେ ହୁଅନ୍ତି । ଖୋଲଖୋଲ ମୁହଁକୁ ମୁହଁ ଲଗା କଥାବାର୍ତ୍ତା । ସତେ ଯେପରି ଘର ମୁରବୀଙ୍କୁ ଲୁଚାଇ ବହୁତ କିଛି ଦୁହିଁଙ୍କ ଭିତରେ କହିବାର ଅଛି । ଦଳ ଭିତରୁ କାହାରି ହାତରେ ବାଦ୍ୟ ଯନ୍ତ୍ରଟାଏ ଥିଲେ ମଝିରେ ମଝିରେ ବଜାଇ ଦେଉଥିବ । କେହି କେହି ଗାଇ ଉଠୁଥିବ ।

ଏମାନଙ୍କ ହାବଭାବ ଆମକୁ ଯେତେ ଆଶ୍ଚର୍ଯ୍ୟ ନ କରେ, ଏମାନଙ୍କ କେଶବିନ୍ୟାସ ତାଠାରୁ ବେଶି ଆଶ୍ଚର୍ଯ୍ୟ କରେ । ପୁଅ ଝିଅ ପ୍ରାୟ ଏକପ୍ରକାରର ବେଶ ହୋଇଥିବେ । ଝିଅ ବୋଲି ଚିହ୍ନିବାକୁ ପତଳା ଚେହେରା ଓ କାନଫୁଲ ଆଡ଼େ ନଜର ଦେବାକୁ ପଡ଼ିବ । ପୁଅମାନେ ଟିକେ ମୋଟାସୋଟା । ଲୁଗାପିନ୍ଧାରୁ କିଛି ଜାଣିହେବ ନାହିଁ । ଯୁବା ଗୋଷ୍ଠୀର କପଡ଼ା ବା ବେଶଭୂଷା ପ୍ରାୟ ଏକଲିଙ୍ଗୀ ବା ୟୁନିସେକ୍ସ (Unisex) । ଅତି ନିକଟରୁ ନ ଦେଖିଲେ ଚିହ୍ନିବା କଷ୍ଟ । ବେଶୀ ନିରେଖିଲେ ଆପଦ୍ ଖାଇବାର ସମ୍ଭାବନା ମଧ୍ୟ ଅଛି । ମଙ୍ଗୋଲିୟ ଧରଣର ଚେହେରା ଥିଲେ ନିଶଦାଢ଼ି ବି ବଢ଼ି ନ ଥିବ । ଶୀତପ୍ରଧାନ ଦେଶରେ ବାଳ ନିର୍ମୂଳ କରିବା ଔଷଧ (Hair remover) ଲଗାଇଥିବା ଟୋକାମାନଙ୍କ ମୁହଁରେ ନିଶ ବା ଦାଢ଼ିର ଚିହ୍ନବର୍ଣ୍ଣ ବି ନ ଥିବ । ଅତି ନିକଟରୁ ଦେଖିଲେ ଚମ ଉପରେ ବାଳମୂଳଗୁଡ଼ାକ ନୀଳରଙ୍ଗ ରେଖା ଭଳି ଦିଶିବ । କିନ୍ତୁ ଏତେ ନିକଟକୁ ଯାଇପାରିବ ତ ?

ଯୋଡ଼ା ଯୋଡା ହୋଇ ଯାଉଥିବା ଲୋକଙ୍କ ଭିତରୁ ପୁଅ କିଏ, ଝିଅ କିଏ କିପରି ଜାଣିବ ବୋଲି ଆମ ଭାରତୀୟମାନଙ୍କ ଭିତରେ ଜୋରସୋରରେ ଯୁକ୍ତି ହୁଏ । ଆମ ଭିତରେ ମଧ୍ୟପ୍ରଦେଶ ସରକାରଙ୍କ ଜଣେ ଅଧୀକ୍ଷଣ ଯନ୍ତ୍ରୀ ଥାଆନ୍ତି । ସେ ଗୋଟିଏ ବୃହତ୍ ନଦୀବନ୍ଧ ଯୋଜନାର ଯନ୍ତ୍ରୀ, ବଡ଼ ରସିକ ଲୋକ । ସେ କହନ୍ତି ପିଠି ଓ ଗ୍ରୁଡକୁ ଲକ୍ଷ୍ୟ କଲେ ପୁଅ ଝିଅ ପ୍ରଭେଦ ବାରି ହେବ । ଆଉ ଝିଅମାନେ ବି କମ୍ ଉଚ୍ଚା । ଅକ୍ସଫୋର୍ଡ଼ ସହରରେ ବହୁତ ପୁଅ ଝିଅଙ୍କୁ ଦେଖାଇଦେବା ପରେ ସେ ମାନିଗଲେ ଯେ ପିଠି, ଗ୍ରୁଡ ଓ ଉଚ୍ଚତାରେ ବିଶେଷ ପାର୍ଥକ୍ୟ ନାହିଁ । ଆଉ ଜଣେ ବନ୍ଧୁ ତାଙ୍କୁ ଥଟ୍ଟା କରି କହୁଥିଲେ, ତମେ ବୋଧହୁଏ ପରିବାର ନିୟନ୍ତ୍ରଣରେ ବିଶ୍ୱାସ କରୁନଥିବା ମଧ୍ୟବୟସ୍କା ଭାରତୀୟ ମହିଳା-ମାନଙ୍କ ଦେହ ଗଠନକୁ ତ୍ରିଂଶ ବର୍ଷ ଅତିକ୍ରମ କରି ନ ଥିବା ଇଂରେଜ ବାଳିକା-ମାନଙ୍କ ଠାରେ ପ୍ରୟୋଗ କରୁଛ ।

## ଆମ ଦେଶରେ ବି ଏମିତି ହେଲାଣି :

ଆମ ଦେଶରେ ବି ଏମିତି ଘଟଣା ଘଟିଲାଣି ବୋଲି ପ୍ରମାଣ ଦେବାକୁ ଯାଇ ମୁଁ ରାଉରକେଲା ସହରର ଗୋଟିଏ ଉଦାହରଣ ଦେଲି ।

ରାଉରକେଲା ଗୋଟିଏ ସର୍ବଭାରତୀୟ ସହର । ଏଠାରେ ବିଭିନ୍ନ ପ୍ରଦେଶରୁ ଲୋକ ଆସି ଥାଆନ୍ତି । ଅଧିକାଂଶ କର୍ମଚାରୀ ବିଦେଶୀ ଶିକ୍ଷାପ୍ରାପ୍ତ । ସେମାନଙ୍କଠାରେ ଭାରତୀୟ ସଂସ୍କୃତି ଯେତେ ନ ମିଳେ ବେଶି ମିଳେ ୟୁରୋପୀୟ ସଂସ୍କୃତି । ବିଶେଷ କରି ଯେତେବେଳେ ସେମାନେ କ୍ଲବ୍‌ରେ ଥାଆନ୍ତି, ବର୍ଷ ଶେଷ ଦିନ ରାତି ବାରଟା ପାର ହେବା ପର୍ଯ୍ୟନ୍ତ ସେମାନେ ନାଚ ଗାନ କରନ୍ତି । ଅପେକ୍ଷା କରନ୍ତି ରାତି ବାରଟା ପରେ ନୂଆ ବର୍ଷକୁ ସ୍ୱାଗତ କରିବାକୁ । ଏମିତି ଗୋଟିଏ ନାଚଗୀତ ଭିତରେ ଥରେ ଜଣେ ଭଦ୍ରବ୍ୟକ୍ତି ଖୋଜି ଖୋଜି ପହଞ୍ଚିଗଲେ ତାଙ୍କ ପୁରୁଣା ବନ୍ଧୁ ମିଃ ପ୍ରଧାନଙ୍କୁ ଦେଖା କରିବେ । ତାଙ୍କ ପୁଅଝିଅ ମାଷ୍ଟର ପ୍ରଧାନ, ମିସ୍ ପ୍ରଧାନ କେତେ ବଡ଼ ହେଲେଣି ଦେଖିବେ । ସତର ଅଠର ବର୍ଷ ପରେ ସେ ଆଜି ରାଉରକେଲା ଆସିଛନ୍ତି । ଦ୍ୱାର ମୁହଁରୁ ଦରୱାନ ବତାଇ ଦେଲା, ହେଇ ଯୋଉ ପିଲା ଦି'ଟା ସେ କଣରେ ନାଚୁଛନ୍ତି, ସେମାନେ ହିଁ ପ୍ରଧାନଙ୍କ ପୁଅ ଝିଅ ।

ଖୁସି ହୋଇ ଜଣକ ପିଠିରେ ହାତ ପକାଇ ଆଗନ୍ତୁକ ଜଣକ କହିଲେ, "ହେଲୋ, ମିସ୍ ପ୍ରଧାନ, ବାପା କେଉଁଠି ?" ପିଲାଟା ଯେମିତି ବୁଲିଲା ସତେ

ଯେମିତି ଖାଇଦେବ । ତାର ମନୋଭାବକୁ ବଦଳାଇବା ଉଦ୍ଦେଶ୍ୟରେ ଆଗନ୍ତୁକ ଜଣକ କହିଲେ, "ମୁଁ ତୁମ ବାପାଙ୍କ ସାଙ୍ଗ ।"

ପିଲାଟା ଉତ୍ତର ଦେଲା, "ମୁଁ ମିସ୍ ପ୍ରଧାନ ନୁହେଁ । ମାଷ୍ଟର ପ୍ରଧାନ । ସେ ପାଖର ସୋଫା ଦେଖୁଛନ୍ତି ତ ? ତା ନିକଟରେ ଯେଉଁ ଦୁଇଜଣ ନାଚରେ ବ୍ୟସ୍ତ ସେମାନେ ମୋର ବାପା ମା ।"

ଏତେ ବଡ଼ ଭୁଲଟାଏ କରିଦେଲି—ଏ ଦୁଃଖରେ ଟିକେ ଦବି ଗଲେ ଆଗନ୍ତୁକ । ଧୀରେ ଧୀରେ ଆଗେଇଲେ । ପାଖରେ ପହଞ୍ଚି ଫୁସ୍ ଫୁସ୍ କରି ଡାକଦେଲେ, "ମିଷ୍ଟର୍ ପ୍ରଧାନ !"

ବ୍ୟକ୍ତିଟି ବୁଲିପଡ଼ି କହିଲେ, "ମିଷ୍ଟର ପ୍ରଧାନଙ୍କୁ ଖୋଜୁଛନ୍ତି ? ହେଇ ସେ" ବୋଲି ଅଙ୍ଗୁଳି ମାରି ଜଣାଇଦେଲେ ଏବଂ ନିଜର ପରିଚୟ ଦେଇ କହିଲେ, "ମୁଁ ମିସେସ୍ ପ୍ରଧାନ ।"

ଆଗନ୍ତୁକ ପାଇଁ ସବୁ ଗୋଳମାଳ ଧରିଗଲା । କାରଣ ପୁଅଝିଅ, ବାପ ମା' ସମସ୍ତେ ଏକଲିଙ୍ଗୀ ପୋଷାକ ପିନ୍ଧିଥିଲେ ଏବଂ ମୁଣ୍ଡ ବାଳରୁ ବିଶେଷ ପ୍ରଭେଦ ଦେଖାଯାଉ ନ ଥିଲା । ଅଧିକନ୍ତୁ ସେ ପ୍ରତ୍ୟେକଙ୍କୁ ପଛଆଡ଼ୁ ଡାକ ଦେଉଥିଲେ ।

ଛାଡ଼ନ୍ତୁ ସେ କଥା । ମୁଁ କହୁଥିଲି ଝିଅପୁଅମାନଙ୍କ ହେଆର୍ ଷ୍ଟାଇଲ୍ ଉପରେ କହୁଁ କହୁଁ ସ୍ଲାଣ୍ଡ୍ ସ୍ୟାଡ୍ ଗୁଡ଼ାଏ କହିଗଲିଣି । ଯେଉଁମାନେ ଏଭଳି ବେଢଙ୍ଗ କେଶବିନ୍ୟାସ କରନ୍ତି, ରାସ୍ତା ଘାଟରେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ହେଲେ ହେଁ, ବିଶ୍ୱର ଜନସଂଖ୍ୟାର ସେମାନେ ଏକ କ୍ଷୁଦ୍ର ଶତାଂଶ ।

## ପଙ୍କ୍ :

ସାଧାରଣ ଲୋକେ ଏଭଳି ବେଢ଼ଙ୍ଗୀ ଝିଅ ଓ ଜଙ୍ଗଲି ପୁଅମାନଙ୍କୁ ପଙ୍କ୍ (Punk) କହିଥା'ନ୍ତି । ଏହା ଗୋଟିଏ ବ୍ୟଙ୍ଗାତ୍ମକ ଶବ୍ଦ । କୁଳାଙ୍ଗାର ବା ଅପଦାର୍ଥ ଲୋକଙ୍କୁ ପଙ୍କ୍ କୁହାଯାଏ । ଏହି ଶ୍ରେଣୀର ଯୁଅଝିଅମାନଙ୍କ ମଧ୍ୟରୁ ଯେଉଁମାନେ ଅପେକ୍ଷାକୃତ ଟିକିଏ ଭଦ୍ର, ସେମାନଙ୍କୁ ମୋହକ (Mohawk) କୁହାଯାଏ । ନ୍ୟୁୟର୍କ ରାଜ୍ୟର ଇରୋକୁଇ ଆଦିବାସୀମାନଙ୍କ ନାମ ମୋହକ । ଏମାନେ ମୁଣ୍ଡରେ ଗଛ ଅଠା ଲଗାଇ ବାଳକୁ ଠିଆ ଠିଆ କରି ଗୋଟିଏ ଗୋଟିଏ ଜନ୍ତୁ ବା ଚଢ଼େଇର ମୁହଁ ବା ଦେହ ଭଳି ସଜେଇ ଥାଆନ୍ତି ।

କିନ୍ତୁ ପଙ୍କ୍‌ମାନେ ମନଇଚ୍ଛା ବାଳକୁ କାଟିପକାନ୍ତି; ମନଇଚ୍ଛା ସଜାନ୍ତି ।

ଜଣେ ଜଣେ ପୁସ୍ତ ନଣ୍ଡା ହୋଇଯାଇଥିବେ, ଖପୁରୀଟା ଦିଶୁଥିବ । ଜଣେ ଜଣେ ବାଳଗୁଡ଼ାକୁ କଣ୍ଟାଭଳି ଛୁଞ୍ଚା କରାଇଥିବେ । କିମ୍ବା ଗୋଟିଏ ହାଣ୍ଡି ଉପରେ ଗୁଡ଼ାଏ ଗଛ ପୋତା ହୋଇଥିବା ଭଳି, ବା ମାଟିପାତ୍ର ଓଲଟାଇ ତା' ଉପରେ ଆଠ ଦଶଟି କଣ୍ଟା ପୋତି ଦେଇଥିବା ଭଳି ବାଳକୁ ସଜେଇ ଥିବେ । ଆଉ ଜଣେ ଜଣେ କଣ୍ଟାଭଳି ଠିଆ ଠିଆ ବାଳଗୋଛା ରଖି ତା' ଚାରିକଡ଼ର ବାଳ-ଗୁଡ଼ାକୁ ଛୋଟ ଭଳି ବଣ୍ଡା ବଣ୍ଡା ଛାଣ୍ଟି ଦେଇଥିବେ । ଜଣ ଜଣକର ମୁଣ୍ଡରେ ପ୍ରାଗୈତିହାସିକ ପ୍ରାଣୀ ଡାଇନୋସରର ପିଠି ଭଳି ଦେଖାଥିବ । ଦୁଇଆଡ଼ୁ ନଣ୍ଡା, ମଝିରେ ଡଙ୍ଗାର ମଙ୍ଗ ଭଳି ପଛଆଡ଼ୁ ମଥା ପର୍ଯ୍ୟନ୍ତ ବାଳଗୁଡ଼ାକ ଠିଆ ହୋଇଥିବ । ଜଣେ ଜଣେ ବାଳଗୁଡ଼ାକୁ ମୁନିଆ କାଠି ଭଳି ଠିଆ କରାଇଥିବେ, ସତେ ଯେମିତି ଭଲୁଣ୍ଡି ଝିଙ୍କ ପକ୍ଷୀର ଦେହ । ଜଣ ଜଣକର ମୁଣ୍ଡ ଚଢ଼େଇର ପର ଭଳି ରଙ୍ଗ ବେରଙ୍ଗ ଦିଶୁଥିବ ।

ବାଳଗୁଡ଼ାକୁ ଠିଆ କରାଇବାକୁ ଅଠା, ରଙ୍ଗଦେବାକୁ ଧଳା, କଳା, ନୀଳ, ଲାଲ, ହଳଦିଆ ଆଦି ରଙ୍ଗ ବ୍ୟବହାର କରାଯାଏ । ସମ୍ପ୍ରତି ବାଳକାଟି ଛୋଟ କରିବା ବା ପାହାଚ କରିବା ଅପେକ୍ଷା ବାଳକୁ ରଙ୍ଗେଇବା ଖିଆଲ ବେଶୀ । ଜଣଙ୍କୁ ପଚାରିବାରେ ସେ କହିଲେ, ଥରେ ବାଳ କାଟିଦେଲେ କିଛିଦିନ ପାଇଁ କଥା ସରିଗଲା । ବାଳ ପୁଣି ନବଢ଼ିଲା ପର୍ଯ୍ୟନ୍ତ ସେ ଷ୍ଟାଇଲ ରହିଗଲା । ଆଜିର ସୁବିଧା ହେଲା, ପ୍ରତି ପଙ୍ଗତକୁ ନୂଆ ନୂଆ ଢଙ୍ଗର ବେଶ ହୋଇ ଯିବାକୁ ପଡ଼ିବ । ବାଳ କାଟିଦେଲେ ଏକଥା କିଛି ହେବନାହିଁ । ଆଜି ଗୋଟିଏ ପ୍ରକାର ଶୈଳୀରେ ରଙ୍ଗକରି ଯାଇଥିବ ତ' କାଲିର ପଙ୍ଗତକୁ ଆଉ ଗୋଟିଏ ରଙ୍ଗର ଶୈଳୀରେ ଯାଇହେବ । ପଙ୍ଗତରୁ ଫେରି ବା ସକାଳୁ ସକାଳୁ ରଙ୍ଗଟା ଧୋଇଦେବା କଥା । ଭୋଜିରୁ ବା ପାର୍ଟିରୁ ଫେରି ରାତାରାତି ଧୋଇ-ଦେବା ସୁବିଧା ହୁଏ । କାରଣ ସକାଳୁ ସକାଳୁ ଉଠିବାକୁ ଇଚ୍ଛା ହୁଏନାହିଁ । ସହଜେ ତ ଥଣ୍ଡାଦେଶ, ପୁଣି ଏମିତି ଢଙ୍ଗ କରୁଥିବା ଲୋକେ ଟିକେ ଅଳସୁଆ । ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଧୋଇଦେଲେ କାମ ଜଲଦି ହେବ, ପୁଣି ଆଉ ଗୋଟିଏ ପୁରୁଷବନ୍ଧୁ ବା ମହିଳାବନ୍ଧୁଙ୍କ ଭୋଜିକୁ ଯିବାପାଇଁ ପୁଣି ନୂଆ ରଙ୍ଗରେ ନୂଆ ଢଙ୍ଗରେ ବାଳକୁ ସଜାଇବାକୁ ସମୟ ମିଳିବ । ରଙ୍ଗ ଲଗିବା ପାଇଁ ବାଳତ ଶୁଖିବା ଦରକାର । ଅବଶ୍ୟ ଏଥିପାଇଁ ବାଳ ଶୁଖାଇବା ଯନ୍ତ୍ର (hair dryer) ଅଛି । ଏଥିରୁ ଶୁଖିଲା ଗରମ ପବନ ବାହାରି ଓଦା ବାଳକୁ ଶୁଖିଲା କରିଦେବ ।

ଆମ ଦେଶରେ ବାଳକୁ ରଙ୍ଗକରି ସଜେଇବା ସୁବିଧାଜନକ ନୁହେଁ । କାରଣ ଆମର ବାଳ କଳା । ଆମେ ଧଳାରଙ୍ଗ ନଲଗାଇଲେ ଅର୍ଥାତ୍ କଳା ବାଳକୁ ଧଳା ନକଲେ ଅନ୍ୟ ରଙ୍ଗ ଧରିବ ନାହିଁ । କିନ୍ତୁ ବିଲାତରେ ପ୍ରାୟ ସମସ୍ତଙ୍କର କହରା ବା ଧଳାବାଳ । ଯେ କୌଣସି ରଙ୍ଗ ଏଥିରେ ଲାଗିବ । କାର୍ଯ୍ୟତଃ ଗୃହିଣୀମାନେ ବା ବେଢ଼ଙ୍ଗରେ ସଜାଇ ହେବାକୁ ଚାହୁଁ ନଥିବା ମହିଳାମାନେ ନିଜ ପସନ୍ଦ ଅନୁଯାୟୀ କେଶରଙ୍ଗ କିଣି ଲଗାଇ ଥା'ନ୍ତି । ଏହା ବାଳକୁ ଚକ୍‌ଚକିଆ କରିଦିଏ । ନିଜର ବର୍ଣ୍ଣକୁ ଗାଢ଼କରିବା ପାଇଁ ମଧ୍ୟ ମହିଳାମାନେ ନିଜ ରଙ୍ଗର **(Natural)** ଲିପ୍‌ଷ୍ଟିକ୍ ବା ନେଲ୍ ପଲିସ୍ ଲଗାନ୍ତି ।

## ପ୍ରସାଧନର ଢଙ୍ଗ :

ଯଙ୍ଗ୍‌ମାନଙ୍କ ମଧ୍ୟରେ ଝିଅଙ୍କ ସଂଖ୍ୟା ଅଧିକୁ ବେଶି । ଏମାନଙ୍କ ମଧ୍ୟରେ ଲମ୍ବ ଲମ୍ବ ବାଳ ରଖିବା ପୁରୁଣାକାଳିଆ ଷ୍ଟାଇଲ୍‌କଙ୍କ ଢଙ୍ଗ । ବର୍ତ୍ତମାନର ଢଙ୍ଗ ହେଉଛି, ବାଳଗୁଡ଼ିକୁ ଷ୍ଟେପ୍ ଷ୍ଟେପ୍ କାଟିବା, ଯେପରି ଠିଆ ହୋଇ ରହିବ କିମ୍ବା ଠିଆ କରିବାକୁ ବାଳରେ ଅଠା ଲଗାଇବାକୁ ହେବ । ଆଜିକାଲି ଝିଅପୁଅମାନେ ଆଉ ସାମ୍ପୁ **(shampoo)** ଲଗାଉ ନାହାନ୍ତି । ନିଜ ମନପସନ୍ଦ ଅନୁଯାୟୀ ବାଳରଙ୍ଗ କିଣିଆଣି ଲଗାଉଛନ୍ତି । ବାଳ ମନଇଚ୍ଛା ଟାଣି କରି ରଖିବା ପାଇଁ ବଜାରରେ ଯେତେ ପ୍ରକାରର ଅଠା ମିଳୁଛି, ତହିଁରୁ ଫୋମ୍, ଜେଲ୍ ଓ ମୁସେସ୍ **(foams, ge's, mousses)** ବେଶି କାମରେ ଆସେ । ଏଗୁଡ଼ିକୁ ଲଗାଇ ବାଳକୁ ପୁରାପୁରି ଶୁଆଇ ଦେଇ ଖପୁରି ସାଙ୍ଗରେ ମିଶାଇ ଦିଆଯାଇପାରେ, କିମ୍ବା ଗୋଟିଏ ଗୋଟିଏ କଣ୍ଟା ଭଳି ଠିଆ କରାଇ କଣ୍ଟାର ମୁକୁଟ କରାଯାଇ ପାରେ ।

କେଶ ପ୍ରସାଧନ ଯେପରି ବହୁତ ଦିନ ରହେ, ଏଥିଲାଗି ପୁଅଝିଅମାନେ ବାରିକ ଦୋକାନ (ସାଲୁନ୍)କୁ ଯାଆନ୍ତି । ସାଲୁନ୍ ଖୁବ୍ ପଇସା ନିଏ । କିପରି ଷ୍ଟାଇଲ କରିବ, ତା' ଉପରେ ନିର୍ଭର କରି ୨୦ ପାଉଣ୍ଡରୁ ୧୦୦ ପାଉଣ୍ଡ ପର୍ଯ୍ୟନ୍ତ ଦେବାକୁ ପଡ଼େ । ବିଭିନ୍ନ କେଶବିନ୍ୟାସ ପାଇଁ ମଧ୍ୟ ବିଭିନ୍ନ ବେଶଭୂଷା; ଡେଣ୍ଟ୍ ପଙ୍କ୍ ପାଇଁ ଲୁଗାପଟା, ବେଶଭୂଷା ସବୁ ମିଶି ହଜାରେ ପାଉଣ୍ଡ (ବା ୧୫ ହଜାର ଟଙ୍କା) ପଡ଼ିବା ବଡ଼ କଥା ନୁହେଁ । ଏଭଳି ବେଢ଼ଙ୍ଗିଆ ଢଙ୍ଗ ଧନୀଘରର ପିଲାମାନେ ହିଁ କରନ୍ତି । ବଡ଼ ବଡ଼ ବ୍ୟବସାୟୀ ବା ଶିଳ୍ପପତିଙ୍କ ପୁଅଝିଅମାନେ

ବାପାମା'ଙ୍କ ଝଙ୍କାକୁ ଶ୍ରାଦ୍ଧ କରିବା ପାଇଁ ହପି ସାଜିବା କଥା ଆପଣମାନେ ଜାଣିଥିବେ ।

ବିଭିନ୍ନ ପ୍ରକାରର କେଶବିନ୍ୟାସର ନାମ **buzz, box, slash, slab** । ଓଡ଼ିଆରେ ଏଗୁଡ଼ିକର ଠିକ୍ ଶବ୍ଦ ନାହିଁ । କିନ୍ତୁ ଆକ୍ଷରିକ ଅର୍ଥରେ ଏଗୁଡ଼ିକୁ କହିହେବ କଚ୍‌କଚ୍‌କାଟ, ବାକ୍ସକାଟ, ଶାଣଦିଆକାଟ ବା ପିଢ଼ାକାଟ । ବାଳକଟା କି ପ୍ରକାର ହେବ, ତା ନାଁରୁ ଜଣାପଡ଼େ । ଭିନ୍ନ ଭିନ୍ନ ବିଜ୍ଞାପନରେ ବିଜ୍ଞାପନକାରୀମାନଙ୍କ ପାଇଁ ଯେପରି ଆମ ଦେଶରେ ମଡ଼େଲମାନେ ବେଶଭୂଷା ହୁଅନ୍ତି, ବିଲାତରେ ସେପରି ବେଶଭୂଷା ନବଦନିଆ ସହଜ । ବେକପଟୁ ସବୁ ବାଳ କାଟିଦେଇ ଆଗଆଡ଼ୁ ଓ ଖପୁରି ଉପରେ ଠିଆ ଠିଆ ବାଳ ଯେଉଁମାନେ ରଖନ୍ତି, ସେମାନଙ୍କ ଷ୍ଟାଇଲ୍ ହେଉଛି ବକ୍ସ । କଚ୍ କଚ୍ କରି କାଟି ଦେବାଟା ସଫା କରି ଦିଆଯାଏ ବୋଲି ଏପରି ନାମକରଣ । ସିଧାସଳଖ ଦ'ଫାଳ ବାଳ ସଫାକରି ଦେଇ ମଝିଟା ରଖିଦେଲେ, ସ୍ଲାସ୍ ବା ଶାଣଦିଆ କାଟ । ଚୁଟିକୋଣିଆ ରଖିଲେ ବାକ୍ସକାଟ, ଥାକ ଥାକ କରି ବାଳ କାଟିଲେ ପିଢ଼ାକାଟ । ଅସଲ କଥା ହେଲା, ସବା ଉପରେ ବାଳ ରହିବ, ଯଦ୍ଦ୍ୱାରା ଯେପରି ଜୀବନର ପତାକା ଉଡ଼ୁଛି । [ମାର୍କିନ ହେୟାର ଷ୍ଟାଇଲିଷ୍ଟ କ୍ରିଶ୍ଚିୟାନ **(Christian)** ଏହିପରି କହନ୍ତି—**Hair belongs on top like a flag waving in the wind of your life** ]

## ଜଣ୍ଡାମୁଣ୍ଡ :

ପଙ୍କ୍ ଓ ମୋହକ ଛଡ଼ା ଆଉ କେତେ ପ୍ରକାରର ବାଳକଟା, ବିଶେଷ କରି ଯୁବମାନଙ୍କ ଭିତରେ ଦେଖାଯାଏ । **Skinhead** ବା ଚମମୁଣ୍ଡିଆ, **fluroscent cowlicks** ବା ତୋଫା ଗାଈଚଟା, **motley cut** ବା ଜଙ୍ଗଲକଟା । ଜଗନ୍ନାଥ ମନ୍ଦିର ବେଢ଼ାରେ ଜଣେ ଜଣେ ଚମମୁଣ୍ଡିଆ ପଣ୍ଡା ଦେଖାଯାଆନ୍ତି—ମଥାଆଡ଼ୁ ବାଳଗୁଡ଼ାକ ଜଣ୍ଡା, ଅଥଚ ପଛଆଡ଼େ ଝୁଲାଏ ବାଳ । ଜଣ୍ଡାମୁଣ୍ଡରେ ତିଳକ ଚନ୍ଦନ ଭଳି ଧର୍ମ ସମ୍ପର୍କ ଥାଏ । କୃଷ୍ଣଚେତନାବାଲାଏ **(Krishna Consciousness movement** ଅନୁଗାମୀମାନେ) ପୁସ୍ତ ଜଣ୍ଡା ହୋଇ ନାଚୁଥିବାର ଆମେ ଦେଖିଛୁ । ବିଲାତର ସ୍କିନହେଡ୍‌ମାନେ ସେହିଭଳି ପୁରା ଜଣ୍ଡା । ଜଙ୍ଗଲ୍ ବା ମଟ୍‌ଲିକଟ୍ ଆମ ଦେଶର ଅପମାନଦିଆ ବାଳକଟା ପରି । ଝୁଲାଏ ଝୁଲାଏ ଜଣ୍ଡା, ତ ଝୁଲାଏ ଝୁଲାଏ ବାଳ ଗୋଛା

ଗୋଲ୍ଡ ହୋଇ ରଙ୍ଗ ହଓଆହୋଇଥାଏ—ଏମାନଙ୍କୁ ଗଧ ଉପରେ ବସାଇ ବୁଲାଇଲେ ଆମ ଦେଶରେ ଲୋକେ ତାଳି ମାରନ୍ତେ ।

ଟମ୍‌ମୁଣ୍ଡିଆ ବା ସ୍କିନ୍‌ହେଡ୍‌ମାନେ ଚାହାନ୍ତି ନାହିଁ ଯେ ବିଲାତରେ ଅଣୟୁରୋପୀୟ ଲୋକେ ରହନ୍ତୁ । କୃଷ୍ଣକାୟ ଲୋକଙ୍କ ଏମାନେ ପ୍ରଧାନ ଶତ୍ରୁ । ଲଣ୍ଡନ ନିକଟସ୍ଥ ସାଉଥ୍‌ହଲ ଅଞ୍ଚଳରେ ଏସୀୟ ଲୋକଙ୍କର ସଂଖ୍ୟା, ବିଶେଷତଃ ଭାରତୀୟଙ୍କ ସଂଖ୍ୟା ଖୁବ୍ ବେଶି । ଥରେ ସାଉଥ୍ ହଲଠାରେ ଏହି ଟମ୍‌ମୁଣ୍ଡିଆ-ମାନେ ଏସୀୟମାନଙ୍କୁ ମାରଧର କରୁଥିଲେ । ଏହାର ପ୍ରତିଶୋଧ ନେବାପାଇଁ ସାଉଥ୍ ହଲର ଟୋକାମାନେ ଥରେ ଏକଜୁଟ ହୋଇ ଟମ୍‌ମୁଣ୍ଡିଆମାନଙ୍କୁ ଛେଚିଥିଲେ । ସେହିଦିନୁ ସାଉଥ୍ ହଲକୁ ଆଉ କଳା ବିରୋଧି ଗୋରାମାନେ ଦେଖି ଯାଆନ୍ତି ନାହିଁ ।

ନିଜକୁ ବେଶ କରିବା ପାଇଁ ମୁଣ୍ଡକୁ ନଣ୍ଡା କରୁ କରୁ ଏମାନେ ନଣ୍ଡା-ମୁଣ୍ଡକୁ କଳାବିରୋଧି ଯୁଦ୍ଧର ଗୋଟିଏ ହନ୍ତକ କରିଦେଲେଣି; ବର୍ଣ୍ଣବୈଷମ୍ୟର ଗୋଟିଏ ବ୍ରତ ବା ପ୍ରତିଜ୍ଞା ରୂପେ ଦେଖାଇଲେଣି ।

## ମୁଣ୍ଡ ନା ଫୁଲକିଆରୀ ?

ଏମାନେ ମୁଣ୍ଡଟାକୁ ଏମିତି ବ୍ୟବହାର କରନ୍ତି, ଯେମିତି ମାଳି ଫୁଲ-କିଆରୀକୁ କରେ । ମନଇଚ୍ଛା ବାଳକାଟିବା ଯେମିତି ଗୋଟିଏ ନିଶା, ମନଇଚ୍ଛା ବାଳ ରଙ୍ଗ କରିବା ସେମିତି ଗୋଟିଏ ସଉକ । ଝିଅମାନେ ପୁଅଭଳି ଛୋଟ ବାଳ, ପୁଅମାନେ ଝିଅଭଳି ବଡ଼ ବଡ଼ ବାଳ ରଖୁଛନ୍ତି । ନିଜକୁ ଓଲଟା ରୂପରେ ଦେଖାଇ ହେବାରେ ଏମାନଙ୍କୁ ବେଶ କୁତୁକୁତୁ ଲାଗେ ବୋଧହୁଏ । ଜଣ ଜଣକର ମୁଣ୍ଡବାଳରେ ବିଭିନ୍ନ ରଙ୍ଗର ଗୋଲ୍ଡ ଦେଖିଲେ ମନେହେବ—ଯେପରି ଏମାନେ ମୁଣ୍ଡକୁ ଗୋଟିଏ ଚିତ୍ର କରିବା ଜାଗା ବୋଲି ଧରି ନେଇଛନ୍ତି ।

କେତେକଜଣ ମୁଣ୍ଡବାଳକୁ ରଙ୍ଗ ବେରଙ୍ଗ କରିବା ସାଙ୍ଗକୁ ମୁହଁଟା ବି ବିଭିନ୍ନ ରଙ୍ଗରେ ଚିତ୍ରିତ କରିଥାଆନ୍ତି । ଏହି ରଙ୍ଗ ସହଜରେ ଧୋଇହୁଏ । ଓ୍ୱାସେବ୍‌ଲ (Washable) ନ ହୋଇଥିଲେ କ'ଣ ହୁଅନ୍ତା ଭାବନ୍ତୁ ତ ! ଶୀତ ପ୍ରଧାନ ଦେଶ ହୋଇଥିବାରୁ ସେମାନଙ୍କ ଦେହରୁ 'ଝାଳ ପ୍ରାୟ ବୁହେ ନାହିଁ । ନଚେତ୍ ଆମ ଦେଶରେ ବେଶି ପାଉଡ଼ର ମାଖିଥିବା 'ସ୍ତ୍ରୀଲୋକମାନଙ୍କ ମୁହଁରେ ଯେମିତି ଖରାଦିନେ ପାଉଡ଼ରଗୁଡ଼ା ଝାଳରେ ବୋହିଆସି ଗଳଡ଼ା

ଚକଡ଼ା ଚନ୍ଦନ ଭଳି ଦେଖାଯାଏ, ଏହି ବିଲାତି ହିପି (ପୁଅ ଝିଅ)ମାନଙ୍କ ମୁହଁରେ ରଙ୍ଗଗୁଡ଼ାକ ସେମିତି ନଦୀ ତିଆରି କରନ୍ତି ।

## ରଙ୍ଗରଙ୍ଗିଆ ଚିତା :

ମୁହଁ ସଜେଇବା, ଦେହ ସଜେଇବା—ଏସବୁ ଚମ ଉପରର କାମ । ଆମ ଦେଶରେ ଯେପରି ଚିତାକୁଟା ହୁଏ, ସେ ଦେଶରେ ମଧ୍ୟ କେତେକ ସେହିପରି ଚିତା କୁଟାନ୍ତି । ଚିତା ସ୍ଥାୟୀ ଚିହ୍ନ ରଖିଦିଏ । ଅର୍ଥାତ୍ ମନଇଚ୍ଛା ତକାଇନ ବଦଳାଇ ହୁଏନାହିଁ । ତେଣୁ ଆଜିକାଲି ଥୋକେ ଯୁବକ ଯୁବତୀ ମୁହଁ ଓ ଦେହକୁ ରଙ୍ଗେଇଛନ୍ତି; ଯତେ ଯେମିତି ନିଜେ ଗୋଟିଏ ଗୋଟିଏ କାନ୍‌ଭାସ୍ । ବେଳେ ବେଳେ ଏମିତି ଜଙ୍ଗଲି ସଜା ସଜେଇଛନ୍ତି ଯେ ଗୋଟିଏ ଆଖିପତାରେ ଗାଢ଼ ସବୁଜ ରଙ୍ଗ ତ ଅନ୍ୟ ପତାରେ ଉଜ୍ଜ୍ୱଳ ଲାଲ । ଗୋଟିଏ ହାତରେ ଜେବ୍ରାର ପଟା ପଟା ଗାର ତ ଜଂଘରେ ପ୍ରଜାପତିର ଚିତ୍ର । ଗୋଟିଏ ଗାଲରେ ଚୁମ୍ବନର ଚିହ୍ନ ତ, ଆଉ ଗୋଟିଏ ଗାଲରେ ନାଲିପାନ (ଇଂରେଜୀରେ ନାଲିପାନକୁ **heart** ବା ହୃଦୟ କହନ୍ତି, ଏହା ପ୍ରେମର ସଙ୍କେତ) । ଏ ସବୁ ଢଙ୍ଗ କୁଆଡ଼େ ସେମାନଙ୍କ ମନର ହାବଭାବକୁ ପ୍ରତିଫଳନ କରିଥାଏ । ସବୁଦିନେ ସ୍ୱାଭାବିକ ମୁହଁଟାକୁ ବା ଦେହଟାକୁ ଧରି କେତେ ଚଳିବ ? ପତାଟାକୁ ଟିକେ ବଙ୍କା କରିବା, ଭ୍ରୂଟାକୁ ଟିକେ ଉପରକୁ ଉଠେଇ ଦେବା—ଏମିତି ବେଢ଼ଙ୍ଗିଆ ଢଙ୍ଗ ନକଲେ କୋଟି କୋଟି ଟଙ୍କାର ପ୍ରସାଧନ ସାମଗ୍ରୀ ବିକୁଥିବା ଦୋକାନମାନେ ଫେଲ ମାରିଯିବେ ନାହିଁ ? ଯେଉଁମାନେ ସିଗାରେଟ ପିଅନ୍ତି, ସେମାନଙ୍କୁ ସିଗାରେଟ ପିଇବା ଛାଡ଼ିଦିଅ ବୋଲି କହିଲେ ସେମାନେ ଏହି ଉତ୍ତର ଦେଇଥାଆନ୍ତି—ସିଗାରେଟ କମ୍ପାନୀ ଫେଲ୍ ମାରିଯିବ ନାହିଁ ? ଅସଲ କଥା ହେଉଛି, ବିଲାତରେ ଆଜି ଯାହା ମରିଯିବ, ତାହା କାଲି ଭୂତ ହୋଇ ଆମ ଦେଶର ଲୋକଙ୍କୁ ମାଡ଼ି ବସିବ । ବିଲାତି କାଇଦା ଦିନେ ନା ଦିନେ ଆମ ଲୋକଙ୍କୁ ପାଇବ ।

ମନଇଚ୍ଛା ବାଳକାଟିବା, ଦେହ ମୁହଁକୁ ରଙ୍ଗେଇବା ଓ ଚହେଇବାରେ ଯେଉଁ ସ୍ୱେଚ୍ଛାଚାର ଅଛି, ତାକୁ ଦେଖି ଲୋକେ କହନ୍ତି, ସେ କେତେ ଫ୍ରି ମ ! ଫ୍ରି ବା ସ୍ୱାଧୀନ ଚେତା ମନୋଭାବର ଏ ଲକ୍ଷଣ ବୋଲି ମୋର ମନେ ହେଲା ନାହିଁ । ଦୁନିଆ ବିରୁଦ୍ଧରେ, ସମାଜର ବିଭିନ୍ନ ନୀତିନିୟମ ବିରୁଦ୍ଧରେ ଏ ଗୋଟିଏ ବିଦ୍ରୋହର ଭାବ ବୋଲି ମୋର ମନେ ହେଲା । ଆମ ଦେଶରେ ଏପରି ବିଦ୍ରୋହର ଭାବ ନାହିଁ ବୋଲି କହିହେବ ନାହିଁ । ବଡ଼ ଲୋକଙ୍କୁ ଉତ୍ତର ନାହିଁ, ସେମାନଙ୍କ

ପିଲାଏ ଏମିତି ବିଲାତି ଢଙ୍ଗ ଆରମ୍ଭ କରି ଦେଲେଣି । ଅବଶ୍ୟ କଲିକତା ବମ୍ବେ ଭଳି ବଡ଼ ବଡ଼ ସହରରେ—ସେଇଁଠି ନଜର ଢାଲ୍ଲାବାଲ୍ଲେକେ ସହଜରେ ଖୋଜି ପାଇପାରିବେ ନାହିଁ ।

## ନିଜ ପସନ୍ଦରେ ପିନ୍ଧ, ପର ପସନ୍ଦରେ ଖାଅ :

ଆମେ କହୁଁ, ନିଜ ରୁଚିରେ ରାନ୍ଧ, ପର ରୁଚିରେ ପିନ୍ଧ । ବିଲାତରେ ଏହି ଶ୍ରେଣୀର ଯୁବକ ଯୁବତୀମାନେ ଓଲଟା ଭାବନ୍ତି । ମନଇଚ୍ଛା ବେଶ ହୁଅ, ଦୋକାନ ଭଜା ଜିନିଷ ଖାଅ । ସେଥିପାଇଁ କାମକୁ ଯାଇ ପାରୁଥିବାରୁ ବିଲାତି ଝିଅମାନେ ସଜେଇ ହେବାକୁ ବେଶି ସମୟ ପାଆନ୍ତି । ବିଲାତି ରୋଷେଇ ଓ ଖାଦ୍ୟପଦାର୍ଥ ବିଷୟରେ ଶୁଣିଲେ ଜାଣିହେବ, ଜାହିଁକି ବିଲାତି ମହିଳାମାନେ ସଜେଇ ହେବାକୁ ବେଶି ସମୟ ପାଆନ୍ତି ।

# ସେକ୍‌ସ ସପ୍ ଓ ଗୋଟିଏ ଗପ

ଲଣ୍ଡନରେ ଓ ଅକ୍‌ସଫୋର୍ଡରେ ବଜାର ଭିତରେ ବୁଲୁଥିଲାବେଳେ ଆଖି ପଡ଼ିଯାଇଥିଲା ନୂଆ ରକମର କେତୋଟି ଦୋକାନରେ । ମାସେଜ୍ ପାର୍ଲର ଆଉ ସେକ୍‌ସ ସପ୍ । ଦେହ ହାତ ଘଷାଘଷି କରିବା ବାହାନା ମାତ୍ର । ମାସେଜ୍ ପାର୍ଲର ଦୋକାନରେ ମହିଳା ଗ୍ରାହକ ଗଲେ ପ୍ରାୟ—ନଗ୍ନ ପୁରୁଷ ଏବଂ ପୁରୁଷ ଗ୍ରାହକ ଗଲେ ପ୍ରାୟ—ନଗ୍ନ ଯୁବତୀ ସେବା କରିବା ପାଇଁ ଆସିବେ । ଯେପରି ଘଷାଘଷି ଚାହିଁବେ ସେପରି ମିଳିବ । ତେଲ, ମଲମ ବା ଅନ୍ୟ କିଛି ମାଲିସ୍ କରିବାକୁ ଚାହିଁଲେ ତାହା ବି ଦିଆଯିବ । ନେଶ ଆଗେଇବାକୁ ଚାହିଁଲେ ଦୋକାନୀ ତାର ବନ୍ଦୋବସ୍ତ କରିଦେବ । ମୁଁ ଶୁଣିଲି ଆମ ଦେଶରୁ ଯେଉଁମାନେ ପ୍ରାଚ୍ୟର କେତେକ ଦେଶ, ଯଥା ସିଙ୍ଗାପୁର ବା ଶ୍ୟାମଦେଶ ବୁଲିବାକୁ ଯାଆନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଏ ପ୍ରକାର ସୁବିଧା ଥାଏ ।

ମାସେଜ୍ ପାର୍ଲରରେ ଯେପରି, ସେକ୍‌ସ ପାର୍ଲରରେ ମଧ୍ୟ ସେପରି ବ୍ୟବସ୍ଥା । ଦୋକାନର ଦୁଆର ବନ୍ଦ ଥାଏ । ଦୁଆରରେ ଲେଖାଥାଏ ଅଠର ବର୍ଷରୁ କମ ବୟସର ଲୋକଙ୍କ ପାଇଁ ପ୍ରବେଶ ନିଷେଧ । କାରଣଟା ଆଖିକୁ ଜଳ ଜଳ ହୋଇ ଦିଶୁଛି । ମାସେଜ୍ ପାର୍ଲର ଭିତରକୁ ମୁଁ ଯାଇନାହିଁ; ମୋର ବର୍ଣ୍ଣନା ଅନ୍ୟ ଜଣେ ଭାରତୀୟଙ୍କ ଅନୁଭୂତି ଉପରେ ନିର୍ଭର କରୁଛି । କିନ୍ତୁ ସେକ୍‌ସ ସପ୍‌ର ଦୁଆର ଖୋଲି ଆମେ ଦୁଇ ତିନିଜଣ ଭିତରକୁ ଯାଇଥିଲୁ । ମାସେଜ୍ ପାର୍ଲରରେ ଦୁଆର ଖୋଲିଲେ ଖଣ୍ଟି ଆଗରେ ଆଉ ଗୋଟିଏ ଦୁଆର ପଡ଼ିଥିଲା ଏବଂ ଜଣେ ଦ୍ୱାରପାଳ ଆମର ଅଭିପ୍ରାୟ ବିଷୟରେ ପ୍ରଶ୍ନ କରିଥିଲା । କିନ୍ତୁ ସେପରି କୌଣସି ବାଧା ବା ଅସୁବିଧା ସେକ୍‌ସ ସପ୍‌ରେ ଦେଖିଲି ନାହିଁ । ଅବଶ୍ୟ ଆମେ ଯାଇଥିବା ସେକ୍‌ସ ସପ୍‌ରେ ଗୋଟିଏ ଶିଡ଼ିଚଢ଼ା ମହଲାଅଛି । ସେଠାକୁ ଯିବାକୁ ଆମେ ସାହସ କରିନାହୁଁ । କେବଳ ସେଠାରେ କଣ ଘଟୁଥାଇ ପାରେ ତାହାର କଳ୍ପନା କରୁଛୁ ମାତ୍ର । ଦୋକାନରେ ପଶି ଉପର ମହଲାକୁ ଯିବା ଶିଡ଼ି ପାଖରେ ଗୋଟିଏ ଭୟଙ୍କର ଆଲସେସିଆନ୍ କୁକୁର ଥିବାର ଦେଖି ଆମେ ଆଗେଇ ନ ଥିଲୁ । ଦୋକାନରେ ଲୋକ ଜଣେ ଥାଏ ଏବଂ ସେ ଜଣକ ଜଣେ ସ୍ତ୍ରୀ ଲୋକ । ଜଣେ

ମହିଳାଙ୍କୁ ଏ ବିଷୟରେ କିଛି ପଚାରିବା ଉଚିତ ହେବ କି ବୋଲି ମୁଁ ଯୁକ୍ତି କରୁଥିବାବେଳେ ଆମ ପାଖରେ ଥିବା ଲଲ୍ କହିଲା, ଏମିତି ଡରୁଛ ଯଦି, ଏଠାକୁ ଆସିଲ କାହିଁକି ?

ଆମେ ବାଧ୍ୟ ହୋଇ ସ୍ତ୍ରୀ ଲୋକଟିକୁ ପଚାରିଥିଲୁ । କୌଣସି ବିଶେଷ ଉତ୍ତର ନ ଦେଇ ଉପରକୁ ଯାଇ ଦେଖନ୍ତୁ ବୋଲି ସେ ସଂକ୍ଷେପରେ କହିଥିଲା । ଆମ ଡରୁଆଗୁଡ଼ାକଙ୍କ ମଧ୍ୟରେ କେତେ ଜଣ ଭାବନା ଖେଳିଗଲା । ଆମେ ଭାବି-ଦେଲୁ ବୋଧହୁଏ ଏ କୁକୁରଟି ଫେରିବାବେଳେ ଆମକୁ ଅଟକାଇ ରଖିବ ଏବଂ ଆମେ ଦୋକାନୀର ମନମୁତାବକ ପଇସା ଦେବାକୁ ବାଧ୍ୟ ହେବୁ । ଆମେ ଉପରକୁ ଯିବାକୁ ଚେଷ୍ଟା କରି ନ ଥିଲୁ । ଏବେ ଭାବୁଛି ବୋଧହୁଏ ସେମାନେ ଅଯଥା ହଇରାଣ କରି ନ ଥାନ୍ତେ । ସେମାନଙ୍କର କୋର୍ଟ କଚେରୀକୁ ଖୁବ୍ ଭୟ । କିନ୍ତୁ ଆମର ଭୟ ଆମକୁ ମୂଳରୁ ଅଟକାଇ ଦେଇଥିଲା । କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଉଛି କିଏ ? ଅଶ୍ଳୀଳ ହେଲେ ମଧ୍ୟ ବିଲାତରେ ଜଣେ ଗ୍ରାହକ ଏଭଳି ଗୋଟିଏ ମକଦ୍ଦମା କରି ଜିତିଥିଲେ । ତାଙ୍କୁ ଜନୈକ ସାମ୍ବାଦିକ ପଚାରିଥିଲେ, "ଆପଣ ଏଭଳି କେଶ୍ କଲେ ଆପଣଙ୍କୁ ଲୋକେ କୁଚରିତ୍ର ବୋଲି ଭାବି ପାରନ୍ତି, ଏ ଡର ଆପଣଙ୍କର ନ ଥିଲା ?" ସେ ଉତ୍ତର ଦେଇଥିଲେ, "ଆପଣ ଭାବନ୍ତୁ । ମୁଁ କେଶ୍ କରିଥିବାରୁ ଅନ୍ତତଃ ଦୋକାନୀମାନେ ନିର୍ଭୟରେ ଠକିବେ ନାହିଁ । ମୁଁ ଜାଣିଛି କୃତ୍ରିମ ଉପାୟରେ ଉତ୍ତେଜିତ ହେବା ଖରାପ କଥା । ଦୋକାନୀ ବି ଭାବିଥିବ । ଲାଜରେ କେହି କୋର୍ଟକୁ ଯିବେ ନାହିଁ । ମୋ ଭଳି କେତେଟା ଲୋକ ଦୋକାନୀକୁ କୋର୍ଟକୁ ଟାଣି ନେଇ ପାରିବ, ଏବେ ତ ସେ ଭୟ ରହିବ !"

ବ୍ରିଟିଶ କୋର୍ଟର ରାୟ ଥିଲା; ଯନ୍ତ୍ର ନୁହେଁ, ଯୌନ ଉତ୍ତେଜନାର ଗୋଟିଏ ଆଶା ବିକ୍ରି ହୋଇଥିଲା । ଏହି ଆଶା ସଫଳ ହୋଇ ନ ଥିବାରୁ ଗ୍ରାହକ ପ୍ରତାରିତ ହୋଇଛି । ତେଣୁ ଦୋକାନୀ ବାଦୀଙ୍କୁ କ୍ଷତିପୂରଣ ବାବଦକୁ ୨୫ ପାଉଣ୍ଡ ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ୧୦୦ ପାଉଣ୍ଡ ଦେବ ।

କି ବଢ଼ିଆ ରାୟ ! ଆଶ୍ଚର୍ଯ୍ୟ ନୁହେଁ ? ଯନ୍ତ୍ରଟିର ଦାମ ମାତ୍ର ୫ ପାଉଣ୍ଡ । ଅଧିକ ୨୦ ପାଉଣ୍ଡ ମିଳିଲା—ଗ୍ରାହକର ମାନସିକ ଅଶାନ୍ତିଜନିତ କ୍ଷତି ଓ ୫ ପାଉଣ୍ଡର ସୁଧ ବାବଦକୁ । ତଦୁପରି ମକଦ୍ଦମା ଖର୍ଚ୍ଚ ତ ମିଳିଛି !

ହଁ ! ଯେଉଁ ସେକ୍ସ ସପ୍‌ର ବର୍ଣ୍ଣନା କରୁଥିଲି, ତାହା ଅଧୁରା ରହି ଯାଇଛି । କବାଟ ମେଲାଇ ଭିତରେ ପଶିଲୁ । ବିଲାତର ଥଣ୍ଡା ଜଳବାୟୁ; ପୁଣି

ଧୂଳିମଳି ନାହିଁ । ଅଣ୍ଡା ଯୋଗୁଁ କୌଣସି ଦୋକାନରେ ବିଜୁଳି ପଙ୍ଖା ନ ଥାଏ । ଶୀତଦିନେ ବରଂ ଗରମ ପବନ ଘୂରେଇବା ପାଇଁ ଗ୍ୟାସ ବା ବିଜୁଳି ହିଟର ଖୋଲି କରାଯାଏ । ଏମିତି ଅଣ୍ଡା ଦୋକାନରେ ଭିତରେ ପଶି ଏପାଖ ସେପାଖ ଆଖି ବୁଲାଇ ଆଣିଲି ଯେ ଦେହ ଗରମ ହୋଇଗଲା । ତଳ ମହଲାରେ ଯାହାସବୁ ଦେଖିଲି, ତହିଁରୁ ଉପର ମହଲାରେ କଣ କଣ ଥିବ କଳ୍ପନା କରିବା କଥା ।

ପୁରୁଷ ଓ ସ୍ତ୍ରୀର ଜନନେନ୍ଦ୍ରିୟର ଅବିକଳ ନକଲ ପ୍ଲାଷ୍ଟିକରେ ତିଆରି ହୋଇ ଥାକ ଥାକ ଥୁଆ ହୋଇଛି । ବଡ଼ ଛୋଟ କେତେ ପ୍ରକାରର । କାମୋତ୍ତେଜନା ଆଣିବା ପାଇଁ ବିଭିନ୍ନ ପ୍ରକାରର ତେଲ ବା ମାଲିସ କରିବା ଜିନିଷ ରଖାହୋଇଛି । ଉତ୍ତେଜନା ଆଣିବା ପାଇଁ କେତେଗୁଡ଼ିଏ ଭଳି ଛୋଟ ମଟର-ଚାଳିତ ଯନ୍ତ୍ର ଅଛି । ପୁରୁଷ ସ୍ତ୍ରୀର ସଙ୍ଗମ ଦୃଶ୍ୟ ବା ବ୍ଲୁ ଫିଲ୍ମର କଟାକଟା ଖଣ୍ଡ ବି ବିକି ହେଉଛି । ଏଭଳି ଛବି ଥିବା ଅଶ୍ଳୀଳ ପତ୍ରିକା ସାଧାରଣ ଦୋକାନ-ମାନଙ୍କରେ ମଧ୍ୟ ମିଳେ । ସେକ୍ସ ସପ୍‌ର ବିଶେଷତ୍ୱ ହେଉଛି ଯୌନସଙ୍ଗମ ପାଇଁ ପୁରୁଷ ବା ସ୍ତ୍ରୀକୁ ଉତ୍ତେଜିତ କରିବା ଭଳି ସାମଗ୍ରୀ ଯୋଗାଇବା ।

ମୋର ମନେ ହେଉଥିଲା ବୋଧହୁଏ ଯେଉଁମାନେ ବୁଢ଼ା ହୋଇଗଲେଣି ବା କାମପ୍ରବୃତ୍ତି ଓ କ୍ଷମତା ହରାଇ ବସିଲେଣି, ସେହିମାନଙ୍କ ପାଇଁ ଏ ଦୋକାନ ବସିଛି ।ଜଣେ ବୟସ୍କ ଇଂରେଜ ଭଦ୍ରବ୍ୟକ୍ତିଙ୍କୁ ଏ ବିଷୟରେ ପଚାରିବାରେ ସେ ଆମମାନଙ୍କର ଏପରି ଦୋକାନକୁ ଯିବା ଉଚିତ ହୋଇ ନାହିଁ ବୋଲି କହୁଥିଲେ ହେଁ, ଗୋଟିଏ କୈଫିୟତ ଦେଇଥିଲେ । ବୋଧହୁଏ ତାହା ଠିକ୍ । ଅଳ୍ପ ବୟସରୁ ଅବାଧ ଯୌନ କାରବାରରେ ଲିପ୍ତ ରହିବା ଯୋଗୁଁ ମଧ୍ୟବୟସରେ ଲୋକେ ଦୁର୍ବଳ ହୋଇ ପଡ଼ୁଛନ୍ତି । ପାଖରେ ସ୍ତ୍ରୀଟିଏ ପାଇଲେ ବି କାମ-ଇଚ୍ଛା ଜାଗ୍ରତ ହେଉନାହିଁ । ଏଥିପାଇଁ ସେମାନେ କୃତ୍ରିମ ଉପାୟରେ ନିଜକୁ ଉତ୍ତେଜିତ କରିବାକୁ ଚାହୁଁଛନ୍ତି । ତା ଦ୍ୱାରା ସଙ୍ଗମ ଉପଭୋଗ କରିହେବ ବୋଲି ସେମାନେ ଆଶା କରୁଥିବେ । ନଚେତ୍ତ୍ୱ ଏଭଳି ଅଶ୍ଳୀଳ ଜିନିଷ ବା ଉତ୍ତେଜକ ଯନ୍ତ୍ର କିଣିବେ କାହିଁକି ?

ପ୍ରସଙ୍ଗ ଛଳରେ ସୋହୋ ଇଲାକାର କଥା ନ କହିଲେ ବିଲାତ ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିଯିବ । ଲଣ୍ଡନ ସହରରେ ସୋହୋ ହେଉଛି ଲାଲବତୀର ଅଞ୍ଚଳ । ସବୁ ସହରରେ ଏଭଳି ଅଞ୍ଚଳ ଅଛି । ଶିଳ୍ପ ବିପ୍ଳବ ପରେ ଯେଉଁ ସହରଗୁଡ଼ିକ ଗଢ଼ି ଉଠିଲା, ତାହା ପ୍ରଥମେ ପ୍ରଥମେ ପୁରୁଷ-ପ୍ରଧାନ ହେବାକୁ ବାଧ୍ୟ ହୋଇ-

ଥିଲି । କାରଣ ରହିବା ସ୍ଥାନର ଅଭାବ, ଖାଇବା ପିଇବା ପାଇଁ ଆବଶ୍ୟକ ସୁବିଧାର ଅଭାବ ଆଦି ସ୍ତ୍ରୀ ଓ ପିଲାମାନଙ୍କୁ ଆଣିବା ବିରୁଦ୍ଧରେ କାମ କରୁଥିଲି । ମାନସିକ ହେଉ ବା ଶାରୀରିକ ହେଉ ବୁଭୁକ୍ଷିତ ହେଲେ ମଣିଷ ପାପ ଭଳି କିଛି ଗୋଟିଏ ଜିନିଷ ଅଛି ବୋଲି ମାନିଲା ନାହିଁ । ଅନ୍ୟପକ୍ଷରେ ପେଟପାଟଣା ପୋଷିବା ପାଇଁ କେତେକ ପୁରୁଷ ଅପହରଣ କରି ବା କାମଧନ୍ଦା ଯୋଗାଇବା ଆଳରେ ଭୁଲାଇ ଯୁବତୀମାନଙ୍କୁ ସହରକୁ ଆଣି ଲମ୍ପଟ ପୁରୁଷର କାମନା ଚରିତାର୍ଥ କରାଇ ବେଶ କିଛି ଅର୍ଥ ଉପାର୍ଜନର ପନ୍ଥା ବାହାର କଲେ । ଏ ତ ହେଉଛି ଆଧୁନିକ ବେଶ୍ୟାବୃତ୍ତିର ଇତିହାସ । ପ୍ରାଚୀନ କାଳରେ ମଧ୍ୟ ଏ ବୃତ୍ତି ଥିଲା । ନିଜ ରାଜ୍ୟରେ ବର୍ଷା କରାଇବା ପାଇଁ ସମ୍ପୃକ୍ତ ରାଜା ଋଷ୍ୟଶୃଙ୍ଗଙ୍କୁ ନେବାର ଯେଉଁ ବନ୍ଦୋବସ୍ତ କରିଥିଲେ ତହିଁରେ ନଗରୀର ବେଶ୍ୟାବୃତ୍ତି ହିଁ ପ୍ରୟୋଗ କରାହୋଇଥିଲା ।

ଏହି ସୋହୋ ଅଞ୍ଚଳକୁ ଯାଇ ଫେରିଥିବା ଜନୈକ ଭାରତୀୟଙ୍କ ଅନୁଭୂତିକୁ ଲକ୍ଷ୍ୟ କରି ମୁଁ ଅକ୍ସଫୋର୍ଡ଼ରେ ଥିବାବେଳେ ଗୋଟିଏ ଇଂରାଜୀ ଗଳ୍ପ ଲେଖିଥିଲି । ତହିଁରୁ ଏ ସମ୍ପର୍କରେ କିଛି ଧାରଣା ମିଳିବ ବୋଲି ଏଠାରେ ଗଳ୍ପଟି ଦେଉଛି । ମୁଁ ଯେଉଁଥି ପାଇଁ ଟ୍ରେନିଂ ଯାଇଥିଲି, ତାହାର ସ୍ୱରୂପ ଏଥିରୁ ମିଳିବ ।

ଗଳ୍ପଟିର ନାମ—"ପ୍ରାକୃତିକ ବିପର୍ଯ୍ୟୟରୁ ଉଦ୍ଧାର କାର୍ଯ୍ୟକ୍ରମ" ।

ଆରେ, ଆନ୍ କାହିଁ ? ସେ ଛାତ୍ରମାନଙ୍କୁ ନାଁ ଧରି ଡାକନ୍ତି । ପ୍ରଥମ ନାଁ'ରେ । ଯଦି ନାଁ'ଟା ଆହୁରି ଛୋଟ ହୋଇପାରିଲା; ତେବେ ସେ ଗୋଟିଏ କି ଦୁଇଟି ଅକ୍ଷରରେ ବି ଡାକି ଦେବାକୁ ଭଲ ପାଆନ୍ତି ।

ଆନନ୍ଦ କୁମାର ମୁଖାର୍ଜୀ କୁଆଡ଼େ ଗଲେ କେହି କହିପାରୁ ନାହାନ୍ତି । ଆଜି ଶେଷ ଦିନ । ସମସ୍ତେ ଯେ ଯାହା ଦେଶକୁ ଚାଲିଯିବେ—ବିଲାତର ସ୍ମୃତି ଧରି । ତେଣୁ ଅଧ୍ୟାପକ ଡେଭିସ ବଡ଼ ବ୍ୟସ୍ତ । ସେ ଚାହାନ୍ତି ପ୍ରତ୍ୟେକ ଅଂଶୀଦାର ଖୁସି ମନରେ ଘରକୁ ଫେରୁ । ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତିକରଣ ଓ ଉଦ୍ଧାର କାର୍ଯ୍ୟକ୍ରମ ପରିଚାଳନା ସମ୍ପର୍କରେ କର୍ମଶାଳା ବେଶ୍ ଭଲରେ ସରିଛି । ଅନ୍ତତଃ ତାହା ହିଁ ତାଙ୍କର ଧାରଣା । ଯଦି କେହି ବା ଖୁସି ନ ଥିବ ବିଲାତ ଛାଡ଼ିବା ପୂର୍ବରୁ ଅନ୍ତତଃ ଖୁସିରେ ଯାଉ । କମନ୍ ୱେଲ୍‌ଥ ବା ବିଦେଶୀ ଛାତ୍ରମାନେ ଅଧିକାଂଶ ତ ସରକାରୀ କର୍ମଚାରୀ । ବିଲାତି ଜୀବନଧାରାର "ନିଜେ ନିଜର କାମ

କରିବା'' ଢାଞ୍ଚାରେ ଅଭ୍ୟସ୍ତ ନୁହନ୍ତି । ସୁକର ଦାକର ନାହିଁ । ଗରମ ଦେଶରୁ ଆସିଥିବା ଲୋକେ ବିଲାତର ଥଣ୍ଡାରେ ଥରି ଯାଇଛନ୍ତି । ଅଧ୍ୟାପକ ଡେଭିସ୍ ସେମାନଙ୍କ ଭିତରୁ ଅନେକଙ୍କୁ ଶୋଇବା (ବିଛଣାର) ଥଳି, (ଇଂରାଜୀରେ ସ୍ଲିପିଙ୍ଗ ବ୍ୟାଗ) ଦେଇ ସାହାଯ୍ୟ କରିଛନ୍ତି, ବିଶେଷତଃ ଭ୍ରମଣରେ ଥିବାବେଳେ ।

ତାଙ୍କ ଆଖିରେ ଆଶଙ୍କା ଜଳ ଜଳ ହୋଇ ଦିଶୁଥିଲା । ଆଜ୍ ବାହିଁ ?

ଆନନ୍ଦ କୁମାର ମୁଖାର୍ଜି ନାହାନ୍ତି । ଅମେ ସମସ୍ତେ ପରସ୍ପରର କାନ ପାଖରେ ଫୁସ୍‌ଫାସ୍ ହେଲୁ । କାଲି ସେ ଆମ ସାଙ୍ଗରେ ଟ୍ରାଫାଲ୍‌ଗର ସ୍କୋୟାରରେ ଥିଲ । ଅଧ୍ୟାପକ ଡେଭିସ୍ ଆମକୁ ନେଇଯାଇଥିଲେ ବ୍ରିଟିଶ୍ ମେଟ୍ରୋପଲିସ (ଆନ୍ତର୍ଜାତିକ ସହରୀର ଶେଷ ଦର୍ଶନ ପାଇଁ । ଦିନେ ଏହା ଯେଉଁ ସାମ୍ରାଜ୍ୟର ରାଜଧାନୀ ଥିଲା, ତହିଁରେ କେବେ ସୂର୍ଯ୍ୟ ଅସ୍ତ ଯାଉ ନଥିଲେ । ଛାତ୍ରମାନେ, ନାଁ, ନାଁ, କର୍ମଶାଳାର ଅଂଶୀଦାରମାନେ ଯେପରି କଦାପି ଅସ୍ୱସ୍ତି କର ବୋଧ ନକରନ୍ତି ସେଥିଲାଗି ସେ ଖୁବ୍ ଯତ୍ନ ନେଉଥିଲେ । ଏ ତ ପାଠପଢ଼ା ନ ଥିଲା ! ତାଙ୍କୁ ବି ଅଧ୍ୟାପକ କହିବା କଥା ନୁହେଁ । ସେ ନିଜେ ବି ପସନ୍ଦ କରନ୍ତି ତାଙ୍କୁ ଇଆନ ବୋଲି ଡକାଯାଉ । ପୁରା ନାମ ଇଆନ ଡେଭିସ୍ । ନାଁ ଧରି ଡାକିଲେ ସେ ପସନ୍ଦ କରନ୍ତି, ଖୁସି ବି ହୁଅନ୍ତି । ଆମ ଦେଶରେ 'ସାର୍' ନ କହିଲେ ଅଧ୍ୟାପକ କାହିଁକି, ସରକାରୀ କର୍ମଚାରୀମାନେ ବି ରାଗିଯାଆନ୍ତି ।

ଏ ଇଂରେଜଗୁଡ଼ାକ ଅଦ୍ଭୁତ ଲୋକ । ଆମ ଦେଶରେ ରାଜୁତି କରୁଥିଲା ବେଳେ ଖୋସାମତ କରିବାର ସମସ୍ତ ପ୍ରକାରର ଆଦବ କାଇଦା ଆମକୁ ଶିଖାଇଲେ । ଦରଖାସ୍ତ ଶେଷରେ "ଆଇ ବେଗ୍ ଟୁ ରିମେନ୍ ସାର୍, ଇଓର୍ ମୋଷ୍ଟ ଓବିଡିଏଣ୍ଟ ସର୍ଭାଣ୍ଟ'' ଲେଖିବାକୁ ଅଭ୍ୟାସରେ ପକାଇଦେଲ । ବର୍ତ୍ତମାନ ତାଙ୍କ ଦେଶ କଥା ଦେଖ । ସେ କହୁଛନ୍ତି, ସମ୍ପର୍କ ରାଖ—ଅଧ୍ୟାପକ ହେଲେ କଣ ହେଲା, ପ୍ରଥମ ନାଁ ଧରି ଡାକ । ସାର୍ ବା ପ୍ରଫେସର ଡେଭିସ୍ ବୋଲି କହିଲେ ସମ୍ପର୍କଟା ସେତେ ଘନିଷ୍ଠ ଜଣାପଡ଼େ ନାହିଁ ।

ଏତେ ସିଏ ଆପଣାର କରିଥିଲେ, କିଂ କପରି ଆମର ପାଠପଢ଼ାକୁ କ୍ଲାସ୍ ବଲି ଦେଖନ୍ତେ ? ଏ ପୁଣି କ୍ଲାସ ପଢ଼ା ନ ଥିଲା, ଥିଲା ଗୋଟିଏ କର୍ମଶାଳା । ତହିଁରେ ଅଂଶୀଦାରମାନେ ନିଜର ଅଭିଜ୍ଞତା ଅନୁଭୂତ ସମ୍ପର୍କରେ ପ୍ରବନ୍ଧମାନ ପଢ଼ିବେ ଏବଂ ତାହା ଉପରେ ଆଲୋଚନା ହେବ । ସମସ୍ତେ ସମାନ ଆସନର ଅଧିକାରୀ ।

ଦୁଜି ବିଷୟ ହେଉଛି :—ଡିଜାଷ୍ଟର ପ୍ରିପେୟାର୍ଡନେସ୍ ଆଣ୍ଡ ରିକଭରି ମାନେଜମେଣ୍ଟ ଅର୍ଥାତ୍ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟକ୍ରମର ପରିଚାଳନା । ଇଆନଙ୍କ ଭାଷାରେ କୌଣସି ବିପର୍ଯ୍ୟୟ ପ୍ରାକୃତିକ ନୁହେଁ, ଭଗବାନ ବିପର୍ଯ୍ୟୟ କରନ୍ତି ନାହିଁ । ବିପର୍ଯ୍ୟୟ ମଣିଷର ଅବହେଳା ଯୋଗୁଁ ଘଟେ ଓ ଏ ଅବହେଳା ମାର୍ଜନୀୟ ନୁହେଁ । ଏ ପ୍ରକାର ଅବହେଳାକୁ ଧର୍ତ୍ତବ୍ୟ ଅପରାଧ ବୋଲି ଘୋଷଣା କରାଯିବା ଉଚିତ ବୋଲି ସେ ବାରମ୍ବାର କହନ୍ତି । ଦୁର୍ଘଟଣା ଘଟୁଛି ତ, କେତେକ ଲୋକ ଗାଈ, ଯେଣିକି ଦୁର୍ଘଟଣା ଓଟାରେ ତେଣିକି ଯାଇ । ବଡ଼-ଲୋକମାନେ ଭଲ ଭଲ ଜାଗା ବା ନିରାପଦ ଜାଗା ମାଡ଼ିବସିବେ । ଥିଲାବାଲା ଲୋକେ ସୁବିଧା ଜାଗାନ୍ତରୁ ଅକ୍ତିଆରକୁ ନେଇଯିବେ । ଗରିବଗୁରୁବାଙ୍କ ପାଇଁ ସମୁଦ୍ର କୂଳ, ନଈଅଡ଼ା, ପାହାଡ଼ର ଢାଲୁ, ବାଲିଗୋଡ଼ି ଜମି,—ଏଭଳି ଶଙ୍କାକୁଳ ଜାଗାଗୁଡ଼ିକ ରହିଯିବ । କାରଣ ପେଟପୋଷିବା ପାଇଁ ସେମିତି ସବୁ ଜାଗାକୁ ଗଲେ କେହି ସେମାନଙ୍କୁ ରୋକିବେ ନାହିଁ । ବିନା ଖର୍ଚ୍ଚରେ କୁଡ଼ିଆଟିଏ କରି ମୁଣ୍ଡ ଗୁଞ୍ଜି ପାରିଲେ ଦୁଇଓଳି ଖାଇବାର ଯୋଗାଡ଼ କରିନେବେ । ସମୁଦ୍ରକୁ ହୁଲଡ଼ଙ୍ଗାରେ ମାଛମାରି ହେଉ, ପାହାଡ଼ ଉପରେ କିଛି ଧାନ କି ଡାଲି ବୁଣିଦେଇ ହେଉ ବା ନଈ ଅଡ଼ାରେ ଓ ଚରରେ ଜବରଦଖଲ କରି ହେଉ, ମୁଣ୍ଡ ଝାଳ ତୁଣ୍ଡରେ ମାରି ଦି ଗଣ୍ଡା ଖାଇବାର ବନ୍ଦୋବସ୍ତ କରିପାରିବେ । ଏହିମାନେ ସମୁଦ୍ର କୁଆରରେ, ନଈର ବନ୍ୟାରେ, ପାହାଡ଼ର ଅତଡ଼ାଖସାରେ ବା ମରୁଡ଼ି ପରିସ୍ଥିତିରେ ମରିବେ ନାହିଁ ତ ମରିବ କିଏ ? ଏ ସବୁ ଆମର ମଣିଷପଣିଆର ଚିହ୍ନ ହୁଏ, ତେବେ ସେଭଳି ଲୋକଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଇବାକୁ ପଡ଼ିବ । ସେମାନେ ନିଜେ ତ ଏପରି ଜାଗା ବାଛି ନେଇଛନ୍ତି । ସୁଖ ସୁବିଧାରେ ଦି ମୁଠା ଦାନା ଅର୍ଜ୍ଜନ କରିବାର ଯେଉଁ ଅବାଧ ସୁଯୋଗ ମିଳେ ତା' ତୁଳନାରେ ଥରେ କେବେ ବିପର୍ଯ୍ୟୟ ଆସିଗଲେ ମରିଯିବେ ବୋଲି ଯେଉଁ ଭୟ ତାହା କିଛି ନୁହେଁ । ଦିନେ ନା ଦିନେ ତ ମରିବା । ଗରିବଗୁରୁବାଙ୍କ ଏ ପ୍ରକାର ଚିନ୍ତାଧାରା ସେମାନଙ୍କୁ ବିପର୍ଯ୍ୟୟପ୍ରବଣ ସ୍ଥାନମାନଙ୍କୁ ଟାଣିନିଏ । ତୃତୀୟ ବିଶ୍ୱର ଗରିବ ଦେଶମାନଙ୍କରେ ଏ ଘଟଣା ଦେଖି । ତେଣୁ ଇଆନ କହନ୍ତି ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ବିପର୍ଯ୍ୟୟକୁ ସିନା ବନ୍ଦ କରି ପାରିବା ନାହିଁ; ପ୍ରସ୍ତୁତ ହୋଇ ରହିଲେ ବିପଦର ପରିମାଣକୁ ତଥା ତାର ସମ୍ଭାବନାର ମାତ୍ରାକୁ କମାଇ ଦେଇହେବ । ବିପଦ ଆସୁଛି ଓ କେଉଁ ସ୍ଥାନକୁ କେଉଁ ପ୍ରକାର ବିପଦ ଆସୁଛି ଜାଣିଥିଲେ କି ପ୍ରକାର ପ୍ରସ୍ତୁତି କରିବାକୁ ପଡ଼ିବ ତାହା ମଧ୍ୟ କହିହେବ । ଲୋକେ ଜାଗ୍ରତ ରହିଲେ ବିପଦର

ପରିଣାମର ପରିମାଣ ବା ଭୟାବହତା କମିଯିବ । ତେଣୁ ବିପଦହିଁ କମିଯିବ । ଏ ହେଲା ବିପର୍ଯ୍ୟୟ ପ୍ରସ୍ତୁତିର ମୂଳକଥା । ଥରେ ବିପର୍ଯ୍ୟୟ ଘଟିଗଲେ ଉଦ୍ଧାର କାର୍ଯ୍ୟ କରିବାକୁ ହେବ ଏବଂ ଏହା କିପରି କରିବାକୁ ହୁଏ ଭାରତୀୟଙ୍କଠାରୁ ଆଉ ବେଶି କିଏ ଜାଣିଛି ?

ଯେଉଁ ବିପର୍ଯ୍ୟୟର ସେମାନେ ଭୁକ୍ତଭୋଗୀ, ଲୋକେ ସେଥିପାଇଁ ପ୍ରାୟ ପ୍ରସ୍ତୁତ ଥାଆନ୍ତି । କାରଣ ଉଣା ଅଧିକେ ସେହି ପ୍ରକାରର ବିପର୍ଯ୍ୟୟ ସେହି ଅଞ୍ଚଳରେ ପ୍ରାୟ ଆଗରୁ ଘଟିଯାଇଥାଏ । ଆମର ଲକ୍ଷ୍ୟ ବିପର୍ଯ୍ୟୟର ପରିଣାମକୁ ଏକ ଗ୍ରହଣଯୋଗ୍ୟ ସୀମା ଭିତରକୁ ଆଣିବା । ତଦନୁଯାୟୀ କଷ୍ଟର ପରିମାଣ କମାଇବା । ଲୋକେ ଏକ ନିର୍ଦ୍ଦିଷ୍ଟ ପରିମାଣର କଷ୍ଟ ସହିପାରନ୍ତି । ତାଠାରୁ ବଳିଗଲେ ସେମାନେ ସରକାର ବା ବାହାରର ସାହାଯ୍ୟକୁ ଅପେକ୍ଷା କରନ୍ତି । ଅଧ୍ୟାପକ ଡେଭିସ୍ ବଡ଼ ଯତ୍ନର ସହିତ ବୁଝାନ୍ତି ଯେ ଲୋକେ ଥରେ ରିଲିଫ୍ ମନୋବୃତ୍ତି ଧରିଲେ ସବୁବେଳେ ବାହାରର ସାହାଯ୍ୟ ଉପରେ ନିର୍ଭର କରିବେ । ଲୋକଙ୍କର ଲୋକାଲ କୋପିଙ୍ଗ୍ ମେକାନିଜମ ଫେଲ ମାରିବ ଅର୍ଥାତ୍ ସେମାନଙ୍କର ନିଜ ଉପରେ ନିର୍ଭର କରିବାର କ୍ଷମତା ଆସ୍ତେ ଆସ୍ତେ କମିଯିବ । ଲୋକ ଯେତେ ଶୀଘ୍ର ନିଜ ଗୋଡ଼ରେ ଛିଡ଼ା ହୋଇପାରିବେ ତାହାଲାଗି ଯେତେ କମ ସାହାଯ୍ୟ କରିବା ଦରକାର ସେତିକି ସାହାଯ୍ୟ କର—ଏହା ହିଁ ହେଉଛି କର୍ମଶାଳାର ଏବଂ ଇଆନଙ୍କ ସନ୍ଦେଶ । ବିପଦର ମୁକାବିଲା କରିବାପାଇଁ ଲୋକଙ୍କ ଭିତରେ ଯେଉଁ ଦକ୍ଷତା ବା କ୍ଷମତା ଅଛି ତାହା ଯେପରି ଭାଙ୍ଗି ନ ଯାଏ ସେଥିପ୍ରତି ଲକ୍ଷ୍ୟ ରଖିବା ସର୍ବଦା ସର୍ବାଦୌ ଆବଶ୍ୟକ । ତିନି ସପ୍ତାହ ଧରି ଚାଲିଥିବା କର୍ମଶାଳାର ଏହା ହିଁ ହେଉଛି ସଂକ୍ଷିପ୍ତ ସାର ସଂଗ୍ରହ ।

## ଗଳ୍ପଟିଏ :

ଇଆନ୍‌ର ଲୋକାଲ କୋପିଙ୍ଗ ମେକାନିଜମ୍ ବା ମୁକାବିଲା କରିବାର ବ୍ୟକ୍ତିଗତ କ୍ଷମତା କ'ଣ ଫେଲ ମାରିଗଲା ? ନହେଲେ ସେ କାହିଁକି ଅକ୍ସଫୋର୍ଡ଼କୁ ଫେରି ନାହିଁ ? ରାତିକ ପାଇଁ ସେ ଇଆନଙ୍କ ପାଖରୁ ଛୁଟି ନେଇଥିଲା । ଅଧ ବେଳିରେ ଫେଷ୍ଟିବେଲ ସୁଦ୍ଧା ଫେରିଆସିବା କଥା । ଛଅଟା ବାଜିଲାଣି, ଆଉ ଟିକକରେ ସଞ୍ଜ ହେବ । ମିଳାମିଶା, ସଂଳାପ ସାଢ଼େ ସାତରେ ସରିଯିବ । ତାପରେ ଡିନର୍ ଆରମ୍ଭ ହେବ !

ଅଧ୍ୟାପକ ଡେଭିସ୍ ଆମ ଭିତରେ ବୁଲୁଥିବା ଫୁସ୍‌ଫାସ୍ ଲକ୍ଷ୍ୟ କରିଥିଲେ । ଆମେ ସବୁ କଣ କଥା ହେଉଥିଲୁ ବୋଲି ସେ ଗୁଡ଼ାଇ ଗୁଡ଼ାଇ ବହୁତ ପ୍ରଶ୍ନ କଲେ । ସେ ଜାଣନ୍ତୁ, ଉଦ୍ଧାର କାର୍ଯ୍ୟକ୍ରମରେ ସବୁଠାରୁ ବେଶି କାମଦିଏ ସ୍ଥାନୀୟ ଲୋକମାନେ ବିପର୍ଯ୍ୟୟ ସମ୍ବନ୍ଧରେ କଣ ଜାଣିଛନ୍ତି ତାହାର ପର୍ଯ୍ୟାଲୋଚନା । ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ହେବାରେ ବା ମୁକାବିଲା କରିବାରେ ଏହି ତଥ୍ୟସବୁ କାମରେ ଆସେ । ବେଶି କାମଦିଏ ଯଦି ବିପଦଟା ମନୁଷ୍ୟକୃତ । ଇଆନଙ୍କୁ ହୃଦବୋଧ ହେଲାଣି ଯେ ଆନ୍ ଘଟଣାରେ ବିପଦଟା ମନୁଷ୍ୟକୃତ ନିଶ୍ଚୟ ଏବଂ ଆମେ ସମସ୍ତେ ବିପଦର ସ୍ୱରୂପ ଜାଣିଛୁ ।

"ମୁଁ ତାକୁ ସୋହୋ ଅଞ୍ଚଳଆଡ଼େ ଯାଉଥିବାର ଦେଖିଛୁ ।" ଆମ ଭିତରୁ ଜଣେ କିଏ କହିଲେ ।

"ସୋହୋ" ! ଶବ୍ଦଟା ଯେମିତି ସମସ୍ତଙ୍କ କାନ ଭିତରେ ଫୋଡ଼ି ହୋଇଗଲା । ମଣିଷ ଭିତରେ ପଶୁ ବୋଲି ଯାହା କିଛି ଅଛି ଏ ତାହାର ପ୍ରତୀକ । ଖାଲି ଲଣ୍ଡନର ଲାଲବତୀ ଅଞ୍ଚଳ ବୋଲି କହିଦେଲେ ଯଥେଷ୍ଟ ହୁଏ ନାହିଁ । ନା, ଆହୁରି କିଛି ବେଶି । ପାପ ଆଉ ଅପରାଧର ଗୋଟିଏ ଆଡ୍ଡା ।

ଶୁଭିଲା, ଆଉ ଜଣେ କିଏ କହୁଛି, "ଭଗବାନ ନ କରନ୍ତୁ ଆନନ୍ଦ ସେମାନଙ୍କ ଖପ୍‌ପରେ ପଡ଼ି ନ ଥାଉ ।"

"କିନ୍ତୁ ସେଠି ତ ପୋଲିସ ଅଛନ୍ତି । ଆଉ ଆପଣମାନେ ଜାଣିଛନ୍ତି ଲଣ୍ଡନ ପୋଲିସ ଖୁବ ସାହାଯ୍ୟ କରନ୍ତି । —ନେପାଳରୁ ଆସିଥିବା ପ୍ରାର୍ଥୀ ଜଣକ କହିଲା ।

"ଆରେ, ସେମାନେ କଣ କରିବେ ? ଯଦି ଆନ୍ ଆଇନର ଖିଲାପ କରିଥିବ ?" ଜାମାଇକାରୁ ଆସିଥିବା ଅଫିସର ଜଣକ ପ୍ରତିବାଦ କଲେ ।

ଆନ୍‌ର ଜିଗର୍ ଦୋସ୍ତ ହେଉଛି ପିଲ୍ଲାଇ । ଆନ୍‌ର ଚରିତ୍ର ବିଶ୍ଳେଷଣ କରିବାରେ ତାଠାରୁ ବଳି ବେଶି ଜାଣିଥିବା ଲୋକ ଆଉ କେହି ନାହିଁ । ଗତ କାଲିର ଶେଷ କେତୋଟି ମୁହୂର୍ତ୍ତ ସେ ଆନନ୍ଦ ସହିତ କଟାଇଥିଲା । ତେବେ-ବେଳେ କଣ ଘଟିଲା ସେ ବିଷୟରେ ଡରି ଡରି କରି କେତୋଟି ବାକ୍ୟ ସେ କହିଗଲା ।

ଆନ୍ ନିଜ ପର୍ସଟା ତାକୁ ଦେଲା ରଖିବାକୁ । ପଇସା ଥଳିରୁ କିଛି କାଢ଼ିନେଲା, ବୋଧହୁଏ କୋଡ଼ିଏ ପାଉଣ୍ଡ । ତାଠାରୁ ବିଦାୟ ନେଇ ସୋ-ରୁମ୍‌କୁ ପଶିଲା । କବାଟ ମେଲାଇଲା କ୍ଷଣି ଦରଓ୍ବାନକୁ ଦୁଇପାଉଣ୍ଡ ଦେଇଥିବାର ମୁଁ ଦେଖିଛି । —ପିଲାଇ କହିଲା ।

ଆମ ଭିତରେ ସବୁଠାରୁ କମ୍ ବୟସର କର୍ମଚାରୀ ଥିଲା କେନ୍ । ଅଧ୍ୟାପକ ତେଭିଅ ତାକୁ କେନ୍ ବୋଲି ଡାକନ୍ତି । ତାର ପୁରା ନାଁ କହିବା ଦରକାର ନାହିଁ । ଏତିକି କହିଲେ ଯଥେଷ୍ଟ ଯେ ସେ ପ୍ରଶାନ୍ତ ମହାସାଗରସ୍ଥ ଟୋଙ୍ଗା ଦେଶର ଲୋକ । ସେ କହିଲା, "ଅଧ୍ୟାପକ ମହାଶୟ ! ଅନ୍ଦରମହଲ କଥା ଯଦି ସେ ଜାଣି ନ ଥିବ ତେବେ ସେ ଫସିଗଲା ଜାଣ । ତାକୁ ଗୋଟିଏ ଗୁରୁତର ଆଘାତ ଲାଗିଥିବ ନିଶ୍ଚୟ ।" କେନ୍ ବୁଝାଇ କହିଲା, "ପ୍ରଥମେ ଆନ୍ ଗୋଟିଏ ପେଗ୍ ଡ୍ରିଙ୍କ କିଣିବାକୁ ବାଧ୍ୟ ହୋଇଥିବ । ମଦ୍ୟ କ୍ରୟ ନ କଲେ ଆଗେଇବାକୁ ଦିଆଯାଏ ନାହିଁ । ଏହା ହେଉଛି ସେମାନଙ୍କ ରୋଜଗାରର ଫନ୍ଦି । ଭିତରକୁ ଯିବାର ଇଚ୍ଛା ନେଇ ଯିଏ ଯାଉଛି, ସିଏ ପାଞ୍ଚଦଶ ପାଉଣ୍ଡ ଖର୍ଚ୍ଚ କରି କିଣିବ ନିଶ୍ଚୟ । ନଚେତ୍ ସେକ୍ସ କରିଡର୍‌କୁ ଯାଇପାରିବ ନାହିଁ । ଦରଜା ପାରହେବା ପରେ ଲମ୍ବା ଅଳିନ୍ଦ; ଦୁଇ କଡ଼ରେ ପାନୀୟ କାଉଣ୍ଟର; ତାକୁ ପାରହେଲେ ତ !"

ତା'ପରେ କଣ ହୁଏ ? ଆମ ଭିତରେ ଜଣେ ଭାରତୀୟ କର୍ମିଷାଣୀ ଅଛନ୍ତି । କୌଣସିଥିରେ ଭାଗ ନ ନେଲେ ମଧ୍ୟ ସବୁ ବିଷୟରେ ଜାଣିବାକୁ ଚାହାନ୍ତି । ସେ ପଚାରିଦେଲେ । ମନେ ହେଉଥିଲା କେନ୍ ଯେପରି ଏ ସବୁ ବିଷୟରେ ପ୍ରତ୍ୟକ୍ଷଭୋଗୀ !

କେନ୍ କହି ଚାଲିଲା । ସେଠି ଜଣେ ପିମ୍ପ୍ ଦେଖାଦେବ । ଦେହ ବିକୁଥିବା ଝିଅମାନଙ୍କୁ ଗରାଖ ଯୋଗାଇବା ପାଇଁ ଯେଉଁମାନେ ମଧ୍ୟସ୍ଥ ବା ଏଜେଣ୍ଟ ଭାବରେ କାମ ଚଳାଇ ଥାଆନ୍ତି ସେମାନଙ୍କୁ ପିମ୍ପ୍ କୁହାଯାଏ । ସେ ଆନ୍‌କୁ ପଚାରିଥିବ କେଉଁ ପ୍ରକାରର ଝିଅ (ଗାର୍ଲ) ଦରକାର । ଚାଳିଶ ବର୍ଷ ପାର ହୋଇଗଲେ ବି ସେମାନେ ଝିଅ । ଏ ବ୍ୟବସାୟରେ ଥିବା ଲୋକେ ଜାଣନ୍ତି, ଦେହ ନୁହେଁ—ପ୍ରସାଧନ ହିଁ ପୁରୁଷକୁ ଆକୃଷ୍ଟ କରିଥାଏ । ଗରାଖମାନେ ପାଉଡ଼ରରେ ଭୁଲିଯାଆନ୍ତି ବୋଲି ସୋ ରୁମ୍‌ର ଲୋକେ ବେଶ୍ ଜାଣନ୍ତି । ଆମେ ବି ତ କହୁଁ, ସୌନ୍ଦର୍ଯ୍ୟର ଗଭୀରତା ଚମ ଭଳି ପତଳା । ମେକ୍-ଅପ ହିଁ ସବୁ । ଝିଅଟିର

ବୟସ ଉପରେ ନିର୍ଭର କରେ ଏହି ଫିମ୍‌ଟି ଶତକଡ଼ା ଦଶରୁ ପଚିଶ ଯାଏ କମିଶନ ନିଏ । ଯଦି ଆନ୍ ସଫଟିଏ ଚାହେଁ—ମନେ ରକ୍ଷିଆର୍ତ୍ତୁ କେବଳ ଯୋଦ୍ଧୋର ଲୋକେ ହିଁ ସନ୍ତାନ୍ଦର ଗାରେଣ୍ଟି ଦେବେ, ବାହାରର କେହି ଦେଇପାରିବେ ନାହିଁ । ପଇସା ଖୁବ୍ ବେଶି ପଡ଼ିବ ଏବଂ ଫିମ୍‌ର କମିଶନ ମଧ୍ୟ ବେଶି ହେବ ।

ଆଚ୍ଛା, ଝିଅମାନଙ୍କର ଫି କେତେ ? ନସ୍ମିଶାର୍ଣ୍ଣ ସାଙ୍ଗଟି ପଚାରିଲେ ।

କେନ୍ କହି ଚାଲିଥାଏ ସତେ ଯେପରି ସେ ଆନ୍ ସାଙ୍ଗରେ ସେହି ଅନ୍ଧାର ମହଲ ଭିତରକୁ ଯାଉଛି ।

ଝିଅର ଅବସ୍ଥା ଓ ବୟସ ଉପରେ ନିର୍ଭର କରେ ଫି କମ ବେଶି ହୋଇ-ଥାଏ । ପୁଣି ପୁରା ରାତି ପାଇଁ ବେଶି, ଘଣ୍ଟାଏ ଦି ଘଣ୍ଟା ପାଇଁ କମ । ସାରା ରାତି ପାଇଁ କୋଡ଼ିଏରୁ ଶହେ ପାଉଣ୍ଡ ଯାଏ ପଡ଼େ । କେବଳ ଝିଅଟିର ଫି ନୁହେଁ, ଦୁଇଜଣଙ୍କ ଖାଇବା ଖର୍ଚ୍ଚ ମଧ୍ୟ ପଡ଼ିବ । ସାଙ୍ଗସୁଖ ପାଇଁ ଖିଆପିଆ ଦରକାର ତ !

ଦୁଇଜଣଙ୍କ ପାଇଁ କାହିଁକି ? ଆମ ଭିତରୁ କିଏ ଜଣେ ଅନାଡ଼ିଟିଏ ପଚାରିଦେଲା ।

ତୁମେ ଆଉ ସେ ଝିଅ । କେନ୍ ଉତ୍ତର ଦେଲା ।

ଖାଇବା ସାଙ୍ଗରେ ପିଇବା କାହିଁକି ? ଆଉ ଜଣେ ଭାରତୀୟର ପ୍ରଶ୍ନ । ଭାରତୀୟଙ୍କ ଛଡ଼ା ଏତେ ଅନାଡ଼ି କିଏ ହେବ ? କେନ୍ ଚିଡ଼ିଗଲା । କହିଲା—ତୁମ ପୂର୍ବପୁରୁଷମାନେ ପରା କାମଶାସ୍ତ୍ର ଲେଖିଛନ୍ତି ! ତୁମେ ସେମାନଙ୍କ ଉପଯୁକ୍ତ ଦାୟାଦ ହୋଇ ଏ ପ୍ରଶ୍ନ ପଚାରୁଛ ? ଏସବୁ ବ୍ୟାପାରରେ ଏମିତି ହୁଏ । ସବୁ କଥାରେ କିଛି ନା କିଛି ନିୟମ କାନୁନ ରହିଛି । ସିଧାସଳଖ ତ ଗୋଲପୋଷ୍ଟ ଭିତରକୁ ବଲ୍‌ଟା ନେଇଯାଇ ପାରିବ ନାହିଁ ? ଧୀରେ ଧୀରେ ଖେଳ ଆବହାୱାକୁ ସରଗରମ କରିବାକୁ ପଡ଼ିବ । କ୍ଲାଇମାକ୍ସ ନ ପହଞ୍ଚିଲା ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଚେଷ୍ଟାକଲେ ନିଜେ ଅସନ୍ତୁଷ୍ଟ ହେବ । ଅନ୍ୟ ପକ୍ଷର ଉଦ୍ଦେଶ୍ୟ ତୁମକୁ ଡେରି କରେଇବା । ବେଶି ସମୟ ରହିଲେ ବେଶି ଫି କି ନା ?

ଆଲୋଚନା ବେଶ୍ ଅଶ୍ଳୀଳ ହୋଇଉଠିଲା । ଅଧ୍ୟାପକ ଡେଭିସ୍ ଅଧୈର୍ଯ୍ୟ

ହୋଇ ପଡ଼ିଥିଲେ ଭଳି ଜଣାଗଲେ । କିନ୍ତୁ ବିପର୍ଯ୍ୟୟର ସ୍ୱରୂପ ସେ ଅନୁମାନ କରିନେଲେ । ବର୍ତ୍ତମାନ ଜାଣିବା ଦରକାର ସେ କି ଅବସ୍ଥାରେ ଅଛି । ସେ ପିଲାଙ୍କୁ ଗୋଟିଏ କୋଣକୁ ଡାକିନେଲେ । ଆନ୍ ତାକୁ କେଉଁ ଜାଗାରୁ ବିଦାୟ ଦେଲା ତାର ଠିକଣା ସଂଗ୍ରହ କଲେ ।

ପର ମୁହୂର୍ତ୍ତରେ ଆମେ ଦେଖିଲୁ ଅଧ୍ୟାପକ ଡେଭିସ୍ ବଡ଼ ବ୍ୟସ୍ତ ହୋଇ କାହାକୁ ଫୋନ୍ କରୁଛନ୍ତି । ଯେଉଁ କେତେଗୁଡ଼ିଏ ଶବ୍ଦ ଆମକୁ ଶୁଣାଗଲା ସେଗୁଡ଼ିକ ଭିତରେ ଥିଲା—'ଜର୍ଜ', 'ପିକାଡ଼ିଲି', 'ଆନ୍', 'ଆନନ୍ଦ ଚନ୍ଦ୍ର ମୁଖାର୍ଜି', 'ପୋଲିସ' ଆଉ ଶେଷରେ "ତୁମେ ପୋଲିସ ସହ ଠିକେ ସଂଯୋଗ ରଖି ଖବରଟା ନିଅ ।"

ଫୋନ ପାଖରୁ ଫେରି ଅଧ୍ୟାପକ ଡେଭିସ୍ କହିଲେ, ସେ ପୋଲିସକୁ କାମରେ ଲଗାଇ ଦେଇଛନ୍ତି । ଘଣ୍ଟେ ଦି' ଘଣ୍ଟା ଭିତରେ କିଛି ନା କିଛି ଖବର ମିଳିଯିବ ।

ସତକୁ ସତ ଘଣ୍ଟାଏ ନ ପୂରୁଣୁ ଖବର ଆସିଗଲା । ଅଧ୍ୟାପକ ଡେଭିସ୍ଙ୍କ ଭାଷାରେ ତାଙ୍କ ବନ୍ଧୁ ଜର୍ଜ ପୋଲିସ ସାହାଯ୍ୟରେ ଆନ୍କୁ ସୋ-ହାଉସ୍ରୁ ଉଦ୍ଧାର କରିଛନ୍ତି । ଆନ୍ ସବୁ ହରାଇଛି; ତା ଘଡ଼ି, କଲମ, ଜାକେଟ, ରେନ୍ କୋଟ ଆଉ ବେକରେ ଥିବା ଚେନ୍ । ଜର୍ଜ ଆନ୍ ପାଇଁ ବ୍ୟକ୍ତିଗତ ଜାମିନ ନେଇଛନ୍ତି ଏବଂ ତାର ଭବିଷ୍ୟତରେ ଉତ୍ତମ ବ୍ୟବହାର ପାଇଁ ଗ୍ୟାରେଣ୍ଟି ଦେଇଛନ୍ତି । ସେ ଆନ୍କୁ ସିଟି ଲିଙ୍କ ୧୯୦ କୋଚ୍ରେ ବସାଇ ଦେଇଛନ୍ତି । ଆନ୍ ସାଢ଼େ ଅଠଟା ସୁଦ୍ଧା ଏଠାରେ ପହଞ୍ଚିଯିବ ।

ଅଧ୍ୟାପକ ଡେଭିସ୍ ସେଦିନକରେ ବନ୍ଦ କଲେ ନାହିଁ । କହିଲେ, ମୁଁ ଛକେ ବସଷ୍ଟପ୍କୁ ଯାଉଛି । ତୁମେମାନେ ସବୁ ତ ଜାଣ, ବର୍ତ୍ତମାନ ଆନ୍ର ମସ୍ତିଷ୍କକୁ ହାଲୁକା କରିବାକୁ ପଡ଼ିବ । ଅର୍ଥାତ୍ ଡିବ୍ରିଫିଙ୍ଗ ଦରକାର । ଆନ୍ ନିଶ୍ଚୟ ଗୋଟିଏ ମନ୍ତ୍ରବଦ୍ଧ ଅଶଙ୍କାରେ ପୀଡ଼ିତ ଥିବ । ତା ମୁଣ୍ଡ ହାଲୁକା ନ ହେଲେ ସେ ବୋଧ-ହୁଏ ଏଲିଜାବେଥ ହାଉସକୁ ନ ଆସିପାରେ । ଆଉ କୁଆଡ଼େ ଚାଲିଯାଇପାରେ । କିମ୍ବା କିଛି ଗୋଟିଏ ଅଘଟଣ କରିଦେଇପାରେ ।

ଆମେମାନେ ଖୁବ୍ ଦୁଃଖିତ ଇଆନ୍ । ଆମେ ସମସ୍ତେ ଏକା ସ୍ୱରରେ କହି ପକାଇଲୁ । ଏତେ ପାଠପଢ଼ା, ଏତେ ପେପର୍ ଲେଖା, ପୁଣି ଏତେ ତାଲିମ ସତ୍ତ୍ୱେ

ମଣିଷକୁ ବିପର୍ଯ୍ୟସ୍ତ ପରିସ୍ଥିତି ଯେପରି ଟାଣିନିଏ, ତାକୁ ଆଉ ଏଡ଼ାଇ ଦେଇ ପାରିଲା ନାହିଁ ! ସେ ପୁଣି ନିଜେ ଯେଉଁ ବିପର୍ଯ୍ୟୟ ସୃଷ୍ଟି କରୁଛି; ଅଥଚ ତାର ମୁକାବିଲା କରିବାର ପ୍ରସ୍ତୁତି କରିପାରିଲା ନାହିଁ !

ଆମ ଭିତରେ ଫୁସ୍‌ଫାସ ହେଲୁ, ତାହେଲେ କଣ ସାରା କର୍ମଶାଳା ପାଣିରେ ପଡ଼ିଗଲା ? ସରକାର ବଳଭ ପଠାଇଲେ ପୁନର୍ମୂଷିକୋଭବ ଗଳ୍ପକୁ ଦୋହରାଇବା ପାଇଁ ?

# ଲଣ୍ଡନ ଦର୍ଶନ ଓ ପରଦର୍ଶନ

## ପାଛୋଟି ନେବାକୁ କେହି ନାହିଁ :

ଆମର କର୍ମଶାଳା ଏପ୍ରିଲ ୩୦ରେ ଆରମ୍ଭ ହେବାର ଥିଲା । ଆମେମାନେ ୨୫ ତାରିଖ ଦିନ ୩ଟା ୧୫ରେ ଲଣ୍ଡନର ହିଥ୍ରୋ ଏଅରପୋର୍ଟରେ ପହଞ୍ଚିଗଲୁ । ସେଠାରୁ ନିଜ ବୁଦ୍ଧି ଖଟାଇ ବସ୍‌ରେ ୧୦ ନମ୍ବର ସ୍ପ୍ରିଙ୍ଗ ଗାର୍ଡ଼ନ୍‌ସକୁ ଗଲୁ । ଏହା ଭିକ୍ଟୋରିଆ ରେଲଷ୍ଟେସନ ନିକଟରେ ବୋଲି ଆମକୁ କୁହାଯାଇଥାଏ । ବ୍ରିଟିଶ କାଉନ୍‌ସିଲର ନିର୍ଦ୍ଦେଶ ଅନୁଯାୟୀ ଆମେ ଠିକ୍ ଯାଗାରେ ପହଞ୍ଚିଗଲୁ । ଭିକ୍ଟୋରିଆ ଷ୍ଟେସନ ନିକଟରେ ଗୋଟିଏ ଶ୍ରେଷ୍ଠ ପ୍ରକୋଷ୍ଠରେ ବ୍ରିଟିଶ କାଉନ୍‌ସିଲ ତରଫରୁ ଗୋଟିଏ ଅଫିସ୍ ଖୋଲା ଯାଇଥାଏ । ସେଠାରେ ଆମ ପ୍ରତ୍ୟେକଙ୍କୁ ୧୩୦ ପାଉଣ୍ଡ ମିଳିଲା । ଏହାହିଁ ବ୍ରିଟେନରେ ଆମର ପ୍ରଥମ ପାଞ୍ଚଦିନ ରହଣିର ଖର୍ଚ୍ଚ । ହୋଟେଲ, ଟାକ୍ସି ଓ ଅନ୍ୟାନ୍ୟ ଖର୍ଚ୍ଚ ଏଥିରୁ ମେଣ୍ଟାଇବାକୁ ପଡ଼ିବ । ଆମେ ୫ ଜଣ ଭାରତୀୟଙ୍କ ପାଇଁ ଭିକ୍ଟୋରିଆ ଷ୍ଟେସନ ନିକଟ ଗ୍ରସଭେନର ହୋଟେଲ ଠିକ୍ କରାଯାଇଥିଲା; ତହିଁରେ ଅସୁବିଧା ଉପୁଜିବାରୁ ଆମକୁ ବ୍ଲୁମ୍‌ସ୍‌ବରି ନିକଟରେ ଥିବା କୋର୍ଟ ନାମକ ହୋଟେଲରେ ରଖାଗଲା । ଦଳ ଦଳ କରି ଲୋକଙ୍କୁ ରଖିଲେ ବ୍ରିଟିଶ ସରକାର ରିହାତି ହାରରେ ହୋଟେଲ ପାଆନ୍ତି । ଅବଶ୍ୟ ପାଉଣା ଆମକୁ ଦେବାକୁ ପଡ଼େ । କୋର୍ଟ ହୋଟେଲରେ ଆମେ ରବିବାର ଏପ୍ରିଲ ୨୯ ତାରିଖ ଅପରାହ୍ଣ ପର୍ଯ୍ୟନ୍ତ ଥିଲୁ । ପାଡ଼ିଙ୍ଗ୍‌ଟନ ଷ୍ଟେସନରୁ ରବିବାର ଦିନ ୧୪୪୮ (ଘଣ୍ଟା ୪୮) ଟ୍ରେନ୍ ଧରି ଅକ୍ସଫୋର୍ଡ଼କୁ ଯିବାପାଇଁ ଆମକୁ ଗୋଟିଏ ଟିକେଟ ଧରାଇ ଦିଆଯାଇଥିଲା । ଆମେ ଅକ୍ସଫୋର୍ଡ଼ ଷ୍ଟେସନରେ ଅପରାହ୍ଣ ୫ଟା ୮ ମିନିଟ୍‌ରେ ପହଞ୍ଚିବା କଥା । ସେଠୁ ଟ୍ୟାକ୍ସି କରି ୨୧ ନମ୍ବର ସେଣ୍ଟଗାଇଲ୍‌ସ୍‌ସ୍ଥିତ କୁଇନ୍ ଏଲିଜାବେଥ ହାଉସ୍‌କୁ ଯିବୁ । ୧୦ ନମ୍ବର ସ୍ପ୍ରିଙ୍ଗ୍ ଗାର୍ଡ଼ନ୍‌ସରେ ବ୍ରିଟିଶ କାଉନ୍‌ସିଲର ଯେଉଁମାନେ ଆମକୁ କାଗଜପତ୍ର ଧରାଇ-ଦେଲେ ସେମାନେ ଅକ୍ସଫୋର୍ଡ଼ ପଲିଟେକ୍‌ନିକ୍‌ର ସ୍ୱାଗତ ଚିଠି ଗୋଟିଏ ଧରାଇ ଦେଇଥିଲେ । ସେ ଚିଠିରେ ସ୍ପଷ୍ଟଭାବରେ ଲେଖା ହୋଇଥିଲା ଯେ, କୁଇନ୍ ଏଲିଜାବେଥ ହାଉସ୍‌ରେ ଅପରାହ୍ଣ ୫ଟା ପୂର୍ବରୁ ପହଞ୍ଚିବା ଉଚିତ୍ ନୁହେଁ । କାରଣ

ସେଠାରେ ପାଶ୍ଲୋଟି ନେବାକୁ କେହି ନ ଥିବେ । ତା' ପରଦିନ ସୋମବାର କର୍ମଶାଳା ଆରମ୍ଭ ହେବା କଥା । ତେଣୁ କର୍ମଶାଳାର ଲିଡ଼ର ମିଃ ଇଆନ୍ ଡାଭିସ୍ ରବିବାର ଏପ୍ରିଲ ୨୯ ତାରିଖ ଅପରାହ୍ଣ ସାଢ଼େ ୫ଟାରୁ ୭ଟା ଭିତରେ କୁଇନ୍ ଏଲିଜାବେଥ ହାଉସ୍‌ରେ ଏକ ପାର୍ଟିରେ ମଦ୍ୟପାନ ଓ ଲଘୁ ଭୋଜନର ବ୍ୟବସ୍ଥା କରିଥା'ନ୍ତି, ଏହି ବ୍ୟବସ୍ଥା କରିଥାରେ ସେ ଆମମାନଙ୍କ ସହିତ ଚିହ୍ନାପରିଚୟ ହେବେ ।

## ଲଣ୍ଡନ ପରିକ୍ରମା :

ବିଲାତ ସହିତ ପରିଚିତ ହେବାପାଇଁ ଲଣ୍ଡନରେ ଆମେ ଯେଉଁ ୫ ଦିନ ରହିଥିଲୁ; ସେହି ସମସ୍ତ ମଧ୍ୟରେ ଲଣ୍ଡନରେ ଯାହାକିଛି ଦେଖିବାର କଥା ସେସବୁ ଦେଖି ହେଲନାହିଁ । ଅକ୍ସଫୋର୍ଡ଼ରେ ଥିବା କାଳରେ ମଝିରେ ମଝିରେ ଲଣ୍ଡନ ଆସି ବୁଲି ଯାଉଥିଲୁ । ଲଣ୍ଡନର ପର୍ଯ୍ୟଟନ କାର୍ଯ୍ୟାଳୟ ତରଫରୁ ଲଣ୍ଡନ ପରିକ୍ରମା ନାମରେ ଗୋଟିଏ ବସ୍ ସର୍ଭିସ ଚାଲୁଥାଏ । ଅଢ଼େଇ ପାଉଣ୍ଡ ଦେଇ ଏଥିରେ ଚଢ଼ିଲେ ପ୍ରାୟ ୩୨ କିଲୋମିଟର ରାସ୍ତା ଘୂରି ଲଣ୍ଡନ ମୁଖ୍ୟ ରାସ୍ତାଗୁଡ଼ିକୁ ଓ କେତେଗୁଡ଼ିଏ ଦର୍ଶନୀୟ ସ୍ଥାନକୁ ବସ୍‌ରୁ ଦେଖିପାରିବ । ଗୋଟିଏ ଗୋଟିଏ ବସ୍‌ରେ ଗାଇଡ୍ ମଧ୍ୟ ଥାଏ । ଏହି ଟୁର୍ ପିକାଡେଲି ସର୍କସ, ଭିକ୍ଟୋରିଆର ଗ୍ରସ୍‌ଭେନର ଗାର୍ଡ଼େନ୍‌ସ କିମ୍ବା ମାର୍ବଲ ଆର୍କସ୍ ଠାରୁ ଆରମ୍ଭ ହୋଇଥାଏ । ଦର୍ଶନୀୟ ସ୍ଥାନ ମଧ୍ୟରେ ମାର୍ବଲ ଆର୍କ, ଆଲବର୍ଟ ହଲ, ପାର୍ଲାମେଣ୍ଟର ଉଭୟ ଗୃହ, ସେଣ୍ଟପାଲ, ଟାୱାର ଅଫ ଲଣ୍ଡନ୍, ଓ୍ୱେଷ୍ଟ ମିନଷ୍ଟର ଆବେ, ଟ୍ରାଫଲଗର୍‌ସ ସ୍କୋୟାର ଆଦି ଦେଖିବାକୁ ମିଳେ । କିନ୍ତୁ ଏଗୁଡ଼ିକ ଉଡ଼ନ୍ତା ଚଢ଼େଇର ଦୃଷ୍ଟିଭଳି । ଭଲରେ ଦେଖିବା ପାଇଁ ପାଦରେ ଚାଲିବା ଓ ମନଇଚ୍ଛା ଅଟକିବା ଦରକାର ।

## ଲଣ୍ଡନ :

ଇଂଲଣ୍ଡର ଏକ ପଞ୍ଚମାଂଶ ଲୋକ ଲଣ୍ଡନରେ ବସବାସ କରନ୍ତି । ଲଣ୍ଡନ ଭିତରକୁ କାମ କରିବା ପାଇଁ ବାହାରୁ ବହୁତ ଲୋକ ଦୈନିକ ଯିବାଆସିବା କରନ୍ତି । ପୋର୍ଟ ଅଫ ଲଣ୍ଡନ ଅଥରିଟି ଲଣ୍ଡନର ଟେଡ଼ିଙ୍ଗ୍‌ଟନ ଠାରୁ ଟେମ୍‌ସ ନଦୀର ତଳ ଅଂଶ ନିୟନ୍ତ୍ରଣ କରନ୍ତି । ୧୮୯୪ରେ ଏହିଠାରୁ ଟାୱାର ବ୍ରିଜ୍ ବା ମିନାରପୋଲ ତିଆରି ହୋଇଥିଲା । ଏହା ପୂର୍ବରୁ ୧୮୩୧ରେ ଟେମ୍‌ସ ନଦୀ ଉପରେ ଲଣ୍ଡନ ପୋଲ ତିଆରି ହୋଇଥିଲା । ୧୬୬୬ରେ ଗୋଟିଏ ପ୍ରକାଣ୍ଡ ଅଗ୍ନିକାଣ୍ଡ ଲଣ୍ଡନ ସହରକୁ ଧ୍ୱଂସ କରି ଦେଇଥିଲା । ନୂଆକରି ଲଣ୍ଡନ ସହର

ଗଢିବାରେ ଯେ ଯୋଜନା ଦେଇଥିଲେ ତାଙ୍କ ନାମ (ସାର୍) ଖ୍ରୀଷ୍ଟୋଫର ରେନ୍ (Wren) । ଲଣ୍ଡନପୋଲ ନିକଟରେ ୧୬୬୬ର ଅଗ୍ନିକାଣ୍ଡକୁ ମନେ ପକାଇବା ପାଇଁ ଗୋଟିଏ ସ୍ମୃତିସ୍ତମ୍ଭ ତିଆରି କରିଇଛନ୍ତି । ଏହି ମନୁମେଣ୍ଟଟି ୨୦୨ ଫୁଟ ଉଚ୍ଚର ଗୋଟିଏ ସ୍ତମ୍ଭ ଉପରେ ୪୨ ଫୁଟ ଉଚ୍ଚର ଗୋଟିଏ ଦୁନେଲି ପେଣ୍ଡୁ ରୂପରେ ଗଢ଼ାଯାଇଛି ।

ଐତିହାସିକମାନେ କହନ୍ତି ୧୪୧୫ରେ ପ୍ରଥମେ ଲଣ୍ଠନ ଦ୍ୱାରା, ୧୮୦୭ରେ ଗ୍ୟାସ ଦ୍ୱାରା ଲଣ୍ଡନ ସହର ଆଲୋକିତ ହୋଇଥିଲା । ୧୬୩୩ରେ ଏହି ସହରର ରାସ୍ତାଗୁଡ଼ିକ ପକ୍କା କରାଯାଇଥିଲା । ୧୮୨୯ରେ ପ୍ରଥମେ ବସ୍ ଚଳାଚଳ କଲା । ୧୮୬୩ରେ ପ୍ରଥମ ଭୂତଳ ରେଲ୍ ଲାଇନ୍ ଖୋଲାଗଲା ଏବଂ ୧୮୯୦ରେ ଟ୍ୟୁବ୍ ଟ୍ରେନ୍ ଚାଲିଲା ।

## ମୁଁ କିଛି ସମୟ ପାଇଁ ମୂର୍ତ୍ତି ପାଲଟିଲି :

ଲଣ୍ଡନରେ ରହି ମାଡ଼ାମ ଟୁସାଙ୍କ ଯାଦୁଘର ନ ଦେଖିଲେ ଅବଶୋଷ ରହିଯାଏ । ଲଣ୍ଡନର ମାର୍ଲେବୋନରେ ମାଡ଼ାମ ଟୁସାଙ୍କ ଯାଦୁଘର । ଦେଖିବା ପାଇଁ ମୋର ହୋଟେଲରେ ଥିବା ସମସ୍ତ ଭାରତୀୟ, କେତେକ ବାଙ୍ଗଲାଦେଶୀ ଓ ନେପାଳୀ ମଧ୍ୟ ଯାଇଥିଲେ । ଆମ ଓଡ଼ିଶାର ଜନୈକା ମହିଳା ଡାକ୍ତର ଶ୍ରୀମତୀ ମହାନ୍ତି ମଧ୍ୟ ଯାଇଥିଲେ । ଆମେ ସମସ୍ତେ ମିଶି ଦଳ ହିସାବରେ ଟିକଟ କିଣିବାରୁ ଟିକଟ ଦାମ ଉପରେ ଶତକଡ଼ା ୧୦ ଛାଡ଼ ମିଳିଥିଲା । ୨୦ ଜଣରୁ ବେଶି ହେଲେ ଏହି ଛାଡ଼ ମିଳେ । ତା'ଛଡ଼ା ସାଙ୍ଗରେ ଯାଇଥିବା ଜଣେ ଲୋକକୁ ମାଗଣା ଟିକଟ ମିଳେ । ଆମ ଭିତରୁ ଜଣକୁ ଆମର ଗାଇଡ଼ ବୋଲି କହି ମାଗଣା ଟିକଟଟିଏ କରାଇଥିଲୁ । ମାଡ଼ାମ ଟୁସାଙ୍କ ଯାଦୁଘରେ ପୃଥିବୀର ସବୁ ବିଖ୍ୟାତ ଓ କୁଖ୍ୟାତ ବ୍ୟକ୍ତିଙ୍କର ମହମ ତିଆରି ମୂର୍ତ୍ତି ରଖାଯାଇଛି । ୟୁଗାଣ୍ଡାର ଇଦି ଅମୀନ ଓ ଲିବିଆର ଗଦାଫିଙ୍କ ମୂର୍ତ୍ତି ମଧ୍ୟ ରହିଛି । ଆମ ଦେଶର ମହାତ୍ମାଗାନ୍ଧୀ, ଜବାହାରଲାଲ ନେହେରୁ ଓ ଶ୍ରୀମତୀ ଗାନ୍ଧୀଙ୍କ ମହମ ମୂର୍ତ୍ତି ଆମେ ଦେଖିଲୁ । ସେତେବେଳେ ଶ୍ରୀ ରାଜୀବ ଗାନ୍ଧୀଙ୍କ ନାମ ଶୁଣାଯାଇ ନ ଥିଲା । ୧୯୮୬ରେ ତାଙ୍କର ଗୋଟିଏ ମହମମୂର୍ତ୍ତି ଏହି ଯାଦୁଘରେ ସ୍ଥାନ ପାଇଛି । କେବଳ ଭଲ ଜଣାଶୁଣା ଲୋକଙ୍କର ମୂର୍ତ୍ତି ନୁହେଁ, ଦୁନିଆଁରେ ନାଁ ପକାଇଥିବା ବଡ଼ବଡ଼ ଡାକୁ, ଚୋର, ବଦମାସ, ନରହନ୍ତାମାନଙ୍କର ମୂର୍ତ୍ତି ମଧ୍ୟ ରହିଛି । ଇଂରେଜ ଜାତି ଇତିହାସରେ ଟ୍ରାଫଲଗାର ଯୁଦ୍ଧଭଳି କେତେଗୁଡ଼ିଏ ଯୁଦ୍ଧର ମୂର୍ତ୍ତିମନ୍ତ ଦୃଶ୍ୟ ମଧ୍ୟ

ଦର୍ଶ ଯାଇଛି । ସବୁଠାରୁ ଭୟଙ୍କର ଦୃଶ୍ୟର ଗୋଟିଏ କକ୍ଷ ମଧ୍ୟ ଏହି ଯାଦୁଘରେ ଯୋଡ଼ାଯାଇଛି । ଫ୍ରାନ୍ସରେ ଗିଲୋଟିନ୍‌ରେ କିପରି ମୃତ୍ୟୁଦଣ୍ଡ ଦିଆଯାଉଥିଲା, କୁଖ୍ୟାତ ନାରୀହନ୍ତା ଅପରାଧୀ କିପରି ଗୋଟିକ ପରେ ଗୋଟିଏ ତା'ର ସ୍ତ୍ରୀମାନଙ୍କୁ ପାଣି ଟବ୍‌ରେ ବୁଡ଼ାଇ ମାରୁଥିଲା, ସେଭଳି ଦୃଶ୍ୟ ମୂର୍ତ୍ତି, ଆଲୋକ ଓ ଶବ୍ଦ ମାଧ୍ୟମରେ ଏହି କକ୍ଷରେ ଦେଖାଇ ଦିଆଯାଇଛି । ସତ ଘଟଣା ଭଳି ଦୃଶ୍ୟଗୁଡ଼ିକ ହୋଇଥିବାରୁ କେତେକ ଦର୍ଶକ ଡରିଯା'ନ୍ତି ବା ଚମକି ପଡ଼ନ୍ତି । ଆମ ସାଙ୍ଗରେ ଥିବା ମହିଳା ପର୍ଯ୍ୟଟକମାନେ ଡରିଯାଇ ସାଥୀମାନଙ୍କଠାରୁ ସାହସ ଚାହୁଁଥିଲେ । ଏ ଘରରେ ଅପାର ଆକର୍ଷଣ ଯୋଗୁଁ ଯିଏ ଯାହାକୁ ସହଜରେ ମାତୃଭାଷାରେ କହି ପାରୁଥିଲା, ସେ ତାହା ପାଖକୁ ଚାଲି ଯାଉଥିଲା । ତେଣୁ ଶ୍ରୀମତୀ ମହାନ୍ତିଙ୍କୁ ବୁଝାଇବାର ଭାର ମୋ ଉପରେ ପଡ଼ିବା ସ୍ୱାଭାବିକ । ମାଡ଼ାମ ଟୁସାଙ୍କ ମ୍ୟୁଜିୟମ ଟିକିନିଖି କରି ଦେଖିବା ଲାଗି ବହୁତ ସମୟ ଲାଗେ । ଭୋକ ଲାଗିଲେ ବାହାରକୁ ଯିବାର ଦରକାର ନାହିଁ; ତା'ର ଭିତରେ ହିଁ ରେଷ୍ଟୋରାଁ ବା ଜଳଖିଆ ଦୋକାନ ଅଛି । ନଚେତ୍ ଥରେ ପଦାକୁ ବାହାରିଲେ ପୁଣି ଥରେ ଟିକେଟ କରିବାକୁ ପଡ଼ିବ । ବୁଲି ବୁଲି ଥକା ଲାଗିଲେ ବିଶ୍ରାମ ପାଇଁ ମଝିରେ ମଝିରେ ବସିବା ପାଇଁ ଯାଗା ଅଛି । ଯେଉଁଠି ବସିବାକୁ ହୁଏ ସେଠି ମଧ୍ୟ ସ୍ୱାଭାବିକ ଭଙ୍ଗୀରେ ମୂର୍ତ୍ତିଗୁଡ଼ିଏ ରଖା-ଯାଇଥା'ନ୍ତି । ପ୍ରତ୍ୟେକ ମୂର୍ତ୍ତି ଯେଉଁ ବ୍ୟକ୍ତିଙ୍କୁ ସୂଚାଉଥାଏ, ତା'ର ଦେହର ରଙ୍ଗ, ସେ ପିନ୍ଧୁଥିବା ପ୍ରକୃତ ବେଶ ପୋଷାକ, ଏପରିକି ପ୍ରକୃତ ସିଗାରେଟ୍ ଆଦି ବ୍ୟବହାର ତଥା ମୁଖଭଙ୍ଗୀ ଆଦି ଲକ୍ଷଣ ସ୍ୱଭାବରେ ଅଙ୍କା ହୋଇଥାଏ । ମୂର୍ତ୍ତି କି ମଣିଷ ଜାଣିବା ପାଇଁ ଅନେକ ଦର୍ଶକ ହାତ ବଢ଼ାଇ ଛୁଅନ୍ତି । ବସିବା ସ୍ଥାନ ମାନଙ୍କରେ ଯେଉଁ ମୂର୍ତ୍ତିଗୁଡ଼ିକ ଗୋଟି ଗୋଟି ହୋଇ ଥାଏ, ସେଗୁଡ଼ିକ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ନ ହେଲେ ବି ବିଭିନ୍ନ ଦେଶର ଲୋକଙ୍କର ପ୍ରତିକୃତି, ଆଚାର ବ୍ୟବହାର ଆଦିର ସଙ୍କେତ ଦେଇଥାଏ । ମୁଁ ଏମିତି ଗୋଟିଏ ବେଞ୍ଚରେ ବସିଥିବା ବେଳେ କ୍ଳାନ୍ତି ଯୋଗୁଁ ଚୁପ୍‌ଚାପ୍ ହୋଇଯାଇଥିଲି । ସୁଟ୍ ଓ ଟାଇ ପିନ୍ଧି ନିଶ୍ଚଳ ହୋଇ ବସିଥାଏ । ଧାର ଉପରେ ହାତ ରଖିଥାଏ । ହଠାତ୍ ମୋ' ଗାଲରେ ଜଣ-କର ହାତ ବାଜିଲାଭଳି ଜଣାଗଲା । ମୁଁ ଚମକି ପଡ଼ି "ତୁମେ କ'ଣ କରୁଛ"(What are you doing ?) ପଚାରିବାରୁ, ସେ ପର୍ଯ୍ୟଟକ ଜଣକ ଦୁଃଖିତ ହୋଇ କହିଲେ, "ସରି, ଆଇ ଥଟ୍ ୟୁ ଆର୍ ଏ ୱାକ୍ସ ମଡେଲ" (କ୍ଷମା କରିବେ, ମୁଁ ଭାବିଥିଲି ଆପଣ ଗୋଟିଏ ମହମ ମୂର୍ତ୍ତି) । ଏଥିରୁ ଆପଣମାନେ ଅନୁମାନ କରି-ପାରୁଥିବେ ଯେ ମୂର୍ତ୍ତିଗୁଡ଼ାକର ଗଠନ କେତେ ଜୀବନ୍ତ ହୋଇଥାଏ । ଆଖି ପଲକ ପଡ଼ିବା ଓ ନିଶ୍ୱାସ ନେବାର ପ୍ରମାଣ ନ ଥିଲେ ଯେ କୌଣସି ନିଶ୍ଚଳ ବ୍ୟକ୍ତିଙ୍କୁ

ମହମ ମୂର୍ତ୍ତି ବୋଲି ସନ୍ଦେହ କରିହେବ । କିନ୍ତୁ ଭାରତୀୟ ନେତାମାନଙ୍କର ମୂର୍ତ୍ତି ଦେଖି ଆମେମାନେ କେତେକ ଦୋଷତ୍ରୁଟି କାଢ଼ିଥିଲୁ । ଯେଉଁମାନଙ୍କର ମୂର୍ତ୍ତି ହଆଯାଏ, ସେମାନଙ୍କୁ ମଡ଼େଲ ଭାବରେ ବସାଇ ବା ସେମାନଙ୍କର ଫଟୋକୁ ମଡ଼େଲ ତିଆରି କରି କାରିଗରମାନେ ମୂର୍ତ୍ତି ଗଢ଼ିଥାନ୍ତି । ଦିଲ୍ଲୀରେ ରାଜୀବ ଗାନ୍ଧୀଙ୍କୁ ବସାଇ ତାଙ୍କର ମୂର୍ତ୍ତି ଗଢ଼ାଯାଇଛି । ମୂର୍ତ୍ତି ଗଢ଼ିବା ସମୟର ଫଟୋ ଏଥିରେ ଥାଏ । ପରେ ଯଦି ବ୍ୟକ୍ତିବିଶେଷ ତାଙ୍କର ଚେହେରା, ଫେସନ ବା ଷ୍ଟାଇଲ ବଦଳାଇଥା'ନ୍ତି, ସେହି ପରିମାଣରେ ଏହି ମହମ ମୂର୍ତ୍ତିମାନଙ୍କରେ ପାର୍ଥକ୍ୟ ଦେଖାଯିବ ।

ମାଡ଼ାମ ଟୁସାଙ୍କ ଯାଦୁଘର ପାଖାପାଖି ଗୋଟିଏ ବଢ଼ିଆ ପ୍ଲାନେଟୋରିଅମ ଅଛି । କଲିକତାର ବିରଳା ପ୍ଲାନେଟୋରିଅମ ଠାରୁ ଏହା ଢେର ଗୁଣରେ ଭଲ । ଏଥିରେ ଅନ୍ଧକାର ଗୃହ ମଧ୍ୟରେ ଆକାଶର ତାରକା ଓ ଗ୍ରହମଣ୍ଡଳର ଛବି ସହିତ ବର୍ଣ୍ଣନା ଦିଆଯାଏ । ଏହି ପ୍ଲାନେଟୋରିଅମରେ ଗୋଟିଏ ନୂଆ କଥା ଯେ ବିଶିଷ୍ଟ ଜ୍ୟୋତିର୍ବିଦ (Astronomer) ମାନଙ୍କ ମହମ ମୂର୍ତ୍ତି ସହିତ ସେମାନଙ୍କର ଆବିଷ୍କାରର ଅବିକଳ (3-dimension) ନକଲ ରଖାଯାଇଛି ।

## ସ୍ୱଚକ୍ଷୁରେ ନର୍କ ଦର୍ଶନ :

ମାଡ଼ାମ ଟୁସାଙ୍କ ଯାଦୁଘରେ ଥିବା ବିଭୀଷିକା କକ୍ଷ (horror chamber) ଏ ଦିଗରେ ଶେଷକଥା ନୁହେଁ । ଏହାଠାରୁ ବଳି ଗୋଟିଏ ନରକ ପ୍ରଦର୍ଶନୀ ଦକ୍ଷିଣ ଲଣ୍ଡନର ଟୁଲିଷ୍ଟ୍ରିଟ୍‌ରେ ଅଛି । ତାହାର ନାମ ଲଣ୍ଡନ ଡନଜିଅନ୍ (Dungeon) ବା ଲଣ୍ଡନର ନରକ । ବିଲାତରେ ମଧ୍ୟଯୁଗରେ ଲୋକମାନଙ୍କ ଉପରେ କପରି ଅତ୍ୟାଚାର କରାଯାଉଥିଲା, ରାଜାମାନେ କପରି ମନମୁଖୀ ହତ୍ୟାଦଣ୍ଡ (ମୃତ୍ୟୁ ଦଣ୍ଡ ନୁହେଁ, କାରଣ ତହିଁରେ ହତ୍ୟାର ବିଭୀଷିକା ନ ଥାଏ) ଦେଉଥିଲେ, ପ୍ଲେଗ ବା ମହାମାରୀରେ ଲୋକେ କପରି ଉହୁଳ ବିକଳ ହୋଇ ମରୁଥିଲେ, ଏ ସବୁର ଦୃଶ୍ୟ ସହିତ ବିକଟାଳ ଶବ୍ଦ ଓ ଆଲୋକର ପ୍ରଭାବ ଏତେ ଭୟଙ୍କର କରିଦିଏ ଯେ ଦର୍ଶକମାନେ ବେଶି ସମୟ ଏହି ପ୍ରଦର୍ଶନୀ ଗୃହରେ ରହି ପାରନ୍ତି ନାହିଁ । ପାଣ୍ଡେ ମୋନିଅମ ନାମକ ଗୋଟିଏ ନୂଆ ପ୍ରଦର୍ଶନୀ କକ୍ଷ ଏଥିରେ ଯୋଡ଼ାଯାଇଛି । ଏଥିରେ ଆସୁରିକ ପ୍ରକୃତିର ଦୃଶ୍ୟ ଦେଖାଯାଇଛି । କେବଳ ସେତିକି ନୁହେଁ, ନଜର ନ ରଖିଲେ ମୁଖାମାନେ ହଠାତ୍‌ରେ ଦର୍ଶକମାନଙ୍କ ଉପରେ ଚଢ଼ି ବସିବେ । ଭୟଙ୍କର ଶବ୍ଦ ସାଙ୍ଗକୁ ବିଭତ୍ସ ଦୃଶ୍ୟ, ତହିଁରେ ପୁଣି ଅନ୍ଧକାର ଭିତରେ

ମୂଷାମାନଙ୍କ ଅବାଧ ଯା' ଆସ, ଏଥିରେ ଯେ କୌଣସି ଦୁର୍ବଳ ହୃଦୟର ଲୋକ ବେହୋସ ହୋଇଯିବ । ଏହି ପ୍ରଦର୍ଶନୀକୁ ଦେଖିବା ପାଇଁ ବୟସ୍କମାନଙ୍କୁ ୨.୨୫ ପାଉଣ୍ଡ ଓ ଚଉଦ ବର୍ଷରୁ କମ୍ ପିଲାଙ୍କପାଇଁ ୧.୧୦ପାଉଣ୍ଡ ପଡ଼େ । କିନ୍ତୁ ନୋଟିସରେ ଲେଖାଯାଇଛି ଯେ, ଯେଉଁ ପିଲାମାନେ ନର୍ଭସ୍ ବା (ଡରୁଆ) ପ୍ରକୃତିର, ସେମାନଙ୍କୁ ଭିତରକୁ ଆଣନ୍ତୁ ନାହିଁ ।

## କେତେକ ମାନ୍ଧାତା ନମୁନା :

ଆମେ ପ୍ରାୟ ଦୁଇ ତିନିଥର ବିଲାତର ରାଣୀ ରହୁଥିବା ବଙ୍କିମ୍‌ହାମ ପାଲେସ୍ ଦେଖିବାକୁ ଯାଇଛୁ । ଦକ୍ଷିଣ ପଶ୍ଚିମ ଲଣ୍ଡନର "ଦି ମଲ୍" ନାମକ ସ୍ଥାନରେ ଏହା ଅବସ୍ଥିତ । ସର୍ବସାଧାରଣଙ୍କ ପ୍ରବେଶ ନିଷେଧ । ରାଣୀ ଥିବାବେଳେ ତାଙ୍କର ପତାକା "ଦି ରୟାଲ ଷ୍ଟାଣ୍ଡାର୍ଡ" ରାଜ ପ୍ରାସାଦ ଉପରେ ଉଡ଼ୁଥାଏ । ପ୍ରାସାଦକୁ ଯାଇ ନ ହେଲେ ମଧ୍ୟ ବଙ୍କିମ୍‌ହାମ ପାଲେସ ରୋଡ଼ରେ ଥିବା ରୟାଲମ୍ୟୁଜ ଦେଖିବାକୁ ଯାଇହେବ । ଏଠାରେ ରାଣୀଙ୍କର ଘୋଡ଼ା, ଘୋଡ଼ାଗାଡ଼ି, ମଟରଗାଡି ଆଦି ଥାଏ । କେବଳ ବୁଧବାର ଓ ଗୁରୁବାର ଉପରଓଳି ସର୍ବସାଧାରଣ ଦେଖିବା ପାଇଁ ୨ଟାରୁ ୪ଟା ପର୍ଯ୍ୟନ୍ତ ଖୋଲା ରହେ । ଏଥିପାଇଁ ପ୍ରବେଶ ଶୁଳ୍କ ବଡ଼ମାନଙ୍କ ପାଇଁ ୬୦ ପେନ୍ସ । ଲଣ୍ଡନ ଯାଇ ବଙ୍କିମ୍‌ହାମ ପାଲେସ୍‌ରେ "ପ୍ରହରୀ ବଦଳ" **Changing the Guard** ନ ଦେଖିଲେ ଆଉ କ'ଣ ଦେଖିଲ ବୋଲି ଲୋକେ ପ୍ରଶ୍ନ କରନ୍ତି । ଥରେ ନୁହେଁ, ଦୁଇଥର ନୁହେଁ, ଆମେ ତିନିଥର ପ୍ରହରୀ ବଦଳା ଦୃଶ୍ୟ ଦେଖିଛୁ । ଏହା ପ୍ରାୟ ସକାଳ ୧୧ଟା ୩୦ରେ ଘଟିଥାଏ । ଜଳଖିଆ ଖାଇ ବଜାର ବୁଲିବାର ସମୟକୁ ଖାପ ଖାଏ । ଏହାଠାରୁ ଭଲ ଦୃଶ୍ୟ ହେଉଛି ଘୋଡ଼ାସବାର ପ୍ରହରୀମାନଙ୍କର ବଦଳ । ରବିବାର ଦିନ ୧୦ଟାରେ ଓ ଅନ୍ୟ ଦିନମାନଙ୍କରେ ୧୧ଟାରେ ଘୋଡ଼ା ସବାର ପ୍ରହରୀମାନେ ନିଜର ପାଳି ସରିଗଲା ପରେ ବିଦାୟ ନିଅନ୍ତି ଓ ନୂଆ ଘୋଡ଼ା ସବାର ପ୍ରହରୀମାନେ ସେମାନଙ୍କର କାର୍ଯ୍ୟରେ ଯୋଗ ଦେବାକୁ ଆସନ୍ତି । ଆମେମାନେ ରହିଥିବା କୋରା ହୋଟେଲ ବଙ୍କିମ୍‌ହାମ ପାଲେସ୍ ଠାରୁ ବେଶି ଦୂର ହୋଇ ନ ଥିବାରୁ ଆମର ୫ ଦିନର ରହଣିକାଳ ଭିତରେ ଅନ୍ତତଃ ତିନିଥର ପ୍ରହରୀ ବଦଳ ଦେଖିଛୁ । ପ୍ରହରୀ ବଦଳ ବିଶେଷ କିଛି ଘଟଣା ନୁହେଁ; ପ୍ରହରୀମାନଙ୍କ କୌଳିକ ପୋଷାକ ହିଁ ଦେଖିବାକୁ ଭଲ ଲାଗେ ।

## ହାଉସ୍ ଅଫ କମନସ୍ :

ଲଣ୍ଡନ ଆସି ପୃଥିବୀର ଗଣତନ୍ତ୍ରମାନଙ୍କ ଜନନୀ ବା ହାଉସ୍ ଅଫ କମନସ୍ ନ ଦେଖିଲେ ପର୍ଯ୍ୟଟକର ଜୀବନ ସାର୍ଥକ ହେବନାହିଁ ବୋଲି ଅନେକ କହନ୍ତି । ପାର୍ଲାମେଣ୍ଟର ଉଭୟ ଯାକ ଗୃହ ଓ୍ୱେଷ୍ଟମିନଷ୍ଟର ପାଲେସ୍ ଭିତରେ । ପାର୍ଲାମେଣ୍ଟର ଅଧିବେଶନ ଚାଲି ନ ଥିଲା ବେଳେ ଶନିବାରମାନଙ୍କରେ ସର୍ବସାଧାରଣଙ୍କୁ ଦର୍ଶନ ପାଇଁ ଅନୁମତି ମିଳେ । ସପ୍ତାହର ଅନ୍ୟ ଦିନମାନଙ୍କରେ ପାର୍ଲାମେଣ୍ଟ ଅଧିବେଶନ ନ ଥିବାବେଳେ ବେଳେବେଳେ ଅନୁମତି ମିଳିଥାଏ, କିନ୍ତୁ ସେଥିପାଇଁ ଖବର ନେବାକୁ ପଡ଼ିବ । ହାଉସ୍ ଅଫ କମନସ୍ ୧୮୫୨ରେ ତିଆରି ହୋଇଥିଲା । ୧୯୪୧ ମେ ୧୦ରେ ଦ୍ୱିତୀୟ ମହାଯୁଦ୍ଧ ସମୟରେ ବୋମା ମାଡ଼ରେ ଜଳି ଯାଇଥିଲା । ତା'ପରେ ଅତୀତରେ ପୁରୁଣା ଗୋଥିକ ଢାଞ୍ଚାରେ ଏହି ଭବନଟି ତିଆରି ହୋଇଛି ।

## ରାଜାରାଣୀଙ୍କ ଅଭିଷେକ ଓ କବରର ସ୍ଥାନ :

ପାର୍ଲାମେଣ୍ଟ ଛକ ପାଖରେ ଆଉ ଗୋଟିଏ ଦେଖିବାର ଜାଗା ଓ୍ୱେଷ୍ଟମିନଷ୍ଟର ଆବି । ଏହା ପ୍ରସିଦ୍ଧ ହେବାର କାରଣ ୧୦୬୬ ଖ୍ରୀଷ୍ଟାବ୍ଦରେ ବିଜୟୀ ଉଇଲିଅମ ବା "ଉଇଲିଅମ ଦ କଙ୍କରର"ଙ୍କ ସିଂହାସନରେ ବସିବା ପରଠାରୁ ପ୍ରତ୍ୟେକ ଇଂରେଜ ରାଜା ବା ରାଣୀ ଏହିଠାରେ ହିଁ ଅଭିଷେକ ହୋଇଛନ୍ତି । ସେମାନଙ୍କ ଭିତରୁ ଅଧିକାଂଶଙ୍କୁ ଏହିଠାରେ ମଧ୍ୟ ସମାଧି ଦିଆ ହୋଇଛି । ଅଭିଷେକ ପାଇଁ ଥିବା ସିଂହାସନଟି ୧୩୦୦ ଖ୍ରୀଷ୍ଟାବ୍ଦରେ ତିଆରି ହୋଇଥିଲା ବୋଲି କୁହାଯାଏ । ଏହା ପ୍ରକୃତରେ ଗୋଟିଏ ଚର୍ଚ୍ଚ ବା ଗୀର୍ଜା । ଏଠାରେ ନିତିମତ ଧର୍ମ ସଭା ଓ ପ୍ରାର୍ଥନା ସଭା ହୋଇଥାଏ । ଭକ୍ତ ହିସାବରେ ଗୀର୍ଜା ମଣ୍ଡପକୁ ଯିବାର ପୂରା ଛାଡ଼ । ପର୍ଯ୍ୟଟକମାନଙ୍କ ପାଇଁ ଗୋଟିଏ ପାଉଣ୍ଡ ଦେବା ପଡ଼େ ।

## ଲଣ୍ଡନ ମୀନାର :

ପୂର୍ବ ଲଣ୍ଡନରେ ଟାଓ୍ୱାର ହିଲ ନାମକ ସ୍ଥାନରେ ଟାଓ୍ୱାର ଅଫ ଲଣ୍ଡନ ବା ଲଣ୍ଡନ ମୀନାର ଅବସ୍ଥିତ । ପୁରୁଣା ଯୁଗରୁ ଆଜି ପର୍ଯ୍ୟନ୍ତ ସୈନ୍ୟମାନେ ଯେଉଁ ପ୍ରକାର ଢାଲ ବା ଆତ୍ମରକ୍ଷାର ବେଶପୋଷାକ ପିନ୍ଧି ଆସୁଛନ୍ତି, ସେସବୁର ନମୁନା ଏଠାରେ ଅଛି । ବ୍ରିଟିଶ ରାଜପରିବାରର ଅଳଙ୍କାର ମଧ୍ୟ ଅଛି । ଆମ-

ମାନଙ୍କୁ କୁହାଗଲା ଯେ ଏଠାରେ ଚାବି ବଦଳାଇବାର ଉତ୍ସବ ଦେଖିବାର କଥା । ତାହା ସନ୍ଧ୍ୟା ୯ଟା ୩୫ ମିନିଟ୍‌ରେ ଘଟେ । ଗତ ୭୦୦ ବର୍ଷ ଧରି ଏହି ଉତ୍ସବ ଚାଲି ଆସିଛି । ଚିଫ୍ ଓ୍ୱାର୍ଡ଼ର କେତେଜଣ ପ୍ରହରୀମାନଙ୍କ ସାଙ୍ଗରେ ଯାଇ ମିନାରର ମୁଖ୍ୟ ଗେଟ୍ ଗୁଡ଼ିକରେ ତାଲା ପକାନ୍ତି । ଏହାକୁ ଦେଖିବା ପାଇଁ ରେସିଡେଣ୍ଟ ଗଭର୍ଣ୍ଣରଙ୍କ ଠାରୁ ପାସ୍ ଆଣିବା ଦରକାର । ଡାକରେ ଦରଖାସ୍ତ ଦେଇ, ନିଜ ଠିକଣା ଦେଇ ଓ ଟିକଟ ଲଗାଇ ଲଫାପାଟିଏ ପଠାଇଲେ ସାଧାରଣତଃ ପାସ୍ ମିଳେ । ସନ୍ଧ୍ୟା ୯ଟା ୩୫ରେ ମୁଖ୍ୟ ଗେଟ୍ ପାଖରେ ଏହି ପାସ୍ ଦେଖାଇଲେ, ଏହି ଦୃଶ୍ୟ ଦେଖିବାର ଅନୁମତି ମିଳେ । କହିବା ବାହୁଲ୍ୟ ଯେ ମୋତେ ଅନୁମତି ମିଳିଥିଲେ ହେଁ, ଏ ଅବସରରେ ଆସି ନ ଥିଲି, କାରଣ ସେଦିନ ଏତେ ରାତିରେ ଅକ୍ସଫୋର୍ଡକୁ ଫେରିବା ଉଚିତ୍ ମନେ କଲି ନାହିଁ । ଟାଓ୍ୱାର୍ ଅଫ ଲଣ୍ଡନ ଦେଖିବା ପାଇଁ ଦୁଇ ପାଉଣ୍ଡ ପ୍ରବେଶ ମୂଲ୍ୟ ପଡ଼େ ।

ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ମୁଁ ଦେଖିଥିଲି ସାଉଥ କେନ୍‌ସିଙ୍ଗ୍‌ଟନ ଠାରେ ଥିବା ଭିକ୍ଟୋରିଆ ଓ ଆଲବର୍ଟ ମ୍ୟୁଜିୟମ (ଚିତ୍ରକଳା ପ୍ରଦର୍ଶନ); ଏଗଜିଭିସନ୍ ରୋଡ଼ରେ ସାଇନ୍‌ସ ମ୍ୟୁଜିୟମ (ବିଜ୍ଞାନ ଓ ଶିଳ୍ପ, କାର, ଟ୍ରେନ୍ ଓ ଏରୋପ୍ଲେନ୍, ଗୃହୋପକରଣ ଯନ୍ତ୍ର ଆଦିର ପ୍ରଦର୍ଶନ), ଏବଂ କଭେଣ୍ଟଗାର୍ଡ଼ିନ ଠାରେ ଥିବା ଲଣ୍ଡନ ଟ୍ରାନ୍‌ସପୋର୍ଟ ମ୍ୟୁଜିୟମ (ପରିବହନ ବ୍ୟବସ୍ଥାର ବିଭିନ୍ନ ଯନ୍ତ୍ର, ଯଥା ବସ୍, ଟ୍ରାମ, ଟ୍ରଲିବସ୍, ଟ୍ରେନ ଆଦି ଗତ ଦୁଇ ଶତାବ୍ଦୀରେ ଲଣ୍ଡନର ପରିବର୍ତ୍ତନ) । ଲଣ୍ଡନ ଟ୍ରାନ୍‌ସପୋର୍ଟ ଯାଦୁଘରେ ଭୂତଳ ଟ୍ରେନ ଚଳାଇବାକୁ ସୁବିଧା ମଧ୍ୟ ଦିଆଯାଏ ।

## ବିଲାତରେ ପଙ୍ଗୁ ସଂଖ୍ୟା :

ଯେ କୌଣସି ଦର୍ଶନୀୟ ସ୍ଥାନକୁ ଗଲେ ପ୍ରବେଶ ସ୍ଥାନରେ ପ୍ରାୟ ତିନୋଟି ଦ୍ୱାର ଦେଖାଯାଏ । ବିଶେଷକରି ଏକାଧିକ ମହଲା ଥିବା କୋଠାମାନଙ୍କରେ ଲିଫ୍ଟ ବ୍ୟବହାରକାରୀମାନଙ୍କ ପାଇଁ ଏହି ବ୍ୟବସ୍ଥା ଥାଏ । ଗୋଟିକରେ ସାଧାରଣ ଲୋକ, ଦ୍ୱିତୀୟଟିରେ ଶାରୀରିକ ଅକ୍ଷମ ବା ବିକଳାଙ୍ଗ ବ୍ୟକ୍ତି ଏବଂ ତୃତୀୟଟିରେ କୁକୁର-ବାଟ-କଢ଼ାଇ ନେଉଥିବା ଅନ୍ଧ ଲୋକ ଯିବା କଥା । ବିକଳାଙ୍ଗ ଲୋକ-ମାନଙ୍କୁ ଓ ଅନ୍ଧମାନଙ୍କୁ ସେମାନେ କେତେ ଯତ୍ନ କରନ୍ତି ଏହାହିଁ ଏଥିରୁ ପ୍ରମାଣିତ ହୁଏ । ଥରେ ଆମ କର୍ମଶାଳାରେ ବିଭିନ୍ନ ଜାତିର ଲୋକମାନଙ୍କର କଥା ପଡ଼ୁଥିବା ବେଳେ ଜଣେ ଇଂରେଜ ବକ୍ତା ଭାରତର ଅଧେ ଲୋକ ପରଦା ଭିତରେ ଥାଇ

ଅକ୍ଷମ ହୋଇଯାଇଛନ୍ତି ବୋଲି କହୁଥିଲେ । ମୁଁ ଝଟ୍‌କିନା ଉତ୍ତର ଦେଇଥିଲି ଯେ, ଇଂରେଜ ଜାତିରେ ଦୁଇ ତୃତୀୟାଂଶ ଲୋକ ଅକ୍ଷମ । ସେମାନେ ଆଶ୍ଚର୍ଯ୍ୟ ହୋଇ ଏ ପରିସଂଖ୍ୟାନ କେଉଁଠୁ ପାଇଲି ବୋଲି ମୋତେ ପଚାରିଲେ । ମୁଁ କହିଲି ଆପଣମାନଙ୍କ ଦେଶରେ ପ୍ରତ୍ୟେକ ଅନୁଷ୍ଠାନରେ ତିନି ପ୍ରକାରର ପ୍ରବେଶ ଦ୍ୱାର ଥାଏ । ଗୋଟିଏ ସାଧାରଣ ଲୋକ ପାଇଁ, ଦ୍ୱିତୀୟଟି ଚକଲଗା ଚେଆରରେ ଯାଉଥିବା ପଙ୍ଗୁ ପାଇଁ ଓ ତୃତୀୟଟି କୁକୁର ବାଟ କଢ଼ାଇ ନେଉଥିବା ଅନ୍ଧପାଇଁ ହୋଇଥାଏ । ସାଧାରଣ ସେବା ଜନସଂଖ୍ୟା ଅନୁପାତରେ ହେବା ସ୍ୱାଭାବିକ । ତେଣୁ ତିନୋଟି ଦ୍ୱାରରୁ ଯେଉଁ ଜାତି ଦୁଇଟି ଦ୍ୱାର ପଙ୍ଗୁ ଓ ଦୃଷ୍ଟିହୀନଙ୍କ ପାଇଁ ସଂରକ୍ଷିତ କରିଥାଏ, ସେ ଜାତିରେ ଦୁଇତୃତୀୟାଂଶ ପଙ୍ଗୁ ହେବା ସ୍ୱାଭାବିକ । ସମସ୍ତେ ଠୋ' ଠୋ' ହୋଇ ହସି ଦେଇଥିଲେ ଓ ଆଲୋଚନାର ମୋଡ଼ ବଦଳି ଯାଇଥିଲା ।

## ବାର୍ବିକାନ୍ ସେଣ୍ଟର :

ମେ ଦଶତାରିଖ ଗୁରୁବାର ଦିନ ଆମେ ଅକ୍ସଫୋର୍ଡ଼ରୁ ଲଣ୍ଡନ ଆସିଥିଲୁ ୧୧ଟାରୁ ୧ଟା ଭିତରେ ଟେମସ୍ ନଦୀର ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଦେଖିବାପାଇଁ ଓ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ବିପର୍ଯ୍ୟୟ ଗ୍ରସ୍ତ ଅଞ୍ଚଳରେ କିପରି ବିପଦ ସଙ୍କେତ ଦିଆଯାଏ, ତାହା ଦେଖିବା ପାଇଁ ଆମେ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଥିଲୁ ଏବଂ ସନ୍ଧ୍ୟାରେ ଭୋଜନ ସାରି ବାର୍ବିକାନ ସେଣ୍ଟରକୁ ଯାଇଥିଲୁ । ସେଠାରେ ସେକ୍ସପିଅରଙ୍କ ରଚିତ ନାଟକ "କମେଡ଼ି ଅଫ ଏରରସ୍" ପାଇଁ ଟିକଟ କଲୁ । ଲଣ୍ଡନର କେନ୍ଦ୍ରସ୍ଥଳରେ "ବାର୍ବିକାନ ସେଣ୍ଟର ଫର୍ ଆର୍ଟ ଆଣ୍ଡ୍ କନ୍‌ଫରେନସେସ୍" ୧୯୮୨ରୁ ତିଆରି ହୋଇଛି । ଗୋଟିଏ ଛାତତଳେ ପ୍ରକାଣ୍ଡ ୧୭ ମହଲା (୩ଟି ଭୂମି ତଳେ ଓ ୧୪ଟି ଭୂମି ଉପରେ) କୋଠାଘରେ ଏହି କେନ୍ଦ୍ରଟି ଅବସ୍ଥିତ । ଏଠାରେ ବର୍ଷକୁ ପ୍ରାୟ ୫୦ ଥର ଲଣ୍ଡନ ସିମ୍ଫୋନି ଆର୍କେଷ୍ଟ୍ରା ସେମାନଙ୍କ କୃତିତ୍ୱ ଦେଖାନ୍ତି । ଦେଶୀ ବିଦେଶୀ ବାଦକ ତଥା ସଙ୍ଗୀତ ଦଳ ମଧ୍ୟ ସେମାନଙ୍କ କୃତି ପ୍ରଦର୍ଶନ କରିଥାନ୍ତି । ବିଶ୍ୱବିଖ୍ୟାତ ରୟାଲ ସେକ୍ସ-ପିଅର କମ୍ପାନୀ ଏଠାରେ ପ୍ରତିଷ୍ଠିତ ତଥା ଆଧୁନିକ ନାଟକଗୁଡ଼ିକର ଅଭିନୟ ଦେଖାନ୍ତି । ଏହି ସେଣ୍ଟରରେ ତିନୋଟି ସିନେମା ଘର ଅଛି । ଦୃଶ୍ୟକଳା ନାମରେ ଗୋଟିଏ ବୃହତକାୟ ପ୍ରଦର୍ଶନୀ ଗୃହ ଅଛି । ମୂର୍ତ୍ତିକଳା ପାଇଁ ପ୍ରକାଣ୍ଡ ଖୋଲାପ୍ରାନ୍ତର ରଖାଯାଇଛି । ମଧ୍ୟାହ୍ନ ଭୋଜନ ଓ ସାନ୍ଧ୍ୟ ଭୋଜନ ପାଇଁ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଭାବରେ ବାଦନ, ସଙ୍ଗୀତ ବା ନୃତ୍ୟ ସବୁ-

ଖେଳେ ବୁଲୁଥାଏ । ଗୋଟିଏ ପ୍ରକାଣ୍ଡ ଲାଇବ୍ରେରୀ, ବିଶେଷତଃ ଶିଶୁମାନଙ୍କ ପାଇଁ ଲାଇବ୍ରେରୀ ଏବଂ ଗୋଟିଏ ଆର୍ଟ ଗ୍ୟାଲେରୀ ଏଠାରେ ଅଛି । ଆମର ଉଦ୍ଦେଶ୍ୟ ଥିଲା ରୟାଲ ସେକ୍ସପିଅର କମ୍ପାନୀଙ୍କ ଅଭିନୀତ କୌଣସି ଗୋଟିଏ ସେକ୍ସପିଅର ନାଟକ ଦେଖିବୁ । ସେଦିନ କମେଡ଼ି ଅଫ ଏରରସ୍ ବା ଭୁଲଭଟକାର ଆନନ୍ଦ ନାମକ ନାଟକ ଅଭିନୀତ ହୋଇଥିଲା ।

ବାର୍ବିକାନର ଅର୍ଥ ହେଉଛି ପର୍ଯ୍ୟବେକ୍ଷଣ ସ୍ତମ୍ଭ; ନଗର ବା ଦୁର୍ଗର ପ୍ରତିରକ୍ଷା ପାଇଁ ଏହାର ବ୍ୟବହାର ହୁଏ । ୧୯୪୦ ଡିସେମ୍ବର ୨୯ରେ ଜର୍ମାନର ବିମାନବାହିନୀ ଲୁଫ୍ଟୱାଫେ ସେଣ୍ଟପାଲଙ୍କ କାଥେଡ୍ରାଲର ଉତ୍ତରରେ ପ୍ରାୟ ୬୦ ଏକରର ଇଲାକା ଧ୍ୱଂସ କରିଦେଲା । ବିଳାତ ସରକାର ଏହି ଅଞ୍ଚଳକୁ ନୂଆ ଭାବରେ ଗଢ଼ିତୋଳିବା ପାଇଁ ବିଭିନ୍ନ ପ୍ରସ୍ତାବ ପାଇଥିଲେ । ତନ୍ମଧ୍ୟରୁ ବାର୍ବିକାନ ସେଣ୍ଟରର ପ୍ରସ୍ତାବଟି ଗୃହୀତ ହେଲା । ୧୯୭୨ ନଭେମ୍ବର ୨୦ରେ ବିଳାତ ରାଣୀ ଏହାର ଭିତ୍ତିସ୍ଥାପନା କରିଥିଲେ ଓ ୧୯୮୨ ମାର୍ଚ୍ଚ ୩ରେ ଏହାର ଉଦ୍-ଘାଟନ କରିଥିଲେ । ଏହା ତିଆରି କରିବାରେ ୧୩୦୦୦୦ ଘନମିଟର କଂକ୍ରିଟ ଲାଗିଛି । ଅର୍ଥାତ୍ କଟକ-ଭୁବନେଶ୍ୱର ରାସ୍ତା ଭଳି ଓସାରିଆ ରାସ୍ତାର ୩ଗୁଣ ଲମ୍ବ ରାସ୍ତାକୁ କେବଳ କଂକ୍ରିଟ କଲେ ଯେତେ ଲାଗିବ, ଏହା ସେତିକି । ଏଥିରେ ୧୨୦ କିଲୋମିଟର ଲମ୍ବର ପାଇପ୍ ଲାଗିଛି । ୬୫୦ କିଲୋମିଟର ଲମ୍ବର ଇଲେକ୍-ଟ୍ରିକ୍ କେବ୍‌ଲ ଲାଗିଛି । ଏହାର ନିମ୍ନତମ ଗୃହରେ ଗୋଟିଏ ସିନେମା ଗୃହ ଅଛି; ତାହା ସମୁଦ୍ର ପତ୍ତନ ଠାରୁ ୧୭ ଫୁଟ ୫ ମିଟର ୨୦ ସେଣ୍ଟିମିଟର ତଳେ । ଏହି ପ୍ରକାଣ୍ଡ କୋଠାଟିକୁ ଉଷୁମ ରଖିବା ପାଇଁ ଓ ପାଣିକୁ ଗରମ କରିବା ପାଇଁ (ଆଲୋକ ବ୍ୟବସ୍ଥାକୁ ବାଦ୍ ଦେଇ) ୧୨ ମେଗାୱାଟ୍ ବିଜୁଳିଶକ୍ତି ଦରକାର ହୁଏ ।

## ଲଣ୍ଡନକୁ ଆଉ ଜୁଆର ମାଡ଼ିଆସିବ ନାହିଁ :

ଦିନବେଳା ଆମେ ଟେମସ୍‌ର ବନ୍ୟା ନିୟନ୍ତ୍ରଣ କେନ୍ଦ୍ର ଦେଖିବାକୁ ଯାଇଥିଲୁ । ୬୦ କୋଟି ପାଉଣ୍ଡ (୧୧୨୦ କୋଟି ଟଙ୍କା) ବ୍ୟୟରେ ନିର୍ମିତ ଏହି ବନ୍ୟା ପ୍ରତିରୋଧକ ବ୍ୟବସ୍ଥାକୁ ଚାଲୁ ରଖିବାପାଇଁ ବର୍ଷକୁ ୩୫ ଲକ୍ଷ ପାଉଣ୍ଡ (୫ କୋଟି ୬୦ ଲକ୍ଷ ଟଙ୍କା) ଖର୍ଚ୍ଚ ହେଉଛି । ଏହା ଗୋଟିଏ ବନ୍ଧ ନୁହେଁ । ସମୁଦ୍ରରୁ ଆସୁଥିବା ଢେଉ ଯେପରି ଟେମସ୍ ଭିତର ଦେଇ ଲଣ୍ଡନ ତଥା ଆଖପାଖ ଅଞ୍ଚଳକୁ ପାଣିରେ ବୁଡ଼ାଇ ନଦିଏ, ସେଥିପାଇଁ କେତେଗୁଡ଼ିଏ ପ୍ରତିବନ୍ଧକ

ଅନୁମାନ କରାଯାଇଛି । ବିଶେଷଜ୍ଞମାନେ କହନ୍ତି ଯେ, ଲଣ୍ଡନ ସହର ତଳେ କାଦୁଅ ଅଛି, ସେଥିଲାଗି ଲଣ୍ଡନ ଅଳ୍ପେ ଅଳ୍ପେ ଦବି ଦବି ଯାଉଛି, ତେଣୁ ସାମୁଦ୍ରିକ ଢେଉ ଅଧିକରୁ ଉଚ୍ଚତର ହେଉଛି । କେବଳ ଲଣ୍ଡନ କାହିଁକି, ସାରା ବ୍ରିଟେନ, ବିଶେଷ କରି ଦକ୍ଷିଣପୂର୍ବ ଇଂଲଣ୍ଡ ପ୍ରତି ୧୦୦ ବର୍ଷରେ ଫୁଟେ ବା ୩୦ ସେଣ୍ଟିମିଟର ଲେଖାଏଁ ଦବିଯାଉଛି । ସ୍କଟ୍‌ଲାଣ୍ଡ ଓ ଉତ୍ତର ପଶ୍ଚିମ ଇଂଲଣ୍ଡ ଅଳ୍ପେ ଅଳ୍ପେ ଉପରକୁ ଉଠୁଛି । ଉତ୍ତର-ସାଗରରୁ ଯେଉଁ ଢେଉ ସୃଷ୍ଟି ହୁଏ, ତାହା ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଥିବା ଅଣଓସାରିଆ ଇଂଲିସ ଚ୍ୟାନେଲ ଦେଇ ପାର ହେବାବେଳେ ଅଣଓସାର କାରଣରୁ ଖୁବ୍ ଉଚ୍ଚର ଜୁଆର ବା ବାହ୍ୟନ ସୃଷ୍ଟିହୁଏ । ଏହି ବାହ୍ୟନ ଟେମ୍ସ ନଦୀ ମୁହାଣ ଦେଇ ଉପରକୁ ଉଠିବା ବେଳେ ପ୍ରବଳ ବନ୍ୟା ସୃଷ୍ଟିକରେ । ବହୁତ ଥର ବନ୍ୟା ହୋଇଥିଲେ ମଧ୍ୟ ୧୯୫୩ର ବନ୍ୟା ଭୟଙ୍କର ହୋଇଥିଲା, ଏଥିରେ ୩୦୦ ଲୋକ ପ୍ରାଣ ହରାଇ-ଥିଲେ । ଯଦି ଏହି ବନ୍ୟା ଲଣ୍ଡନରେ ପହଞ୍ଚି ଯାଇଥା'ନ୍ତା, ତେବେ ୫/୬ ମାସ ଧରି ଲଣ୍ଡନ ଅକାମୀ ହୋଇ ପଡ଼ିଥା'ନ୍ତା । ଭୂତଳ ରେଳବାଇ ବ୍ୟବସ୍ଥା ବନ୍ଦ ହୋଇଥା'ନ୍ତା, ବିଜୁଳି ଗ୍ୟାସ ଓ ପାଣି ଯୋଗାଣ ବ୍ୟାହତ ହୋଇଥା'ନ୍ତା, ଟେଲିଫୋନ, ଟେଲିପ୍ରିଣ୍ଟର ସେବା କଟିଯାଇଥା'ନ୍ତା, ହଜାର ହଜାର ଘର, ଦୋକାନ ଓ କଳକାରଖାନା ପାଣିରେ ବୁଡ଼ି ରହିଥା'ନ୍ତା । ଅର୍ଥାତ୍ ସାରା ଲଣ୍ଡନ ସହର ନିର୍ଜୀବ ହୋଇ ପଡ଼ିଥା'ନ୍ତା । ଜୀବନ ନଷ୍ଟକୁ ଛାଡ଼ିଦେଲେ, କେବଳ ସମ୍ପତ୍ତି ନଷ୍ଟର ପରିମାଣ ୩୨୦ କୋଟି ପାଉଣ୍ଡରୁ ଅଧିକ ହୋଇଥାନ୍ତା । ଏହାର ସମାଧାନ ପାଇଁ ଟେମସ୍‌ର ଦୁଇ କୂଳରେ ଉଚ୍ଚ ବନ୍ଧ କରିବାପାଇଁ ଯେଉଁ ପ୍ରସ୍ତାବ ଆସିଲା, ଲୋକେ ତା'ର ପ୍ରବଳ ବିରୋଧ କଲେ । ତେଣୁ ବନ୍ୟା ପ୍ରତିରୋଧକ ବା ଟେମସ୍ ବାରିଅର ଯୋଜନା କାର୍ଯ୍ୟକାରୀ ହେଲା । ଏ କୂଳରୁ ସେ କୂଳ ପର୍ଯ୍ୟନ୍ତ ଏହି ପ୍ରତିବନ୍ଧକର ଓସାର ୫୨୦ ମିଟର, ଏହାହିଁ ଟେମସ୍ ନଦୀର ଓସାର । ଏହି ବାରିଅରରେ ଖୋଲା ହେବାଭଳି ୪ଟି ମୁଖ୍ୟ ଗେଟ୍ ରହିଛି । ପ୍ରତ୍ୟେକଟି ୬୧ ମିଟର ଓସାର । ୩୭୦୦ ଟନ୍ ଓଜନର ୨୦ ମିଟର ଉଚ୍ଚର ପ୍ରତ୍ୟେକ ଇସ୍ପାତ ଫାଟକ ପ୍ରାୟ ୯୦୦୦ ଟନ୍ ଓଜନର ପାଣିକୁ ଅଟକାଇ ଦେଇ ପାରିବ । ଦକ୍ଷିଣ ପଟରୁ ଏହି ପ୍ରତିବନ୍ଧକକୁ ନିୟନ୍ତ୍ରିତ କରାଯାଏ । ଜୁଆର ଆସିବାର ୧୨ ଘଣ୍ଟା ଆଗରୁ ଖବର ଜାଣିବାର ବ୍ୟବସ୍ଥା ଅଛି । ଏଥିପାଇଁ ସମୁଦ୍ରରେ ପର୍ଯ୍ୟବେକ୍ଷଣ କେନ୍ଦ୍ର ରଖାଯାଇଛି । ପ୍ରତିବନ୍ଧକ ବନ୍ଦ କରିବା ପୂର୍ବରୁ ନିୟନ୍ତ୍ରଣକାରୀମାନେ ଲଣ୍ଡନ ବନ୍ଦରକୁ ସତର୍କ କରିଦେବେ, ରେଡିଓ ଦ୍ୱାରା ସବୁ ଜାହାଜ ଚଳାଚଳକୁ ସାବଧାନ କରିଦେବେ, ନଦୀ କୂଳେ କୂଳେ ଜଳ ଓ ସ୍ଥଳର

ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ନୋଟିସ ବୋର୍ଡ଼ଗୁଡ଼ିକୁ ଆଲୋକିତ କରି ଦିଆଯିବ ଓ ପ୍ରତିବନ୍ଧକ ବା ବାରିଅରଠାରେ ସତର୍କ ଆଲୋକ ଜଳାଇ ଦିଆଯିବ । ଏହି ୧୨ ଘଣ୍ଟା ମଧ୍ୟରେ ସମସ୍ତେ ନିରାପଦ ସ୍ଥାନକୁ ଚାଲିଯିବାର ବ୍ୟବସ୍ଥା କରିବେ । କିନ୍ତୁ ଗେଟ୍‌ଗୁଡ଼ିକୁ ବନ୍ଦ କରିବାପାଇଁ ମାତ୍ର ୩୦ ମିନିଟ୍ ଲାଗିବ । ଏହି ପ୍ରତିବନ୍ଧକ ତିଆରି କରିବାରେ ବିଲାତ ସରକାରଙ୍କ କୃଷି, ମତ୍ସ୍ୟ ଓ ଖାଦ୍ୟ ମନ୍ତ୍ରଣାଳୟ ଖର୍ଚ୍ଚର ୭୫% ବହନ କରୁଛନ୍ତି ଓ ବାକି ଅଂଶ ବୃହତ୍ତର ଲଣ୍ଡନ କାଉନ୍‌ସିଲ ବହନ କରୁଛି । ମୁଁ ବିଲାତରେ ଥିବା ସମୟରେ ( ୧୯୮୪ ମେ ମାସରେ ) ଟେମସ୍ ବାରିଅର ଉଦ୍‌ଘାଟିତ ହୋଇଛି । ଏ ସମ୍ପର୍କରେ ବିଲାତ ସରକାର ସାଢ଼େ କୋଡ଼ିଏ ପେନ୍ସର ସ୍ୱତନ୍ତ୍ର ଡାକ ଟିକଟଟିଏ ପ୍ରକାଶ କରିଥିଲେ ଏବଂ ଟେମସ୍ ବାରିଅର ଉଦ୍‌ଘାଟନ ଉପଲକ୍ଷ୍ୟେ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ଡାକ ମୋହର ଚାଲୁ କରିଥିଲେ ।

# ଛୋଟ ଦେଶ ବଡ଼ କଥା

ଦେଶର ଇତିହାସ ଓ ଐତିହ୍ୟ ବିଚାରକୁ ନେଲେ ଇଂଲଣ୍ଡ ଗୋଟିଏ ନୂଆ ଦେଶ । ଆୟତନରେ ଦେଶ ବି ବେଶୀ ବଡ଼ ନୁହେଁ । ସବୁଠାରୁ ବେଶୀ ଲମ୍ବ ମାପ ନେଲେ ଇଂଲଣ୍ଡର ଦକ୍ଷିଣରୁ ଉତ୍ତରକୁ ୭୦୦ କିଲୋମିଟରରୁ କମ୍ ଓ ପୂର୍ବରୁ ପଶ୍ଚିମକୁ ପ୍ରାୟ ୭୦୦ କିଲୋମିଟରରୁ କମ୍ । ଲୋକସଂଖ୍ୟା ଛଅକୋଟିରୁ କମ୍ । ଦ୍ୱୀପ ହୋଇଥିବା କାରଣରୁ ବିଲାତର ଇତିହାସ ବି ଏକ ସିଙ୍ଗିଆ । ଖ୍ରୀଷ୍ଟାବ୍ଦର ଆରମ୍ଭରେ ନର୍ମାନମାନେ ଇଂଲଣ୍ଡ ଆକ୍ରମଣ କରି ତାର ଇତିହାସ ଓ ସଭ୍ୟତା ଆରମ୍ଭ କରିଥିଲେ । ଅର୍ଥାତ୍ ୨୦୦୦ ବର୍ଷ ପୂର୍ବର ଇତିହାସ ଖୋଜିଲେ ଇଂଲଣ୍ଡରେ ମିଳିବ ନାହିଁ । ଦ୍ୱୀପ ଭିତ୍ତିକ ସଭ୍ୟତା ବିଲାତର ସମ୍ବଳକୁ ସୀମିତ କରି ଦେଇଥିଲା । ଶିଳ୍ପ ବିପ୍ଳବ ଆସିବାପରେ କଞ୍ଚାମାଲ ପାଇଁ ସେମାନେ ନୌବାଣିଜ୍ୟକୁ ପ୍ରାଧାନ୍ୟ ଦେଲେ । ନୌବାଣିଜ୍ୟରୁ ସାମ୍ରାଜ୍ୟ ବିସ୍ତାରହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟକୁ ବ୍ରିଟିଶ ସାମ୍ରାଜ୍ୟ ଏତେ ବ୍ୟାପି ଯାଇଥିଲା ଯେ ସେଠାରେ ସୂର୍ଯ୍ୟାସ୍ତ ହେଉ ନଥିଲା । ଭୂ-ଗୋଲକର ସବୁ ଅଂଶରେ ବିଲାତର କିଛି ନା କିଛି ଉପନିବେଶ ଥିଲା ବୋଲି ଏପରି ପ୍ରବାଦ କୁହାଯାଏ । ବର୍ତ୍ତମାନ ବିଲାତର ଯାହାକିଛି ଅଛି ସେଠାରେ ପ୍ରତିଦିନ ସୂର୍ଯ୍ୟାସ୍ତ ହେଉଛି । ବିଲାତ ଆଉ ବୃହତ୍ଶକ୍ତି ଭିତରେ ଗଣା ଯାଉନାହିଁ । ଶିଳ୍ପୋନ୍ନତ ଦେଶଗୁଡ଼ିକ ମଧ୍ୟରେ ବିଲାତର ସ୍ଥାନ ପଞ୍ଚମରୁ ଆହୁରି ତଳକୁ ଖସିଗଲାଣି । କିନ୍ତୁ ସେମାନଙ୍କ ଐତିହ୍ୟକୁ ଦୋହରାଇ ସେମାନେ ଯେଉଁ ଗର୍ବ କରନ୍ତି ତାହା ଅନ୍ୟ ଦେଶମାନଙ୍କର ଓ ଆମର ଅନୁକରଣୀୟ ।

ବିଲାତ ସରକାରଙ୍କ ପରିବେଶ ବିଭାଗ (Department of the Environment) ବିଲାତରେ ଥିବା ସବୁ ପ୍ରତ୍ନତତ୍ତ୍ୱ ତଥା ପ୍ରାଚୀନ ସ୍ମୃତି ଓ କୀର୍ତ୍ତିମାନଙ୍କର ରକ୍ଷଣାବେକ୍ଷଣ କରନ୍ତି । ଦେଶସାରା ସବୁ ପ୍ରାଚୀନ କୀର୍ତ୍ତିକୁ ଦେଖିବାପାଇଁ ନିର୍ଦ୍ଦିଷ୍ଟ ଫି ଦେଇ ବର୍ଷିକିଆ ଟିକଟ ବା ପାସ୍ କିଣାଯାଇ ପାରେ ।

ଅମମାନଙ୍କୁ ବିଭିନ୍ନ ପ୍ରାଚୀନ କୀର୍ତ୍ତି ଓ ସ୍ମୃତି ଦେଖାଇବା ପାଇଁ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଅକ୍ସଫୋର୍ଡ଼ ପଲିଟେକ୍ନିକ ସମସ୍ତ ବନ୍ଦୋବସ୍ତ କରିଥିଲେ । ଆମ କର୍ମଶାଳାର ସଂଗଠକ ଇଆନ୍ ଡାଭିସ୍ ବହୁତ ଯତ୍ନନେଇ ପ୍ରତି ସପ୍ତାହରେ ଏକାଧିକ ଦିନ ପାଖଆଖ ଅଞ୍ଚଳର ଗ୍ରାମ ତଥା ପୁରାତନ କୀର୍ତ୍ତି ଦେଖାଉଥିଲେ । ପୂର୍ବରୁ ଅକ୍ସଫୋର୍ଡ଼ର ପୁରାତନ ମଦ୍ୟପାନ ଗୃହ ଟର୍ଫଟ୍ରାଭର୍ନ ବିଷୟରେ ମୁଁ ବର୍ଣ୍ଣନା କରିଛି ।

ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ କେବେ ଆରମ୍ଭ ହେଲା କେହି କହିପାରନ୍ତି ନାହିଁ । ବିଶ୍ୱବିଦ୍ୟାଳୟ, ବାଲିଓଲ ଓ ମର୍ଟନ କଲେଜ ତ୍ରୟୋଦଶ ଶତାବ୍ଦୀରେ ଏବଂ ଏକ୍ସେଟର, ଓରିଏଲ, କୁଇନସ୍ ଓ ନ୍ୟୁ କଲେଜ ଚତୁର୍ଦ୍ଦଶ ଶତାବ୍ଦୀରେ ସ୍ଥାପିତ ହୋଇଛି । ଅକ୍ସଫୋର୍ଡ଼ ବିଷୟରେ ଇଆନ ଡାଭିସ୍ ବହୁତ ବଡ଼ ବଡ଼ କଥା କହୁଥିଲେ, ଅବଶ୍ୟ ତାହିଁରୁ ଅନେକ ସତ । ସେ କହୁଥିଲେ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ଭିତରୁ ପ୍ରଧାନମନ୍ତ୍ରୀ ହୋଇଥିବା ବିଖ୍ୟାତ ଲୋକମାନେ ହେଉଛନ୍ତି ଉଇଲିୟମ ପିଟ୍ ଦି ଏଲ୍ଡ଼ର, କାନ୍ନିଂ, ପିଲ, ଲର୍ଡ଼ ସାଲିସବରି, ଗ୍ଲାଡ଼ଷ୍ଟୋନ, ଆସ୍କୁଇଥ୍, କ୍ଲେମେଣ୍ଟ ଆଟଲି, ଆଣ୍ଟୋନି ଇଡ଼େନ୍, ହାରଲୋଡ଼ ମ୍ୟାକ୍‌ମିଲନ୍, ଏଡ଼ୱାର୍ଡ଼ ହିଥ୍, ସାର୍ ହାରୋଲଡ଼ ଉଇଲସନ୍ ଓ ମାର୍ଗାରେଟ୍ ଥାଚର । ଇଉନିୟନ ଡିବେଟିଙ୍ଗ ସୋସାଇଟିକୁ ଦେଖାଇ ଛାତ୍ରମାନେ ଗର୍ବ କରନ୍ତି, ଏଇଠି ତର୍କବିତର୍କ କରି ଏହି ପ୍ରଧାନମନ୍ତ୍ରୀମାନେ ସେମାନଙ୍କର ରାଜନୈତିକ ଦାନ୍ତ ଘଷିଥିଲେ । କେବଳ ରାଜନୀତି କ୍ଷେତ୍ରରେ ଅକ୍ସଫୋର୍ଡ଼ ତା'ର ଛାତ୍ରମାନଙ୍କ ପାଇଁ ଗର୍ବ କରେ ନାହିଁ । ପ୍ରସିଦ୍ଧ ଲେଖକ, କବି, ଧର୍ମ ପ୍ରଚାରକ, ଅଭିନେତା ଓ ବୈଜ୍ଞାନିକମାନଙ୍କର ଶିକ୍ଷାମନ୍ଦିର ଭାବରେ ଅକ୍ସଫୋର୍ଡ଼ ଗର୍ବକରେ ଯେ, ତା'ର ଛାତ୍ରମାନେ କେବଳ ଇଂରେଜ ଜାତି ନୁହେଁ, ସମଗ୍ର ମାନବ ଜାତିର ପ୍ରଗତିରେ ସାହାଯ୍ୟ କରିଛନ୍ତି ।

ଏହି ବିଶ୍ୱବିଦ୍ୟାଳୟ ନଗରୀରେ କବି ସେଲି, "ଦି ହବିଟ୍ (The Hobbits) ନାମକ କଳ୍ପନା ବିଳାସୀ ଲୋକଙ୍କର ସ୍ରଷ୍ଟା ଜେ.ଆର୍ ଆର୍. ଟଲକିଏନ୍, ଫରସିଟେ ସାଗା (Forsyte saga)ର ଲେଖକ ଜନ୍ ଗାଲସ୍‌ୱର୍ଦ୍ଦି, ଇଂଲଣ୍ଡର ପ୍ରସିଦ୍ଧ ସ୍ଥପତି ସାର୍ କ୍ରୀଷ୍ଟୋଫର ରେନ୍ (wren) ଏବଂ ଆଧୁନିକ 'ଅଭିନେତାଙ୍କ ମଧ୍ୟରେ ପ୍ରସିଦ୍ଧ ରିଚାର୍ଡ଼ ବର୍ଟନ ଆଦି ପ୍ରେରଣା ପାଇଛନ୍ତି । ଏହି ସହରର କୁଇନ୍ସ କଲେଜରେ ବିଖ୍ୟାତ ଜ୍ୟୋତିର୍ବିଦ୍ୟାର ଜନକ ଏଡ଼ମଣ୍ଡ ହାଲି (ଯାହାଙ୍କ ନାମାନୁସାରେ ଧୂମକେତୁ ନାମିତ) ପାଠ ପଢ଼ିଥିଲେ ଓ ପଢ଼ାଇଥିଲେ ।

୧୬୫୪ରେ ସେଠି ରବର୍ଟ ବଏଲ ଆଧୁନିକ ପଦାର୍ଥ ବିଜ୍ଞାନର ମୂଳଦୂଆ ବଏଲଙ୍କ ନିୟମ(Boyle's Law) ଆବିଷ୍କାର କରିଥିଲେ ସେ ଏହି ଅକ୍ସଫୋର୍ଡ ନଗରୀରେ ଅଧ୍ୟାପନା କରିଥିଲେ । ପେନ୍‌ସିଲିନ୍ ଉପରେ ଗବେଷଣା କରି ନାମ ଅର୍ଜ୍ଜନ କରିଥିବା ଲର୍ଡ଼ ଫ୍ଲୋରେ (Flore) ଏହିଠାରେ ହିଁ ତାଙ୍କ ଗବେଷଣା କରିଥିଲେ ।

ଅନେକ ନୋବେଲ ପୁରସ୍କାର ବିଜେତା ଏହିଠାରେ ଗବେଷଣା ଓ ଅଧ୍ୟାପନା କରିଥିଲେ । ୧୯୫୩ରେ ଶରୀର ବିଜ୍ଞାନ ଓ ଔଷଧ ଶାସ୍ତ୍ରରେ ନୋବେଲ ପୁରସ୍କାର ପାଇଥିବା ସାର୍ ହାନ୍‌ସ କ୍ରେବ୍‌ସ, ୧୯୬୦ରେ ଔଷଧ ଶାସ୍ତ୍ରରେ ନୋବେଲ ପୁରସ୍କାର ପାଇଥିବା ସାର୍ ପିଟର ମେଡ଼ାୱାର, ୧୯୬୪ରେ ରସାୟନ ଶାସ୍ତ୍ରରେ ନୋବେଲ ପୁରସ୍କାର ପାଇଥିବା ସାର୍ ଡରୋଥି ହଜ୍‌କିନ, ୧୯୭୦ ଦଶକରେ ଅର୍ଥଶାସ୍ତ୍ର, ରସାୟନ ତଥା ଜୀବ ବିଦ୍ୟାରେ ଯଥାକ୍ରମେ ନୋବେଲ ପୁରସ୍କାର ପାଇଥିବା ସାର୍ ଜନ୍ ହିକ୍‌ସ, ଆର୍. ଆର୍. ପୋର୍ଟର ଓ ଏନ୍. ଟିନ୍‌ବର୍ଜେନ—ଏମାନେ ସମସ୍ତେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ ।

ଆଧ୍ୟାପକ ଇଆନ ଡାଭିସ୍ ଅକ୍ସଫୋର୍ଡକୁ ପ୍ରଶଂସା କରିବାକୁ ଯାଇ କହନ୍ତି ଯେ, କେବଳ ଅକ୍ସଫୋର୍ଡ ଯୋଗୁଁ ଇଂଲଣ୍ଡ ଦ୍ୱିତୀୟ ବିଶ୍ୱଯୁଦ୍ଧ ଜିତି ପାରିଛି । କାରଣ ୧୯୩୯ ରୁ ୧୯୪୫ ମଧ୍ୟରେ ଏଠାକାର ବୈଜ୍ଞାନିକମାନେ ବ୍ରିଟିଶ୍ ରାଡ଼ାର ବ୍ୟବସ୍ଥା ଓ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀ ପ୍ରସ୍ତୁତ କରିବାରେ ଇଂଲଣ୍ଡକୁ ଜର୍ମାନୀର ସମକକ୍ଷ କରି ପାରିଥିଲେ ।

ଅକ୍ସଫୋର୍ଡର ଲୋକେ ବେଶୀ ମନେ ପକାନ୍ତି ଉଇଲିୟମ ମରିସଙ୍କୁ । ୧୬ ବର୍ଷ ବୟସରେ ୧୮୯୩ରେ ସେ ଏଠାରେ ବାଇ ସାଇକେଲ ତିଆରି ଆରମ୍ଭ କଲେ । ପରେ ପରେ ମୋଟର ସାଇକଲ ଓ ତା'ପରେ ୧୯୧୨ରେ କାର ଉତ୍ପାଦନ କଲେ । ଅନେକ ଲୋକ ପୁରୁଣାକାଳର ମରିସ୍ ଗାଡ଼ି ଦେଖିଥିବେ । ଏହି ମରିସ ତାଙ୍କ ଜୀବନକାଳରେ ୩ କୋଟି ପାଉଣ୍ଡ ଅର୍ଥ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ହସ୍‌ପିଟାଲମାନଙ୍କୁ ଦାନ କରିଥିଲେ ।

ଅକ୍ସଫୋର୍ଡ ସହରରେ ବହୁତ ଜିନିଷ ଦେଖିବାର ଅଛି । ଲଣ୍ଡନ ସହର ଦେଇ ବହିଯାଉଥିବା ଇଂଲଣ୍ଡର ସବୁଠାରୁ ବଡ଼ ନଦୀ ଟେମ୍‌ସ ଅକ୍ସଫୋର୍ଡ ସହର ଦେଇ ଯାଇଛି । ଏହି ସହର ଦେଇ ବହି ଯାଉଥିବା ଆଉରି ଗୋଟିଏ

ନଦୀର ନାମ ଚେରୱେଲ । ଅକ୍ସଫୋର୍ଡରେ ଏହି ନଦୀଗୁଡ଼ିକର ଆକାର ଆମ ଦେଶର ଗୋଟିଏ ଗୋଟିଏ ଛୋଟ ନାଳପରି । ସହରର ଭିତରେ ପାଣି ଖୁବ୍ ମଇଳା । ଏହି ଅଗଭୀର ନଦୀଗୁଡ଼ିକରେ ରଙ୍ଗ ବେରଙ୍ଗର ପ୍ଲାଷ୍ଟିକ ଡଙ୍ଗା ଚଢ଼ି ବୁଲିବାକୁ ଲୋକେ ଖୁବ୍ ଭଲ ପାଆନ୍ତି । ଏହି ଡଙ୍ଗାଗୁଡ଼ିକ ଚେପ୍ଟା, ଅଳ୍ପ ଉଚ୍ଚ ଓ ଓସାରିଆ । ପ୍ରତି ଡଙ୍ଗାରେ ଗୋଟିଏ କାଠ ଥାଏ । ଏହି ଡଙ୍ଗାରେ ଚଢ଼ି ନଦୀରେ ବୁଲିବାକୁ ସେମାନେ ପନ୍ଟିଙ୍ଗ (Punting) କହନ୍ତି । ଇଆନ୍ ଡାଭିସ୍ ଆମକୁ ଥରେଅଧେ ପନଟିଙ୍ଗ୍‌ରେ ଯିବାପାଇଁ ପ୍ରବର୍ତ୍ତାଇ ଥିଲେ । ଆମେ-ମାନେ ତାଙ୍କ ପ୍ରସ୍ତାବକୁ ହସରେ ଉଡ଼ାଇ ଦେଇଥିଲୁ । ପରେ ଯେତେବେଳେ ସେ ବୁଝିଥିଲେ ଯେ ଆମ ଆଗରେ ଏହି ଡଙ୍ଗାଗୁଡ଼ିକ ଛୁଆଙ୍କ ଖେଳପରି, ସେ ପଣ୍ଟିଙ୍ଗ୍ ପାଇଁ ଆଉ କେବେ କହି ନ ଥିଲେ ।

ଇଆନ୍ ଡାଭିସ୍ ଅକ୍ସଫୋର୍ଡର ଆଖପାଖ ଅଞ୍ଚଳରେ ପୂର୍ବକାଳର ରାଜପ୍ରାସାଦ ବ୍ଲେନ୍‌ହିମ ପାଲେସ୍ ଓ ୱାଡସାମ୍ ପାଲେସ୍ ଆଦି ଦେଖାଉଥିଲା ବେଳେ ଖୁବ୍ ଗର୍ବ ଅନୁଭବ କରୁଥିଲେ । ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଇଂରେଜ ଲୋକେ ଏତେ ସଚେତନ ଯେ ବିଲାତର ପ୍ରତି ସହରରେ ଏକାଧିକ ମ୍ୟୁଜିୟମ ବା ଯାଦୁଘର ଗଢ଼ିଛନ୍ତି । ଅକ୍ସଫୋର୍ଡ ଭଳି ଛୋଟ ସହରରେ ୬ଟି ଯାଦୁଘର ରହିଛି—ମ୍ୟୁଜିୟମ ଅଫ ଅକ୍ସଫୋର୍ଡ, ୟୁନିଭରସିଟି ମ୍ୟୁଜିୟମ, ଆସମୋଲିଆନ୍ ମ୍ୟୁଜିୟମ, ମ୍ୟୁଜିୟମ ଅଫ ମଡ଼ର୍ନ ଆର୍ଟ, ପିଟ୍ ରିଭର୍ସ ମ୍ୟୁଜିୟମ ଓ ବେଟ୍ କଲେକ୍ସନ୍ । ପ୍ରଥମଟିରେ ଅକ୍ସଫୋର୍ଡର ଇତିହାସ ନର୍ମାନ ଆକ୍ରମଣଠାରୁ ମହାଯୁଦ୍ଧ ପର୍ଯ୍ୟନ୍ତ ଦର୍ଶାଯାଇଛି । ଦ୍ୱିତୀୟଟିରେ ପ୍ରାକୃତିକ ଇତିହାସ ପ୍ରଦର୍ଶନ ହୋଇଛି । ତୃତୀୟଟି ବ୍ରିଟେନର ସର୍ବୋତ୍ତମ ଯାଦୁଘର ଭିତରେ ଅନ୍ୟତମ । ଏଥିରେ ବହୁ ଚିତ୍ରକଳା, ରୁପା କାରୁକାର୍ଯ୍ୟ ଓ ବାଦ୍ୟଯନ୍ତ୍ର ରହିଛି । ଚତୁର୍ଥଟିରେ ବିଂଶ ଶତାବ୍ଦୀର କଳାକୃତି ପ୍ରଦର୍ଶିତ ହୋଇଛି । ପଞ୍ଚମଟିରେ ପୃଥିବୀବ୍ୟାପି ବିଭିନ୍ନ ଜାତିର ଲୋକଙ୍କର ଅସ୍ତ୍ରଶସ୍ତ୍ର ଓ ଜୀବିକା ନିର୍ବାହ ସରଞ୍ଜାମ ରଖା ହୋଇଛି । କ୍ୟାପ୍ଟେନ୍ କୁକ୍ ସଂଗ୍ରହ କରିଥିବା କେତୋଟି ଜିନିଷ ଏଥିରେ ରହିଛି । ଷଷ୍ଠଟିରେ ଯେତେ ପ୍ରକାରର ଓ ଯେତେକାଳର ବାଦ୍ୟଯନ୍ତ୍ର ରହିଛି—ତାହା ବିଲାତର ଅନ୍ୟ କୌଣସି ମ୍ୟୁଜିୟମରେ ନାହିଁ ।

ଆମ କର୍ମଶାଳା ସମ୍ପର୍କରେ କେତେଗୁଡ଼ିଏ ବ୍ୟବହାରିକ ଜ୍ଞାନ ସଂଗ୍ରହ କରିବାପାଇଁ ଆମ ଅଧ୍ୟାପକ ଆମମାନଙ୍କୁ ବିଭିନ୍ନ ସ୍ଥାନକୁ ନେଇଥିଲେ । ତନ୍ମଧ୍ୟରୁ ଲଣ୍ଡନର ଟେମସ୍ ବାରଅର ବା ପ୍ରତିବନ୍ଧକ ଓ ମାକନ୍‌ଲେଥ (Machynlleth)

ଠାରେ ଥିବା ବିକଳ୍ପ ପ୍ରଯୁକ୍ତି ବିଦ୍ୟାର କେନ୍ଦ୍ର (Centre for alternative technology) ଅନ୍ୟତମ ।

## ପୁରୁଣା ଯୁଗକୁ ଫେରିଯିବା ଚେଷ୍ଟା :

ଆମ ଦେଶରେ ସାଧୁସନ୍ଥମାନେ ଯେପରି ସହଜ ସରଳ ଜୀବନଯାପନ କରିବା ପାଇଁ ଗୋଟିଏ ଗୋଟିଏ ଆଶ୍ରମ ଖୋଲିଲେ ଲୋକେ ସେଠାକୁ ଦୌଡ଼ନ୍ତି, ବିଳାସର ସମାଜକୁ ଛାଡ଼ି ବିକଳ୍ପ ପ୍ରଯୁକ୍ତି ବିଦ୍ୟାର କେନ୍ଦ୍ର ସେହିପରି ଗୁଡ଼ିଏ ଲୋକଙ୍କୁ ଆକୃଷ୍ଟ କରୁଛି । ଏହି କେନ୍ଦ୍ରଟି ଇଂଲଣ୍ଡର ଦକ୍ଷିଣ ପଶ୍ଚିମରେ ଥିବା ଓ୍ୱେଲସ୍ ଅଞ୍ଚଳରେ ଅବସ୍ଥିତ । ମଟରଓ୍ୱେ ବା ଆମର ଜାତୀୟ ରାଜପଥ ପରି ରାସ୍ତା ନମ୍ବର ଏ. ୪୮୭ରୁ ମାଚିନ୍‌ଲେଥକୁ ଯିବାକୁ ପଡ଼େ । ସେଠାରୁ ୩ ମାଇଲ ଉତ୍ତରକୁ ଲୁଇଙ୍ଗ୍ ଓ୍ୱାର୍ନ କ୍ୱାରି (Llwyngwern Quarry) ନାମକ ସ୍ଥାନରେ ଏହି କେନ୍ଦ୍ରଟି ଅବସ୍ଥିତ । ସୋସାଇଟି ଫର ଏନଭାଇରନ୍‌ମେଣ୍ଟାଲ ଇମ୍ପ୍ରୁଭ୍‌ମେଣ୍ଟ ନାମକ ଏକ ରେଜିଷ୍ଟାର୍ଡ଼ ଦାତବ୍ୟ ଅନୁଷ୍ଠାନ ଦ୍ୱାରା ଏହା ୧୯୭୪ରେ ସ୍ଥାପିତ ହୋଇଅଛି ।

ଏହି କେନ୍ଦ୍ରରେ ବସବାସ କରୁଥିବା ଲୋକେ ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରୁଛନ୍ତି । ସେମାନେ ନିଜର ବିଜୁଳି ମଧ୍ୟ ଉତ୍ପାଦନ କରନ୍ତି । ପାଖଆଖରେ ଥିବା ମୁଖ୍ୟ ବିଜୁଳି ତାରରୁ ଶକ୍ତି ନିଅନ୍ତି ନାହିଁ । ନିଜର ଖାଦ୍ୟ ପାଇଁ ଯଥାସମ୍ଭବ ଫସଲ କରନ୍ତି । କୌଣସି ଜିନିଷକୁ ନଷ୍ଟ କରିବାକୁ ଦିଅନ୍ତି ନାହିଁ ଏବଂ ଅଳିଆ ଆବର୍ଜନାରୁ ନୂଆ ଜିନିଷ ତିଆରି କରନ୍ତି । ବାହାରୁ ଆସୁଥିବା ଦର୍ଶକ ବା ସ୍ୱେଚ୍ଛାସେବୀମାନଙ୍କୁ ଛାଡ଼ିଦେଲେ ମାତ୍ର ୨୦ ଜଣ ଲୋକ ଏହି କେନ୍ଦ୍ରରେ ବସବାସ କରନ୍ତି ଏବଂ କେନ୍ଦ୍ରରେ କାମ କରୁଥିବା ୩୦ ଜଣ କର୍ମଚାରୀ ପଡ଼ୋଶୀ ଗ୍ରାମମାନଙ୍କରେ ରୁହନ୍ତି । କେନ୍ଦ୍ରଟି ଗୋଟିଏ ପ୍ରଦର୍ଶନ କ୍ଷେତ୍ର । ତେଣୁ ଘରଦ୍ୱାର ସମସ୍ତଙ୍କ ପାଇଁ ମୁକ୍ତ । ଏପରି ପ୍ରଦର୍ଶନ କ୍ଷେତ୍ରର ଆବଶ୍ୟକତା ଓ ବସବାସ କରୁଥିବା ଲୋକମାନଙ୍କର ଘରୋଇ ଗୋପନୀୟତା ଭିତରେ ସମନ୍ୱୟ ରକ୍ଷା କରିବା ବଡ଼ କଷ୍ଟକର ବୋଲି ସେଠାକାର ଅଧିବାସୀମାନେ କହନ୍ତି । ସୂର୍ଯ୍ୟରୁ, ପବନରୁ ଓ ପାଣିରୁ ଶକ୍ତି ଗ୍ରହଣ କରିବା, ଜୈବିକ ଉଦ୍ୟାନ କରିବା, କମାରଶାଳ ଚଳାଇବା ତଥା ବାଇକ ମିସ୍ତ୍ରୀ କାମ କରିବା, ସର୍ବୋପରି ସ୍ୱାସ୍ଥ୍ୟପ୍ରଦ ରୋଷେଇ ଆଦି ସମ୍ପର୍କରେ ଏହି କେନ୍ଦ୍ରରେ ଶିକ୍ଷା ଦିଆଯାଏ । କର୍ମକ୍ଷେତ୍ର ପାଖରେ ରହୁଥିବାରୁ ସେମାନଙ୍କର ଯିବାଆସିବା ଦରକାର ପଡ଼େନାହିଁ । ଯଦି ଦରକାର ପଡ଼େ ସେମାନେ ସାଇକଲ ବ୍ୟବହାର କରନ୍ତି । ସେମାନେ କହନ୍ତି ଯେ, ଅନ୍ୟ ଯାନର କାମ ତୁଳନାରେ ଖର୍ଚ୍ଚ ହେଉଥିବା ଶକ୍ତି ତୁଳନା କଲେ ସାଇକଲ

ସବୁଠାରୁ ବେଶି କାମଦିଏ । ଏହା ବାୟୁ ଦୂଷିତ କରେ ନାହିଁ ଏବଂ ସହର ଭିତ୍ତି ରାସ୍ତାରେ ଅଳ୍ପ ଦୂର ପାଇଁ କାରଠାରୁ ଜୋରରେ ଯାଇପାରେ । ଏହି କେନ୍ଦ୍ରରେ ଗୋଟିଏ ଇଲେକ୍ଟ୍ରିକ ଟ୍ରକ୍ ଅଛି । ଏହା ଜଳଚାଳିତ ଟରବାଇନ୍ ଦ୍ୱାରା ଚାର୍ଜ ହୁଏ ଏବଂ ଏହି ଶକ୍ତି ଫଳରେ ୪୦ ମାଇଲ୍ ବା ୬୪ କି.ମି ପର୍ଯ୍ୟନ୍ତ ଯାଇପାରେ । ଏଠାରେ ଥିବା ସର୍ବସାଧାରଣ ପାଇଖାନାରୁ ସେପ୍ଟିକ୍ ଟ୍ୟାଙ୍କକୁ ଯେଉଁ ନର୍ଦ୍ଦମା ଯାଏ, ତା'କୁ ସେମାନେ ବର୍ଷକରେ ଥରେ ମିଥେନ୍ ଡାଇଜେଷ୍ଟରରେ ପୁରାନ୍ତି । ଏହା ଆମର ଗୋବରଗ୍ୟାସ ଉତ୍ପାଦନ ଭଳି । ସେମାନେ କହନ୍ତି ଯେ ଏଥିରୁ ୬୫% ମିଥେନ୍ ବାହାରେ । ମନେରଖନ୍ତୁ, ରୋଷେଇ ପାଇଁ ବ୍ୟବହୃତ ହେଉଥିବା ଭଳି ପେଟ୍ରୋଲିୟମ ଗ୍ୟାସରେ ୯୦% ମିଥେନ୍ ଥାଏ । ଏହି ଜୈବିକ ଗ୍ୟାସ କୋଇଲା ଗ୍ୟାସଠାରୁ ବେଶି ଉତ୍ତାପ ଦିଏ । ଭଲ ଗ୍ୟାସ ପାଇବାପାଇଁ ୩୦-୩୫° ସେଲସିଅସ ମଧ୍ୟରେ ତାପ ରହିବା ଉଚିତ୍ । ମଣିଷ ତଥା ଗୃହପାଳିତ ଜନ୍ତୁମାନଙ୍କର ମଳରୁ ଏପରି ଗ୍ୟାସ ନେଇଗଲାପରେ ଯେଉଁ କାଦୁଅ ରହିଯାଏ, ତାହା ଖୁବ୍ ଉର୍ବର ସାର ଭଳି କାମଦିଏ । ସାଧାରଣ ଶୌଚାଗାରରୁ ସେମାନେ ପାଇପ୍ ସାହାଯ୍ୟରେ ପରିସ୍ରା ସଂଗ୍ରହ କରି ନିଅନ୍ତି ଏବଂ ତାକୁ ସାର ରୂପରେ ବ୍ୟବହାର କରନ୍ତି । ସୌର ଶକ୍ତିରୁ ଉତ୍ତାପ ଗ୍ରହଣ କରି ସେମାନେ ପାଣିକୁ ଗରମ କରୁଛନ୍ତି ଓ ତା'ଙ୍କ ଦେଶର ଶୀତକାଳୀନ ଜଳବାୟୁ ପାଇଁ ଦରକାର ହେଉଥିବା ତାପ ଘର ଭିତରେ ଯୋଗାଉଛନ୍ତି । କେନ୍ଦ୍ରଟି ଗୋଟିଏ ପାହାଡ଼ ଉପରେ ଥିବାରୁ ସେମାନେ ଜଳ ଟରବାଇନ୍ ସାହାଯ୍ୟରେ ଜଳବିଦ୍ୟୁତ୍ ସଂଗ୍ରହ କରୁଛନ୍ତି । ଏଠାରେ ପେଲ୍ଟନ୍ ଚକ (Pelton wheel) ଓ ପେଲ୍ଟନ୍ ଟରବାଇନ୍ ବ୍ୟବହାର କରି ଏମାନେ ପ୍ରାୟ ୨-୩ କିଲୋୱାଟ୍ ବିଜୁଳିଶକ୍ତି ପାଉଛନ୍ତି । ସେମାନେ କହନ୍ତି ଯେ ଅଳ୍ପ ଉଚ୍ଚରୁ ପଡୁଥିବା ପାଣିର ଓଜନରେ ପେଲ୍ଟନ୍ ଟରବାଇନ୍ ବ୍ୟବହାର କଲେ ଆମ ଦେଶର ମାଳ ଅଞ୍ଚଳରେ ଥିବା କେନାଲମାନଙ୍କରେ ପ୍ରତି ଅଧକିଲୋମିଟର ଦୂରତ୍ୱରେ ୨-୩ କିଲୋୱାଟ୍ ବିଜୁଳିଶକ୍ତି ମିଳିପାରିବ । ଯେଉଁ ପାହାଡ଼ିଆ ଅଞ୍ଚଳରେ କେନାଲ ଉଚ୍ଚରୁ ନୀଚକୁ ଖସିଥାଏ, ଅର୍ଥାତ୍ କେନାଲ ପାଣି ଝୁନ୍ ଉଚ୍ଚରୁ ତଳକୁ ପଡୁଥାଏ, ସେଠାରେ କେଇଟା ପେଲ୍ଟନ୍ ଚକ ଟରବାଇନ୍ ଲଗାଇଲେ ଆହୁରି ବେଶି ପରିମାଣର ବିଜୁଳି ମିଳିପାରିବ । ଜଳସେଚନ ସମୟରେ ଜଳ ଭଣ୍ଡାରର ପାଣି କମୁଥିଲେ ହେଁ କେନାଲ ଜରିଆରେ ଏହିପରି ବିଜୁଳି ସଂଗ୍ରହ କରାଯାଇ ପାରିବ ଓ ଗାଁ ଗହଳର ବିଜୁଳି ଅଭାବ ଦୂର ହୋଇ ପାରିବ ।

ଏଠାରେ ହେଉଥିବା କୃଷି ବଗିଚା-କୃଷି ଭଳି । କିନ୍ତୁ କୌଣସି ଠାରେ କୃତ୍ରିମ ସାର ବା ରାସାୟନିକ ସାର କିମ୍ବା କୀଟାଣୁ ନାଶକ ଔଷଧ ବ୍ୟବହାର ହେଉନାହିଁ । ଗୋବର, ମଳ, ମୂତ୍ର, ରୋଷେଇ ଘର ମଇଳା, ମିଥେନ୍ ଡାଇଜେଷ୍ଟରର କାଦୁଅ, ପାଉଁଶ ଓ ବାଳୁଙ୍ଗାଗଛ ଗୁଡ଼ିକୁ ଜମିରେ ପକାଇ କିମ୍ବା କମ୍ପୋଷ୍ଟ କରି ଭୂମିର ଉର୍ବରତା ବଢ଼ାଯାଉଛି । କୀଟାଣୁ ନିୟନ୍ତ୍ରଣ କରିବା ପାଇଁ ଫସଲର ପରିବର୍ତ୍ତନ କରାଯାଉଛି । ଧ୍ୱଂସକାରୀ ପୋକଙ୍କୁ ଆଉ କେଉଁ ଭଳି ପୋକ ବା ଜୀବ ନଷ୍ଟ କରିପାରେ ତାଙ୍କୁ ଛଡ଼ା ଯାଉଛି । ବହୁଳ ଭାବରେ ମିଶ୍ରକୃଷି କରାଯାଉଛି, ଏହାର କାରଣ ପରାଗ ସଙ୍ଗମ ଭଲ ଭାବରେ ହେବ, ତେଣୁ ଫଳ ବହୁଳ ଭାବରେ ହେବ ।

୧୯୭୪ ପୂର୍ବରୁ ଯେଉଁ ପାହାଡ଼ଟି ପରିତ୍ୟକ୍ତ ପଡ଼ିଆ ହିସାବରେ ରହି ଆସିଥିଲା, ଆଜି ସେଠାରେ କେନ୍ଦ୍ରର ଲୋକମାନେ ବେଶ ପରିବାପଙ୍ଗ କରୁଛନ୍ତି । ଯେଉଁ ଜମିରେ କୃଷିବାସ ହୋଇପାରିବ ନାହିଁ, ସେଠାରେ ଛୋଟ ପୋଖରୀ କରି ସେମାନେ ମାଛଚାଷ କରିବାର ଉଦ୍ୟମ କରିଥିଲେ, କିନ୍ତୁ ଇଂଲଣ୍ଡର ଜଳବାୟୁ ଅତି ଥଣ୍ଡା ହୋଇଥିବାରୁ ଛୋଟ ପୋଖରୀର ପାଣିକୁ ଗରମ ରଖିବା ଅସମ୍ଭବ ହେଲା । ବର୍ତ୍ତମାନ ସେମାନେ ମାଛଗୁଡ଼ିକୁ ଗୋଟିଏ ବଡ଼ ପୋଖରୀକୁ ନେଇ ଯାଇଛନ୍ତି । କିନ୍ତୁ ସେମାନେ କହନ୍ତି ଯେ, ଉଷ୍ଣ ଜଳବାୟୁରେ, କୃଷି ଅନୁପଯୁକ୍ତ ଜମିରେ ମାଛଚାଷ କରିହେବ । ଏହି କେନ୍ଦ୍ରରେ ଛେଳି, ମେଣ୍ଢା, କୁକୁଡ଼ା, ହଂସ ଆଦି ରଖା ହୋଇଛନ୍ତି । କାରଣ ସେମାନେ ନିକୃଷ୍ଟ ଜମିକୁ ଉତ୍କୃଷ୍ଟ କରିବାପାଇଁ ଖତ ଯୋଗାନ୍ତି । କୁକୁଡ଼ା ଓ ହଂସ ଭଳି ଛୋଟ ଛୋଟ ଜନ୍ତୁ ଅଇଁଠା ଓ ରୋଷେଇ ଘରର ଆବର୍ଜ୍ଜନା ଖାଆନ୍ତି ଏବଂ ତାଜା ଓ ଶୁଦ୍ଧ ମାଂସ ଯୋଗାନ୍ତି ।

ଉକ୍ତ କେନ୍ଦ୍ରରେ ବହୁତ ଗୁଡ଼ିଏ ଉଇଣ୍ଡ୍ ମିଲ୍ ବା ପବନଚାଳିତ କଳ ଅଛି । ଏମାନଙ୍କ ବେଗ ଘଣ୍ଟାକୁ ୭ ମାଇଲରୁ ୩୦ ମାଇଲ ପର୍ଯ୍ୟନ୍ତ । ଏହାଠୁଁ ବେଶି ବେଗର ପବନ ହେଲେ ଅଧିକ ଶକ୍ତି ମିଳେ ନାହିଁ । ଏହି ପବନ କଳରେ ଲାଗିଥିବା ପଙ୍ଖାର ଫଳକ ବା ଡେଣା ଯେଉଁ ପ୍ରକାର ବେଗ ଦେବ ତାହାର ଫର୍ମୁଲା ହେଉଛି !—ଫଳକ ଅଗର ବେଗ ଅନୁପାତ $= \frac{\text{ଫଳକ ଅଗର ବେଗ}}{\text{ପବନର ବେଗ}}$ ।
ଦୁଇ ତିନୋଟି ଫଳକ ଥିବା କଳରେ ବେଗ ଅନୁପାତ ଆଠ, ଅର୍ଥାତ୍ ପବନ

ବେଗର ଆଠଗୁଣ ବେଗରେ ପଙ୍ଖାର ସୀମା ଘୂରିଥାଏ । ଏହାର ଆବର୍ତ୍ତନ ବେଗ ସର୍ବାଧିକ ଶକ୍ତି ଦିଏ । ବହୁ ସଂଖ୍ୟକ ତେଣାଥିବା ପବନ କଳରେ ଏହି ବେଗର ଅନୁପାତ ୧ ରୁ ବେଶି ହୁଏ ନାହିଁ, ତେଣୁ ଆବର୍ତ୍ତନ ବେଗ ଧୀର ହୋଇଯାଏ ଓ କଳ ଉପରେ ବେଶି ଚାପ ପଡ଼େ ।

ଏହି କେନ୍ଦ୍ରରେ ମୂଷା ନ ପଶିବା ଭଳି ଶସ୍ତା ଓ ସମାନ ଉତ୍ତାପ ରହୁଥିବା ଘର ତିଆରି କରାଯାଇଛି । ଘରଟିର ଅଧାଅଧି ମାଟି ଭିତରେ, କାନ୍ଥଗୁଡ଼ିକ ମୋଟା ମୋଟା ପଥରରେ ତିଆରି ଅଥଚ ସୂର୍ଯ୍ୟ କିରଣକୁ ପ୍ରତିଫଳନ କଲାଭଳି ଚକ୍ ଚକ୍ କରାଯାଇଛି ଏବଂ ଛାତ ଉପରେ ଘାସ ଲଗାଯାଇଛି । ଇଂଲଣ୍ଡ ଭଳି ଶୀତ ପ୍ରଧାନ ଦେଶରେ ବରଫପାତ ଯୋଗୁଁ ଥଣ୍ଡା ନ ହେବା ପାଇଁ ଏଭଳି ଘର ଖୁବ୍ ଉପଯୁକ୍ତ । ଖରାଦିନେ ମଧ୍ୟ ଏହା ଗରମ ହୁଏ ନାହିଁ ।

ଭାରତରୁ ଜଣେ ଲୋକ ଆସି ଏଠାରେ ରୋଷେଇ ଘର ସମ୍ଭାଳୁଛନ୍ତି । ରୋଷେଇ ଘର ଭିତରେ ପଶିବାକ୍ଷଣି କାନ୍ଥରେ ହିନ୍ଦିରେ "ଓଁ" ଲେଖା ହୋଇଥିବା ଦେଖି ଆମ ମନରେ ମଧ୍ୟ ଏହି ସନ୍ଦେହ ହୋଇଥିଲା । ଏଠାରେ ରନ୍ଧା ହୋଇଥିବା ଖାଦ୍ୟରେ କୌଣସି କୃତ୍ରିମ ସଂରକ୍ଷକ ବା ରସାୟନ ମିଶା ଯାଇନାହିଁ । ସେହିଠାରେ ଫସଲ କରା ହୋଇଥିବା ପରିବାପତ୍ର ବା କୁକୁଡ଼ା ହଂସାଦିର ବ୍ୟବହାର ହୋଇଥାଏ । କେନ୍ଦ୍ରର ରେସ୍ତୋରାଁରେ ଆମେ ଖାଇ ଏ ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ପାଇଥିଲୁ । ଏହି କେନ୍ଦ୍ରରେ ଗୋଟିଏ ପ୍ରଦର୍ଶନୀ ହଲ୍ ଓ ଗୋଟିଏ ବହି ଦୋକାନ ଅଛି । ଏହି ବହି ଦୋକାନରେ ଥିବା ବହିଗୁଡ଼ିକ ପ୍ରାୟ ବିକଳ୍ପ ବା ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ଉପରେ ଲେଖା । କିପରି ଶକ୍ତି ସଞ୍ଚୟ କରାଯିବ, କମ ଶକ୍ତିରୁ ବେଶି କାମ ଆଦାୟ କରାଯିବ ଏବଂ ପରିବେଶ ଦୂଷିତ ହେବ ନାହିଁ—ସେହି ସମ୍ପର୍କରେ ଯାବତୀୟ ବହି ରଖାଯାଇଛି । ବହି ଦୋକାନରେ କେତେଗୁଡ଼ିଏ ଖେଳନା ମଧ୍ୟ ବିକ୍ରି ହେଉଥାଏ । ସେଗୁଡ଼ିକ ପିଲାମାନଙ୍କ ପାଇଁ ଯେପରି ନିରାପଦ, ସେହିପରି ଶିକ୍ଷଣୀୟ । କିନ୍ତୁ ସେଗୁଡ଼ିକର ଦାମ ବେଶି ଜଣା ପଡୁଥିଲା । ଗୋଟିଏ ପାଉଣ୍ଡ ଦେଇ ମୁଁ ଜାଇରୋସ୍କୋପ୍‌ଟିଏ କିଣିଥିଲି । ସୂତାରେ ଟାଣି ଖେଳଣା ମଝିରେ ଥିବା ଚକଟିକୁ ଖୁବ୍ ଜୋରରେ ଘୂରାଇ ଛାଡ଼ିଦେଲେ, ଖେଳଣାଟିକୁ ଯେ କୌଣସି କୋଣ କରି ରଖିଲେ ବି ତାହା ସିଧା ଠିଆ ହୋଇଥିବ । ଘୂରିବା ବନ୍ଦ ହେଲେ ସିଧା ଠିଆ ହେବ ନାହିଁ ।

କେନ୍ଦ୍ରଟି ଯେଉଁ ପରିତ୍ୟକ୍ତ ଖଣି ଜାଗାରେ ରହିଛି ତାହା ଗୋଟିଏ ସିଲଟ ଖଣି ଥିଲା । ଲୁଇଙ୍ଗ୍ ଓ୍ୱର୍ନ ପାହାଡ଼ରେ ଏହି ସିଲଟ ଖଣି କାମ ପ୍ରାୟ

୨୫ ବର୍ଷ ହେବ ବନ୍ଦ ହୋଇଗଲାଣି । ଏହି ପରିତ୍ୟକ୍ତ ଖଣିଟିକୁ କେନ୍ଦ୍ରକରି ଏଠାକାର ଉତ୍ସାହୀ ବୈଜ୍ଞାନିକମାନେ ଦୁନିଆକୁ ଦେଖାଇବାକୁ ଚାହାନ୍ତି ଯେ, କମ ଖର୍ଚ୍ଚରେ ପ୍ରକୃତିକୁ ଦୂଷିତ ନ କରି ମଣିଷ ପାଇଁ ସ୍ୱାସ୍ଥ୍ୟକର ଜୀବନଯାପନର ସୁବିଧା କରିଯାଇପାରେ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ବ୍ୟବହାର କରି ପାହାଡ଼ରୁ କଟା ହୋଇଥିବା ସିଲଟକୁ ବିନା ପେଟ୍ରୋଲରେ ଟ୍ରକରେ ବୋହି ନିଆହୋଇ ଯାଉଥିଲା, ତା'ର ପ୍ରମାଣ ଏହି କେନ୍ଦ୍ରରେ ଦେଖାଉଛନ୍ତି । ଦୁଇଟି ସମାନ୍ତରାଳ ରାସ୍ତା ବ୍ୟବହାର ହେଉଥିଲା । ଗୋଟିଏ ରାସ୍ତାରେ ତଳକୁ ଖସୁଥିବା ବୋଝେଇ ଟ୍ରକ, ଅନ୍ୟ ରାସ୍ତାଟିରେ ଉପରକୁ ଉଠୁଥିବା ଖାଲି ଟ୍ରକ—ଦୁଇଟିକୁ ଗୋଟିଏ ଲୁହା ଦଉଡ଼ି ଦ୍ୱାରା ଯୋଗ କରାଯାଇ ଦଉଡ଼ିକୁ ପାହାଡ଼ ଉପରେ ଥିବା ଗୋଟିଏ ଡ୍ରମ ଚାରିପଟେ ଗୁଡ଼ା ଯାଇଥାଏ । ଏହି ଡ୍ରମରେ ବ୍ରେକ ବ୍ୟବସ୍ଥା ମଧ୍ୟ ଥାଏ । ସିଲଟ ଲଦା ହୋଇଥିବା ଟ୍ରକ ନିଜ ଓଜନରେ ଅର୍ଥାତ୍ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ତଳକୁ ଗଡ଼ିବାକ୍ଷଣି ତଳେ ଥିବା ଖାଲି ଟ୍ରକଟି ଆପେ ଆପେ ଉପରକୁ ଉଠିଯାଉଥାଏ । କେନ୍ଦ୍ରର ଲୋକେ ପାହାଡ଼ର ଗଡ଼ାଣିଆ ମୁହଁକୁ ଏହିପରି ବ୍ୟବହାର କରି ଶକ୍ତି ସଞ୍ଚୟ କରୁଛନ୍ତି ଏବଂ ପରିବେଶକୁ ନିର୍ମଳ ରଖୁଛନ୍ତି । ପୃଥିବୀରେ ସବୁଆଡ଼େ ଯଦି ଏଭଳି ଆଦର୍ଶ ଗ୍ରହଣ କରାଯା'ନ୍ତା ଅର୍ଥାତ୍ ପ୍ରକୃତିକୁ ଦୂଷିତ ନ କଲାଭଳି ଓ ପୃଥିବୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ ନ କଲାଭଳି ସାଧନ ବ୍ୟବହାର କରାଯାଆନ୍ତା, ତା'ହେଲେ ମାନବ ସମାଜର ଅଧିକାଂଶ ଦୁଃଖକଷ୍ଟ ଆପେ ଆପେ ଦୂର ହୋଇଯାଆନ୍ତା ।

## ବିଲାତର ସଭ୍ୟତା :

ମଧ୍ୟଯୁଗରେ ବିଲାତର ଲୋକେ ଆମ ଦେଶର ଆଦିବାସୀମାନଙ୍କ ଭଳି ଥିଲେ । ରୋମାନମାନଙ୍କ ଆକ୍ରମଣ ପରେ ଆଜକୁ ମାତ୍ର ଦୁଇହଜାର ବର୍ଷ ତଳେ ସେମାନେ ସଭ୍ୟ ହେଲେ ବୋଲି ଐତିହାସିକମାନେ କୁହନ୍ତି । ଇଂଲଣ୍ଡର ସ୍ଥାନେ ସ୍ଥାନେ ପ୍ରତ୍ନତତ୍ତ୍ୱବିତ୍‌ମାନେ ପୁରୁଣା ରୋମାନବସତିର ସନ୍ଧାନ ପାଇଛନ୍ତି । ଅକ୍ସଫୋର୍ଡ଼ ଠାରୁ ଅଳ୍ପ ଦୂରରେ ଥିବା ନର୍ଥଲେ'ର ଇଷ୍ଟଏଣ୍ଡ୍ ଠାରେ ଗୋଟିଏ ରୋମାନଭିଲା ବା ବସ୍ତି ପ୍ରାୟ ୨୦୦ ବର୍ଷ ତଳେ ଆବିଷ୍କୃତ ହୋଇଛି । ୧୯୬୨ରୁ ଏହା ବିଲାତ ସରକାରଙ୍କ ନିର୍ମାଣ ବିଭାଗର ତତ୍ତ୍ୱାବଧାନରେ ରଖାଯାଇଛି । ଅଧ୍ୟାପକ ଡେଭିସ୍ ଆମକୁ ଉକ୍ତ ରୋମାନଭିଲା ଦେଖାଇବାକୁ ନେଇଥିଲେ । ଇଷ୍ଟଏଣ୍ଡ୍‌ରେ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ ଲୌହଯୁଗ ସଭ୍ୟତାର ଲୁହା-ଭଲା କୁଟିଥିବାର ପ୍ରମାଣ ମିଳିଛି । ଚତୁର୍ଥ ଶତାବ୍ଦୀ ପରେ ବାରମ୍ବାର

ରୋମାନମାନଙ୍କର ଅଧିକାର ଫଳରେ ଏହି ସ୍ଥାନରେ ଭିଲା ଗଢ଼ି ଉଠିଛି । ଏହି ରୋମାନଭିଲାଟି ଗୋଟିଏ ପ୍ରକାଣ୍ଡ ଇଷ୍ଟାଘର କହିଲେ ଅତ୍ୟୁକ୍ତି ହେବନାହିଁ । ମଝିରେ ଖୁବ୍ ବଡ଼ ଅଗଣା, ଗୋଟିଏ ପାଖରେ ଅଗଣାକୁ ଲାଗି ରାସ୍ତା ଓ ରାସ୍ତାକୁ ଲାଗି ୬୦ଟି ଦ୍ୱାରସ୍ଥ (ପ୍ରହରୀଙ୍କର ଘର) । ଅଗଣାର ଅନ୍ୟ ତିନିପାଖରେ ବାସଗୃହ ଓ ବାସଗୃହକୁ ଲାଗି ସ୍ନାନାଗାର । ଦକ୍ଷିଣ-ପଶ୍ଚିମ ଅଂଶରେ ସମସ୍ତଙ୍କ ପାଇଁ ଗୋଟିଏ ଭୋଜନଗୃହ । ବାସଗୃହଗୁଡ଼ିକର ବାରଣ୍ଡାରେ ଯିବାଆସିବା କରିବାପାଇଁ ମୋଜାଇକ୍ ରାସ୍ତା । ଐତିହାସିକମାନେ କହନ୍ତି ଖ୍ରୀଷ୍ଟାବ୍ଦ ୫ମ ଶତାବ୍ଦୀ ବେଳକୁ ରୋମାନମାନେ ଏହି ବସ୍ତି ଛାଡ଼ି ଚାଲି ଯାଇଥିଲେ ।

ଅକ୍ସଫୋର୍ଡ଼ଠାରୁ ଅଳ୍ପଦୂର ଫାରିଙ୍ଗ୍ଡନ୍ ନିକଟ ଗ୍ରେଟ୍ କକ୍ସୱେଲ ଠାରେ ଗୋଟିଏ ମଧ୍ୟଯୁଗୀୟ ପଣ୍ୟାଗାର ଦେଖାଇବାପାଇଁ ଅଧ୍ୟାପକ ଡାଭିସ୍ ଆମକୁ ନେଇଥିଲେ । ୧୩ଶ ଶତାବ୍ଦୀରେ କିଙ୍ଗ୍ ଜନ୍ ହ୍ୟାମସାୟାର୍‌ର ସିଷ୍ଟରସିଆନ୍ ଆବେ ଅଫ ବୁଲିୟୁକୁ ଫାରିଙ୍ଗ୍ଡନ୍ ଜମିଦାରୀ (manor) ଦାନ କରିଥିଲେ । ସେତେବେଳର ଧର୍ମଯାଜକମାନେ ବଳକା ଫସଲକୁ ରଖିବାପାଇଁ ଗୋଦାମ କରୁଥିଲେ । ଖାଦ୍ୟଶସ୍ୟ ଦାନଖଇରାତ କରି ବା ଧାରଉଧାର ଦେଇ ସେମାନେ ଲୋକଙ୍କୁ ଧର୍ମପ୍ରତି ଆକୃଷ୍ଟ କରୁଥିଲେ ।

ଏହି ଗୋଦାମଟି ଯେଉଁ ସ୍ଥାନରେ ଗଢ଼ା ହୋଇଛି ସେଠାରେ ସହଜରେ ମାଟିତଳୁ ପଥର ମିଳେ । ଏହି ଗୋଦାମ ଘରଟିର ଲମ୍ବ ୧୫୨ ଫୁଟ, ଓସାର ୪୪ ଫୁଟ ଓ ମଥାନର ଉଚ୍ଚତା ୪୮ ଫୁଟ । ଛପରରେ ପଥରଟାଇଲ ଦିଆଯାଇଛି । ଏତେ ଉଚ୍ଚଘରର କାନ୍ଥକୁ ସିଧା ରଖିବା ପାଇଁ ଠେଲାଭଳି ପଥର ସ୍ତମ୍ଭମାନ କାନ୍ଥର ନିର୍ଦ୍ଦିଷ୍ଟ ବ୍ୟବଧାନରେ ଦିଆଯାଇଛି । ଭିତର ପୂରା ଓଜନ ଦୁଇଧାଡ଼ି ଓକ୍ କାଠର ଖୁଣ୍ଟ ଉପରେ ରହିଛି । ପ୍ରତ୍ୟେକ ଖୁଣ୍ଟ ସାତଫୁଟ ଉଚ୍ଚର ପଥର ଚଟାଣ ଭିତରେ ପୋତାଯାଇଛି । ଏହି କାରଣରୁ ବୋଧହୁଏ ଭୂମିର ଜଳୀୟ ଅଂଶ ଯାଇ ଓକ୍ କାଠକୁ ନଷ୍ଟକରି ପାରିନାହିଁ । ୭୦୦ ବର୍ଷ ଧରି ଏହି କାଠଖୁଣ୍ଟଗୁଡ଼ିକ ଅକ୍ଷୁଣ୍ଣ ରହିଛି । ଆମ ଦେଶରେ ଯେପରି କଡ଼ି ବରଗା ଲଗାଇ ଛପରକୁ ଟେକିଧରିବା ପାଇଁ ଖୁଣ୍ଟଉପରେ ଜୋର ଦିଆଯାଏ, ଏହି ଘରଟି ସେହିପରି ହୋଇଛି । ଘରଟିର ପଶ୍ଚିମ ଅଂଶରେ ଗୋଟିଏ ଆଟୁଥିଲା ବୋଲି ମନେହୁଏ । ଜମିବାଡ଼ି, ଫସଲ, ଫଳ ବା ଗୋଦାମ ଦାୟିତ୍ୱରେ ଥିବା ବାବାଜୀ ଏହିଠାରେ ରହୁଥିଲେ । ୧୮ଶ ଶତାବ୍ଦୀ ବେଳକୁ ବୁଲିୟୁ ଗୀର୍ଜା ସମ୍ପ୍ରଦାୟ ଏହି ଘରଟିକୁ 'ମୋର୍' ପରିବାରକୁ ବିକି କରି ଦେଇଥିଲେ । ମାତ୍ର

୧୯୫୭ରେ ଏହା ବିଲାତର ଜାତୀୟ ସମ୍ପତ୍ତି ରୂପେ ଘୋଷିତ ହୋଇଛି । ୧୮ଶ ଶତାବ୍ଦୀରେ ଏହି ଘରଟିର ଗୁଡ଼ାଏ ପରିବର୍ତ୍ତନ କରାଯାଇଥିବାର ଲକ୍ଷ୍ୟ କରାଯାଇଥାଏ । ଯୁଦ୍ଧ ସରଞ୍ଜାମ ରଖିବାପାଇଁ ଓ ବଡ଼ ବଡ଼ ଘୋଡ଼ାଟଣାଗାଡ଼ି ଭିତରକୁ ନେଇପାରିବାର ସୁବିଧା ପାଇଁ ଏହାର ଦରଜାକୁ ବହୁତ ଚଉଡ଼ା କରାଯାଇଛି ଓ ଆଟୁ ଝର୍କି ଦିଆଯାଇଛି । ପଶ୍ଚିମ ଅଂଶରେ ଥିବା ଘରଟିକୁ ଘୋଡ଼ାଶାଳ କରି ଦିଆଯାଇଥିଲା । ବର୍ତ୍ତମାନ ବିଲାତ ସରକାର ଘରଟିକୁ ପୂର୍ବାବସ୍ଥାକୁ ଆଣିବାକୁ ଚେଷ୍ଟା କରୁଛନ୍ତି ।

## ସ୍ୱଦେଶୀ ଭାବନା :

ବିଦେଶରୁ ଜିନିଷ ଆମଦାନୀ କରି ଯେଉଁ ଦେଶ ଚଳେ ତା'ର ବୈଦେଶିକ ବିନିମୟ ମୁଦ୍ରା ଅଭାବ ଘଟେ । ଦେଶବିଦେଶ ଭିତରେ ଯେଉଁ ବାଣିଜ୍ୟ କାରବାର ହୁଏ, ତହିଁରେ ପ୍ରତ୍ୟେକ ଦେଶ ଚାହେଁ ସେ ବେଶୀ ରପ୍ତାନୀ କରୁ, କମ୍ ଆମଦାନୀ କରୁ । ବିଦେଶୀ ପଇସା ସୁନା ସାଙ୍ଗେ ସମାନ । ନିଜର ବିକ୍ରି ଯୋଗ୍ୟ ଜିନିଷ କିଛି ନଥିଲେ ସୁନାରେ ବିଦେଶୀ ମାଲର ଦାମ ଦେବାକୁ ପଡ଼େ । ବିଲାତର ସବୁଠୁ ବଡ଼ ରପ୍ତାନୀ ଜିନିଷ ହେଉଛି ତା'ର ବିଶ୍ୱବିଦ୍ୟାଳୟର ପାଠ । ଯଦି ଜଣେ ଭାରତୀୟ ନିଜ ପଇସାରେ ଉଚ୍ଚ ପାଠ ପଢ଼ିବାକୁ ବିଲାତ ଯାଏ, ତା'କୁ ଅତି କମ୍‌ରେ ମାସିକ ୩୦୦ ପାଉଣ୍ଡ ଖର୍ଚ୍ଚ କରିବାକୁ ପଡ଼େ । ବହିପତ୍ର କିଣି ଭଲଭାବରେ ପଢ଼ିବାକୁ ହେଲେ ଏବଂ ଘରଭଡ଼ା ନେଇ ରହିବାକୁ ହେଲେ ମାସିକ ୫୦୦ ପାଉଣ୍ଡରୁ ବେଶି ପଡ଼ିବ । ଭାରତୀୟ ମୁଦ୍ରାରେ ଏହାର ପରିମାଣ ପ୍ରାୟ ୮୦୦୦ ଟଙ୍କା । ଏହି ହିସାବରେ ବର୍ଷକୁ ପ୍ରାୟ ଲକ୍ଷେ ଟଙ୍କା ପାଖାପାଖି । ବ୍ରିଟିଶ ସାମ୍ରାଜ୍ୟଗୋଷ୍ଠି ବା କମନୱେଲ୍‌ଥ୍ ଅନ୍ତର୍ଭୁକ୍ତ ଦେଶମାନଙ୍କରୁ ହଜାର ହଜାର ଛାତ୍ରଛାତ୍ରୀ ଇଂଲଣ୍ଡକୁ ପଢ଼ିବାକୁ ଯା'ନ୍ତି । ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ ବିଲାତ ସରକାର କେତେ ବିଦେଶୀ ମୁଦ୍ରା ପାଉଥିବେ । କେତେଗୁଡ଼ିଏ ଯନ୍ତ୍ରପାତି, ଯୁଦ୍ଧ ସରଞ୍ଜାମ ଭଳି ଜିନିଷ ଛାଡ଼ିଦେଲେ ବିଲାତରେ ରପ୍ତାନି ଯୋଗ୍ୟ ମାଲମତା ପ୍ରାୟ ନାହିଁ । ତେଣୁ ଯେତେବେଳେ ପାଠପଢ଼ାର ମାନ କମିଯିବ ବା ବିଦେଶରୁ ଛାତ୍ରମାନେ ଯିବା ବନ୍ଦ କରିଦେବେ, ତେତେବେଳେ ବିଲାତର ଅର୍ଥନୈତିକ ଢାଞ୍ଚା ଭୁସ୍ଡୁଡ଼ି ପଡ଼ିବ । ଆମ ରହଣିକାଳ ମଧ୍ୟରେ ଦିନେ ଏ ସମ୍ପର୍କରେ ଟେଲିଭିଜନରେ ବିଲାତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଥାଚର ବିଲାତ ବାସୀଙ୍କ ପ୍ରତି ନିବେଦନ କରିଥିଲେ—"ପ୍ରତ୍ୟେକ ଇଂରେଜ ନାଗରିକଙ୍କୁ ମୋର ଅନୁରୋଧ ଯେ ଆପଣମାନେ ଆଜି ହିଁ ପ୍ରତିଜ୍ଞା କରନ୍ତୁ, ଆପଣଙ୍କ ଦୈନନ୍ଦିନ

ଅଥବା ତାଲିକାରେ ଥିବା ବିଦେଶୀ ଜିନିଷରୁ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ବର୍ଜନ କରି ତା' ବଦଳରେ ଦେଶୀ ଜିନିଷ କିଣନ୍ତୁ ।" ସେ କହିଥିଲେ "ଯଦି ଆମ ଦେଶର ନାଗରିକମାନେ ପ୍ରତିଜ୍ଞାବଦ୍ଧ ହୋଇ ଆମଦାନୀର ପରିମାଣ ଶତକଡ଼ା ୨୦ ଭାଗ କମାଇଦେଇ ପାରନ୍ତି, ତା'ହେଲେ ବିଲାତରେ ୨୦ ଲକ୍ଷ ଲୋକଙ୍କୁ କାମଧନ୍ଦା ଯୋଗାଇ ହେବ ।" ବିଦେଶୀ ଜିନିଷ ବର୍ଜନ କରିବା ଦେଶରୁ ବେକାରି ଦୂର କରିବାର ଗୋଟିଏ ସହଜ ଉପାୟ । ଦେଶ ଭିତରେ ଶିଳ୍ପ ଓ କୃଷି ଉତ୍ପାଦନ ବଢ଼ିଗଲେ ଅର୍ଥନୈତିକ ଭିତ୍ତିଭୂମି ଦୃଢ଼ ହୋଇଯିବ । ବିଲାତ ଭଳି ଉନ୍ନତ ଦେଶରେ ଯଦି ଏଭଳି ଚିନ୍ତାଧାରା ପ୍ରବାହିତ ହେଲାଣି, ଆମ ଦେଶର ଯେଉଁମାନେ ବିଦେଶୀ ଜିନିଷ କିଣିବାରେ ଆଭିଜାତ୍ୟ ସଙ୍କେତ ପାଆନ୍ତି, ସେମାନେ ଏ ବିଷୟରେ ପୁନର୍ବାର ଚିନ୍ତା କରିବା ଉଚିତ ନୁହେଁ କି ?

## ସେକ୍ସପିଅର :

ଇଂଲଣ୍ଡ ଯାଇ ସେକ୍ସପିଅରଙ୍କ ବାସସ୍ଥାନ ବୁଲି ନ ଆସିଲେ ବିଲାତ ଯିବା ଅସମ୍ପୂର୍ଣ୍ଣ ରହିଯିବ ବୋଲି ଅନେକ କହିଥିଲେ । ଜୁନ୍ ୭, ଗୁରୁବାର ଦିନ ଆମମାନଙ୍କର ଯୋଜନା ହେଲା ସେକ୍ସପିଅରଙ୍କ ଅଞ୍ଚଳ ବୁଲିବୁ । ଆମେ ସକାଳେ ଅକ୍ସଫୋର୍ଡରୁ ବାହାରି ଏ-୩୪ ରାସ୍ତାଧରି ୧୩ କିଲୋମିଟର ଦୂର ଉଡ୍‌ଷ୍ଟକ୍ ଠାରେ ବ୍ଲେନ୍‌ହାଇମ୍ ପାଲେସ୍ ଦେଖିବାକୁ ଗଲୁ । ୧୭୦୪ରେ ଇଂରେଜମାନେ ଫରାସୀମାନଙ୍କୁ ବ୍ଲେନ୍‌ହାଇମ୍ ଯୁଦ୍ଧ କ୍ଷେତ୍ରରେ ପରାସ୍ତ କରିଥିବାରୁ ଏହି ବିଜୟର ସେନାପତି ମାର୍ଲବୋରୋର ପ୍ରଥମ ଡ୍ୟୁକ୍ ଜନ୍ ଚର୍ଚ୍ଚିଲଙ୍କୁ ଉପହାର ସ୍ୱରୂପ ଏହି ପ୍ରାସାଦ ତିଆରି ହୋଇଥିଲା । ୨୦୦୦ ଏକର ଜମି ମଧ୍ୟରେ ଅବସ୍ଥିତ ଏହି ପ୍ରାସାଦଟି ଇଂଲିଶ୍ ବାରୋକ୍ (Baroque) ସ୍ଥାପତ୍ୟର ଏକ ଉତ୍କୃଷ୍ଟ ଉଦାହରଣ । ସାର ଜନ୍ ଭାନ୍‌ବ୍ରୁ ଏହାକୁ ନିର୍ମାଣ କରିଛନ୍ତି । ଟାପେଷ୍ଟ୍ରି, ପେଣ୍ଟିଙ୍ଗ, ବିଭିନ୍ନ ମୂର୍ତ୍ତି ଓ ସୂକ୍ଷ୍ମ ଆସବାବପତ୍ର ଖୁବ୍ ବଡ଼ ବଡ଼ କୋଠରୀ ମଧ୍ୟରେ ରଖାଯାଇଛି । ଏଠାରେ ଥିବା "ଲଙ୍ଗ ଲାଇବ୍ରେରୀ"ରେ (ଗୋଟିଏ ୧୮୩ ଫୁଟ ଲମ୍ବ କୋଠରୀରେ) ୧୦,୦୦୦ ଖଣ୍ଡ ବହି ଅଛି । ଏହି ଲାଇବ୍ରେରୀଟି ଦେଖିବାକୁ ମନୋମୁଗ୍ଧକର । ଏହି ପ୍ରାସାଦରେ ସାର୍ ଉଇନଷ୍ଟନ୍ ଚର୍ଚ୍ଚିଲ୍ ଜନ୍ମ ହୋଇଥିଲେ ଏବଂ ତାଙ୍କର ସ୍ମୃତିର ବିଭିନ୍ନ ବସ୍ତୁ ଏଠାରେ ରଖାଯାଇଛି ।

ଉଡ୍‌ଷ୍ଟକ ପାରହୋଇ ସେକ୍‌ସପିଅରଙ୍କ ଜନ୍ମ ସ୍ଥାନକୁ ଯିବା ବାଟରେ ଆମେ ଚିପିଙ୍ଗ୍ ନର୍ଟନ ଓ ମୋରେଟନ୍-ଇନ୍-ମାର୍ଶ ନାମକ ଦୁଇଟି ପ୍ରାଚୀନ ସହର ଦେଖିଥିଲୁ । ବାଟରେ ସୁଡ଼େଲି କାସଲ୍ ନାମକ ୧୦୦୦ ବର୍ଷର ପୁରୁଣା ବିଖ୍ୟାତ ଦୁର୍ଗ ଦେଖିଥିଲୁ । ତହିଁରେ ଯେତେ କଳାକୃତି ଓ ଖେଳଣା ଅଛି, ତାହା ୟୁରୋପର ଅନ୍ୟତ୍ର ନାହିଁ ବୋଲି ଶୁଣିଲୁ, କିନ୍ତୁ ଦେଖିବାକୁ ଅବସର ନଥିଲା । ଆମେ ଯେଉଁ ଅଞ୍ଚଳ ଦେଇ ଯାଉଥିଲୁ ତା'କୁ କଟସ୍‌ଓ୍ୱାଲ୍ଡ଼ସ୍ କୁହାଯାଏ । ପ୍ରଶାସନ ଦୃଷ୍ଟିରୁ ଏହା ଓ୍ୱାରଉଇକ୍ ସାୟାର ଅନୁବିଭାଗର ଅଧୀନ ।

ଆଭନ୍ ନଦୀକୂଳରେ ଷ୍ଟ୍ରାଟ୍‌ଫୋର୍ଡ଼ ସହର । ଏହାର ପୁରା ନାମ ଷ୍ଟ୍ରାଟ୍‌ଫୋର୍ଡ଼-ଅପନ-ଆଭନ୍ । ଆଭନ୍ ନଦୀ ଉପରେ ୧୪ ଖିଲାଣବାଲା କ୍ଲପ୍‌-ଟନ୍ ବ୍ରିଜ୍ ବହୁତ ପ୍ରସିଦ୍ଧ । ଏହା କୁଆଡ଼େ ୧୪୯୨ରେ ଲଣ୍ଡନର ଲର୍ଡ଼ମେୟର ସାର୍ ହ୍ୟୁ କ୍ଲପ୍‌ଟନ୍‌ଙ୍କ ଦ୍ୱାରା ତିଆରି ହୋଇଥିଲା । ୧୧୯୬ ଖ୍ରୀଷ୍ଟାବ୍ଦରୁ ଏହି ସହର ଗୋଟିଏ ହାଟ ବା ବଜାର ରୂପରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ମଧ୍ୟ ପ୍ରତି ସପ୍ତାହରେ ଦୁଇଟି ସାଧାରଣ ହାଟ ଓ ଗୋଟିଏ ଗୋରୁହାଟ ବସେ । ଏହି ସହରର ସାଧାରଣ ଉତ୍ସବମାନଙ୍କ ମଧ୍ୟରେ ଏପ୍ରିଲରେ ସେକ୍‌ସପିଅରଙ୍କର ଜନ୍ମ ଉତ୍ସବ, ଜୁଲାଇରେ ଷ୍ଟ୍ରାଟ୍‌ଫୋର୍ଡ଼ ଉତ୍ସବ ଓ ଅକ୍ଟୋବରରେ ମପ୍ ମେଳା ପ୍ରସିଦ୍ଧ । ସହରଟି ଛୋଟ ହେଲେ କ'ଣ ହେବ, ଅନ୍ୟ ଯେକୌଣସି ବିଖ୍ୟାତ ସହରଠାରୁ ଏହାର ଐତିହାସିକ ଗୁରୁତ୍ୱ ଅଧିକ । ଏଠାରେ ଥିବା ହୋଲି ଟ୍ରିନିଟି ଚର୍ଚ୍ଚ ପରିସର ମଧ୍ୟରେ ସେକ୍‌ସପିଅରଙ୍କର ପରିବାରର ସମାଧି ଅଛି । ଏଠାରେ ଥିବା ଗିଲ୍‌ଡ୍ ହଲ, ସେକ୍‌ସପିଅର ଯେଉଁ ଗ୍ରାମାର-ସ୍କୁଲରେ ପଢୁଥିଲେ ତାହାର ଅଂଶ । ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭର୍ଡ଼ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଜନ୍ ହାର୍ଭର୍ଡ଼ଙ୍କର ମା' କାଥେରିନ୍ ରୋଜରଙ୍କ ଘର "ହାର୍ଭର୍ଡ଼ ହାଉସ" ଏହି ସହରରେ । ରୟାଲ୍ ସେକ୍‌ସପିଅର ଥିଏଟର ପାଖରେ ସେକ୍‌ସପିଅର ମେମୋରିଆଲ ମଧ୍ୟ ଅବସ୍ଥିତ । ଆମେ ଏସବୁ ବୁଲି ଦେଖୁଥିବାବେଳେ ଲକ୍ଷ୍ୟକଲୁ ଯେ, ଗିଲ୍‌ଡ୍ ହଲ ପାଖରେ କେତେଗୁଡ଼ିଏ ଭିକାରୀ ଘର ଅଛି । ସେଠାରେ ଷ୍ଟ୍ରାଟ୍‌ଫୋର୍ଡ଼ ସହରର ବୁଢ଼ାବୁଢ଼ୀ ଲୋକମାନେ ରହୁଛନ୍ତି ।

ବାର୍ଥପ୍ଲେସ୍ ଟ୍ରଷ୍ଟ ନାମକ ଗୋଟିଏ ଟ୍ରଷ୍ଟଦ୍ୱାରା ସେକ୍‌ସପିଅରଙ୍କ ସମସ୍ତ ସମ୍ପତ୍ତି ପରିଚାଳିତ ହେଉଛି । ତା'ଙ୍କ ଜନ୍ମ ସ୍ଥାନ ଅଧା କାଠ, ଅଧା ପକ୍‌କାଘର, ହେନ୍‌ଲି ଷ୍ଟ୍ରିଟ୍‌ରେ । ଏଠାରୁ ଦୁଇ କିଲୋମିଟର ଦୂର ସଟରି; ସେଠାରେ ଆନ ହାଥାୱେଙ୍କ ଘର । ସେକ୍‌ସପିଅରଙ୍କୁ ବିଭାହେବା ପୂର୍ବରୁ ଆନ ହାଥାୱେ ଏହି

କୁଡ଼ିଆ ଘରେ ରହୁଥିଲେ । ସେକ୍ସପିଅରଙ୍କ ମାଆ ମେରି ଆର୍ଡେନ୍ ପାଞ୍ଚ କିଲୋମିଟର ଦୂର ଉଇଲ କୋର୍ଟଠାରେ ଗୋଟିଏ ସୃଷଘରେ ରହୁଥିଲେ । ଏ ସବୁ ଘରଛଡ଼ା ଆଉ ତିନୋଟି ସମ୍ପତ୍ତି ମଧ୍ୟ ଏହି ଟ୍ରଷ୍ଟ ସମ୍ଭାଳେ । ସେଗୁଡ଼ିକ ହେଲା : ସେକ୍ସପିଅରଙ୍କ ଝିଅ ସୁଶାନ୍ନା ଓ ଜୋଇଁ ଡଃ ଜନ୍ ହଲ୍ ଓଲ୍ଡ୍ ଟାଉନ୍‌ରେ ରହୁଥିବା ହଲସ୍ କ୍ରଫ୍ଟ (Hall's croft); ସେକ୍ସପିଅରଙ୍କ ଶେଷ ବାସସ୍ଥଳ ସ୍ଥାପେଲ୍ଷ୍ଟ୍ରିଟ୍‌ର ନ୍ୟୁପ୍ଲେସ୍ ଏବଂ ଏହି ଟ୍ରଷ୍ଟର ସଦର କାର୍ଯ୍ୟାଳୟ ଦ ସେକ୍ସପିଅର ସେଣ୍ଟର ।

ବିଶ୍ୱରେ ଥିଏଟରମାନଙ୍କ ଭିତରେ ରୟାଲ ସେକ୍ସପିଅର କମ୍ପାନୀ ବେଶ୍ ଜଣାଶୁଣା । ମାର୍ଚ୍ଚ ଶେଷରୁ ଜାନୁଆରୀ ଶେଷ ପର୍ଯ୍ୟନ୍ତ ଏହି କମ୍ପାନୀ ରୟାଲ ସେକ୍ସପିଅର ଥିଏଟରରେ ସେକ୍ସପିଅରଙ୍କ ନାଟକଗୁଡ଼ିକର ନୂଆ ନୂଆ ଅଭିନୟ ଦେଖାନ୍ତି । ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଟା ୩୦ରୁ ନାଟକ ଆରମ୍ଭ ହୁଏ । କେବଳ ଗୁରୁବାର ଓ ଶନିବାର ଦେଢ଼ଟାବେଳେ ମାଟିନି ଥାଏ । ଆମେମାନେ ପ୍ରତ୍ୟେକେ ପାଞ୍ଚପାଉଣ୍ଡ ଲେଖାଏଁ ଦେଇ ଅଗ୍ରୀମ ଟିକଟ କରି ମର୍ଚ୍ଚେଣ୍ଟ ଅଫ୍ ଭେନିସ୍ ନାଟକ ଦେଖିଥିଲୁ । ସାଢ଼େସାତଟା ପୂର୍ବରୁ ଡିନର ଖାଇସାରିଥିବାରୁ ନାଟକ ଦେଖିବାପରେ ଫେରିବା ହିଁ ବାକିଥିଲା । ଡିନର ନିଜ ନିଜ ଉପରେ । ମୁଁ ମ୍ୟାକ୍‌ଡୋନାଲ୍ଡ଼ ରେଷ୍ଟୋରାଁରେ ଖାଇବାକୁ ସୁବିଧା ମନେ କରିଥିଲି । ରାତି ଏଗାରଟାରେ ଅକ୍ସଫୋର୍ଡ଼କୁ ଫେରିଥିଲୁ ।

## ସହରର ନବୀକରଣ :

୧୯୮୪ର ମେ'ରୁ ଅକ୍ଟୋବର ପର୍ଯ୍ୟନ୍ତ ଲିଭରପୁଲ୍ ସହରରେ ଅନ୍ତର୍ଜାତିକ ଉଦ୍ୟାନ ଉତ୍ସବ (ଇଣ୍ଟରନ୍ୟାସନାଲ୍ ଗାର୍ଡ଼େନ ଫେଷ୍ଟିଭାଲ) ପାଳିତ ହେଉଥାଏ । ବିଲାତର ଉତ୍ତର-ପଶ୍ଚିମରେ ଲିଭରପୁଲ୍ ସହର । ଲିଭରପୁଲ, ବର୍ମିଙ୍ଗହାମ ଭଳି ବିଲାତର କେତେଗୁଡ଼ିଏ ପୁରୁଣା ସହର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି । ସେହିଗୁଡ଼ିକରେ ନୂଆକରି ସହରଜୀବନ ସୃଷ୍ଟି କରିବାପାଇଁ ବିଲାତ ସରକାର ପ୍ରାଣପଣେ ଲାଗିପଡ଼ିଛନ୍ତି । ଶିଳ୍ପନଗର ହିସାବରେ ସେଗୁଡ଼ିକର ଗୁରୁତ୍ୱ କମିଯାଇଛି । ଆମ ଦେଶରେ ବ୍ରିଟିଶ ରାଜତ୍ୱ ଥିଲାବେଳେ ଲିଭରପୁଲ୍ ବନ୍ଦରରୁ ବିଲାତି ଜିନିଷ ଆମ ଦେଶକୁ ଆସୁଥିଲା । କର୍ପୂର ତ ଉଡ଼ିଯାଇଛି; ଖାଲି କନାର ବାସନା କେତେଦିନ ରହିବ ? ବିଭିନ୍ନ ଉତ୍ସବ କରିଆରେ ଓ ମାର୍ସିନଦୀ କୂଳ ଜମିଗୁଡ଼ିକୁ ଉଠିଆକରି ନୂଆ ସହର ଗଢ଼ିବାରେ ବିଲାତ ସରକାର ଉଦ୍ୟମ

ଚଳାଇଛନ୍ତି । ଏହି ଉଦ୍ୟମକୁ ସେମାନେ "ଅର୍ବାନ ରିନ୍ୟୁଆଲ" ବା ସହର ନବୀକରଣ ଯୋଜନା କହୁଛନ୍ତି ।

ଆମେମାନେ ମେ ୨୭, ରବିବାର ଦିନ ଲିଭରପୁଲ ଯାଇଥିଲୁ । ସେଦିନ ଝିପିଝିପି ବର୍ଷା ହେଉଥାଏ । ଥଣ୍ଡା ପବନରେ ଥରିଥରି ଆନ୍ତର୍ଜାତିକ ଉଦ୍ୟାନ ଉତ୍ସବର ବିଭିନ୍ନ ଅଂଶ ବୁଲି ଦେଖିଥିଲୁ । ଲୋକମାନଙ୍କର ଲମ୍ବାଲମ୍ବା ଧାଡ଼ି । ଜଣ ଜଣକିଆ ଦର୍ଶକଙ୍କ ପାଇଁ ବଡ଼ ବଡ଼ କ୍ୟୁ । ୧୫ ରୁ ବେଶିଥିବା ଦଳ ବା ଗ୍ରୁପ୍ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଥିବାରୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲି ନାହିଁ । ପୃଥିବୀର ବିଭିନ୍ନ ଦେଶର କେତେଗୁଡ଼ିଏ ପ୍ରତିନିଧି ମୂଳକ ଗଛଲତା ଏହି ଉଦ୍ୟାନ ଉତ୍ସବର ବିଭିନ୍ନ ମଣ୍ଡପରେ ଥିଲା । ଆମ ଦେଶର ଗଛଲତା ମଧ୍ୟରେ କଦଳୀ, ବାଉଁଶ, ବରଗଛ ରଖା ଯାଇଥିଲା । ପିଲାମାନଙ୍କ ପାଇଁ ବହୁତ ପ୍ରକାର ଆମୋଦ ପ୍ରମୋଦ ଦାୟକ ଖେଳ, ବ୍ୟୁହ, ଯନ୍ତ୍ରପାତି ଖେଳନା ଆଦିର ବ୍ୟବସ୍ଥା ଥିଲା । ନଦୀପାର ହେବାପାଇଁ ଲଞ୍ଚ ଖେଳନା ଓ ସାରା ସହରକୁ ଆକାଶ ମାର୍ଗରୁ ଦେଖିବା ପାଇଁ ହେଲିକପ୍ଟରରେ ଉଡ଼ିବା ବନ୍ଦୋବସ୍ତ ଥିଲା । ଏଥିପାଇଁ ଫିସ୍ ଦେବାକୁ ପଡ଼ୁଥିଲା ।

ଉଦ୍ୟାନ ଉତ୍ସବ ପାଇଁ ସ୍ୱତନ୍ତ୍ର ଡାକମୋହର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ପରିମାଣର ଟିକଟ ଲଗାଇ ସେଠାରେ ଥିବା ଲେଟର ବକ୍ସରେ ପକାଇଲେ ସେମାନେ ମୋହର ମାରି ଡାକରେ ପଠାଇ ଦିଅନ୍ତି । ମୁଁ ଅଧିକା ପଇସା ଦେଇ ମୋହର ମରାହୋଇଥିବା ଲଫାପା ସଂଗ୍ରହ କରିଥିଲି ।

ଲିଭରପୁଲ୍‌ରେ ବହୁତ ଦେଖିବାର ସ୍ଥାନ ଅଛି । ବିଦେଶୀମାନଙ୍କ ପାସ୍‌ପୋର୍ଟ ଯେଉଁଠାରେ ମିଳେ ତାହାର ନାଁ ଇଣ୍ଡିଆ ବିଲ୍ଡିଙ୍ଗସ୍ । କଥିତ ଅଛି ଯେ; ଭାରତରୁ ଆଣିଥିବା ଧନରେ ଏହି ପ୍ରାସାଦ ତିଆରି କରାଯାଇଛି । ଆମକୁ ଇଆନ୍ ଡାଭିସ୍ ଲିଭରପୁଲ୍‌ରେ ଦୁଇଟି କାଥେଡ୍ରାଲ୍ ଦେଖାଇଥିଲେ । ଗୋଟିଏ ହେଉଛି—ବିଂଶ ଶତାବ୍ଦୀର ଗୋଥିକ ଢାଞ୍ଚାରେ ଲାଲସାଣ୍ଡ୍ ଷ୍ଟୋନ୍‌ରେ ତିଆରି । ୧୯୦୪ରେ ନିର୍ମାଣ ହୋଇ ୧୯୭୯ରେ ସରିଥିଲା । ଏହା ଦୁନିଆରେ ବୃହତ୍ତମ ଆଙ୍ଗ୍ଲିକାନ୍ କାଥେଡ୍ରାଲ ଭାବରେ ପ୍ରସିଦ୍ଧ । ଅତ୍ୟାଧୁନିକ ଢଙ୍ଗରେ ରାଜମୁକୁଟ ଠାଣିରେ ପାଞ୍ଚବର୍ଷ ଭିତରେ ସମ୍ପୂର୍ଣ୍ଣ ହୋଇଥିବା (୧୯୬୭ରେ) ମେଟ୍ରୋପଲିଟାନ୍ କାଥେଡ୍ରାଲ ଅଫ କ୍ରାଇଷ୍ଟ ଦ କିଙ୍ଗ୍ ମଧ୍ୟ ଆମେ ବୁଲି ଦେଖିଥିଲୁ । କିନ୍ତୁ ରବିବାରରେ ବନ୍ଦ ଥିବାରୁ ଆମେ ଭିତର ଦେଖିପାରି

ନଥିଲୁ । ପାଶ୍ଚାତ୍ୟ ଲୋକନୃତ୍ୟ ଓ ଗୀତ ପାଇଁ ପ୍ରସିଦ୍ଧି ଲାଭ କରିଥିବା ବିଟ୍‌ଲ (Beatle)ମାନଙ୍କ ଯାଦୁଘର ଓ ସୂଚନାକେନ୍ଦ୍ର ଲିଭରପୁଲରେ ଅଛି । ସିଲ୍‌ ଷ୍ଟ୍ରିଟରେ ଥିବା ଏହାର ନାମ ବିଟ୍‌ଲ ସିଟି । କେବଳ ଖ୍ରୀଷ୍ଟମାସ ଓ ବକ୍‌ସିଙ୍ଗ ଦିନ ଛଡ଼ା ଏହା ସବୁଦିନ ଖୋଲାଥାଏ । ଏହି ନଗରରେ ସବୁଯୁଗର ବିଭିନ୍ନ ପ୍ରକାର କାଚର ଓ କାଚ କାମର ନମୁନାମାନ ଥାଇ ଗୋଟିଏ ଯାଦୁଘର ଅଛି । ଏହାର ନାମ ପିଲ୍‌କିଙ୍ଗ୍‌ଟନ୍‌ ଗ୍ଲାସ ମ୍ୟୁଜିୟମ ।

ଯେକୌଣସି ନଗରରେ ଦେଖିବାର ବହୁତ ଜିନିଷ ଥାଏ । ଦିନକ ଭିତରେ ସବୁଯାକ ଦେଖିବା ଅସମ୍ଭବ । ଆମେ ଶୁଣିଲୁ ଯେ, ବ୍ଲୁକୋଟ୍‌ ଚ୍ୟାମ୍ବରସ୍‌ ନାମକ ଗୋଟିଏ ପ୍ରାସାଦ ନିକଟରେ ପ୍ରତି ଶନିବାର ଦିନ ବିଭିନ୍ନ ଚିତ୍ରକରମାନେ ସେମାନଙ୍କ କୃତି ପ୍ରଦର୍ଶନ କରିଥାʼନ୍ତି ଓ ବିକ୍ରି କରିଥାʼନ୍ତି । କଳାକାରମାନେ ସେଠାରେ ନିଜର କୃତି ବିକ୍ରି କରି ବେଶ୍‌ କିଛି ପଇସା ପାଆନ୍ତି ବୋଲି ଶୁଣିଲି ।

ମାର୍ସି ନଦୀକୂଳ ଉନ୍ନୟନ ଯୋଜନା ୧୯୮୧ ମାର୍ଚ୍ଚ ମାସରେ ଆରମ୍ଭ ହେଲା । ପୁରାତନ ଲିଭରପୁଲ ସହର ଆସ୍ତେ ଆସ୍ତେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ସହର ହିସାବରେ ଗୁରୁତ୍ୱ ହରାଇଥିବାରୁ ବିଲାତ ସରକାର ଚିନ୍ତାକଲେ ଯେ,ଏହାକୁ ପୁନର୍ଜୀବିତ କରିବାକୁ ହେବ । ନଦୀ ମୁହାଣ, ନଦୀ କୂଳ ଓ ବନ୍ଦର ପାଖାପାଖି ଥିବା ପୁରାତନ କୋଠାଗୁଡ଼ିକ ଭାଙ୍ଗି ଯାଇଥିଲା । ମାର୍ସି ନଦୀର ଉଭୟ କୂଳରେ ଶହଶହ ଏକର ଜମି ଅନାବାଦୀ ହୋଇ ପଡ଼ି ରହିଥିଲା । ୨୫୦ ଏକର ପରିତ୍ୟକ୍ତ ଜମି ଉପରେ ୧୯୮୧ ଶେଷରେ କାମ ଆରମ୍ଭ ହେଲା । ଅଢ଼େଇ ବର୍ଷ ପରେ ବିଲାତର ସର୍ବପ୍ରଥମ ଆନ୍ତର୍ଜାତିକ ଉଦ୍ୟାନ ଉତ୍ସବ କରାଇବା ପାଇଁ ପ୍ରସ୍ତୁତ ହୋଇଗଲା ।

ଆମ ଦେଶରେ ନ୍ୟୁ ଦିଲ୍ଲୀ ଡେଭଲୋପମେଣ୍ଟ କର୍ପୋରେସନ ବା ଅନ୍ୟ ରାଜ୍ୟରେ ଭୁବନେଶ୍ୱର ଡେଭଲେପ୍‌ମେଣ୍ଟ ଅଥରିଟି ଭଳି ମାର୍ସି ସାଇଡ଼ ଡେଭଲେପ୍‌ମେଣ୍ଟ କର୍ପୋରେସନ୍‌ ଲିଭରପୁଲ ଭିତର ଦେଇ ଯାଇଥିବା ମର୍ସି ନଦୀର ଦୁଇ କୂଳରେ ଗୋଟିଏ ନୂଆ ସହର ଗଢ଼ିବାର ପରିକଳ୍ପନା କରିଛନ୍ତି । ଆନ୍ତର୍ଜାତିକ ଉଦ୍ୟାନ ଉତ୍ସବ ପାଇଁ ତିଆରି ହୋଇଥିବା ଫେଷ୍ଟିଭାଲ୍‌ ହଲ୍‌, ଆରେନା ଓ ଏସ୍‌ପ୍ଲାଣ୍ଡେ ତଥା ବହୁତ ଉଦ୍ୟାନ ସ୍ଥାୟୀ ଭାବରେ ନୂଆ ସହରର ଅଂଶ ହୋଇ ରହିବ । ବ୍ରୁଟେଲ୍‌ ଅଞ୍ଚଳରେ ବନ୍ଦର ସମ୍ପର୍କୀୟ ଶିଳ୍ପାଞ୍ଚଳ ଏବଂ

କିର୍ଷ୍ଟିଲ୍‌କ "ଲିଭରପୁଲ୍‌ ଫ୍ରି ପୋର୍ଟ" ବସାଯିବାର କଳ୍ପନା କରାଯାଇଛି । ଲିଭରପୁଲ୍‌ର ବାଣିଜ୍ୟ କାରବାର ହ୍ରାସ ପାଇଥିବାରୁ ସହର ଜୀର୍ଣ୍ଣ ହୋଇଯାଇଛି । ପୂର୍ବର ଉଦ୍ଭାସ ଫେରାଇ ଆଣିବା ପାଇଁ ବାଣିଜ୍ୟ କାରବାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଲବର୍ଟ ଡକ୍‌ ଯୋଜନା ହାତକୁ ନିଆଯାଇଛି । ୭ଟି ଡକ୍‌ ବେସିନ୍‌ର ପ୍ରାୟ ୫୦ ଏକର ଜମିରେ ନୂଆ ନୂଆ ଦୋକାନ ବଜାର ଗଢ଼ି ଉଠିବ । ଏସବୁର ମୂଳରେ ରହିଛି ଅଧିବାସୀମାନଙ୍କ ପାଇଁ ଚିନ୍ତା । ଗୃହ ଯୋଗାଣ ନ ହୋଇ ପାରିଲେ ଲୋକେ ନୂଆ ଯାଗାକୁ ଆସିବେ ନାହିଁ । ୧୯୮୪ ଅକ୍ଟୋବରରେ ଆନ୍ତର୍ଜାତିକ ଉଦ୍ୟାନ ଉତ୍ସବ ସରିଗଲା ପରେ ଲିଭରସାଇଡ଼୍‌ର ୪୦ ଏକର ଏବଂ କୁଇନ୍‌ସର ୧୪ ଏକର ଲୋକମାନଙ୍କ ବାସଗୃହ ଯୋଗାଣ ଯୋଜନାରେ ବ୍ୟବହୃତ ହେବ ।

ଆମ ଦେଶରେ ସହରର ଉନ୍ନୟନ ପାଇଁ ଡେଭଲେପ୍‌ମେଣ୍ଟ ଅଥରିଟିମାନେ କିପରି କାମ କରନ୍ତି ସେଥି ସହିତ ତୁଳନା କରିବା ପାଇଁ ମର୍ସିସାଇଡ୍‌ ଡେଭଲେପ୍‌ମେଣ୍ଟ କର୍ପୋରେସନ କେଉଁ ପ୍ରକାର ଆର୍ଥିକ ସାହାଯ୍ୟ ଦିଏ ତାହା ଏଠାରେ କହିବା ଉଚିତ ମନେ କରୁଛି । ଉତ୍ପାଦନ ଶିଳ୍ପ ବା ଯେଉଁ ଶିଳ୍ପ ସ୍ଥାନୀୟ ସେବା ଉପରେ ନିର୍ଭର ନ କରେ, ସେ ପ୍ରକାର ଶିଳ୍ପର ପ୍ରସାରଣ ପାଇଁ ଘର ନେଲେ ପ୍ରଥମ ଦୁଇବର୍ଷ ପର୍ଯ୍ୟନ୍ତ ଭଡ଼ା କର୍ପୋରେସନ୍‌ ଦେବ । ଉପସ୍ଥିତ ଶିଳ୍ପ ବା ବାଣିଜ୍ୟ ପରିସରକୁ ନୂଆକରି ଗଢ଼ିବା ପାଇଁ, ବଦଳାଇବା ପାଇଁ ବା ନୂଆ ଢାଞ୍ଚାରେ ପକାଇବା ପାଇଁ ଯାହା ଖର୍ଚ୍ଚ ହେବ, ତାହାର ୫୦% ପର୍ଯ୍ୟନ୍ତ କର୍ପୋରେସନ୍‌ "କନଷ୍ଟ୍ରକ୍‌ସନ୍‌ ଗ୍ରାଣ୍ଟ" ଆକାରରେ ଦେବ । ଶିଳ୍ପ ପରିସରରେ ବିଭିନ୍ନ ସେବା ସୁଯୋଗ ବା ଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଯାହାକିଛି ଖର୍ଚ୍ଚ କରାଯିବ, ତାହା ପୁରାପୁରି "ପରିବେଶ ଅନୁଦାନ" ଭାବରେ କର୍ପୋରେସନ୍‌ ଦେବ । ଯେଉଁ ଶିଳ୍ପ ବା ବ୍ୟବସାୟରେ ନୂଆ ବା ଅତିରିକ୍ତ କର୍ମଯୋଗାଣ ହୋଇପାରିବ, ସେଥିପାଇଁ ଋଣ କରାହୋଇଥିବା ଧନ ଉପରେ ସୁଧରେ ୧୨% ପର୍ଯ୍ୟନ୍ତ ଛାଡ଼ (ଇଣ୍ଟରେଷ୍ଟ ରିଲିଫ୍‌) ମିଳିବ । ଜମି କିଣା, କୋଠା କିଣା କିମ୍ବା ଜମି ସଫା କରିବା, କିମ୍ବା କୋଠା ତିଆରି କରିବା ଓ ଜଳବିଦ୍ୟୁତ୍‌ ଆଦି ସୁବିଧା କରାଇବା ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ, ସେଥିପାଇଁ କର୍ପୋରେସନ୍‌ ଋଣ ଦେବେ, କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ୧୦୦% ପର୍ଯ୍ୟନ୍ତ ଦେବେ । ଆମ ଦେଶରେ କେହି ଗୋଟିଏ ନୂଆ ଶିଳ୍ପ ବା ବାଣିଜ୍ୟ କଲେ ତାକୁ ଏକ କନ୍‌ସଲ୍‌ଟାଣ୍ଟ ବା ପରାମର୍ଶଦାତାଙ୍କ ପାଖକୁ ଯିବାକୁ କୁହାଯାଏ ଓ ସେଥିପାଇଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼େ । କିନ୍ତୁ ମର୍ସିସାଇଡ୍‌ ଡେଭଲେପମେଣ୍ଟ କର୍ପୋରେସନ୍‌ ମାଗଣାରେ ପରାମର୍ଶ ଦେଉଛି ।

# ଦୂର ପର୍ବତ ତେତେ ସୁନ୍ଦର ନୁହେଁ

## ବିଲାତ, ପୁଣି ଅଇଁଠାଖିଆ ?

ଆମେ କେତେଜଣ ଲଣ୍ଡନରେ ବିଲାତି ଆଦବକାଇଦା ଜାଣିବା ପାଇଁ ଯେଉଁ ପକ୍ଷଦିନ ରହିଥିଲୁ, ସେ ସମୟରେ ପାଦରେ ବୁଲି ବୁଲି ଲଣ୍ଡନର ବହୁତ ଯାଗା ବୁଲିଥିଲୁ । ବୁଲିବାକୁ ସହଜ କରିବା ପାଇଁ ମଧ୍ୟାହ୍ନ ଭୋଜନକୁ ଯଥାସମ୍ଭବ ସୀମିତ କରିଥିଲୁ । ଅବଶ୍ୟ ଇଂରେଜ ଲୋକମାନେ ମଧ୍ୟାହ୍ନ ଭୋଜନକୁ ଖୁବ୍ ସାମାନ୍ୟ କରିଦେଇଛନ୍ତି । ଗୋଟିଏ ଦୁଇଟି ସାଣ୍ଡୱିଚ୍ ଖାଇଦେଲେ ହେଲା । ଆମମାନଙ୍କ ଭଳି ତୃପ୍ତ ଖାଇବା ଲୋକ ପେଟପୂରା ଭର୍ତ୍ତି କରିବାକୁ ଇଚ୍ଛାକରେ । ତେଣୁ ଆମେ ଗୋଟିଏ ଦୁଇଟି ହାମବର୍ଗର ସାଙ୍ଗକୁ କିଛି ଆଳୁ ଚପ୍ସ, ପୁଣି ଅଧଲିଟର କ୍ରିମ (ଲହୁଣୀ କଢ଼ା ହୋଇନଥିବା ଦୁଧ) ଖାଇ ନେଉଥିଲୁ । ଦିନେ ଆମେ ଚାରିଙ୍ଗ କ୍ରସ୍ ଅଞ୍ଚଳ ବୁଲି ଯାଉଥିବାବେଳେ ଏହିପରି ମଧ୍ୟାହ୍ନ ଭୋଜନ କରିଥିଲୁ । ଆମ ସାଙ୍ଗରେ ଥିବା ରବୀନ୍ଦ୍ର ପିଲାଇ ନାମକ ଜଣେ କେରଳୀ ତା'ର ହାମବର୍ଗଟିକୁ ପୂରା ଖାଇପାରିଲା ନାହିଁ । ତା'କୁ ଟିକେ ଘୃଣା ଲାଗିଲା । ଗନ୍ଧ ବି ହେଲା । କେଉଁଠି ଫୋପାଡ଼ିବ ବୋଲି ଖୋଜୁଥିଲା ବେଳେ ମୁଁ ତା'କୁ ରାସ୍ତା ସେପଟର ଡଷ୍ଟବିନ୍‌କୁ ଦେଖାଇ ଦେଲି । ପତଳା କାଗଜ ଗୁଡ଼ା ହୋଇଥିବା ଅବସ୍ଥାରେ ସେ ଖଣ୍ଡିଆ କରିଥିବା ହାମବର୍ଗଟିକୁ ଡଷ୍ଟବିନ୍‌ରେ ପକାଇଦେଲା । ଏହାକୁ ଲକ୍ଷ୍ୟ କରିଥିବା ଜଣେ ଇଂରେଜ ଲୋକ ଚାଲିଆସି ଉଠାଇ ନେଲା । ତା'ର ଛିଣ୍ଡା ବେଶପୋଷାକରୁ ଓ ଅବହେଳିତ ମୁଖମଣ୍ଡଳରୁ ଜଣାଯାଉଥାଏ, ସେ ଗୋଟିଏ ଭିକାରି । ଲଣ୍ଡନରେ ଫୋପଡ଼ା ଅଇଁଠା ଅଳିଆ ଗଦାରୁ ଉଠାଇ ଖାଉଥିବା ଲୋକ ଥିବେ ଏ ଧାରଣା ମୋର ନ ଥିଲା । ଦୂର ପର୍ବତ ସୁନ୍ଦର । ନ ଦେଖିଲାଯାଏ ଲୋକେ ଭାବିବେ ବିଲାତରେ ଭିକାରି ବା ଅଇଁଠାଖିଆ ନ ଥିବେ ।

## ରିଲିଫ ପାଣ୍ଠି ପାଇଁ ଚାନ୍ଦା ମାଗିବ କପଟ .

ଦିନେ ଆମ କର୍ମଶାଳାରେ ପ୍ରାକୃତିକ ବିପର୍ଯ୍ୟୟରେ ରିଲିଫ ସମ୍ପର୍କରେ ବକ୍ତୃତା ଦେବାକୁ ଅକ୍ସଫାମ ତରଫରୁ ଜଣେ ବକ୍ତା ଆସିଥା'ନ୍ତି । ଅକ୍ସଫାମ୍

ହେଉଛି ବିଦେଶରେ ବିପର୍ଯ୍ୟସ୍ତଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ ଦେବାପାଇଁ ଇଂରେଜମାନଙ୍କ ଦ୍ୱାରା ଗଠିତ ଗୋଟିଏ ସଂସ୍ଥା । ଅକ୍ସଫୋର୍ଡ ଓ ଫାମିନ୍ (ଦୁର୍ଭିକ୍ଷ), ଏ ଦୁଇଟି ଶବ୍ଦରୁ ଅକ୍ସଫାମ ନାମଟି ନିଆଯାଇଛି । ସେମାନେ ବିଭିନ୍ନ ଉପାୟରେ ଲୋକଙ୍କ ଠାରୁ ପାଣ୍ଠି ଉଠାନ୍ତି ଓ ସେହି ଅର୍ଥରେ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାରେ ଏପରିକି ୟୁରୋପର ତୁରସ୍କ ଓ ଇଟାଲି ଆଦି ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଲୋକଙ୍କ ପାଇଁ ସାହାଯ୍ୟ ଅର୍ଥ ବା ଜିନିଷ ଆକାରରେ ପଠାନ୍ତି । ପାଣ୍ଠି ସଂଗ୍ରହ ପାଇଁ ସେମାନେ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ପ୍ରଭାବିତ କରନ୍ତି । ଏ ବିଷୟରେ ସେ କହୁ କହୁ ଯେଉଁ କେତେଗୁଡ଼ିଏ ବିଜ୍ଞାପନ ଦେଖାଇଥିଲେ, ସେଥିରେ ଭାରତର ଗୋଟିଏ ଥିଲା । ମଧ୍ୟପ୍ରଦେଶରେ ଗୋଟିଏ ଆଦିବାସୀ ପରିବାର ମୂଷାଟିଏ ମାରୁଥିବାର ଛବି ଥାଇ ତାହାତଳେ ଲେଖାଥିଲା ଯେ ଲୋକେ ଏତେ ବୁଭୁକ୍ଷିତ ଅଛନ୍ତି ଯେ ସେମାନେ ମୂଷା ଖାଉଥିବା ଚାଉଳକୁ ତା'ଠାରୁ ଛଡ଼ାଇ ନେଇ ଖାଉଛନ୍ତି । ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ମୁକ୍ତହସ୍ତରେ ଅକ୍ସଫାମକୁ ଦାନ କରନ୍ତୁ—ଏହା ହିଁ ଲେଖା ଥିଲା । ଆମେ କେତେଜଣ ଭାରତୀୟ ଏ ବିଜ୍ଞାପନକୁ ଦେଖି ଖୁବ୍ ଚିଡ଼ିଗଲୁ । ପ୍ରଥମତଃ ମୂଷା ମାରି ତା'ଠାରୁ ଚାଉଳ ଛଡ଼ାଇବା ଅସମ୍ଭବ କଥା, ତେଣୁ ଏପରି ମନଗଢ଼ା ଗଳ୍ପ ଶୁଣାଇ ଚନ୍ଦା ଆଦାୟ କରିବା ନୀତିଗର୍ହିତ । ଦ୍ୱିତୀୟତଃ ଯାହା ପାଇଁ ସାହାଯ୍ୟ ପଠାଯିବ, ଏହି ବିଜ୍ଞାପନ ଦ୍ୱାରା ତା'ର ଆତ୍ମ-ସମ୍ମାନରେ ବାଧା ଆସୁନାହିଁ କି ? ସେଭଳି ଅବସ୍ଥା ମଧ୍ୟ ଇଂଲଣ୍ଡରେ ଅଛି ବୋଲି ମୁଁ କହିଥିଲି । କଳା ଲୋକ ଫୋପାଡ଼ିଥିବା ଉଚ୍ଛିଷ୍ଟକୁ ଇଂରେଜମାନେ ଡଷ୍ଟବିନରୁ ଖୋଜି ବାହାର କରି ଖାଉଛନ୍ତି, ତାହାର ଛବି ଦେଇ ତା' ତଳେ ଲେଖିବେ, ବୁଭୁକ୍ଷିତ ଇଂରେଜ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚନ୍ଦା ଦିଅନ୍ତୁ । ଏପରି ବିଜ୍ଞାପନ ଦେଉନାହାନ୍ତି କାହିଁକି ? ସେମିତି ଲେଖିଲେ ଇଂଲଣ୍ଡର ଲୋକେ ଚନ୍ଦା ଦେବା ତ ଦୂରର କଥା, ଅକ୍ସଫୋର୍ଡ ସଂସ୍ଥାକୁ ପୋଡ଼ି ଜାଳିଦେବେ—ଅକ୍ସଫାମର ବକ୍ତାଜଣକ କହିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ଅଜଣା ବିଦେଶରେ ଲୋକେ ଯେଉଁଭଳି ଦୁଃଖକଷ୍ଟରେ ଅଛନ୍ତି, ତାଙ୍କୁ ଅତିରଞ୍ଜିତ କରି ନ ଲେଖିଲେ ବିଲାତର ଲୋକେ ଚନ୍ଦା ଦେବାକୁ ଆଗେଇ ଆସିବେ ନାହିଁ ।

## ବିଲାତ ଚୋର :

କିନ୍ତୁ ସେ ବକ୍ତା ମହାଶୟ କଥା ପ୍ରସଙ୍ଗରେ ମାନିଲେ ଯେ, ବିଲାତରେ ଭିକ୍ଷୁକ ଅଛନ୍ତି, ଚୋର ବି ଅଛନ୍ତି ଏବଂ ସବୁ ଜାତି ଭଳି ଏ ଜାତିରେ ମଧ୍ୟ ଚାଲୁ ନା

କିଛି ପାଗଳ ଅଛନ୍ତି । ବିଲାତର ପିଲାମାନଙ୍କ ଭିତରେ ନିଶାଦ୍ରବ୍ୟର ମାରାତ୍ମକ ପ୍ରଭାବ ପଡ଼ୁଛି । ହାସିସ୍, ମରିଜୁନା, କୋକେନ୍, କ୍ରାକ୍ ଆଦି ବିଭିନ୍ନ ନିଶାଦ୍ରବ୍ୟ ଖାଇ ସେମାନେ ଆନନ୍ଦ ଅନୁଭବ କରନ୍ତି । କିନ୍ତୁ ସେଗୁଡ଼ିକର ଦର ଖୁବ୍ ବେଶୀ । ବାପା ମା ଏଥିପାଇଁ ପଇସା ଦେଉନଥିବାରୁ ସେମାନେ ଚୋରି କରିବାକୁ ବାଧ୍ୟ ହେଉଛନ୍ତି ।

ଦିନେ କୁଇନ୍ ଏଲିଜାବେଥ୍ ହାଉସ୍‌ରେ ଚୋରି ହେଲା । ଅନ୍ତେବାସୀ-ମାନଙ୍କ ବ୍ୟବହାର ପାଇଁ ସେଠାରେ ଗୋଟିଏ ଟେଲିଫୋନ୍ ବୁଥ୍ ଅଛି । ତହିଁରେ ପଇସା ପକାଇ ଡାଏଲ କରିବାକୁ ପଡ଼େ । ପୁଣି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଟେଉନ୍ନ ପଇସା ପକାଇବାକୁ ପଡ଼େ, ନଚେତ୍ ସଂଯୋଗ କଟିଯିବ । ଏହି ପଇସାଗୁଡ଼ିକ ଫୋନବାକ୍ସ ଭିତରେ ଜମିରହେ । ବିଭିନ୍ନ ଦେଶର ଛାତ୍ର ଏଠାରେ ରହୁଥିବାରୁ କିଏ କେତେବେଳେ ଆସି ଫୋନ କରୁଛି, ସେ ବାହାରର କି ଭିତରର; ଏଗୁଡ଼ାକ ପ୍ରତି କେହି ଲକ୍ଷ୍ୟ ରଖନ୍ତି ନାହିଁ । ଦିନେ ଦେଖିଲୁବେଳକୁ ସେ ଫୋନଟିର ବାକ୍ସ ଭଙ୍ଗାଯାଇଛି, ଫୋନଟି କାମ କରୁନାହିଁ । ଭଲକରି ଦେଖିବା ପରେ ଜଣାଗଲା ଯେ, ବାକ୍ସରେ ଥିବା ପଇସାଗୁଡ଼ିକ ଚୋରି ହୋଇ ଯାଇଛି । ସାଧାରଣତଃ ଫୋନ ବୁଥରେ କଥାବାର୍ତ୍ତା କଲାବେଳେ ଅନ୍ୟମାନେ ଯେପରି ନ ଶୁଣି ପାରନ୍ତି, ସେଥିପାଇଁ ଫୋନ କଲାବାଲା କବାଟ ବନ୍ଦ କରିଥାନ୍ତି । ତେଣୁ ତା' ଭିତରେ ସେ କ'ଣ କଲା, ସ୍କ୍ରୁ ଡ୍ରାଇଭର ଆଦି ଧରି ବାକ୍ସ ମେଲା କରିଦେଲା କି ସେଇମିତି ପଇସା ଉଠାଇ ନେଲା, ଏ ବିଷୟରେ କେହି ଜାଣି-ପାରିଲେ ନାହିଁ । ଅନ୍ୟ ଜଣେ ଫୋନ କରିବାକୁ ଯାଇ ଭଙ୍ଗାରୁଜା ହୋଇଥିବାର ଦେଖିଲା, ପୋଲିସକୁ ଖବର ଦିଆଗଲା । ପାଞ୍ଚ, ଛଅ ପାଉଣ୍ଡ ଚୋରିପାଇଁ ସେ କ'ଣ କରିଥିବେ ସେ ବିଷୟ ଆମେ ଆଉ ଜାଣି ପାରିଲୁ ନାହିଁ । କିନ୍ତୁ ପୋଲିସ କହୁଥିଲା ଯେ ଏଗୁଡ଼ାକ ହେଉଛି କିଶୋର କିଶୋରୀମାନଙ୍କ କାମ । ଏ ପଇସାରେ ସେମାନେ ଡ୍ରଗ (ନିଶାଦ୍ରବ୍ୟ) ଖାଇଥିବେ ।

## ନିଶା :

ନିଶାଦ୍ରବ୍ୟ ବିକିବା ଏତେ ଲାଭଜନକ ହୋଇପଡ଼ିଛି ଯେ, ସରକାରୀ ପ୍ରତିବନ୍ଧକ ସତ୍ତ୍ୱେ ଗୁଣ୍ଡା ଶ୍ରେଣୀର ଲୋକେ ସଙ୍ଗଠିତଭାବେ ଏହାର ଚୋରାଚାଲାଣ କରୁଛନ୍ତି । ସରକାର ଯେତେ ଧରାଧରି କରୁଛି, ଏ ନିଶାଦ୍ରବ୍ୟଗୁଡ଼ିକର ଦର ତେତେ ବଢ଼ି ବଢ଼ି ଚାଲିଛି ଓ ସଙ୍ଗଠିତ ଅପରାଧ ବଢ଼ି ବଢ଼ି ଚାଲିଛି । ମୁଁ

ଅକ୍ସଫୋର୍ଡ଼ରେ ଥିଲାବେଳେ ବ୍ରିଟିଶ ସରକାର ଗୋଟିଏ ବିଶେଷ ପ୍ରକାରର ଟଫି (ଚିନି ମିଠେଇ) ନ କିଣିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ, କାରଣ ସେଥିରେ ନିଶାଦ୍ରବ୍ୟ ମିଶାଯାଇଛି ବୋଲି ଖବର ମିଳିଥିଲା । ଟିକେ ଟିକେ ନିଶାଦ୍ରବ୍ୟ ଖାଇବା ଆରମ୍ଭ କରିଦେଲେ ବେଶି ବେଶି ଖାଇବାକୁ ଇଚ୍ଛାହେବ ଓ ଶେଷରେ ନିଶାଗ୍ରସ୍ତ ଲୋକ ନିଶା ଖାଇବା ଛାଡ଼ି ନ ପାରି ପଇସା ଚୋରି ପାଇଁ ନରହତ୍ୟା ଆଦି ଅପରାଧରେ ଲିପ୍ତ ହେବ ।

## ଆମ ଆଖିରେ ବ୍ୟଭିଚରିତ; ବିଲାତ ଆଚାର :

କିଶୋର କିଶୋରୀ ବୟସରୁ ଅବାଧ ମିଳାମିଶା ଓ ଯୌନ ପ୍ରବୃତ୍ତିରେ ଅଭ୍ୟସ୍ତ ହୋଇଥିବାରୁ ବିଲାତର ଯୁବକଯୁବତୀମାନେ ବୋଧହୁଏ ସହଜରେ କାମ ଉଦ୍ଦୀପନାରେ ଉତ୍ତେଜିତ ହୁଅନ୍ତି ନାହିଁ । ଏହି କାରଣରୁ କୃତ୍ରିମ ଯୌନ-ଉତ୍ତେଜକ ଜିନିଷ ବଜାରରେ କିଣିବାକୁ ମିଳେ । ବିଲାତର ବିଭିନ୍ନ ପାର୍କରେ ଯୁବକ ଯୁବତୀମାନେ ନିର୍ଭୟରେ ପରସ୍ପର ଉପରେ ଲଦି ହୋଇ ଶୋଇଥିବାର ଦୃଶ୍ୟ ବଡ଼ ସାଧାରଣ । ଅବଶ୍ୟ ଏଠାରେ ମାନିବାକୁ ପଡ଼ିବ ଯେ ସେମାନେ ସର୍ବସାଧାରଣରେ ଯୌନ ସଙ୍ଗମ କରିବାର ମୁଁ ଦେଖିନାହିଁ । ଗ୍ରୀଷ୍ମ ଦିନରେ ବିଭିନ୍ନ ପାର୍କରେ ବିଶେଷତଃ ହାଇଡ୍ ପାର୍କରେ ସ୍ୱଳ୍ପ ବସ୍ତ୍ର ପରିହିତ ଯୁବକ ଯୁବତୀମାନେ ଗଡୁଥା'ନ୍ତି । ଯୁବକ ଦେହରେ କେବଳ ଜଙ୍ଘିଆ ଓ ଯୁବତୀ ଦେହରେ ତଦନୁସାରେ ଜଙ୍ଘିଆ ଓ ବ୍ରା ଛଡ଼ା ଆଉ କିଛି ନଥାଏ । ଆମେ ଅଦେଖାଳିଆ ଲୋକେ ପାର୍କର କୌଣସି ଗୋଟିଏ ସ୍ଥାନରେ ବସି ସେସବୁ ଲକ୍ଷ୍ୟକରି ଆନନ୍ଦ ପାଉଥାଉଁ । ଆମମାନଙ୍କ ଭିତରେ ବରଂ ଆଲୋଚନା ହୁଏ ଯେ ସେମାନେ ଏତେ ନିବିଡ଼ ଆଲିଙ୍ଗନରେ ଥାଇ ମଧ୍ୟ କିପରି ନିଜକୁ ସଂଯତ କରି ପାରୁଛନ୍ତି ? ସେମାନେ ନିଶ୍ଚୟ ହସ୍ତଛଡ଼ା ହୋଇଥିବେ । ଅନ୍ୟତ୍ର ପାର୍କରେ ଥିବା ବିଲାତି ଲୋକେ ସେମାନଙ୍କ ନିଜ ନିଜ ବିନୋଦନରେ ବ୍ୟସ୍ତ ଥା'ନ୍ତି, କେହି ଅନ୍ୟ କାହାକୁ ଲକ୍ଷ୍ୟ କରିବାର ମୁଁ ଦେଖିବାକୁ ପାଇନାହିଁ । ସମସ୍ତେ ତ ଯୋଡ଼ିଯୋଡ଼ି, ଅନ୍ୟ ପାଇଁ ଚିନ୍ତା କରିବାର ବେଳ କାହିଁ ?

## ଆମ ଦେଶରେ ପୋଲିସ ନ ଥିଲେ, ଯା' ଇଚ୍ଛା ତା' କର :

ବିଲାତରେ ପାର୍କରେ କେତେଗୁଡ଼ିଏ କଟକଣା ଅଛି । ଆମ ଦେଶରେ ଖାଇବା ପରେ ଯେଉଁଠି ସେଇଠି ପତର ଫୋପାଡ଼ିବା ଅଭ୍ୟାସ ଅତି ସାଧାରଣ । ଫଳରେ ପାର୍କରେ ଏତେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଯାଏ ଯେ ମ୍ୟୁନିସିପାଲିଟି

ବା ପାର୍କ କର୍ତ୍ତୃପକ୍ଷଙ୍କ ତରଫରୁ ସଫା କରାନଗଲେ କେଇ ସପ୍ତାହ ମଧ୍ୟରେ ପାର୍କ ଆଉ ବ୍ୟବହାର ଯୋଗ୍ୟ ହୁଏ ନାହିଁ । କିନ୍ତୁ ବିଲାତର ପାର୍କରେ ଅଳିଆ ଆବର୍ଜନା ପକାଇବା ବା କାଗଜପତ୍ର ପକାଇବା ଦଣ୍ଡନୀୟ ଅପରାଧ । ଆମ ଦେଶରେ ବି ଏମିତି କେତେଗୁଡ଼ିଏ ଦଣ୍ଡନୀୟ ଅପରାଧ ଅଛି, କିନ୍ତୁ ଆମକୁ ଧରିବାପାଇଁ ଆଖି ଆଗରେ ପୋଲିସ ଦେଖା ନ ଗଲେ ଆମେ ସେ କାମକୁ ଅପରାଧ ବୋଲି ଧରୁନା । ଅର୍ଥାତ୍ ପୋଲିସ ନ ଥିଲେ ଆମ ଭିତରେ କର୍ତ୍ତବ୍ୟ ଜ୍ଞାନ ନ ଥାଏ । କିନ୍ତୁ ବିଲାତରେ ତାହା ନୁହେଁ । କାଳେ କିଏ କେଉଁଠି ଧରିନେବ, ସେ ଭୟରେ ସେମାନେ ନିୟମ ମାନନ୍ତି । ପାର୍କର ବିଭିନ୍ନ ସ୍ଥାନରେ ଥିବା ଡଷ୍ଟବିନ୍‌ରେ ସେମାନେ ମଇଳା ପକାନ୍ତି ଓ ଶୌଚାଳୟକୁ ଝାଡ଼ା, ପରିସ୍ରା କରିବା ପାଇଁ ଯାଆନ୍ତି ।

## ବିଲାତରେ ପାର୍କ :

ଖରାତେଜ ବଢ଼ିଗଲେ, ମଧ୍ୟାହ୍ନ ସମୟକୁ ପାର୍କରେ ଘାସଉପରେ ଶୋଇ-ବାକୁ ଭଲ ଲାଗେ । ହାଇଡ୍ ପାର୍କରେ ଚେଆର ବି ପଡ଼ିଥାଏ । କିନ୍ତୁ ଚେଆରରେ ବସିଲେ ଭଡ଼ା ଦେବାକୁ ପଡ଼େ ବୋଲି ଆମେ ଜାଣି ନଥିଲୁ । ମୁଁ ଘାସରେ ଶୋଇଥିଲି । ମୋର ଦୁଇଜଣ ସାଙ୍ଗ ଦୁଇଟି ଖାଲିଥିବା ଚେଆରରେ ବସିଯାଇ-ଥିଲେ ଏବଂ କେତେଗୁଡ଼ିଏ ଇଂରେଜ ଯୋଡ଼ିଙ୍କର କେଳି ଦେଖୁଥିଲେ । ଆମର ଧ୍ୟାନଭଙ୍ଗି ଜଣେ ମାଗିଲା, "ପଇସା" ? ଘଣ୍ଟାକୁ ୨୫ ପେନ ହିସାବରେ ସେ ଦାବିକଲା । ଆମେ ବାଧ୍ୟ ହୋଇ ମିଛ କହିଲୁ ଯେ ଆମେ ଏଇକ୍ଷଣି ବସିଛୁ ଏବଂ ସାଙ୍ଗେ ସାଙ୍ଗେ ଉଠି ପଳାଇଗଲୁ । ଆମର ଅଣବିଲାତି ପ୍ରକୃତି ଦେଖି ସେ ଆଉ ଆଗେଇ ନ ଥିଲା ।

ବିଲାତ ସରକାରଙ୍କ ପରିବେଶ ବିଭାଗଦ୍ୱାରା ପାର୍କଗୁଡ଼ିକ ନିୟନ୍ତ୍ରିତ ହୋଇଥାଏ । ପାର୍କଗୁଡ଼ିକରେ ପିକ୍‌ନିକ୍, ଟେନିସ୍ ଖେଳ, ପାଖ ନାଳରେ ଡଙ୍ଗା ଚଳାଇବା, ପହଁରିବା ବା ଖୋଲାଜାଗାରେ ଘୋଡ଼ା ଚଢ଼ିବା ଆଦିରେ ଲୋକେ ବ୍ୟସ୍ତ ଥା'ନ୍ତି । ବଡ଼ବଡ଼ ପାର୍କରେ ଯଥା ହାଇଡ୍ ପାର୍କରେ ବଡ଼ ବଡ଼ ସଙ୍ଗୀତ ଆସର, ବକ୍ତୃତା ଆସର, ଏପରିକି ଖୋଲା ଯାତ୍ରା ଦେଖିବାକୁ, ଶୁଣିବାକୁ ମିଳେ । ଲଣ୍ଡନର କେନ୍ଦ୍ରସ୍ଥଳରେ ଥିବା ହାଇଡ୍ ପାର୍କର ଗୋଟିଏ କୋଣରେ ପ୍ରାୟ ପ୍ରତ୍ୟେକ ଦିନ କେହି ନା କେହି ଭାଷଣ ଦେଇଥାଏ, ସୁସ୍ଥାଏ ଲୋକ ଠିଆହୋଇ ଶୁଣୁଥାନ୍ତି । କେହି ଶୁଣୁ ବା ନ ଶୁଣୁ ବକ୍ତା କହି ଚାଲିଥାଏ । ଲୋକେ କହନ୍ତି, ଜର୍ଜ ବର୍ଣ୍ଣାଡ'ଶଙ୍କ ଭଳି ବିଖ୍ୟାତ ବକ୍ତାମାନେ ହାଇଡ୍ ପାର୍କରୁ ହିଁ

ସେମାନଙ୍କର ଅଭ୍ୟାସ ଆରମ୍ଭ କରିଥିଲେ । ଆମ ଦେଶରେ ଯଦି କେହି ପାର୍କର ଗୋଟିଏ କୋଣରେ ଭାଷଣ ଆରମ୍ଭ କରିଦିଏ, ତା'କୁ ଶୁଣିବା ଦୂରେ ଥାଉ, ଆମେ ତା'କୁ ପାଗଳ ବୋଲି ଧରିନେଉ । କୌତୂହଳବଶତଃ ମୁଁ ଗୋଟିଏ ଭାଷଣ ହାଇଡ୍ ପାର୍କରେ ଶୁଣିଥିଲି । ଭାଷଣଟି ଏତେ ସାଧାରଣ ନଥିଲା । ତାତ୍ତ୍ୱିକ ଦର୍ଶନ ଉପରେ ବକ୍ତା କହୁଥା'ନ୍ତି । ଜୀବ ଓ ନିର୍ଜୀବ ଭିତରେ, ପଥର ଓ ମଣିଷ ଭିତରେ କପରି ପ୍ରଭେଦ ନାହିଁ ତାହା ସେ ବୁଝାଉଥା'ନ୍ତି । ମୁଁ ଶୁଣିଲି ହାଇଡ୍ ପାର୍କ ଦିନେ ପ୍ରାଚୀନ ରାଜା ଅଷ୍ଟମ ହେନେରୀଙ୍କର ଶିକାର ଜଙ୍ଗଲ ଥିଲା । ଏବେ ଏହା ସବୁଜ ଘାସରେ ପୂର୍ଣ୍ଣ । ଲଣ୍ଡନର ଆଉ ଗୋଟିଏ ପାର୍କ ହେଉଛି କେନ୍‌ସିଙ୍ଗ୍‌ଟନ ଗାର୍ଡ଼ନ୍‌ସ । ଏଠାରେ ପିଟର ପାନର ମୂର୍ତ୍ତି ଅଛି । ଆପଣମାନେ ବୋଧହୁଏ ସାର ଜେମ୍‌ସବାରୀଙ୍କ ପଶ୍ଚିମ ରଚିତ ଗପ "ପିଟର ପାନ" ବହି ପଢ଼ିଥିବେ । ସହରର ବ୍ୟସ୍ତ ଜୀବନ ଭିତରେ ଟିକିଏ ଖୋଲା ପବନରେ ନିଶ୍ୱାସ ନେବାପାଇଁ ଏହି ପାର୍କଗୁଡ଼ିକ ସୁବିଧା ଯୋଗାଇଥାଏ ।

## ଖାଦ୍ୟରେ ହର୍ମୋନ୍‌ର କୁପ୍ରଭାବ :

ବିଲାତର ବୟସ୍କ ନାଗରିକମାନେ ଦୁଃଖ କରନ୍ତି ଯେ ଆଜିକାଲି ସଭ୍ୟତା ପିଲାମାନଙ୍କୁ ଖରାପ କରି ଦେଉଛି । ସୁବିଧାରେ, ଶସ୍ତାରେ ଓ ଶୀଘ୍ର ମାଂସ ପାଇବାପାଇଁ ଗୋରୁ ଓ କୁକ୍କୁଟଙ୍କୁ ଖାଦ୍ୟରେ ହରମୋନ ଦିଆଯାଉଛି । ଏହାଦ୍ୱାରା ସେମାନେ ଶୀଘ୍ର ଶୀଘ୍ର ବଢ଼ିବେ, ମୋଟା ହେବେ ଓ ମାଂସଳ ହେବେ । ଗାଈର ଦୁଧ ବଢ଼ାଇବାପାଇଁ ମଧ୍ୟ ହରମୋନ ମିଶ୍ରିତ ଗୋଖାଦ୍ୟ ଦିଆଯାଉଛି । ବ୍ରଏଲର ବା ଓଜନିଆ କୁକୁଡ଼ା ମାଂସ ପାଇବାପାଇଁ ମଧ୍ୟ କୁକୁଡ଼ା ଖାଦ୍ୟରେ ହରମୋନ ମିଶାଯାଉଛି । ସବୁ ହରମୋନ ତ ନଷ୍ଟ ବା ମିଳାଇଯାଏ ନାହିଁ, ଏହାର କିଛି କିଛି ଅଂଶ ମାଂସରେ ରହିଯାଏ, ଏହାକୁ ଖାଇ ଆଜିକାଲିର ପିଲାମାନଙ୍କଠାରେ ବୟସ୍କର ଲକ୍ଷଣ ଦେଖାଯାଉଛି । ୧୨।୧୩ ବର୍ଷବେଳକୁ ଅଳ୍ପ ବୟସରେ ଝିଅମାନଙ୍କ ଦେହରେ ଯୁବତୀ ଲକ୍ଷଣ ଓ ଚେହେରା ଓ ପୁଅମାନଙ୍କ ଦେହରେ ପୁରୁଷୋଚିତ ଲକ୍ଷଣ ଓ ବ୍ୟବହାର ଦେଖାଯାଉଛି । ତେଣୁ ପ୍ରାଥମିକ ବିଦ୍ୟାଳୟ-ସ୍ତରରୁ ପିଲାମାନଙ୍କ ମଧ୍ୟରେ ଅବୈବାହିକ ଯୌନ ସମ୍ପର୍କ ବଢ଼ିଯାଉଛି । ଏତେ ସହଳ କାମ ଉଦ୍ଦୀପନା ଆସି ଯାଉଥିବାରୁ ସେମାନେ ବୟସ୍କ ହେବାବେଳକୁ ଯୌନ ଶିଥିଳତା ଆସି ଯାଉଛି । ବିବାହ ହେବା ସମୟକୁ ଉତ୍ତେଜନା ହ୍ରାସ ପାଇଯାଉଛି । ଏଥିପାଇଁ ବିଲାତର ବଜାରରେ ଖୋଲାଖୋଲି ଭାବରେ କାମୋଦ୍ଦି-

ପକ ସେବା ଓ ବସ୍ତ୍ର ମିଳୁଛି । ଏ ସମ୍ପର୍କରେ ଡୋକାନଦକାର ଅଧ୍ୟାୟରେ ସୂଚାଇ ଦିଆଯାଇଛି ।

## ଯୁଅଝିଅ ଅବାଧ ମିଳାମିଶା :

ଇଂରେଜ ସମାଜ ଅବାଧ ମିଳାମିଶା ପାଇଁ ସୁବିଧାଦିଏ । ଆମେ ତା'କୁ କଦର୍ଥ କରି ପରମିସିଭ୍ ସୋସାଇଟି (Permissive Society କହୁଁ । ଉଚ୍ଚ ପ୍ରାଥମିକ ସ୍କୁଲ ସମୟରୁ ଯୁଅଝିଅମାନେ ଅବାଧରେ ମିଳାମିଶା କରନ୍ତି ଏବଂ ୧୩।୧୪ ବର୍ଷର ଝିଅମାନେ ମା' ହୋଇପଡ଼ନ୍ତି । ଗର୍ଭପାତ ପାଇଁ ବାଛବିଚାର ନଥାଏ । ଏଥିରୁ କାରଣରୁ ସେ ସମାଜରେ ଜୋର ଜବରଦସ୍ତ ଝିଅଟିଏ ଉଠାଇ ନେଇଯିବା ବା ନାରୀ ଅପହରଣ, ବଳାତ୍କାର ବା ଧର୍ଷଣ ଆଦି ଶୁଣାଯାଏ ନାହିଁ । ତେଣୁ ସ୍ତ୍ରୀ-ପୁରୁଷ ସମ୍ପର୍କୀୟ ଅପରାଧ ହେବାର ଅବକାଶ ନାହିଁ । ଯୁବକ ଯୁବତୀମାନଙ୍କର ମିଳାମିଶାରେ ବାଧାଥିଲେ ସିନା କୌଣସି କାମୁକ ଯୁବକ କୌଣସି ଯୁବତୀକୁ ଉଠାଇ ନେବାର ଚେଷ୍ଟା କରିବ ?

ଜଣେ ଡାକ୍ତର ବନ୍ଧୁଙ୍କ ସହିତ ଏ ସମ୍ପର୍କରେ ପ୍ରଶ୍ନ ପଚାରିବାରେ ସେ ବନ୍ଧୁ କିଶୋରୀଙ୍କର ଗର୍ଭପାତ କରିବାରେ କିପରି ସାହାଯ୍ୟ କରନ୍ତି, ବନ୍ଧୁ ଅବିବାହିତା ବାଳିକାମାନଙ୍କୁ କିପରି ଜନ୍ମ ନିରୋଧ ବଟିକା, ଲୁପ୍ ଆଦି ଦେଇଛନ୍ତି ତାହାର ବର୍ଣ୍ଣନା କରିଥିଲେ । ଗୋଟିଏ "ଓ" ଲେଭଲ୍ (ସ୍କୁଲଛାତ୍ରୀ)ର ଝିଅର ଉଦାହରଣ ଦେଇ ସେ କହିଲେ "ମୁଁ ତା'କୁ ପଚାରିଲି ଏ ଗର୍ଭ କ'ଣ ପ୍ରଥମ ଥର ହେଲା ?" ସେ କହିଲା, ଆଗରୁ ମଧ୍ୟ ଥରେ ସେ ଗର୍ଭପାତ କରାଇଛି । ୧୪।୧୫ ବର୍ଷ ପାଖାପାଖି ବୟସର ହେବ ଦେଖି ମୁଁ ତା'କୁ ପୁଣି ପ୍ରଶ୍ନ କଲି, "ତୁମର ଏମିତି କେତେଜଣ ବନ୍ଧୁ ଅଛନ୍ତି ?" ସେ ଉତ୍ତର ଦେଇଥିଲା, "ଶେଷ ବନ୍ଧୁଟି ନବମ ।"

## ଆମ ଆଦିବାସୀମାନେ ବଳିତ ?

ଯୁଅଝିଅମାନେ ଅବାଧରେ ମିଶନ୍ତି । ପରସ୍ପର ରାଜି ନ ହେବା ପର୍ଯ୍ୟନ୍ତ ବିବାହ ହୁଅନ୍ତି ନାହିଁ, ତେଣୁ ଏପରି ପ୍ରଣୟ ଚାଲିଥାଏ । ଏହାକୁ ସେମାନେ କୋର୍ଟସିପ୍ (Courtship) କହନ୍ତି । ଓଡ଼ିଆରେ ଏହାକୁ ପ୍ରଣୟ ପ୍ରାର୍ଥନା କହିଲେ ଠିକ୍ ହେବନାହିଁ । କାରଣ ଏଥିରେ ପ୍ରାର୍ଥନା କିମ୍ବା ଅନୁନୟ କିଛି ନଥାଏ । ଏହାକୁ ଆଦିବାସୀଙ୍କ ସହିତ ତୁଳନା କରି ହେବନାହିଁ । ଆଦିବାସୀ-

ମାନଙ୍କ ଭିତରେ ବରଂ ଟିକେ ପରମ୍ପରା ଅଛି । ଧାଙ୍ଗଡ଼ା ଧାଙ୍ଗଡ଼ୀ ଘୋଟୁଲରେ ଅର୍ଥାତ୍ ସେମାନଙ୍କ ମିଳନ ସ୍ଥଳରେ ମିଶାମିଶି କରନ୍ତି, ପସନ୍ଦ ହେଲେ କିମ୍ବା ଗର୍ଭ ସଞ୍ଚାର ହେଲେ ବିବାହ କରନ୍ତି ଏବଂ ଏ ବିବାହ ସାରାଜୀବନ ଅତୁଟ ରହେ । ବିଲାତ ପୁଅଝିଅଙ୍କ ମିଳାମିଶା ବଡ଼ ସ୍ତରରେ ଏବଂ ସେମାନଙ୍କ ମଧ୍ୟରେ ବିବାହବନ୍ଧନ ଏତେ ନିବିଡ଼ ନୁହେଁ । ଖ୍ରୀଷ୍ଟଧର୍ମ ଅନୁଯାୟୀ ବିବାହରେ ବରକନ୍ୟା ଶପଥ ନିଅନ୍ତି ମୃତ୍ୟୁ ପର୍ଯ୍ୟନ୍ତ ଏକାଠି ରହିବା ପାଇଁ **'Till death doth us part''**, କିନ୍ତୁ ସାମାନ୍ୟ ଦୋଷତ୍ରୁଟି ବା ମନାନ୍ତର ଯୋଗୁଁ ଛାଡ଼ପତ୍ର ଦିଅନ୍ତି ।

ବିଲାତରେ ପୁଅଝିଅଙ୍କ ଭିତରେ ଅବାଧ ମିଳାମିଶା ଅଛି ବୋଲି ଅନେକ ଭାବୁଥିବେ ଯେ ସେଠାରେ ଅଶ୍ଳୀଳ କାରବାର ଖୁବ୍ ବେଶି ଦେଖାଯାଉଥିବ । ବାହାରେ ସର୍ବ ସମକ୍ଷରେ ଚୁମା ଦେବା ଦେଖାଯାଏ, କିନ୍ତୁ ଅଶ୍ଳୀଳ ବ୍ୟବହାର ଦେଖାଯାଏ ନାହିଁ । ଏପରିକି ସିନେମା ଆଦିର ଅଶ୍ଳୀଳ ବିଜ୍ଞାପନ ଗୃହଆଡ଼େ ଲଗାଯାଇ ନ ଥାଏ । କାହାରି କାନ୍ଥବାଡ଼ରେ ତାର ବିନା ଅନୁମତିରେ ବିଜ୍ଞାପନ ଲଗାଇଲେ ସେ ମକଦ୍ଦମା କରିଦେବ—ପୋଲିସ ଧରିନେବ । ଆମ ଦେଶରେ ପୋଷ୍ଟର ମାରିବାବାଲାଏ ଯେଉଁଠି ଯେଇଠି ପୋଷ୍ଟର ଲଗାଇବେ । ଭଡ଼ାଦିଆ ବିଜ୍ଞାପନ ସ୍ଥାନରେ ତ ନିଶ୍ଚୟ ଲଗାଇବେ । ସହରର ବଡ଼ ଛକରେ ସବୁଠାରୁ ଅଶ୍ଳୀଳ ଦୃଶ୍ୟର ପୋଷ୍ଟର ଦେବେ । ଏହା କହିବାର ଅର୍ଥ ନୁହେଁ ଯେ ବିଲାତ ସମାଜରେ ଅଶ୍ଳୀଳତା ନାହିଁ ।

ଆମ ଦେଶରେ ଲୁଚିଛପାରେ ଅଶ୍ଳୀଳ ଲେଖା, ଛବି, ବହି ବା ଶବ୍ଦ ବିକ୍ରି ହୁଏ । ସିନେମା ମଧ୍ୟ ଦେଖାଯାଏ । ଏସବୁ ଦଣ୍ଡନୀୟ ଅପରାଧ । କିନ୍ତୁ ବିଲାତରେ ଯୌନ ସମ୍ପର୍କୀୟ ପତ୍ରିକା ଓ ବହିମାନ ଖୋଲାଖୋଲି ବିକ୍ରି ହୁଏ । ପୁରୁଷ-ସ୍ତ୍ରୀ ଯୌନ ସଙ୍ଗମର ଛବି ଛପାଥିବା ପତ୍ରପତ୍ରିକା ଖୋଲାଖୋଲି ବିକ୍ରି ହୁଏ । ପତ୍ରିକା ଗୋଟାକ ଦୁଇପାଉଣ୍ଡ ପାଖାପାଖି ।

ପାଶ୍ଚାତ୍ୟ ଦେଶମାନଙ୍କରେ ଆମ ଦେଶ ଭଳି ଯୌନଶିକ୍ଷା ଗୋଟିଏ ଗୋପନୀୟ କାମ ନୁହେଁ । ପୁଅଝିଅଙ୍କ ମିଳାମିଶାରେ ବାପା ମାଆଙ୍କର ବାଧା ନାହିଁ । କିନ୍ତୁ ଅଶ୍ଳୀଳ ଚିତ୍ରକୁ ଦେବାକୁ ବା ବିବାହ ପୂର୍ବରୁ ମାତୃତ୍ୱ ପାଇବାକୁ ସମସ୍ତେ ନାପସନ୍ଦ କରନ୍ତି । ଅବଶ୍ୟ ଆମଦେଶ ଭଳି ଘୃଣ୍ୟ ବା ବାସନ୍ଦ ଦେଖା-ଯାଏ ନାହିଁ ।

କିନ୍ତୁ ଅଧିବାସୀଙ୍କ ସହିତ ଗୋଟିଏ ସାମଞ୍ଜସ୍ୟ ଅଛି । ପୁଅମାନେ ବିବାହ ହୋଇଗଲାପରେ ପିତାମାତାଙ୍କଠାରୁ ଦୂରେଇଯାଇ ଅନ୍ୟତ୍ର ରୁହନ୍ତି । ଯେଉଁଠି ରୋଜଗାରର ପନ୍ଥା ସେମାନଙ୍କୁ ମିଳେ ସେଠାକୁ ଚାଲିଯାଇ ରହନ୍ତି । ଅତି ଧନୀପରିବାର ହୋଇନଥିଲେ ବିବାହିତ ପୁଅ ପ୍ରାୟ ବାପାମାଙ୍କ ଉପରେ ନିର୍ଭର କରେ ନାହିଁ । ଏ କାରଣରୁ ଆମେ ଯେତେ ଇଂରେଜ ପରିବାର ସହିତ ମିଳାମିଶା କରିଛୁ ସେ ଗୁଡ଼ିକ ଆମ ଓଡ଼ିଶାର ପରିବାର ଭଳି ଯୌଥ ନୁହେଁ, ଅର୍ଥାତ୍ ଆମର ପରିବାରରେ ଯେପରି ଜେଜେ, ବାପା, ପୁଅ ଅର୍ଥାତ୍ ତିନିପୁରୁଷର ଲୋକେ, ବେଳେବେଳେ ଚାରିପୁରୁଷର ଲୋକେ, ଏକାନ୍ନବର୍ତ୍ତୀ ଭାବରେ ଥା'ନ୍ତି, ସେଠାରେ ସେପରି ନୁହେଁ । କୌଣସି ପରିବାରରେ ଅତିବେଶିରେ ଚାରିଟି ଲୋକଠାରୁ ବେଶି ଦେଖିବାକୁ ପାଇନାହୁଁ । ସାଧାରଣତଃ ବାପା ମା ଓ ଅବିବାହିତ ସନ୍ତାନ । ଏପରିକି ଇଆନ ଡାଭିସ୍‌ଙ୍କ ଭଳି ପରିବାରରେ ଶିକ୍ଷିତ ହୋଇଯାଇଥିବା ପୁଅ ଓ ଝିଅ କର୍ମାନ୍ୱେଷଣରେ ବାହାରେ ଅଛନ୍ତି ।

## ଯୌଥ ପରିବାରର ଦୁର୍ଗୁଣ :

ଏପରି ଏକକ ପରିବାରର ଗୋଟିଏ ସୁଫଳ ଅଛି । ଏଥିଲାଗି ଜାତି ବେଶି ଆଗେଇପାରେ । ଗୋଟିଏ ରୋଜଗାରି ସଦସ୍ୟ ଉପରେ ନିର୍ଭର କରି ପରିବାରର ଅନ୍ୟମାନେ ଗୋଟିଏ ଛପରତଳେ ରହନ୍ତି ନାହିଁ; ରୋଜଗାର ଧନ୍ଦାରେ ସମସ୍ତେ ନୂଆ ନୂଆ ଜାଗାକୁ ବା ନୂଆ ନୂଆ କାମପାଇଁ ବାହାରି ଯାଆନ୍ତି । ଏହାଦ୍ୱାରା ଯୁବକଯୁବତୀମାନେ ସାହସୀ ହୁଅନ୍ତି ଓ ସେମାନଙ୍କର ଉଦ୍ୟମ ଓ ଉତ୍ସାହରେ ବାଧାଦେବାକୁ କେହି ନଥା'ନ୍ତି । ଓଡ଼ିଶା କଥା ତ ଆପଣ ଜାଣନ୍ତି ! ମା ପୁଅକୁ କୁହେ, "ତୁ ଏତେବାଟ ଯିବୁ ? ମୁଁ ମଲାର ତିନିଦିନ ପରେ ଖବର ପାଇବୁ ?"—ମା କାନିରେ ବାନ୍ଧିହୋଇ ରହିବା ପିଲା କେବେ ସାହସୀ ହେବ ? ଘରେ ପଖାଳଖାଇ ୧୦୦ ଟଙ୍କାରେ ମାଷ୍ଟର ହେବ ବରଂ ଦୂରରେ ୫୦୦ ଟଙ୍କାରେ ଅନ୍ୟ ଚାକିରି କରିବ ନାହିଁ—ଏ ଧାରଣା କେବଳ ଆମ ଓଡ଼ିଶାରେ ଅଛି । କେରଳୀ ବା ପଞ୍ଜାବୀମାନଙ୍କ କଥା ଦେଖନ୍ତୁ—କାମଧନ୍ଦା ବା ଚାକିରି ଉଦ୍ଦେଶ୍ୟରେ ଦେଶର ଯେକୌଣସି ଜାଗାକୁ ଚାଲିଯାଉଛନ୍ତି । ବିଦେଶରେ ମଧ୍ୟ ନିଜର କର୍ମକ୍ଷେତ୍ର ବାଛି ନେଉଛନ୍ତି । ଏହି କାରଣରୁ ସେ ଜାତିର ଲୋକ-ମାନଙ୍କ ଭିତରେ ଓଡ଼ିଆଙ୍କ ଭଳି ଘାରୁ ନାହାନ୍ତି । ଘର ପାଖରେ ବା ଗାଁ ପାଖରେ ରହିବା ଯୋଗୁଁ ପ୍ରତିବେଶୀଙ୍କ ପ୍ରତି ଯେଉଁ ହିଂସା ଅଛି; ସେଭଳି ପରଶ୍ରୀ-

କୀତରତା ଅଥବା ସେହି କାରଣରୁ ପରନିନ୍ଦା ବା ପରଚର୍ଚ୍ଚା କରିବାର ଅବସର ଏହି ଜାତିମାନଙ୍କର ନ ଥାଏ।

ଆମେଗୁଡ଼ା ଅଳସୁଆ। କେବଳ ଗାଁ ଗହଳି କାହିଁକି, କଟକ ଭଳି ସହରରେ ଦିନ ଦ୍ୱିପ୍ରହରରେ ଆମେ ଲୋକଙ୍କୁ ତାସ ବା ପଶାଖେଳରେ ବ୍ୟସ୍ତ ଥିବାର ଦେଖୁଁ। କାମ କରିବା ସମୟରେ ଏପରି ବେକାର ସମୟ ନଷ୍ଟ କରିବା ଅନ୍ୟ କୌଣସି ଜାତିରେ ଦେଖାଯାଏ ନାହିଁ। ଇଂରେଜମାନେ ସେମାନଙ୍କ କାମ ସମୟକୁ ଏପରି ବରବାଦ କରନ୍ତି ନାହିଁ। ଦିନବେଳେ କୌଣସି କର୍ମଠ ଲୋକ ବସି ରହିଥିବାର ବା ୪।୫ ଜଣଙ୍କୁ ସାଙ୍ଗକରି ଖେଳୁଥିବାର ଦେଖାଯାଏ ନାହିଁ। ଏପରିକି କାହାଠାରୁ ଆଗରୁ ସମ୍ମତି ନ ଆଣିଥିଲେ ତା'ର ଦେଖା ମିଳିବା ଅସମ୍ଭବ। ଇଂରେଜ ଲୋକ ଯେ ଖେଳନ୍ତି ନାହିଁ ବା ମଉଜମଜଲିସ୍ କରନ୍ତି ନାହିଁ, ତାହା ନୁହେଁ, ନିଜର କାମଧନ୍ଦା ବା କର୍ତ୍ତବ୍ୟରୁ ଛୁଟି ମିଳିଗଲାପରେ ସେମାନେ ମଉଜ କରିଥା'ନ୍ତି।

## ପଡ଼ୋଶୀପଣିଆର ଅଭାବ :

ଇଂରେଜଜାତି ଏକପିଣ୍ଡିଆ। କେହି କାହାରି ସାଙ୍ଗରେ ଦରକାର ନଥିଲେ ମିଶନ୍ତି ନାହିଁ। ପଡ଼ୋଶୀ ଘରକୁ ଆମେମାନେ ଯେପରି ଯିବାଆସିବା କରିଥାଉଁ, ବିଲାତି ସମାଜରେ କ୍ୱଚିତ୍ ଘଟିଥାଏ। ନ ଜଣାଇ କାହା ଘରକୁ ଗଲେ ଅସୁବିଧାରେ ପଡ଼ିପାରନ୍ତି। ଅଧିକାଂଶ ଘରର ଫାଟକରେ ଲେଖା ହୋଇଥାଏ—Tresspassers will be prosecuted) ଅର୍ଥାତ୍ ଅନଧିକାର ପ୍ରବେଶକାରୀଙ୍କୁ ପୋଲିସରେ ଦେଇଦେବ। ସେଠାରେ ଫୋନ୍ କଲାମାତ୍ରେ ପୋଲିସ ଆସିଯାଏ, ତେଣୁ ସେ ଆପଣଙ୍କୁ ଧରି ପୋଲିସ ଜିମା ଦେବେ।

"ଯଦି ସେମାନେ ଏପରି କଡ଼ା, ଅଜାଣତରେ ବା ଭୁଲବଶତଃ କାହାରି ଦୁଆରେ ପହଞ୍ଚିଗଲେ କିପରି ଉଦ୍ଧାର ପାଇବ ?" ମୁଁ ରାଅନ୍ ଡାଭିସ୍‌ଙ୍କୁ ପଚାରିଥିଲି। ସେ କହିଲେ ଏପରି ତ ପୋଲିସ୍ କେଶ ଘଟିନାହିଁ, ତଥାପି ଉଦ୍ଧାରର ଗୋଟିଏ ଉପାୟ ଅଛି। କାହାରି ବାଡ଼ିରେ ପହଞ୍ଚି ଯଦି ଭୁଲ ଠିକଣା ବୋଲି ଜାଣିଲ କ୍ଷମାମାଗି ଫେରିଆସିବ। ଯଦି କବାଟ ଖଟ୍‌ଖଟ୍ କରିବାପରେ ଅଜଣା ଲୋକଟିଏ ବାହାରିଆସି ତାଗିଦ୍ କଲାଭଳି ପଚାରିଲା, "କାହାକୁ ଖୋଜୁଛ ?"

ତୁମେ କହିବ "ହାରି ଅଛନ୍ତି ?" ଇଆନ୍ ଡାଭିସ୍ ଇଂରାଜୀରେ ଯାହା କହିଲେ ତାହା ଏ ପ୍ରକାରର—ଘରୁ ଲୋକଟିଏ ବାହାରିଆସି ପଚାରିବ, "whom do you want ?" ତୁମେ ଡର ନଯାଇ ଧୀରେ ଧୀରେ କହିବ, "I just Came to see Harry" ଅସୁସ୍ଥ ହୋଇଥିଲେ ସେ କହିବ, Harry is not here କିମ୍ବା ହାରି ନଥିଲେ ସେ କହିବ, "There is no Harry here,see the next door." ଇଂଲଣ୍ଡରେ ହେନେରି (Henry) ବଡ଼ ସାଧାରଣ ନାମ । ପ୍ରାୟ ପ୍ରତି ପରିବାରରେ ଜଣେ ନା ଜଣେ Henry ଥିବେ । (ହେନେରି) Henryର ଡାକନାମ Harry. ତେଣୁ ହାରିଙ୍କୁ ଖୋଜୁଛି ବୋଲି କହିଦେଲେ ଗୋଟିଏ ଅଳ ମିଳିଯିବ । ଏତକ କହିସାରି ଇଆନ୍ କହିଲେ, ଏ ଗୋଟେ ବାଗ । ଏମିତି କେବେ ଘଟିଥିବାର ସେ ଶୁଣି ନାହାନ୍ତି । ଚୋର ତସ୍କର ନହେଲେ ଅନଧିକାର ପ୍ରବେଶକାରୀଙ୍କୁ କେହି ପୋଲିସ୍‌ରେ ଦେଇଥିବାର ସେ ଜାଣି ନାହାନ୍ତି । "Tresspassers will be prosecuted" ଗୋଟିଏ ଧମକ; ଏହି ଧମକହିଁ ଯଥେଷ୍ଟ । ଅଜଣା ଲୋକ କାହାର ହତାରେ ପଶେ ନାହିଁ ।

## ଗାଁର ନାମକରଣ ଆମଦେଶ ଭଳି :

ଆମ ଦେଶରେ ଗାଁମାନଙ୍କର ଯେପରି ନାଁ ଦିଆ ହୋଇଛି, ବିଲାତରେ ମଧ୍ୟ ସେପରି ଦିଆ ହୋଇଛି । ଅଧିକାଂଶ ପ୍ରାଚୀନ ଗ୍ରାମର ନାମ "ଫୋର୍ଡ଼"ରେ ଶେଷ । ଯେଉଁଠାରେ ନଦୀକୁ ଚାଲିଚାଲି ପାର ହୋଇହୁଏ ତା'କୁ ଫୋର୍ଡ଼ କହନ୍ତି । ଅର୍ଥାତ୍, ସେଭଳି ଘାଟ ପାଖରେ ଥିବା ଗାଁର ନାମରେ ଫୋର୍ଡ଼ ମିଶିଥାଏ । ଯଥା—ଅକ୍ସଫୋର୍ଡ଼, ଷ୍ଟ୍ରାଟ୍‌ଫୋର୍ଡ଼, ବେଡ୍‌ଫୋର୍ଡ଼ । ଜାଗାର ଅବସ୍ଥାନ ସୂଚାଇ ଦିଆହୁଏ ନାଁ । ଅଛି । ଯଥା—ସମୁଦ୍ର କୂଳର ଗୋପାଳପୁର ଭଳି ଷ୍ଟ୍ରାଟ୍‌ଫୋର୍ଡ଼ ଅନ୍ ଅଭନ୍ ବା ଅଭନ କୂଳର ଷ୍ଟ୍ରାଟ୍‌ଫୋର୍ଡ଼, ଗୁଣ ସୂଚାଉଥିବା କେତେଗୁଡ଼ିଏ ଗାଁ ଆମ ଦେଶରେ ଅଛି, ଯଥା, ଝଣ୍ଟପଡ଼ା (ଝଗଡ଼ାପଡ଼ା), ଚୋରମୁହାଁ । ଅକ୍ସଫୋର୍ଡ଼ରୁ ସେକ୍ସପିଅରଙ୍କ ଜନ୍ମସ୍ଥାନ ଷ୍ଟ୍ରାଟ୍‌ଫୋର୍ଡ଼ ଯିବା ରାସ୍ତାରେ ବାଟରେ ଗୋଟିଏ ଗାଁର ନାମ ବେଗ ବ୍ରୋକ୍ (Beg Broke) ଦେଖିଲି । ଏହାର ଆକ୍ଷରିକ ଅର୍ଥ ଭିକମଗା ଦେବାଳିଆ । ତେଣୁ ଗ୍ରାମମାନଙ୍କର ନାମକରଣରେ ବିଲାତର ଗାଁ ଓ ଆମ ଦେଶର ଗାଁ ଭିତରେ ବେଶୀ ତଫାତ୍ ନାହିଁ ।

## ବଗିଚା କାମ ବଡ଼ ଧରଣର ସଉକ :

ଇଂରେଜଜାତି ବଗିଚାପ୍ରିୟ । ଶୀତ-ପ୍ରଧାନ ଦେଶ ହୋଇଥିବାରୁ ଶୀତଦିନେ କିଛି କରିହୁଏ ନାହିଁ । ମାର୍ଚ୍ଚଠାରୁ ଅଗଷ୍ଟ ସେପ୍ଟେମ୍ବର ପର୍ଯ୍ୟନ୍ତ କିଛି ଗଛପତ୍ର ଲଗାଇ ହୁଏ । ଏହି ସମୟରେ ପ୍ରତ୍ୟେକ ପରିବାର ତାଙ୍କ ଘର ଆଗରେ କିଛି ନା କିଛି ପରିବା ଓ ଫୁଲ ଲଗାନ୍ତି । ଅଧିକାଂଶ ଦୋକାନରେ ବଗିଚା କରିବାର ସରଞ୍ଜାମ ବା ଯନ୍ତ୍ରପାତି ମିଳେ । ବଗିଚା କରିବାର ସଉକ ସାର୍ବଜନୀନ ହୋଇଥିବାରୁ ଉଦ୍ୟାନ ଯନ୍ତ୍ରପାତି ବିକିବା ଗୋଟିଏ ଲାଭଜନକ ବ୍ୟବସାୟ ହୋଇପଡ଼ିଛି । ଆମ ଦେଶରେ ଯେପରି ପିଅନ, ଚାକର, ମୂଲିଆ ଲଗାଇ ବଗିଚା କରାଯାଏ, ସେ ଦେଶରେ ସେପରି ଅସମ୍ଭବ, କାରଣ ମଜୁରିହାର ଖୁବ୍ ବେଶୀ । ଘରର ବୟସ୍କ ଲୋକେ ଓ ଛୋଟପିଲାମାନେ ବଗିଚା କାମରେ ଲାଗିଯାଇଥା'ନ୍ତି । ଜୀବିକାର୍ଜ୍ଜନ ପଛାରେ ବା ଚାକିରିରେ ଯାହାକିଛି ସମୟ କଟିଯାଏ, ତା' ବାହାରେ ଅଧିକାଂଶ ସମୟ ବଗିଚା କାମରେ ବିତାନ୍ତି ।

ବିଭିନ୍ନ ସହରରେ ପାର୍କ ଛଡ଼ା, ରାସ୍ତାକଡ଼ରେ ମଧ୍ୟ ଛୋଟ ଛୋଟ ଉଦ୍ୟାନ କରାଯାଇଥାଏ । ଏଗୁଡ଼ିକ ସହରର ମ୍ୟୁନିସିପାଲିଟି ତରଫରୁ ହୋଇଥାଏ । ବଗିଚା କରିବାପାଇଁ ଅଧିକ ମୂଲିଆ ଲାଗି ନଥା'ନ୍ତି । ଯେତେବେଳେ ମୂଲିଆ ଲାଗନ୍ତି, କଳଚାଳିତ ଯନ୍ତ୍ରପାତି ଧରି ପହଞ୍ଚିଯା'ନ୍ତି । ଆମେ ରହୁଥିବା କୁଇନ୍ ଏଲଜାବେଥ୍ ହାଉସର ଗୋଟିଏ ତିନିଛକ ରାସ୍ତାରେ ଥିବା ତ୍ରିକୋଣାକାର ଫୁଲ ବଗିଚାରେ ଫୁଲଗୁଡ଼ିକ ଶୁଖି ଆସୁଥିବା ବେଳେ ଦିନେ ଆମେ ଦେଖିଲୁ ଗୋଟିଏ କମ୍ ଉଚ୍ଚ ଦୁଇମହଲା ଟ୍ରକରେ ଏକ ପ୍ରକାର ନୂଆ ଫୁଲଗଛ ଗୁଡ଼ାଏ ଧରି ମ୍ୟୁନିସିପାଲିଟିର ୪।୫ ଜଣ ଲୋକ ପହଞ୍ଚିଗଲେ । ଶୁଖିଲା ଗଛସବୁ ହଟାଇ ନେଇ କଳଚାଳିତ ଫାଉଡ଼ା (ଛୋଟ ଲଙ୍ଗଳ ଭଳି) ରେ ଜମି ଖୋଳି ନୂଆଗଛ ସବୁ ଲଗାଇ ଦେଲେ । ଗଛଗୁଡ଼ିକରେ ଫୁଲ ଧରି ସାରିଥିଲା । ଟ୍ରକର ଉପର ମହଲାରୁ ପାଣି ଦେଇ, ପୁରୁଣା ଗଛଗୁଡ଼ିକୁ ଧରି ସେମାନେ ଚାଲିଗଲେ । ବିଲାତର ଜଳବାୟୁ ଥଣ୍ଡା ହୋଇଥିବାରୁ ଓ ସୂର୍ଯ୍ୟକିରଣର ତାପ ବେଶି ନଥିବାରୁ ଫୁଲ ଫୁଟିଥିବା ବା କଢ଼ି ଧରିଥିବା ଗଛଗୁଡ଼ିକୁ ନେଇଲେ ମଧ୍ୟ ସେଗୁଡ଼ିକ ମଉଳି ନଯାଇ ବଞ୍ଚିଯାଏ । ଆମ ଦେଶ ଭଳି ପ୍ରତ୍ୟେକ ଦିନ କିଛି ନା କିଛି ଠୁକ୍ ଠାକ୍ କରି ବଗିଚାରେ ଲାଗିବା ଅପେକ୍ଷା ମ୍ୟୁନିସିପାଲିଟି ବଡ଼ ବଡ଼ ଗଛ ଆଣି ସିଧାସଳଖ ରାସ୍ତାକଡ଼ ବା ମଝିରେ ଫୁଲ କିଆରି ତିଆରି କରି ଦେଉଛନ୍ତି । ଏଥିପାଇଁ ମ୍ୟୁନିସିପାଲିଟି ନିଜର ନର୍ସରି (ଚାରା ତିଆରି କରିବା ବଗିଚା) ତିଆରି କରିଥାନ୍ତି ।

ମ୍ୟୁନିସିପାଲିଟି ତରଫରୁ ସହରର ରାସ୍ତାଘାଟ ସଫା କରାହେବା ସମ୍ପର୍କରେ ପଦେ କହିବା ଉଚିତ୍ । ଆମ ଦେଶର ମେହେନ୍ତରଙ୍କ ଭଳି ସେମାନେ ଝାଡୁ ପାଛିଆ ଧରି ଆସନ୍ତି ନାହିଁ । ଗୋଟିଏ ସ୍ୱତନ୍ତ୍ର ଧରଣର ଟ୍ରକରେ କଳସ୍ଥାପିତ ଝାଡୁ ଦୁଇକଡ଼ରେ ଲାଗିଥାଏ । ଟ୍ରକଟି ଯାଉଥିବା ବେଳେ କଡ଼ରେ ଥିବା ଝାଡୁଗୁଡ଼ିକ ଘୂରି ଘୂରି ରାସ୍ତା କଡ଼ର ଧୂଳିମାଟି ପତ୍ର ଆଦି ସଫା କରିଦିଏ । ଉପରୁ ପଡୁଥିବା ପାଣି ଯୋଗୁଁ ମାଟି ବାଲି ଧୋଇ ହୋଇଯାଏ । ପତ୍ର ପଡ଼ିଥିଲେ ପାଣି ନ ହର ପବନରେ ଶୋଷି ନିଆଯାଏ । ଫଳରେ ଜଣେ ମାତ୍ର ଡ୍ରାଇଭର ଟାଉନସାରା ରାସ୍ତା ସଫା କରିଦିଏ ।

## ଗୀର୍ଜାକୁ ଲୋକେ ଯାଉନାହାନ୍ତି :

ଅକ୍ସଫୋର୍ଡ ସହରରେ ଆମକୁ ବୁଲାଉଥିବା ବେଳେ ଏବଂ ବିଭିନ୍ନ ସହରକୁ ଆମେ ବୁଲିଯାଇଥିବା ବେଳେ ଆମ କର୍ମଶାଳାର ନିର୍ଦ୍ଦେଶକ ମିଃ ଇଆନ୍ ଡାଭିସ୍ ସେମାନଙ୍କ ଚର୍ଚ୍ଚ ବିଷୟରେ ବହୁତ କଥା କହନ୍ତି । ଆମେ ଯେପରି ପର୍ଯ୍ୟଟକମାନଙ୍କୁ ଅମୁକ ମନ୍ଦିର ଏତେ ପୁରୁଣା; ଅମୁକ ମନ୍ଦିର ଅମୁକ ରାଜା କରିଥିଲେ ବୋଲି କହୁଁ, ସେ ଚର୍ଚ୍ଚମାନଙ୍କ ବିଷୟରେ ସେହିଭଳି କହୁଥିଲେ । ଇଂଲଣ୍ଡର ରାଜଧର୍ମ ହେଉଛି ପ୍ରୋଟେଷ୍ଟାଣ୍ଟ ଖ୍ରୀଷ୍ଟିଆନିଟି । ସେମାନେ ପ୍ରାଚୀନ କାଳରୁ ରୋମ୍‌ର ପୋପ୍‌ଙ୍କ ଠାରୁ ସ୍ୱାଧୀନତା ଘୋଷଣା କରି ଏକ ସ୍ୱତନ୍ତ୍ର ଖ୍ରୀଷ୍ଟିଆନ ଧର୍ମ ବାଛି ନେଇଛନ୍ତି । ଇଂଲଣ୍ଡର ରାଜା ବା ରାଣୀ ଏହି ପ୍ରୋଟେଷ୍ଟାଣ୍ଟ ଧର୍ମର ଲୋକ ହେବାକୁ ବାଧ୍ୟ । କାଥୋଲିକ୍ ଲୋକ ହେଲେ ତାଙ୍କୁ ସିଂହାସନ ମିଳିବ ନାହିଁ । ରାଜପରିବାରର ଲୋକେ କାଥୋଲିକ ବିବାହ କରିପାରିବେ ନାହିଁ । ଯେଉଁ ଜାତି ରୋମ୍‌ର ପୋପ୍‌ଙ୍କ ମତରେ ନ ଚାଲି ସ୍ୱାଧୀନ ଖ୍ରୀଷ୍ଟିଆନ ଧର୍ମ ଧରିଲା, ସେ ଜାତିର ଲୋକେ ଚର୍ଚ୍ଚରେ ପ୍ରାର୍ଥନା କରିବାକୁ ଠିକ୍ ସମୟରେ ବହୁ ସଂଖ୍ୟାରେ ଭିଡ଼ ହେଉଥିବେ ବୋଲି ଭାବିବା କଥା । କିନ୍ତୁ ଆମେ ଏ ସମ୍ପର୍କରେ ପ୍ରଶ୍ନ କରିବା ପୂର୍ବରୁ ଇଆନ ଡାଭିସ ଦୁଃଖ ପ୍ରକାଶ କରି କହିଥିଲେ ଯେ ଆଜିକାଲି ଲୋକେ ଶନିବାର ରାତିର ମଦକୁ ଏତେ ବେଶି ପୂଜା କରୁଛନ୍ତି ଯେ, ରବିବାର ସକାଳର ପ୍ରାର୍ଥନା ପାଇଁ ଉଠି ପାରୁନାହାନ୍ତି । ଯେଉଁମାନଙ୍କର ଅନ୍ୟ ବିଷୟ ଚିନ୍ତା କରିବା ପାଇଁ ସମୟ ଅଛି, ସେହିମାନେ ହିଁ ଚର୍ଚ୍ଚ ବା ମନ୍ଦିର ଆସନ୍ତି । ପରିବାରର ଭରଣ-ପୋଷଣ ପାଇଁ ଯେଉଁମାନେ ଚବିଶ ଘଣ୍ଟା ରୋଜଗାରରେ ବ୍ୟସ୍ତ, ସେମାନେ ଅବସର ପାଇଲେ ବିଶ୍ରାମ ନେବେ ସିନା, ଚର୍ଚ୍ଚକୁ ଯିବେ କାହିଁକି ? ଏକପକ୍ଷରେ ଅତି ଧନୀ ପରିବାରର ଲୋକେ ଓ ଅନ୍ୟପକ୍ଷରେ ଗରିବମାନେ ଚର୍ଚ୍ଚକୁ ଆସନ୍ତି ।

ସହରରେ ଏମାନଙ୍କ ସଂଖ୍ୟା ଖୁବ୍ କମ୍ ଥିବାରୁ ଚର୍ଚ୍ଚକୁ ବେଶି ଲୋକ ଆସନ୍ତି ନାହିଁ । ଖୁବ୍ ପ୍ରସିଦ୍ଧ ଚର୍ଚ୍ଚମାନଙ୍କରେ ବିଶପ୍ ବା ଫାଦର ପ୍ରାର୍ଥନା ପରିଚାଳନା କରୁଥିବା ବେଳେ ଚର୍ଚ୍ଚର ହଲ୍ ମଧ୍ୟ ଭର୍ତ୍ତି ହେଉନାହିଁ ।

## ମେଳା, ମେଳଣ :

ଇଆନ୍ ଡାଭିସ୍ ଜଣେ ମଧ୍ୟବିତ୍ତ ପରିବାରର ଲୋକ । ସେ ଅକ୍ସଫୋର୍ଡ ପୋଲି ଟେକ୍ନିକର ଅଧ୍ୟାପକ, ତାଙ୍କ ସ୍ତ୍ରୀ ଅକ୍ସଫୋର୍ଡରେ ଗୋଟିଏ ଗ୍ରେଟ ଦୋକାନ ଚଳାନ୍ତି । ତାଙ୍କର ଗୋଟିଏ ଝିଅ ପାକିସ୍ଥାନରେ ସମାଜସେବା କାର୍ଯ୍ୟରେ ଲାଗିଛି ଓ ପୁଅଟି ସ୍କୁଲରେ ପଢୁଛି । ଦେଶରେ ଧର୍ମ ପ୍ରତି ଉଦାସୀନତା ଦେଖି ତାଙ୍କ ଭଳି ଲୋକ ଦୁଃଖ କରିବା ସ୍ୱାଭାବିକ । ବିଲାତରେ କେତେଗୁଡ଼ିଏ ଐତିହାସିକ ଘଟଣା ଧର୍ମ ସହିତ ସମ୍ପୃକ୍ତ । ତେଣୁ ରୋମାନ କାଥୋଲିକ ସଂପ୍ରଦାୟ ବିରୁଦ୍ଧରେ ଲଢ଼େଇ କରି ଯେଉଁମାନେ ଶହୀଦ ହେଲେ, ସେମାନଙ୍କର ମୃତ୍ୟୁଦିନକୁ ଉତ୍ସବ ରୂପେ ମାନି ବହୁତ ଲୋକ ଭିଡ଼ ହୁଅନ୍ତି । ମୁଁ ଅକ୍ସଫୋର୍ଡରେ ଥିବା-ବେଳେ ଏହିପରି ଗୋଟିଏ ଉତ୍ସବ ମେ ପହିଲା ଦିନ ମାଗ୍ଡାଲିନ୍ ଛକରେ ହୋଇଥିଲା । ଭୋର ସମୟରୁ ଆରମ୍ଭ ହୋଇ ସକାଳ ୭ଟା ସୁଦ୍ଧା ସରିଯାଇଥିଲା । ଏତେ ଶୀଘ୍ର ସରିଯିବ ବୋଲି ମୁଁ ଭାବି ନଥିଲି । ମେଳାସ୍ଥାନକୁ ଯିବା ବାଟରେ ଅନ୍ୟମାନେ ସବୁ ଫେରୁଥିବାର ଦେଖିଲି । ଏମାନଙ୍କ ମେଳାରେ ପପ୍ ସଙ୍ଗୀତ, ପପ୍ ନାଚ ଆଦି ପ୍ରାଧାନ୍ୟ ବିସ୍ତାର କରିଥାଏ । ଅଧିକାଂଶ ସ୍ଥାନରେ ପୁଅଝିଅ ଯୋଡ଼ି ବା ଚାରିପାଞ୍ଚ ଜଣର ଗୋଟିଏ ବାଦ୍ୟଗୀତ ଓ ନାଚ ଦେଖାଇ ପଇସା ଆଦାୟ କରୁଥା'ନ୍ତି । ସିଧାସଳଖ ପଇସା ମାଗୁ ନଥା'ନ୍ତି, କିନ୍ତୁ ଦେଖଣାହାରି-ମାନେ ସେମାନେ ଥୋଇଥିବା ଥଳିରେ ଓ ଥଳି ପାଖରେ ପଇସା ପକାଉଥା'ନ୍ତି । ଆମ ଦେଶରେ ଯେପରି ମେଳାମହୋତ୍ସବରେ ଯୋଗୀ, ଭିକାରୀମାନେ ଏକୁଟିଆ ହେଉ ବା ଝିଅମାନଙ୍କ ସହିତ ଗୀତ ଗାଇ ପଇସା ଆଦାୟ କରନ୍ତି, ସେ ଦେଶରେ ମଧ୍ୟ ସେହିପରି । ପ୍ରଭେଦ ଏତିକି ଯେ ସେମାନଙ୍କ ବେଶଭୂଷା ଆମକୁ ବିଭତ୍ସ ଲାଗେ ।

## ଆଇନ, ଧର୍ମ ମାନନ୍ତି ମଧ୍ୟବିତ୍ତ ପରିବାର :

ପୃଥିବୀର ସବୁ ଦେଶଭଳି ଇଂଲଣ୍ଡରେ ମଧ୍ୟ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବେଶୀ ଧର୍ମ, ଆଇନ, ଈଶ୍ୱର ବିଶ୍ୱର ମାନନ୍ତି । ଅତି ଗଣ୍ଡିବଲୋକ ସମାଜର ନିୟମକାନୁନ୍ ବା ନୈତିକତାକୁ ଭ୍ରୂକ୍ଷେପ କରେ ନାହିଁ, ନ କଲେ ବି

ଅନ୍ୟମାନେ ତା' ଦୋଷ ଧରନ୍ତି ନାହିଁ, କାରଣ ସେ ଗରିବ ; ପେଟପୋଷ, ନାହିଁ ଦୋଷ । ଅତି ଧନିବାଲା ଲୋକେ ମଧ୍ୟ ସମାଜର ବନ୍ଧନକୁ ମାନନ୍ତି ନାହିଁ । କିଏ, କାହିଁକି କିପରି ଭାବରେ ଚଳୁଛି, ସେ ବିଷୟରେ ପ୍ରଶ୍ନ ଉଠାନ୍ତି ନାହିଁ । କାରଣ ସହରକୁ କୈଫିୟତି ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ । ତେଣୁ ଯାବତୀୟ ନିୟମକୁ ମାନିବା, ଧର୍ମ ଓ ନୈତିକତା ପ୍ରତି ନଜର ରଖିବା ଏବଂ ଏହି କାରଣରୁ କାଳେ କିଏ କ'ଣ କହିବ ସେଥିପ୍ରତି ଭାବପ୍ରବଣ ହେବା କେବଳ ମଧ୍ୟବିତ୍ତ ପରିବାର ଭିତରେ ଦେଖାଯାଏ । ଏ ଦିଗରେ ଆମଦେଶ ଓ ବିଲାତ ମଧ୍ୟରେ ପ୍ରଭେଦ ନାହିଁ ।

ଇଆନ୍ ଡାଭିସ୍‌ଙ୍କ ଘର ଆମ ଦେଶର ମଧ୍ୟବିତ୍ତ ପରିବାର ଭଳି । ଆମ ଦେଶରେ ଦୁଇ,ତିନି ପୁରୁଷର ଲୋକେ ଗୋଟିଏ ପରିବାରରେ ଥା'ନ୍ତି । ଜଣେ ରୋଜଗାର କଲେ ଅନ୍ୟମାନେ ତା'ଉପରେ ଲଦି ହୋଇଯାଆନ୍ତି । କିନ୍ତୁ ବିଲାତରେ ଯିଏ ରୋଜଗାର କଲା, ସେ ତା'ର ରୋଜଗାର ଜାଗାକୁ ନିଜର ସ୍ତ୍ରୀ ଓ ପିଲାଛୁଆ ନେଇ ଚାଲିଯାଏ । କେବଳ ମଝିରେ ମଝିରେ ଦେଖାଚାହିଁ, ମିଳାମିଶା ଛଡ଼ା ଭାଇଭଉଣୀ ବା ବାପା ମା'ଙ୍କ ସହିତ ସମ୍ପର୍କ ନ ଥାଏ । କିନ୍ତୁ ମଧ୍ୟବିତ୍ତ ପରିବାରର ଲୋକେ ସେମାନଙ୍କ ଭାଇ ଭଉଣୀଙ୍କ ପରିବାର ସହିତ ସମ୍ପର୍କ ତୁଟାନ୍ତି ନାହିଁ । ଥରେ କର୍ମଶାଳା ସରିବାପରେ ଇଆନ୍ ଡାଭିସ୍ ଦୁଃଖକରି କହୁଥିଲେ ଯେ ତା'ଙ୍କର ଜଣେ ଭାଇ ମର୍ଚ୍ଚାଣ୍ଟ ନାଭିରେ (ଜାହାଜରେ) କାମ କରୁଥିଲେ; ସମ୍ପ୍ରତି ସେ ମରିଗଲାପରେ ଇଆନ୍ ଖବର ପାଇଛନ୍ତି ଯେ ତା'ଙ୍କର ଗୋଟିଏ ଦ୍ୱିତୀୟ ପରିବାର ଜାମାଇକାରେ ଅଛି । ଭାଇ ମରିଗଲା ବୋଲି ତା'ଙ୍କର ଦୁଃଖ ନଥିଲା, ତାଙ୍କର ବିସ୍ମୟ ହୋଇଯାଇଥିଲା । କିନ୍ତୁ ଇଂଲଣ୍ଡରେ ଭାଇଙ୍କର ଯେ ପରିବାରଟିଏ ଅଛି ସେ କଥା ସେ ଲୁଚାଇ ଜାମାଇ-କାରେ ଆଉ ଗୋଟିଏ ବିବାହ କରିଥିଲେ ଏବଂ ସେଠାରେ ତା'ଙ୍କର ଦୁଇଟି ସନ୍ତାନ ହୋଇଥିବା କଥା ସେ ଇଂଲଣ୍ଡର ପରିବାରଠାରୁ ଲୁଚାଇ ରଖିଥିଲେ । ସେମାନେ କିପରି ଚଳିବେ ସେଥିପାଇଁ ଇଆନ୍‌ଙ୍କର ଚିନ୍ତା ନଥିଲା, କିନ୍ତୁ ତାଙ୍କ ଭାଇ ଏକ ସମୟରେ ପରସ୍ପରଠାରୁ ସତ ଲୁଚାଇ ରଖି ଦୁଇଟି ପରିବାର ଚଳାଇବା ଉଚିତ୍ ନୁହେଁ ବୋଲି ସେ ଦୁଃଖ ପ୍ରକାଶ କରୁଥିଲେ ।

## ଶତକଡ଼ା ୯୦ କଲେଜ ମାଡ଼ନ୍ତି ନାହିଁ :

ବିଲାତର ପାରିବାରିକ ଜୀବନ ସେମାନଙ୍କ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଖୁବ୍ ପ୍ରଭାବିତ । ଶତକଡ଼ା ୯୦ ଲୋକ ସ୍କୁଲଶିକ୍ଷା ଉପରକୁ ଅର୍ଥାତ୍ କଲେଜକୁ

ଯାଆନ୍ତି ନାହିଁ । ସ୍କୁଲ ଶିକ୍ଷାକୁ 'O' (ଓ) ଲେଭେଲ ଶିକ୍ଷା କୁହାଯାଏ । 'ଓ' ଲେଭେଲ୍‌ରେ ଅତି ଭଲ ନ କଲେ ଛାତ୍ରଛାତ୍ରୀମାନେ କଲେଜ ଯା'ନ୍ତି ନାହିଁ । ବରଂ ଧନ୍ଦାମୂଳକ ତାଲିମକୁ ପଳାନ୍ତି । ଅଧିକାଂଶ ଆକାଉଣ୍ଟାଣ୍ଟ ବା ହିସାବ-ରକ୍ଷକ, ଲଣ୍ଡ୍ରୀ ଅପରେଟର (ଧୋବା ଦୋକାନ ପରିଚାଳକ), ଦୋକାନର ସେଲସ୍‌ମାନ୍, ଟୁରିଷ୍ଟଗାଇଡ୍, ମେସେଞ୍ଜର (ବାର୍ତ୍ତାବହ ପିଅନ) ବା ଶିଳ୍ପ ଶ୍ରମିକ ଭାବରେ କାମ କରନ୍ତି । ବଡ଼ ଲୋକର ପିଲାମାନେ କାମଧନ୍ଦା ନ କରି ମଉଜ-ମଜଲିସ୍‌ରେ ବାପା ମା'ଙ୍କ ପଇସା ଉଡ଼ାନ୍ତି । ଇଂରେଜ ଶ୍ରମିକମାନଙ୍କର ମଜୁରିହାର ଖୁବ୍ ବେଶି । ଏସିଆ, ଆଫ୍ରିକା, ବା ଲାଟିନ୍ ଆମେରିକାରୁ ଆସିଥିବା ଲୋକେ ଶସ୍ତାରେ କାମ କରନ୍ତି । ସେମାନେ ମଧ୍ୟ ଯେଉଁ କାମରେ ବେଶି ଶାରୀରିକ ପରିଶ୍ରମ ଦରକାର, ସେଗୁଡ଼ିକରେ ଯୋଗଦିଅନ୍ତି । ଇଂରେଜ ପିଲାମାନେ କେତେଗୁଡ଼ିଏ କାମକୁ ଆଦୌ ପସନ୍ଦ କରନ୍ତି ନାହିଁ । ଏଗୁଡ଼ିକ ହେଲା ବସ୍‌ର କଣ୍ଡକ୍ଟର ବା ଡ୍ରାଇଭର, ହୋଟେଲମାନଙ୍କରେ ବଢ଼ାବଢ଼ି କରୁଥିବା ଚାକର, ରନ୍ଧାବଢ଼ା କାମ ବା ଧୁଆଧୋଇ କାମ । କୁଇନ୍ ଏଲିଜାବେଥ୍ ହାଉସ୍‌ରେ ଜଣେ ନାଇଜେରିଆ ମହିଳା ସେପେଇ କରୁଥିଲେ । ତାଙ୍କ ଦରମା ମାସକୁ ୫୦୦ ପାଉଣ୍ଡ ପାଖାପାଖି । ଟଙ୍କା ହିସାବରେ ପ୍ରାୟ ୮୦୦୦ ଟଙ୍କା ଲାଗୁଛି ସିନା, ତାଙ୍କ ଜୀବନଯାପନର ଦରକୁ ଚାହିଁଲେ ଏହା ୫୦୦ ଟଙ୍କା ସାଙ୍ଗରେ ସମାନ ହେବା କଥା । କିନ୍ତୁ ଗାଡ଼ି ଦାମ ଶସ୍ତା ହୋଇଥିବାରୁ ଏତେ କମ୍ ଦରମା ପାଉଥିବା ଲୋକମଧ୍ୟ ଖଣ୍ଡିଏ ଖଣ୍ଡିଏ ଗାଡ଼ିକରି ପାରନ୍ତି । ବ୍ରିଟିଶ ମଟର ଓ୍ୱାର୍କସ୍ ତିଆରି ବି ଏମ୍. ଡବ୍ଲ୍ୟୁ. କାରର ଦାମ ପ୍ରାୟ ୨୫୦୦ ପାଉଣ୍ଡ । ୫୦୦ ପାଉଣ୍ଡ ମାସିକ ଦରମା ପାଉଥିବା ଲୋକ ଯଦି ମାସକୁ ୧୫୦ପାଉଣ୍ଡ ବଞ୍ଚାଇପାରେ ତେବେ କୋଡ଼ିଏ ମାସରେ ଗୋଟିଏ ଗାଡ଼ି କିଣି ପାରିବ । କିନ୍ତୁ ଆମ ଦେଶରେ ଗାଡ଼ିଗୁଡ଼ିକର ଦାମ ଏତେ ବେଶି ଯେ, କୌଣସି ସେପେଇଆ ତ ଗାଡ଼ି କିଣିବାର ସ୍ୱପ୍ନ ଦେଖିବ ନାହିଁ, ଅତି ଉଚ୍ଚପଦସ୍ଥ କର୍ମଚାରୀ ୧୦ ବର୍ଷକାଳ ସଞ୍ଚୟ ନ କଲେ କିମ୍ବା ସରକାରୀ ଋଣ ଶସ୍ତାରେ ନ ପାଇଲେ ଗାଡ଼ିଟିଏ କିଣି ପାରିବ ନାହିଁ । ଅନୁପାତ ଅନୁଯାୟୀ ସର୍ବନିମ୍ନ ମାସିକ ଦରମାର ପାଞ୍ଚଗୁଣ; ଅଥଚ ଆମ ଦେଶରେ କାର୍‌ର ଦାମ୍ ରାଷ୍ଟ୍ରପତିଙ୍କ ମାସିକ ଦରମାର ଦଶଗୁଣ ।

## ଘର, ପାଣି ଗରମ ରଖିବାରେ ବେଶୀ ଖର୍ଚ୍ଚ :

ବିଲାତର ଗାଁ ଗହଳି ଆମର ଗାଁ ଗହଳି ଭଳି । ଅଧିକାଂଶଙ୍କର ଚାଳଘର । ଛପରରନଡ଼ା ଧାନନଡ଼ା ନୁହେଁ । ଗହମ ଘାସ ବା ଗଛର ନଡ଼ାରେ ଛପର । କିନ୍ତୁ ବରଫପାତ ହେଉଥିବାରୁ ଘର ଛପରଗୁଡ଼ାକ ତୀଖ, ଯେପରି

ଶୀତଦିନେ ବରଫ ପଡ଼ିଲାକ୍ଷଣି ଝଷ୍ଟି ତଳେ ପଡ଼ିଯିବ । ସବୁଦିନରେ ଚିମିନି ବା ଧୂଆଁ ବାହାରିବାର ନଳୀ ଥାଏ; ପ୍ରାୟ ସମସ୍ତେ ଗ୍ୟାସ ଚୁଲି ବ୍ୟବହାର କରନ୍ତି । କେତେକ କାଠକାଳ ବ୍ୟବହାର କରନ୍ତି ସତ, କିନ୍ତୁ ଆମ ଦେଶରେ ଧୂଆଁରେ ଯେପରି ଘର କଳା ହୋଇଯାଏ, ସେଠାରେ ତାହା ଘଟେ ନାହିଁ । ଶୀତଦିନେ ଖୁବ୍ ଥଣ୍ଡା ହେଉଥିବାରୁ ପ୍ରତ୍ୟେକ ଘରେ ବିଶେଷତଃ ବସାଉଠା କରୁଥିବା ଘରେ ନିଆଁ ପୁଡ଼ିବାପାଇଁ କାଠଜଳିବାର ଖୋଲି ଚୁଲିଥାଏ, ଥଣ୍ଡା ବେଶୀ ହେଲେ ଧୂନି ଜଳୁଥାଏ । ଶୀତପ୍ରଧାନ ଦେଶ ହୋଇଥିବାରୁ ଘର ଗରମ ରଖିବାକୁ ବେଶୀ ଖର୍ଚ୍ଚ ହୁଏ । ସହରରେ ଲୋକେ ଗ୍ୟାସ ଓ ବିଜୁଳି ବ୍ୟବହାର କରନ୍ତି । ଘର ଚଳାଇବା ଖର୍ଚ୍ଚର ବେଶି ଅଂଶ ଘର ଗରମ କରିବାରେ ଚାଲିଯାଏ । ଥଣ୍ଡା ଯୋଗୁଁ ସବୁଦିନେ ଗାଧୋଇବା ଦରକାର ହୁଏ ନାହିଁ, ପାଇଖାନା ଗଲେ କାଗଜରେ ମଳଦ୍ୱାର ପୋଛି ନିଅନ୍ତି; ଖାଇବା ପୂର୍ବରୁ ବା ପରେ କାଗଜ-ରୁମାଲରେ ହାତ ପୋଛାହୁଏ; ତେଣୁ ପାଣି ଗରମ କରିବାକୁ ପଡ଼େ ନାହିଁ । ଏ ବାବଦରେ ବିଜୁଳି ବା ଗ୍ୟାସ ଖର୍ଚ୍ଚ ପ୍ରାୟ ନାହିଁ; ଯଦି ସେ ଦେଶରେ ଗ୍ରୀଷ୍ମ ପ୍ରଧାନ ଦେଶଭଳି ପାଣି ବ୍ୟବହାର ହେଉଥାନ୍ତା, ପାଣି ଗରମ କରିବାରେ ଯେତେ ଖର୍ଚ୍ଚ ହୁଅନ୍ତା ଅଧିକାଂଶ ପରିବାର ସମ୍ଭାଳି ପାରନ୍ତେ ନାହିଁ । ବୋଧହୁଏ ଏହି କାରଣରୁ ସେ ଦେଶରେ ପାଣିର ସେଭଳି ବ୍ୟବହାର ନାହିଁ ।

## ଲୋକଲଜ୍ଜା ନାହିଁ; ଶ୍ରମ ମର୍ଯ୍ୟାଦା ଅଛି :

ଆମ ଦେଶରେ ଲୋକଲଜ୍ଜା ବଡ଼ ଅଡ଼ୁଆରେ ପକାଏ । ବିଲାତର ଲୋକେ କିଏ କ'ଣ କାଳେ କହିବ ଏ ବିଷୟରେ ଆଦୌ ଚିନ୍ତା କରନ୍ତି ନାହିଁ । ଏହି କାରଣରୁ ସେମାନେ କୌଣସି କାମକୁ ଶ୍ରେଷ୍ଠକାମ ବୋଲି ଭାବନ୍ତି ନାହିଁ ବା ଅନ୍ୟ କାହାକୁ ସଅଁପି ଦିଅନ୍ତି ନାହିଁ । ଶ୍ରମର ମର୍ଯ୍ୟାଦା, (ଇଂରାଜୀରେ ଯାହାକୁ dignity of labour କହନ୍ତି) ସେମାନେ ଜାଣନ୍ତି । ଏହାର ଗୋଟିଏ କାରଣ ହୋଇପାରେ ଯେ, କାହାକୁ ସେ କାମରେ ଲଗାଇଲେ ଗୁଡ଼ାଏ ମଜୁରି ଦେବାକୁ ପଡ଼ିପାରେ । ଆମ କର୍ମଶାଳାର ନିର୍ଦ୍ଦେଶକଙ୍କ ଅକ୍ସଫୋର୍ଡ଼ ପଲିଟେକ୍ନିକ୍‌ରେ ଗୋଟିଏ ଗାଡ଼ିଥାଏ । ଏହାର ଡ୍ରାଇଭର ମଧ୍ୟ ତା'ର ଅଫିସ୍ ସମୟ ଛଡ଼ା ଅନ୍ୟ ସମୟରେ ଗାଡ଼ି ଚଳାଇବାକୁ ଆସିବ ନାହିଁ । ଯଦି ଆସେ ତା'କୁ ଅଧିକ ମଜୁରି ଦେବାକୁ ପଡ଼ିବ, ପୁଣି ବାହାରେ ରହିବାକୁ ପଡ଼ିଲେ ତା'ପାଇଁ ରହିବା ଓ ଖାଇବା ଖର୍ଚ୍ଚ ତୁଲାଇବାକୁ ପଡ଼ିବ । ଏ ସବୁ ଦାୟିତ୍ୱରୁ ମୁକ୍ତ ହେବାପାଇଁ ଇଆନ୍ ଡାଭିସ୍ ନିଜେ ଗାଡ଼ି ଚଳାଉଥିଲେ ।

ଅକ୍ସଫୋର୍ଡ଼ ଛଡ଼ା ଲଣ୍ଡନ, ୱେଲ୍ସ, ବର୍ମିଂହାମ, ଲିଭରପୁଲ, ଗ୍ରୀନ୍‌ଓ୍ୱିଚ ଆଦି ସ୍ଥାନକୁ ଯିବାବେଳେ ଇଆନ୍ ଡାଭିସ୍ ହିଁ ଅକ୍ସଫୋର୍ଡ଼ ପଲିଟେକ୍‌ନିକ୍‌ର ମିନି ବସ୍‌କୁ ଚଲାଇ ନେଉଥିଲେ । ଡ୍ରାଇଭର ସିଟ୍‌ର ସାମନାରେ ରହୁଥିଲା ଇଂଲଣ୍ଡର ସଡ଼କ ମାନଚିତ୍ର । ବେଳେ ବେଳେ ସେ ମାନଚିତ୍ରକୁ ଆମମାନଙ୍କ ଭିତରୁ ଜଣଙ୍କ ହାତକୁ ବଢ଼ାଇ ଉପଯୁକ୍ତ ରାସ୍ତା ଦେଖାଇବାକୁ କହୁଥିଲେ । ଇଂଲଣ୍ଡର କୌଣସି ସହରରେ ରାସ୍ତା ଉପରେ ଗାଡ଼ି ରଖିବା ମନା । କେତେ-ଗୁଡ଼ିଏ ଜାଗାରେ ଗାଡ଼ି ରଖିବାପାଇଁ ପାର୍କିଂ ଫି ପଡ଼େ । ସହରରେ ଗୋଟିଏ ଦୁଇଟି ନିର୍ଦ୍ଦିଷ୍ଟ ସ୍ଥାନରେ ମାଗଣାରେ ଗାଡ଼ି ରଖିବାର ବ୍ୟବସ୍ଥା ଥାଏ । ସେ ସ୍ଥାନଗୁଡ଼ିକ ଆମ ଗନ୍ତବ୍ୟ ସ୍ଥାନ ଠାରୁ ବେଳେ ବେଳେ ଏତେ ଦୂରରେ ଥାଏ ଯେ, ଆମକୁ ଦ୍ୱାରରେ ଛାଡ଼ିଦେଇ ଇଆନ୍ ନିଜେ ଗାଡ଼ିନେଇ ପାର୍କିଂ ସ୍ଥାନରେ ରଖି ଆସନ୍ତି । ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ପଲିଟେକ୍‌ନିକ୍ ଆମେ ରହୁଥିବା କୁଇନ୍ ଏଲିଜାବେଥ୍ ହାଉସ୍ ଠାରୁ ପ୍ରାୟ ଛ' କିଲୋମିଟର ଦୂର । ଯଦି ଅସମୟରେ ଅର୍ଥାତ୍ ସକାଳୁ ସକାଳୁ କିମ୍ବା ସନ୍ଧ୍ୟା ସମୟରେ ସେ କର୍ମଶାଳାକୁ ଆସନ୍ତି ବା ଆମକୁ ନେବାକୁ ପଡ଼େ, ସେ ପଲିଟେକ୍‌ନିକ୍‌ର ମିନିବସ୍‌କୁ ନେଇ ନିଜ ପାଖରେ ରଖନ୍ତି । ଅନେକ ସମୟରେ ସେ ମିନିବସ୍‌ର ପଛଆଡ଼େ ସାଇକଲ ଖଣ୍ଡେ ରଖିଥା'ନ୍ତି । ପାର୍କିଂ ସ୍ଥାନରେ ମିନିବସ୍‌ଟି ତାଲାଦେଇ ରଖି ଦିଅନ୍ତି, ସାଇକେଲ ଚଢ଼ି କର୍ମସ୍ଥାନକୁ ଯାଆନ୍ତି ।

# ରାସ୍ତା ନିୟମ ଓ ଗାଡ଼ି ଚଳାଚଳ

## ଗାଡ଼ିଦ୍ୱାରା ରାସ୍ତା ଦଖଲ :

ଆମ ଦେଶରେ ଯେଉଁଠି ସେଇଠି ଗାଡ଼ି ରଖା ଯାଇପାରେ । ଟ୍ରକ୍‌ମାନେ ତ ରାସ୍ତାକୁ ସେମାନଙ୍କର ନିଜଜାଗା ବୋଲି ଭାବି ନିଅନ୍ତି । ଆମର ସିଙ୍ଗଲଲାଇନ୍ ଥିବା ଜାତୀୟ ରାଜପଥ, ଢାବାମାନଙ୍କ ନିକଟରେ ଗୋଟିଏ ଲେନ୍‌ରୁ କମ ଓସାର ହୋଇଯାଏ । ଏହାଦ୍ୱାରା ଯାନବାହାନ ଚଳାଚଳରେ ବେଶି ଅସୁବିଧା ହୁଏ ଏବଂ ଦୁର୍ଘଣାର ସମ୍ଭାବନା ମଧ୍ୟ ବଢ଼େ । କାହାକୁ ଏ ବିଷୟରେ ଆପତ୍ତି କଲେ ସେ ଉତ୍ତର ଦିଏ, "ଏ କ'ଣ ତୋ' ବାପାର ଜାଗା କି ?" ସତେ ଯେପରି ରାସ୍ତାଟା ଟ୍ରକ୍‌ବାଲାର ବାପା କରିଛି ! ବିଲାତରେ ଏଭଳି ନିର୍ଲ୍ଲଜ ରାସ୍ତା ଅବରୋଧ ଦେଖାଯାଏ ନାହିଁ । କୌଣସି ଯାଗାରେ ଗାଡ଼ିଟିଏ ଖରାପ ହେଲେ ଗାଡ଼ି ଚାଳକ ଗାଡ଼ିକୁ ରାସ୍ତା କଡ଼କୁ ନେଇଯାଏ । ସ୍ଥାନେ ସ୍ଥାନେ ରାସ୍ତାର ବାମ କଡ଼ରେ ଜବତ ବା ଖରାପ ହୋଇଥିବା ଗାଡ଼ି ରଖିବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ଥାଏ । ଯଦି କେହି ଗାଡ଼ିକୁ ରାସ୍ତା ଉପରେ ରଖିଦିଏ, ତାଙ୍କୁ ଏତେ ଜୋରିମାନା ଦେବାକୁ ପଡ଼େ ଯେ, ତାହା ପ୍ରାୟ ଗାଡ଼ି ଦାମର ଚଉଠ ବା ଏକ ତୃତୀୟାଂଶ ହୋଇଯାଏ । ଏହାର ଗୋଟିଏ ବଡ଼ କାରଣ ହେଉଛି ଯେ, ଗାଡ଼ିଟିଏ ରାସ୍ତାରେ ଅଟକିଲାକ୍ଷଣି ପୋଲିସକୁ ଖବର ହୋଇଯାଏ ଓ ସେମାନେ କ୍ରେନ୍‌ଟିଏ ଆଣି ଗାଡ଼ିଟିକୁ ବୋହି ନେଇଯା'ନ୍ତି । ଏଥିପାଇଁ କାହାରି ଆପତ୍ତି, ଓଜର ଶୁଣାଯାଏ ନାହିଁ । ଗାଡ଼ିମାଲିକଙ୍କୁ ଜୋରିମାନା ସହିତ କ୍ରେନ୍ ଖର୍ଚ୍ଚ ମଧ୍ୟ ଦେବାକୁ ପଡ଼େ । ଏ ଅସୁବିଧାକୁ ଏଡ଼ାଇବା ପାଇଁ ମଟର ଚାଳକମାନେ ବ୍ରିଟିଶ ଅଟୋମୋବାଇଲ ଆସୋସିଏସନର ମେମ୍ବର ହୋଇଥା'ନ୍ତି । ଏଥିପାଇଁ ନିର୍ଦ୍ଦିଷ୍ଟ ବାର୍ଷିକ ଚାନ୍ଦା ଦେବାକୁ ପଡ଼େ । ବ୍ରିଟିଶ୍ ହାଇୱେ (ରାଜପଥ) ମାନଙ୍କରେ ଏହି ଆସୋସିଏସନର ମରାମତି ଗାଡ଼ି ପ୍ରାୟ ସବୁବେଳେ ଚଳପ୍ରଚଳ କରୁଥାଏ । ଗାଡ଼ି ଖରାପ ହେବାର ଇଙ୍ଗିତ ପାଇଲେ ସେମାନେ ଆସନ୍ତି । ଖରାପଗାଡ଼ି ରଖିବା ଜାଗାରେ ବ୍ରିଟିଶ୍ ଅଟୋମୋବାଇଲ ଆସୋସିଏସନର ମରାମତିକାରୀମାନେ ମଝିରେ ମଝିରେ ଆସି ଦେଖିଯାଆନ୍ତି । ବ୍ରିଟିଶ୍ ରାଜପଥମାନଙ୍କରେ ପ୍ରତି ଦଶ କିଲୋମିଟରରେ ପବ୍ଲିକ ଫୋନ ଥାଏ । ଫୋନ୍ ଉଠାଇଲାକ୍ଷଣି ନିକଟବର୍ତ୍ତୀ ଆପତକାଳୀନ ଅଫିସରେ ଲୋକ ଧରେ ଓ ତାଙ୍କୁ ଦୁର୍ଘଟଣା ବିଷୟରେ ଖବର ଜଣାଇଲେ କେଇମିନିଟ୍

ଭିତରେ ସାହାଯ୍ୟ ଆସିଯାଏ । ବିଲାତରେ ଏସବୁ ସାଧାରଣ କଥା । ସମ୍ପ୍ରତି ଭାରତ ସରକାର ଚିନ୍ତା କରୁଛନ୍ତି ଯେ, ଜାତୀୟ ରାଜପଥର ବଡ଼ ବଡ଼ ରହଣୀ ସ୍ଥାନମାନଙ୍କରେ ଯାତ୍ରୀମାନଙ୍କର ରହଣୀର ସୁବିଧା ଏବଂ ଏବଂ ଗାଡ଼ି ମରାମତିର ସୁବିଧା କରାଯିବ । ଏହା କେବେ ହେଉଛି ଦେଖାଯାଉ ।

## ଦୁର୍ଘଟଣା ଚିହ୍ନବର୍ଣ୍ଣି ଦଶ ମିନିଟରେ ଶେଷ :

ରାସ୍ତାଘାଟରେ ଦୁର୍ଘଟଣା ହେଲେ ମାତ୍ର କେଇ ମିନିଟ୍ ଭିତରେ ପୋଲିସ ଆସି ପହଞ୍ଚିଯାଏ । ରାସ୍ତା ସଫା ହୋଇ ଯାନବାହନ ଚଳାଚଳ ପୂର୍ବବତ ହୋଇଯାଏ । ଦୁର୍ଘଟଣାର ଚିହ୍ନବର୍ଣ୍ଣି ନ ଥାଏ । ଆମ ଦେଶରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ଗାଡ଼ିଗୁଡ଼ିକ ସପ୍ତାହ ସପ୍ତାହ ଧରି ପଡ଼ି ରହିଥିବା ବେଳେ ଓ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହେଉଥିବା ପରିସ୍ଥିତି ଦେଖି ଅମେ ଏପ୍ରକାର ଚଟାପଟ୍ କାମକୁ ବିଶ୍ୱାସ କରିପାରିବା ନାହିଁ । ମୁଁ ରହୁଥିବା କୁଇନ୍ ଏଲିଜାବେଥ ହାଉସ୍ ପାଖିଆରେ ଦିନେ ୧୦ଟା ପାଖାପାଖି ସମୟରେ ଗୋଟିଏ ଆକ୍ସିଡେଣ୍ଟ ହେଲା । ମୁଖ୍ୟ ରାସ୍ତାରୁ ଆସୁଥିବା ଗାଡ଼ିକୁ ପାର୍ଶ୍ୱ ରାସ୍ତାରୁ ଆସୁଥିବା ଗାଡ଼ି ଛାଡ଼ିଦେବା କଥା, କିନ୍ତୁ ଅନୁମାନ ଭୁଲ ହେବାରୁ ବୋଧହୁଏ ଗୋଟିଏ ଗାଡ଼ି ପାର ହେଉ ହେଉ ଆଉ ଗୋଟିଏ ଗାଡ଼ି ଆସି ମାଡ଼ ହୋଇଗଲା । ଶବ୍ଦ ଶୁଣି ଆମେ କ'ଣ ହେଲା ବୋଲି ବୁଝିବାକୁ ଆରମ୍ଭ କରିଛୁ, ହଠାତ୍ ସାଇରେନ୍ ବଜାଇ ପୋଲିସ ଗାଡ଼ି ପହଞ୍ଚିଗଲା । ଗାଡ଼ି ସାଙ୍ଗରେ ଗୋଟିଏ କ୍ରେନ୍ ଗାଡ଼ି ଓ ଆମ୍ବୁଲାନ୍ସ ଆସିଥାଏ । ସାଙ୍ଗେ ସାଙ୍ଗେ ପ୍ଲାଷ୍ଟିକର ଖଣ୍ଡଗୁଡ଼ିଏ ଆକ୍ସିଡେଣ୍ଟର ଚାରିଆଡ଼େ ଥୋଇଦେଇ ପୋଲିସଦଳ କାମ ଆରମ୍ଭ କରିଦେଲେ । ଆମ୍ବୁଲାନ୍ସ ଆହତ ଡ୍ରାଇଭରକୁ ନେଇ ଚାଲିଗଲା, ଦୁର୍ଘଟଣାର ଫଟୋ ଉଠା ହୋଇଗଲା, ପୋଲିସ୍ ସ୍ଥାନର ମାପଚୁପ ନେଲେ । ପ୍ରାୟ ୧୦।୧୫ ମିନିଟ୍ ଭିତରେ ସବୁ ସରିଗଲା । କ୍ରେନ୍‌ରେ ଗାଡ଼ି ଦୁଇଟିକୁ ଉଠାଇ ଟ୍ରକ୍‌ରେ ଲଦି ଦିଆଗଲା । ତା'ପରେ ରାସ୍ତାରେ ଯାହାକିଛି ଭଙ୍ଗାକାଚ, ରକ୍ତ ଆଦି ପଡ଼ିଥିଲା, ସେ ସବୁକୁ ସଫାକରି, ପ୍ଲାଷ୍ଟିକ ଖଣ୍ଡଗୁଡ଼ିକୁ ଉଠାଇ ନେଇ ପୋଲିସ ଗାଡ଼ି ଚାଲିଗଲା । ରାସ୍ତାରେ ଯେ ଦୁର୍ଘଟଣା ଘଟିଥିଲା, ତା'ର ଚିହ୍ନବର୍ଣ୍ଣି କିଛି ରହିଲା ନାହିଁ । ଯାନବାହାନ ସ୍ୱାଭାବିକ ଚାଲିଲା । ଏସବୁ ପ୍ରାୟ ୧୫।୨୦ ମିନିଟର କଥା ।

## ସଡ଼କ ଟେକବଲ ଗାଡ଼ି ପାଇଁ :

ବିଲାତର ରାସ୍ତାରେ ଆମ ଦେଶ ଭଳି ଗାଡ଼ିଗୁଡ଼ିକ ବାମ କଡ଼ ମାଡ଼ି ଚାଲନ୍ତି । କିନ୍ତୁ ୟୁରୋପୀୟ ମହାଦେଶରେ ଡାହାଣ କଡ଼ ମାଡ଼ି ଚାଲନ୍ତି । ଫ୍ରାନ୍ସ,

ଜର୍ମାନ ଆଦି ମହାଦେଶୀୟ ରାଷ୍ଟ୍ରଗୁଡ଼ିକରେ ଡ୍ରାଇଭର ଡାହାଣ ପାଖରେ ବସି ଗାଡ଼ି ଚଳାଇବାର ବ୍ୟବସ୍ଥା ଥାଏ, ଅର୍ଥାତ୍ ଏଗୁଡ଼ିକ ରାଇଟ୍ ହାଣ୍ଡ୍ ଡ୍ରାଇଭ । ଆମ ଦେଶରେ ଉଭୟ ପ୍ରକାରର ଗାଡ଼ି ଦେଖାଯାଏ; ବାମହାତ ଚଳାଇବା ବ୍ୟବସ୍ଥା ଓ ଡାହାଣହାତ ଚଳାଇବା ବ୍ୟବସ୍ଥା । ଇଂଲଣ୍ଡର ରାସ୍ତା ବ୍ୟବସ୍ଥା ଆମ ଦେଶ ଭଳି ବିଭିନ୍ନ ସ୍ତରର । ରାସ୍ତାର ଶ୍ରେଣୀବିଭାଗ ରାସ୍ତାର ଅବସ୍ଥା ସୂଚାଏ । ସବୁଠାରୁ ଭଲ ରାସ୍ତାକୁ ମଟର ୱେ କହନ୍ତି । ଏହାକୁ ଆମ ଦେଶର ଜାତୀୟ ରାଜପଥ ସହିତ ତୁଳନା କରାଯାଇପାରେ । କିନ୍ତୁ ସେ ରାସ୍ତାର ଅବସ୍ଥା ଆମର ଜାତୀୟ ରାଜପଥଠାରୁ ଖୁବ୍ ଭଲ, ଅଧିକାଂଶ ସ୍ଥାନରେ ଏକାସାଙ୍ଗରେ ଛଅଧାଡ଼ି ଗାଡ଼ି ଚାଲିବାଭଳି ରାସ୍ତା । ଯେଉଁ ରାସ୍ତାରେ ଗାଡ଼ି ଯାଉଥାଏ, ସେ ରାସ୍ତାରେ ଗାଡ଼ି ଫେରେନାହିଁ । ୬ ଲେନ୍ ୱେ ଅର୍ଥାତ୍ ୬ ଧାଡ଼ିର ଗାଡ଼ି ଏକାସାଙ୍ଗରେ ଯିବାଭଳି ରାସ୍ତାକୁ ଦୁଇ ଭାଗ କରି ମଝିରେ ପ୍ରତିବନ୍ଧକ ସ୍ୱରୂପ ବାଡ଼ ବା ବଗିଚା କରାଯାଇଥାଏ । ତେଣୁ ଗାଡ଼ି ମୁହାଁମୁହିଁ ଧକ୍କା ଖାଇବାର ଅବସର ନାହିଁ । ଛଅଧାଡ଼ି ରାସ୍ତାର ସବା ବାଁ ପାଖ ରାସ୍ତାଟି ଖୁବ୍ ଧୀରେ ଯାଉଥିବା ଗାଡ଼ି ପାଇଁ, ମଝି ଲେନ୍‌ଟି ୬୦ରୁ ୮୦ କି.ମି: ବେଗରେ ଯାଉଥିବା ଗାଡ଼ି ପାଇଁ ଏବଂ ସବୁଠୁ ଡାହାଣ ପାଖ ଲେନ୍ ବା ଅଂଶଟି ଏହାଠାରୁ ବେଶୀ ବେଗରେ ଯାଉଥିବା ଗାଡ଼ି ବା ଅନ୍ୟଗାଡ଼ିକୁ ଅତିକ୍ରମ କରୁଥିବା ଗାଡ଼ି ପାଇଁ ରହିଛି । ଅତି ଜୋରରେ ଯାଇ ଅନ୍ୟ ଗାଡ଼ିକୁ ଅତିକ୍ରମ କଲାପରେ ଗାଡ଼ିଟି ପୁଣି ମଝି ଲେନ୍‌କୁ ଆସିଯାଏ, ଅର୍ଥାତ୍ ଯେତେଶୀଘ୍ର ସମ୍ଭବ, ଡାହାଣ ଲେନ୍‌ଟିକୁ ଫାଙ୍କା କରିଦିଆଯାଏ । ଓଭରଟେକ୍ ବା ଅତିକ୍ରମ କରିବାକୁ ସୁବିଧା ଦେବା ଏହାର ଉଦ୍ଦେଶ୍ୟ । ଏହିଭଳି ଖୁବ୍ ବେଗରେ ଯାଉଥିବା ଗାଡ଼ି ମଧ୍ୟରୁ ଯଦି କୌଣସି ଗାଡ଼ି କମ୍ ବେଗବାଲା ଲେନ୍‌କୁ ଆସି ନ ପାରି ବାଟରେ ହଠାତ୍ ବନ୍ଦ ହୋଇଯାଏ, ତେବେ ପଛରେ ଦ୍ରୁତ ବେଗରେ ଆସୁଥିବା ଗାଡ଼ି ଧକ୍କା ଲଗାଇଦେବ । ସମସ୍ତେ ଦ୍ରୁତବେଗରେ ଆସୁଥିବାରୁ, ଏହି ଦୁର୍ଘଟଣା ଗୋଟିଏ ଗାଡ଼ି ଭିତରେ ସୀମାବଦ୍ଧ ହୋଇ ରହେ ନାହିଁ ବରଂ ଲଗାଲଗି ଗୋଟିଏ ପରେ ଗୋଟିଏ ଗାଡ଼ିର ଧକ୍କା ଲାଗିଯାଏ । ସୁଖର କଥା, ଇଂଲଣ୍ଡରେ ଏପରି ଘଟଣା ପ୍ରାୟ ଘଟି ନାହିଁ । ତୃତୀୟ ବା ଡାହାଣ ପାଖ ଲେନ୍‌ଟି ଫାଙ୍କା ରଖାଯାଉଥିବାରୁ ବେଗବାନ୍ ଗାଡ଼ିଗୁଡ଼ିକ ସେହିବାଟ ଦେଇ ଅତିକ୍ରମ କରନ୍ତି । ଦୁର୍ଘଟଣା ଦୁଇଟି ଗାଡ଼ି ମଧ୍ୟରେ ସୀମାବଦ୍ଧ ହୋଇ ରହିଯାଏ ।

## ସଡ଼କରେ ଜୀବଜନ୍ତୁ ଦେଖାଯାଆନ୍ତି ନାହିଁ :

ଦୁର୍ଘଟଣା ନ ହେବାର ଆଉ ଗୋଟିଏ କାରଣ ଯେ ଗାଡ଼ି ଯାଉଥିବା

ରାସ୍ତାରେ ଗାଡ଼ି ବିନା ଅନ୍ୟ କୌଣସି ଜୀବଜନ୍ତୁ ବା ପାଦଚଲା ମଣିଷ ଯିବା ଦେଖାଯାଏ ନାହିଁ । ମୁଖ୍ୟ ରାସ୍ତାଗୁଡ଼ିକୁ ପାର ହେବାପାଇଁ ରାସ୍ତା ତଳେ ପାଦଚଲା ଗହ୍ୱର କରାଯାଇଥାଏ । ମଟର ରୋଡ୍ ଗୁଡ଼ିକରେ ଆମର ରେଳଲାଇନ୍ ଉପରେ ଯେପରି ଓଭରହେଡ୍ ବ୍ରିଜ୍ ଅଛି, ସେପରି ନଥାଏ, ପ୍ରାୟ ଛକ ଯାଗାମାନଙ୍କରେ ଭୂଇଁତଳ ରାସ୍ତା କରାଯାଇଥାଏ । ଆମ ଦେଶରେ ରାସ୍ତା ଉପରେ ଯେପରି ଗୋରୁ-ଗାଈ ଯିବା ଆସିବା କରନ୍ତି, ସେଠାରେ ତାହା ଅସମ୍ଭବ । ଗୋରୁଗାଈ ରଖିବା ପାଇଁ ଲୋକଙ୍କୁ ଲାଇସେନ୍ସ କରିବାକୁ ପଡ଼େ ଏବଂ ଏହି ଲାଇସେନ୍ସର ସର୍ତ୍ତ ଖିଲାପ କଲେ ସେମାନେ ଦଣ୍ଡନୀୟ ହୁଅନ୍ତି । କୁକୁର, ବିଲେଇ ରଖିବା ପାଇଁ ମଧ୍ୟ ଲାଇସେନ୍ସ କରିବାକୁ ପଡ଼େ । ନିପଟ ମଫସଲରେ କିମ୍ବା ଜଙ୍ଗଲିଆ ସ୍ଥାନମାନଙ୍କରେ ବିନା ଲାଇସେନ୍ସରେ ଗୃହପାଳିତ ପଶୁ ଅଛନ୍ତି କିନ୍ତୁ ସେମାନେ ରାସ୍ତା ଉପରକୁ ଆସିବାର ମୁଁ ଦେଖିନାହିଁ । ଗୋଟିଏ ଦୁଇଟି ଗାଁ ଭିତରକୁ ଯିବାବେଳେ ସଡ଼କ ଉପରେ ସ୍ଥାନେ ସ୍ଥାନେ "ଏଠାରେ ଘୋଡ଼ାମାନେ ପାର ହୁଅନ୍ତି, ସାବଧାନ" ଲେଖା ହୋଇଥିବାର ଦେଖିଛି । କିନ୍ତୁ ରାସ୍ତାରେ ସମାନ୍ତରାଳ ଭାବରେ ବା ଗାଡ଼ି ସାଙ୍ଗରେ କୌଣସି ଜନ୍ତୁ ଚାଲିଥିବାର କୌଣସି ଦୃଶ୍ୟ ନାହିଁ । ଯଦି ରାସ୍ତା ଉପରକୁ ଜନ୍ତୁ ଆସିଗଲା, ଦୁର୍ଘଟଣାରେ ମରିଗଲା, ତେବେ ଗାଡ଼ିବାଲା ଦାୟୀ ନୁହେଁ ।

## ରାସ୍ତାରେ ଅରାସ୍ତା କାମ :

ଆମ ଦେଶରେ ସବୁ ଓଲଟା । ଯଦି କାହାର ଗାଈ ଦୁଧ ଦେବା ବନ୍ଦ କରି ଦେଲାଣି ତା'କୁ ରାସ୍ତା ଉପରେ ବୁଲାବୁଲି କରିଦେବାକୁ ଛଡ଼ା ଦିଆଯାଏ । ରାସ୍ତାଟା ସର୍ବସାଧାରଣ ଗୁହାଳ । ଗାଁ ପାଖ ବା ସହର ପାଖ ରାସ୍ତା ଉପରେ ଗାଈ, ଗୋରୁ, ଛେଳି ଆଦି ଶୋଇ ନିଶ୍ଚିନ୍ତରେ ପାକୁଳି କରୁଥିବାର ଦୃଶ୍ୟ ତ ଆପଣମାନେ ଦେଖୁଥିବେ । ରାସ୍ତାରେ ଧାନ ଶୁଖାଇବା, ଚକତଳେ ଦଳାହୋଇ ଭଲ ଦଉଡ଼ି ହେବ ବୋଲି ସବାଇଘାସ ବା ନଡ଼ିଆ କତା ପକାଇବା, ଭଲ ମଲାହେବ ବୋଲି ରାଶିନଡ଼ା ପକାଇବା ଆଦି ଯାବତୀୟ କାମ ଲୋକମାନେ କରିଥା'ନ୍ତି । ଆମ ରାଜ୍ୟର କେତେକ ଅଞ୍ଚଳରେ ସଡ଼କହିଁ ସାଧାରଣ ପାଇଖାନା । ରାସ୍ତା ପକ୍କା ହୋଇଗଲା ମାନେ ପାଇଖାନା ବସିବା ସୁବିଧା ହୋଇଗଲା । ରାସ୍ତାରେ ଏହି କାରଣରୁ ଦୁର୍ଘଟଣା ହେବା ସ୍ୱାଭାବିକ । ଆମ ଦେଶରେ ଗୋଟିଏ ଧାରଣା ରହିଛି ଯେ ଯିଏ ଯେତେ ବେଗରେ ଯିବ, ସିଏ ସେତେ ସାବଧାନ ହେବା ଉଚିତ୍ । ଧୀରେ ଯାଉଥିବା ଗାଡ଼ିର ବା ଲୋକର ଦୋଷ ନାହିଁ । ତେଣୁ

ଆକ୍‌ସିଡେଣ୍ଟ ହେଲେ କାର, ଟ୍ରକ ବା ବସ୍‌ବାଲାଙ୍କୁ ପ୍ରଥମେ ମାଡ଼ । ସାଇକଲ, ରିକ୍‌ସା ବା ଶଗଡ଼ବାଲାଙ୍କୁ ନୁହେଁ । କୁକୁଡ଼ାଟିଏ ବା ଛେଳିଟିଏ ମାରିଦେଲେ ଲୋକେ ଘେରିଯାଇ ପଇସା ଅଦାୟ କରନ୍ତି; ଯେତେ ଯେପରି କୁକୁଡ଼ା, ଛେଳି ଆଦିଙ୍କର ଯିବାଆସିବା ଅଧିକାର ଆଗ ଓ ମଟର ରୋଡ୍ ବା ପକ୍କା ସଡ଼କ ସେମାନଙ୍କ ଲାଗି ହୋଇଛି ।

## ସଡ଼କ ଜନମାନବଶୂନ୍ୟ :

ବିଲାତର ସଡ଼କ କେବଳ ଗାଡ଼ି ଯିବାଆସିବା ପାଇଁ । ସେ ଦେଶରେ କେବଳ ସହର ଭିତରକୁ ଛାଡ଼ିଦେଲେ ରାସ୍ତାର ଅନ୍ୟତ୍ର କେଉଁଠି ଯନ୍ତ୍ରଚାଳିତ ଗାଡ଼ି ଛଡ଼ା ଅନ୍ୟ କୌଣସି ଗାଡ଼ି ଚାଲେ ନାହିଁ । ଶଗଡ଼ ନାହିଁ କି ରିକ୍‌ସା ନାହିଁ, ଘୋଡ଼ା ଗାଡ଼ି, ସାଇକେଲ, ସ୍କୁଟର ବା ମଟର ସାଇକେଲ୍ ଆଦି କେବଳ ସହର ଭିତରେ ବ୍ୟବହାର ହୁଏ, ଦୂରଦୂରାନ୍ତକୁ ଯିବାପାଇଁ ନୁହେଁ । ତେଣୁ ସଡ଼କରେ ଏଗୁଡ଼ିକ ଦେଖାଯାଏ ନାହିଁ । ଆମ ଦେଶ ଭଳି ଦଳେ ଟୋକା ବିଚ୍ ରାସ୍ତାରେ ସାଇକେଲ ଧରି ଗପ କରୁଥିବାର ଦୃଶ୍ୟ ଆସିବ କେଉଁଠୁ ? କେବଳ ସାଇକେଲ ନାହିଁ ବୋଲି ଯେ ଏହା ଘଟୁ ନାହିଁ ତାହା ନୁହେଁ, ସଡ଼କରେ ଲୋକ ଚଳପ୍ରଚଳ କରିବା ଦେଖାଯାଏ ନାହିଁ । ସମସ୍ତେ ବ୍ୟସ୍ତ, ବୁଲାବୁଲି ଯିବାକୁ ସମୟ କାହିଁ ? ତେଣୁ ବିଲାତର ସଡ଼କଗୁଡ଼ିକ ଜନମାନବ-ଜୀବଜନ୍ତୁ ଶୂନ୍ୟ । କେବଳ ବିଭିନ୍ନ ପ୍ରକାର ଗାଡ଼ିରେ ଭର୍ତ୍ତି । ଆମ ଦେଶରେ ସଡ଼କ ଦୁର୍ଘଟଣାରେ ପୃଥିବୀର ସର୍ବାଧିକ ଲୋକ ମରୁଥିବାର ମୁଖ୍ୟ କାରଣ ଯେ ସଡ଼କଟିକୁ ଯନ୍ତ୍ରଚାଳିତ ଗାଡ଼ି ଯେତେ ବ୍ୟବହାର ନ କରେ, ଅନ୍ୟ ଗାଡ଼ିମାନେ ଓ ନିକଟବର୍ତ୍ତୀ ଗୃହସ୍ଥମାନେ ସେମାନଙ୍କର ନିଜର ଜୀବଜନ୍ତୁ ଓ ଆବଶ୍ୟକତା ପାଇଁ ବେଶୀ ବ୍ୟବହାର କରନ୍ତି । ଦରକାର ପଡ଼ିଲେ ଆମ ଦେଶର ଲୋକ ରାସ୍ତାରେ ଶୁଅନ୍ତି । ଆମ ଦେଶରେ ଏପରି ହୁଏ କାହିଁକି ବୋଲି ଜଣେ ଇଂରେଜ ପଚାରିବାରୁ ଥଟ୍ଟା ଛଳରେ ଜଣେ ଭାରତୀୟ କହିଥିଲେ, ତୁମ ଦେଶ ଗ୍ରୀଷ୍ମପ୍ରଧାନ ଦେଶ ହୋଇଥିଲେ ତୁମ ଲୋକ ବି ଖୋଲା ରାସ୍ତାରେ ଶୁଅନ୍ତେ । ପ୍ରକୃତ କଥା ହେଉଛି ରାସ୍ତାଗୁଡ଼ିକୁ ଅରାସ୍ତା କାମରେ ଲଗାଇବା ଆମମାନଙ୍କର ଗୋଟିଏ ଚରମ ଦୋଷ ।

ମଟର ରୋଡ୍ ଛଡ଼ା **A, B, C** ଶ୍ରେଣୀରେ ଅନ୍ୟ ରାସ୍ତାଗୁଡ଼ିକ ବିଭକ୍ତ । 'ଏ' **(A)** ଶ୍ରେଣୀର ରାସ୍ତାଗୁଡ଼ିକ ଷ୍ଟେଟ୍ ହାଇୱେ ବା ପ୍ରାଦେଶିକ ରାଜପଥ ସଙ୍ଗେ ତୁଳନୀୟ କାରଣ ସେଗୁଡ଼ିକ ଚାରିଲେନ୍ ବିଶିଷ୍ଟ, ଦୁଇଲେନ୍ ଯିବାପାଇଁ ଦୁଇଲେନ୍ ଫେରିବା ପାଇଁ । 'ବି' ଶ୍ରେଣୀର ରାସ୍ତା ଆମ ଦେଶର ମେଜର

ଡିଷ୍ଟ୍ରିକ୍ଟ ରୋଡ଼ (ମୁଖ୍ୟ ଜିଲ୍ଲା ରାସ୍ତା) ସହିତ ତୁଳନୀୟ ହେଲେ ହେଁ, ଢାମରେ ଓ ମରାମତିରେ ଜାତୀୟ ରାଜପଥ ସହିତ ତୁଳନୀୟ । ଶୀତପ୍ରଧାନ ଦେଶ ହୋଇଥିବାରୁ ଓ ବୃଷ୍ଟିପାତର ପରିମାଣ କମ୍ ଥିବାରୁ ବିଲାତର ରାସ୍ତାଗୁଡ଼ିକ ଶୀଘ୍ର ଶୀଘ୍ର ନଷ୍ଟ ହୁଏ ନାହିଁ । ଛକ ବା ଅନ୍ୟ ଯେଉଁ ସ୍ଥାନରେ ଯାନବାହାନର ଜୋର ବେଶୀ, ସେଠାରେ ରାସ୍ତାକୁ କଂକ୍ରିଟ୍ କରାଯାଇଥାଏ । ରାସ୍ତା ଖରାପ ହେଲେ ତା'ଫଳରେ ଯେଉଁ ଦୁର୍ଘଟଣା ଘଟିବ ସେଥିଲାଗି ସରକାର ବା ମ୍ୟୁନିସିପାଲିଟି ଦାୟୀ ହେବେ ବୋଲି ସେମାନେ ରାସ୍ତାଗୁଡ଼ିକୁ ଯଥା ସମୟରେ ମରାମତି କରିଥା'ନ୍ତି । ଯଦି ମରାମତି କୌଣସି କାରଣରୁ ହୋଇ ନଥାଏ, ଦୂରରୁ ସଙ୍କେତ ଦିଆଯାଇ ଗାଡ଼ି ଚାଳକମାନଙ୍କୁ ବୁଲିଣି ରାସ୍ତା ବିଷୟରେ ନିର୍ଦ୍ଦେଶ ଦିଆଯାଏ । କେଉଁ ରାସ୍ତା କେଉଁଠାରୁ କେତେଦୂର ପର୍ଯ୍ୟନ୍ତ ବନ୍ଦ ଅଛି ବା ମରାମତି ଚାଲିଛି ତାହା ପ୍ରତିଦିନ ସକାଳର ରେଡ଼ିଓ ଖବରରେ ଜଣାଇ ଦିଆଯାଏ ।

## ଜବର ଦଖଲ :

ଆପଣ ଭାବୁଥିବେ, ଆମ ଦେଶରେ ରାସ୍ତାଉପରେ ଯେପରି ଗୁମୁଟି, ଚାଳିଆ ଆଦି ଗଢ଼ି ଉଠେ, ବିଲାତରେ ସେପରି ହେଉଥିବ କି ? ନା, ସେପରି ହୁଏ ନାହିଁ । ସରକାରୀ-ଜମିକୁ ଜବର ଦଖଲ କରିବା ଉଦାହରଣ ନାହିଁ । ଲଣ୍ଡନର ସାଉଥ୍‌ହଲ, ଗାଟୱିକ୍ ବନ୍ଦରର ପାଖାପାଖି ଅଞ୍ଚଳ ବା ଅନ୍ୟ ଯେଉଁ ଅଞ୍ଚଳରେ ଅଣବିଲାତି ଲୋକ, ବିଶେଷତଃ ଏସିଆ ଓ ଆଫ୍ରିକାର ଲୋକମାନେ କାମଧନ୍ଦା ପାଇଁ ପଶିଯାଇଛନ୍ତି, ସେହିମାନେ ହିଁ ଜବରଦଖଲ କରି ଝୁମ୍ପୁଡ଼ି ତିଆରି କରୁଛନ୍ତି । ତାହା ବି ରାସ୍ତାକୁ ଲାଗି ନୁହେଁ । ପୋଲିସ ରାସ୍ତା କଡ଼ରେ କାହାରିକୁ ରହିବାକୁ ଦିଏ ନାହିଁ । ତେଣୁ ଦୋକାନ ବଜାର ଗଢ଼ି ଉଠିବା ଅସମ୍ଭବ । ଛୋଟ ଛୋଟ ରାସ୍ତାରେ ବିଶେଷତଃ 'ବି' ଓ 'ସି' ଶ୍ରେଣୀର ରାସ୍ତା ଧାରରେ ଚାଷୀମାନେ ଋତୁ ଅନୁଯାୟୀ ଫଳଫଳାଦି ବିକ୍ରିର ବ୍ୟବସ୍ଥା କରିଥା'ନ୍ତି । କିନ୍ତୁ ରାସ୍ତାକୁ ମାଡ଼ିବସି ନଥା'ନ୍ତି । ଗାଡ଼ିଗୁଡ଼ିକ ଏତେ ଜୋରରେ ଯିବାଆସିବା କରୁଥାଆନ୍ତି ଯେ କାହାର କିଛି କିଣିବାକୁ ଡର ନଥାଏ । କଟକ-ଭୁବନେଶ୍ୱର ରାସ୍ତାରେ କୋବି କିଣିବାପାଇଁ ଯେପରି ଭିଡ଼ ହୁଏ; ସେପରି ଭିଡ଼ ସ୍ୱପ୍ନ ।

## ରାସ୍ତାକଡ଼ ବିକ୍ରି : ବିଲାତି କୋଳି :

ଆମେ ୱେଲ୍‌ସ୍‌କୁ ଯିବା ରାସ୍ତାରେ ଗୋଟିଏ ଜାଗାରେ ଦେଖିଲୁ ଲେଖା ହୋଇଛି "ତାଜା ବିଲାତି କୋଳି ବିକ୍ରି; ଗୋଟିଏ କିଲୋମିଟରର ଆଗରେ"

(Fresh English berries on sale ! One Kilometre ahead) । ଯେଉଁ ଚାଷୀ ବିକୁଛି, ସେ ନିଜେ ଏ ବୋର୍ଡ଼ଟି ରାସ୍ତା ବାଁ କଡ଼ରେ ରଖିଛି । କିଛିବାଟ ଗଲାପରେ ପୁଣି ଲେଖା ହୋଇଛି, ତାଜା ବିଲାତି କୋଳି ବିକ୍ରି—୫୦୦ ମିଟର ଆଗରେ । ଆଉ କିଛି ପରେ ସେ ଚାଷୀର କୃଷିକ୍ଷେତ୍ର ପାଖରେ ଲେଖା ହୋଇଛି, ବିଲାତି କୋଳି ଏଠାରେ ବିକ୍ରି ହୁଏ । ସେ ଗୋଟିଏ କିଲୋମିଟର ଆଗରୁ ଜଣାଉଛି, ବେଗରେ ଯାଉଥିବା ଗାଡ଼ିଗୁଡ଼ିକ ଯେପରି ବେଗ କମାଇବାକୁ ସମୟ ପାଇବେ । କାଳେ ଡ୍ରାଇଭର ଭୁଲିଯାଇଥିବ ବୋଲି ୫୦୦ ମିଟର ଆଗରୁ ପୁଣିଥରେ ମନେ ପକାଇଛି । ସେ ଯାହାହେଉ, ଲୋକେ କିଣୁଛନ୍ତି କି ନାହିଁ ମୁଁ ଦେଖିନାହିଁ, କିନ୍ତୁ ମୋର ଅଭିଜ୍ଞତା ଯେ ଇଂଲଣ୍ଡ ଦେଶ ଗୁଡ଼ିକ ଖଟା । ବିଲାତି ଆପଲ ମଧ୍ୟ ସେହିପରି ଖଟା । କିନ୍ତୁ ଆପଲ୍ ପାଇ (Pie) ବିଲାତରେ ସବୁଠାରୁ ପ୍ରିୟତମ ମିଠା ଜିନିଷ (Sweet-dish) । ମଇଦା ଭିତରେ ଖଣ୍ଡ ଖଣ୍ଡ କୋପାହୋଇଥିବା ସିଝା ସେଓ ରଖି ଇଲେକ୍‌ଟ୍ରିକ୍ ଚୁଲି ଭିତରେ ବିସ୍କୁଟପରି ସେକି, ଅବଶ୍ୟ ଉପଯୁକ୍ତ ମସଲା ଦେଇ, ଏହି ସେଓମିଠା (ଆପଲ୍ ପାଇ) ତିଆରି କରାଯାଏ । ମୁଁ ଯେତେଥର ସେଓମିଠା ଖାଇଛି, ପାଡ଼ୁଅପୋକ ଭଳି ଗନ୍ଧ ପାଇଛି । କେତେକ ସାଙ୍ଗ ମୋତେ ଅରସିକ କହନ୍ତି । ଆଉ କେତେକ ମୋର ଇଂରେଜ ବିଦ୍ୱେଷ ଯୋଗୁଁ ଏହି ଗନ୍ଧ ଆସୁଛି ବୋଲି କହନ୍ତି । କିନ୍ତୁ ଉଣାଅଧିକେ ସେମାନେ ମାନନ୍ତି ଯେ, ଏଥିରୁ ଏକ ପ୍ରକାର ଗନ୍ଧ ଆସେ ।

## ହର୍ଣ୍ଣ ଦିଅ ନାହିଁ :

ଆମ ଦେଶରେ ରାସ୍ତାଗୁଡ଼ିକର ବ୍ୟବହାର ଆମ ଲୋକମାନଙ୍କ ଚରିତ୍ରର ନିଦର୍ଶନ ଦିଏ । ରାସ୍ତାକଡ଼ ଜମି ଜବର ଦଖଲ କରିବା ଅଥବା ରାସ୍ତା ଆଡୋର ଧରି ସାଇକେଲ ସହିତ ଛିଡ଼ାହୋଇ କଥାହେବା କେବଳ ଏହି ଚରିତ୍ରର ଲକ୍ଷଣ ନୁହେଁ । ଗୁଡ଼ାଏ ପାଟିତୁଣ୍ଡ କରିବା, ଯୋ'ଯା' ହେବା ଭଳି ଆମର ଗୁଡ଼ାଏ ଅଜବ ଲକ୍ଷଣ ରାଜପଥରେ ବି ଦେଖାଯାଏ । ଗୋଟାଏ କିଛି ଘଟିଗଲେ ଶାଗୁଣା-ପଲ ଭଳି ଲୋକେ ଘେରିଯିବେ, ସତେ ଯେପରି ଘଟଣାଟି ଗୋଟିଏ ମଜା ହୋଇପଡ଼ିଛି । ଏଆଡ଼୍ ସେଆଡ଼୍ ଆସୁଥିବା ଗାଡ଼ିମାନଙ୍କର ହର୍ଣ୍ଣ ଶବ୍ଦରେ କାନ ଅତଡ଼ା ପଡ଼ିଗଲେ ବି ଲୋକେ ରାସ୍ତା ଫାଙ୍କା କରନ୍ତି ନି । ଫଳସ୍ୱ ଦଶର ଗାଡ଼ି ଧାଡ଼ି ଧାଡ଼ି ହୋଇ ଅଟକି ଯାଏ । ବିଲାତରେ ଲୋକେ ନିଜ ନିଜ କାମଧନ୍ଦାରେ ଏତେ ବ୍ୟସ୍ତ ଯେ ଅର୍ଥାତ୍ ସେମାନଙ୍କର ସମୟର ଅଭାବ ଏତେ ବେଶି ଯେ, କିଏ କାହାର କୌତୂହଳ ମେଣ୍ଟାଇବା ପାଇଁ ରାଜପଥରେ ଅଟକିବା ଦେଖାଯାଆନ୍ତି

ନାହିଁ । ଅସଲ କଥା ହେଉଛି, ସଡକରେ କେବଳ ଗାଡ଼ି ହିଁ ଯିବ, ତେଣୁ ଗାଡ଼ି ସହିତ ଗାଡ଼ିର ସଂଘର୍ଷ ଛଡ଼ା ଆଉ କୌଣସି ଘଟଣା ଘଟିବାର ନୁହେଁ । ତେଣୁ ବିଲାତର ସଡ଼କମାନଙ୍କରେ ଚୁପ୍‌ଚାପ୍ ଗାଡ଼ିଗୁଡ଼ିକ ନିଜ ଗନ୍ତବ୍ୟ ପଥରେ ଚାଲୁ-ଥାଆନ୍ତି । ଗୋଟିଏ ଗାଡ଼ି ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ବା ଓଭରଟେକ୍ କରିବା ପାଇଁ ମଧ୍ୟ ହର୍ଣ୍ଣ ଦିଏ ନାହିଁ । ମୋର ଖୁବ ଇଚ୍ଛା ହେଲା ଏମିତି କାହିଁକି ହେଉଛି ଜାଣିବା ପାଇଁ । ଦିନେ ଆମେ ଯାଉଥିବା ମିନିବସର ଡ୍ରାଇଭର ଅନ୍ୟ ଗୋଟିଏ ଗାଡ଼ିକୁ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ବେଳେ ହର୍ଣ୍ଣ କାହିଁକି ଦେଉନାହିଁ ବୋଲି ମୁଁ ତାକୁ ପଚାରିଥିଲି । ସେ ଉତ୍ତର ଦେଲା—"ହର୍ଣ୍ଣ ଦେବା, ଆଗରେ ଥିବା ଗାଡ଼ିର ଚାଳକ ପ୍ରତି ଏକ ଅସୌଜନ୍ୟ ବ୍ୟବହାର ।" ମୁଁ କହିଲି—"କାହିଁକି ? ତୁମେ ତ ତାକୁ ଅତିକ୍ରମ କରିବାକୁ ଚାହୁଁଛ, ପୁଣି ସେ ତ ରାସ୍ତା ଜଲ୍‌ଦି ଛାଡୁନାହିଁ, ସେଥିପାଇଁ ହର୍ଣ୍ଣ ଦେବ । ହର୍ଣ୍ଣ ଦେବା ଅର୍ଥ, ତୁମେ ଆଗକୁ ଯିବାକୁ ଚାହୁଁଛ, ସେ ରାସ୍ତା ଛାଡୁ ।" ସେ କହିଲା,—"ଆଗ ଗାଡ଼ିର ଡ୍ରାଇଭର ମୋତେ ଦେଖିପାରୁଛି । ସୁବିଧା ହେଲାକ୍ଷଣି ମୋତେ ରାସ୍ତା ଛାଡ଼ିଦେବ ।"

ମୁଁ କହିଲି,—"ତାହାଲେ କମ୍ପାନୀ ଗାଡ଼ିରେ ହର୍ଣ୍ଣ କାହିଁକି ଦେଇଛି ?" ପୂର୍ବ ଭଳି ତାର ଉତ୍ତର ଆସିଲା,—"ଯେଉଁମାନେ ଅମଣିଷ ଭଳି ରାସ୍ତା ଛାଡନ୍ତି ନାହିଁ, ସେମାନଙ୍କ ପାଇଁ ।"

ତାହାର ଉତ୍ତର ଆମମାନଙ୍କ ଭଳି ଅମଣିଷ ପାଇଁ ଉଦ୍ଦିଷ୍ଟ ଥିଲା । ଆମ ଭଳି ଗାଡ଼ି ଚାଳକଙ୍କ ପ୍ରତି ତାଚ୍ଛଲ୍ୟ । ତଥାପି ମୁଁ ଓ ଅନ୍ୟ କେତେ ଜଣ ଯାତ୍ରୀ ତାକୁ ଜୋର କଲୁ ଯେ ଆଗରେ ଯାଉଥିବା ଆଉ ଗୋଟିଏ ଗାଡ଼ିକୁ ଓଭରଟେକ୍ କଲାବେଳେ ହର୍ଣ୍ଣ ଦେଉ । ସୁଯୋଗ ବି ଜୁଟିଗଲା । ଓଭରଟେକ୍ କରିବା ପାଇଁ ମଝି ଲେନରୁ ଡାହାଣ ଲେନକୁ ଚାଲିଗଲା ପରେ ଆଗରେ ଆଉ ଗୋଟିଏ ଗାଡ଼ି ଯାଉଥିବାର ଦେଖି ଆମ ମିନି ବସର ଡ୍ରାଇଭର ହର୍ଣ୍ଣ ଦେଲା ।

କିନ୍ତୁ ଏ କ'ଣ ହେଲା ? ସତେ ଯେପରି ସେ ବିରୁଡ଼ି ବସାରେ କାଠି ଖେଞ୍ଚି ଦେଲା । ସେ ଗାଡ଼ିଟି ରାସ୍ତା ଛାଡ଼ିବା ବଦଳରେ ଅଟକି ଗଲା । କବାଟ ଖୋଲି ଡ୍ରାଇଭରଟି ବାହାରି ଆସିଲା । ଇତିମଧ୍ୟରେ ଆମର ଡ୍ରାଇଭର ବ୍ରେକ୍ ମାରି ଗାଡ଼ି ଅଟକାଇ ପଛ ଗାଡ଼ିମାନଙ୍କୁ ଅଟକିବା ପାଇଁ ଡାହାଣ ହାତରେ ଇଙ୍ଗିତ ଦେଉଥିଲା । ଆଗ ଗାଡ଼ିର ଡ୍ରାଇଭର ଆମ ଗାଡ଼ିର ଡ୍ରାଇଭର ପାଖକୁ ଆସି ଗୁଡାଏ ଭର୍ତ୍ସନା କଲା । ତା'ର ଭର୍ତ୍ସନାର ପ୍ରଥମ ବାକ୍ୟ ହେଲା, "ତୁ ମୂ

ଥାଙ୍କ୍ ଅଇ ଆମ ଏ ଫୁଲ୍ ୭" ଆମ ଡ୍ରାଇଭର କ୍ଷମା ମାଗି ଚାଲିଥାଏ ! ନିଜକୁ ବଡ଼ ଦୋଷୀ ମନେକରୁଥାଏ । କ୍ଷମା ପ୍ରାର୍ଥନା ଶୁଣି ବୁଢ଼ୀଏ ବକାବକ କରି ଆଗ ଗାଡ଼ିଟି ଚାଲିଗଲା ଏବଂ ଆମ ଗାଡ଼ି ପୂର୍ବବତ୍ ମଟିଲେନକୁ ଆସି ଆଗେଇଲା । ବାଟରେ ଡ୍ରାଇଭର ଆମକୁ ବୁଝାଇଲା—ରାସ୍ତା ଫାଙ୍କା ପାଇଲା କ୍ଷଣି ଆଗରେ ଥିବା ଗାଡ଼ି ମଟିଲେନକୁ ଆସିଯିବ ଏବଂ ପଛରେ ଆସୁଥିବା ଓଭରଟେକ୍ କରିବାକୁ ଚାହୁଁଥିବା ଗାଡ଼ି ଡାହାଣକୁ ଚାଲିଯିବ । ଓଭରଟେକ୍ କରିଗଲା କ୍ଷଣି ପୁଣି ମଟି-ଲେନକୁ ଚାଲିଆସିବ । ଅର୍ଥାତ୍ କେହି ଜାଣିଶୁଣି ପଛ ଗାଡ଼ି ପାଇଁ ରାସ୍ତା ବନ୍ଦ କରନ୍ତି ନାହିଁ । ହର୍ଣ୍ଣ ଦେବା ଅର୍ଥ ଆଗଗାଡ଼ି ରାସ୍ତା ରୋକୁଛି ବୋଲି ଚେତାଇ ଦେବା । ଯେହେତୁ ସେ ଜାଣିଶୁଣି ରାସ୍ତା ବନ୍ଦ କରୁ ନାହାଁନ୍ତି, ହର୍ଣ୍ଣ ଦେବା ତା' ପ୍ରତି ଅପମାନ । ଆମ ଦେଶର ସଡ଼କରେ ଗୋଟିଏ ବସ କିମ୍ବା ଟ୍ରକ ଆଗରେ ଯାଉଥିଲେ, ମାଇଲ ମାଇଲ ଧରି ପଛରେ ଥିବା କାର ଓଭରଟେକ୍ କରିବାକୁ ସୁବିଧା ପାଏ ନାହିଁ ।

## ଆଲୁଅର ଦେଶ :

ଏହାର ଆଉ ଗୋଟିଏ କାରଣ ଅଛି । ସାଧାରଣତଃ ଡ୍ରାଇଭର ଆଖି ଆଗରେ ସବୁ ଗାଡ଼ିରେ ରିଅର ଭ୍ୟୁ ମିରର୍ (ପଛ ଦୃଶ୍ୟ ଦିଶୁଥିବା ଦର୍ପଣ) ଥାଏ, କିନ୍ତୁ ସେ ଦେଶରେ ଏହା ଛଡ଼ା ବନେଟର ଡାହାଣ ଓ ବାଁ ପାଖରେ ଦୁଇଟି ଅଧିକ ଦର୍ପଣ ଥାଏ । ଅର୍ଥାତ୍ ଡ୍ରାଇଭର ନିଜ ସିଟରେ ବସି ଗାଡ଼ିର ଡାହାଣ, ବାଁ ଓ ପଛ ସବୁ ଦେଖିପାରେ । ପଛଆଡ଼ୁ ଗାଡ଼ି ଜୋରରେ ଆସୁଥିବା ଜାଣିଲା କ୍ଷଣି ସେ ରାସ୍ତା ଛାଡ଼ିଦିଏ । କେତେଗୁଡ଼ିଏ ଜରୁରୀ ସେବାର ଗାଡ଼ି ଯଥା, ପୋଲିସ ଓ ଦମକଳ ଏହି ଏକାଧିକ ଦର୍ପଣର ଦେଖ୍ ସୁବିଧା ନିଅନ୍ତି । ସେମାନେ ହର୍ଣ୍ଣ ନ ଦେଲେ ମଧ୍ୟ ତାଙ୍କ ଗାଡ଼ି ସାମନାରେ ଥିବା ଲେଖା, ସାମନା ଗାଡ଼ିର ଦର୍ପଣରେ ପଡ଼ି ହୁଏ । ତେଣୁ ସାମନା ଗାଡ଼ି ଆପେ ଆପେ ରାସ୍ତା ଛାଡ଼ିଦିଏ । ଏ ଲେଖା କିପରି ହୋଇଥିବ ଆପଣ ଭାବି ପାରୁଛନ୍ତି ତ ? ଆମ ଦେଶରେ ଗାଡ଼ିରେ ସିଧାସଳଖ ଶବ୍ଦଗୁଡ଼ିକ ଲେଖା ହୋଇଥାଏ, ଯଥା—POLICE, FIRE । କିନ୍ତୁ ସେ ଦେଶରେ ଦର୍ପଣରେ ପଡ଼ି ହେଲା ଭଳି ଢାଞ୍ଚିରେ ଅର୍ଥାତ୍ ଡାହାଣରୁ ବାଁକୁ ଓଲଟା ଲେଖା ହୋଇଥାଏ, ଆମ ଦେଶର ସଡ଼କମାନଙ୍କରେ ପେଁ ପାଁ ନ କଲେ, ପଛଆଡ଼ୁ ଗାଡ଼ି ଆସୁଛି ବୋଲି କେହି ଜନାଇବେ ନାହିଁ । ଏପରିକି ଗାଡ଼ିର ପେଁ ପାଁ ଶବ୍ଦ ଶୁଣିଲା ପରେ ବି ସାଇକେଲ ବା ମଟର ସାଇକେଲ ଚଢ଼ାଳୀ, ଏପରିକି ରିକ୍ସା ଚାଳକ ମଧ୍ୟ ରାସ୍ତା ଛାଡ଼ି ନ ଦେଇ ପ୍ରଥମେ ପଛକୁ ବୁଲିପଡ଼ି

ଦେଖେ, ସତେ ହମ୍ପ୍ଟି ଡାଙ୍କଲ୍ ନା ସେ ଭୁଲ ଶୁଣିଛୁ । ଅମେ ଅମଣିଷ ନୁହଁ ତ ଆଉ କଏ ?

ଆଲିସଙ୍କ ସମ୍ପର୍କୀୟ ବହିର ଲେଖକ ଲୁଇ କାରୋଲ ବା ଚାର୍ଲସ୍ ଲୁଟ୍‌ଉଇଜ ଡଜସନ୍ ଅକ୍ସଫୋର୍ଡ଼ କ୍ରାଇଷ୍ଟ ଚର୍ଚ୍ଚ କଲେଜର ଗଣିତ ଅଧ୍ୟାପକ ଥିଲେ । "Through The Looking Glass" ବହିରେ ଦର୍ପଣୀ ଲେଖା ବିଷୟରେ କାହାଣୀ ତାଙ୍କର ଲେଖା ।

# ୟୁରୋପରେ ପାଞ୍ଚ ରାତି

ବିଲାତ ଗଲେ ୟୁରୋପର ମୂଳ ଭୂଖଣ୍ଡକୁ ଯିବାକୁ ଖାଲି ଇଚ୍ଛା ହୁଏ । ଏତେଦୂର ଯାଇ ଏତେ ପାଖରେ ଥିବା ଦେଶଗୁଡ଼ିକ ଭିତରୁ କିଛି, ବିଶେଷତଃ ଫ୍ରାନ୍ସ, ଜର୍ମାନୀ ନଦେଖିଲେ ଅବଶୋଷ ରହିଯାଏ । ଘରକୁ ଫେରିଲେ ଲୋକେ ପଚାରିବେ, ତୁ ଏତେବାଟ ଗଲୁ, ସେଇଠୁ ଟିକେ ଯାଇପାରିଲୁ ନାହିଁ ? ଏ ପ୍ରକାର ମନ୍ତବ୍ୟରୁ ରକ୍ଷା ପାଇବାପାଇଁ ଅକ୍ସଫୋର୍ଡ଼ ପଲିଟେକ୍‌ନିକ୍‌ର ଡେଭଲପ୍‌ମେଣ୍ଟ ଓ୍ୱାର୍କସପ୍ ବା ଉନ୍ନୟନ କର୍ମଶାଳାରେ ଯୋଗ ଦେଇଥିବା ଆମେ କେତେଜଣ ଭାରତୀୟ ୟୁରୋପ ମହାଦେଶକୁ ଗୋଟିଏ ସପ୍ତାହ ଯାତ୍ରା କରିବାକୁ ମନସ୍ଥ କଲୁ ।

ଅକ୍ସଫୋର୍ଡ଼ର କୁଇନ୍ ଏଲିଜାବେଥ୍ ହାଉସ୍‌ରେ କମନ୍‌ୱେଲ୍‌ଥ୍ ଦେଶମାନଙ୍କର ଛାତ୍ରମାନେ ରହନ୍ତି । ଏମାନେ ସମସ୍ତେ ପ୍ରାୟ ଫେଲୋ ଅର୍ଥାତ୍ ସରକାରୀ ଖର୍ଚ୍ଚରେ ବା ବୃତ୍ତିପାଇ ବିଲାତରେ ତାଲିମପାଇଁ ଯାଇଥା'ନ୍ତି । ସାଧାରଣ କଲେଜ ବା ବିଶ୍ୱବିଦ୍ୟାଳୟ ପଢ଼ା ଏମାନଙ୍କ କାମ ନୁହେଁ । ଆମମାନଙ୍କ ଭଳି ତିନିମାସ ତାଲିମ ପାଇବାବାଲା ବା କର୍ମଶାଳାରେ ଯୋଗ ଦେବାବାଲା ବହୁତ ଥାଆନ୍ତି । ଦଶମାସିଆ ଉନ୍ନୟନ ପାଠ୍ୟକ୍ରମରେ ତାଲିମ ପାଇବାପାଇଁ ମଧ୍ୟ କେତେକ ସରକାରୀ କର୍ମଚାରୀ ଥାଆନ୍ତି । ତା'ଛଡ଼ା ଆଖପାଖରେ ଅକ୍ସଫୋର୍ଡ଼ ୟୁନିଭରସିଟି ଦେଇଥିବା କେତେକ ଭଡ଼ାଘରେ ବହୁତ ଭାରତୀୟ ଛାତ୍ର, ତଥା ତାଲିମ ଉଦ୍ଦେଶ୍ୟରେ ଯାଇଥିବା ସରକାରୀ କର୍ମଚାରୀ ଥାଆନ୍ତି । ତେଣୁ ୟୁରୋପୀୟ ଭୂଖଣ୍ଡକୁ ପର୍ଯ୍ୟଟନରେ ଯିବାପାଇଁ ବହୁତ ପ୍ରାର୍ଥୀ ମିଳିଲେ ।

ଆମ ଦେଶରେ ଯେପରି କେତେଗୁଡ଼ିଏ ଟୁରିଷ୍ଟ ଅନୁଷ୍ଠାନ ଦଳଦଳ କରି ପର୍ଯ୍ୟଟକମାନଙ୍କୁ ନେବାପାଇଁ ସୁବିଧା ଯୋଗାଇଥା'ନ୍ତି, ବିଲାତରେ ମଧ୍ୟ ସେହିପରି । ବରଂ ବିଲାତରେ ପର୍ଯ୍ୟଟନ ବ୍ୟବସାୟ କରୁଥିବା ସଂସ୍ଥାଗୁଡ଼ିକ ବେଶ୍ ନିୟମିତ ଓ ବିନୀତ । ବହୁତ ଗୁଡ଼ାଏ କମ୍ପାନୀ ଜଳପଥ, ରେଳପଥ ଓ ଆକାଶ ପଥରେ ପରିଭ୍ରମଣ ପାଇଁ ଭିନ୍ନ ଭିନ୍ନ ପ୍ରକାରର ପ୍ୟାକେଜ୍ ଯୋଗାଇଥା'ନ୍ତି । ଆମେ କସ୍‌ମସ୍ କମ୍ପାନୀର ଗୋଟିଏ ଛଅଦିନିଆ ୟୁରୋପ ଭ୍ରମଣ ଯୋଜନା

ନେବାକୁ ଠିକ୍ କଲୁ । ଟମାସ୍ କୁକ୍ ନାମକ ଟ୍ରାଭେଲ ଏଜେଣ୍ଟଙ୍କ ଅଫିସକୁ ଯାଇ କାଗଜପତ୍ର ଦେଖିଲୁ । ପ୍ରାୟ ୨୦।୨୫ଟି ପ୍ରକାରର ଭ୍ରମଣ ଯୋଜନା ବିଭିନ୍ନ କମ୍ପାନୀମାନେ ସେମାନଙ୍କ ପ୍ରଚୁର ପୁସ୍ତିକାରେ ଛପାଇ ବାଣ୍ଟିଥା'ନ୍ତି । ୩୭ ପାଉଣ୍ଡରେ ଉଡ଼ାଜାହାଜରେ ପାରିସ୍‌କୁ ଯିବାଆସିବା ଓ ପାରିସ୍‌ରେ ଗୋଟିଏ ରାତି ରହଣିଭଳି ଖୁବ୍ ଶସ୍ତା ଭ୍ରମଣ ଯୋଜନା ମଧ୍ୟ ଥାଏ । କିନ୍ତୁ ଆମର ଉଦ୍ଦେଶ୍ୟ ଥିଲା ଜଳପଥରେ ଇଂଲିଶ ଚ୍ୟାନେଲ ପାରି ହୋଇ ବସ୍‌ରେ କେତୋଟି ଦେଶ ବୁଲିବୁ । ଶସ୍ତା ପଡ଼ିବ, ବେଶି ଦେଖିହେବ । ଆମ ଯୋଜନାରେ କେବଳ ଫ୍ରାନ୍‌ସ, ଜର୍ମାନୀ ଓ ବେଲଜିୟମ୍ ଥିଲା । ଏଥିପାଇଁ ଆମେ ଅଗ୍ରୀମ ଦେଇ ତିନିଜଣଙ୍କର ରିଜର୍ଭେସନ୍ କରିଥିଲୁ ।

ଆମେମାନେ ଲଣ୍ଡନ୍‌ରେ ଥିଲାବେଳେ ଆମ ଦେଶର ଦୂତାବାସକୁ ଦୁଇ ତିନିଥର ଯିବାଆସିବା କରିଥିଲୁ । ସେ ହେଉଛି ଅପ୍ରେଲ ୨୭ ରୁ ୨୮ର କଥା । ସେତେବେଳେ ଦୂତାବାସର କେତେକ ଲୋକ ଆମକୁ ଉପଦେଶ ଦେଇଥିଲେ ଯେ କାଳେ କେବେ ଫ୍ରାନ୍‌ସ, ଜର୍ମାନୀ ଆଦି ଯାଇପାର, ସେଥିପାଇଁ ଆଗରୁ ଭିସା କରିଦିଅ । ସେହି ସମୟରେ ଆମ ଭିତରୁ କେତେଜଣ ଭିସା କରି ନେଇଥିଲେ । ମୁଁ ମୋର ପାସ୍‌ପୋର୍ଟରେ ଭିସା ଦରକାର କରାଇବାପାଇଁ ଆମ ଦୂତାବାସରୁ ଫ୍ରାନ୍‌ସ, ଜର୍ମାନୀ, ଇଟାଲୀ, ସ୍ୱିଜରଲାଣ୍ଡ ଓ ବେନେଲକ୍‌ସ ଦେଶ (ବେଲ-ଜିୟମ, ନେଦରଲାଣ୍ଡସ୍ ଓ ଲକ୍ସେମବର୍ଗ—ଏହି ତିନୋଟି ଦେଶକୁ ସଂକ୍ଷେପରେ ବେନେଲକ୍‌ସ କୁହାଯାଏ ଓ ଏହି ତିନୋଟି ଦେଶପାଇଁ ଭିସା ବେଲଜିୟମ ଦୂତାବାସ କରେ) ଦୂତାବାସମାନଙ୍କୁ ଚିଠି ଲେଖାଇ ନେଲି । ୨୭ ଅପ୍ରେଲର କଥା । କିନ୍ତୁ ଭିସା ଆଣିବାକୁ ଗଲିନାହିଁ । ସେଇଁଠାରେ ଭିସା ଲେଖାଇବାକୁ ପଡ଼ିବ ସେଠାରେ ଦରଖାସ୍ତ ଓ ଫିସ୍ ସାଙ୍ଗରେ ପାସ୍‌ପୋର୍ଟଟିକୁ ଦେବାକୁ ପଡ଼େ । ସେହିଦିନ ପାସ୍‌ପୋର୍ଟ ଫେରିପାଇବା ବଡ଼ କଷ୍ଟ । ପ୍ରତ୍ୟେକ ଦୂତାବାସରୁ ଭିସା ଆଣିବାକୁ ପ୍ରାୟ ଦିନଟିଏ ଲାଗେ । ପାଖରେ ପାସ୍‌ପୋର୍ଟ ନଥିଲେ ନୂଆ ନୂଆ ସ୍ଥାନକୁ ଯାଇଥିବା ଲୋକ ନିଜର ପ୍ରମାଣ ଦେବା କଷ୍ଟ ହେବ । ଅଧିକନ୍ତୁ ଲଣ୍ଡନ ଛାଡ଼ିଗଲେ ଅକ୍‌ସଫୋର୍ଡରେ କାଳେ ପାସ୍‌ପୋର୍ଟ ଦରକାର ହେବ, ଏହି ଭୟରେ ଭିସା କଲିନାହିଁ । ଦ୍ୱିତୀୟ କଥା—ବିଲାତରେ ପହଞ୍ଚି ନ ପହଞ୍ଚୁ ୟୁରୋପ ଭ୍ରମଣ ବିଷୟରେ ନିଷ୍ପତ୍ତି ନେବା ଉଚିତ ମନେ କଲିନାହିଁ । ଅକ୍‌ସଫୋର୍ଡରେ କେତେକ'ଣ ଖର୍ଚ୍ଚ ହେବ, ହାତରୁ କେତେ କ'ଣ ବାଳିଯିବ, ଜଣା ନଥିଲା । ୟୁରୋପ ଯିବା ତ ହାତରୁ ପଡ଼ିବ ।

ପରେ ଜାଣିଲି ଯେ, ପ୍ରଥମେ ବେଲଜିୟମରୁ ଭିସା ନେଇଥିଲେ ସେହିଦିନ

ପାସ୍‌ପୋର୍ଟ ଫେରସ୍ତ ନେଇ ଆଉ ଗୋଟିଏ ଦୂତାବାସରେ ଦେଇ ହୋଇଥା'ନ୍ତା । କାରଣ ବେଲଜିୟମ ଦୁଇଦିନ ଭିତରେ ପାସପୋର୍ଟରେ ଭିସା ଦରଜ କରାଇ ଫେରାଇ ଦେଉଥିଲା । କିନ୍ତୁ ବଡ଼ ବଡ଼ ଦେଶଗୁଡ଼ିକ ପାସ୍‌ପୋର୍ଟକୁ ଗୋଟିଏ ଦିନ ଅଟକାଇ ଦେଉଥିଲେ । ୧୦ । ୫ । ୮୪ରେ ମୁଁ ଫରାସୀ ଦୂତାବାସରୁ ଭିସା ଦରଜ କରାଇ ନେଇଥିଲି । ମୋର ପାସ୍‌ପୋର୍ଟଟି ସରକାରୀ (ଅଫିସିଆଲ) ପାସ୍‌ପୋର୍ଟ ହୋଇଥିବାରୁ ଫରାସୀ ଦୂତାବାସ ମୋତେ VISA DE SERVICE ବା ସରକାରୀ ଭିସା ଦେଇଥିଲା । ସରକାରୀ ପାସ୍‌ପୋର୍ଟ ଥିବାରୁ ମୋତେ କୌଣସି ଫିସ୍ ପଡ଼ିନଥିଲା । ୧୦ ମେ'ରୁ ୯ ଜୁଲାଇ ପର୍ଯ୍ୟନ୍ତ ଏ ଭିସା ବଳବତ୍ତର କରାଇ ନେଇଥିଲି । ବେନେଲକ୍ସ ଦେଶମାନଙ୍କ ତରଫରୁ ବେଲ-ଜିୟମର ଦୂତାବାସରୁ ୧୭ । ୫ । ୮୪ରେ ମୁଁ ସରକାରୀ ଭିସା ପାଇଥିଲି । ସରକାରୀ ପାସ୍‌ପୋର୍ଟର ରଙ୍ଗ ଧଳା । ଏହା ଦେଖିଲାକ୍ଷଣି ଅଧିକାରୀମାନେ ମୋତେ ସରକାରୀ କର୍ମଚାରୀ ବୋଲି ଜାଣି ଯାଉଥିଲେ । ମୋ ସାଙ୍ଗରେ ଥିବା ଡାକ୍ତରେ ଓ ଭାନୁକାନ୍ ବେସରକାରୀ ପାସ୍‌ପୋର୍ଟ ନେଇଥିବାରୁ ଭିସା ନେବାପାଇଁ ଫିସ୍ ଦେବାକୁ ବାଧ୍ୟ ହୋଇଥିଲେ । ପ୍ରତ୍ୟେକ ଭିସାରେ ଗୋଟିଏ ତାରିଖ ଦିଆ ହୋଇଥାଏ, ତା' ପୂର୍ବରୁ ସେ ଦେଶରେ ପ୍ରବେଶ କରିବାକୁ ପଡ଼ିବ । ଭିସାରେ କେତେଦିନ ପାଇଁ ଭିସା ବଳବତ୍ତର ତାହା ଲେଖା ହୋଇଥାଏ । ଅର୍ଥାତ୍ ସେ ଦେଶରେ ପ୍ରବେଶ କରିବା ଠାରୁ ସେତେଦିନ ଭିତରେ ସେ ଦେଶ ଛାଡ଼ିବାକୁ ପଡ଼ିବ । ଏହିସବୁ ଦୃଷ୍ଟିରୁ ଭିସା ମାଗିବାବେଳେ ଦରଖାସ୍ତ ଫର୍ମ ପୂରଣ କରିବା ପ୍ରତି ଦୃଷ୍ଟି ଦେବା ଦରକାର । ଆମମାନଙ୍କର ବିଳାତ ତାଲିମ ଜୁଲାଇ ୭ରେ ସରୁଥିବାରୁ ମୁଁ ସେହି ତାରିଖକୁ ବିଦେଶକୁ ଯିବାର ଶେଷ ତାରିଖ ବୋଲି ଦର୍ଶାଇଥାଏ । ଅର୍ଥାତ୍ ଜୁଲାଇ ୭ ପୂର୍ବରୁ ମୁଁ ଯେକୌଣସି ଦିନ ଯାଇପାରେ । ଥରେ ଗଲେ କାଳେ ୭ ଦିନରୁ ବେଶି ହୋଇଯିବ, ସେଥିପାଇଁ ମୁଁ ୧୪ ଦିନର ଭିସା ମାଗିଥିଲି । ଏହି କାରଣରୁ ମୋର ଭିସାରେ ୧୪ ଦିନପାଇଁ ଅନୁମତି ଓ ୭ । ୭ । ୮୪ ପୂର୍ବରୁ ପ୍ରଥମ ପ୍ରବେଶ ବୋଲି ଉଲ୍ଲେଖ ଥିଲା । ଇତିମଧ୍ୟରେ ଜର୍ମାନୀର ଦୂତାବାସ ଖୋଜି ପାଇବାରେ ଆମକୁ ଅସୁବିଧା ଘଟିଥିଲା । ଏଥିପାଇଁ ଥରେ ଲଣ୍ଡନ ଆସି ଦିନଟିଏ ନଷ୍ଟ କରିଥିଲୁ । କାରଣ ୧୨ଟା ପରେ ସେମାନେ ଆଉ ଦରଖାସ୍ତ ଗ୍ରହଣ କରନ୍ତି ନାହିଁ ବୋଲି କହିଲେ । ଅଧିକନ୍ତୁ ସେଠାରେ ଥିବା କର୍ମଚାରୀମାନଙ୍କ ବ୍ୟବହାର ତେତେ ଭଦ୍ର ନଥିଲା ।

ମଝିରେ ମଝିରେ ଟମାସ୍ କୁକ୍‌ର ଅକ୍ସଫୋର୍ଡ଼ ଅଫିସ୍‌କୁ ଯାଇ ଆମର ୟୁରୋପଗସ୍ତ ସମ୍ପର୍କରେ ଜିଜ୍ଞାସା ଖବର ବୁଝୁଥିଲୁ । ଦିନେ ସୁଇଜରଲାଣ୍ଡ ପ୍ରଦେଶର

ଆଇ. ଏ. ଏସ୍ ଅଫିସର ଶ୍ରୀ ମୁଖାର୍ଜି ମୋତେ ଖବର ଦେଲେ ଯେ, ଆମେ ଜର୍ମାନ, ଫ୍ରାନ୍ସ ଆଦି ଯିବାପାଇଁ ଯେଉଁ ପ୍ରୋଗ୍ରାମର ଅନ୍ତର୍ଭୁକ୍ତ ହୋଇଥିଲୁ, ତାହା ବାତିଲ ହୋଇଯାଇଛି । ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ସେହି ଟ୍ରିପ୍‌ରେ ଆମମାନଙ୍କ ସାଙ୍ଗରେ ଯାଉଥାନ୍ତେ ବୋଲି ଅଗ୍ରୀମ ଟିକଟ କରିଥିଲେ । ଏ ଖବର ପାଇ ଆମେ ତିନିଜଣ—ଲିଲି, ତଙ୍ଗରେ ଓ ମୁଁ ଟମାସ୍‌କୁକ୍ ଅଫିସରେ ପହଞ୍ଚିଲୁ । ଏଜେଣ୍ଟ ହିସାବରେ ତାଙ୍କୁ ମଧ୍ୟ ଖବର ନଥିଲା । ସେ ଫୋନ୍ କରି ଲଣ୍ଡନ୍‌ରୁ ବୁଝିଲା ଯେ, ଶ୍ରୀ ମୁଖାର୍ଜି କହିଥିବା କଥା ସତ । ଟମାସ୍‌କୁକ୍ ଆମକୁ ପଇସା ଫେରାଇ ନେବାକୁ କହିଲା । ଇଂଲଣ୍ଡ ଚ୍ୟାନେଲ୍‌କୁ ପାର କରାଉଥିବା ଫିଲିଙ୍କ୍ କମ୍ପାନୀର କର୍ମଚାରୀମାନେ ଧର୍ମଘଟ କରିଥିଲେ ଓ ଜର୍ମାନୀ ସରକାର ସେହି ସମୟରେ କୌଣସି କାରଣରୁ ଅବାଧ ଯାହା ଉପରେ କଟକଣା କରିଥିଲେ । ତେଣୁ ଆମେ ଟମାସ୍‌କୁକ୍‌ଙ୍କ ଅଧିକାରୀମାନଙ୍କୁ କହିଥିଲୁ ଯେ, ୭ ଦିନର ଯୋଜନା ନକରି ଓ ଜର୍ମାନ ଯିବାର ଯୋଜନା ପରିତ୍ୟାଗ କରି ଆମମାନଙ୍କ ପାଇଁ କେବଳ ଫ୍ରାନ୍ସ, ବେଲଜିୟମ ଓ ହଲାଣ୍ଡ୍ ଭ୍ରମଣ କରିବାର ୫ ଦିନିଆ ଯୋଜନାରେ ନିଅନ୍ତୁ । ଉକ୍ତ ଯୋଜନାର ନାମ ଥିଲା, ଟୁଅର ୪୭୦୦ । ଜୁନ୍ ୧୮ରେ, ଲଣ୍ଡନରୁ ଡୋଭର ଦେଇ ବେଲଜିୟମ୍‌ର ଓଷ୍ଟଏଣ୍ଡ୍ ବାଟେ ବ୍ରସେଲସ୍‌ରେ ପହଞ୍ଚିବ । ୧୯ରେ ବ୍ରସେଲସ୍‌ରୁ ଆମ୍‌ଷ୍ଟାରଡାମ୍ । ୨୦ରେ ଆମ୍‌ଷ୍ଟାର ଡାମ୍‌ରୁ ପାରିସ୍, ୨୧ରେ ପାରିସ୍ ଓ ୨୨ରେ ପାରିସ୍‌ରୁ କାଲେଇ ଓ ଡୋଭର ଦେଇ ଲଣ୍ଡନ ଫେରିବା । ଅକ୍ସଫୋର୍ଡ଼୍‌ରୁ ଲଣ୍ଡନ ଯିବା ଓ ଲଣ୍ଡନରୁ ଅକ୍ସଫୋର୍ଡ଼୍ ଆସିବାର ଖର୍ଚ୍ଚ ହାତରୁ ଅଧିକା । ଟମାସ୍‌କୁକ୍ ଏହି ଯୋଜନାରେ ରାଜି ହେଲା ଓ ସେହି ଅନୁଯାୟୀ ଅଗ୍ରୀମ ରଖିଲା ।

ଏପରି ଯୋଜନାକୁ ମୋର ଅସମ୍ପୂର୍ଣ୍ଣ ଥିବା ଭିସା ବେଶ୍ କାମ ଦେଲା । କାରଣ ଜର୍ମାନୀ ଦୂତାବାସରୁ ଭିସା ଆଣିବା ଦରକାର ପଡ଼ିଲା ନାହିଁ । ବିଭିନ୍ନ ଦୂତାବାସ ବୁଲି ଭିସା ସଂଗ୍ରହ କରିବା ଗୋଟିଏ ମନେ ରଖିବାର ଅନୁଭୂତି । ମେ ୧୦ରେ ଭିସା ଆଣିବାପାଇଁ ଆମେ ପାଞ୍ଚଜଣ ଯାତ୍ରୀ ଲଣ୍ଡନ ଯାଇଥିଲୁ । ସେହି ଦିନ ଆମ ସମସ୍ତଙ୍କ ପାସ୍‌ପୋର୍ଟ ଦରଖାସ୍ତ ସହିତ ଦୂତାବାସ କର୍ମଚାରୀଙ୍କୁ ଧରାଇଦେଲୁ । ବହୁତ ଦୂରରୁ ଆସିଛୁ ବୋଲି ଅନୁନୟ ବିନୟ ହୋଇ କହିଲା ପରେ ଫରାସୀ ଦୂତାବାସର ଅଧିକାରୀମାନେ ସେହିଦିନ ସନ୍ଧ୍ୟାବେଳ ସୁଦ୍ଧା ଭିସା ଦରଜ କରାଇ ଫେରାଇ ଦେଇଥିଲେ । କିନ୍ତୁ ସେଠାରୁ ଜର୍ମାନୀ ଦୂତାବାସ ଖୋଜିବାପାଇଁ ଆମକୁ ବହୁତ ସମୟ ଲାଗିଥିଲା । ଫରାସୀ ଦୂତାବାସ ୨୨ ନମ୍ବର ଉଇଲଟନ୍ କ୍ରିସେଣ୍ଟ ଠାରେ ଥିବାବେଳେ ପଶ୍ଚିମ ଜର୍ମାନୀର ଦୂତାବାସ

୨୩ ନମ୍ବର ବେଲଗ୍ରେଭ ସ୍କୋୟାରରେ । ସେତେବେଳେ ଝିପି ଝିପି ବର୍ଷା ହେଉଥାଏ । ତା' ସାଙ୍ଗକୁ ସୁଲୁସୁଲିଆ ଥଣ୍ଡା ପବନ ଆମକୁ ଥରାଇ ଦେଉଥାଏ । ଦୁଇଟି ଦୂତାବାସ ମଧ୍ୟରେ ଦୂରତା ବେଶି ନଥିଲେ ମଧ୍ୟ କେଉଁ ବାଟରେ ଗଲେ ଜର୍ମାନୀ ଦୂତାବାସରେ ପହଞ୍ଚିବୁ ଆମେ ଜାଣି ପାରୁନଥିଲୁ । ବର୍ଷା, ପବନ, ପୁଣି ମଧ୍ୟାହ୍ନ ସମୟ, ତେଣୁ ରାସ୍ତା ପ୍ରାୟ ଶୂନ୍ୟ ଥିଲା । ଜଣେ ଅଧେଙ୍କୁ ପଚାରି ଯାହା ଜାଣିଲୁ, ସେଥିରେ ଆମକୁ ବେଶି ଘୂରିବାକୁ ପଡ଼ିଲା । ଶ୍ରୀମତୀ ମୁଖାର୍ଜୀ ଶୀଘ୍ର ଶୀଘ୍ର ଚାଲିପାରୁ ନଥିବାରୁ ତାଙ୍କ ପାଇଁ ମଝିରେ ମଝିରେ ଆମକୁ ଅପେକ୍ଷା କରିବାକୁ ପଡ଼ୁଥିଲା । ଶେଷରେ ଜର୍ମାନୀ ଦୂତାବାସରେ ପହଞ୍ଚିଲା ବେଳକୁ ବାରଟା ପାରି ହୋଇଯାଇଥିଲା । ସେଦିନ ଭିସାପାଇଁ ଦରଖାସ୍ତ ନେବାର ସମୟ ଚାଲିଗଲାଣି ବୋଲି ସେମାନେ କହିଲେ । ଶ୍ରୀ ଓ ଶ୍ରୀମତୀ ମୁଖାର୍ଜୀଙ୍କୁ ସେଇଠାରେ ଛାଡ଼ି ଲଣ୍ଡନ୍‌ରେ ସେଦିନ ଥିବା ଆମର ପାଠ କାର୍ଯ୍ୟକ୍ରମକୁ ଆମେ ଫେରି ଆସିଲୁ । ସେଦିନ ଆମର ୯ ନମ୍ବର କିଙ୍ଗ୍ ଷ୍ଟ୍ରିଟ୍, କଭେଣ୍ଟ ଗାର୍ଡ଼ନ ଠାରେ "ଇଣ୍ଟର ଟେକ୍ଟ" ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ମିଟିଙ୍ଗ୍ ଥିଲା । ଇଣ୍ଟରଟେକ୍ଟର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ଡାଲାସ ଠାରେ । ବିଭିନ୍ନ ଦେଶର ବିପର୍ଯ୍ୟୟ-ଉଦ୍ଧାର କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅନୁଷ୍ଠାନମାନେ ବା ତାଲିମ କେନ୍ଦ୍ରମାନେ ଏଇ ଇଣ୍ଟରଟେକ୍ଟ ସଂସ୍ଥାର ପରାମର୍ଶ ଓ ସୁବିଧା ନିଅନ୍ତି । ଜାମାଇକା, ବୋଲିଭିଆ, ଭାରତ, ପେରୁ, ବାଙ୍ଗ୍‌ଲା ଦେଶ, ଗୁଆଟେମାଲା, ଲେବାନନ୍ ଆଦି ପୃଥିବୀର ବହୁତ ଦେଶରେ ବଡ଼ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏମାନେ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ୧୯୭୦ର ନାଇଜେରିଆ ପ୍ରାକୃତିକ ବିପର୍ଯ୍ୟୟରେ ଉଦ୍ଧାର କାର୍ଯ୍ୟକ୍ରମର ଅଭିଜ୍ଞତା ନେଇ ପରବର୍ତ୍ତୀ ଇଣ୍ଟରଟେକ୍ଟ ଅନୁଷ୍ଠାନଟି ପ୍ରତିଷ୍ଠିତ ହୋଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତି ତିନୋଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମଟି ପ୍ରାକ୍-ବିପର୍ଯ୍ୟୟ ଯୋଜନା । ବିପଦପ୍ରବଣ ଅଞ୍ଚଳର ମାନଚିତ୍ର ବା ଠିକଣା କରିବା, କେଉଁ କେଉଁ ଅଞ୍ଚଳ ଓ କେଉଁ କେଉଁ ଲୋକେ, କେଉଁ ପରିମାଣରେ ବିପଦଗ୍ରସ୍ତ ହେବେ ବିଶ୍ଳେଷଣ କରିବା, ବିପଦ ପାଇଁ ପ୍ରସ୍ତୁତ ଯୋଜନା, ଜନସୂଚନା ଦେବା ଯୋଜନା, ସାବଧାନ କରାଇବା ଓ ଲୋକଙ୍କୁ ସ୍ଥାନାନ୍ତର କରାଇବା ଯୋଜନା, ବିପଦଜନିତ ପରିଣାମକୁ ହ୍ରାସ କରିବା ଯୋଜନା ଏବଂ ଭବିଷ୍ୟତ ବିପଦରେ ଯେପରି ଘର ନଭାଙ୍ଗେ ସେଥିପାଇଁ ଗୃହ ନିର୍ମାଣରେ କୌଶଳ ବଦଳାଇବା ଏବଂ ପୁରୁଣା ବିପର୍ଯ୍ୟୟରୁ ମିଳିଥିବା ଶିକ୍ଷାକୁ କାର୍ଯ୍ୟରେ ଲଗାଇବା ଆଦି ପ୍ରଥମ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଦ୍ୱିତୀୟ ପର୍ଯ୍ୟାୟଟି ବିପଦକାଳୀନ କାର୍ଯ୍ୟକ୍ରମ । ଏହି ପର୍ଯ୍ୟାୟରେ ବିପର୍ଯ୍ୟୟ ଓ ସେଥିପାଇଁ ଆବଶ୍ୟକ କ୍ଷୟକ୍ଷତିର ମୂଲ୍ୟାୟନ, କାର୍ଯ୍ୟକ୍ରମର ଯୋଜନା

ଓ ତାହାର ସମ୍ପାଦନ, ବୈପତ୍ତିକ ସହାୟତା, ଜରୁରୀ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ତାଲିମଦେବା ବ୍ୟବସ୍ଥା, ବିପଦଗ୍ରସ୍ତ ଲୋକମାନଙ୍କର ସଙ୍ଗଠନ ଓ ଅନୁଷ୍ଠାନମାନଙ୍କୁ ଲିପ୍ତ କରିବା, ଶରଣାର୍ଥୀ ଶିବିର ଯୋଜନା ଶିବିରରେ ବିପଦକାଳୀନ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା, ଜିନିଷପତ୍ର ପରିବହନ ବ୍ୟବସ୍ଥା, ବିମାନଦ୍ୱାରା ଫଟୋ ତୋଳିବା ଓ କାଳ ଦୃଷ୍ଟି (Remote Sensing) ଆଦି ଦ୍ୱିତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ତୃତୀୟ ପର୍ଯ୍ୟାୟ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଗବେଷଣା । ପରିଚାଳନା କେଉଁ କେଉଁ କ୍ରମରେ ହେବ ଓ କିପରି ହେବ ତାହାର ଯୋଜନା, ବିପଦକୁ ମୁକାବିଲା କରିବାପାଇଁ ସଙ୍ଗଠନ କିପରି ହେବା ଦରକାର, ସବୁ ପ୍ରକାର ବିପର୍ଯ୍ୟୟ ପାଇଁ ଗୋଟିଏ ସାଧାରଣ ମାନଦଣ୍ଡ ଓ ପ୍ରୋଗ୍ରାମ କିପରି କରାଯାଇପାରେ ତା'ର ଚିନ୍ତା, ବିପଦକାଳୀନ ବଜେଟ ଓ ହିସାବ ରଖିବା ବ୍ୟବସ୍ଥା ଏବଂ ଏଗୁଡ଼ିକର ମନିଟରିଙ୍ଗ୍ ବା ଦୈନନ୍ଦିନ ପର୍ଯ୍ୟାଲୋଚନା ଓ ପରିଣାମର ମୂଲ୍ୟାୟନ କରିବା ଆଦି ତୃତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ବିପର୍ଯ୍ୟୟ ଘଟିଗଲାପରେ ପୁନର୍ନିର୍ମାଣ କାର୍ଯ୍ୟକ୍ରମ ମାଧ୍ୟମରେ ବିପଦଗ୍ରସ୍ତ ଅଞ୍ଚଳରେ ସମନ୍ୱିତ ପୁନର୍ଗଠନ ଯୋଜନା ତିଆରି କରିବା, ଲୋକ ସମୁଦାୟଙ୍କ ମାଷ୍ଟର ପ୍ଲାନ କରିବା, ଘରଚିହ୍ନ ଓ ବାସଯୋଗ୍ୟ ହେବା ଯୋଗାଇବା ପ୍ରୋଗ୍ରାମ, ଡିଜାଇନ୍, ମରାମତି ଓ ପରିବର୍ତ୍ତନ ସହିତ ଗୃହ ପୁନର୍ନିର୍ମାଣର ଯୋଜନା, ବିପର୍ଯ୍ୟୟ ଯୋଗୁଁ ଓ ବିପର୍ଯ୍ୟୟ ଉପରେ ସାମାଜିକ ତଥା ସାଂସ୍କୃତିକ କାରଣର ମୂଲ୍ୟାୟନ ଏବଂ ଯଥାଶୀଘ୍ର ଅଳ୍ପ ବ୍ୟୟରେ ଲୋକମାନଙ୍କୁ ନିଜ ଗୋଡ଼ରେ ଠିଆ କରାଇବାର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ଆଦି ଚତୁର୍ଥ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ।

ଏ ସମସ୍ତ ଆଲୋଚନାପରେ ଅକ୍ସଫୋର୍ଡ଼ ଉନ୍ନୟନ କର୍ମଶାଳାର ଯୋଗ ଦେଇଥିବା ୩୫ ଜଣ କର୍ମୀବୃନ୍ଦଙ୍କ ମଧ୍ୟରୁ ଲଣ୍ଡନକୁ ଯାଇଥିବା ପ୍ରାୟ ୨୦ ଜଣ ସେଦିନ ସନ୍ଧ୍ୟାରେ ବାର୍ବିକାନ ଥିଏଟରଠାରେ ରୟାଲ ସେକ୍ସପିଅର କମ୍ପାନୀ ଅଭିନୀତ ସେକ୍ସପିଅରଙ୍କ କମେଡ଼ି ଅଫ୍ ଏରରସ୍ ଦେଖିଥିଲୁ ।

ୟୁରୋପ ଭୂଖଣ୍ଡକୁ ଆମର ଯାତ୍ରା ଆରମ୍ଭ ହେଲା—ଅକ୍ସଫୋର୍ଡ଼ରୁ ଜୁନ୍ ୧୮ ସକାଳ ୭ଟାରେ । ଲଣ୍ଡନର ଭିକ୍ଟୋରିଆ ଷ୍ଟେସନରେ ଆମେ ୯ଟାରେ ଟ୍ରେନ୍ ଧରିଲୁ । ପ୍ରାୟ ଦୁଇଘଣ୍ଟା ପରେ ଆମେ ଡୋଭରରେ ପହଞ୍ଚିଲୁ । ୟୁରୋପ ଭୂଖଣ୍ଡକୁ ଯିବାପାଇଁ ଏହା ବନ୍ଦରର ଦ୍ୱାର । ଇଂଲଣ୍ଡ ଚ୍ୟାନେଲ୍‌ର ଅପରପାର୍ଶ୍ୱରେ ମାତ୍ର ୩୪ କି: ମି: ଦୂରରେ ଫ୍ରାନ୍ସର କାଲାଇ ସହର । କିନ୍ତୁ ଆମେ ପ୍ରଥମେ ବେଲଜିୟମ୍‌ର ଓଷ୍ଟେଣ୍ଡ (ପଶ୍ଚିମ ସୀମାନ୍ତ)ରେ

ଓଲ୍ଡାଇବୁ । ପ୍ରାୟ ୮୦ କିଲୋମିଟର ଦୂର । ଡୋଭର ଠାରୁ ପ୍ରତ୍ୟେକ ଦିନ କାଲାଇ ଓଷ୍ଟଏଣ୍ଡ ଓ ଡନ୍‌କର୍କ୍‌କୁ ଜାହାଜ ଚଲାଚଲ କରେ । ଡୋଭର ସହରରେ ୪୦୦ ଫୁଟ ଉଚ୍ଚ ଗୋଟିଏ ଚକ୍ ପାହାଡ଼ ଅଛି । ଏହାକୁ ଦେଖିବାକୁ ବହୁତ ଲୋକ ଆସନ୍ତି । ଏହା ଉପରୁ ଫ୍ରାନ୍‌ସର କାଲାଇ ସହର ଦିଶେ ଏବଂ କାଲାଇରୁ ଏହି ପାହାଡ଼ ଧଳା ପାଗରେ ଦେଖାଯାଏ ବୋଲି ଲୋକେ କହନ୍ତି ।

ଅକ୍‌ସଫୋର୍ଡ଼ରେ କର୍ମଶାଳା ମାଧ୍ୟମରେ ଆମେ ଉଚ୍ଚତର ଜ୍ଞାନ ଅର୍ଜନ କରିବୁ ଅର୍ଥାତ୍ ତାଲିମ ପାଇବୁ ବୋଲି ଧରାଯାଇଥିଲା । ଆମେ ବ୍ରିଟିଶ୍ ସରକାରଙ୍କ ବୃତ୍ତିଦ୍ୱାରା ଏହି କର୍ମଶାଳାରେ ଯୋଗ ଦେଇଥିବାରୁ, ବୃତ୍ତି ପ୍ରଦାନ କରୁଥିବା ବ୍ରିଟିଶ୍ କାଉନ୍‌ସିଲ୍‌ର ଅଧିକାରୀମାନଙ୍କ ବିନା ଅନୁମତିରେ ତାଲିମ କାର୍ଯ୍ୟକ୍ରମ ଛାଡ଼ି ଅନ୍ୟ କେଉଁଆଡ଼େ ଯିବା ମନାଥିଲା । ନହେଲେ, ଲୁଚିଛପି ଇଂଲଣ୍ଡ ଭିତରେ ଦିନେଅଧେ ଏଣେତେଣେ ଯାଉଥିଲୁ । କିନ୍ତୁ ଇଂଲଣ୍ଡ ବାହାରକୁ କିପରି ଯିବୁ ? ଆମ ବିରୁଦ୍ଧରେ ଭାରତ ସରକାରଙ୍କୁ ଜଣାଇ ଦିଆଯିବ, ସେହି ଆଶଙ୍କାରେ ଆମେ ଅକ୍‌ସଫୋର୍ଡ଼ର ୧ ନମ୍ବର ବୋ'ମଣ୍ଟପ୍ଲେସ୍‌ଠାରେ ବ୍ରିଟିଶ କାଉନ୍‌ସିଲ୍ ଅଫିସରେ ଜଣାଇଲୁ । ମୁଁ ବୃତ୍ତିଧନ ବ୍ୟାଙ୍କରେ ସଞ୍ଚୟ କରିବାରେ ଓ କେତେ-ଗୁଡ଼ିଏ ଗ୍ରେଟ ଗ୍ରେଟ କଥାରେ ଅଧିକା ଜାଣିବା ପାଇଁ ଯିବାଆସିବା କରିବାରେ ବ୍ରିଟିଶ କାଉନ୍‌ସିଲ୍‌ର ପ୍ରୋଗ୍ରାମ ଅଫିସର ଶ୍ରୀମତୀ କେ. ପି. କାମେରନ୍ (ସଂକ୍ଷେପରେ ପେଗି କାମେରନ୍)ଙ୍କ ସହିତ ମୋର ଭଲପାଇବାରେ ଘନିଷ୍ଠପରିଚୟ ହୋଇଯାଇଥାଏ । ୟୁରୋପ ଯିବାର ଅନୁମତି ଦେଲାବେଳେ ସେ କହିଥିଲେ "ବେଶିଦିନ ପାଇଁ ଯାଅନାହିଁ । ଟ୍ରେନିଙ୍ଗ୍‌ରେ ବ୍ୟାଘାତ ଘଟୁଛି ବୋଲି ଯଦି ଆପଣମାନଙ୍କର କୋର୍ସ ଡାଇରେକ୍ଟର ରିପୋର୍ଟ କରେ, ତେବେ ଆମେ ଅସୁବିଧାରେ ପଡ଼ିଯିବୁ ଏବଂ ବୃତ୍ତି ମଧ୍ୟ କଟିଯାଇପାରେ । ଏଣୁ କୋର୍ସ ଡାଇରେକ୍ଟର ଇଆନ୍ ଡାଉସ୍‌ଙ୍କୁ ମଧ୍ୟ ଫୁସୁଲାଇବାକୁ ପଡ଼ିଥିଲା । ସେ କହିଥିଲେ ଯୁଆଡ଼େ ଯାଅନା କାହିଁକି, ତୁମମାନଙ୍କୁ ଯେଉଁ ପେପର (ସନ୍ଦର୍ଭ) ତିଆରି କରିବାକୁ ଦିଆଯାଇଛି ତା'ର ପ୍ରସ୍ତୁତିରେ ଯେପରି ଢିଲାପଣ ନ କର ଏବଂ କୌଣସି ପିରିୟଡ଼ ଯେପରି ଅନୁପସ୍ଥିତ ନହୁଅ । ଆମର ସ୍ପୁକ୍ ଓ୍ୱାର୍କସପଟି ଦଶଟି ସପ୍ତାହର ଥିଲା । ଅପ୍ରେଲ ୩୦ ରୁ ମେ' ୧୧ ହାଜାର୍ଡ଼ ରେକଗ୍ନିସନ ବିଲ୍ଡିଙ୍ଗ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ ପ୍ଲାନିଙ୍ଗ୍, ମେ ୧୪ ରୁ ୨୫ ରିଲିଫ୍ ମ୍ୟାନେଜ୍‌ମେଣ୍ଟ, ମେ' ୨୭ ରୁ ଜୁନ୍ ୮ ଡିଜାଷ୍ଟର ପ୍ରିପେୟାର୍ଡ଼ନେସ୍ ଓ ଜୁନ୍ ୧୧ ରୁ ୧୫ ଲୋକାଲ ଟ୍ରେନିଂ ପ୍ରୋଗ୍ରାମ ଭଳି ସ୍ୱତନ୍ତ୍ର ମୋଡ୍ୟୁଲ ଅଧ୍ୟାପକ ତଥା ଅତିଥି-ବକ୍ତାମାନଙ୍କ

ତତ୍ତ୍ୱାବଧାନରେ ସାତ ସପ୍ତାହଧରି ଚାଲିବାର ଥିଲା । ଜୁନ୍ ୧୮ ରୁ ଜୁଲାଇ ୭ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ନିଜ ଦେଶର କୌଣସି ଏକ ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ ଉପରେ ସନ୍ଦର୍ଭ ଲେଖିବାକୁ ନିର୍ଦ୍ଦିଷ୍ଟ ଥିଲା । ତେଣୁ ବିଦେଶକୁ ଗଲେ ଏହି ତିନି ସପ୍ତାହ ମଧ୍ୟରୁ କୌଣସି ଏକ ସପ୍ତାହରେ ଯିବାକୁ ପଡ଼ିବ ବୋଲି ଆମେ ଠିକ୍ କରିନେଲୁ । ଖବର ନେଇ ଜାଣିଲୁ ଯେ, ଇଆନ୍ ଡାଭିସ୍ ପ୍ରଥମ ଦୁଇ ସପ୍ତାହ ଆମେରିକା ଯାଉଛନ୍ତି । ତେଣୁ ତାଙ୍କଠାରୁ ଜୁନ୍ ୧୮ ରୁ ୨୨ ପର୍ଯ୍ୟନ୍ତ ପାଞ୍ଚଦିନ ପାଇଁ ଅନୁମତି ନେବାରେ ଅସୁବିଧା ହେଲା ନାହିଁ ।

ଉନ୍ନତଶୀଳ ରାଷ୍ଟ୍ରମାନଙ୍କରେ ପରିବେଶ ଯୋଜନା କାର୍ଯ୍ୟକ୍ରମରେ ନିୟୋଜିତ ଥିବା ଅଭିଜ୍ଞ ଅଧିକାରୀମାନଙ୍କୁ ଅଧିକ କୌଶଳ ଯୋଗାଇବା ପାଇଁ ଅକ୍ସଫୋର୍ଡ ପଲିଟେକ୍ନିକ୍ର ଫାକଲଟି ଅଫ୍ ଆର୍କିଟେକ୍ଚର, ପ୍ଲାନିଙ୍ଗ୍ ଏଣ୍ଡ ଇଷ୍ଟେଟ୍ ମ୍ୟାନେଜମେଣ୍ଟ ଦ୍ୱାରା କର୍ମଶାଳାଟି ପରିଚାଳିତ ହେଉଥିଲା । ଅଭିଜ୍ଞ ତଥା ପ୍ରାକୃତିକ ବିପର୍ଯ୍ୟୟର ଉଦ୍ଧାର ସହିତ ସମ୍ପୃକ୍ତ ଅଧିକାରୀମାନେ ହିଁ କର୍ମଶାଳାରେ ଯୋଗଦେବେ ବୋଲି ଉଦ୍ଦିଷ୍ଟ ଥିଲା । ୧୯୮୨ର ପ୍ରବଳ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓ ରେଙ୍ଗାଲି ବନ୍ଧ ଯୋଜନାର ବାସଚ୍ୟୁତ ଲୋକମାନଙ୍କର ଥଇଥାନଭଳି କୃତ୍ରିମ ବିପର୍ଯ୍ୟୟ—ଏ ଦୁଇଟି ବିଷୟରେ ସନ୍ଦର୍ଭ ଲେଖି ମୁଁ ଇଆନ୍ ଡାଭିସ୍ଙ୍କ ପ୍ରୀତିଭାଜନ ହୋଇଥିଲି । ରେଙ୍ଗାଲି ବନ୍ଧ ସମ୍ପର୍କରେ ମୋର ସନ୍ଦର୍ଭଟି ଉଚ୍ଚତମ ପ୍ରଶଂସା ପାଇଥିଲା ।

ମୁଁ ଯେତେବେଳେ ଇଆନ୍ ଡାଭିସ୍ଙ୍କୁ ୟୁରୋପ ବୁଲି ଆସିବାପାଇଁ ଅନୁମତି ମାଗିଲି ସେ ଅପାତତଃ କୁଣ୍ଠା ପ୍ରକାଶ କରିଥିଲେ ମଧ୍ୟ ଶେଷରେ ହଁ କରିଥିଲେ । ମୋତେ ଅନୁମତି ମିଳିଯିବାରୁ ଆଉ ଦୁଇଜଣଙ୍କର (ଲାଲ ଓ ତଙ୍ଗେ) ଅନୁମତି ମଧ୍ୟ ମିଳିଗଲା । ଡେଭିସ୍ଙ୍କ ଅନୁମତି ପରେ ପେଗି କାମେରନ୍ଙ୍କ ଠାରୁ ଖଣ୍ଡିଏ ସୁପାରିସ୍ ପତ୍ର ନେଇଥିଲି । ମୁଁ ଜାଣିଥିଲି ଯେ, ଥରେ ୟୁରୋପ ଭୂଖଣ୍ଡରେ ପ୍ରବେଶ କଲେ ୟୁରୋପିଆନ୍ ଇକୋନୋମିକ୍ କମ୍ୟୁନିଟିର ( E. E. C. ) ସଭ୍ୟ ଦେଶମାନଙ୍କରେ ଭ୍ରମଣ କରିବାରେ କୌଣସି ବାଧା ନଥାଏ । ତେଣୁ ଯାହା କିଛି ହଇରାଣ ହେବୁ କାଲାଇଠାରେ, ୟୁରୋପରେ ପାଦ ଦେବାବେଳେ ଓ ଡୋଭରକୁ ଫେରିଲାବେଳେ । ତେଣୁ ବ୍ରିଟିଶ କାଉନ୍ସିଲର ସୁପାରିସ୍ ଚିଠି ଏ ଦିଗରେ ବେଶ୍ କାମ ଦେବ । ଚିଠିଟି ଏ ପ୍ରକାର ଥିଲା—

## ଯାହାଙ୍କ ପାଇଁ ଏହା ଉଦ୍ଦିଷ୍ଟ :

“ଏଦ୍ୱାରା ମୁଁ ଜଣାଉଛି ଯେ ଭାରତରୁ ଆସିଥିବା ଶ୍ରୀ ସତ୍ୟଦେବ ସାହୁ ଅଧ୍ୟୟନ ପାଇଁ ଛୁଟିରେ ସ୍ୱଦେଶ ଯିବାପାଇଁ ଆଶା କରନ୍ତି । ଶ୍ରୀ ସାହୁ ବ୍ରିଟିଶ କାଉନ୍‌ସିଲ ଦ୍ୱାରା ପରସ୍କୃତ ବୈଦେଶିକ ସହଯୋଗ ପାଲମ ବୃତ୍ତିର ଅଧିକାରୀ ଏବଂ ଅକ୍‌ସଫୋର୍ଡ଼ର କୁଇନ୍‌ ଏଲିଜାବେଥ୍‌ ହାଉସ୍‌ ଠାରେ ଅଧ୍ୟୟନ କରୁଛନ୍ତି ।

ଶ୍ରୀ ସାହୁ ତାଙ୍କ ବୃତ୍ତି ନେଇ ଭାରତକୁ ଫେରିବା ପୂର୍ବରୁ ଅକ୍‌ସଫୋର୍ଡ଼ ଆସିବେ ଓ ଅଧ୍ୟୟନ ସମାପ୍ତ କରିବେ ।

ଆପଣ ତାଙ୍କୁ କିଛି ସାହାଯ୍ୟ ସହାନୁଭୂତି ଦେଖାଇ ପାରିଲେ ଅମେ କୃତଜ୍ଞ ହେବୁ ।”

ପେଗି କାମେରନ୍‌
ପ୍ରୋଗ୍ରାମ ଅଫିସର
ଚେଫ ରିଜନାଲ ଡାଇରେକ୍ଟର
( ବ୍ରିଟିଶ କାଉନ୍‌ସିଲ୍‌ )

ଟ୍ରେନ୍‌ଯାତ୍ରା ଆରମ୍ଭ ବେଳଠାରୁ ଅମ୍ଭମାନଙ୍କର ଦାୟିତ୍ୱ, ଯଥା ଟିକଟ ଖର୍ଚ୍ଚ ଓ ଗାଡ଼ିରେ ବସିବା ଓ ଉଠିବା ବ୍ୟବସ୍ଥା, କସ୍‌ମସ୍‌ ଟ୍ରାଭେଲ୍‌ ଏଜେଣ୍ଟଙ୍କ ଉପରେ ଥିଲା । ବାଟରେ ଖାଇବା ଖର୍ଚ୍ଚ ବା ଅନ୍ୟାନ୍ୟ ଖର୍ଚ୍ଚ ଆମ ପକେଟରୁ ଯାଉଥିଲା । ରାତିରେ ରହିବା ପାଇଁ ହୋଟେଲ ବ୍ୟବସ୍ଥା ଓ ଖର୍ଚ୍ଚ ଅମେ ଦେଇଥିବା ପଇସାରୁ ଟ୍ରାଭେଲ୍‌ ଏଜେଣ୍ଟ ବହନ କରୁଥିଲା । ଜାହାଜରେ ଉଠିବା ପୂର୍ବରୁ ଆମ୍ଭେମାନେ ବହିର୍ଗମନ ବା ଏମିଗ୍ରେସନ୍‌ ଅଧିକାରୀଙ୍କ ଠାରୁ ଭିସା ଦେଖାଇ ଦରଜ କରି ନେଉଥିଲୁ । ଆମ ଦେଶରୁ ଅନ୍ୟ ଦେଶକୁ ଯିବାରେ ଯେପରି ତନଖି ହୁଏ, ସେଠାରେ ମଧ୍ୟ ସେହିପରି । କିନ୍ତୁ ଇ. ଇ ସି. ଦେଶ ଭିତରେ ଭ୍ରମଣ କରିବାକୁ ଯାଉଥିବାରୁ ନିୟନ୍ତ୍ରଣ ଟିକ୍‌ କୋହଳ ଥିଲା । ଜାହାଜ ଭିତରେ ବସିଗଲାପରେ ଆଉ ଗୋଟିଏ ନୂଆ ଦୁନିଆ ଭଳି ଲାଗିଲା । ଜାହାଜ ଭିତରେ ଖାଇବା ପିଇବା ଓ ଜିନିଷ କିଣାବିକା ପାଇଁ ଦୋକାନ ଥାଏ । ପିଇବା ପାଇଁ ନରମ ପାନୀୟ ଓ ମଦ ଜାତୀୟ ବିଭିନ୍ନ ପାନୀୟ ଥାଏ । ଜିନିଷପତ୍ର ଟିକେ ଶସ୍ତା, କାରଣ ଏଥିରେ ବିଦେଶଗାମୀ ଚଳକ ଥିବାରୁ ବିଳାତର ବର୍ଦ୍ଧିତ କର ବା ଭାଟ୍‌ ଲାଗୁନଥିଲା ।

ଜାହାଜଟି ଢଳମଳହେଲା । ପାଗ ଭଲ ଥିବାରୁ ଇଂଲିଶ୍ ଚ୍ୟାନେଲ୍ ଶାନ୍ତ ଥାଏ । ତେଣୁ ସମୁଦ୍ର ଯାତ୍ରାର କୌଣସି କଷ୍ଟ ମୋତେ ଅନୁଭୂତ ହୋଇନଥିଲା, ବରଂ ଜାହାଜର ସବା ଉପର ଡେକ୍‌କୁ ଯାଇ ଟହଲ ବୁଲିବାକୁ ବେଶ୍ ଭଲ ଲାଗୁଥିଲା । ବେଶି ଥଣ୍ଡା ଲାଗିଲେ ସବା ଉପରେ ଥିବା କାଚଘର ଭିତରେ ଚୌକିରେ ବସିଗଲେ ବେଶ୍ ଆରାମ ଲାଗୁଥିଲା । ଗୋଟିଏ ଫୋଲଡ଼ିଙ୍ଗ୍ ବ୍ୟାଗ୍ ଭିତରେ କିଛି ଖାଇବା ଜିନିଷ ହାତରେ ନେଇଯାଇଥିଲି । କଦଳୀ ଖାଇବାକୁ ଭଲ ଲାଗେ ବୋଲି ମୁଁ ଡର୍ଜନେ ଟଣ୍ଡେ ପାଚିଲା କଦଳୀ, କିଛି ଆପଲ୍ ନେଇଥିଲି । ପାଣି ନେବାକୁ ଇଚ୍ଛା ଥିଲେ ହେଁ ମୁଁ ଶୁଣିଲି ଅଢ଼େଇ ଲିଟରରୁ ବେଶି ପାଣି ନେଇହେବ ନାହିଁ । ବାଟରେ ତ ପାଣି ମିଳିବ । ଅଯଥା ଖାଲି ବୋତଲଟିଏ ବୋହିବ କାହିଁକି ? ପାଣିନେବା ଇଚ୍ଛା ଛାଡ଼ିଦେଲି । ଫୋଲଡ଼ିଙ୍ଗ୍ ବ୍ୟାଗ୍‌ଟି ୫୦ ପେନ ଦେଇ ମୁଁ କିଣିଥିଲି । ସୁପ୍ ବନ୍ଦ ଥିଲେ ଏହା ପର୍ସ ବା ପଇସାଥଳି ଭଳି କାମକରେ, ଜିପ୍‌ର ଚୁନ୍ ଖୋଲିଦେଲେ ବଜାର ସଉଦା କରିବା ଭଳି ଗୋଟିଏ ବଡ଼ ବ୍ୟାଗ୍ ବା ଥଳି ହୋଇଯାଏ । କାଳେ ବର୍ଷା ହେବ ବୋଲି ଶ୍ରେଷ୍ଠ ଫୋଲଡ଼ିଙ୍ଗ୍ ଛତାଟିଏ ନେଇଥାଏ । ଗୋଟିଏ ମାତ୍ର ପିନ୍ଧା କୋର୍ଟ ପ୍ୟାଣ୍ଟ ଛଡ଼ା ଅନ୍ୟ ଗରମ ପୋଷାକ ନେଇ ନଥିଲି । ହାତରେ ଗୋଟିଏ ଶାଲ, ଗୋଟିଏ ସ୍ୱେଟର, ଅଧିକା ଗୋଟିଏ ଲେଖାଏଁ ଚଡ଼ି, ଗଞ୍ଜି ନେଇଥାଏ ଏବଂ ଗୋଟିଏ ଲେଖାଏଁ ପଞ୍ଜାବୀ ଓ ପାଇଜାମା ନେଇଥାଏ । ସବୁଗୁଡ଼ିକ ମିଶିଗଲେ ମଧ୍ୟ ମୋର ବ୍ରିଫକେସ୍‌ର ଅଧା ଫାଙ୍କା ରହୁଥାଏ । ୟୁରୋପ ଭୂଖଣ୍ଡ ଅପେକ୍ଷାକୃତ ଗରମ ବୋଲି ଅଧିକ ଗରମଲୁଗା, ଟୋପି ଓ ମଫଲର ନେବାକୁ ଉଚିତ୍ ମନେ କରିନଥିଲି । ଯେଉଁଠି ହୋଟେଲରେ ରହିବି ସେଠି ସାବୁନ ନିଶ୍ଚୟ ମିଳିବ ଏବଂ ଚଡ଼ି, ଗଞ୍ଜି ଆଦି ପ୍ରତିଦିନ ସଫା କରିହେବ, ଏହି ଆଶାରେ ଅନ୍ୟ କିଛି ନେଇନଥିଲି । ତେଣୁ ୟୁରୋପ ଯାତ୍ରାରେ ବେଶି କିଛି ବୋହିବାକୁ ପଡ଼ିନଥିଲା । ପ୍ରାୟ ତିନିଘଣ୍ଟାରୁ ଅଧିକ ଜଳଯାତ୍ରା କାଳରେ ମଧ୍ୟାହ୍ନ ଭୋଜନ କରିବାକୁ ପଡ଼ିଥିଲା । ସାଧାରଣତଃ ଆମେ ପାଞ୍ଚଜଣ ଗୋଟିଏ ଧାଡ଼ିରେ ବସୁଥିଲୁ, କିନ୍ତୁ ଜାହାଜର ଉପର ଡେକ୍‌କୁ ଗଲାପରେ କିଏ କୁଆଡ଼େ ଗଲେ ମୁଁ ଜାଣି ପାରିଲି ନାହିଁ । ଏହାର କାରଣ ପାଇଁ ବେଶି କିଛି ଗବେଷଣାକୁ ଯିବାକୁ ପଡ଼ିଲା ନାହିଁ । ଜାହାଜରେ ଥିବା କେତେକ ଯାତ୍ରୀ ଜାହାଜର ଡେକ୍‌ଟିକୁ ସମୁଦ୍ରର ବେଳାଭୂମି ଭଳି ବ୍ୟବହାର କରୁଥିଲେ । ଅର୍ଥାତ୍ କେତେକ ସ୍ତ୍ରୀଲୋକ ସେମାନଙ୍କ ସାଙ୍ଗସାଥୀ ବା ପ୍ରେମିକ ସହିତ ବେଶ୍ ମଉଜରେ ରହୁଥିଲେ । ପୁରୁଷମାନେ କେବଳ ଚଡ଼ି ପିନ୍ଧିଥା'ନ୍ତି ତ ସ୍ତ୍ରୀମାନେ ପ୍ୟାଣ୍ଟି ଓ ବ୍ରା ପିନ୍ଧିଥା'ନ୍ତି । ଅନ୍ୟସବୁ ପୋଷାକ ଓହ୍ଲାଇ ଦେଇଥା'ନ୍ତି । ଖରାରେ ଫୁଙ୍ଗୁଳା ଦେହରେ ଶୋଇ ଚମର

ରଙ୍ଗ ବଦଳାଉଛନ୍ତି ବୋଲି କହୁଥା'ନ୍ତି । ଆମେ କଳା ଲୋକମାନେ ଗୋରା ହେବାପାଇଁ ଖରାରୁ ଦୂରେଇ ଯାଉଥିବାବେଳେ ଏହି ଗୋରା ଲୋକମାନେ ନିଜର ଚମକୁ ଟିକେ ଲାଲଚିଆ ମଇଳା କରିବାପାଇଁ ଖରାରେ ଗଡ଼ନ୍ତି । ଆଶ୍ଚର୍ଯ୍ୟର କଥା ! ଯାହାର ଯେଉଁଟା ଅଛି ସେଥିରେ ସେ ସନ୍ତୁଷ୍ଟ ନୁହେଁ । ଅନ୍ୟର ଯାହା ଅଛି, ଆମର ତାହା ନାହିଁ ବୋଲି ଆମେ ବଡ଼ ବ୍ୟସ୍ତ ଓ ଦୁଃଖିତ । ଏଭଳି ଫୁଙ୍ଗୁଳା ଦେହରେ ଗଡୁଥିବା ନାରୀପୁରୁଷମାନଙ୍କୁ ଦୂରରୁ ଦେଖିବାପାଇଁ କୌଣସି ଏକ ସୁବିଧା ସ୍ଥାନରେ ବସିବାପାଇଁ ଅଣ-ୟୁରୋପୀୟମାନେ ବେଶ ଉତ୍ସୁକ ଥାନ୍ତି । ତେଣୁ ଆମ ପାଞ୍ଚଜଣଙ୍କ ଭିତରୁ କିଏ କେଉଁଠି ଥାଏ, ଖୋଜିବାକୁ ବି କେହି ଇଚ୍ଛା କରୁନଥିଲେ । ଅବଶ୍ୟ ଶ୍ରୀ ଓ ଶ୍ରୀମତୀ ମୁଖାର୍ଜୀ ଗୋଟିଏ ସ୍ଥାନରେ ଥିବେ ବୋଲି ଭାବିବା କଥା ।

ଆମେ ପ୍ରାୟ ଅପରାହ୍ଣ ସାଢ଼େ ୧ଟା ପରେ ଓଷ୍ଟେଣ୍ଡ୍‌ରେ ପହଞ୍ଚିଲୁ । ସେଠାରୁ ୟୁରୋପ ଭୂଖଣ୍ଡରେ ଥିବା କସ୍‌ମସ୍‌ ଟ୍ରାଭେଲ ଏଜେନ୍ସିର କର୍ମଚାରୀମାନେ ଆମ୍ଭମାନଙ୍କୁ ବସ୍‌ରେ ନେବାର ବନ୍ଦୋବସ୍ତ କରିଥିଲେ । ଜାହାଜରୁ ଓହ୍ଲାଇଥିବା ଲୋକମାନଙ୍କ ଭିତରୁ ଯେଉଁମାନେ ଟୁରିଷ୍ଟ ସେମାନେ ବନ୍ଦରରୁ ବାହାରି ଗଲାପରେ ବସ ଟର୍ମିନାଲରେ ସଂପୃକ୍ତ ଟ୍ରାଭେଲ୍ ଏଜେଣ୍ଟମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲେ । ଅବଶ୍ୟ ବନ୍ଦରରୁ ବାହାରିବା ପୂର୍ବରୁ ଆମ୍ଭମାନଙ୍କ ପାସ-ପୋର୍ଟରେ ବେଲଜିୟମ୍‌ର ଅନ୍ତର୍ଗମନ (ଇମିଗ୍ରେସନ୍) ଅଧିକାରୀମାନେ ଦରଜ କରିଥିଲେ । ଆମେ କ'ଣ ନେଉଛୁ ନ ନେଉଛୁ କିଛି ପଚାରି ନଥିଲେ । ସହଜେ ତ ମୋର ଅଫିସିଆଲ୍ ପାସ୍‌ପୋର୍ଟ ଥିଲା । ତେଣୁ ପାସ୍‌ପୋର୍ଟ ବହିର ରଙ୍ଗ ଦେଖି ସେମାନେ ଆଉ କିଛି ପଚାରୁ ନଥିଲେ । ଆଉ କେତେଜଣ ପରିବ୍ରାଜକଙ୍କ ସହିତ ଆମେ ପାଞ୍ଚଜଣ ଭାରତବାସୀ ଗୋଟିଏ ବସ୍‌ରେ ବସିଲୁ । ଏସବୁ ଯାତ୍ରୀ ଗୋଟିଏ ପ୍ରକାର ପରିଭ୍ରମଣ ଯୋଜନା ଅନ୍ତର୍ଭୁକ୍ତ ଥିବାରୁ ଗୋଟିଏ ବସରେ ବସି-ଥିଲୁ, ଯୋଜନାର ନାମ ଟୁଅର ୫୭୦୦ । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ବସରେ ଯେତେଲୋକ ଧରିବେ ସେହି ଅନୁଯାୟୀ ଯାତ୍ରୀଙ୍କ ଅଗ୍ରୀମ ବୁକ ହୋଇ ଥାଏ । ଅଧିକ ପରିବ୍ରାଜକ ବାହାରିଲେ ପୁରା ବସ୍ ଭର୍ତ୍ତି ହେବାଭଳି ଯାତ୍ରୀ ନହେଲେ, ଯାତ୍ରୀମାନଙ୍କୁ ଅପେକ୍ଷା ତାଲିକାରେ ରଖାଯାଏ; କିନ୍ତୁ ସଂରକ୍ଷଣ କାଏମ (କନଫାର୍ମ) କରାଯାଏ ନାହିଁ । ପୁରା ବସ୍‌ରୁ ସଂଖ୍ୟା କମ୍ ହେଲେ ଅପେକ୍ଷା ତାଲିକାରେ ଥିବା ଲୋକଙ୍କୁ ପଇସା ଫେରନ୍ତ ଦିଆଯାଏ । ଏହି କାରଣରୁ ବୋଧହୁଏ ଆମେ ଆଗରୁ ଦେଇଥିବା ଜର୍ମାନୀ ଭ୍ରମଣ ବାତିଲ ହୋଇଥିବ ।

ଆମେ ଯେଉଁ ବସ୍‌ରେ ଯାଉଥିଲୁ, ସେଥିରେ ଜଣେ ମାତ୍ର ଗାଇଡ୍ ଥାଏ । କୌଣସି ଅସୁବିଧା ବା କଷ୍ଟ ହେଲେ ତା'କୁ ଆମେ ଜଣାଇଲାକ୍ଷଣି ସେ ପ୍ରତି କଥାରେ ଉତ୍ତର ଦିଏ, "ନୋ ପ୍ରୋବ୍ଲେମ୍" ଅର୍ଥାତ୍ ଚିନ୍ତା କରନାହିଁ, ମୁଁ ସାହାଯ୍ୟ କରୁଛି । ବାରମ୍ବାର ତା'ଠାରୁ ଏପରି ଶୁଣି ଶୁଣି ଆମେ ତା'କୁ, "ମିଃ ନୋ ପ୍ରୋବ୍ଲେମ୍" ବୋଲି ଡାକିବା ଆରମ୍ଭ କରି ଦେଇଥିଲୁ । ଆମ ବସ୍ ଓଷ୍ଟେଣ୍ଡ୍‌ରୁ ବ୍ରୁଜେସ୍ ଓ ଘେଣ୍ଟ ସହର ମଧ୍ୟଦେଇ ଅପରାହ୍ନ ୭ଟା ସୁଦ୍ଧା ବ୍ରସେଲସ୍ ନଗରରେ ପହଞ୍ଚିଲା । ସନ୍ଧ୍ୟା ଆହୁରି ଘଣ୍ଟାଏ ଥାଏ ।

ବ୍ରସେଲସ୍‌ରେ ହୋଟେଲ ସେଣ୍ଟ କାଥେରିନ୍‌ରେ ଆମ୍ଭମାନଙ୍କର ରାତ୍ରି ଯାପନର ବନ୍ଦୋବସ୍ତ ହୋଇଥିଲା । ତା'ପର ଦିନ ଆମକୁ ଆମଷ୍ଟାରଡ଼ାମ ଯିବାର ଥିବାରୁ ସେହି ସନ୍ଧ୍ୟାରେ ଆମକୁ ବ୍ରସେଲସ୍ ସହରରେ ଯାହା କିଛି ଦେଖିବାର କଥା ତାହା ସବୁ ଦେଖି ନେବାକୁ ପଡ଼ିଥିଲା । ପ୍ଲେସ୍ ସେଣ୍ଟକାଥେରିନ୍‌ରେ ଅବସ୍ଥିତ ଉକ୍ତ ହୋଟେଲରେ ଜିନିଷପତ୍ର ରଖିଦେଇ, ଧୁଆଧୋଇ ହୋଇ, ଆମେ ପାଞ୍ଚଜଣ ପଦବ୍ରଜରେ ବାହାରିପଡ଼ିଲୁ । ଆମମାନଙ୍କ ସାଥିରେ ଥିବା ଅଧିକାଂଶ ଯାତ୍ରୀ ଭଡ଼ାକରି ବସ୍‌ରେ ନଗର ପରିକ୍ରମା କରିଥିଲେ ।

ସାଧାରଣତଃ ପ୍ରତ୍ୟେକ ରାଷ୍ଟ୍ରର ରାଜଧାନୀ କୌଣସି ଗୋଟିଏ ବଡ଼ ନଦୀକୂଳରେ ଥାଏ । କିନ୍ତୁ ବ୍ରସେଲସ୍, ସେନ୍ନା ନାମକ ଗୋଟିଏ ଛୋଟ ନଦୀ କୂଳରେ ଅବସ୍ଥିତ । ଏହା ସେଲଡ଼୍‌ଟ ନଦୀର ଗୋଟିଏ ଉପନଦୀ । କିନ୍ତୁ ବଡ଼ ବଡ଼ କାଲ, ରାସ୍ତା ଓ ରେଳ ଲାଇନ ଦ୍ୱାରା ଆମଷ୍ଟାରଡ଼ାମ, ବେଲଜିୟମର ପ୍ରସିଦ୍ଧ ବନ୍ଦର ଆଣ୍ଟୱାର୍ପ ସହିତ ସଂଯୁକ୍ତ । ବ୍ରସେଲସ୍ ମଧ୍ୟଦେଇ ଫ୍ରାନ୍ସରୁ ହଲାଣ୍ଡକୁ ଓ ଓଷ୍ଟେଣ୍ଡ୍‌ରୁ କେନ୍ଦ୍ର ୟୁରୋପକୁ ଅନ୍ତର୍ଜାତୀୟ ରେଳ ରାସ୍ତା ଅଛି ।

ବେଲଜିୟମର ସବୁଠାରୁ ଦର୍ଶନୀୟ ସ୍ଥାନ ହେଉଛି ଗ୍ରାଣ୍ଡପ୍ଲେସ୍ । ବ୍ରସେଲସ୍‌ର ଆଧୁନିକ ଚାକଚକ୍ୟ ମଧ୍ୟରେ ଏହି ଅଞ୍ଚଳଟି ସବୁଠାରୁ ପୁରାତନ । ଏଠାରେ ଥିବା ଟାଉନ୍‌ହଲ, "ହୋଟେଲ ଡ଼ି ଭିଲେ", ଦେଖିବାର ଜିନିଷ । ୧୫ଶ ଶତାବ୍ଦୀର ଏହି ପ୍ରାସାଦଟି ୩୭୦ ଫୁଟ ଉଚ୍ଚ ଏବଂ ଏହାର ଶିଖରରେ ସେଣ୍ଟ ମାଇକଲଙ୍କର ସ୍ୱର୍ଣ୍ଣାଚ୍ଛାଦିତ ମୂର୍ତ୍ତି ଅଛି । ସେଣ୍ଟ ମାଇକଲ ହେଉଛନ୍ତି ବ୍ରସେଲସ୍ ନଗରୀର ଇଷ୍ଟ ମହାପୁରୁଷ । ଏହି ଟାଉନ୍ ହଲରେ ବହୁତ ପୁରାତନ କାଗଜପତ୍ର,ଛବି ଓ ଚିତ୍ର ରହିଛି । ଏହାର ସମ୍ମୁଖରେ ୧୭ଶ ଶତାବ୍ଦୀର "ମାଇସନ୍

ଡ଼ୁ ରସ୍ଥ” ନାମକ ପ୍ରାସାଦଟି ରାଜାଙ୍କ ବାସସ୍ଥାନ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ, କେବେହେଲେ ରାଜପରିବାରର ବ୍ୟବହାର ହୋଇନାହିଁ । ହଲାଣ୍ଡ ଓ ବେଲଜିୟମରେ ରାଜାମାନେ ହିଁ ରାଷ୍ଟ୍ର ମୁଖ୍ୟ ।

ବ୍ରସେଲସ୍‌ର ବିଶ୍ୱବିଦ୍ୟାଳୟ ୧୮୭୪ରେ ସ୍ଥାପିତ । ଆମେ ଶୁଣିବାକୁ ପାଇଲୁ ଯେ, ୟୁରୋପରେ ଯେତେ ବିଶ୍ୱବିଦ୍ୟାଳୟ ଅଛି ସବୁଗୁଡ଼ିକ ଚର୍ଚ୍ଚ କିମ୍ବା ରାଷ୍ଟ୍ରର ସହାୟତାରେ ତିଆରି, କିନ୍ତୁ ଏକମାତ୍ର ବ୍ରସେଲସ୍ ବିଶ୍ୱବିଦ୍ୟାଳୟ ଚର୍ଚ୍ଚ ବା ରାଷ୍ଟ୍ରର ସାହାଯ୍ୟ ନ ନେଇ ଗଢ଼ିଉଠିଛି । ଇତିହାସରୁ ଜଣାଯାଏ ଯେ, ୧୮୩୧ ରୁ ହିଁ ବେଲଜିୟମ ସ୍ୱତନ୍ତ୍ର ରାଷ୍ଟ୍ର ଭାବରେ ସ୍ୱୀକୃତ ହୋଇଛି । ପୂର୍ବରୁ ଏହା ଯଥାକ୍ରମେ ସ୍ପେନ୍, ଫ୍ରାନ୍ସ, ହଲାଣ୍ଡ ଆଦି ରାଜାଙ୍କ ଅଧୀନରେ ଥିଲା ।

ପ୍ରତି ବର୍ଗ କିଲୋମିଟରରେ ଜନସଂଖ୍ୟା ହିସାବକୁ ନେଲେ ବେଲଜିୟମର ସ୍ଥାନ ପୃଥିବୀର ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ଆଗରେ ରହିବ । ପ୍ରତି ବର୍ଗ କିଲୋ-ମିଟରରେ ପ୍ରାୟ ୬୦୦ ଲୋକ ବାସ କରନ୍ତି । ଆମ ଦେଶରେ ପ୍ରତି ବର୍ଗ କିଲୋମିଟରରେ ୨୧୬ ଲୋକ ବାସ କରନ୍ତି ବୋଲି ୧୯୮୧ ଜନଗଣନାରୁ ଜଣାଯାଏ । ଏତେ ଘନ ଜନସଂଖ୍ୟାର କାରଣ ବେଲଜିୟମ ଖୁବ୍ ଶିଳ୍ପୋନ୍ନତ ଦେଶ । ୧୯୦୮ରେ ରାଜା “ଲିଓପୋଲଡ୍ ୨ୟ” କେନ୍ଦ୍ର ଆଫ୍ରିକାର କଙ୍ଗୋ ଉପତ୍ୟକାକୁ ଉପନିବେଶ କରି ନେବାପରେ ସେଠାକାର ଖଣିଜପଦାର୍ଥ, ଶସ୍ୟ ଶ୍ୟାମଳ କ୍ଷେତ୍ର ଓ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରି ବେଲଜିୟମ ଶିଳ୍ପୋନ୍ନତ ଦେଶ ହୋଇଗଲା । ୧୯୬୦ରେ ହିଁ ବେଲଜିଆନ୍ କଙ୍ଗୋ ସ୍ୱାଧୀନ ଦେଶ ହେଲା ।

ଆମ ଦେଶଭଳି ବେଲଜିୟମ ମଧ୍ୟ ଧର୍ମନିରପେକ୍ଷ ରାଷ୍ଟ୍ର । କିନ୍ତୁ ରୋମାନ୍ କାଥୋଲିକ୍ ଧର୍ମର ଲୋକେ ସଂଖ୍ୟାଗରିଷ୍ଠ । ଆମ ଦେଶରେ ଯେପରି ଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ବିବାଦ ଲାଗେ, ବେଲଜିୟମରେ ସେହିଭଳି ଦୁଇଟି ଭାଷା ଗୋଷ୍ଠି ମଧ୍ୟରେ ସବୁଦିନେ ବିବାଦ ଲାଗିରହିଛି । ଉତ୍ତର ବେଲଜିୟମ୍‌ର ଲୋକେ ଫ୍ଲେମିଙ୍ଗ୍; ସେମାନେ ଫ୍ଲେମିଙ୍ଗ୍ ଭାଷା କହନ୍ତି । ଏହି ଭାଷା ଓଲନ୍ଦାଜ (ଡଚ୍) ଭାଷାଭଳି ଲେଖିବାକୁ, କିନ୍ତୁ ଉଚ୍ଚାରଣରେ ଭିନ୍ନ । ଦକ୍ଷିଣ ବେଲଜିୟମର ଲୋକେ ୱାଲୁନ୍; ସେମାନେ ଏକପ୍ରକାର ଫରାସୀ ଭାଷା କହନ୍ତି । ଦୁଇ ଭାଷାଭାଷୀ ଅଞ୍ଚଳକୁ ଆଗେ ଘନଜଙ୍ଗଲ ଭାଗ କରୁଥିଲା । ଏବେ ଜଙ୍ଗଲ ନାହିଁ । ବେଲଜିୟମକୁ ଫ୍ଲେମିସ୍ ଭାଷାରେ ବେଲଜି (Belgie) ଓ ଫରାସୀରେ

ବେଲଜିକ୍ (Belgique) କହନ୍ତି; ତେଣୁ ସେ ଦେଶର ନୋଟରେ, ଡାକ ଟିକଟରେ ଦୁଇଟିଯାକ ଲେଖାଥାଏ । କିନ୍ତୁ ଫରାସୀଭାଷା, ଆଭିଜାତ୍ୟର ଭାଷା, କର୍ମକର୍ତ୍ତାଙ୍କ ଭାଷା । ହଲାଣ୍ଡ ଅଧୀନରେ ଥିବାବେଳେ ଏହି ଫରାସୀଭାଷୀ ଅଞ୍ଚଳ ହିଁ ହଲାଣ୍ଡ ରାଜା ଓ୍ୱିଲିଅମଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲା । ୧ମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନମାନେ ଫ୍ଲେମିସ୍ ଓ ଫରାସୀଭାଷୀଙ୍କ ମଧ୍ୟରେ ବିଭେଦର ମଞ୍ଜି ପୋତିଥିଲେ । ପରେ ବେଲଜିଆନ୍‌ମାନେ ନିଜର ଭୁଲ୍ ବୁଝି ପାରିଛନ୍ତି ଓ ଦୁଇ ଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରି ଆସିଛନ୍ତି । ୧୯୬୦ ରୁ ଘେଣ୍ଟ ବିଶ୍ୱବିଦ୍ୟାଳୟକୁ ଫ୍ଲେମିସ୍ ବିଶ୍ୱବିଦ୍ୟାଳୟ କରାଯାଇଛି ।

ବ୍ରସେଲସ୍ ଗଲେ ମାନେକେନ୍ ପିସ୍ ନ ଦେଖିଲେ ଲୋକେ ବ୍ରସେଲସ୍ ଯାଇଛ ବୋଲି କହିବେ ନାହିଁ । ମାନେକେନ୍‌ପିସ୍ ଙ୍କର ଖୋଜି ଖୋଜି ଆମେ ଆଗେଇଲୁ । ବାଟରେ ଗ୍ରାଣ୍ଡପ୍ଲେସ ପାଖାପାଖି ଗୋଟାଏ କୋଠାର କାନ୍ଥରେ ଶୋଇଥିବା ଗୋଟିଏ ମୂର୍ତ୍ତିକୁ ଛୁଇଁ ଛୁଇଁ ଯିବାକୁ ସମସ୍ତେ କହିଲେ । ଲୋକଙ୍କର ବିଶ୍ୱାସ ଯେ ଉକ୍ତ ମୂର୍ତ୍ତିଟିକୁ ଛୁଇଁଲେ ଆଉଥରେ ବ୍ରସେଲସ୍ ଆସିବାକୁ ପଡ଼ିବ । ଆମେ ସମସ୍ତେ ବେଶ୍ ଆଗ୍ରହରେ ତା'କୁ ଛୁଇଁଲୁ । କାଳେ ଆଉଥରେ ବ୍ରସେଲସ୍ ଆସିହେବ । ଏତେ ଖର୍ଚ୍ଚ, ଏତେଦୂର, କେବେ ଆସିପାରିବି—ଏ ମୋର ଚିନ୍ତାର ବାହାରେ । କିନ୍ତୁ ୟୁରୋପର ଲୋକେ ଯେ ଆମ ଦେଶର କଳିଙ୍ଗବଟ ବା ବାଞ୍ଛାବଟ ଭଳି କେତେଗୁଡ଼ିଏ ଅନ୍ଧବିଶ୍ୱାସ ରଖିଛନ୍ତି ଏହା ତା'ର ଗୋଟିଏ ନମୁନା । ମୁଁ ମାନେକେନ୍‌ପିସ୍ ବିଷୟରେ ଆଗରୁ ପଢ଼ିଥିଲି । ତେଣୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଖୁବ୍ ବେଗରେ ଆଗେଇଗଲି । ସହରର ପୁରୁଣା ଅଞ୍ଚଳରେ ଗୋଟିଏ ଛୋଟ ଛକଉପରେ ଲଙ୍ଗଳା ପିଲାଟିଏ ପରିସ୍ରା କରୁଅଛି । ବହୁତ ପରିବ୍ରାଜକ ତା'କୁ ଦେଖିବାପାଇଁ ଭିଡ଼ ହୋଇଛନ୍ତି । ପରିସ୍ରା କରୁଥିବା ମୂର୍ତ୍ତିଟି ଦୁଇଟି କାନ୍ଥର କୋଣରେ । ଅନ୍ୟ ଦୁଇପାଖ ଲୁହାବାଡ଼ ଦ୍ୱାରା ଘେରା ହୋଇଛି । କଥାଅଛି ଯେ, ପ୍ରାୟ ସାଢ଼େ ତିନିଶହ ବର୍ଷ ତଳେ ବ୍ରସେଲସ୍ ନଗରୀର ଜନୈକ ବରିଷ୍ଠ ନାଗରିକଙ୍କ ଛୋଟ ପୁଅଟି ହଜିଗଲା । ବହୁତ ଖୋଜିଲେ । କେଉଁଠି ନପାଇ ସେ ଘୋଷଣା କଲେ ଯେ, ଯଦି ପିଲାଟି ମିଳିଯାଏ, ସେ ପିଲାଟିର ବ୍ରୋଞ୍ଜ ବା କଂସା ମୂର୍ତ୍ତିଟିଏ ତିଆରି କରାଇ 'ସହରକୁ ଉତ୍ସର୍ଗ' କରାଇବେ । ତାଙ୍କ ଘୋଷଣା ଥିଲା ଯେ, ପିଲାଟି ଯେପରି ଅବସ୍ଥାରେ ଯେଉଁଠାରେ ମିଳିବ, ସେହିପରି ଅବସ୍ଥାର ମୂର୍ତ୍ତିଟିଏ ସେହିଠାରେ ଗଢ଼ିଦେବେ । ବେଲଜିଆନ୍ ଭାଷାରେ ମାନେକ (Manneke) ଅର୍ଥ ଛୋଟପିଲା । ପିସ୍ (Pis) ଅର୍ଥ ମୂତିବା । ପିଲାଟି କାନ୍ଥକୋଣରେ ନୁନିକୁ ଧରି ମୂତୁଥିବା ଅବସ୍ଥାରେ ମିଳିଥିଲା ବୋଲି ତା'

ବାପା ହେଉଥିଲା ଗୋଟିଏ ବ୍ରୋଞ୍ଜ ମୂର୍ତ୍ତି ତିଆରି କରି ଦେଇଛନ୍ତି । ଲଙ୍ଗଳା ପିଲାର ମୂତିବା ଦେଖି ଯେଉଁ ଟୁରିଷ୍ଟମାନେ ଅଶ୍ଳୀଳ କହୁଥିଲେ, ସେମାନେ ଏକଥା ଶୁଣିଲାପରେ ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ । ନଗରପାଳିକା ଜଳଯୋଗାଣ ପାଇପ୍ ସାହାଯ୍ୟରେ ଅନବରତ ପରସ୍ରା କରିବାର ବନ୍ଦୋବସ୍ତ କରିଦେଇଛି । ଇତିହାସରୁ ଜଣାପଡ଼େ ଯେ, ୧୬୬୮ ଖ୍ରୀଷ୍ଟାବ୍ଦରୁ ମାନେକେନ୍ ପିସ୍ ଫୁଆରାଟି ବ୍ରସେଲସ୍ ନଗରର ଗୋଟିଏ ଚିହ୍ନରୂପେ ରହିଆସିଛି । ମୋ ପିଲାମାନଙ୍କର ନିର୍ଦ୍ଦେଶ ଥିଲା, ୟୁଆଡ଼େ ଯିବ, ସେଠାକାର କିଛି ଗୋଟାଏ ଚିହ୍ନ ଆଣିବ । ତାହା ସେହି ଅଞ୍ଚଳର ବିଶେଷତ୍ବ ହୋଇଥିବ । ବ୍ରସେଲସ୍‌ର ଲେସ୍‌କାମ ପୃଥିବୀ ପ୍ରସିଦ୍ଧ । ଅବଶ୍ୟ ଗାଲିଚା ଓ ଗୃହସାମଗ୍ରୀ ତିଆରିରେ ବ୍ରସେଲସ୍ ନଗର ମଧ୍ୟ ପ୍ରସିଦ୍ଧ । ମୁଁ ବ୍ରସେଲସ୍ ନଗରରୁ ମାନେକେନ୍ ପିସ୍ ଲେସ୍‌କାମଟି କିଣି ଆଣିଥିଲି—ଫ୍ରେମ ଏବଂ କାନ୍ଥରେ ଟଙ୍ଗା ହେବାଭଳି ।

ଆମେ ବ୍ରସେଲସ୍‌ରେ ହୋଟେଲରେ ରହିବା ପୂର୍ବରୁ ବାଟରେ ଥରେ ଅଟକି ଥିଲୁ, କାଳେ କିଏ ଜଳଖିଆ କରିବ ବୋଲି । ଆମ ଦେଶରେ ଯେପରି, ୟୁରୋପରେ ମଧ୍ୟ ସେହିପରି । ଟୁରିଷ୍ଟମାନଙ୍କୁ ନେଉଥିବା ଗାଇଡ୍‌ମାନେ ବା ବସ୍ ଡ୍ରାଇଭରମାନେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ହୋଟେଲ ପାଖରେ ଅଟକାଇଥାଆନ୍ତି । ସେମାନଙ୍କର ଆଗରୁ କଥାବାର୍ତ୍ତା ଥାଏ । ଯାତ୍ରୀ ଆଣିଦେଲେ, ବିକ୍ରି ବଢ଼େ । ତେଣୁ ଡ୍ରାଇଭର ଓ ଗାଇଡ୍ ପାଇଁ ମାଗଣା ଖାଇବାକୁ ମିଳେ । ଆମ ରାଜ୍ୟରେ ଯେଉଁମାନେ ବସ୍‌ରେ ଯିବାଆସିବା କରନ୍ତି, ସେମାନେ ଲକ୍ଷ୍ୟ କରିଥିବେ ଯେ, ଖାଇବା ବା ଜଳଖିଆ ବେଳ ହେଲେ ବସ୍‌ଟି ସବୁଦିନ ଗୋଟିଏ ନିର୍ଦ୍ଦିଷ୍ଟ ହୋଟେଲ ପାଖରେ ଅଟକେ । ବ୍ରସେଲସ୍ ଯିବା ରାସ୍ତାରେ ଅପରାହ୍ନ ଖାଇବା ବେଳକୁ ଗୋଟିଏ ନିର୍ଦ୍ଦିଷ୍ଟ ହୋଟେଲ ପାଖରେ ବସଟି ଅଟକିଲା । କେବଳ ସେତିକି ନୁହେଁ, ଭିତ୍ରି ହୋଟେଲ ଭିତରକୁ ଯିବାପାଇଁ ଗାଇଡ୍ ଆମକୁ ଡାକିଲା । ଆମେ ସମସ୍ତେ ଭାରି ଜୋର୍ ବଡ଼ ଶୋଷରେ ଥିଲୁ । ମୁହଁ ହାତଗୋଡ଼ ଧୋଇ ପାଣି ପିଇବା ପାଇଁ ମାଗିଲୁ । ଆମକୁ ଧାରଣା ଦିଆଯାଇଥିଲା ଯେ, ହାତ ଧୋଇବା ଯାଗା ବା ଓ୍ବାସ୍‌ବେସିନ୍‌ରୁ ପାଣି ପିଇବା ଉଚିତ୍ ନୁହେଁ । ମୁଁ ବୋତଲେ ପିଇବା ପାଣି ମାଗିଲି । ଷ୍ଟ୍ୟାଣ୍ଡ୍ ବୋତଲ ପରି ବୋତଲଟିଏ, ପ୍ରାୟ ୭୦୦ ମିଲି-ଲିଟର ପାଣି ଧରିବ । ହୋଟେଲବାଲା କହିଲା, ଗୋଟିଏ ଫ୍ରାଙ୍କ ପଡ଼ିବ । ଗୋଟିଏ ବେଲଜିୟମ୍ ଫ୍ରାଙ୍କ୍‌ର ମୂଲ୍ୟ ପ୍ରାୟ ୧୦ ପେନ୍ସ ବା ୧୪ ଟଙ୍କା । ଆମ ଶୋଷ ଯାଙ୍ଗେ ଯାଙ୍ଗେ ମରିବା ଆରମ୍ଭ କଲା । କିନ୍ତୁ କେତେ ସମୟ ଧରି ବିନା ପାଣିରେ ରହିବା ? ଜଳଖିଆ ନ ଖାଇଲେ ପାଣି ମିଳିବ ନାହିଁ ବୋଲି କହିଲା । ଆମେ

ସୁପ୍ ଥିବା ଜନୈକ ବନ୍ଧୁର କଳ୍ପନା, ପାଣି ତ ପୁଣି ପିଇବାକୁ ପଡ଼ିବ ! ଆମ ସାଙ୍ଗରେ ଥିବା ଲିଲ୍ ପାଣି ବଦଳରେ ବିଅର ପିଇବ ବୋଲି ଠିକ୍ କଲା । ବିଅର ବୋତଲର ଦାମ୍ ପାଣି ବୋତଲର ଦାମ୍ ପାଖାପାଖି ପଡ଼ିବ ବୋଲି ଶୁଣିଲୁ । ଆମେ ଆଉ ଚାରିଜଣ ପାଣି ପିଇବାକୁ ଠିକ୍ କରି ବୋତଲେ ପାଣି ନେଇ କପେ କପେ ପିଇବାକୁ ଠିକ୍ କଲୁ । ଲିଲ୍ ମଧ୍ୟ କପେ ପିଇବାକୁ ମାଗିଲା । ଜଣକା ୧୮ ପେନ୍ସ ପଡ଼ିଲା । ତା' ସାଙ୍ଗରେ କେହି ବିଅର ପିଇବାକୁ ରାଜି ନ ହେବାରୁ, ତା'କୁ ପୁରା ବିଅରର ଦାମ୍ ଦେବାକୁ ପଡ଼ିଥା'ନ୍ତା । ଏଣୁ ସେ ବିଅର ଛାଡ଼ି ପାଣି ପିଇବାକୁ ମନ ବଳାଇଲା । ଏହି ଅଭିଜ୍ଞତା ଫଳରେ ପରେ ପରେ ଆମେ ଯେଉଁଠି ସୁବିଧା ପାଇଲୁ ଶୋଷ ନଥିଲେ ବି ପାଣି ପିଇନେଉଥିଲୁ । ପାଣି ନଥିଲେ ଜଳଖିଆ ଖାଇବୁ ନାହିଁ ବୋଲି କହିବାରୁ ଅନେକ ସ୍ଥଳରେ ହୋଟେଲ ବା ରେସ୍ତୋରାଁ ବାଲା ପାଣିର ବନ୍ଦୋବସ୍ତ କରୁଥିଲେ । ଆମେ ବି ଓ୍ୱାସ ବେସିନ୍ ରୁ ପାଣି ପିଇବାର ଘୃଣା ଛାଡ଼ିଲୁ । ଅନ୍ତତଃ କେହି ନ ଦେଖିଲା ବେଳେ ଓ୍ୱାସ ବେସିନ୍ ରୁ ଢୋକେ ଦି ଢୋକ ପାଣି ପିଇଦେଉଥିଲୁ ।

ୟୁରୋପରେ ଗୁଡ଼ିଏ ଯାଦୁଘର, ଚିତ୍ରକଳା ପାଇଁ ପ୍ରସିଦ୍ଧ । ମ୍ୟୁନିକ୍ ର ପିନାକୋଥିକ (Pinakothek) ଯାଦୁଘର ମଧ୍ୟଯୁଗୀୟ ସଂଗ୍ରହ ପାଇଁ ପ୍ରସିଦ୍ଧ । ଆମଷ୍ଟରଡ଼ାମ୍ ର ରିକ୍ସ (Rijks' ମ୍ୟୁଜିୟମ ପ୍ରଖ୍ୟାତ ଫ୍ଲେମିସ୍ (Flemish) ଚିତ୍ରକାର କୃତିରେ ଅତୁଳନୀୟ । ଭିଏନାର କନ୍ ହିଷ୍ଟୋରିକ୍ସ (Kunothisto-risches) ଯାଦୁଘର ହାପସବର୍ଗ ରାଜବଂଶୀୟ ଚିତ୍ର ସଂଗ୍ରହରେ ପରିପୂର୍ଣ୍ଣ । ବ୍ରସେଲସର ରୟାଲ ବୋ ଆର୍ଟସ ମ୍ୟୁଜିୟମ (Royal Beaux-Arts Museum) ଉଭୟ ପ୍ରାଚୀନ ଓ ଆଧୁନିକ କଳାରେ ଭରପୁର । ପ୍ରକୃତରେ ବ୍ରସେଲ୍ସର ଯାଦୁଘରେ ଆଧୁନିକ ଚିତ୍ରକଳାର ପ୍ରାଧାନ୍ୟ ବେଶୀ । ସାତବର୍ଷ ଧରି ୧୯୦ ଲକ୍ଷ ଡ଼ଲାର ଖର୍ଚ୍ଚରେ ଏହି ଯାଦୁଘରର ଭୂତଳ ଅଂଶ ତିଆରି ହୋଇ ଆଧୁନିକ ଚିତ୍ରକଳା ସଂଗ୍ରହ ପାଇଁ ପ୍ରସ୍ତୁତ କରାଯାଇଛି । ବ୍ରସେଲସ୍ ର ଐତିହାସିକ ପ୍ଲେସ ରୟାଲ (Place Royale) ର ସୌନ୍ଦର୍ଯ୍ୟ ରକ୍ଷା କରିବାକୁ ଯାଇ ବେଲଜିୟମ୍ ର ସରକାର ଏହି ଭୂତଳ ଗର୍ଭ, ୫ ମହଲା ବଙ୍କର (ଖାତ) ତିଆରି କରାଇଛନ୍ତି । ନିର୍ମାଣ ଶୈଳୀ ଖୁବ୍ ଭଲ ହୋଇଥିଲେ ହେଁ ଅନେକ ସ୍ଥାନରେ ଯଥେଷ୍ଟ ଆଲୋକ ପଡ଼ୁନାହିଁ । ତଥାପି କେତେଗୁଡ଼ିଏ ଆଧୁନିକ ଚିତ୍ରର ସୌନ୍ଦର୍ଯ୍ୟକୁ ଏ ଅନ୍ଧାରୁଆ କୋଠରୀଗୁଡ଼ିକ ଅଧିକ ଚମତ୍କୃତ କରାଉଅଛି । ଯେଉଁ ଚିତ୍ରକଳାର ମୁଖ୍ୟ ଅଙ୍ଗ ଆଲୋକ, ତାହା ବେଶ୍ ପ୍ରସ୍ଫୁଟିତ ହେଉଛି । ବନାର୍ଡ଼ଙ୍କ ଆଲୋକରେ ନଗ୍ନ ମହିଳା (Nude against the Light) ଚିତ୍ରଟିରେ ଏକ ଉଜ୍ଜ୍ୱଳ

ପ୍ରଭାତରେ ଶଯ୍ୟାରୁ ଉଠୁଥିବା ଗୋଟିଏ ଯୁବତୀର ସତେଜ ଛବି ରହିଛି । ବ୍ରସେଲସ୍‌ର ଘଣ୍ଟା ତଳେ ଗୋଟିଏ ଉଜ୍ଜଳ ଆଲୋକ ଦ୍ୱାରା ଏକ ଗୁମ୍ଫାରେ ଆଲୋକିତ ହୋଇଥିବା ଏହି ଚିତ୍ରଟି ବେଶ୍ ଜୀବନ୍ତ ଲାଗେ ।

ଏହି ଯାଦୁଘରେ ରେମ୍‌ବ୍ରାଣ୍ଟ, ରୁବେନ୍‌ସ, ଟିପୋଲ୍‌ସ, ବ୍ରୁଗେଲସ୍, ରେନେମାଗ୍ରିଥ୍, ଗଗୁଇନ୍ **(Rembrandts, Rubenses, Tiepolos, Bruegels, Rene Magritte, Gauguin)** ଆଦି ବିଖ୍ୟାତ ଚିତ୍ରକାର-ମାନଙ୍କର କଳା ବ୍ରସେଲ୍‌ସର ଆଧୁନିକ ଏହି ଯାଦୁଘରେ ସ୍ଥାନ ପାଇଅଛି । ବର୍ତ୍ତମାନ ଏହି ଯାଦୁଘର ସମ୍ପୂର୍ଣ୍ଣ ହୋଇଗଲାଣି କିନ୍ତୁ ଜୁନ୍ ମାସ ଶେଷରେ ମୁଁ ଯାଇଥିଲି ବେଳେ ଏହି ଭୂତଳ ଯାଦୁଘରର ଢାଞ୍ଚା ଓ ସାଜସଜ୍ଜାକାମ ଖୁବ୍ ଜୋରସୋରରେ ଚାଲିଥିଲା ।

ଜୁନ୍ ୧୯ରେ ବ୍ରସେଲସ୍ ଛାଡ଼ି ଆମ ବସ୍ ଆମଷ୍ଟାରଡ଼ାମ ଅଭିମୁଖେ ଚାଲିଲା । ଆଣ୍ଟୱାର୍ପ, ବ୍ରାବନ୍ତ ଓ ଡେଲ୍ଫ ହୋଇ ଆମେ ଆମଷ୍ଟାରଡ଼ାମରେ ପହଞ୍ଚିଲୁ । ବେଲଜିୟମ୍, ନେଦରଲାଣ୍ଡ ଓ ଲକ୍‌ଜେମ୍ବର୍ଗ ମଧ୍ୟରେ ଏକ ଚୁକ୍ତିହୋଇ ସ୍ଥିର ହୋଇଛି ଯେ, ତିନିଦେଶ ମଧ୍ୟରେ ଯାତାୟାତ, ଶୁଳ୍କ ଓ ଅନ୍ୟ କଟକଣା ରହିବ ନାହିଁ । ବେଲଜିୟମରୁ ବାହାରିଥିବା ଆମର ବସ୍ ନେଦରଲାଣ୍ଡ ସୀମା ପାର ହେଲାବେଳେ କୌଣସି ଅସୁବିଧା ହେଲା ନାହିଁ ।

ହଲାଣ୍ଡର ଅନ୍ୟନାମ ହେଉଛି ନେଦରଲାଣ୍ଡ । "ନେଦର"ର ଅର୍ଥ ହେଉଛି ପାତାଳ ବା ନିମ୍ନଭୂମି । ହଲାଣ୍ଡର ଅଧିକାଂଶ ଜମି ସମୁଦ୍ରପତନ ଠାରୁ ନିମ୍ନରେ କିମ୍ବା ସମୁଦ୍ର ପତନ ସହିତ ସମାନ । ହଲାଣ୍ଡର ଉପକୂଳ ଖୁବ୍ ବନ୍ଧୁରିତ । ନର୍ଥ ସି ବା ଉତ୍ତର ସାଗରକୁ ଲାଗି ହଜାର ହଜାର ଦ୍ୱୀପ ନେଦର-ଲାଣ୍ଡର ଅନ୍ତର୍ଭୁକ୍ତ । ସମୁଦ୍ର ଦ୍ୱାରା ଘେରି ହୋଇ ଏହି ଓଲନ୍ଦାଜ ଜାତି ମଧ୍ୟଯୁଗରେ ପ୍ରବୀଣ ନାବିକ ହୋଇପଡ଼ିଥିଲେ । ଆମଷ୍ଟାରଡ଼ାମ ସହରଟି ୧୨୪୦ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ବୋଲି କୁହାଯାଏ । ୧୭ଶ ଖ୍ରୀଷ୍ଟାବ୍ଦ ବେଳକୁ ଓଲନ୍ଦାଜମାନେ ପୃଥିବୀର ବିଭିନ୍ନ ସ୍ଥାନରେ ଉପନିବେଶମାନ ସ୍ଥାପନ କରି ଖୁବ୍ ଧନଶାଳୀ ହୋଇ-ଯାଇଥିଲେ । ନୌ ବାଣିଜ୍ୟରେ ଖୁବ୍ ସମୃଦ୍ଧଶାଳୀ ହୋଇ ଯାଇଥିବା ଓଲନ୍ଦାଜ ମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା ଆମଷ୍ଟାରଡ଼ାମ । ଆମଷ୍ଟାରଡ଼ାମ ସହରଟି କେନାଲରେ ଭର୍ତ୍ତି । କେନାଲଗୁଡ଼ିକ ରାସ୍ତାର କାମକରେ । ଏହି କେନାଲଗୁଡ଼ିକ ଯୋଗୁଁ ଆମଷ୍ଟାରଡ଼ାମ ସହରଟି ପ୍ରାୟ ୯୦ରୁ ଅଧିକ ଦ୍ୱୀପରେ ବିଭକ୍ତ ହୋଇ ଯାଇଛି । ଜୁଡ଼ରିଜ ଅଞ୍ଚଳକୁ ପୋତି ସମୁଦ୍ରକୁ ପୁସାଇ ଦିଆଯାଇଛି ଓ ନୂଆ

ସହର ଗଢ଼ା ଯାଇଛି । ବାଣିଜ୍ୟ ବୃଦ୍ଧି ସଙ୍ଗେ ସଙ୍ଗେ ୧୮୨୫ରେ ତିଆରି ହୋଇଥିବା ନର୍ଥ ହଲାଣ୍ଡ କେନାଲ ଯଥେଷ୍ଟ ନ ହେବାରୁ ୧୮୭୬ରେ ନର୍ଥ ସି କେନାଲ ଖୋଲାଗଲା । ବନ୍ଧ ଉପତ୍ୟକା ବା ଡ୍ୟାମ୍ ପ୍ଲେନ୍ (Plein) ଆମଷ୍ଟାର-ଡ଼ାମର ସବୁଠାରୁ ବଡ଼ ଛକ ଯାଗା । ଏହିଠାରେ ହଲାଣ୍ଡର ରାଜପ୍ରାସାଦ ଅଛି । ଇଜ୍ ବନ୍ଦର କୂଳରେ ତିନୋଟି କୃତ୍ରିମ ଦ୍ୱୀପ ଉପରେ ଆମଷ୍ଟାରଡ଼ାମର କେନ୍ଦ୍ର (ସେଣ୍ଟ୍ରାଲ) ଷ୍ଟେସନ ତିଆରି ହୋଇଛି । ଜାତୀୟ ଯାଦୁଘର ବା ରିଇକ୍ସ ମ୍ୟୁଜିୟମ ପ୍ରସିଦ୍ଧ ରେମ୍‌ବ୍ରାଣ୍ଟଙ୍କ ଚିତ୍ରଗୁଡ଼ିକରେ ଭର୍ତ୍ତି । ରେମବ୍ରାଣ୍ଟ (Rembrandt) ୟୁରୋପର ଜଣେ ପ୍ରସିଦ୍ଧ କଳାକାର ଏବଂ ଆମଷ୍ଟାରଡ଼ାମ୍ ତାଙ୍କୁ ଜନ୍ମ ଦେଇ-ଥିବାରୁ ଗର୍ବ କରେ । ହଲାଣ୍ଡର ମୁଖ୍ୟ ବିମାନବନ୍ଦର ଆମଷ୍ଟାରଡ଼ାମର ଦକ୍ଷିଣ ପଶ୍ଚିମରେ ୧୦ କି ମି. ଦୂରରେ ସିଫୋଲ ନାମକ ସ୍ଥାନରେ । ଏହିଠାରେ ହଲାଣ୍ଡର ଜାତୀୟ ବିମାନ କମ୍ପାନି କେ. ଏଲ୍. ଏମ୍. ର ସଦର କାର୍ଯ୍ୟାଳୟ । ଏହାର ପୁରା ନାମ—**Koninglijke Luchtvaart Maatschappij** ବା **Royal Air Travel Company** । ଆମେ ଏହି ସିଫୋଲ ଆନ୍ତର୍ଜାତିକ ବିମାନବନ୍ଦର ନିକଟରେ ହୋଟେଲ ଇବିସ୍ (ibis) ଠାରେ ରାତ୍ରିଯାପନ କରିଥିଲୁ ।

## ଆମଷ୍ଟାରଡ଼ାମ୍‌ର ହୀରା କାରଖାନା :

ଆମଷ୍ଟାରଡ଼ାମ୍‌ର ସବୁଠାରୁ ବଡ଼ ହୀରା କାରଖାନାର ନାମ ଭାନ୍ ମପ୍‌ପେସ ଡାଇମଣ୍ଡ୍ ଫ୍ୟାକ୍ଟ୍ରି । ସମସ୍ତେ ଜାଣନ୍ତି ଯେ ପୃଥିବୀରେ ହୀରା ଶିଳ୍ପରେ ସବୁଠାରୁ ବେଶି ନାଁ କରିଛି ହଲାଣ୍ଡର ରାଜଧାନୀ ଆମଷ୍ଟାରଡ଼ାମ୍ । ଆମଷ୍ଟାରଡ଼ାମର ସବୁଠାରୁ ବଡ଼ ହୀରା କାରଖାନା ଦେଖିବାର ସୁଯୋଗ ପାଇବା ଅର୍ଥ ପୃଥିବୀର ହୀରାଶିଳ୍ପ ସମ୍ପର୍କରେ ବିଶେଷ ଜ୍ଞାନ ପାଇବା । ତେଣୁ ଖୁବ୍ ଆଗ୍ରହରେ ମୁଁ ଦେଖି-ଥିଲି । ଏ କାରଖାନାଟି ୧୮୨୮ ମସିହାରୁ କାମ କରି ଆସୁଛି ଏବଂ ପୃଥିବୀରେ ସୁନାମ ମଧ୍ୟ ଅର୍ଜନ କରିଛି । ପର୍ଯ୍ୟଟକମାନଙ୍କ ପାଇଁ ଏହି କାରଖାନାରେ ଗୋଟିଏ ପ୍ରଦର୍ଶନୀ ମଣ୍ଡପ ଅଛି । ବିଭିନ୍ନ ଆଠଟି ଭାଷାରେ ଏମାନେ ପର୍ଯ୍ୟଟକମାନଙ୍କୁ ବୃତ୍ତାନ୍ତ ଏବଂ ଭିଡ଼ିଓ ଫିଲ୍ମ ସାହାଯ୍ୟରେ ଛବି ଦେଖାଇ କହି ଦିଅନ୍ତି । ସପ୍ତାହର ସାତଦିନଯାକ ଏଠାରେ କାମ ଚାଲେ । ରବିବାର ୧୦ଟାରୁ ଅପରାହ୍ଣ ୫ଟା ଓ ଅନ୍ୟଦିନ ୯ଟାରୁ ୫ଟା । କେବଳ ନଭେମ୍ବର ପହିଲାରୁ ଅପ୍ରେଲ ପହିଲା ପର୍ଯ୍ୟନ୍ତ ରବିବାରଗୁଡ଼ିକ ବନ୍ଦ ଥାଏ । ପୃଥିବୀରେ ଯେତେ ହୀରା ମିଳେ ତା'ର ଶତକଡ଼ା ୯୫ ଭାଗ ଆଫ୍ରିକାରୁ ମିଳିଥାଏ । ଆମ ଦେଶରେ ମଧ୍ୟପ୍ରଦେଶର

ପାନ୍ନାଠାରେ ମଧ୍ୟ କିଛି ହୀରା ମିଳେ । ପୃଥିବୀରେ ଯେତେ ହୀରା ଉତ୍ପାଦନ ହୁଏ, ତା'ର ୮୫% ଭାଗ ଲଣ୍ଡନସ୍ଥ ଡି.ବିଅର୍ସ ସେଣ୍ଟ୍ରାଲ ସେଲିଙ୍ଗ୍ ଅର୍ଗାନାଇଜେସନ ଦ୍ୱାରା କଣାବିକା ହୁଏ । ଏଠାରେ କଣାବିକା ହେଉଥିବା ହୀରାର ୬୦% ରୁ ବେଶି ଆନ୍‌ଟ୍‌ୱର୍ପ୍‌ର କାରଖାନାକୁ ଯାଏ । ସେଠାରେ ଥିବା ପଲିସ କରିବା ଯନ୍ତ୍ରଗୁଡ଼ିକ ଖଣିରୁ ବାହାରିଥିବା ପଥର ହୀରାକୁ ଜାଜ୍ୱଲ୍ୟମାନ ହୀରାରେ ପରିଣତ କରେ । ଯେଉଁ ହୀରାରୁ ଗହଣା ତିଆରି ହୁଏ, ତା'କୁ ସାଧାରଣତଃ ଦୁଇଖଣ୍ଡ କରାଯାଏ । ମିନିଟ୍‌କୁ ୬୦୦୦ ଥର ଘୂରୁଥିବା ଗୋଟିଏ କରତଧାରରେ ଫସ୍‌ଫର ବ୍ରୋଞ୍ଜ ଲଗାଯାଇ ଥାଏ, ଏହି ଧାରଟିରେ ଓଲିଭ ତେଲ ଓ ହୀରାଧୂଳି ବୋଳା ହୋଇଥାଏ । ମୁଁ ଶୁଣିଲି ଗୋଟିଏ କାରେଟ୍ ହୀରା କାଟିବାକୁ ଏହି କରତ ଆଠଘଣ୍ଟା ସମୟ ନିଏ । ମଣିଷ ଯେତେପ୍ରକାର କଠିନ ପଦାର୍ଥ ଜାଣିଛି, ସେମାନଙ୍କ ଭିତରେ ହୀରା ସବୁଠାରୁ କଠିନ । ତେଣୁ ହୀରାକୁ କାଟିବା ବା ପାଲିସ କରିବା ପାଇଁ ହୀରା ହିଁ ବ୍ୟବହାର କରାଯାଏ । ହୀରାର ଆକାର ଆଣିବା ପାଇଁ ତା'କୁ ଆଉ ଗୋଟିଏ ହୀରା ସହିତ ଘୂରୁଥିବା ମେସିନ ଉପରେ ଧରାଯାଏ । ଗୋଟିଏ କାରେଟ୍ ହୀରା କରିବା ପାଇଁ ଏହି ଘୂରୁଥିବା ମେସିନ୍‌ଟି ଗୋଟିଏ ଘଣ୍ଟା ନିଏ । ଏହି ପାଲିସ କରିବା ପ୍ରକ୍ରିୟାରେ ହୀରାର ପ୍ରାୟ ଅଧାଅଧି ନଷ୍ଟ ହୋଇଯାଏ । ହୀରାର ଦାମ୍ ତୁଳନାରେ ଏହି ନଷ୍ଟ ଖୁବ୍ ବେଶି । କିନ୍ତୁ ଏହାର ଔଜ୍ଜ୍ୱଲ୍ୟ ଆଣିବା ପାଇଁ ଏହି ନଷ୍ଟ ଅବଶ୍ୟମ୍ଭାବୀ । ଲୋକଙ୍କ ପସନ୍ଦ ଅନୁଯାୟୀ ହୀରାକଟା ପାଞ୍ଚରକମର । ଗୋଟିଏ ହେଉଛି ଗୋଲ ବା ବ୍ରିଲିଆଣ୍ଟ, ଦ୍ୱିତୀୟଟି ଥୋପା ବା ପିଅର ଆକାର; ତୃତୀୟଟି ଅଷ୍ଟକୋଣୀ ବା ଏମେରାଲ୍‌ଡ଼ କଟ୍, ଚତୁର୍ଥଟି ଅଣ୍ଡାକୃତି ବା ମାରକୁଇଜ୍ କଟ ଓ ପଞ୍ଚମଟି ଚତୁଃ-କୋଣୀ ବା ବାଗୁଏଟ୍ କଟ୍ । ବ୍ରିଲିଆଣ୍ଟ କଟ୍ ହୀରାରେ ୫୮ଟି ମୁହଁ ଥାଏ । ଗୋଟିଏ ଲୁହାଚକ ଉପରେ ଓଲିଭ ତେଲ ଓ ହୀରାଧୂଳି ବୋଳି ତହିଁରେ ମୂଳ ହୀରାର ପାଲିସ କରାଯାଏ । ଗୋଟିଏ ସାଧାରଣ ହୀରାକୁ ଏକ କାରେଟ୍‌ର ବ୍ରିଲିଆଣ୍ଟ କଟ୍ କରିବାକୁ ମିନିଟ୍‌କୁ ୩୨୦୦ ଥର ଘୂରୁଥିବା ଏହି ଚକାଟି ପ୍ରାୟ ଛ'ଘଣ୍ଟା ନିଏ । ଏକ କାରେଟ୍‌ର ଅର୍ଥ ଗୋଟିଏ ଆଉନ୍‌ସର ୧୪୨ ଭାଗରୁ ଭାଗେ ବା ୨୦୦ ମିଲିଗ୍ରାମ । ଆନ୍‌ଟ୍‌ୱର୍ପର ଗହଣା ବଜାର ପ୍ରାୟ ୫୦୦ରୁ ଅଧିକ କିସମର ହୀରାଗହଣା ତିଆରି କରି ବିଭିନ୍ନ ଦେଶକୁ ରପ୍ତାନି କରେ । ଆମକୁ ବୁଲାଇ ଦେଖାଉଥିବା ଗାଇଡ଼ କହୁଥାନ୍ତି ଯେ, ଏଠାରୁ କିଣିଥିବା ହୀରାର କୌଣସି ତ୍ରୁଟି ବାହାରିଲେ କମ୍ପା ଛୋଟ ହୀରା ଫେରାଇ ବଡ଼ ହୀରା ନେବାକୁ କେହି ଚାହିଁଲେ; ଆନ୍‌ଟ୍‌ୱର୍ପ କମ୍ପାନୀ ପୂରାପୂରି କିଣା ପଇସା ଫେରାଇ ଦେବ । ଅର୍ଥାତ୍ ଗହଣାର ଓଜନ ଓ ଗୁଣ ଠିକ୍ ଥିଲା ପର୍ଯ୍ୟନ୍ତ ଯେତେଦିନ ପରେ ଫେରାଇଲେ ବି ସେମାନେ ପଇସାଟିଏ କାଟିବେ ନାହିଁ ।

ଆମ ଭିତରୁ ଅନେକ ଜାଣନ୍ତି ନାହିଁ ଯେ, ହୀରା ଓ ଅଙ୍ଗାର ଭିତରେ ବେଶି କିଛି ପ୍ରଭେଦ ନାହିଁ । ଆମେ ଯେଉଁ ପେନ୍‌ସିଲ୍‌ରେ ଲେଖୁ, ତାହା ଯେଉଁଥିରେ ତିଆରି, ହୀରା ମଧ୍ୟ ସେଥିରେ ତିଆରି । ଅଧାଜଳା କାଠ, ପେନ୍‌ସିଲର ଗ୍ରାଫାଇଟ ଓ ହୀରା, ଏସବୁ ଏକା ପ୍ରକାରର କାର୍ବନ ବା ଅଙ୍ଗାର ପରମାଣୁରୁ ତିଆରି । ସୌରମଣ୍ଡଳରେ ପୃଥିବୀର ତିଆରି ସମୟରେ ଅର୍ଥାତ୍ ତରଳ ପୃଥିବୀ ଥଣ୍ଡା ହୋଇ କଠିନ ହେଉଥିବା ସମୟରେ ସ୍ଥାନେ ସ୍ଥାନେ ଅଙ୍ଗାର ପରମାଣୁ ଗୁଡ଼ିଏ ପ୍ରବଳ ତାପ ଓ ଚାପ ଫଳରେ ହୀରା ସ୍ଫଟିକରେ ପରିଣତ ହୋଇ ଯାଇଛି । ଚାପ ଅଳ୍ପ ହୋଇ ତା'ପ ଅଧିକ ହୋଇଥିଲେ ଏଗୁଡ଼ିକ ପାଉଁଶ ହୋଇ ଯାଇଥା'ନ୍ତା । ପୃଥିବୀରେ ଖଣିରୁ ଯେତେ ପରିମାଣର ହୀରା ବାହାର କରାଯାଉଛି ତହିଁରୁ ମାତ୍ର ୨୦% ଗହଣାଯୋଗ୍ୟ, ବାକି ୮୦% ଶିଳ୍ପଯୋଗ୍ୟ, ଅର୍ଥାତ୍ **Drilling** ବା ଗାତ ଖୋଳିବା, **Grinding** ବା ଗୁଣ୍ଡ କରିବା, ପାଲିସ କରିବା ଆଦି କାମରେ ଏହି ଶିଳ୍ପହୀରା ଲାଗେ । ଗହଣା ଲାଗି ବ୍ୟବହାର ହେଉଥିବା ହୀରାର ଦାମ୍ ଚାରୋଟି ସାଧାରଣ ଗୁଣ ଉପରେ ନିର୍ଭର କରେ, ଇଂରାଜୀରେ ଚାରୋଟି **'C'** କୁହାଯାଏ । **Colour** (ବର୍ଣ୍ଣ), **Clarity** (ସ୍ୱଚ୍ଛତା), **Cut** (କାଟ) ଓ **Carat** (ଓଜନ) । ଇନ୍ଦ୍ରଧନୁରେ ଯେତେ ରଙ୍ଗ ଅଛି, ସେତେ ରଙ୍ଗର ହୀରା ମିଳେ । କିନ୍ତୁ ଈଷତ୍ ନୀଳ-ଧଳା ରଙ୍ଗର ହୀରା ସବୁଠାରୁ ବେଶି ଦାମ୍ । ହୀରା ଭିତରେ ଯେତେ ବେଶି ପରିମାଣର ଆଲୋକ ପଶିପାରିବ, ତାହା ସେତେ ବେଶି ଉଜ୍ଜ୍ୱଳ ଦେଖାଯିବ । ହୀରା ଭିତରେ ମଇଳା ଥିଲେ ଆଲୋକ ପୂରାଭାବରେ ପଶି ବାହାରି ପାରିବ ନାହିଁ । ଅର୍ଥାତ୍ ସ୍ୱଚ୍ଛତା କମ୍ ହେବ । ୧୦ ଗୁଣ ବଡ଼କରି ଦେଖାଉଥିବା କାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସ୍‌ରେ ଦେଖି କୁଶଳୀ କାରିଗର ଯଦି ହୀରା ଭିତରେ କୌଣସି ମଇଳା ଦେଖିବାକୁ ନ ପାଏ, ତାହାହେଲେ ସେ ହୀରାଟି ସ୍ୱଚ୍ଛ ହୀରା ଓ ତା'ର ଦାମ ଅନ୍ୟ ହୀରାଠାରୁ ବେଶି । କାଟ ବିଷୟରେ ପ୍ରାୟ ସମସ୍ତେ ଊଣା ଅଧିକେ ଜାଣନ୍ତି । ଗୁଡ଼ାଏ ମୁହଁଥିବା ପଥର କିମ୍ବା ପ୍ଲାଷ୍ଟିକଟିଏ ଦେଖିଲେ ଆମେ ଡାଇମଣ୍ଡ୍ କଟ୍ କହୁଁ । ଖାଣ୍ଟି ମୁହଁ ନଥିଲେ ଭଲ ହୀରା କୁହାଯାଏ ନାହିଁ । କିନ୍ତୁ ଏହି ମୁହଁଗୁଡ଼ିକ ପରସ୍ପର ସହିତ ଏପରି କୋଣ କରିଥିବା ଦରକାର ଯେ, ଆଲୋକ ଗୋଟିଏ ମୁହଁ ଦେଇ ଭିତରକୁ ପଶିଲେ, ଅନ୍ୟ ମୁହଁମାନଙ୍କ ଦ୍ୱାରା ବିଚ୍ଛୁରିତ ହୋଇ ସର୍ବାଧିକ ଔଜଲ୍ୟ ଦେଖାଇବ । ଯଦି ମୁହଁଗୁଡ଼ିକ ଠିକ୍ ଭାବରେ କଟା ହୋଇ ନଥିବ, ତେବେ ତା'ର ଔଜଲ୍ୟ କମିଯିବ ଏବଂ ତା' ସାଙ୍ଗେ ସାଙ୍ଗେ ଦର ବି । କାରେଟ୍ ହେଉଛି ଓଜନର ଏକ ଶ୍ରେଷ୍ଠ ଏକକ । ୫ କାରେଟ୍‌ରେ ଗୋଟିଏ ଗ୍ରାମ୍ ବା ୧୪୨ କାରେଟ୍‌ରେ ଗୋଟିଏ ଆଉନ୍‌ସ ହୁଏ । କିନ୍ତୁ ଓଜନ ଅନୁପାତୀ

ହୀରାର ଦାମ୍ ଏତେ ବେଶି ପରିମାଣରେ ବଢ଼େ ଯେ ଓଜନର ଗୁଣିତକ ସହିତ ତା'ର ସମ୍ପର୍କ ନ ଥାଏ । ଗୋଟିଏ କାରେଟ୍ ହୀରାର ଦାମ୍ ୨୦୦ ଟଙ୍କା ହେଲେ ୫ କାରେଟ୍‌ର ଦାମ ୧୦୦୦ ନ ହୋଇ ଦେଢ଼ ବା ଦୁଇହଜାର ହୋଇଥାଏ । ୧୦ କାରେଟ୍‌ର ଦାମ୍ ୫ କାରେଟ୍‌ର ତୁଳନାରେ ତିନି ବା ଚାରିହଜାର ନ ହୋଇ ଛ ସାତ ହଜାର ହୋଇଥାଏ । ଏହାର କାରଣ ହୀରା ଯେତେ ବଡ଼, ତାହା ସେତେ ଦୁଷ୍ପ୍ରାପ୍ୟ ।

ଏଠାରେ ମନେରଖିବା କଥା ଯେ, ହୀରା ସବୁଠାରୁ କଠିନ ପଦାର୍ଥ ହୋଇଥିବା ଯୋଗୁଁ, ଏହା ଯେଉଁ ଗହଣାରେ ବ୍ୟବହାର କରାଯାଏ, ତାହା ନରମ ଧାତୁରେ ହେବା ଉଚିତ୍ ନୁହେଁ । କାରଣ ଏହା ଧାତୁକୁ କାଟି ଖସି-ପଡ଼ିବ । ହାର, ନାକଫୁଲ ବା ମୁଦି ଆଦିରେ ହୀରା ଲଗାଇବାକୁ ହେଲେ ତାହା ପ୍ଲାଟିନମରେ ହେବା ଉଚିତ୍ । ୯ କାରେଟ୍‌ରୁ ୧୪ କାରେଟ୍ ସୁନାରେ ହେବା ଉଚିତ୍ । ଏହି ଖନ୍‌ମପ୍‌ପେସ୍ କାରଖାନାରେ ଆମେ ଦେଖିଲୁ ଯେ ଧଳା ସୁନା ବା ହଳଦିଆ ରୁପା ବ୍ୟବହାର କରି ସେମାନେ ହୀରା ଗହଣା ତିଆରି କରୁଛନ୍ତି । ଶୁଦ୍ଧ ସୁନାରେ ଅନ୍ୟ ଖାଦ ନ ମିଶାଇ ସେମାନେ ରୁପା ମିଶାଇ ଧଳାସୁନା ତିଆରି କରୁଛନ୍ତି । ଏହାର ବିପରୀତ ପ୍ରକ୍ରିୟାରେ ସେମାନେ ହଳଦିଆ ରୁପା ତିଆରି କରୁଛନ୍ତି । ହୀରା ସାଙ୍ଗକୁ ଖାପ ଖୁଆଇବାଭଳି ଏଭଳି ମିଶ୍ରିତ ଧାତୁ ତିଆରି କରୁଛନ୍ତି ।

ଆମଷ୍ଟାରଡ଼ାମରେ ଆମେମାନେ ରାଇକ୍‌ସ ମ୍ୟୁଜିୟମ ବା ନାସନାଲ ଗାଲେରୀ, ଭାନଗଗ୍ ମ୍ୟୁଜିୟମ, ରେମବ୍ରାଣ୍ଟ ହାଉସ ଓ କନିଙ୍ଗ୍‌ସପ୍ଲେନ (କାଙ୍ଗସ୍ ସ୍କୋୟାର) ଦେଖିଥିଲୁ । ଲଣ୍ଡନ୍‌ରେ ଯେପରି ମାଡ଼ାମ ଟୁସାଙ୍କ ମୂର୍ତ୍ତି-ଯାଦୁଘର ଅଛି, ଆମଷ୍ଟାରଡ଼ାମ୍‌ରେ ମଧ୍ୟ ସେହିପରି ଗୋଟିଏ ଅଛି ।

ଆମଷ୍ଟାରଡ଼ାମ ତିନୋଟି ବିଭିନ୍ନ ସହର, ସାଥରେ ହୋଟେଲ ଛାତରେ ଠିଆ ହୋଇ ଦେଖିଲେ ଏହା ଭଲଭାବରେ ଜଣାଯାଏ । ପ୍ରାଚୀନତମ ଆମଷ୍ଟାର-ଡ଼ାମ ବନ୍ଦର ପାଖରେ । ତା'ଠାରୁ କମ୍ ପ୍ରାଚୀନ ହେଉଛି ରେମ୍‌ବ୍ରାନସ୍ ପ୍ଲେନ୍ ଅର୍ଥାତ୍ ରେମ୍‌ବ୍ରାନଙ୍କ ଛକ । ଓଲନ୍ଦାଜ ଭାଷାରେ ପ୍ଲେନ୍ (Plain) ମାନେ ଛକ । ଆମଷ୍ଟାରଡ଼ାମର ଏହି ଅଂଶରେ ପ୍ରତ୍ୟେକ ଗୋଟିକିଆ ଘର ଗୋଟିଏ କାଫେ ବା ଗୋଟିଏ ବାର ବା ଗୋଟିଏ ନାଇଟ୍ କ୍ଲବ୍ ବା କାବାରେ ହୋଇଥିବ ନିଶ୍ଚୟ । ତୃତୀୟ ଓ ସବୁଠାରୁ ନୂତନ ଆମଷ୍ଟାରଡ଼ାମ ଲିଡ୍‌ସ ପ୍ଲେନ୍ ନାମକ ଆଉ ଗୋଟିଏ ଚଉଛକର ଚାରିପଟେ । ଆଧୁନିକ ସହର

ଭଳି ଏଠାରେ ମଧ୍ୟ ବହୁତ ସୁନ୍ଦର ନାଇଟ୍‌କ୍ଲବ୍ ଓ କାବାରେ ରେସ୍ତୋରାଁ ଅଛି । ମନେହୁଏ ସତେ ଯେପରି ଅନ୍ଧାର ହେଲାପରେ ଲୋକଗୁଡ଼ାକ ଜୀବନ୍ତ ହୋଇ ଉଠନ୍ତି ଓ ସେମାନଙ୍କ କାମ ବଢ଼ିଯାଏ । ପୁରୁଣା ସହରଟିରେ ଛୋଟ ଛୋଟ ଗଳି ଓ ଚୂପ୍‌ଗ୍ରୁପ୍ ନାଳ ଭର୍ତ୍ତି ହୋଇଛି । ଆମଷ୍ଟାରଡ଼ାମ ସହରରେ ରାସ୍ତା ଯେତେ, ତା'ଠାରୁ କେନାଲ ବେଶି । ପ୍ରାୟ ପ୍ରତ୍ୟେକ କେନାଲରେ ଏକାଧିକ ପୋଲ, ଓଟର ବ୍ରୁଜଭଳି ରହିଛି । ଆମେ ଗୋଟିଏ ମୋଟର ଲଞ୍ଚରେ ଆମଷ୍ଟାରଡ଼ାମ ନଗର ବୁଲିଥିଲୁ । ଆମ ଗାଇଡ୍ ବିଭିନ୍ନ କୋଠା ଦେଖାଇ ପ୍ରାଚ୍ୟରେ ଓଲନ୍ଦାଜମାନଙ୍କର ଉପନିବେଶ ଥିବାର ସମୃଦ୍ଧି ଦେଖାଇଥିଲା । ଛୋଟ ଛୋଟ ଗଳିରାସ୍ତା ଓ କେନାଲକୂଳ ରାସ୍ତାରେ ସାଇକେଲ ଚଳାଳିମାନଙ୍କର ଯିବାଆସିବା ଖୁବ୍ ଭିଡ଼ ଜମାଇଥିଲା ।

ଆମଷ୍ଟାରଡ଼ାମରେ ଆମେ ହୋଟେଲ ଆଇବିସ୍ (Hotel I bis)ରେ ରାତି କଟାଇଥିଲୁ । ଆଇବିସ୍ ଗୋଟିଏ ଫୁଲର ନାଁ । ହୋଟେଲଟି ଯେଉଁ ଜାଗାରେ ଥିଆରି ତାହା ସମୁଦ୍ର ପତ୍ତନ ଠାରୁ ୧୦ ଫୁଟ ତଳେ । ଏହା ଗୋଟିଏ ଫରାସୀ ହୋଟେଲ । ଆମଷ୍ଟାରଡ଼ାମ ଆନ୍ତର୍ଜାତିକ ଏୟାରପୋର୍ଟ ନିକଟରେ ଏହା ଅବସ୍ଥିତ । ତେଣୁ ଖୁବ୍ ନିର୍ଜନ ଜାଗା । ଚଲାବୁଲା କରିବାକୁ ଖୁବ୍ ନବେଳା । ଏଠାରୁ ଏୟାରପୋର୍ଟକୁ ବସ୍ ଯିବାଆସିବା କରେ; କିନ୍ତୁ ଟାଉନ୍‌କୁ ଯିବାକୁ ହେଲେ ନିଜର ଗାଡ଼ି ବନ୍ଦୋବସ୍ତ କରିବା ଦରକାର । ପର୍ଯ୍ୟଟକ ଦଳ ହିସାବରେ ଆମର ସଂରକ୍ଷଣ ହୋଇଥିଲେ ହେଁ ଆମକୁ ରାତି ଭୋଜନ ଓ ଖୋଲ ଜଳଖିଆ ମିଳିଥିଲା । ରାତି ଭୋଜନ (ସେତେବେଳକୁ ସନ୍ଧ୍ୟା ହୋଇ ନଥାଏ) ସମୟରେ ପରିବେଷକମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଭାରତୀୟ ଦେଖି ଆମେ ସନ୍ଦେହରେ ପଚାରିଲୁ । ସେ ଦୁଇଜଣ ଯାଜପୁର ରୋଡ଼ରୁ ଯାଇଥିବା ଦୁଇଜଣ ପଞ୍ଜାବୀ ଯୁବକ । କାମଧନ୍ଦା ଅନ୍ୱେଷଣରେ ସେମାନେ ଏଠାରେ ପରିବେଷକ ବା ହୋଟେଲ ବୟ ହିସାବରେ ରହିଥା'ନ୍ତି । କାଳେ ଆମମାନଙ୍କ ସଙ୍ଗରେ ବେଶି ସମୟ କଥାବାର୍ତ୍ତା ହେବାକୁ ପଡ଼ିବ ଓ ଏହା ଅନ୍ୟମାନେ ସନ୍ଦେହ କରିବେ ବୋଲି ଭାବି ସେ ଦୁହେଁ ଆମମାନଙ୍କ ଟେବୁଲ୍‌ରେ ନ ପରଶି ଅନ୍ୟ ଟେବୁଲକୁ ପଳାଇଲେ । ଏହି ହୋଟେଲରେ ଥିବା ରେସ୍ତୋରାଁ ସକାଳ ୭ ଟାରୁ ରାତି ୧୧ ଟା ପର୍ଯ୍ୟନ୍ତ ଖୋଲାରହେ । ଆମର ରୁମ୍ ଭଡ଼ା ସହିତ ମାର୍କିନ ଢାଞ୍ଚାର ବ୍ରେକ୍‌ଫାଷ୍ଟ ମିଳିଥିଲା । ଜଳଖିଆ ସାଙ୍ଗରେ ଯେତେଥର ଇଚ୍ଛା ସେତେଥର ବେକନ୍, ସ୍କ୍ରାମ୍ବଲ୍‌ଡ୍ ଏଗ୍ (ଅଣ୍ଡାଭଜା) ଓ କମଳାରସ ତଥା କଫି ନେଇ-ପାରିବ । ଏଥିରେ ସୀମା ବା ବାଧା ନାହିଁ । ଏଠାରେ ଥିବା କଫି ଦୋକାନ

ସନ୍ଧ୍ୟା ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଖୋଲା ରହେ । ହୋଟେଲରେ ଯେଉଁଠି ମଦ ବିକ୍ରି ହୁଏ ତାହା କ୍ଲାଉଡ୍ ନମ୍ବର ନାଇନ୍ । ଅପରାହ୍ନ ୪ଟାରେ ଖୋଲା ହୋଇ ଭୋର ୧ଟାବେଳେ ବନ୍ଦ ହୁଏ । ଏହି ହୋଟେଲରେ ଦିନରାତି ଚବିଶଘଣ୍ଟା ବିଦେଶୀ ମୁଦ୍ରା କିଣାବିକା ହୁଏ । ସପ୍ତାହରେ ଥରେ ଇଂରାଜୀ ଫିଲ୍ମ ଭିଡ଼ିଓ କାସେଟରେ ଦେଖାଇ ଦିଆଯାଏ । ଆଶ୍ଚର୍ଯ୍ୟ କଥା ଯେ, ହଲାଣ୍ଡର ଟେଲିଭିଜନ ଶତକଡ଼ା ୫୦ ଭାଗ ପ୍ରୋଗ୍ରାମ ଇଂରାଜୀରେ ଦେଖାଇଥାଏ ।

ଆମଷ୍ଟାରଡ଼ାମରେ ସହର ପରିକ୍ରମା କରିବାପାଇଁ ନୌକା ଭ୍ରମଣ ପ୍ରକୃଷ୍ଟ ଉପାୟ । ମଟରଲଞ୍ଚରେ ଆମେ ସାରା ସହର ପରିକ୍ରମା କରି ଆମଷ୍ଟାର-ଡ଼ାମ ବନ୍ଦରରେ ନର୍ଥସିର କିଛି ଭିତରକୁ ଯାଇଥିଲୁ । ମଟରଲଞ୍ଚରେ କେତେ-ଗୁଡ଼ିଏ ଖେଳଣା ବିକ୍ରି ହେଉଥାଏ । ସେହି ଅଞ୍ଚଳରେ ଚାଲୁଥିବା ବିଶେଷ ଧରଣର ଲଞ୍ଚର ଖେଳଣାର ନମୁନା ମୋତେ ଖୁବ୍ ଭଲ ଲାଗିଲା । ମଟର ଲଞ୍ଚରେ ବିଭିନ୍ନ ଖେଳଣାର ଦାମ ଲେଖାଥାଏ । ଯେଉଁ କମ୍ପାନୀର ମଟରଲଞ୍ଚ ସେହି କମ୍ପାନୀର ଖେଳଣା ଦୋକାନରେ ତାହା ମିଳେ । ଗୋଟିଏ ଲଞ୍ଚ ଖେଳଣାର ଦାମ ୧.୫ ଗିଲଡ଼ର ଲେଖାଥିବାର ମୋତେ ଦିଶିଲା । ଦଶମିକ ଚିହ୍ନଟି ଜମା ଭଲ ଲେଖା ହୋଇଛି ବୋଲି ମୁଁ ଭାବିଲି । ଦେଢ଼ ଗିଲଡର ଦେଇ ମୁଁ ଖେଳଣାଟିଏ ଚାହିଁଲି । କିନ୍ତୁ ଦୋକାନୀଟି ୧୫ ଗିଲଡ଼ର ମାଗିଲା । ମୁଁ ତା'କୁ ତା'ର ସାଇନ୍ ବୋର୍ଡ଼କୁ ଦେଖାଇ କହିଲି ଯେ, ଏଥିରେ ତ ଏକ ଦଶମିକ ପାଞ୍ଚ ଲେଖା ଅଛି । ସେ ମାନିଲା ନାହିଁ । କହିଲା, ଦଶମିକ ଚିହ୍ନ ନୁହେଁ, ଜମା । ଏପରି ଲେଖା ହୋଇଥିବା ଅର୍ଥ ପନ୍ଦର । ମୁଁ ନ ନେଇ ଚାଲିଆସିବାରୁ ସେ ତା' ଭାଷାରେ ଇଆଡ଼ୁ ସେଆଡ଼ୁ ଗୁଡ଼ାଏ କହିଲା । ମୁଁ ଯୁକ୍ତି କଲାରୁ ସେ ଜବରଦସ୍ତି କଲା ଯେ, ମୁଁ କିଣିବାକୁ ବାଧ୍ୟ । ମୋର ଇଂରାଜୀ କହିବା ଉତ୍ତରରେ ସେ ଖଣ୍ଡିଭଡ଼ା ଦେଇ ଇଂରାଜୀ କହୁଥିଲା । ବୋଧହୁଏ ଟୁରିଷ୍ଟମାନଙ୍କ ସହ କଥାବାର୍ତ୍ତା ହେବାପାଇଁ ସେ ସେତିକି ଇଂରାଜୀ ଜାଣିଛି । ମୋ ଯୁକ୍ତିରେ ସେ ବେଶି ରାଗିଯାଇ ଆଗେଇ ଆସିଲା । ମୋର ମନେ ହେଲା ସେ ମୋତେ ମାରଧର କରିବ । ମୁଁ ଦୌଡ଼ି ପଳାଇଆସି ଆମ ଦଳଭିତରେ ପଶିଗଲି ଓ ଗାଇଡ୍ ପାଖକୁ ଚାଲିଗଲି । ଆମେ ସେଠାରୁ ବାହାରି ଆସିବା ପର୍ଯ୍ୟନ୍ତ ସେ ସେଠାରେ ପାଟି କରୁଥାଏ । ତା'ର ମୋଟାସୋଟା ଚେହେରା ଦେଖିଲେ ଯେକୌଣସି ଲୋକ ଭାବିବ ଯେ ମୋ'ଠାରୁ ଜବରଦସ୍ତ ପଇସା ଛଡ଼ାଇ ନେଇଥା'ନ୍ତା । ଟୁରିଷ୍ଟମାନଙ୍କ ପ୍ରତି ଏପ୍ରକାର ଜୁଲୁମ କେବଳ ଆମ ଦେଶରେ ଅଛି ବୋଲି ମୁଁ ଆଗରୁ ଭାବୁଥିଲି ।

ଜୁନ୍ ୨୦ ତାରିଖ ଦିନ ଅମେ ଆମଷ୍ଟାରଡ଼ାମ ଠାରୁ ପାରିସ୍ ଯାତ୍ରା କଲୁ । ପୁଣିଥରେ ହଲାଣ୍ଡର ଦକ୍ଷିଣ ଅଞ୍ଚଳ ପାରହୋଇ ପୁରା ବେଲଜିୟମ ଦେଶ ଅତିକ୍ରମ କରି ଆମେ ଫ୍ରାନ୍ସରେ ପ୍ରବେଶ କଲୁ । ଏଥର ବସଯାତ୍ରାରେ ଅମେ ଉଭୟ ଦେଶର ଗାଁଗହଳି ଦେଖିବାକୁ ପାଇଥିଲୁ । ହଲାଣ୍ଡ ଓ ବେଲଜିୟମର ବଡ଼ ବଡ଼ ସହରକୁ ବାଇପାସ୍ କରି ଆମ ଗାଡ଼ି ଛୁଟିଥିଲା ସମତଳ ରାସ୍ତାରେ । ସବୁ ଆମ ଦେଶର ଗାଁ ଭଳି । କେବଳ ପ୍ରଭେଦ ଏତିକି ଯେ, ବାଟଘାଟରେ ଲୋକେ ବୁଲୁଥିବାର ବା ହାଉଜାଉ ହେଉଥିବାର ଆମେ କେଉଁଠି ଦେଖିଲୁ ନାହିଁ । ରାସ୍ତାରେ କେବଳ ଗାଡ଼ି ଚାଲିଛି । ଲୋକେ ନିଜସ୍ୱ ନିଜନିଜ ଧନ୍ଦାରେ ବ୍ୟସ୍ତ । ଆମ ଦେଶରେ ଯେଉଁଭଳି ଜଣେ ରୋଜଗାରକ୍ଷମ ହେଲେ ଅନ୍ୟମାନେ ତା' ଉପରେ ବୋଝ ହୋଇ ରୁହନ୍ତି କିମ୍ବା ଦିନେ ଦୁଇଦିନ ରୋଜଗାର ହୋଇଗଲେ ପଇସା ନ ସରିବା ପର୍ଯ୍ୟନ୍ତ କାମଧନ୍ଦାକୁ ଲୋକେ ଯାଆନ୍ତି ନାହିଁ, ସେଭଳି ସେ ଦେଶରେ ନାହିଁ । ତେଣୁ ବାଟଘାଟରେ ଗଣ୍ଡାଗଣ୍ଡା ହୋଇ ଠିଆ ହୋଇ ଗପିବାର ବା ତାସ ଖେଳିବାର ଦେଖାଯିବ କିପରି ? ମଣିଷ କ'ଣ ଗୋମେଷାଦି ପଶୁମାନେ ମଧ୍ୟ ରାସ୍ତାକଡ଼ରେ ଦେଖାଯାଉ ନ ଥିଲେ । ଯାହାକିଛି ଦେଖାଯାଉଥିଲେ ବିଲ ଉପରେ । ଗୋମେଷାଦି ପଶୁମାନେ ମାଲିକମାନଙ୍କଠାରୁ ବ୍ୟବହାର ଶିଖିଛନ୍ତି ବୋଧହୁଏ । ଯେପରି ଆମ ଦେଶର ଗାଈଗୋରୁମାନେ ଆମମାନଙ୍କର ବ୍ୟବହାରକୁ ଅନୁକରଣ କରି ରାସ୍ତା ଉପରେ ଶୋଇ ରହନ୍ତି । ବେଳେବେଳେ ୟୁରୋପୀୟ ଲୋକମାନେ ଆମମାନଙ୍କୁ ପଚାରନ୍ତି, ସଡ଼କ ମଝିରେ ଗାଈଟିଏ ଶୋଇ ପାକୁଳି କରୁଥିବାର ଦେଖି ଆପଣମାନେ କିପରି ସମ୍ଭାଳି ଯାଉଛନ୍ତି ? ଏଇଟା ମଟର ରୋଡ୍ (ରାଜପଥ) ନା ଗୁହାଳ ? ମୁଁ ମନେମନେ କୁହେ, ଆମେମାନେ ଯେମିତି ଆମର ଗାଈଗୋରୁ ସେମିତି । ନିଜ ଘରେ ସ୍ଥାନ ନ ଦେଇ ଆମେ ପକ୍କା ରାସ୍ତା ଉପରେ ସମୟ କଟାନ୍ତି । ତା'ଠାରୁ ଆଉ ସଫା ଜାଗା ଆମେ ରଖିଛୁ କେଉଁଠି ?

ହଁ । ମନେ ରଖିବାକୁ ପଡ଼ିବ ଯେ ୟୁରୋପର ମୂଳଭୂଖଣ୍ଡରେ ଗାଡ଼ିଗୁଡ଼ିକ ରାସ୍ତାର ଡାହାଣ ପାଖରେ ଯାଆନ୍ତି । ଆମ ଦେଶରେ ଯେପରି ଲେଖା ଯାଇଛି, ବାମ କଡ଼କୁ ମାଡ଼ିଚାଲ, ସେଠାରେ ସେପରି କେଉଁଠି ଲେଖା ନଥିଲେ ମଧ୍ୟ ନିୟମ ଅନୁଯାୟୀ ଲୋକେ ଡାହାଣ ଆଡ଼କୁ ମାଡ଼ିଚାଲନ୍ତି । ଲୋକେ ନିୟମକାନୁନ୍ ମାନି ଚାଲୁଛନ୍ତି । କିନ୍ତୁ ଆମ ଦେଶରେ ଲେଖାହୋଇ ସାବଧାନ କରି ଦିଆଯାଇଥିଲେ ମଧ୍ୟ ଲୋକେ ରାସ୍ତା ମଝିରେ ଗାଡ଼ି ନେଉଥିବେ । ଫଳରେ ଦୁର୍ଘଟଣା ବଢ଼ୁଛି ।

ଫ୍ରାନ୍ସ ସୀମା ଅତିକ୍ରମ କଲାବେଳକୁ ଆମକୁ ପୁରାପୁରି ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସୀମାନ୍ତ ତନଖି ଘାଟିରେ ଆମଗାଡ଼ି ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଅଟକି ଥିଲା । ସେଇଠାରେ ଆମଭିତରୁ ଅନେକ ବିଲାତି ମୁଦ୍ରା ବଦଳାଇ ଫରାସୀ ମୁଦ୍ରା ନେଇଥିଲେ । ମଧ୍ୟାହ୍ନ ଭୋଜନ ମଧ୍ୟ ସେଇଠାରେ ସମାପ୍ତି କରିଥିଲୁ ।

## ପ୍ୟାରିସ୍‌ରେ ଆମ ହୋଟେଲ :

ପ୍ୟାରିସ୍‌ରେ ଆମେ ଯେଉଁ ହୋଟେଲ୍‌ରେ ରହିଥିଲୁ ତା'ର ନାମ **"Hotel Berthier Brochant La Tour"** ସଂକ୍ଷେପରେ ହୋଟେଲ ବ୍ରୋଚାଁ । ଆମମାନଙ୍କ ସାଙ୍ଗରେ ଯାଇଥିବା ବସ୍‌ର ଅନ୍ୟ ଯାତ୍ରୀମାନେ ଭିନ୍ନଭିନ୍ନ ରୁମ୍‌ରେ ଥିଲେ । ମୁଁ ଆଉ ଶ୍ରୀ ଡଙ୍ଗ୍‌ରେ ୧୦୭ ନମ୍ବର ରୁମ୍‌ରେ ଅର୍ଥାତ୍ ୧ ତାଲାର ୭ ନମ୍ବର ରୁମ୍‌ରେ ରହିଥିଲୁ । ଆମକୁ କୁହାଯାଇଥାଏ ଯେ ହୋଟେଲ୍‌ରେ ଚୋରି ହେବାର ସମ୍ଭାବନା ଅଛି । ପ୍ରତ୍ୟେକ ଜାଗାରେ ନୋଟିସରେ ଲେଖା ହୋଇଥାଏ ଯେ ରାତି ୧୦ଟା ପରଠାରୁ ଅନ୍ୟମାନଙ୍କ ନିଦ୍ରାରେ କେହି ଯେପରି ବ୍ୟାଘାତ ନକରନ୍ତି । ଏହି ହୋଟେଲ ପ୍ୟାରିସ୍ ନଗରୀର ଗୋଟିଏ କୋଣରେ, ତେଣୁ ଅପେକ୍ଷାକୃତ ଟିକେ ଶସ୍ତା । କସ୍‌ମସ୍ ଟ୍ରାଭେଲ ଏଜେନ୍‌ସି ଆମମାନଙ୍କ ଠାରୁ ନେଇଥିବା ପଇସାରେ ରହିବାର ବନ୍ଦୋବସ୍ତ କରିଥା'ନ୍ତି । ଆମ ଦେଶରେ ଯେପରି, ସେ ଦେଶରେ ମଧ୍ୟ ସେହିପରି ହୋଟେଲରେ ରହିବା ଖର୍ଚ୍ଚରେ ସକାଳର ଜଳଖିଆ ମିଳିଥାଏ । ଆମେମାନେ ଜଳଖିଆ କରିଦେଇ ପର୍ଯ୍ୟଟନରେ ବାହାରିଯାଉ ଏବଂ ବାହାରେ ମଧ୍ୟାହ୍ନ ଓ ରାତ୍ରି ଭୋଜନ କରି ହୋଟେଲ୍‌କୁ ଫେରୁ ।

## ମାନଚିତ୍ର ଦରକାର .

ଯେକୌଣସି ନୂତନ ସହରକୁ ଗଲେ ସେହି ସହରର ମ୍ୟାପ ଖଣ୍ଡିଏ ହାସଲ କରିବା ଦରକାର । ପର୍ଯ୍ୟଟନରେ ବା ଦେଖାଦେଖିରେ ଯାହା ସାହାଯ୍ୟ କରୁନା କାହିଁକି, ବାଟବଣା ହେଲେ ଏହା ଖୁବ୍ ସାହାଯ୍ୟ କରେ । ଏହାଠାରୁ ବେଶି ଦରକାରୀ ଯେ ନିଜର ରହିବା ସ୍ଥାନର ଠିକଣା ନିଜର ମୁଖସ୍ଥ ନଥିଲେ ବି ନିଜର ପକେଟରେ ରହିବା ଦରକାର । ବିଦେଶରେ ହଜିଗଲାଠାରୁ ବଳି ଦୁଃଖ ବା ଯନ୍ତ୍ରଣା ଆଉ ନାହିଁ ।

## ଫେସନ ନଗରୀ :

ପ୍ୟାରିସ୍ ହେଉଛି ଫେସନ ନଗରୀ । ଏହି ଫେସନର ମୁଖ୍ୟ ସ୍ଥାନ ହେଉଛି ଲାଫାୟେଟ ଗ୍ୟାଲେରୀ । ଏହି ଗୋଟିଏ ସ୍ଥାନରେ ପ୍ୟାରିସର ୪୦ଟି

ନାମିକା ଫେସନ ଦୋକାନ ରହିଛି । ସେମାନଙ୍କ ଭିତରୁ କେତୋଟିର ନାମ କହିଦେବା ଉଚିତ୍, ସୋନିଆ ରାଇକିଏଲ, କ୍ରିଷ୍ଟିଆନ୍ ଡିଓର, ଲୁଇଫେରାଉଦ୍, ସେଣ୍ଟ ଲରେନ୍, ଚେଡ଼୍, ଲପିଲସ୍, ଅଙ୍ଗାରୋ, ଏମାନୁ ଏଲଙ୍ଗାନ ଜର୍ଜେସ୍‌-ରେଚ । ଅଳ୍ପ ବୟସ୍କଙ୍କ ଷ୍ଟାଇଲ ପାଇଁ କ୍ଲବ ୨୦ ଅନମ୍ ନାମକ ଫେସନ ଦୋକାନ ଅଛି । ଏଠାକାର ଫେସନ ନଦେଖିଲେ ବିଶ୍ୱାସ କରିହେବନି କି ବୁଝିହେବନି ! ବିଭିନ୍ନ ଦୋକାନରେ ବିଭିନ୍ନ ପ୍ରକାରର ଅତର ଦେଖିବାର କଥା । ଆମକୁ ଗାଇଡ୍ ଦେଖାଇ ଦେଉଥାଏ ଯେ, ବିଭିନ୍ନ ଉପହାର ଦୋକାନରେ ୩ ଲକ୍ଷରୁ ଅଧିକ କିସମର ଉପହାର କିଣିବାକୁ ମିଳେ । ବିଭିନ୍ନ ଭାଷାରେ କହିପାରୁଥିବା ଯୁବତୀମାନେ ଗ୍ରାହକମାନଙ୍କୁ ଟାଣି ନେଉଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଡ୍ୟୁଟି ଫ୍ରିଡ଼ ଜିନିଷ ମଧ୍ୟ ଅଛି ।

## କେତୋଟି ଦର୍ଶନୀୟ ସ୍ଥାନ :

ପ୍ୟାରିସ୍‌ରେ ବହୁତ ଦର୍ଶନୀୟ ସ୍ଥାନ ଅଛି । ଯେତେଗୁଡ଼ିଏ ଦେଖିଲି, ତହିଁରୁ କେତୋଟି ମୁଖ୍ୟ ଦୃଶ୍ୟର ବର୍ଣ୍ଣନା ଏଠାରେ ଦେଉଛି । ବିଖ୍ୟାତ ନଟରଡ୍ୟାମ୍, (Notre dame) ଗୋଟିଏ ଚର୍ଚ୍ଚ ବା ଗୀର୍ଜାଘର । ୧୧୬୩ ଖ୍ରୀଷ୍ଟାବ୍ଦରେ ତିଆରି ହୋଇ ୧୩୪୫ ଖ୍ରୀଷ୍ଟାବ୍ଦରେ ସରିଥିଲା ବୋଲି କୁହାଯାଏ । ବଡ଼ ବଡ଼ ଡ୍ରମ ଭଳି ୧୭ ଫୁଟ ବ୍ୟାସର ସ୍ତମ୍ଭ ଗୁଡ଼ିଏ ଚର୍ଚ୍ଚକୁ ୫ଟି ଭାଗରେ ବିଭକ୍ତ କରିଛି । ଏହାକୁ ଦେଖିବାକୁ ବହୁତ ଦର୍ଶକ ଆସନ୍ତି ।

ସେଣ୍ଟ ଚାପେଲ । ଏହା ନବମ ଲୁଇଙ୍କ ପାଇଁ ତିଆରି ହୋଇଥିଲା । କଣ୍ଟକମୟ ରାଜମୁକୁଟର ଅବଶେଷ ଏଠାରେ ରଖାଯାଇଛି ବୋଲି ଗାଇଡ୍ କହେ । ସହରର ମୁଖ୍ୟ ରାସ୍ତା ଉପରେ ଅଛି । ଲେ ପାନ୍ଥିଅନ (Pantheon) । ଏହାର ନକ୍ସା ଫରାସୀ ସ୍ଥପତି ସୁଫ୍ଲୋଟଙ୍କ ଦ୍ୱାରା ହୋଇଥିଲା । ୧୭୫୮ରେ ଆରମ୍ଭ ହୋଇ ୧୭୯୦ରେ ସରିଥିଲା । ଫରାସୀ ସାମ୍ରାଜ୍ୟର ସମୃଦ୍ଧିକାଳରେ ଏହା ତିଆରି । ଲ ଆର୍କଡ଼ି ଟ୍ରାମ୍ପ ବା ବିଜୟ ତୋରଣ । ୧୯୨୦ରେ ଏହି ତୋରଣ ତଳେ ଅଜଣା ସୈନିକମାନଙ୍କର ସମାଧି ନିର୍ମାଣ କରାଯାଇଛି । ପ୍ରଥମ ବିଶ୍ୱଯୁଦ୍ଧରେ ନିହତ ଫରାସୀ ସୈନ୍ୟମାନଙ୍କର ସ୍ମୃତିରେ ଏହି ସମାଧି ତିଆରି । ଫ୍ରାନ୍ସ ଦେଶର କଳା ଓ ସଂସ୍କୃତିର ଜାତୀୟକେନ୍ଦ୍ର ପ୍ୟାରିସ ସହରରେ ଅବସ୍ଥିତ । ଏହାର ନାମ ଜର୍ଜ ପମ୍ପିଡ଼ୁ କେନ୍ଦ୍ର । ପ୍ରଥମ ନେପୋଲି-ଅନଙ୍କର ସମାଧି ଯେଉଁଠାରେ ଅଛି ତା'ର ନାମ ଲେ'ଡୋମ'ଡ଼ି ଇନ୍‌ଭାଲିଡ଼୍

(Le Dome des Invalides) । ଏହି ବୃହତ ଅଟ୍ଟାଳିକାକୁ ପଶିଗଲାକ୍ଷଣି ନେପୋଲିଅନଙ୍କର ସମାଧିଟି ଦୃଷ୍ଟିଗୋଚର ହୁଏ । ୧୬୭୧ ରୁ ୧୭୦୬ ମଧ୍ୟରେ ଏହି ଅଟ୍ଟାଳିକାଟି ସମ୍ପୂର୍ଣ୍ଣ ହୋଇଛି । ହାର୍ଡୁଇନ୍ ମନସାର୍ଟ ନାମକ ଫରାସୀ ସ୍ଥପତିଙ୍କର ଶ୍ରେଷ୍ଠ କୃତିମାନଙ୍କ ମଧ୍ୟରେ ଏହାକୁ ଅନ୍ୟତମ ବୋଲି ଧରାଯାଏ । ପ୍ୟାରିସ୍‌ରେ ଗୋଟିଏ ଛକର ନାମ ଲା ପ୍ଲେସ୍ ଡୁ ଟେରଟେର (La place du tertre) । ଏଠାରେ ବିଭିନ୍ନ ଚିତ୍ରକଳା କିଣିବାକୁ ମିଳେ । ମଣ୍ଟ ମାର୍ଟର (Mont mortre)ର ଏହା କେନ୍ଦ୍ରସ୍ଥଳ । ନାଗରିକମାନଙ୍କ ଠାରୁ ଚାନ୍ଦା ଉଠାଇ ୧୮୭୬ରେ ତିଆରି ହୋଇଥିବା ସୁଦୃଶ୍ୟ ଅଟ୍ଟାଳିକା ଲେ ସାକର କୋୟୁର (Le Sacre-Coeur) ୧୯୧୯ରେ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି । ଗୀତିନାଟ୍ୟ ପାଇଁ ପୃଥିବୀରେ ସବୁଠାରୁ ବଡ଼ ଥିଏଟର ପ୍ୟାରିସରେ ଅଛି । ଏହାର ନାମ ଅପେରା । ଗାର୍ଣ୍ଣିଅରଙ୍କ ନକ୍ସା ଅନୁଯାୟୀ ୧୮୬୨ ରୁ ୧୮୭୫ ମଧ୍ୟରେ ଏହା ତିଆରି । ପୁରାତନ ଓ ଆଧୁନିକ ଚିତ୍ରକଳାର ଏକ ବୃହତ ସଙ୍କଳନ ରହିଥିବା ଯାଦୁଘରର ନାମ ହେଉଛି ପେଟିପାଲେଇ (Patit-palais) । ପ୍ୟାରିସ୍ ସହରରେ ପ୍ରାଚୀନ ଗ୍ରୀକ୍ ମନ୍ଦିର ଢାଞ୍ଚାରେ ତିଆରି ଗୋଟିଏ ଅଟ୍ଟାଳିକା ଦେଖିବାକୁ ମିଳେ । ଏହାର ନାମ ଲା'ମାଡ଼େଲିନ୍ (La madeleine) । ପ୍ୟାରିସ୍‌ର ରାତ୍ରିକାଳୀନ ଜୀବନଯାପନ ପ୍ରଣାଳୀର ସୂଚକ ପ୍ରସିଦ୍ଧ ଲେ ମୌଲିନ୍ ରୁଜ୍ ନଦେଖିଲେ ଅନେକ ଲୋକଙ୍କର ଅବଶୋଷ ରହିଯାଏ । ଏଠାରେ ଜାଦାରେ ବା ନଗ୍ନ ନୃତ୍ୟ ପ୍ରଦର୍ଶନ ହୁଏ । କୁହାଯାଏ ଯେ ଏହି କ୍ଲବର ମଞ୍ଚରେ "କାନ୍‌କାନ"ର ସୃଷ୍ଟି । ଫ୍ରାନ୍ସର ପ୍ରସିଦ୍ଧ ଚିତ୍ରକାର ଟୁଲୁଜ ଲୌଟ୍ରିକଙ୍କ ସ୍ମୃତି ସହିତ ମୌଲିନ-ରୁଜ୍‌ର ସମ୍ପର୍କ ରହିଛି । ପ୍ୟାରିସ୍ ତଥା ଫ୍ରାନ୍ସର ଜାତୀୟ ସ୍ମାରକରୂପେ ଆଇଫେଲ୍ ଟାୱାର (La Tuer Eiffel) ପ୍ରସିଦ୍ଧ । ସମ୍ପ୍ରତି ଭାରତ ଉତ୍ସବ ବା Festival of India ଏହାର ପାଖରେ ହୋଇଥିଲା । ଗୁସ୍ତାଭ ଆଇଫେଲ ନାମକ ଫରାସୀ ଇଞ୍ଜିନିୟରଙ୍କ ଦ୍ୱାରା ୧୮୮୯ରେ ବିଶ୍ୱମେଳା ପାଇଁ ଏହି ସ୍ତମ୍ଭ ତିଆରି ହୋଇଥିଲା । ଏହା କେବଳ ଲୁହାରେ ତିଆରି ।

## ଟିକକରେ ଜଞ୍ଜାଳରୁ ରକ୍ଷା :

ପ୍ୟାରିସ୍‌ର ବିଭିନ୍ନ ଦୃଶ୍ୟ ଦେଖିବା ପାଇଁ ଆମେମାନେ ଗୋଟିଏ ବସ୍‌ରେ ଯାଇଥିଲୁ । ପାଶ୍ଚାତ୍ୟ ଦେଶମାନଙ୍କରେ ପ୍ରତ୍ୟେକ ପର୍ଯ୍ୟଟନକେନ୍ଦ୍ର ବା ଦୃଶ୍ୟପାଇଁ ପ୍ରବେଶିକା ଚାନ୍ଦା ଅଛି । ଆଇଫେଲ ଟାୱାର ପାଇଁ ପ୍ରବେଶିକା ଚାନ୍ଦା ସହିତ ଲିଫ୍ଟରେ ଚଢ଼ି ଉପରକୁ ଯିବାପାଇଁ ଅଧିକା ଫିସ୍ ପଡ଼େ ।

ଆମମାନଙ୍କୁ ଦୁଇମହଲା ଯିବାପାଇଁ ଆମର ଟ୍ରାଭେଲ ଏଜେଣ୍ଟ ଟିକେଟ କରି ଦେଇଥିଲେ । ଅଧଘଣ୍ଟା ସମୟରେ ଫେରିଆସିବାର ଥିଲା । ଲିଫ୍ଟରେ ଦୁଇମହଲା ଉଠିଲାପରେ ବହୁତ ସମୟ ଅଛି ଦେଖି ମୁଁ ସିଡ଼ିରେ ଚଢ଼ି ଚଢ଼ି ୨ ମହଲା ପର୍ଯ୍ୟନ୍ତ ପଳାଇଗଲି । ଏତେ ଉଚ୍ଚକୁ ଚଢ଼ିଲେ ଧଁ ସଁ ଲାଗେ । ତେଣୁ ମୁଁ ପ୍ରତି ମହଲାରେ ବିଶ୍ରାମ ନେଇ ନେଇ ଉଠୁଥିଲି । ଏଣେତେଣେ ଆକର୍ଷଣୀୟ ଦୃଶ୍ୟ ଦେଖି ଦେଖି ମୁଁ ଭୁଲିଯାଇଥିଲି ଯେ ସମୟ ଗଡ଼ିଗଲାଣି । ସାଙ୍ଗେ ସାଙ୍ଗେ ଓହ୍ଲାଇବାପାଇଁ ଲିଫ୍ଟ ଖୋଜିଲାବେଳକୁ ଭିଡ଼ରେ ମୁଁ ଖୁବ୍ ପଛରେ ପଡ଼ିଗଲି । ସେଇଁବାଟେ ଚଢ଼ିଥିଲି ତା'କୁ ଭୁଲିଗଲି; ତରତରରେ ଓହ୍ଲାଇଲା-ବେଳକୁ ଅନ୍ୟ ଗୋଟିଏ ବାଟରେ ବୋଧହୁଏ ଓହ୍ଲାଇ ପଡ଼ିଲି । ଦେଖିଲାବେଳକୁ ସାଙ୍ଗମାନେ କେହି ଦିଶୁନାହାନ୍ତି । ଏଣେତେଣେ ହୋଇ ମୋତେ ବଡ଼ ବ୍ୟସ୍ତ ଲାଗୁଥାଏ । ବସ ଯଦି ଛାଡ଼ି ଦେଇଥିବ, ହୋଟେଲକୁ ଯିବାପାଇଁ ଖୁବ୍ ଝଞ୍ଜାଟ ତ ହେବ; ଅନ୍ୟ ଦୃଶ୍ୟ ସବୁ ଦେଖି ହେବନି । ଏହି ଭିତରେ ମୁଁ ରାସ୍ତାଆଡ଼କୁ ଯାଉଥିବାବେଳେ, ହଠାତରେ ଶ୍ରୀ ଡୋଙ୍ଗରେଙ୍କର ଡାକ ଶୁଣିଲି, "ସାହୁ ଆଓ" । ତା'ପରେ ହିଁ ମୁଁ ବସକୁ ପାଇଲି । ବସ୍ ଭିତରେ ଶୁଣିଲି ଅନ୍ୟମାନେ ସମସ୍ତେ ମୋ ଉପରେ ଖୁବ୍ ବିରକ୍ତ ହୋଇଯାଇଥିଲେ ଏବଂ ଆଉ ଅପେକ୍ଷା ନ କରି ପଳାଇଯିବା ପାଇଁ ଦାବୀ କରୁଥିଲେ । କେବଳ ଡଙ୍ଗରେ ହିଁ ସେମାନଙ୍କୁ କାକୁବୋଲି, ଅନୁରୋଧ କରି ଅଟକାଇଥିଲେ । ମୁଁ ସିନା ଗାଡ଼ି ଦେଖିପାରି ନଥିଲି, କିନ୍ତୁ ସେ ମୋତେ ଆଇଫେଲ୍ ଟାୱାରରୁ ଓହ୍ଲାଇ ଖୁବ୍ ଜୋରରେ ଆସୁଥିବାର ଦେଖିଥିଲେ । ସେ ଓହ୍ଲାଇପଡ଼ି ମୋତେ ଡାକିଥିଲେ ମୁଁ ଆହୁରି ଶୀଘ୍ର ପହଞ୍ଚି ପାରିଥା'ନ୍ତି । କାରଣ ମୁଁ ସେ ପର୍ଯ୍ୟନ୍ତ ବସ୍‌ଟିକୁ ଠାବକରି ପାରିନଥିଲି । କାଳେ ବସ ତା'କୁ ବି ଛାଡ଼ି ଚାଲିଯିବ, ସେ ଭୟରେ ସେ ଓହ୍ଲାଇ ନଥିଲେ । ଯାହାହେଉ ବସରେ ବସିଗଲାପରେ ସମସ୍ତେ ମୋତେ ବିଳମ୍ବପାଇଁ ଦୋଷୀକଲେ । ଆଉ ଟିକିଏ ଡେରି ହୋଇଥିଲେ ସେମାନେ ଡୋଙ୍ଗରେଙ୍କର ଅନୁରୋଧକୁ ଏଡ଼ାଇ ଦେଇ ଚାଲିଯାଇଥାନ୍ତେ । "ସେତେବେଳେ ମୁଁ କ'ଣ କରିଥା'ନ୍ତି ?" —ସେମାନେ ମୋତେ ପଚାରିଲେ । "କାହିଁକି ? ମୁଁ ହୋଟେଲ ଯାଏଁ ଚାଲିକି ଯାଇଥା'ନ୍ତି !" ମୁଁ ଉତ୍ତର ଦେଲି । ଦୋଷତ କରିଛି, ମୁହଁ ଟାଣ ନକଲେ ସେମାନେ ଆହୁରି ଦବାଇଦେବେ, ତେଣୁ ମୁଁ ଟେକ୍‌ଟୋକ୍ ଜବାବ୍ ଦେଇଥିଲି । କହିବା ବାହୁଲ୍ୟ ଯେ, ତା' ପରଠାରୁ ବସ୍‌କୁ ଲେଉଟି-ବାରେ ମୁଁ ପ୍ରଥମ ହେଉଥିଲି । ଅନ୍ୟମାନେ ଉପହାସ କରୁଥିଲେ ଯେ, ଥରେ ମାଡ଼ଖାଇ ମୁଁ ଦୁଇଗୁଣ ନରମ ହୋଇଯାଇଛି ।

# ରାତି କିପରି କାଟିବେ ?

ପ୍ୟାରିସ୍‌ରେ ଜୁନ୍ ୨୧ ତାରିଖ ଜାତୀୟଦିବସ ରୂପେ ବୋଧହୁଏ ପାଳିତ ହେଉଥିଲା । ସେଦିନ ମଧ୍ୟରାତ୍ରିରେ ଖୁବ୍ ଆତସବାଜି ପ୍ରଦର୍ଶିତ ହୋଇଥିଲା, ବିଶେଷକରି ବିଜୟ ତୋରଣ ପାଖରେ । ଏହି ତୋରଣର ସାମନାରେ ଥିବା ଖୋଲା ପଡ଼ିଆରେ ବିଭିନ୍ନ ଅର୍କେଷ୍ଟ୍ରା ଗ୍ରୁପ୍ (ବାଦ୍ୟଦଳ) ମାଗଣାରେ ସେମାନଙ୍କର କୃତି ଦେଖାଉଥିଲେ । ଆମ ହୋଟେଲରେ ସିନା ନୋଟିସ ଥିଲା ରାତି ୧୦ଟା ପରେ କାହାରି କାନରେ ବ୍ୟାଘାତ ଆଣିବା ଉଚିତ୍ ନୁହେଁ, କିନ୍ତୁ ଏହି ଆତସବାଜି ଖେଳର ଶବ୍ଦରେ ହୋଟେଲରେ ମଧ୍ୟ ମୁଁ ରାତି ଦୁଇଟା ପର୍ଯ୍ୟନ୍ତ ଶୋଇପାରି ନଥିଲି । ପ୍ୟାରିସ୍‌ରେ ବିଲ୍‌କୁଲ ଶୀତ ନ ଥିଲା । ଏହି ଆତସବାଜି ଖେଳ ଦେଖିବାପାଇଁ ହୋଟେଲର ଝରକା ଖୋଲି ଆମେମାନେ ଆକାଶକୁ ଚାହିଁ ରହିଥିଲୁ । ନଅତାଲାରୁ ପ୍ୟାରିସ୍ ନଗରୀର ଶୋଭା ଓ ଆତସ-ବାଜିର ଖେଳ ଭଲ ଦିଶୁଥାଏ । ସେ ରାତିରେ ମୁଁ ରୁମ୍‌ରେ ଏକୁଟିଆ ଥାଏ । ମୋର ରୁମ୍ ସାଥୀ ଡୋଙ୍ଗରେ ଅନ୍ୟଜଣେ ଭାରତୀୟ ଶ୍ରୀ ଲାଲଙ୍କର ପ୍ରରୋଚନାରେ ପଡ଼ି ପ୍ୟାରିସ୍‌ର ରାତ୍ରିଜୀବନ ଉପଭୋଗ କରିବାପାଇଁ ବାହାରି ଯାଇଥିଲେ । ଯିବା ପୂର୍ବରୁ ତାଙ୍କ ମନରେ ଯେଉଁ ଶଙ୍କା ଆସିଥିଲା, ସେ ବିଷୟ ମୋ ନିକଟରେ ପ୍ରକାଶ କରି କିପରି ଅସୁବିଧାରେ ନ ପଡ଼ିବେ, ସେଥିପାଇଁ ମୋର ପରାମର୍ଶ ନେଉଥିଲେ । ତାଙ୍କର ଅନୁରୋଧରେ ମୁଁ ତାଙ୍କର ଘଡ଼ି, ସୁନାମୁଦି, ଆଦି ରଖିନେଇଥିଲି । ସେ କିଛି ଫରାସୀମୁଦ୍ରା ଓ ନୋଟ୍‌ଧରି ବାହାରି ଗଲେ ।

ପ୍ୟାରିସ୍‌ରେ ଦିନକରେ କ'ଣ କେଉଁଠି ଚାଲିଛି, ସେ ବିଷୟରେ ସାତଦିନକୁ ସାତଦିନ ପ୍ରଚୁର ପୁସ୍ତିକା ବାହାରିଥାଏ । ଏମିତି ଗୋଟିଏ ପୁସ୍ତିକାର ନାଁ ଆଲୋପାରି (Allo paris) । ପ୍ରତି ବୁଧବାରରେ ପ୍ରକାଶ ପାଉଥିବା ଏହି ପୁସ୍ତିକାର ୨୮ ତମ ବର୍ଷର ୧୪୦୧ ସଂଖ୍ୟା ଜୁନ୍ ୨୦ ରୁ ଜୁନ୍ ୨୬, ୧୯୮୪ ପାଇଁ ଗୋଟିଏ କପି ମୁଁ ହାସଲ କରିଥିଲି । ଯେତେବେଳେ ଶ୍ରୀ ଲାଲ ପ୍ୟାରିସ୍‌ର ରାତ୍ରି ଉପଭୋଗ କରିବାପାଇଁ ବ୍ୟଗ୍ର ହୋଇପଡ଼ିଲେ, ତାଙ୍କୁ ମୁଁ ବହିପତ୍ରି କେଉଁଠି କ'ଣ ଅଛି ବୁଝାଇଥିଲି । ତାଙ୍କର ଉଦ୍ଦେଶ୍ୟଥିଲା, ସେ ଯୌନ ସମ୍ଭୋଗ ସମ୍ପର୍କୀୟ ଜୀବନ୍ତଦୃଶ୍ୟ ଦେଖିବେ । ଏପରି ଜୀବନ୍ତ ଅଶ୍ଳୀଳ ଦୃଶ୍ୟ ଦେଖାଇବା ପାଇଁ ପ୍ୟାରିସ୍‌ରେ ବହୁତ କ୍ଲବ୍, ଥିଏଟର ଓ ରେସ୍ତୋରାଁ ଅଛି । ଲଣ୍ଡନରେ ସେ ଏ ବିଷୟରେ ଗୋଟିଏ ଦୁଇଟି ଅଭିଜ୍ଞତା ହାସଲ କରିଥିଲେ, ବିଶେଷତଃ

ପିପ୍ ଶୋ ଜଣ୍ଟଆରେ ଅର୍ଥାତ୍ ଗୋଟିଏ କଣାବାଟେ ଗୋଟିଏ ଦମ୍ପତିଙ୍କର ଯୌନ ଉପଭୋଗ । କାମୁକ ବା ଅଶ୍ଳୀଳ ଥିଏଟରମାନଙ୍କ ନାମଦେଲେ ପୃଷ୍ଠା ପରେ ପୃଷ୍ଠା ଭର୍ତ୍ତି ହୋଇଯିବ । ଏତିକି କହିଲେ ଯଥେଷ୍ଟ ହେବ ଯେ, ସେମାନେ ତିନିପ୍ରକାରର ଅଶ୍ଳୀଳ ଦୃଶ୍ୟ ଦେଖାନ୍ତି । ଗୋଟିଏ ପ୍ରକାରର ଦୃଶ୍ୟରେ ସ୍ତ୍ରୀଲୋକମାନେ ଆସ୍ତେ ଆସ୍ତେ ଲୁଗାଖୋଲି ସମ୍ପୂର୍ଣ୍ଣ ଉଲଗ୍ନ ହୋଇଯା'ନ୍ତି ଏବଂ ବିଭିନ୍ନ ଭଙ୍ଗୀ ଦେଖାନ୍ତି । ଦ୍ୱିତୀୟ ପ୍ରକାରରେ ସ୍ତ୍ରୀ ସ୍ତ୍ରୀମାନଙ୍କ ମଧ୍ୟରେ କେଳି ଦେଖାନ୍ତି । ତୃତୀୟ ପ୍ରକାର ଦୃଶ୍ୟରେ ସ୍ତ୍ରୀ ଓ ପୁରୁଷର ଦାମ୍ପତ୍ୟ ସଙ୍ଗମ ଦେଖାଇ ଦିଆଯାଏ । ଏସବୁ ଜୀବନ୍ତ ଦୃଶ୍ୟ । ଦାମ୍ପତ୍ୟସମ୍ଭୋଗ ଦୃଶ୍ୟଟି ଦର୍ଶକର ନିକଟରେ, ବେଳେବେଳେ ୨୫ ରୁ ୫୦ ସେଣ୍ଟିମିଟର ଦୂରରେ, ବିଶେଷତଃ ମଞ୍ଚଉପରେ ଥିବା ଜାଲଉପରେ, ଦେଖାଇଦିଆଯାଏ । ଗୋଟିଏ ଗୋଟିଏ ଅନୁଷ୍ଠାନରେ ରାତି ସାଢ଼େ ଆଠଟାରୁ ଭୋର ଦୁଇଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଏ ଦୃଶ୍ୟ ଚାଲୁରହେ । ଗୋଟିଏ ଗୋଟିଏ ଥିଏଟରରେ ଦମ୍ପତିମାନେ ନିଜର ସ୍ୱାମୀ ବା ସ୍ତ୍ରୀକୁ ଛାଡ଼ି ଅନ୍ୟଜଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କ ପାଖକୁ ଚାଲିଯା'ନ୍ତି । ଏହାକୁ ସେମାନେ ସ୍ୱାପିଙ୍ଗ୍ କପଲସ୍ ବା ବିନିମୟକାରୀ ଦମ୍ପତି କହନ୍ତି । ଏହି ଥିଏଟର ଗୁଡ଼ିକରେ ସ୍ତ୍ରୀ ସ୍ତ୍ରୀ ମଧ୍ୟରେ, ସ୍ତ୍ରୀ ପୁରୁଷ ମଧ୍ୟରେ, ଦଳବଦ୍ଧହୋଇ ବା ଏକୁଟିଆ ହୋଇ ଯୌନକ୍ରୀଡ଼ା ଦେଖାଇଥା'ନ୍ତି । ଟ୍ରିପଲ୍ଏକ୍ସ ଫିଲ୍ମ ତଥା ଅତି ଅଶ୍ଳୀଳ ସିନେମା ମଧ୍ୟ ଦେଖାଇ ଦିଆଯାଏ । ଅତି ନଗ୍ନ ଓ ବିଭତ୍ସ ଚିତ୍ରଥିବା ପତ୍ରିକା ମଧ୍ୟ ବିକାଯାଏ ବା ବଣ୍ଟାଯାଏ । ଏଭଳି ହୋଟେଲ, ରେସ୍ତୋରାଁ ବା କ୍ଲବମାନଙ୍କରେ ମଧ୍ୟାହ୍ନ ଦୁଇଟାରୁ ସନ୍ଧ୍ୟା ଆଠଟା ପର୍ଯ୍ୟନ୍ତ ଅଶ୍ଳୀଳ ଦୃଶ୍ୟ ପ୍ରଦର୍ଶନ ହୁଏ । ଏ ଦୃଶ୍ୟଗୁଡ଼ିକ କେବଳ ସ୍ତ୍ରୀମାନେ ନିର୍ଲଜ୍ଜ ଭାବରେ ଦେଖାଇଥା'ନ୍ତି, କୌଣସି ପୁରୁଷ ଭାଗ ନିଅନ୍ତି ନାହିଁ । ଏ ଦୃଶ୍ୟଗୁଡ଼ିକୁ ସଫ୍ଟ୍‌ଗେମ କୁହାଯାଏ । ରାତିରେ ହେଉଥିବା ଦୃଶ୍ୟଗୁଡ଼ିକୁ ଏହାର ବିପରୀତ ଅର୍ଥାତ୍ ହାର୍ଡ଼ ଶୋ' କୁହାଯାଏ ।

## ମଉଜ କରିବେତ ପକେଟ ଗରମ ଥିବା ଦରକାର :

ସେଦିନ ରାତିରେ କାଲି ଓ ଡୋଙ୍ଗରେ ମହଲିନବୁର୍ଗ୍‌କୁ ଯାଇଥିଲେ ବୋଲି କହିଲେ । ସେମାନେ ହୋଟେଲକୁ ଫେରିଲାବେଳକୁ ଭୋର ଦୁଇଟା ବାଜି ଯାଇଥିଲା । ଦୃଶ୍ୟ ଦେଖିବାପାଇଁ ପ୍ରବେଶିକା ମୂଲ୍ୟ ବା କ୍ଲବ୍ ମୂଲ୍ୟ, ଭିତରେ ବସିବାପାଇଁ ସିଟ୍ ମୂଲ୍ୟ, ଖାଇବାପାଇଁ ପଇସା, ପିଇବାପାଇଁ ପଇସା, ଯଦି ନଗ୍ନ ସ୍ତ୍ରୀଲୋକଟି ପାଖକୁ ଆସି ଛୁଇଁଦିଏ ତେବେ ପଇସା,

ଏମିତି ପ୍ରତି ପର୍ଯ୍ୟାୟରେ ସେମାନେ ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଥିଲେ । ପରସ୍ପରଠାରୁ ମାଗିଲେ ବା ନିଜଙ୍କୁ ମାଗିଲେ ନାହିଁ କରିବାଟା ନିଜର ଛୋଟ ମନୋବୃତ୍ତିର ପରିଚୟ ହେବବୋଲି ସେମାନେ ଖର୍ଚ୍ଚ କରିବାକୁ ବାଧ୍ୟ ହୋଇଥିଲେ । ସେମାନେ ସେଦିନ ସକାଳୁ ନିଜେ ଉଠିପାରି ନଥିଲେ, ମୁଁ ବହୁତ ଥର ଡାକିବାପରେ ଦୁହେଁ ବିଛଣାରୁ ଉଠିଥିଲେ । ବସ୍ ବାହାରିବ ବୋଲି ସେମାନେ ଖୁବ୍ ତରତରରେ ଜଳଖିଆ କରିଥିଲେ । ସେମାନଙ୍କ ଅବସ୍ଥା କିପରି ଥିଲା, ନଦେଖିଲେ ବର୍ଣ୍ଣନାଛଳରେ ବୁଝାଇହେବ ନାହିଁ । ଲିଲିର ଦେହରୁ କଲେଶଣ୍ଡେ ଉଗ୍ର ଶୁଣ୍ଠିଗଲାପରି ଜଣାଯାଉଥିଲା, ସେ ଡୋଙ୍ଗରେ ପାଇଁ ମଧ୍ୟ ଖର୍ଚ୍ଚ କରିଥିଲା । କାରଣ ସେ ଏହା ନ କରିଥିଲେ ଡୋଙ୍ଗରେ ତା' ସାଙ୍ଗରେ ଯାଇନଥା'ନ୍ତା । ଅବଶ୍ୟ ଡୋଙ୍ଗରେକୁ ଉଚିତ ସମ୍ମାନ ଦେବାକୁ ପଡ଼ିବ ଯେ ସେ ଖାଇବା ପିଇବାର ଖର୍ଚ୍ଚ କିଛି ନିଜ ହାତରୁ ଦେଇଥିଲା ।

## ହୋଟେଲ ଖିଆ :

ପାଶ୍ଚାତ୍ୟ ଦେଶମାନଙ୍କରେ ହୋଟେଲରେ ଖାଇବା ସବୁବେଳେ ବୁଫେ, ଅର୍ଥାତ୍ ନିଜେ ଜିନିଷ ଦେଖି ବାଢ଼ିନେବେ ଏବଂ ଫାଙ୍କାଥିବା ସିଟ୍‌ରେ ବସି ଖାଇନେବେ । ଫଳରେ ଖାଇବାରେ କଷ୍ଟ ହୁଏ ନ ଥାଏ । କିନ୍ତୁ ଏ କଥା ମାନିବାକୁ ପଡ଼ିବ ଯେ, ଆମ ଦେଶଭଳି ଛ'ତିଅଣ ନ'ଭଜା ନଥାଏ । ଜଳଖିଆରେ ବ୍ରେଡ୍, ରୋଲ, ବନ୍‌ସ୍, ବା ସେହିଭଳି ଗହମ ତିଆରି ଜିନିଷ, ସିଝାଅଣ୍ଡା, ସିଝାପୋର୍କ, (ଘୁଷୁରି ମାଂସ), ବା ବିଫ୍ (ଗୋ ମାଂସ), ଛୋଟଛୋଟ ପାକେଟ୍ ଭିତରେ ଜାମଜେଲି, ମହୁ ବା ଚିନି, ବଟର, ଚିଜ୍, ଆଦି ବିଭିନ୍ନ ପ୍ରକାର ବ୍ୟଞ୍ଜନ । ଚାହା, କଫି, ଦୁଧ, ଚିନି ଆଦି ନିଜେ ବିଭିନ୍ନ ପାତ୍ରରୁ ନେବାକୁ ପଡ଼େ । ଫଳରସ ବା ପାଣି ଚାହିଁଲେ ଉପଯୁକ୍ତ ପାତ୍ର ଖୋଜିବାକୁ ପଡ଼େ । ଗୋଟିଏ ଗୋଟିଏ ହୋଟେଲରେ ନିର୍ଦ୍ଦିଷ୍ଟ କାଉଣ୍ଟରରୁ କଫି, ଚାହା ବା ଦୁଧ ମିଳିଥାଏ । ଏଥିପାଇଁ ନିଜେ ଗିଲାସ ବା କପ୍‌ଟିଏ ଧରି ଲାଇନ୍‌ରେ ଛିଡ଼ିବାକୁ ପଡ଼େ । ଅସଲ କଥା ହେଲା, ବାଢ଼ିବାପାଇଁ କେହି ନଥାନ୍ତି । ସଫା କରିବାପାଇଁ ଅବଶ୍ୟ ଲୋକଥା'ନ୍ତି । ବ୍ରେକ୍‌ଫାଷ୍ଟ ପାଇଁ ପ୍ରାୟ ଏହି ରୀତି ସବୁଠାରେ ଦେଖାଯାଏ । କେତେକ ହୋଟେଲରେ ରାତ୍ରି ଭୋଜନ ପାଇଁ ପରିବେଶକ ଥା'ନ୍ତି । ଯାହାହେଉନା କାହିଁକି ଟୁରିଷ୍ଟ ବା ପର୍ଯ୍ୟଟକମାନଙ୍କ ପାଇଁ ପର୍ଯ୍ୟଟନସଂସ୍ଥା ଦଳଗତ ଭାବରେ ବୁକିଙ୍ଗ୍ ବା ଟିକଟ କରିଥିବାରୁ ସେମାନଙ୍କ ଭୋଜନ ଖର୍ଚ୍ଚର ସୀମାଥାଏ । ବେଳେବେଳେ ସେଥିପାଇଁ ପରିବେଷଣକାରୀ ଯାହା ଦିଅନ୍ତି

ଥରକରେ ଯାଉ ଦଅନ୍ତି । ଅଧିକ ଖାଇବାକୁ ହେଲେ ପର୍ଯ୍ୟଟକକୁ ସେଥିପାଇଁ ପଇସା ଦେବାକୁ ପଡ଼େ ।

ଆମେ ପ୍ୟାରିସ୍‌ରୁ ଭର୍ସାଇଲ (Versailles) ଦେଖିବାପାଇଁ ଯାଇଥିଲୁ । ଏହା ଖୁବ୍ ପ୍ରସିଦ୍ଧ ସ୍ଥାନ । ଏଠାରେ ପ୍ରଥମ ମହାଯୁଦ୍ଧ ଓ ଦ୍ୱିତୀୟ ମହାଯୁଦ୍ଧର ଶାନ୍ତିଚୁକ୍ତି ହୋଇଥିଲା ।

## ସନ୍ଧ୍ୟାବେଳେ ରାତ୍ରି ଭୋଜନ :

ପ୍ୟାରିସ୍‌ରେ ଆମେ ଯେଉଁ ଦୁଇରାତି ରହିଥିଲୁ, ସେଥିପାଇଁ ରାତ୍ରି-ଭୋଜନ ଖର୍ଚ୍ଚ ଆମକୁ ଦେବାକୁ ପଡ଼ିଥିଲା । କସମସ୍ ଟ୍ରାଭେଲ ଏଜେଣ୍ଟ ଆମଠାରୁ ଯେଉଁ ପଇସା ନେଇଥିଲେ ସେଥିରେ ରାତ୍ରିଭୋଜନର ମୂଲ୍ୟ ମିଶି ନଥିଲା । ଏହି କାରଣରୁ ଆମେ ଖୋଜି ଖୋଜି ଶସ୍ତାରେ କେଉଁଠାରେ ଖାଇବାକୁ ମିଳିବ, ସେଠାକୁ ଯାଉଥିଲୁ । ପ୍ୟାରିସ୍‌ରେ ଭାରତୀୟ ରେସ୍ତୋରାଁଗୁଡ଼ିକ ଖୁବ୍ ଅଧିକ ଦାମ୍ ନେଉଥିଲେ । ଜୁନ୍ ମାସରେ ପ୍ୟାରିସ୍‌ରେ ଦୋକାନ ବଜାର ସବୁ ଅପରାହ୍ନ ପାଞ୍ଚଟା ସୁଦ୍ଧା ବନ୍ଦ ହୋଇଯାଉଥିଲା । ତେତେବେଳକୁ ସନ୍ଧ୍ୟା ଆହୁରି ଦୁଇଘଣ୍ଟା ଥିଲା । ଏତେ ସହଳ ରାତ୍ରି ଭୋଜନ କରି ସାରାରାତି କଟାଇବା ଅସମ୍ଭବ ହେଉଥିବାରୁ ଆମେ କିଛି ଶୁଖିଲା ଜିନିଷ କିଣି ହୋଟେଲକୁ ଆଣୁଥିଲୁ ଓ ଶୋଇଲା ପୂର୍ବରୁ ଖାଉଥିଲୁ ।

## ବିନିମୟ ମୁଦ୍ରା .

ପ୍ୟାରିସ୍‌ରେ କିଣାକିଣି ପାଇଁ ଫରାସୀ ଫ୍ରାଙ୍କ୍ ଦେବାକୁ ପଡ଼େ । ମୁଁ ଆଉ ଜଣେ ଦି ଜଣ ଅକ୍‌ସଫୋର୍ଡ଼ରୁ ବାହାରିଲାବେଳେ କିଛି ଫରାସୀ ମୁଦ୍ରା ଓ ନୋଟ ବିନିମୟକରି ଆଣିଥିଲୁ । ପ୍ୟାରିସ୍‌ରେ ପହଞ୍ଚି ମୁଁ ଗୋଟିଏ ବ୍ୟାଙ୍କ୍‌ରେ ଦେଖିଲି ଯେ, ଫ୍ରାଙ୍କ୍ ତୁଳନାରେ ପାଉଣ୍ଡ୍‌ର ମୂଲ୍ୟ କମିଯାଉଛି । ତେଣୁ ଯେଉଁମାନେ ଇଂଲଣ୍ଡରୁ ଫ୍ରାଙ୍କ୍ କିଣି ଆଣିଥିଲେ, ସେମାନେ ଲାଭବାନ୍ ହେଲେ ବୋଲି କହିଦେଲି । ଯଦି କାହାର ଫ୍ରାଙ୍କ୍ ବଳିଯାଏ, ସେ ଇଂଲଣ୍ଡ ଫେରିଗଲେ ବେଶି ପଇସା ପାଇବ । ଆମ ସାଙ୍ଗରେ ଥିବା ଶ୍ରୀ ସିଂହ ଏଥିରେ ଏମିତି ଭୁଲିଗଲେ ଯେ ଫ୍ରାଙ୍କ୍ ସଞ୍ଚିବାର ଚିନ୍ତାରେ ରହିଲେ । ଆମ ସାଙ୍ଗରେ ସେ ଭର୍ସେଲ ଗଲେନାହିଁ । ପ୍ୟାରିସ୍ ନଗରୀ ପରିକ୍ରମାପାଇଁ ଯିବାପାଇଁ ମଧ୍ୟ ମନା କରୁଥିଲେ, କିନ୍ତୁ ଆମମାନଙ୍କର ବହୁତ ପ୍ରରୋଚନା ଫଳରେ ସେ ବହୁତ

କଷ୍ଟରେ ବସ୍‌ରେ ଉଠିଲେ । ନ ଯାଇଥିଲେ ସେ ଭଡ଼ା ବାବଦକୁ ଓ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଚାନ୍ଦା ବାବଦକୁ ଗୁଡ଼ାଏ ଫ୍ରାଙ୍କ୍ ବଞ୍ଚାଇଥା'ନ୍ତେ । ପ୍ରକାରାନ୍ତରେ ସେ ଖାଦ୍ୟ ଜିନିଷ କଣାକଣିରେ ବହୁତ ମିତବ୍ୟୟିତା ଦେଖାଉଥିଲେ । ଘରେ ଘରେ ତୋଫାରେ ନେଇଥିବା ଚେନାଚୁର ଓ ଡାଲମୋଟ୍ ଖାଇ ସେ ରାତି କଟାଇଦେଲେ । ଯେତେବେଳେ ଏକଥା ଜଣାପଡ଼ିଲା ଯେ, ସିଂହ ଅଧିକା ପାଉଣ୍ଡ ପାଇବାପାଇଁ ଗୁଡ଼ାଏ ଫ୍ରାଙ୍କ୍ ସଞ୍ଚୁଛନ୍ତି, ଅନ୍ୟମାନେ ତାଙ୍କୁ ପ୍ରଶ୍ନ କଲେ । ସେ କହିଲେ, "ଯାହାଠାରୁ ମୁଁ ଶୁଣିଛି ଯେଉଁ ଫ୍ରାଙ୍କ୍‌ଦର ବଢ଼ିଯାଇଛି ।" ଏଥିଲାଗି ସେ ଖାଇବା ପିଇବା କମାଇ ଦେଇଛନ୍ତି ଓ କେଉଁଥିପାଇଁ ଯାଉନାହାନ୍ତି ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ତାଙ୍କୁ ବୁଝାଇଲି ଯେ, ବିଦେଶୀ ମୁଦ୍ରା କିଣିଲାବେଳେ ଯେତେ ଦରରେ କିଣା ଯାଇଥାଏ, ତାକୁ ବିକିଲାବେଳେ ତା'ଠାରୁ କମ୍ ଦରରେ ବିକାଯାଏ । ଏହି ତଫାତଟା ହେଉଛି ଦୋକାନୀ ବା ବ୍ୟାଙ୍କ୍‌ର ଲାଭ । ଫ୍ରାଙ୍କ୍‌ର ଦର ଏତେ ବଢ଼ିନାହିଁ ଯେ ଏହି ତଫାତକୁ ମୂଳପୋଛ କରିପାରିବ । ଅର୍ଥାତ୍ ସିଂହ ଯେତେ ପାଉଣ୍ଡ୍‌ର ଫ୍ରାଙ୍କ୍ କିଣିଛନ୍ତି, ସେତିକ ପାଉଣ୍ଡ୍ ଫେରି ପାଇବେ ନାହିଁ, ତେଣୁ ଖାଇବା ପିଇବା କମାଇ ଦେହକୁ କଷ୍ଟଦେବା ତାଙ୍କର ଉଚିତ ନୁହେଁ । ପରେ ବୁଝିଲି ତାଙ୍କର ଏ ଧାରଣା କାହିଁକି ଆସିଲା । ପ୍ୟାରିସ୍ ଯିବା ବାଟରେ ଯେତେବେଳେ ଆମେ ବେଲଜିୟମ ସୀମା ପାରହେଲୁ, ଆମ ଗାଇଡ୍ ଆମକୁ ବିଭିନ୍ନ ଦର୍ଶନୀୟ ସ୍ଥାନ ସମ୍ପର୍କୀୟ ଦେୟ ବା ଚାନ୍ଦା ମାଗିଲା । ସେ ପାଉଣ୍ଡ୍‌ରେ ନେବାକୁ ଚାହୁଁଥିଲା । ଫ୍ରାଙ୍କ୍‌ରେ ସେ ଯେତେ ନେବାକଥା ତାହା ପାଉଣ୍ଡ୍ ତୁଳନାରେ କମ୍ ଥିଲା । ତେଣୁ ସେ ପାଉଣ୍ଡ୍ ନେଇ ନିଜେ କିଛି ଲାଭ କରିବ । ମୁଁ ଅକ୍ସଫୋର୍ଡ଼ରୁ କିଛି ଫ୍ରାଙ୍କ୍ ବିନିମୟକରି ନେଇଥିଲି । ଗାଇଡ୍ ତ ନେବାକୁ ନାରାଜ । ମୁଁ ଏକମାତ୍ର ପର୍ଯ୍ୟଟକଟି ଥିଲି ଯେ କି ଫ୍ରାଙ୍କ୍ ଯାଚୁଥିଲି, ବାକି ଅନ୍ୟମାନେ ପାଉଣ୍ଡ୍ ଯାଚୁଥିଲେ । ମୁଁ ଯୁକ୍ତିକରି ଦେଖାଇଥିଲି ଯେ, ମୋର ପାଖରେ ଫ୍ରାଙ୍କ୍ ଅଛି ଆଉ ପାଉଣ୍ଡ୍ ଦେବିନାହିଁ ଏବଂ ପ୍ରତ୍ୟେକ ଦେଶର ଆଇନ ଅଛି ଯେ ସେ ଦେଶରେ ଦେଶର ମୁଦ୍ରାକୁ କେହି ନେବାକୁ ମନା କରିପାରିବେ ନାହିଁ । ମୁଁ ଗାଇଡ୍‌କୁ ଧମକାଇଲି । ଯଦି ସେ ନ ନିଏ, ମୁଁ ଯେ କୌଣସି ଥାନାରେ ରିପୋର୍ଟ କରିବି । ସେ ଏଥିପାଇଁ ଦଣ୍ଡନୀୟ ହୋଇପାରେ । ଏହି ଧମକରେ ଗାଇଡ୍‌ଟି ମୋ ଠାରୁ ଫ୍ରାଙ୍କ୍ ନେଇଥିଲା । ବଡ଼ ପାଟିରେ ଯୁକ୍ତି କଲାବେଳେ ସିଂହ ଲକ୍ଷ୍ୟ କରିଥିଲେ ଯେ ଫ୍ରାଙ୍କ୍‌ରେ ଭଡ଼ା ଓ ଚାନ୍ଦା ଦେବା ଫଳରେ ମୁଁ ପୁରୁପୁରି ଗୋଟିଏ ପାଉଣ୍ଡ୍‌ରୁ ବେଶୀ ବଞ୍ଚାଇ ପାରିଛି । ଏ ଧାରଣା ତା' ମୁଣ୍ଡରେ ଢୁକିଲା ପରଠୁ ସେ ଫ୍ରାଙ୍କ୍ ସଞ୍ଚୟ କରିବାରେ ଲାଗିଲେ । ସେ

ଭୁଲିଗଲି ଯେ, 'ଫ୍ରାଙ୍କ୍‌କୁ ଆଣି ଇଂଲଣ୍ଡ୍‌ରେ ବଦଳେଲେ ଯେତେ ପାଉଣ୍ଡ୍ ପାଇବ, ତାହା ଫ୍ରାଙ୍କ୍ କିଣିଥିବାବେଳେ ଖର୍ଚ୍ଚ କରିଥିବା ପାଉଣ୍ଡ ଠାରୁ କମ୍ । ସାଙ୍ଗମାନେ ଯେତେବେଳେ ଏ କଥା ଜାଣିଗଲେ, କୁଇନ୍ ଏଲିଜାବେଥ୍ ହାଉସରେ ତାଙ୍କୁ ଖୁବ୍ ଥଟ୍ଟା କରିଥିଲେ ।

## ପ୍ୟାରିସ୍‌ରେ ସନ୍ଧ୍ୟା :

ଗୋଟିଏ ଦିନର ଅପରାହ୍ନ ୫ଟା ପରେ ଆମକୁ ବହୁତ ସମୟ ମିଳିଥିଲା । ଆମେ ବୁଲିବୁଲି ପ୍ୟାରିସ୍ ନଗରୀ ବୁଲୁଥିଲୁ । ଆମ ସାଙ୍ଗରେ ଦକ୍ଷିଣାସ୍ତ୍ରା ଟ୍ରେନିଙ୍ଗ୍‌ରେ ଯାଇଥିବା ଗୁଜୁରାଟ କ୍ୟାଡ଼ରର ଜଣେ ଅଫିସର ଶ୍ରୀ ମୁଖାର୍ଜି ଓ ତାଙ୍କ ସ୍ତ୍ରୀ ଏହି କସ୍‌ମସ୍ ପର୍ଯ୍ୟଟକ ଦଳରେ ଯାଇଥିଲେ । ସେ ଦୁହେଁ ମଧ୍ୟ ଆମ ସାଙ୍ଗରେ ବୁଲୁଥିଲେ । ଶ୍ରୀମତୀ ମୁଖାର୍ଜିଙ୍କ ମନରେ ଆଶଙ୍କା ଥିଲା ଯେ, ପ୍ୟାରିସ୍‌ର ରାତିଜୀବନରେ ଶାଳୀନତା ନ ଥାଏ । ପ୍ରତି ପଦକ୍ଷେପରେ ସେ ଆଶଙ୍କା କରୁଥା'ନ୍ତି କାଳେ କିଏ ତାଙ୍କ ପ୍ରତି ଅସୌଜନ୍ୟ ପ୍ରକାଶ କରିବ । ଏତିକିବେଳେ ରାସ୍ତାର ଗୋଟିଏ କୋଣରେ ଦଳେ ଟୋକା ଖୁବ୍ ଜୋରରେ ପାଟିକରି ଝଗଡ଼ା କରୁଥିବାର ଆମେ ଦେଖିଲୁ । ଲୋକଗୁଡ଼ିକ ପୁରାତନ ଫରାସୀ ଉପନିବେଶ ଆଲଜେରିଆର ଲୋକଭଳି ଦେଖାଯାଉଥା'ନ୍ତି । ଆମେ ସେ ଆଡ଼କୁ ଅନାଇଲାବେଳକୁ ସେମାନେ ଆମ ଆଡ଼କୁ ଚାହିଁଲେ । ସେମାନେ ବହୁତ ସମୟଧରି ଆମ ଆଡ଼କୁ ଅନାଇ ଥିବାପରି ଆମକୁ ଜଣାଗଲା । ଏହାର କାରଣ ଜଣେ ଭାରତୀୟ ନାରୀର ବେଶଭୂଷା ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବ ବୋଲି ମୋର ଧାରଣା । କିନ୍ତୁ ଶ୍ରୀମତୀ ମୁଖାର୍ଜି ଜଲଦି ପଳାଇବା, ଜଲଦି ପଳାଇବା ବୋଲି ବଙ୍ଗଳାରେ କହି ବ୍ୟସ୍ତ ହୋଇ ପଡ଼ିଲେ । ଯାହାହେଉ ଆମେ ଅଗେଇଲୁ ।

## ଲିଲର ଅଭିଯାନ ଓ ଅଭିସାର :

ସନ୍ଧ୍ୟା ଯେତେ ଆଗେଇ ଆସୁଥାଏ, ରାସ୍ତାଘାଟ ସେତେ ଶୂନ୍‌ଶାନ୍ ହୋଇ ଯାଉଥାଏ । ଦୋକାନ ବଜାର ସବୁ ବନ୍ଦ ହୋଇଯାଇଥାଏ । ଲୋକ ଚଳପ୍ରଚଳ ପ୍ରାୟ ନଥାଏ, ସ୍ଥାନେ ସ୍ଥାନେ ରେସ୍ତୋରାଁ ବା ଜଳଖିଆ ଦୋକାନ ଆଗରେ ଦଳେ ଦଳେ ଲୋକ ପିଇବା ଓ ଖାଇବାରେ ବ୍ୟସ୍ତଥା'ନ୍ତି ଏବଂ ଆମମାନଙ୍କ ଭଳି ବିଦେଶୀମାନଙ୍କ ଆଡ଼କୁ ଚାହୁଁଥା'ନ୍ତି । ରାସ୍ତାରେ ମଝିରେ ମଝିରେ ଗୋଟିଏ ଗୋଟିଏ ବେଞ୍ଚ ବା ଡଷ୍ଟବିନ୍‌ର କାଛରେ ଜଣେ ଜଣେ ଯୁବତୀ ବସିଥିବାର

ଦେଖାଯାଉଥିଲା । ବହିରେ ଯେପରି ପ୍ୟାରିସ୍‌ର ଝିଅମାନଙ୍କ ଆଦବକାଇଦା ବିଷୟରେ ଲେଖାଅଛି, ସମସ୍ତେ ଜାଣିଥିବେ ବୋଲି ମୁଁ ଚେତାଇଦେଲି । ମୋ କଥାକୁ ଆହୁରି ଅତିରଞ୍ଜନ କରି ଶ୍ରୀ ମୁଖାର୍ଜି କହିଲେ ଯେ ଗୋଟିଏ ଗୋଟିଏ ପ୍ୟାରିସ୍ ଝିଅ ଯୁବକ ବନ୍ଧୁ ସଂଗ୍ରହ କରି ତା' ଖର୍ଚ୍ଚରେ ଖାଇପିଇ କଟାନ୍ତି ଓ ଭୋର ବେଳକୁ ଘରକୁ ଯାଆନ୍ତି । ଏମାନେ ଇଙ୍ଗିତ ଦେଇ ବାଟୋଇମାନଙ୍କୁ ଡାକନ୍ତି । ଏହାଶୁଣି ଆମ ସାଙ୍ଗରେ ଥିବା ଶ୍ରୀ ଲାଲଙ୍କ ପାଟିରୁ ଲାଳ ଗଡ଼ିପଡ଼ିଲା ଭଳି ଜଣାଗଲା । ସେ ହିସାବରେ ବାରମ୍ବାର ପଚାରୁ ଥିଲେ, "ସତ ?" ଆମେ ହଁ ହଁ କହୁଥିବାବେଳେ, ହଠାତ୍ ସ୍ତ୍ରାର ଗୋଟିଏ ଆଡ଼କୁ ଅନାଇଲାବେଳକୁ ଦେଖିଲୁ ଯୁବତୀଟିଏ ଗୋଟିଏ ଉଚ୍ଚ ଯାଗାରେ ବସି କାହାକୁ ହାତ ଠାରୁଛି । ତେତେବେଳକୁ ମୁହଁ ସଞ୍ଜହୋଇ ଆସିଲାଣି । ଲାଲଙ୍କୁ ଏ କଥା ଆମେ ଜଣାଇ ଆମେ ଟିକେ ଜୋରଜୋରରେ ଚାଲିଲୁ, ଯେପରି ଲାଲ ପଛକୁ ପଡ଼ିଯିବ । କିଛିବାଟ ଗଲାପରେ ଆମେ ଦେଖିଲୁ ଯେ ଲାଲ ଯୁବତୀଟି ଆଡ଼କୁ ଚାଲିଛି । ଆମେ ତା'ର ଆଖିରୁ ଦୂରେଇ ଯିବାପାଇଁ ଗୋଟିଏ କୋଠାର ପଛକୁ ଚାଲିଗଲୁ । କିନ୍ତୁ ଯେପରି ଅଘଟଣ ନ ଘଟେ ତାହା ଲକ୍ଷ୍ୟ କରିବାକୁ ଆମେ ସେଠାରେ ଅପେକ୍ଷା କଲୁ । ଆମେ ଯେ ସାହାସୀ ଥିଲୁ ତାହା ନୁହେଁ, ଆମ ଭିତରୁ ଜଣଙ୍କୁ ବିଦେଶରେ ଏକୁଟିଆ ଛାଡ଼ିଦେବା ଉଚିତ ମନେ ହେଲାନାହିଁ । କିନ୍ତୁ ଆମକୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ଆମେ ଲୁଚିଥିବା କୋଠା ପାଖାପାଖି ଆସି ଜୋରରେ ସେ ପାଟିକଲା, "ଆବେ ଶାଲେ କାହାଁ ହୋ ?" ତୋଙ୍ଗରେ ତା'ଙ୍କୁ କୁଣ୍ଢାଇ ପକାଇ କ'ଣ ହେଲା କ'ଣ ହେଲା ବୋଲି ପଚାରୁଥିଲୁ । ଆମେ କାରଣଟା ଜାଣିପାରିଥିଲୁ । ଲାଲ ଫରାସୀ ଭାଷା ଜାଣେ ନାହିଁ, ଆଉ ତା'ର ଇଂରାଜୀ ଉଚ୍ଚାରଣ ହିନ୍ଦୀଭଳି । ତେଣୁ କଥାବାର୍ତ୍ତାରେ କେହି କାହାକୁ ବୁଝିପାରି ନଥିଲେ । ଏପରି ଜଣେ ଘୁଙ୍ଗା ଯୁବକଙ୍କୁ ଧରି ସେ ବା କାହିଁକି ରାତି କଟାଇବାକୁ ଚାହିଁବ ? ଅବଶ୍ୟ ଲାଲ ପାଖରେ ଏତେ ପଇସା ମଧ୍ୟ ନ ଥିଲା । ନିଜର ବେ କଣ୍ଟ୍ରୋଲ ମନକୁ କିଛି ସ୍ୱାଦ ଦେବାପାଇଁ ସେ ଆଗେଇ ଯାଇଥିଲା ସିନା । ମନରେ ଡର ଥିଲା, କେଉଁଠି ହଜିଯିବ ନାହିଁ ତ ? ଠକିଯିବ ନାହିଁ ତ ?

ଜୁନ୍ ୨୨, ଶୁକ୍ରବାର ସକାଳ ସାଢ଼େ ସାତଟା ସୁଦ୍ଧା ହୋଟେଲରେ ବ୍ରେକ୍‌ଫାଷ୍ଟ ଖାଇ ଆମେ ବଲ୍‌ତ ମୁହାଁହେଲୁ । ୮ଟା ୩୦ରେ ପ୍ୟାରିସ୍ ଛାଡ଼ି ଆମ ବସ୍ ଛୁଟିଲା କାଲାଇ ଅଭିମୁଖେ । ମଧ୍ୟାହ୍ନ ୧୧ଟା ସୁଦ୍ଧା କାଲାଇରେ ପହଞ୍ଚିଲୁ । ବସ୍‌ରେ ବାଟଯାକ ଆମ ଗାଇଡ୍ ମିଃ ନୋ ପ୍ରବ୍ଲେମ୍‌ସ୍‌କୁ ବକ୍‌ସିସ୍ ଦେବାର

ଯୋଜନା କଲୁ । ଗାଇଡ୍ ଛଡ଼ା ଡ୍ରାଇଭର ମଧ୍ୟ କିଛି କିଛି ବକ୍ସିସ୍ ପାଇବା କଥା । କଥାବାର୍ତ୍ତାରୁ ଜଣାଗଲା ଯେ ଗାଇଡ୍ ଦୁଇପାଉଣ୍ଡରୁ କମ୍ ହେଲେ ନେବନାହିଁ । କିଛି ନଦେଇ ଫେରିବା ଗୋଟିଏ ବଦନାମ । ସେ ଭଦ୍ରବ ସ୍ୱରଣାପୁ ଗୁଡ଼ାକ ବଡ଼ ଭଦ୍ର ଯୁବ୍ର, ତେଣୁ ଆମେ ସବୁ ପ୍ରତ୍ୟେକେ ଅଢ଼ କମ୍ରେ ଦୁଇ ଦୁଇ ପାଉଣ୍ଡ୍ କରି ଦେବୁ ବୋଲି ଠିକ୍ କରିଦେଲୁ । ବସ୍‌ରୁ ଓହ୍ଲାଇବାକ୍ଷଣି ବକ୍ସିସ୍ ଧରାଇଦେଇ, ଆମର ଆସବାବ ପତ୍ର ଧରି କଲାଇ ବନ୍ଦର ଭିତରେ ପଶିଲୁ । କଷ୍ଟମ ଫରମାଲିଟିଜ୍ ଖୁବ୍ ଶୀଘ୍ର ସମାପ୍ତ କରି ଆମେ ୧୨ ଟା ୩୦ରେ ଜାହାଜରେ ଚଢ଼ିଲୁ । ସେଦିନ ବେଶ୍ ପବନ ବୋହୁଥାଏ । ଜାହାଜ ଖୁବ୍ ଜୋରରେ ଦୋହଲୁଥାଏ । ମଝି ସମୁଦ୍ରରେ ଏତେ ଜୋରରେ ଦୋହଲୁଥାଏ ଯେ ସିଟ୍‌କୁ ଜାବୋଡ଼ିଧରି ବସୁଥାଉଁ କିମ୍ବା ଜାହାଜର ଖୁଣ୍ଟକୁ ଧରି ଠିଆ ହେଉଥାଉ । ଫେରିବା ସମୟରେ ଜାହାଜ ଭିତରୁ କିଛି କିଛି ଜିନିଷ କିଣିବାକୁ ଭାରି ଇଚ୍ଛା ହୁଏ । ଜାହାଜରେ ଜିନିଷ କିଣିଲେ କୌଣସି ଶୁଲ୍କ ପଡ଼େନାହିଁ । ଘଣ୍ଟା, ଫେଲଣା ବା ଇଲେକ୍ଟ୍ରୋନିକ୍ସ ଜିନିଷର ଦରବୁଝି ମୁଁ ଯାହା ଜାଣିଲି ତାହା ଇଂଲଣ୍ଡର ବଜାର ଦରଠାରୁ ଶସ୍ତା ଜଣାଗଲା ନାହିଁ । ମୋତେ ସେମାନଙ୍କର ଜିନିଷଗୁଡ଼ିକୁ ଜଗାଇ ଦେଇ ମୋର ସାଙ୍ଗରେ ଯାଇଥିବା ଲାଲ୍, ଡଙ୍କରେ, ଶ୍ରୀ ଓ ଶ୍ରୀମତୀ ମୁଖାର୍ଜୀ ଜିନିଷ କିଣାକିଣି କରିବାକୁ ଚାଲିଗଲେ । ବିଲାତ ସରକାରଙ୍କର ଚେତେଡେବେଲ ନିୟମ ଅନୁଯାୟୀ ୟୁରୋପ ମୂଳଭୂଖଣ୍ଡରୁ ଫେରୁଥିବା ଯାତ୍ରୀମାନେ ୨୦ ପାଉଣ୍ଡରୁ ବେଶି ମୂଲ୍ୟର ଜିନିଷ ଆଣିଲେ ତା’ ଉପରେ ଶୁଲ୍କ ଦେବେ । କେତେଜଣ ବିନା ଶୁଲ୍କରେ ସିଗାରେଟ ପ୍ୟାକେଟ ଓ ମଦବୋତଲ କିଣି-ପକାଇଲେ । ଡଙ୍କରେ ଏଗୁଡ଼ିକ ପ୍ରତି ଆଗ୍ରହ ନଥିବାରୁ ଗୋଟିଏ ଛୋଟ କାମେରା, ଗୋଟିଏ କଲ୍‌ଚରଡ଼ (ସୃଷ୍ଟ କରାଯାଇଥିବା) ମୁକ୍ତାର ହାର ଓ କିଛି ଅତର କିଣିଥିଲା । ସବୁଗୁଡ଼ିକ ମିଶି ୨୩ ପାଉଣ୍ଡ ହୋଇଯାଇଥିଲା । ତା’ କିଣା ଜିନିଷ ଦେଖି ଠକିଗଲା ବୋଲି ମୁଁ କହିଥିଲି । କାମେରାଟି ବିଲାତି ବା ଜର୍ମାନୀ ଜିନିଷ ହୋଇନଥିବ ବୋଲି ମୁଁ କହିଦେଲାପରେ ସେ ଖୋଲି ଦେଖିଲା ଯେ ତାହା ଆଗ୍‌ଫା ଇଣ୍ଡିଆ । ୧୧ ପାଉଣ୍ଡ ଦେଇ କିଣିଥିବାରୁ ଭାରତ ତୁଳନାରେ ଶସ୍ତାରେ ସେ ପାଇଛି ବୋଲି ହୃଦ୍‌ବୋଧ ହେଲା ହିନା, ଭାରତ ଜିନିଷ କିଣିବା ପାଇଁ ବିଲାତି ମୁଦ୍ରା ଖର୍ଚ୍ଚ କରିଛି ଜାଣି ତା’ ମନ ଫିକା ପଡ଼ିଗଲା । ଦିଲ୍ଲୀ ଫେରିଲେ, ତା’ର ଏହି ବୋକାମି ଧରାପଡ଼ିଯିବ ବୋଲି ସନ୍ଦେହ କରି ସେ କାମେରାଟିକୁ ବିକ୍ରି କରିଦେବାପାଇଁ ଭାରି ଚେଷ୍ଟା କରିଥିଲା । ସେଠି ତ କେହି ନେଲେନାହିଁ । କିନ୍ତୁ ଅକ୍ସଫୋର୍ଡରେ କେରଳରୁ ଆସିଥିବା,

ପିଲ୍ଇକୁ ସେ ୭ ପାଉଣ୍ଡରେ ବିକିଦେଲା । ଘରଯୋଡ଼ିରୁ ଯାହା ମିଳିଲା ଲାଭ; ୪ ପାଉଣ୍ଡ ଯାଉ ।

ଦୋଳାୟମାନ ଜାହାଜରେ ଶ୍ରୀମତୀ ମୁଖାର୍ଜି ଓ ଲଲି ବାନ୍ତିକରି ପକାଉଥିଲେ । ଯାହାହେଉ ଆମେ ସମସ୍ତେ ଅପରାହ୍ଣ ୪ଟାରେ ଡୋଭର ଉପକୂଳରେ ବିଲାତ ଭୂମିରେ ଓହ୍ଲାଇଲୁ । ଏହାପରେ ଆମମାନଙ୍କୁ କଷ୍ଟମସ୍ ଚେକ୍‌ବାଟେ ଯିବାକୁ ପଡ଼ିଥିଲା । ମୋର କିଛି ଘୋଷଣା କରିବାକୁ ନଥିବାରୁ ମୁଁ ସବୁଜ ଗଳିବାଟେ ଯିବାକୁ ଚାହିଁଲି । ଓଙ୍ଗ୍‌ରେ ମଧ୍ୟ ମୋର ସାଙ୍ଗରେ ଯିବାକୁ ବାହାରିଲା । ୨୦ ପାଉଣ୍ଡରୁ ବେଶି ଜିନଷ ଥିବାରୁ ତା'ର ଡର ଥିଲା କାଳେ ତାକୁ କଷ୍ଟମସ୍-ବାଲା ଧରିଦେବେ ଓ ଜୋରିମାନା କରିଦେବେ । ମୋର ସାଙ୍ଗରେ ଆସିଲେ କିଛି ସାହାଯ୍ୟ ପାଇବ ବୋଲି ତା'ର ଆଶାଥିଲା । କିନ୍ତୁ ମୁଁ ତ ତା'ପାଇଁ ରେଡ୍ ଚ୍ୟାନେଲ୍ ବାଟେ ଆସିବି ନାହିଁ ? ମୋର ତ କିଛି ଡିକ୍ଲାର କରିବାର ନଥିଲା । କିନ୍ତୁ ଓଙ୍ଗ୍‌ରେ ଭାବିଲା ମୁଁ ଯେପରି ଛାତି ଫୁଲାଇ ଚାଲିଆସିବି, ସେ ମଧ୍ୟ ସେପରି ଛାତି ଫୁଲାଇ ଚାଲିଆସିବ । ମୁଁ ତା'କୁ ବାଟରେ କହିଥିଲି, ଯଦି ସେ ଡରି ଡରି ଆସେ, ତେବେ କଷ୍ଟମସ୍‌ବାଲା ଠଉରାଇ ନେବେ ଯେ ତା' ପାଖରେ କିଛି ଧର୍ତ୍ତବ୍ୟ ଜିନଷ ଅଛି । ମୋ ପାଖରେ ସରକାରୀ ପାସ୍‌ପୋର୍ଟ ଥିବାରୁ ମୁଁ ଖୁବ୍ ସହଜରେ କଷ୍ଟମସ୍ ଚ୍ୟାନେଲ୍ ପାର ହୋଇପାରିବି ଏବଂ ମୋ ପଛେ ପଛେ ଓଙ୍ଗ୍‌ରେ ପାର ହୋଇଯିବ ବୋଲି ତା'ର ଆଶାଥିଲା । ମୋ ପଛେ ପଛେ ଓଙ୍ଗରେ ଚାଲିଥାଏ । ମୁଁ ସଗର୍ବରେ ଧଳା ପାସ୍‌ପୋର୍ଟଟିକୁ ହାତରେ ହଲାଇ ହଲାଇ କଷ୍ଟମସ୍ ଅଫିସର ସାମନାରେ ଆଗେଇଗଲି । ଓଙ୍ଗ୍‌ରେର ଛାତି ଧୁକ୍ ଧୁକ୍ ହେଉଥିଲା । ତା'ର ହାବଭାବରୁ ଅଫିସର ଜଣକ ବୋଧହୁଏ କିଛି ସନ୍ଦେହ କଲା । ତା'କୁ ଅଟକାଇ ଦେଲା । ସାଙ୍ଗେ ସାଙ୍ଗେ ଓଙ୍ଗ୍‌ରେ ମୋତେ ଡାକ ପକାଇଲା । ହିନ୍ଦିରେ କହିଲା ଟିକିଏ ଅଟକିଯାଅ । ମୁଁ ଫେରିଆସି ସାଙ୍ଗେ ସାଙ୍ଗେ ତା'ର ଡର କଟାଇବାପାଇଁ ଅଫିସରଙ୍କୁ କହିଲି ଆମେ ଦୁଇଜଣ ବ୍ରିଟିଶ କାଉନ୍‌ସିଲର ସ୍କଲରସିପ୍‌ରେ ଅକ୍‌ସଫୋର୍ଡରେ ପଢ଼ୁଛୁ । ଛଅଦିନ ଛୁଟି କଟାଇବାକୁ ୟୁରୋପ ଯାଇଥିଲୁ । ଏହା କହି ମୁଁ ଓଙ୍ଗ୍‌ରେକୁ ଶ୍ରୀମତୀ ପେଗି କାମେରନ୍‌ଙ୍କ ଚିଠିଟା ଦେଖାଇବାକୁ କହିଲି । ଓଙ୍ଗ୍‌ରେର ପ୍ରାଇଭେଟ୍ ପାସ୍‌ପୋର୍ଟ ଥିବାରୁ ସେ ଯେଉଁ ଅସୁବିଧାରେ ପଡ଼ିଥା'ନ୍ତା ଶ୍ରୀମତୀ କାମେରନ୍‌ଙ୍କ ଚିଠିଟି ଦେଖାଇବାରୁ ସେ ଅସୁବିଧାରୁ ସେ ଉତୁରିଗଲେ । ବିଲାତ ସରକାରଙ୍କ କଷ୍ଟମସ୍ ଅଧିକାରୀ ବ୍ରିଟିଶ କାଉନ୍‌ସିଲର ଚିଠି ପ୍ରତି ସମ୍ମାନ ପ୍ରଦର୍ଶନ କରି ଓଙ୍ଗ୍‌ରେର ବାକ୍‌ସ ଯାଞ୍ଚ କରିନଥିଲେ ।

ଭିଙ୍ଗ୍‌ରେ ଅଫିସର ଜଣଙ୍କ ଦୃଷ୍ଟିରୁ ଦୂର ହୋଇଆସିଲାପରେ ଗଦ୍‌ଗଦ୍ ହୋଇ କହିଲା, "ସାହୁ, ତୁମ ଯୋଗୁଁ ଆଜି ରକ୍ଷା ପାଇଗଲି ।" ମୁଁ ତାକୁ କହିଲି "ତୁମ ନର୍‌ଭସ୍‌ନେସ୍ ଯୋଗୁଁ ତୁମେ ଧରାପଡ଼ି ଯାଇଥାଲ । ଡରୁଥିଲ କାହିଁକି ? ଖୁବ୍ ବେଶି ହେଲେ ତୁମକୁ ଅଧିକା ୩ ପାଉଣ୍ଡ ଉପରେ ଶୁଳ୍କ ଦେବାକୁ ପଡ଼ିଥା'ନ୍ତା ।" ଯାହାହେଉ ଭିଙ୍ଗ୍‌ରେ ମୁହଁରୁ ଝାଳ ବୋହି ଯାଉଥିବାର ମୁଁ ଦେଖିଲି । ସତେ ଯେପରି ସେ ଗୋଟାଏ ବଡ଼ ବିପଦ ଅତିକ୍ରମ କରି ଯାଇଛି ।

ଆମମାନଙ୍କ ସାଙ୍ଗରେ ଥିବା ଅନ୍ୟ ସହଯାତ୍ରୀମାନେ ରେଡ୍ ଚ୍ୟାନେଲ ବାଟେ ଆସୁଥିବାରୁ ସେମାନେ ରେଲ ଷ୍ଟେସନରେ ପହଞ୍ଚିବାରେ ଡେରିହେଲା । ଆମେ ଦୁଇଜଣ ଡୋଭର ଷ୍ଟେସନରେ ୪ଟା ୩୦ ବେଳକୁ ପହଞ୍ଚିଗଲୁ । ସେତେବେଳକୁ ଟ୍ରେନଟିଏ ଛାଡ଼ୁଥାଏ । ସେଥିରେ ଆମେ ବସିଗଲୁ । ଗଲାବେଳେ ଆମର ଯେଉଁ ୭ ଦିନିଆ ରିଟର୍ଣ୍ଣ ଟିକେଟ ହୋଇଥିଲା, ତା'ର ଫେରନ୍ତା ଟିକେଟରେ ଆମେ ଟ୍ରେନ୍‌ରେ ଚଢ଼ିଥିଲୁ । ପ୍ରତି ଅଧଘଣ୍ଟାରେ ଗୋଟାଏ ଲେଖାଏଁ ଟ୍ରେନ୍ ଡୋଭରରୁ ଲଣ୍ଡନକୁ ଯାଏ । ଆମେ ଲଣ୍ଡନରେ ଅପରାହ୍ଣ ୬ଟା ୫ ମିନିଟ୍‌ରେ ପହଞ୍ଚିଲୁ । ପରବର୍ତ୍ତୀ ଟ୍ରେନ୍‌କୁ ଅପେକ୍ଷା କଲୁ ସାଙ୍ଗମାନଙ୍କର ଫେରିବାକୁ । ସେମାନେ ଫେରିବା ପରେ ଲଣ୍ଡନ ଷ୍ଟେସନ ଠାରେ ଗୋଟିଏ ଭାରତୀୟ ଜଳଖିଆ ଦୋକାନ ଖୋଜିଲୁ । ଦର ବେଶି ହୋଇଥିବାରୁ ଭାରତୀୟ ରେସ୍ତୋରାଁରେ ଖାଇବା ଲୋଭ ଛାଡ଼ି କିଛି ଶୁଖିଲା ଡିନର କରିନେଲୁ । ୭ଟାବେଳେ ଲଣ୍ଡନରୁ ଅକ୍ସଫୋର୍ଡ ବସ୍ ଧରି ଚାଲିଆସିଲୁ । ଏଥିପାଇଁ ଗଲାଦିନ ୭ ଦିନିଆ ରିଟର୍ଣ୍ଣ ବସ୍ ଟିକେଟ କରିଥିଲୁ । ରିଟର୍ଣ୍ଣ ଟିକେଟ କଲେ ପଉଣେ ଏକ ଟିକେଟର ଦାମ୍ ଦେବାକୁ ପଡ଼େ । ଆମ ଦେଶରେ ପ୍ରାୟ ଦେଢ଼ଗୁଣ ପଡ଼ିଥାଏ । ଆମେ ସେଦିନ ଅକ୍ସଫୋର୍ଡରେ ସନ୍ଧ୍ୟା ୮ଟା ୩୦ରେ ପହଞ୍ଚି ଯାଇଥିଲୁ ।

କସମସ୍ ଟ୍ରାଭଲ୍ ଏଜେଣ୍ଟ ଠାରୁ ମିଳିଥିବା ବିଦେଶ ଭ୍ରମଣ ପୁସ୍ତିକା ପଢ଼ୁ ପଢ଼ୁ ମୋ ଆଖିରେ ଗୋଟିଏ ସର୍ତ୍ତ ପଡ଼ିଲା । ସେଥିରେ ଲେଖାଥିଲା, ଯଦି କୌଣସି କାରଣରୁ ଭ୍ରମଣ ଯୋଜନା ବାତିଲ ହୁଏ ଏବଂ ତାହା ଅଗ୍ରିମ କରିଥିବା ଲୋକଙ୍କୁ ଜଣାଇ ଦିଆନଯାଏ ତେବେ କମ୍ପାନୀ ଶତକଡ଼ା ୨୦ ଭାଗ କ୍ଷତିପୂରଣ ଦେବ । ଆମର ଜର୍ମାନୀ ଆଦି ଦେଶ ଯିବାର ଆଗ ଭ୍ରମଣ ଯୋଜନା ଆମକୁ ନ ଜଣାଇ ବାତିଲ କରାଯାଇଥିଲା ଏବଂ ଏହାମଧ୍ୟ ଆମର ଟ୍ରାଭଲ ଏଜେଣ୍ଟ ଟମାସ୍ କୁକ୍‌ଙ୍କୁ ଜଣା ନଥିଲା । ଏଥିପାଇଁ ଆମେ କ୍ଷତିପୂରଣ ଦାବି

କରିବା ଉଚିତ୍ ବୋଲି ମୁଁ ସାଙ୍ଗମାନଙ୍କୁ କହିଲି । ବିଲାତ ଲୋକଙ୍କଠାରୁ କ୍ଷତିପୂରଣ ପାଇବା ଅସମ୍ଭବ ବୋଲି ସେମାନଙ୍କ ଧାରଣା ଥିଲା । କିନ୍ତୁ ଲୋଭ ସମ୍ବରଣ କରିନପାରି ମୋର ସାଙ୍ଗରେ ଯାଇ କ୍ଷତିପୂରଣ ଦାବୀ ଦରଖାସ୍ତରେ ଦସ୍ତଖତ କରି ଆସିଲେ । ତା'ପରଦିନ ଠାରୁ ମୋର କାମହେଲା ଦୁଇଟି ପିରିଅଡ୍ ଭିତରେ ମିଳୁଥିବା ସମୟରେ ବିଶେଷତଃ ଖିଆବେଳର ଖାଇବା ସମୟରେ (ଲଞ୍ଚ୍ ବ୍ରେକ୍‌ରେ) ପ୍ରତିଦିନ ଟମାସ୍‌କୁକ୍ ଅଫିସ୍‌କୁ ଯାଇ କ୍ଷତିପୂରଣ ବିଷୟରେ ମନେପକାଇବା । କାଲି ଦେଖିବା, କସ୍‌ମସ୍ ହେଡ୍ କ୍ୱାଟରକୁ ଟେଲିଗ୍ରାମ୍ ପଠାଇ ଦେଇଛୁ, ଫୋନ୍‌କରି ମନେ ପକାଇ ଦେଇଛୁ ଆଦି ବିଭିନ୍ନ ପ୍ରକାରର ଆଶ୍ୱାସନା ମୋତେ ଶୁଣିବାକୁ ମିଳୁଥିଲା । ଦୁଇସପ୍ତାହ ଏପରି ହେବାପରେ ମୋର ସାଙ୍ଗମାନେ ଧରିନେଲେ ଯେ, ଆଉ କ୍ଷତିପୂରଣ ମିଳିବ ନାହିଁ, ଖାଲି ଟମାସ୍‌କୁକ୍ ଅଫିସ୍‌କୁ ଦୌଡ଼ିବା ହିଁ ସାର ହେବ । ତେଣୁ ସେମାନେ ଆଉ ଟମାସ୍‌କୁକ୍ ଅଫିସକୁ ଗଲେ ନାହିଁ ।

ମୁଁ ପ୍ରାୟ ପ୍ରତିଦିନ ଖିଆବେଳେ ଯାଉଥାଏ । ଥରେ ବିରକ୍ତ ହୋଇ ସେମାନଙ୍କ ନାଁରେ ମକଦ୍ଦମା କରିବି ଓ ହାଇ କମିଶନରଙ୍କୁ କହିବି ବୋଲି ଧମକ ଦେଲି ! ଏ ସବୁ ଫାଙ୍କା ଧମକ ! ତଦପି ନ ମୁଞ୍ଚ ଆଶା ଭାଣ୍ଡମ୍ । ଟମାସ୍‌କୁକ୍‌ର ମାନେଜରଙ୍କ ସହ କଥାବାର୍ତ୍ତା କରିଥିଲି । ଏହାର ସମାଧାନ ଦୁଇଦିନ ଭିତରେ ହେବ ବୋଲି ସେ ମୋତେ ୨୯ ଜୁନ୍‌ରେ କହିଥିଲେ । ୭ ଜୁଲାଇ ହେଉଛି ଅକ୍ସଫୋର୍ଡ଼ରେ ଆମର ଶେଷଦିନ । ଯଦି କ୍ଷତିପୂରଣ ଆମକୁ ୫ ସୁଦ୍ଧା ନମିଳିଲା ତେବେ ଦୌଡ଼ା ବିଫଳ ହୋଇଯିବ । ମୁଁ ଟମାସ୍‌କୁକ୍‌ର ମାନେଜରଙ୍କୁ କହିଦେଲି ଯେ, ଆମର ୭ ତାରିଖରେ ଫେରିଯିବାର ଥିବାରୁ ଆମର ବ୍ୟାଙ୍କ୍ ଏକାଉଣ୍ଟ ୨ ତାରିଖରେ ବନ୍ଦ ହୋଇଯିବ । ଏଣୁ ଆମର କ୍ଷତିପୂରଣ ପାଉଣ୍ଡ (ନଗଦ ଅର୍ଥ) ଆକାରରେ ଦିଆଯାଉ । ଚେକ୍ ଚଳିବ ନାହିଁ । ଏହା କହିବାର କାରଣ ଥିଲା ଯେ କାଳେ ଚେକ୍ ନାଁରେ ଆମକୁ ଟମାସ୍‌କୁକ୍ ଭଣ୍ଡି ଦେଇ-ପାରେ । ଚେକ୍ ପାଇ ଭଙ୍ଗାଇବାରେ ଡେରି ହୋଇଗଲେ ଅକ୍ସଫୋର୍ଡ଼ ଛାଡ଼ିବା ପୂର୍ବରୁ ପଇସା ମିଳି ନପାରେ । ସେହିଦିନ ସେ ଲଣ୍ଡନର କସମସ୍ କମ୍ପାନୀ ଠାରୁ ଅନୁକୂଳ ଖବର ପାଇଥିଲେ । ଯଦି କସ୍‌ମସ୍ ଠାରୁ ପେମେଣ୍ଟ ଡେରିରେ ଆସେ ତେବେ ସେ ନିଜ ତରଫରୁ ପେମେଣ୍ଟ କରିଦେବେ ବୋଲି ପ୍ରତିଶ୍ରୁତି ଦେଲେ । ମୁଁ ୨ ତାରିଖ ଦିନ ଖିଆବେଳେ ଆସି ଜଣକା ୧୫ ପାଉଣ୍ଡ ଲେଖାଏଁ ୪୫ ପାଉଣ୍ଡ କ୍ଷତିପୂରଣ ନେଇଯାଇଥିଲି । ଜଣକା ୧୫ ପାଉଣ୍ଡ କିଛି କମ୍ କଥା ନୁହେଁ । ଏଥିରେ ଦୁଇଦୁଇଟା ଭଲ ମାନର ଇଲେକ୍‌ଟ୍ରୋନିକ୍ ଘଡ଼ି କିଣିହେବ ।

ଏହି କ୍ଷତିପୂରଣ ପାଇଥିବା ଶୁଣି ଯାତ୍ରୀମାନେ ବଡ଼ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସେମାନେ ଖୁସି ହୋଇ ମୋତେ ପାଞ୍ଚ ପାଉଣ୍ଡ ଲେଖାଏଁ ଫେରାଇ ଦେଉଥିଲେ, ଅର୍ଥାତ୍ ୪୫ ପାଉଣ୍ଡରୁ ମୋ'ଭାଗ ୨୫ ପାଉଣ୍ଡ ହୋଇଯାଉଥିଲା । କିନ୍ତୁ ମୁଁ ତାହା ନ ନେବାରୁ ସେମାନେ ଉପୁରି ମାଲ ଭାବରେ ଉଡ଼ାଇ ଦେଲେ । ସେ ପଇସାରେ ଖାଲି ଗୁଡ଼ାଏ ମଦ ପିଇଦେଲା । ଅବଶ୍ୟ ଡଙ୍କ୍‌ରେ ଗୋଟାଏ ସୋଲାର ଓ୍ୱାଚ ସହିତ ଦୁଇଟି କଲମ କିଣି ଦେଖାଇଲା । ଏକଥା କୁଇନ୍ ଏଲିଜାବେଥ୍ ଜାହାଜର କ୍ରୁଙ୍କଆଡ଼େ ସ୍ପଷ୍ଟ ହୋଇଗଲାପରେ ସମସ୍ତେ କହିଲେ ଏ ଇଂରେଜ ଲୋକଙ୍କୁ ପାଠ ଶିଖାଇଲା । ଏହା ପ୍ରକୃତରେ ଇଂରେଜମାନଙ୍କୁ ପାଠ ଶିଖାଇବା ନୁହେଁ, ଇଂରେଜ ବ୍ୟବସାୟୀର ସାମାନ୍ୟ ଭୁଲ୍ ଥିଲେ ସେ ସେ କ୍ଷତି ପୂରଣ ଦିଏ, ଏହା ଇଂରେଜ ଜାତିର ମହତ୍ତ୍ୱର ସୂଚନା । ଆମ ଦେଶ କଥା ଦେଖନ୍ତୁ—ଆମ ଦେଶର ଦୋକାନୀ ତା'ର କ୍ୟାସ୍‌ମେମୋରେ ଲେଖିଥିବ, “ଜିନିଷ ଥରେ ବିକ୍ରି ହୋଇଗଲେ ଆଉ ଫେରସ୍ତ ନିଆ ହେବନାହିଁ ।” ଏକଥା ଯେଉଁ ଦୋକାନୀ ଲେଖେ, ସେ ତା'ର ଦୋଷପାଇଁ କ୍ଷତିପୂରଣ କଥା କେବେ ସ୍ୱପ୍ନରେ ଭାବିବ କି ? ଇଂରେଜମାନେ ଆମ ଦେଶକୁ ଶତାଧିକ ବର୍ଷକାଳ ଶାସନ କରିଗଲେ, କିନ୍ତୁ ତାଙ୍କର କେତେଗୁଡ଼ାଏ ଭଲ ଗୁଣ ଶିଖାଇବାକୁ ଚେଷ୍ଟାକଲେ ନାହିଁ ବରଂ ଆମ ଆମ ଭିତରେ ଅବିଶ୍ୱାସ ଓ ଧୋକାମିର ବୀଜ ବୁଣି ଦେଇଗଲେ ।

ଡୋଭରରେ ଆମେ କେତେଗୁଡ଼ିଏ ହୋଭର କ୍ରାଫ୍ଟ (Hover craft) ଦେଖିଥିଲୁ । ସେଗୁଡ଼ିକ ଉଭୟଚର ଯାନ । ଥରେ ଷ୍ଟାର୍ଟ ହେଲେ ଏହି ଜାହାଜର ତଳ ଅଂଶରେ ଏତେ ଜୋରରେ ପବନ ବାହାରି ହୁଏ ଯେ ତାହା ଭୂମି ବା ଜଳଉପରେ ପ୍ରାୟ ସାତ ଆଠ ସେଣ୍ଟିମିଟର ଉଚ୍ଚର ଗୋଟିଏ ପବନ ତକିଆ ତିଆରି କରେ । ଏହି ପବନ ତକିଆଟି ଉପରେ ଜାହାଜଟି ଭାସିବୁଲେ । ସମୁଦ୍ରରେ ଉଚ୍ଚନୀଚ ଢେଉ ହେଲେ ମଧ୍ୟ ଏହା ସେତେ ଦୋହଲେ ନାହିଁ । କୂଳରେ ପହଞ୍ଚିଲାବେଳେ ଏହି କାରଣରୁ ଏହା ସହଜରେ ଭୂମି ଉପରେ ହୋଇଥିବା ଚଉତରାକୁ ଉଠିଆସେ । ସେଇଠି ବସିରହେ । ଏହି ଜାହାଜର ଚାରିପଟେ ତଳଭାଗରେ ରବରପରଦା ଦିଆ ହୋଇଥାଏ, ଜାହାଜ ଚାଲୁ ହେଲାବେଳେ ଯେଉଁ ପବନ ତଳକୁଯାଏ, ତାହା ଏହି ରବର ପରଦା ଦ୍ୱାରା କିଛି ସମୟପାଇଁ ବାନ୍ଧି ହୋଇ ରହୁଥିବାରୁ ଜାହାଜତଳେ ପବନ ତକିଆ ତିଆରି ହୋଇଯାଏ । ଏହି ଜାହାଜରେ ଚଢ଼ିବାପାଇଁ ଆମକୁ ସୁବିଧା ମିଳିଥିଲା, ଅଇଲ୍ ଅଫ ଓ୍ୱାଇଟ୍

(Isle of wight) ଯିବା ସମ୍ବନ୍ଧରେ । ଆଇଲ ଅଫ ଓ୍ୱାଇଟ୍ ଯିବାପାଇଁ ଆମକୁ ଅକ୍ସଫୋର୍ଡ଼ରୁ ଲଣ୍ଡନ ବାଟେ ପୋର୍ଟସ୍‌ମାଉଥ୍ ବନ୍ଦରକୁ ଯିବାକୁ ପଡ଼ିଥିଲା । ସେଠାରୁ ହୋଭରକ୍ରାଫ୍ଟରେ ଓ୍ୱାଇଟ୍ ଦ୍ୱୀପକୁ ଯାଇ ସେଠାରେ ଦୁଇଘଣ୍ଟା କଟାଇ ପୁଣି ଫେରିଥିଲୁ । ଆମର ପୁରୀ, ଗୋପାଳପୁର ଭଳି ସମୁଦ୍ର-କୂଳ ସହରରେ ଯେପରି ସାମୁଦ୍ରିକ ବସ୍ତୁର ଜିନିଷମାନ କିଣିବାକୁ ମିଳେ, ସେଠାରେ ସେହିପରି ମିଳେ । ଆମେ ଥରେ ଗ୍ରୀନ୍‌ଓ୍ୱିଚ୍ ଯାଇ ସେଠାରୁ ସ୍ମାରକ ରୂପେ ସାମୁଦ୍ରିକ ବସ୍ତୁରେ ତିଆରି କେତେକ ଜିନିଷ ଆଣିଥିଲୁ ହେଲେ ଏଠାରୁ କିଛି କିଣିନଥିଲୁ । ସମୁଦ୍ରକୂଳରେ କେବଳ ବାଳକଙ୍କର ଓ ହୋଭରକ୍ରାଫ୍ଟରେ ଯା'ଆସର ଫଟୋ ଉଠାଇଥିଲୁ ମାତ୍ର ।

# ବିଲାତି ସର୍ଦ୍ଦି ଓ ଦେଶୀ ଜେଡି

ବିଲାତ ଗୋଟିଏ ଶୀତ ପ୍ରଧାନ ଦେଶ । ଉତ୍ତର ଗୋଲାର୍ଦ୍ଧରେ ୫୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଉପରକୁ ଏହି ଦେଶ । ଋଷିଆର କାଜାକସ୍ଥାନ କିମ୍ବା ମଙ୍ଗୋଲିଆର ଉତ୍ତର ଅଂଶ ସହିତ ଏହାର ତାପମାତ୍ରା ସମାନ ହେବା କଥା । କିନ୍ତୁ ଚାରିଆଡ଼େ ସମୁଦ୍ର ଥିବାରୁ ଏହା ସେତେ ଥଣ୍ଡା ନୁହେଁ । ପ୍ରାୟ ପଇଁତିରିଶ କିମ୍ବା ଛତିଶ ଡିଗ୍ରୀ ଉତ୍ତର ଅକ୍ଷାଂଶରେ ଥାଇ କାଶ୍ମୀର ରାଜ୍ୟ କେତେ ଥଣ୍ଡା ସମସ୍ତେ ଜାଣନ୍ତି । ଶୀତ ଦିନରେ ତାହାଠାରୁ ବେଶୀ ଥଣ୍ଡା ବିଲାତରେ ହୁଏ ।

ବିଲାତି ସର୍ଦ୍ଦି ଯେ ଏହି ଥଣ୍ଡା ଯୋଗୁଁ ହୁଏ ଏକଥା ମୁଁ କହୁନାହିଁ । ଥଣ୍ଡା ଦେଶରେ ଯଦି ସମସ୍ତଙ୍କୁ ସର୍ଦ୍ଦି ଧରୁଥାଆନ୍ତା ତେବେ ଏସ୍କିମୋମାନେ ନିମୋନିଆରେ ପଡ଼ି ନିପାତ ହୋଇ ସାରନ୍ତେଣି । ଗ୍ରୀନ୍‌ଲାଣ୍ଡ ବା ଆଲାସ୍କା ଭଳି ଅଞ୍ଚଳରେ ଲୋକ ନଥାଆନ୍ତେ କିମ୍ବା ଆମ ଦେଶର ଲୋକେ କୁମେରୁ ଅଭିଯାନରେ ଯାଇ ବିନା ସର୍ଦ୍ଦିରେ ଫେରନ୍ତେ ନାହିଁ ।

କିନ୍ତୁ ଏହି ଶୀତ ପ୍ରଧାନ ଦେଶରେ ଗ୍ରୀଷ୍ମ ଋତୁ ଏକପ୍ରକାର ସର୍ଦ୍ଦି ଆଣିଦିଏ । ବିଲାତ ଭଳି ଦେଶରେ ଗ୍ରୀଷ୍ମ ଋତୁ ଆମ ଓଡ଼ିଶାର ଶୀତ ଋତୁଠାରୁ ମଧ୍ୟ ଥଣ୍ଡା । ଉତ୍ତର ଗୋଲାର୍ଦ୍ଧରେ ଥିବାରୁ ଆମ ଦେଶରେ ଗ୍ରୀଷ୍ମ ଋତୁ ହେଲେ ବିଲାତରେ ମଧ୍ୟ ଗ୍ରୀଷ୍ମ ଋତୁ ହୁଏ । ଶୀତଦିନେ ଖୁବ୍ ଥଣ୍ଡା ପଡ଼ୁଥିବାରୁ ଗଛଲତା ବଢ଼ି ପାରନ୍ତି ନାହିଁ । ଫୁଲ ଫଳ ମଧ୍ୟ ଅଦୃଶ୍ୟ ହୋଇଯାଏ । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସମୟରେ ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ବିଲାତରେ ଉତ୍ତାପ ଟିକେ ବଢ଼େ । ଅପ୍ରେଲରୁ ଅଗଷ୍ଟ ପର୍ଯ୍ୟନ୍ତ ଦେଶ୍ ଆରାମ ଦାୟକ ସମୟ । ଆମକୁ ଯାହା ଆରାମ ଦାୟକ, ସେମାନଙ୍କୁ ତାହା ଗରମ । ତେଣୁ ବିଲାତରେ ଗଛଲତା ବଢ଼ିବା ଆରମ୍ଭ କରନ୍ତି, ନୂଆ ପତ୍ର, ଫଳ, ଫୁଲରେ ଭର୍ତ୍ତି ହୋଇଯାଆନ୍ତି । ବାୟୁମଣ୍ଡଳରେ ଫୁଲ ରେଣୁ ଉଡ଼ି ବୁଲେ । ଏହି ଫୁଲ ରେଣୁ ହିଁ ବିଲାତି ଲୋକଙ୍କ ନାକକୁ ହଲଚଲ କରେ । ଫୁଲ ରେଣୁର ପରିଣାମ ବାୟୁ ମଣ୍ଡଳରେ ବେଶୀ ହୋଇଗଲେ ଦେହିମାନଙ୍କ ସର୍ଦ୍ଦି ପ୍ରତିରୋଧକାରୀ ଶକ୍ତି ନଥାଏ

ସେମାନେ ଛିଙ୍କନ୍ତି, ସେମାନଙ୍କର ନାକରୁ ପାଣି ଗଡ଼େ । କେତେକ ଲୋକ ସର୍ଦ୍ଦି ଯୋଗୁଁ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି ।

ଏ ପ୍ରକାରର ସାଧାରଣ ସର୍ଦ୍ଦିକୁ ବିଲାତରେ 'ହେ ଫିଭର' (hay fever) କହନ୍ତି । ଗହମ, ଘାସ ଆଦି ଫୁଲ ଫୁଟିବା ସମୟ ହୋଇଥିବାରୁ ସେମାନଙ୍କ ନଡ଼ାରୁ ଏହି ଜ୍ୱର ଆସିଛି ବୋଲି ଭାବି ଏହାର ନାମ ହେ ବା ନଡ଼ା ଜ୍ୱର ଦିଆଯାଇଛି । ଅଣବିଲାତିମାନେ, ବିଶେଷତଃ ଏସୀୟମାନେ ମଧ୍ୟ ଏହି ନଡ଼ା ଜ୍ୱରର ଶିକାର ହୋଇଥାଆନ୍ତି । ଏହା ଏକପ୍ରକାର ଆଲର୍ଜି (allergy) ଅର୍ଥାତ୍ ବାହାରର ଜିନଷ ପ୍ରତି ଦେହର ପ୍ରତିକ୍ରିୟା । ବହୁତ ଭାରତୀୟ ଏ ରୋଗ ବିଲାତରେ ଭୋଗୁଥିଲେ ହେଁ ଭାରତ ଫେରିଲେ ସୁସ୍ଥ ହୋଇ ଯାଆନ୍ତି ।

ହେ ଜ୍ୱର ପାଇଁ ବିଲାତର ଅଧିକାଂଶ ଦୋକାନରେ ଔଷଧ ମିଳେ । ଏହା ଆମର ଅଭିଲ ଭଳି ଏକପ୍ରକାର ଆଣ୍ଟିହିଷ୍ଟାମିନ୍ । ଏହା ନାକର ପ୍ରତିକ୍ରିୟାକୁ ଦବେଇଦିଏ କିମ୍ବା ଛିଙ୍କ ବା ସକସକ ହୁଏନାହିଁ । ହେ ଜ୍ୱର ଏତେ ସାଧାରଣ ଓ ସର୍ବବ୍ୟାପୀ ଯେ ବିଲାତ ତଥା ଅନ୍ୟ ଶୀତ ପ୍ରଧାନ ଦେଶମାନଙ୍କରେ ଗ୍ରୀଷ୍ମ ଋତୁରେ ପ୍ରତ୍ୟେକ ଦିନ ବାୟୁମଣ୍ଡଳରେ ଫୁଲ ରେଣୁର ପରିମାଣ (Pollen level) ମପାଯାଇ ଖବରକାଗଜରେ ପ୍ରକାଶ ପାଏ । ପକ୍ଷୀ ପରଭଳି ଗୋଟିଏ ହାଲୁକା ଲୋମଶ ପଦାର୍ଥ ଗ୍ଲିସିରିନ୍ ଭଳି ଅଠାଳିଆ ଜିନିଷରେ ଓଦା କରି ବାୟୁରେ ଝୁଲାଇ ଦିଆଯାଏ । ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ (ଧରନ୍ତୁ ଘଣ୍ଟାକରେ) କେତେ ରେଣୁ ସେଥିରେ ଲାଗି ରହିଲା ତାହାହିଁ ବାୟୁମଣ୍ଡଳରେ ଫୁଲ ରେଣୁର ପରିମାଣ ସୂଚାଏ । ଡାକ୍ତରମାନେ ଠିକ୍ କରିଛନ୍ତି ଯେ କେତେ ପରିମାଣରୁ ବେଶୀ ହେଲେ ସର୍ଦ୍ଦି ପ୍ରବଣ ବ୍ୟକ୍ତିଙ୍କୁ ହେ ଫିଭର ଆସିପାରେ । ତଦନୁଯାୟୀ ଖବରକାଗଜରେ ସତର୍କ ବାଣୀ ଶୁଣାଇ ଦିଆଯାଏ ।

ମୋ ଭଳି ଯେଉଁମାନଙ୍କର ସବୁଦିନିଆ ସର୍ଦ୍ଦି ରୋଗ ଥାଏ, ସେମାନେ ବିଲାତକୁ ଗ୍ରୀଷ୍ମ ଦିନରେ ଯିବା କଥା ନୁହେଁ । କିନ୍ତୁ ଏହି ସମୟରେ ହିଁ ମୋର ବିଲାତ ଯିବା ହୋଇଥିଲା । କିନ୍ତୁ ପୁରୁଣା ରୋଗୀ ହୋଇଥିବାରୁ ମୁଁ ନାକ ସଫା ରଖିବାର ଗୋଟିଏ ଯୋଗ ପଦ୍ଧତି ଆୟତ୍ତ କରିଛି । ଏହାର ନାମ ନେତି । ସାଧୁମାନଙ୍କର କମଣ୍ଡଳୁ ଭଳି ଗୋଟିଏ ବଙ୍କା ନଳୀଥିବା ଲୋଟା ଏଥିରେ ବ୍ୟବହାର କରାଯାଏ । ନଖ ଉଷୁମ ପାଣିରେ

ସାମାନ୍ୟ ଲୁଣ ମିଶାଇ ଲୋଟାର ନଳୀବାଟେ ନାକର ଗୋଟିଏ ପୁଡ଼ାଆରେ ପାଣି ଛାଡ଼ିଲେ, ଅବଶ୍ୟ ଏଥିପାଇଁ ମୁଣ୍ଡକୁ ଟିକେ ବଙ୍କାଇବାପାଇଁ ପଡ଼େ, ଜଳ ନାକପୁଡ଼ାବାଟେ ପାଣି ବୋହିଯାଏ, ଏହି ପ୍ରକ୍ରିୟାକୁ ନେତି କୁହାଯାଏ । ଛାଳଯାକ ଲୁଣପାଣି ବାମ ନାକପୁଡ଼ା ଦେଇ ଡାହାଣପୁଡ଼ା ବାଟେ ବାହାର କରି ସାରିଲା ପରେ ସେହିଭଳି ଆଉ ଥରେ ଲୁଣିଆ ପାଣି ଡାହାଣ ନାକପୁଡ଼ା ଦେଇ ବାମପୁଡ଼ା ବାଟେ ବାହାର କରିବାକୁ ପଡ଼େ । ଗୋଟିଏ ପୁଡ଼ାରୁ ଆଉ ଗୋଟିଏ ପୁଡ଼ା ଦେଇ ବାହାରିଗଲା ବେଳେ ନାକ ଭିତରେ ଥିବା ସବୁ ଧୂଳିମଳି ଓ ସିଙ୍ଘାଣି ସଫା ହୋଇଯାଏ । ନାକରେ ଥିବା ଲୁମଗୁଡ଼ିକ ସଳସଳ ହେବାପାଇଁ ବାହାରର କୌଣସି ଜୀବାଣୁ ରହେ ନାହିଁ । ତେଣୁ ସର୍ଦ୍ଦି ହେବାପାଇଁ ବାହାର ଜୀବାଣୁ ବା ଆଲର୍ଜେନ୍ ନାକ ଭିତରେ ରହେ ନାହିଁ । ମୋର ଉନମାସ ରହଣୀକାଳ ଭିତରେ ଦିନେ ହେଲେ ଛିଙ୍କ ବା ସର୍ଦ୍ଦି ହୋଇ ନଥିଲା ।

ଏପରି ସାଧାରଣ ଘଟଣା ହୋଇଥିଲେ କିଛି କହିବାର ନଥିଲା । ମୋର ନେତି ଓ କ୍ରିୟା ଦେଖି ଅନେକ ବିଲାତି ବନ୍ଧୁ ମୋତେ ଗୋଟିଏ ଯାଦୁଗର ବା ତନ୍ତ୍ର ସାଧକ ବୋଲି ଭାବୁଥିଲେ । ଅକ୍ସଫୋର୍ଡ଼ରେ ପଢ଼ୁଥିବାର ପ୍ରଥମ କେଇଦିନ ପର୍ଯ୍ୟନ୍ତ କେହି ମୋର ନେତିକୁ ଲକ୍ଷ୍ୟ କରି ନଥିଲେ । ମୁଁ ପ୍ରତ୍ୟେକ ଦିନ ସକାଳୁ ଦାନ୍ତଫାନ୍ତ ଦର୍ଶିବା ଓ କ୍ଷୌର ହେବାପରେ ମୁଁ ନେତି କରେ । କେତେଜଣ ଇଂରାଜୀ ବନ୍ଧୁ ଏହା ଲକ୍ଷ୍ୟ କରିଥିଲେ ବୋଲି ମୁଁ ଲକ୍ଷ୍ୟ ରଖି ନଥିଲି । ହଠାତ୍ ଦିନେ କାମକୁ ଯିବା ପୂର୍ବରୁ ମୋ କବାଟରେ ଅଙ୍ଗୁଳି ବାଡ଼େଇବା ଶବ୍ଦ ଶୁଣିଲି । କବାଟ ଖୋଲି ଦେଖେ ତ ସାତଜଣ ଲୋକ । ତହିଁରେ ଦୁଇଜଣ ଝିଅ । ସେମାନେ ଆଉ ପାଞ୍ଚଜଣଙ୍କୁ ଡାକି ଆଣିଥାଆନ୍ତି, ମୁଁ କିପରି ଯାଦୁକର ନାକପୁଡ଼ାବାଟେ ପାଣି ବାହାର କରୁଛି ଦେଖାଇବାକୁ । ସକାଳେ ଥରେ ନେତି କରିଥିଲେ ମଧ୍ୟ ଆଉଥରେ ନେତିକରି ଦେଖାଇବାକୁ ବାଧ୍ୟ ହେଲି ।

ସେମାନଙ୍କ ମୁହଁରେ କେତେ ପ୍ରଶ୍ନ । ନାକରେ ପାଣି ପଶିଲେ ସଳସଳ ହୁଏ ନାହିଁ ? ଲୁଣପାଣି ଛିଙ୍କ କରାଏ ନାହିଁ ? ମୁଣ୍ଡ ଭିତରକୁ ପାଣି ପଶିଗଲେ ଝିମଝିମ ହୁଏନାହିଁ ? ଇତ୍ୟାଦି କେତେ ପ୍ରଶ୍ନ ।

ମୁଁ ଏସବୁର ଉତ୍ତର ଦିଏ । ଦେହ ଭିତରେ ଥିବା ଜଳୀୟ ଅଂଶ ଲୁଣିଆ ଏବଂ ଏହା ଶରୀରର ତାପ ଅନୁଯାୟୀ ଗରମ । ତେଣୁ ନଖ ଉଷୁମ ଲୁଣିଆ ପାଣି ଦେହକୁ ଠିକ୍ ସୁହାଏ । ପ୍ରଥମେ ଯେତେବେଳେ ଲୁଣପାଣି ନାକ

ଭିତରକୁ ଯାଏ, ଅଭ୍ୟାସ ନଥିବାରୁ ନାକ ସଲସଲ ହୁଏ, ନିଶ୍ୱାସ ବଦଳରେ ତଣ୍ଟିକୁ ପାଣି ଖୁଲିଯାଏ ବା ତାଳୁକୁ ଉଠିଯାଏ । ନେତି କରିବା ପାଇଁ ନିଶ୍ୱାସ ବନ୍ଦ କରିବା ଦରକାର ନାହିଁ । କିନ୍ତୁ ପ୍ରଥମେ ପ୍ରଥମେ ନେତି କରିବା ଲୋକ ପାଟିବାଟେ ନିଶ୍ୱାସ ନେଇ ନାକପୁଡ଼ାବାଟେ ପାଣି ଛାଡ଼ିଲେ ଅସୁବିଧା ହୁଏ ନାହିଁ ।

ମୁଁ ଦେଖାଇ ଦେବାପରେ କେତେଜଣ ନେତି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ତେବେ ନଳଥିବା ଲୋଟା ମିଳିବା କଷ୍ଟ ହେବାରୁ ଏ ଦିଗରେ ବେଶୀ ଅଗେଇ ହେଲା ନାହିଁ । ତଥାପି କେତେଜଣ କାଚନଳୀ ଥିବା ପାତ୍ର ବ୍ୟବହାର କରି ନେତି ଆରମ୍ଭ କରିଥିଲେ ଏବଂ ଛୁଙ୍କାରୁ କିଛି ପରିମାଣରେ ଶାନ୍ତି ପାଇଥିଲେ ବୋଲି ମୁଁ ବଲିତ ଛାଡ଼ିଲାବେଳକୁ ମୋତେ କହିଥିଲେ ।

# ବିଲାତି ଭାରତୀୟଙ୍କ ଅନୁଭୂତି

## ଦେଶୀ ଖାନାର ଡାକରା :

କୁଇନ୍ ଏଲିଜାବେଥ ହାଉସ୍‌ରେ ଏକାରକମ ଖାନା ଖାଇ ଖାଇ ବହୁତ ବିରକ୍ତ ଲାଗୁଥିଲା । ତେଣୁ ମଝିରେ ମଝିରେ ଅକ୍‌ସଫୋର୍ଡ଼ରେ ରହୁଥିବା କେତେଜଣ ଭାରତୀୟଙ୍କ ଘରକୁ ଯାଇ ଖାଇବାର ସୁଯୋଗ ତିଆରି କରୁଥିଲୁ । ଅକ୍‌ସଫୋର୍ଡ଼ରେ ଆଉ ଦୁଇଟି ସ୍ଥାନରେ ବିଶ୍ୱବିଦ୍ୟାଳୟ ତରଫରୁ ଦୁଇଟି ହଷ୍ଟେଲ ଥାଏ । କୃଷି ମନ୍ତ୍ରଣାଳୟର ଜଏଣ୍ଟସେକ୍ରେଟାରୀ ଶ୍ରୀ ସିଂହ ଯେଉଁ ହଷ୍ଟେଲରେ ରହୁଥାନ୍ତି, ତାହା ଆମ କୁଇନ୍ ଏଲିଜାବେଥ ହାଉସ ଠାରୁ ପ୍ରାୟ ଏକ କିଲୋମିଟର ଦୂର । ତାଙ୍କ ପଢ଼ା ବର୍ଷେ ପାଖାପାଖି ହୋଇଥିବା ହେତୁ ସେ ନିଜର ରୋଷେଇ ସରଞ୍ଜାମ କିଣି ରଖିଥାନ୍ତି । ମୁଁ ଡୋଙ୍ଗରେ ଓ ଲାଲ ତିନିଜଣ ମିଶି ଥରେ ଦୁଇଥର ତାଙ୍କ ରୁମକୁ ଯାଇ ଭାରତୀୟ ଢାଞ୍ଚାରେ ରୋଷେଇ କରି ଖାଇଛୁ । ୬୦ ପେନ (ପ୍ରାୟ ୯ ଟଙ୍କା) ଦାମରେ ପ୍ରାୟ ଦୁଇ ପାଉଣ୍ଡ (୯୦୦ ଗ୍ରାମ୍) ଓଜନର କୁକୁଡ଼ାଟିଏ ଧରି ଆମେ ତିନିଜଣ ସିଂହଙ୍କ ରୁମ୍‌କୁ ଯାଉ । ସେଠାରେ ସେ ଭାତ ଓ ଗୋଟିଏ ସାଧା ତରକାରୀ କରି ଅପେକ୍ଷା କରିଥାଏ । ଶସ୍ତାରେ କୁକୁଡ଼ାଟିଏ ମିଳିଗଲେ ଭୋଜିଟି ବେଶ୍ ବଢ଼ିଆ ହୁଏ । ଥରେ ରୋଷେଇ ଯେତେ ପରିମାଣରେ ହୋଇଥିଲା, ତାହା ଆମ ଚାରିଜଣଙ୍କ ନିଅଣ୍ଟ ହେଲା । ଲାଲ ନିଜେ ତରକାରୀ ପଞ ନେଉଥିଲାବେଳେ ଅନ୍ୟମାନଙ୍କର ସୁବିଧା ପ୍ରତି ଲକ୍ଷ୍ୟ ରଖୁନଥିଲା । ଆମେ ଅନ୍ୟ ତିନିଜଣ ସେଦିନ କମ୍ ତରକାରୀରେ ଚଳେଇ ନେଇଥିଲୁ । ପରଦିନ କଥା ପ୍ରସଙ୍ଗରେ ଡୋଙ୍ଗରେ ଏ ବିଷୟରେ ଟିକିଏ ମନ୍ତବ୍ୟ ଦେଇଦେବାରୁ ଲାଲ ରାଗିଗଲା ଓ ସାତଆଠ ଦିନ ପର୍ଯ୍ୟନ୍ତ ଡୋଙ୍ଗରେ ସାଙ୍ଗରେ କଥାବାର୍ତ୍ତା କଲାନାହିଁ । ସିଂହ ରୁମ୍‌ରେ ଭାରତୀୟ ଖାନା ଖାଇବା ସେହିଦିନଠାରୁ ଆମର ବନ୍ଦ ହୋଇଗଲା ।

ଖୋର୍ଦ୍ଧାର ବିଶିଷ୍ଟ ଲେଖକ ଶ୍ରୀ ଲକ୍ଷ୍ମୀଧର ନାୟକଙ୍କ ପୁଅ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ସେ ଉଚ୍ଚତର ଶିକ୍ଷାପାଇଁ ଅକ୍‌ସଫୋର୍ଡ଼କୁ ଯାଇ ବିଶ୍ୱବିଦ୍ୟାଳୟ ତରଫରୁ ଭଡ଼ାରେ ଯୋଗାଯାଉଥିବା ଗୋଟିଏ ଫ୍ଲାଟ୍‌ରେ

ରହୁଥିଲେ । ତାଙ୍କର ସ୍ତ୍ରୀ ଓ ପିଲା ଦୁଇଟି ମଧ୍ୟ ଯାଇଥିଲେ । ତାଙ୍କ ପାଖରେ ଥରେ ଅଧେ ମଧ୍ୟ ଜଳଖିଆ କରିଛି । ସେ ଗୋଟିଏ ସେକେଣ୍ଡହାଣ୍ଡ ଗାଡ଼ି କିଣି ଅଢ଼େଇ କିଲୋମିଟର ଦୂର ବିଶ୍ୱବିଦ୍ୟାଳୟକୁ ଆସୁଥିଲେ । କ୍ୱିନ୍ ଏଲିଜାବେଥ ହାଉସ୍‌ର ହତା ଭିତରେ ସେ ଗାଡ଼ି ରଖୁଥିଲେ, ଏହି ଅବସରରେ ତାଙ୍କ ସହିତ ମୋର ଘନିଷ୍ଠ ପରିଚୟ ହୋଇଥିଲା । ସେହି ଖୋର୍ଦ୍ଧା ଅଞ୍ଚଳର ଆଉ ଜଣେ ନାୟକ ଅକ୍ସଫୋର୍ଡ଼ର ବାଲିଓଲ କଲେଜରେ ଡିଗ୍ରୀ ପାଠକ୍ରମ ପଢ଼ୁଥିଲେ । ମୁଁ ସେଇଠାରେ ବ୍ୟାଙ୍କରେ ଏକାଉଣ୍ଟ ରଖିଥିଲି ତାହାର ନିକଟରେ ତାଙ୍କ ଅଣ୍ଡର ଗ୍ରାଜୁଏଟ୍ ହଷ୍ଟେଲ । ବର୍ଷାଧିକ କାଳ ରହିବେ ବୋଲି ସେ ନିଜ ରୁମ୍‌ରେ ଗୋଟିଏ ଫୋନ୍ ରଖିଥିଲେ । ତାଙ୍କ ଫୋନ୍ ବ୍ୟବହାର କରିବାର ସୁବିଧା ମୋତେ ଦେଇଥିଲେ । ସେ ଥରେ ମୋତେ ତାଙ୍କ କଲେଜରେ ଡିନର ଖାଇବାକୁ ଡାକିଥିଲେ । ସେ କଲେଜର ଆଦବ କାଇଦା ବିଷୟରେ ମୁଁ ଆଗରୁ ବିଲାତର ଖାଦ୍ୟରୁଚି ଅଧ୍ୟାୟରେ କହିଛି ।

ଭାରତୀୟ ଖାଦ୍ୟ ଖାଇବାପାଇଁ ଯିଏ ଯଥେଷ୍ଟ ସୁବିଧା ଦେଇଥିଲେ ଓ ସୁସ୍ୱାଦୁ ଭାରତୀୟ ଢାଞ୍ଚାରେ ରାନ୍ଧୁଥିଲେ, ସେ ହେଉଛନ୍ତି ମୋର ଜଣେ କଲେଜପଢ଼ା ସାଥୀ, ଡାକ୍ତର ଉପେନ୍ଦ୍ର ନାଥ ସାହୁ । ଲଣ୍ଡନର ଉଡ୍‌ଫୋର୍ଡ଼ ଗ୍ରୀନ୍ ଅଞ୍ଚଳରେ ନବେ ବ୍ରଡ଼ମିଡ୍ ଠିକଣାରେ ସେ ରହୁଛନ୍ତି । ତାଙ୍କ ଘରକୁ ମୁଁ ଅନ୍ତ କମ୍‌ରେ ତିନିଥର ଯାଇଛି । ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟିଏ ପୁଅ । ଆମକୁ ଶନିବାର ରବିବାର ଛୁଟି ମିଳୁଥିବାରୁ ମୁଁ ଶୁକ୍ରବାର ଉପରଓଳି ବା ଶନିବାର ସକାଳେ ତାଙ୍କ ଘରକୁ ପଳାଏ । ଡାଲି, ଶାଗ, ସନ୍ତୁଳା, ଝୋଳ ତରକାରିଭଳି ନିରାମିଷ ବ୍ୟଞ୍ଜନ ସାଙ୍ଗକୁ ସୁସ୍ୱାଦୁ ଆମିଷ ତରକାରି ମଧ୍ୟ ମିଳେ । ଭାରତୀୟ ଖାଦ୍ୟ ପାଇଁ ବ୍ୟଗ୍ରଥିବା ଲୋକ ଆଗରେ ଶ୍ରୀମତୀ ସାହୁଙ୍କ ସୁସ୍ୱାଦୁ ରନ୍ଧଣା—ଏହାର ଫଳ କ'ଣ ହୋଇଥିବ ଆପଣମାନେ ଅନୁମାନ କରିପାରୁଥିବେ । ସୁଖ ପେଟଭର୍ତ୍ତି । ସାହୁ ପରିବାରଙ୍କ ରୋଷେଇ ମାଧ୍ୟମ ମକାତେଲ ବା କର୍ନ ଅଏଲ । ଲିଟର ପ୍ରାୟ ୭୦ ପେନ ବା ୧୨ ଟଙ୍କା । ଆମ ଦେଶ ତୁଳନାରେ ଖୁବ୍ ଶସ୍ତା । ମକାତେଲ ଦେହପାଇଁ ବେଶ୍ ସ୍ୱାସ୍ଥ୍ୟକାରକ; ଅଧିକନ୍ତୁ ତରକାରି ମିଠା କରିଦିଏ । ଇଂଲଣ୍ଡର ଚାଷୀ ମକାରୁ ତେଲ କାଢ଼ି ନିଏ, ଗାଈକୁ ମକାପିଡ଼ିଆ ଦିଅଏ । ମୋର ତିନିଚାରିଥର ଯିବା ଭିତରେ ପ୍ରତ୍ୟେକଥର ଶ୍ରୀଯୁକ୍ତ ଓ ଶ୍ରୀମତୀ ସାହୁ ବିଭିନ୍ନ ପ୍ରକାରର ଆମିଷ ବ୍ୟଞ୍ଜନ କରନ୍ତି । ଥରେ କଙ୍କଡ଼ା ତ ଆଉ ଥରକୁ ଚିଙ୍ଗୁଡ଼ି, ପୁଟି ମାଛ ଓ ଲ୍ୟାମ୍ବ (ମେଣ୍ଢା) । କୁକୁଡ଼ା ମାଂସ, ଘୁସୁରି ମାଂସ ବି ହୁଏ । ମୁଁ କଙ୍କଡ଼ା ଖାଏ ନାହିଁ; ଚିଙ୍ଗୁଡ଼ି ତରି

ଅ:ଲଣ୍ଠି ଅଛି ବୋଲି କହିଲେ, ସେପରି ବ୍ୟବହାର କରିଥିବା ହେତୁ ତାଙ୍କୁ ବଡ଼ ଖରାପ ଲାଗେ । ସେ ଜାଣନ୍ତି ନାହିଁ ଯେ, ଇଂରେଜ ଠାଣିରେ ହିଁସା ଖାଇ ଖାଇ ତାଙ୍କ ରଚା ସାଧା ଡରକାଶ ମଧ୍ୟ ଖୁବ୍ ଆତ୍ମତୃପ୍ତି ଅଣୁଥିଲା । ଝଗଡ଼ା ବା ଚାଙ୍ଗୁଡ଼ି ନଖାଇଲେ ବି ଆତ୍ମତୃପ୍ତି ଜମୁନଥିଲା । ଉପେନ୍ଦ୍ର ବାବୁଙ୍କ ସମ୍ଭବତ ଦୁଇ ତିନଥର ଲଣ୍ଡନକୁ ବଜାର କରିବାକୁ ଯାଇଛି । ବହୁତ ଧନ ରହିଥିବା ହେତୁ ସେ ଅଧିକାଂଶ ଇଂରାଜି ଆଦବକାଇଦା ହାସଲ କରି ନେଇଛନ୍ତି ।

## ଘରକୁ ଫୋନ୍ :

ତାଙ୍କ ସହିତ ଚିହ୍ନା ହେବାରେ ସବୁଠାରୁ ବଡ଼ ସୁବିଧା ହେଉଥିଲା ତାଙ୍କର ଫୋନ ବ୍ୟବହାର କରିବା । ସମ୍ବଲପୁରରେ ଥିବା ମୋର ପରିବାର ସହିତ ସମ୍ପର୍କ ରଖିବାପାଇଁ ମୋତେ ଦରିଆପାରି ଟ୍ରଙ୍କ୍‌କଲ ବୁକ୍ କରିବାକୁ ପଡ଼ୁଥିଲା । ସମ୍ବଲପୁରରେ ସ୍ୱୟଂଚାଳିତ ଟେଲିଫୋନ୍ କେନ୍ଦ୍ର ସେ ପର୍ଯ୍ୟନ୍ତ ହୋଇନଥିଲା । ତେଣୁ ସେଠାକୁ ଏସ୍ ଟି. ଡ଼ି ବା ଗ୍ରାହକ ନିଜେ ଟ୍ରଙ୍କ୍ ଡାଏଲ କରିବାର ସୁବିଧା ନ ଥିଲା । ଦୁଇଥର ଅକ୍ସଫୋର୍ଡ଼ରୁ ସିଧାସଳଖ ଟ୍ରଙ୍କ୍‌କଲ ବୁକ୍ କରି ବହୁତ ସମୟ ଅପେକ୍ଷା କରିବାକୁ ପଡ଼ିଛି । ଥରେ ଅକ୍ସଫୋର୍ଡ଼ର ଏକ୍ସଚେଞ୍ଜ ଅପରେଟରଙ୍କୁ ଅନୁରୋଧ କରିବାରୁ ସେ ଚେଷ୍ଟା କରିଥିଲେ, କିନ୍ତୁ କଲିକତା ଏକ୍ସଚେଞ୍ଜ ଏଥିପାଇଁ ପାଉଣା ଆଦାୟ କରେ—"ମୋ କଲଟା ଆଗେ ଦିଅ, ତୁମ କଲ ମୁଁ ଦେବି" ଏମିତି ଓଲଟା ସଉଦା କଲିକତା ଏକ୍ସଚେଞ୍ଜ କରେ, ଅର୍ଥାତ୍ କେହି ଜଣେ ଅକ୍ସଫୋର୍ଡ଼କୁ କଲିକତାରୁ କରିଥିବା କଲଟାକୁ ପ୍ରଥମେ ଅକ୍ସଫୋର୍ଡ଼ରେ ପାଇଲେ ସେ ମୋ କଲଟାକୁ ସମ୍ବଲପୁର ପଠାଇବ । ଅପରେଟରଟି ଜଣେ ଆଫ୍ରିକୀୟ ମହିଳା ହୋଇଥିବାରୁ ଖୁବ୍ ସାହାଯ୍ୟ କରୁଥିଲା । ଏତେ ସାହାଯ୍ୟ ସତ୍ତ୍ୱେ ମୁଁ ମାତ୍ର ଥରେ ଅକ୍ସଫୋର୍ଡ଼ରୁ ସମ୍ବଲପୁରକୁ ଫୋନ୍ କରିପାରିଥିଲି, ପନ୍ଦରବାର ପରିବର୍ତ୍ତେ । ଏହାର ବଡ଼ କାରଣ ସେ ଯେତେବେଳେ ମୁଁ ଫୋନ୍ କରୁଥିଲି ତାହା ଭାରତ ପାଇଁ ଅଖାଡ଼ୁଆ ଥିଲା । ଆଠଟାରୁ ଦଶଟା ଭିତରେ ଫୋନ୍ କରିବାକୁ ଚାହିଁଲେ ସେତେବେଳେ ଭାରତରେ ଅପରାହ୍ଣ ସାଢ଼େ ୧ଟାରୁ ସାଢ଼େ ତିନଟା ହୋଇଥିବାରୁ ଆମର କଲିକତା ଅପରେଟରମାନେ ଲଞ୍ଚ ବ୍ରେକ୍‌ରେ (ଖାଇବା ଆଳରେ ବାହାରିଯାଇ) ଥା'ନ୍ତି । କର୍ମଶାଳା ସରିବା ପରେ ୫ଟା ବାଜିଯାଏ । ତା'ପରେ ଫୋନ୍ ଲଗାଇଲେ ଭାରତରେ ରାତି ସାଢ଼େ ଦଶ ପାର ହୋଇ ଯାଇଥାଏ । ଘରେ ଏ ଅସମୟରେ ଫୋନ ବାଜିବା ଅଶୁଭ ଲକ୍ଷଣ ବୋଲି ମୋର ଧାରଣା । ଅସମୟରେ ଫୋନ୍

କିଛି ଅଘଟଣ ଘଟିବ, ଏ ଆଶଙ୍କା ଅନେକ ଲୋକ କରନ୍ତି । ପଠାଇବାବାଲା ବରଂ ଅସମୟରେ ଫୋନ୍ କରୁ, କିନ୍ତୁ ପାଇବାବାଲା ଯେପରି ସୁବିଧା ସମୟରେ ପାଏ, ତା' ପ୍ରତି ନଜର ରଖିବା ଉଚିତ । ଅବଶ୍ୟ ଆଗୁରେ ନିୟମ ନାହିଁ । ମୋର ତ ଏପରି ଜରୁରୀ କିଛି ନ ଥିଲା । ଉପେନ୍ଦ୍ର ବାବୁଙ୍କ ଘର ଏ ଦିଗରେ ବେଶ ସହାୟକ ହୋଇଥିଲା । ରାତିରେ ଶୋଇବାବେଳେ ଏକ୍ସଚେଞ୍ଜକୁ କହିଦେଉଥିଲେ ଯେ, ଭୋର ୪ଟାରେ ସମ୍ବଲପୁରକୁ କଲ ଦେବ । ସେତେବେଳେ ସମ୍ବଲପୁରରେ ସାଢ଼େ ନଅଟା । ତେଣୁ ଫୋନ୍ ମିଳିବା ସମ୍ଭବ ହୁଏ । ଅବଶ୍ୟ ଏଥିପାଇଁ ବେଳେ ବେଳେ ମୋ ସ୍ତ୍ରୀଙ୍କୁ ଶୋଇଥିବାରୁ ଆସି ଫୋନ୍ ଧରିବାକୁ ପଡ଼େ । ଜଣକର ସୁବିଧା ତ ଆଉଜଣକର ଅସୁବିଧା । ଅପରାହ୍ଣ ଦୁଇଟାରେ ଫୋନ ବୁକ୍ କଲେ ସମ୍ବଲପୁରରେ ସନ୍ଧ୍ୟା ସାଢ଼େ ସାତଟା ବେଳକୁ ଫୋନ୍ ପାଇବାରେ ସୁବିଧା ହୁଏ । କର୍ମଶାଳା ଚାଲୁଥିବାବେଳେ ଏପରି ଅସମୟରେ ଫୋନ୍ କରିବା ଅସମ୍ଭବ; ତେଣୁ ଛୁଟି ଦିନରେ ଫୋନ୍ କରିବାପାଇଁ ଉପେନ୍ଦ୍ର ବାବୁଙ୍କ ଘରେଇ ଫୋନ୍‌ଟି ବେଶ୍ କାମଦିଏ । ସେଥିପାଇଁ ଶନିବାର ରାତିଟି ଓ ରବିବାରର ଗୋଟିଏ ଓଳି ମୁଁ ତାଙ୍କ ଘରେ ରହିଯାଉଥିଲି ।

## ଭୂତଳ ରେଲଗାଡ଼ି :

ତାଙ୍କ ଘରକୁ ଯିବାପାଇଁ ମୁଁ ଅକ୍ସଫୋର୍ଡ଼ରୁ ବସ୍‌ରେ ଆସି ଲଣ୍ଡନର ଭିକ୍ଟୋରିଆ ଷ୍ଟେସନ ବା ମାର୍ବଲ ଆର୍ଚ ପାଖରେ ଓହ୍ଲାଉଥିଲି । ସେଠାରୁ ଟ୍ୟୁବ୍ ଟ୍ରେନ୍ ବା ଭୂତଳ ରେଲଗାଡ଼ିରେ ହାର୍ଟଫୋର୍ଡ଼ ପଳାଉଥିଲି । ଲଣ୍ଡନରେ ପ୍ରାୟ ସବୁ ଅଞ୍ଚଳକୁ ଗୋଟିଏ ପାଉଣ୍ଡ ଖର୍ଚ୍ଚରେ ଯାଇହେବ । କଲିକତାର ଟ୍ରାମ୍‌ରେ ଯିବା ବରଂ କଷ୍ଟ ଲାଗେ । ଇଂଲଣ୍ଡର ଟ୍ୟୁବ୍ ବା ମେଟ୍ରୋରେ ଯିବା ଖୁବ୍ ସହଜ । ଥରେ ଟିକଟ୍ କରି ଭୂତଳ ଟ୍ରେନ୍‌ରେ ଚଢ଼ି ଯଦି ଭୁଲଭଟକା ହୋଇ ଅନ୍ୟ କୌଣସି ଷ୍ଟେସନକୁ ଯାଆନ୍ତି, ତେବେ କିଛି ଡରିବାର ନାହିଁ । କାରଣ ଯେ ପର୍ଯ୍ୟନ୍ତ ଆପଣ ଭୂପୃଷ୍ଠକୁ ନ ଆସିଛନ୍ତି ନୂଆ ଟିକଟ କରିବାର ଆବଶ୍ୟକତା ନାହିଁ । ଟ୍ୟୁବ୍‌ରେ କେହି ଟିକଟ ଚେକ୍ କରନ୍ତି ନାହିଁ । ଭୂପୃଷ୍ଠରୁ ଟ୍ୟୁବ୍‌କୁ ଗଲେ ଟିକଟ ନେବାକୁ ହୁଏ । ଭୂତଳ ଗ୍ରାଉଣ୍ଡ ଉପରକୁ ଉଠିଲେ ଗେଟ୍ ପାଖରେ ଟିକଟ ଫେରାଇ ଦେବାକୁ ହୁଏ । ଟ୍ୟୁବ୍‌ରେ ଚଢ଼ି-ଗଲାପରେ କାହାକୁ ନପଚାରି ମଧ୍ୟ ନିଜର ଭୁଲ୍ ନିଜେ ଠିକ୍ କରିପାରିବେ । ପ୍ରତି ଡବାରେ ଲଣ୍ଡନ ସହରର ଟ୍ୟୁବ୍ ରେଲୱେର ମାନଚିତ୍ର ଲେଖି ଦିଆ ହୋଇଥାଏ । କେଉଁ ଷ୍ଟେସନରେ ଚଢ଼ିଛନ୍ତି, ତାହା ଜଣା ଅଛି । ପରବର୍ତ୍ତୀ

କେଉଁ ଷ୍ଟେସନରେ ଗାଡ଼ି ପହଞ୍ଚିଲା, ଷ୍ଟେସନ କାନ୍ଥରୁ ପଢ଼ି ଜାଣିଗଲେ, ଡବାରେ ଥିବା ମ୍ୟାପ୍‌କୁ ଦେଖି ଜାଣିହେବ ଆପଣ ଠିକ୍ ଦିଗରେ ଯାଉଛନ୍ତି ନା ବିପରୀତ ଦିଗରେ ଯାଉଛନ୍ତି; ନିର୍ଦ୍ଦିଷ୍ଟ ଲାଇନ୍‌ରେ ଯାଉଛନ୍ତି ନା ଭିନ୍ନ ଲାଇନ୍‌ରେ ଯାଉଛନ୍ତି । ଭୁଲ୍ ଥିଲେ ଆଗ ଷ୍ଟେସନ୍‌ରେ ଓହ୍ଲାଇପଡ଼ି ନିଜର ଗନ୍ତବ୍ୟ ଷ୍ଟେସନକୁ ଯାଉଥିବା ଓଲଟା ଦିଗରେ ଗାଡ଼ି ଧରିହେବ । ପ୍ରତ୍ୟେକ ଟ୍ୟୁବ୍ ଟ୍ରେନ୍‌ରେ ମ୍ୟାପ୍ ତ ଥାଏ; ତା'ଛଡ଼ା ପ୍ରତ୍ୟେକ ଷ୍ଟେସନର କାନ୍ଥରେ ବିଭିନ୍ନ ଦିଗକୁ ଯାଉଥିବା ଟ୍ୟୁବ୍ ଟ୍ରେନ୍‌ର ବଡ଼ ବଡ଼ ମ୍ୟାପ୍ ଦିଆଯାଇଥାଏ । ତାହା ଦେଖି ଓ ଟ୍ରେନ୍‌ର ସମସ୍ତ ପଢ଼ି କେଉଁ ଟ୍ୟୁବ୍‌ରେ ଯିବେ ବାଛିପାରିବେ । ଏସବୁ ସୁବିଧା ସତ୍ତ୍ୱେ କେତେକ ଏସୀୟ ଲୋକ କେଉଁ ଟ୍ରେନ୍‌ରେ ଯିବା ଉଚିତ୍ ବୋଲି ପଚାରନ୍ତି । ମୋ ହାତରେ ସବୁବେଳେ ଲଣ୍ଡନର ଟ୍ୟୁବ୍‌ରେଲ ଓ ବସ୍ ରୁଟ୍‌ର ଗୋଟିଏ ମ୍ୟାପ୍ ଥାଏ । ପ୍ରତ୍ୟେକ ଥର ଉପେନ୍ଦ୍ର ବାବୁଙ୍କ ଘରକୁ ଯିବା ରାସ୍ତାରେ ଜଣେ ଦୁଇଜଣ ବାଙ୍ଗ୍‌ଲାଦେଶୀ ଲୋକ ମୋତେ ରାସ୍ତା ଦେଖାଇବା ସାହାଯ୍ୟ ମାଗିଛନ୍ତି । ବିଦେଶ ଯାଗା, ମଣିଷ ହଜିଯିବ—ଏ ଧାରଣା ଅମୂଳକ । ଇଂରେଜୀ ପଢ଼ିବା ଟିକିଏ ଜାଣିଥିଲେ ଯିବାଆସିବା ପାଇଁ ନିଜର ରାସ୍ତା ବାଛି-ନେବା କିଛି କଷ୍ଟକର ବ୍ୟାପାର ନୁହେଁ ।

ବମ୍ବେରେ ବସ୍‌ରେ ଚଢ଼ିବା, କଲିକତାରେ ଟ୍ରାମ୍‌ରେ ଚଢ଼ିବା ଭଳି, ଲଣ୍ଡନ ମେଟ୍ରୋଟ୍ରେନ୍‌ରେ ଚଢ଼ିବା ସମାନ । ପ୍ରଭେଦ ଏତିକି ଯେ ଭୂତଳେ ଟ୍ରେନ୍ କେବଳ ଷ୍ଟେସନ୍‌ରେ ଅଟକିବ, ମିନିଟିଏ ଦୁଇମିନିଟ୍ ଅଟକିବ । ବଡ଼ ଷ୍ଟେସନ ବୋଲି ବେଶି ସମୟ ଅଟକିବ ନାହିଁ । ପ୍ରତି ଅଧଘଣ୍ଟାରେ ତ ଟ୍ରେନ ଚାଲୁଛି, ଟ୍ରେନ ପାଇଲେ ସେ'ଠାରେ ଚଢ଼ିବେ । ଦ୍ରାକଡ଼ରେ ଟ୍ରାମ ବା ବସ୍‌ରେ ଚଢ଼ିଲେ, କଲିକତା ବମ୍ବେ ଭଳି ଜାଗାରେ ସାବଧାନ ହେବାକୁ ହୁଏ । ସମସ୍ତେ ଏକାବେଳକେ ଚଢ଼ିବାକୁ ଚାହାନ୍ତି; ଜୋର ଯାହାର ମୁଲକ ତାହାର । ଠେଲାଠେଲି କରି ବସ୍ ବା ଟ୍ରାମର ଦାଣ୍ଡାକୁ ଧରି ନ ପାରିଲେ, ଆପଣ ରହିଯିବେ । ଧରିପାରି ଯଦି, ପାଦଟି ଫୁଟ୍‌ବୋର୍ଡ଼ରେ ନ ରହୁଛି, ତେବେ ଆପଣ ଘୁଣ୍ଟୁରି ହୋଇଯିବେ—ଯେମିତି ବାଘ ଲାଙ୍ଗୁଳରେ ବନ୍ଧା ହୋଇଥିବା ଶୃଗାଳ ହୋଇଥିଲା । ଆଉ ଗୋଟିଏ ବିପଦ, ସାଙ୍ଗେ ସାଙ୍ଗେ ବମ୍ବେର ବସ୍ ବା କଲିକତାର ଟ୍ରାମ୍ ଚାଲିବା ଆରମ୍ଭ କରିଦେଉଥିବାରୁ ଆପଣ ଦାଣ୍ଡାଧରି କିଛିବାଟ ଦଉଡ଼ି ଗଲାପରେ ଯଦି ଗାଡ଼ିକୁ ଉଠି ନ ପାରିଲେ ତେବେ ହାତ ଛାଡ଼ିଦେବେ । ତେତିକିବେଳେ ସାବଧାନ, ଆପଣ ଟିକେ ଅଗକୁ ଗାଡ଼ିର ବେଗରେ ଦଉଡ଼ି ନ ଗଲେ, ପକ୍କା ସଡ଼କରେ ବାଡ଼େଇ ହୋଇଯିବେ । ଯଦି ମୁଣ୍ଡ ତଳେ

ମିଶିହୋଇଗଲା, ଆପଣ ବେହୋସ । ହୋସ୍‌ରେ ନ ଥିବାବାଲା ଗାଡ଼ିମାନେ ଆପଣଙ୍କୁ ରାସ୍ତାର ଅଙ୍ଗ ବୋଲି ଧରିନେଇ ଆପଣଙ୍କ ଉପରେ ଚାଲିଯିବେ । ତେଣୁ ଅସୁବିଧା ଅଣଙ୍ଗା ଥିଲେ ବମ୍ବେର ବସ୍ ଓ କଲିକତାର ଟ୍ରାମ୍‌ରେ ରାସ୍ତାକଡ଼ରୁ ଉଠିବା ଉଚିତ ନୁହେଁ । ଲଣ୍ଡନର ରେଲରେ ସେ ଡର ନାହିଁ । ଆପଣ ଯଦି ଦ୍ୱାରେ ପଶିଗଲେ ତେବେ କବାଟ ଆପେ ଆପେ ବନ୍ଦ ହୋଇଯିବ । ଯଦି କବାଟକୁ ଧରି ଠିଆ ହୋଇଯିବେ, କବାଟ ବନ୍ଦ ହେବ ନାହିଁ ଏବଂ ଏହି କାରଣରୁ ଗାଡ଼ି ମଧ୍ୟ ଚାଲିପାରିବ ନାହିଁ । ଗାଡ଼ିରେ ଏ ପ୍ରକାର ନିରାପତ୍ତା ବ୍ୟବସ୍ଥା ରଖା-ଯାଇଛି । ଗାଡ଼ିଭିତରେ ପୁରା ପଶି ନ ଗଲା ଯାଏ ଅର୍ଥାତ୍ କବାଟ ମେଲାଥିବା ପର୍ଯ୍ୟନ୍ତ ଡ୍ରାଇଭର ଗାଡ଼ି ଚଳାଇପାରିବ ନାହିଁ । ଆପଣଙ୍କୁ ଉଠିବା ପାଇଁ ଲୋକେ ସାହାଯ୍ୟ କରିବେ, କିମ୍ବା ଡ୍ରାଇଭର ଆସି ସାହାଯ୍ୟ କରିବ ।

## ମୁଁ ତାଙ୍କୁ କ'ଣ ଖୋଜିବି, ସେ ମୋତେ ଖୋଜିଲେ :

ମୋର ବିଲାତ ଯିବାପାଇଁ ମାତ୍ର ତିନ ଚାରିଦିନ ସମୟ ମିଳିଥିବାରୁ ଆଗରୁ ବିଲାତରେ କାହାକୁ ଜଣାଇ ପାରି ନଥିଲି । ଏପରିକି ଉପେନ୍ଦ୍ର ବାବୁଙ୍କର ଠିକଣା ମଧ୍ୟ ମୋ' ପାଖରେ ନଥିଲା । ଦିଲ୍ଲୀରେ ବିଲାତ ଯିବାପାଇଁ ପ୍ରସ୍ତୁତ କରୁଥିବା ସମୟରେ ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜର ଅଧ୍ୟାପକ ଶ୍ରୀ ଉମାକାନ୍ତ ନନ୍ଦଙ୍କ ସହ ସାକ୍ଷାତ ହୋଇଥିଲା, ସେ ତାଙ୍କର ଦୁଇଜଣ ପରିଚିତ ଲୋକଙ୍କ ନାମ ଦେଇଥିଲେ । ତହିଁରୁ ଉପେନ୍ଦ୍ର ବାବୁଙ୍କ ଠିକଣା ପାଇଥିଲି । କିନ୍ତୁ ସେ ଠିକଣା ପୁରୁଣା ଥିଲା । ଷ୍ଟାପୋର୍ଡ଼ ରାସ୍ତାର କାନୋନାକର ଗୋଲଣ୍ଡ ଡ୍ରାଇଭ ଠିକଣା । ମୁଁ ଲଣ୍ଡନ୍‌ରେ ଓହ୍ଲାଇବା ପରଦିନ ଉପେନ୍ଦ୍ର ବାବୁଙ୍କୁ ଖଣ୍ଡେ ଚିଠି ଲେଖିଥିଲି । ଆଉ କଏ ହୋଇଥିଲେ ସେ ମୋତେ ଖୋଜି ନ ଥା'ନ୍ତେ । କାରଣ ମୁଁ ଯେଉଁ ଠିକଣାରେ ଚିଠି ଦେଇଥିଲି ସେଠାରେ ଉପେନ୍ଦ୍ର ବାବୁ ରହୁନଥିଲେ । ଚିଠିଟି ପୁନଃପ୍ରେରଣ (ରିଡ଼ାଇରେକ୍‌ଟେଡ୍) ହୋଇ ତାଙ୍କୁ ଲଣ୍ଡନ ଠିକଣାରେ ମିଳିଲାପରେ ସେ ମୋତେ ଖୋଜିଥିଲେ । ମୁଁ ଅକ୍‌ସଫୋର୍ଡ଼ର କୁଇନ ଏଲିଜାବେଥ ହାଉସ୍‌ରେ ରହିବି ବୋଲି ଚିଠିରେ ଜଣାଇଥିଲି । ସେ ଫୋନ୍ ଡାଇରେକ୍ଟରିରୁ ଏଲିଜାବେଥ ହାଉସ୍‌ର ନମ୍ବର ଖୋଜି ଦିନେ ସନ୍ଧ୍ୟା ଆଠଟାରେ ଫୋନ କରିଥିଲେ । ସେହିଠାରେ ସେ ମୋତେ ତାଙ୍କର ନୂଆ ଠିକଣା କହିଥିଲେ ଏବଂ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ । କିପରି ଯିବାକୁ ହେବ ତାହାର ଗୋଟିଏ ମାନସିକ ନକ୍‌ସା ବର୍ଣ୍ଣନା କରିଥିଲେ । ଉଡ୍‌ଫୋର୍ଡ଼ ଷ୍ଟେସନରୁ ଓହ୍ଲାଇ ବାଁ ହାତ ମୋଡ଼ରେ ଘୂରିଗଲେ ଯେଉଁ ରାସ୍ତା

ପଡ଼ିବ, ସେ ଦ୍ୱାର ବାମ କଡ଼େ କଡ଼େ ଗଲେ ପ୍ରଥମ ଛକଟି ବ୍ରଡ୍‌ମିଡ଼୍ ରୋଡ଼୍ । ରାସ୍ତା ସେ ପାଖର ଘର ନମ୍ବର ଦେଖି ଦେଖି ଗଲେ ନବେ ନମ୍ବର ଘର ମିଳିଯିବ । ଉଡ୍‌ଫୋର୍ଡ଼୍ ଲଣ୍ଡନର ସହର ତଳି ଅଞ୍ଚଳ, ଯେମିତି କଲିକତାର ସାନ୍ତ୍ରାଗାଛି । ମୁଁ ଟ୍ୟୁବ୍‌ରେ ଉଡ୍‌ଫୋର୍ଡ଼ ଆଡ଼କୁ ପ୍ରଥମଥର ଆସୁଥିବାବେଳେ ଯେତେବେଳେ ଦେଖିଲି ହଠାତ୍ ଟ୍ୟୁବ୍‌ରେଲର ଅନ୍ଧାର ଉଭେଇଗଲା, ସୂର୍ଯ୍ୟାଲୋକ ପୁଣି ଦିଶିଲା, ମୁଁ ଭୁଲ ରାସ୍ତାରେ ଆସିଲି କି ବୋଲି ସନ୍ଦେହ କଲି । ପ୍ରଥମଥର ଯାତ୍ରାରେ ଟିକିଏ ଅଡୁଆ ଲାଗିବା ସ୍ୱାଭାବିକ । ଉପେନ୍ଦ୍ର ବାବୁ ବି ମୋତେ କହିନଥିଲେ ଯେ ଟ୍ୟୁବ୍‌ଷ୍ଟେସନ୍‌ଟି ଉଡ୍‌ଫୋର୍ଡ଼ ପୂର୍ବରୁ ସର୍ଫେସ୍ ଷ୍ଟେସନ (ଭୂପୃଷ୍ଠର ଷ୍ଟେସନ୍) ହୋଇଯିବ । ସେ ଯାହାହେଉ, ତାଙ୍କ ଘର ପାଇଗଲାପରେ ଏ ବିଷୟରେ ସନ୍ଦେହର ଅବକାଶ ନ ଥିଲା । ଆଉ ଦୁଇତିନିଥର ଯିବାର ସୁବିଧା ହୋଇଯାଇଥିଲା ।

ଭାରତୀୟ ଡାକ୍ତରମାନଙ୍କୁ ବିଲାତରେ ଉପଯୁକ୍ତ ଯୋଗ୍ୟତା ହାସଲ ନ କଲା ପର୍ଯ୍ୟନ୍ତ ଚାକିରି ଦିଆଯିବ ନାହିଁ ବୋଲି ବିଲାତ ସରକାର ଗୋଟିଏ ନିୟମ କରିଛନ୍ତି । ଡାକ୍ତର ସାହୁ ଏହି ନିୟମ ହେଲା ପୂର୍ବରୁ, ରାଉରକେଲା ଇସ୍ପାତ କାରଖାନା ତରଫରୁ ପଢ଼ିବାପାଇଁ ବିଲାତ ଯାଇଥିଲେ । କିନ୍ତୁ ସେଠାରେ ପଢ଼ାପଢ଼ି କରୁ କରୁ ସେ ରହିଗଲେ । କିନ୍ତୁ ବ୍ରିଟିଶ ଯୋଗ୍ୟତା ହାସଲ କରିବାପାଇଁ ତାଙ୍କୁ କିଛି ସମୟ ଲାଗିଗଲା । ଏହି ବେକାର ଅବସ୍ଥାରେ ସେ ବିଲାତ ସରକାରଙ୍କର ଭତ୍ତାପାଇ ଚଳୁଥିଲେ । କମନଓ୍ୱେଲଥ୍‌ର ନାଗରିକ ହୋଇଥିବାରୁ ଏବଂ ନିର୍ଦ୍ଦିଷ୍ଟ ସମୟରୁ ବେଶୀଦିନ ରହିଥିବାରୁ ସେ ଭତ୍ତା ପାଇବାର ହକ୍‌ଦାର ହୋଇଥିଲେ । ଏ ଭତ୍ତାର ପରିମାଣ ସପ୍ତାହକୁ ୬୦ ପାଉଣ୍ଡ ଥିଲା । ଯେଉଁ କମନ୍‌ଓ୍ୱେଲଥ ନାଗରିକମାନଙ୍କର ନାବାଳକ ପିଲା ଥାଆନ୍ତି, ସେମାନେ ପ୍ରତି ପିଲାପାଇଁ ସପ୍ତାହକୁ ୬୦ ପାଉଣ୍ଡ ପାଆନ୍ତି । ଏ ପ୍ରକାର ବେକାରିଭତ୍ତା ବିଲାତର ଲୋକ-ମାନଙ୍କୁ ମିଳେ । କିନ୍ତୁ ଅଣବିଲାତି କମନଓ୍ୱେଲଥ୍ ନାଗରିକମାନେ ଦୀର୍ଘାଧିକ କାଳ ରହି ବେକାର ହୋଇଗଲେ ସେମାନେ ମଧ୍ୟ ଏହି ଭତ୍ତା ପାଇବେ । ଭତ୍ତା କାରଣରୁ ଯେଉଁ ଏସୀୟ ଲୋକମାନଙ୍କର ପିଲାଛୁଆ ବେଶୀ ସେମାନେ କେବଳ ଭତ୍ତାରେ ହିଁ ଚଳିଯାଆନ୍ତି । ବିଲାତମାନ ଅନୁଯାୟୀ ଏହି ଭତ୍ତା ଯଥେଷ୍ଟ ନୁହେଁ, କାରଣ ସର୍ବନିମ୍ନ ଦରମା ବା ମଜୁରୀହାର ଏହାଠାରୁ ଖୁବ୍ ବେଶୀ; ପ୍ରାୟ ୫୦୦ ପାଉଣ୍ଡ ପାଖାପାଖି । ଯାହାହେଉ ଡଃ ସାହୁ ଏବେ ଚାକିରି ପାଇଲେଣି । ମୁଁ ବିଲାତରେ ଥିଲାବେଳେ ସେ ଚାକିରି ଅନ୍ୱେଷଣରେ ବ୍ୟସ୍ତ ଥିଲେ । ଅସ୍ଥାୟୀ ଭାବରେ ଗୋଟିଏ ଦୁଇଟି ଅନୁଷ୍ଠାନରେ କାମ କରୁଥିଲେ । ତାଙ୍କର ପିଲାମାନଙ୍କୁ

ପାଖରେ ଥିବା ଗୋଟିଏ ମିଶନାରୀ ସ୍କୁଲରେ ପଢ଼ାଉଥିଲେ, ଫଳରେ ସ୍କୁଲ ଦରମାରେ ଶହାଢ଼ ମିଳୁଥିଲା । ଭଡ଼ା ପାଉଥିବା ସମୟରେ ମଧ୍ୟ ସେ ଗୋଟିଏ ଘର କିଣି ରହୁଥିଲେ ।

## ଭାରତୀୟଙ୍କ ଘରକିଣା :

ସେ ଯେଉଁ ଘରେ ଥିଲେ ତା'ର ମୂଲ୍ୟ ୫୦,୦୦୦ ପାଉଣ୍ଡ ପାଖାପାଖି । ଏତେ ପଇସା କେଉଁଠୁ ଆଣିଥିବେ ବୋଲି ଆପଣମାନଙ୍କ ମନରେ ପ୍ରଶ୍ନ ଉଠୁଥିବ । ବିଲାତରେ ଘର କିଣିବା କିଛି କଷ୍ଟକର କଥା ନୁହେଁ । ଘର କିଣିବାପାଇଁ ଋଣ ଯୋଗାଇବାକୁ ବିଭିନ୍ନ ସଂସ୍ଥା ବା ଗୃହନିର୍ମାଣ ଋଣ ସମିତି ରହିଛି । ସେମିତି ଗୋଟିଏ ସମିତିର ସେ ମେମ୍ବର ହୋଇଛନ୍ତି । ଘରର ମୂଲ୍ୟ ଅନୁଯାୟୀ ଋଣ ମିଳେ । ଘରର ମୂଲ୍ୟାୟନ ପାଇଁ ଋଣଦାନକାରୀ ସଂସ୍ଥା ଜଣେ ଆସେସର ବା ମୂଲ୍ୟାୟନକାରୀଙ୍କୁ ପଠାନ୍ତି । ଋଣ ଗ୍ରହିତା ଚାହିଁଲେ, ନିଜ ତରଫରୁ ଆସେସର ମଧ୍ୟ ପଠାଇପାରେ । ଆସେସର ଘରର ମୂଲ୍ୟ କେତେ ହେବ, ହିସାବ କରି ସାର୍ଟିଫିକେଟ୍ ଦିଏ । ଋଣଦାନକାରୀ ସଂସ୍ଥା ପାଇଁ ତାହାହିଁ ହେଉଛି ଘରର ମୂଲ୍ୟ । ଆସେସର ଦେଇଥିବା ମୂଲ୍ୟର ପ୍ରାୟ ୫୦% ରୁ ୨୦% ପର୍ଯ୍ୟନ୍ତ ମାର୍ଜିନ ମନି ବା ନିଜ ପାଣ୍ଠି କ୍ରେତା ଯୋଗାଇବ । ବାକିତକ ଋଣଦାନକାରୀ ସଂସ୍ଥା ଋଣ ଆକାରରେ ଦେବ । ଧରନ୍ତୁ ଆସେସର କହିଲା ଘରର ମୂଲ୍ୟ ୫୦,୦୦୦ ପାଉଣ୍ଡ; ଋଣ ସଂସ୍ଥା ୪୫,୦୦୦ ପାଉଣ୍ଡ ଦେବ; ଅଥଚ ଘରବାଲା ୫୨,୦୦୦ ପାଉଣ୍ଡ ନ ପାଇଲେ ଘର ବିକିବ ନାହିଁ, ତେବେ ଆପଣ ପକେଟରୁ ୭,୦୦୦ ପାଉଣ୍ଡ ଦେବେ; ଋଣ ୪୫,୦୦୦ ପାଉଣ୍ଡ ମିଳିବ । ଘରଟି ସଂସ୍ଥା ପାଖରେ ବନ୍ଧାପଡ଼ିବ । ଆପଣ ମାସକୁମାସ ଋଣ ସୁଝିବେ । ଡା: ସାହୁଙ୍କୁ ନିଜ ହାତରୁ ୬୦୦୦ ପାଉଣ୍ଡ ଦେବାକୁ ପଡ଼ିଥିଲା ଓ ବାକିତକ ଋଣଦାନକାରୀସଂସ୍ଥା ଦେଇଲବୋଲି ସେ କହୁଥିଲେ । ପ୍ରତିମାସରେ ସେ ୫୦୦ ପାଉଣ୍ଡ ହିସାବରେ ସୁଝାଉଛନ୍ତି । ଏହି କୁଇମହଲା ଘରଟାକୁ ଭଡ଼ାରେ ନେଇଥିଲେ ସେ ମାସକୁ ୫୦୦ ପାଉଣ୍ଡରୁ କମ୍ ଖର୍ଚ୍ଚ କରି ନଥାନ୍ତେ । ମୂଳବାବଦକୁ ଘରଟି ଠିଆ ହୋଇଛି । ଖୁବ୍ ସହଜରେ ଓ ଅଳ୍ପ ଖର୍ଚ୍ଚରେ ସେ ବିଲାତରେ ଜଣେ ଭୂମ୍ୟାଧିକାରୀ ହୋଇପାରିଛନ୍ତି ।

ତାଙ୍କ ଘର ପଛଆଡ଼େ ଗୋଟିଏ ଛୋଟିଆ ବାଡ଼ି କରିଛନ୍ତି । ମୁଁ ଗଲାବେଳକୁ ସେଥିରେ ଲେଟ୍ୟୁସ୍, ସ୍ପିନାକ୍ ଆଦି ଶାଗ ଲଗାଇଛନ୍ତି । ବାଡ଼ିରେ ଚେରି, ଆପଲଗଛ ଅଛି, ଗୋଟିଏ ଛୋଟିଆ କୁଣ୍ଡରେ ମାଛଅଛି, ଛୋଟିଆ ଗୁମୁଟି

ଘର ଭିତରେ ବହିଃସ୍ଥ ଉପକରଣ ମାନ ରଖାଯାଇଛି । ବର୍ତ୍ତମାନ ସେ ଉଡ୍-ଫୋର୍ଡ୍‌ର ଷୋଳଅଣା ବାସିନ୍ଦା ହୋଇଗଲେଣି ।

ବିଲାତରେ ଘରକିଣି, ବିଲାତ ସରକାରଙ୍କର ସମସ୍ତ ସୁବିଧା ପାଇବାପାଇଁ ହକଦାର ହେବାକୁ ନିଜର ଉପସ୍ଥିତି ଦରକାର । ଓଡ଼ିଶାର ବର୍ତ୍ତମାନ ଜନୈକ ପଦସ୍ଥ ରାଜନୈତିକ ନେତା ତାଙ୍କ ପଢ଼ିବା ସମୟରୁ ବିଲାତରେ ଘର କିଣି ରଖିଛନ୍ତି । ବର୍ତ୍ତମାନ ତାଙ୍କ ପୁଅ ବୈଷୟିକ ଶିକ୍ଷା ପାଉଛନ୍ତି । ଘରଟିକୁ ନିଜର ମାଲିକାନାରେ ରଖିବାପାଇଁ ଓ ବିଲାତ ସରକାରଙ୍କର ଭତ୍ତା ଆଦି ପ୍ରାପ୍ୟ ପିଲା-ପାଇଁ ହାସଲ କରିବାକୁ ସେ ବର୍ଷରେ ଥରେ ଇଂଲଣ୍ଡ ଯାଆନ୍ତି ବୋଲି ମୁଁ ଶୁଣିଲି । ଏ ବିଷୟରେ ଅଧିକ ଲେଖିବା ଗର୍ହିତ ହେବ ।

## ନିଜେ ମରାମତି କର :

ଉପେନ୍ଦ୍ର ବାବୁଙ୍କର ଘରେ ରହିଲାବେଳେ ମୁଁ ତାଙ୍କୁ ଥରେ ପଚାରିଥିଲି, ଦରକାର ସମୟରେ ଘର ମରାମତି କିପରି କରନ୍ତି ? ମିସ୍ତ୍ରୀ ଲଗାଇ ଘରକାମ କଲେ ଢେର୍ ଖର୍ଚ୍ଚାନ୍ତ ହେବାକୁ ପଡ଼େବୋଲି ସେ କହୁଥିଲେ । ଲାଇସେନ୍‌ସ ପ୍ରାପ୍ତ ମିସ୍ତ୍ରୀମାନେ ଘଣ୍ଟାହାରରେ ମଜୁରି ନିଅନ୍ତି । ଘଣ୍ଟାକୁ ଦଶ ପାଉଣ୍ଡରୁ ବେଶୀ ପଡ଼ିପାରେ । ସେ ନିଜ କାରରେ ଆସେ । ମରାମତି ପାଇଁ ଜିନିଷପତ୍ର ଯୋଗାଡ଼ ଠିକ୍ ରଖିନଥିଲେ, ତା'ର ବସିବା ସମୟ ପାଇଁ ମଧ୍ୟ ମଜୁରି ନିଏ । ଏସବୁ ଖର୍ଚ୍ଚରୁ ବର୍ତ୍ତିବାପାଇଁ ଛୋଟକାଟର ମରାମତି ନିଜେ ନିଜେ କରିବାକୁ ପଡ଼େ । ମରାମତି ପାଇଁ ସାଜସରଞ୍ଜାମ ଦୋକାନରେ ରେଡ଼ିମେଡ଼୍ ବା ତିଆରି ହୋଇ ମିଳେ । ବିଭିନ୍ନ ମାପର ଚଉକାଠ, କବାଟ, ଝରକା ମଧ୍ୟ ମିଳେ । ନିଜେ ଗାଡ଼ିରେ ନେଇ ଘରେ ପହଞ୍ଚାଇବା କଥା । ନିଜ ଗାଡ଼ି ଛଡ଼ା ଅନ୍ୟ କୌଣସି ଉପାୟରେ ନେଲେ ନେବାଖର୍ଚ୍ଚ ଜିନିଷର ଦାମଠାରୁ ବଳିଯିବ । ଥରେ ସେ ରିମୋଟ୍ କଣ୍ଟ୍ରୋଲ (ବା ଦୂରରୁ ନିୟନ୍ତ୍ରଣ କରି ହେଉଥିବା) ରଙ୍ଗୀନ ଟିଭିଟିଏ ଲଣ୍ଡନର ଅକ୍‌ସଫୋର୍ଡ଼ ଷ୍ଟ୍ରିଟ୍‌ରୁ କିଣିଥିଲେ । ତାଙ୍କର ଜଣେ ବନ୍ଧୁ, ଶିକ୍ଷାର୍ଥୀ, ଉତ୍ତର ପ୍ରଦେଶର ଜନୈକ ଡାକ୍ତରଙ୍କ କାରରେ ଉଡ୍‌ଫୋର୍ଡ଼୍ ନେଇଥିଲେ । କାର ନମିଳିଥିଲେ ଗୋଟିଏ ଟ୍ରଲିରେ ଠେଲି ଠେଲି ନେଇ ଟ୍ୟୁବ୍ ଟ୍ରେନ୍‌ରେ ଉଠିଥାନ୍ତେ ଓ ପୁଣି ଉଡ୍‌ଫୋର୍ଡ଼୍ ଷ୍ଟେସନରୁ ଠେଲି ଠେଲି ଘରକୁ ନେଇ-ଆ'ନ୍ତେ । କୁଲିମଜୁରି, ଗାଡ଼ିଭଡ଼ା ଆଦି ବାଧିଥା'ନ୍ତା ଓ ଟି.ଭି ର ଦାମକୁ ୧୦% ବଢ଼ାଇ ଦେଇଥା'ନ୍ତା ।

ମୁଁ ଯେଉଁ ପେଣ୍ଡାଜନ୍ ଷ୍ଟ୍ରିଟ୍‌ରେ ଥିଲି, ସେ ଷ୍ଟ୍ରିଟ୍‌ରେ ଗୋଟିଏ ଘରର କାନ୍ଥ ଭଙ୍ଗାକାମ ଚାଲିଥାଏ । ମାତ୍ର ଚାରିପାଞ୍ଚ ଲୋକ ସେଠାରେ କାମରେ ଲାଗିଥା'ନ୍ତି । ଉପରକୁ ଯିବାପାଇଁ ସେମାନେ ଆଲୁମିନିୟମ ସିଡ଼ି ବ୍ୟବହାର କରୁଥିଲେ । ଆଲୁମିନିୟମ ସିଡ଼ିକୁ ଲମ୍ବା ଲମ୍ବା କରି ୫/୭ ଫୁଟ ଲମ୍ବକୁ କମାଯାଇ ହୁଏ ଓ ତାହା ମିସ୍ତ୍ରୀମାନେ ନିଜ ଗାଡ଼ିରେ ନେଇ ପଳାନ୍ତି । ଇଟା ବା ପଥର ଉଠାଇବାପାଇଁ ମିସ୍ତ୍ରୀ ନିଜେ ଦଉଡ଼ି ବା ପୁଲି ବ୍ୟବସ୍ଥା କରିଥା'ନ୍ତି । ତଳେ ଜଣେ ମାତ୍ର ଲୋକ ସିମେଣ୍ଟ, ବାଲି, ଇଟା ଆଦି ଯୋଗାଉଥାଏ । ଆମ ଦେଶଭଳି ମୁଣ୍ଡରେ ବୋଝଧରି ସିଡ଼ିରେ ଉପରକୁ ଉଠିବା ଦୃଶ୍ୟ ସେଠାରେ ନାହିଁ । କମ୍ କାମର କଂକ୍ରିଟ୍ ପାଇଁ ବାଣକମିସ୍ତ୍ରୀ ନିଜ ଗାଡ଼ିର ପଛରେ ଗୋଟିଏ ଟ୍ରେଟ କଂକ୍ରିଟ୍ ମିକ୍ସର ଟାଣିଟାଣି ନେଇଥାଏ । ମାତ୍ର ଗୋଟିଏ ଘନଫୁଟର କଂକ୍ରିଟ୍ ମିଶାଇବା ପାଇଁ ମିକ୍ସରଟି ଉପଯୁକ୍ତ । ଆବଶ୍ୟକ ଅନୁପାତର ବାଲିଗୋଡ଼ି ଓ ସିମେଣ୍ଟ ମିଶାଇ ମିକ୍ସରର ଇଲେକ୍ଟ୍ରିକ ପ୍ଲଗଟିକୁ ଘରର ଲାଇନ୍‌ରେ ଲଗାଇଦେଇ ସେମାନେ କଂକ୍ରିଟ୍ ମିଶାଇ ଥାଆନ୍ତି । ସୁଇଚ୍ ଟିପି ମିକ୍ସରଟିକୁ ଓଲଟାଯାଇପାରେ ଓ କଂକ୍ରିଟ୍ ଢାଳି ହୋଇଯାଏ । ଏସବୁ ଦେଖିଲେ ମନେହୁଏ ଯେ ଯନ୍ତ୍ର ବ୍ୟବହାର କରି ମିସ୍ତ୍ରୀମାନେ ବହୁତ ମଜୁରି ବଞ୍ଚାଉଛନ୍ତି ଓ ଖୁବ୍ ଶୀଘ୍ର ଶୀଘ୍ର ବେଶୀ କାମ କରୁଛନ୍ତି । ଅବଶ୍ୟ ସେମାନଙ୍କର ନିଜ ମଜୁରି ଖୁବ୍ ବେଶୀ ବଢ଼ିଯାଇଛି । ଏହି ମଜୁରିରେ ମେସିନ୍ କାମ ମିଶିଛି । କାମ ଅନୁସାରେ ମଜୁରି ଘଣ୍ଟାକୁ ୧୫ ରୁ ୨୦ ପାଉଣ୍ଡ ମଧ୍ୟରେ । ମୁଣ୍ଡରେ ବୋଝ ଉଠାଇବା ଭଳି କାମ ମଣିଷ କରୁନାହିଁ; ଯନ୍ତ୍ର କରୁଛି ।

## ମୁଁ ଚଷମା ମରାମତି କଲି :

ଆମେ ଯେଉଁ ସମୟରେ ଅକ୍ସଫୋର୍ଡରେ ଥିଲୁ, ସେ ସମୟ ବିଲାତର ଗ୍ରୀଷ୍ମକାଳ । ଦିନେ ଦିନେ ବିଲାତମାନ ଅନୁଯାୟୀ ଏତେ ଗରମ ହେଉଥାଏ ଲୋକେ ଚଡ଼ିଟିଏ ପିନ୍ଧି ବୁଲନ୍ତି । ହଠାତ୍ ଥଣ୍ଡା ଓ ଗରମର ପାର୍ଥକ୍ୟ ବଢ଼ିଗଲେ ସଙ୍କୁଚନ ଓ ପ୍ରସାରଣର ପ୍ରଭାବ ଆଖିର ଚଷମା ଉପରେ ମଧ୍ୟ ପଡ଼େ । ଶ୍ରୀ ଡଙ୍ଗରେଙ୍କର ଚଷମାର ଫ୍ରେମ ଏହି କାରଣରୁ ଫାଟିଗଲା । ଗୋଟିଏ ପାଖ କାଚ ବାହାରି ପଡ଼ିଲା । ଚଷମାଦୋକାନକୁ ଯାଇ ସେ ଫ୍ରେମ୍ ବଦଳାଇବାକୁ ପଚାରନ୍ତେ ସେ ଜାଣିଲେ ଯେ, ସର୍ବନିମ୍ନ ମୂଲ୍ୟର ଫ୍ରେମ୍‌ଟିର ଦାମ୍ ୨୦ ପାଉଣ୍ଡ ( ଟ ୩୦୦ ) ଏବଂ ତାହା ଦେଖିବାକୁ ତେତେ ଭଲ ନୁହେଁ । ସୀମିତ ସମ୍ବଳନେଇ ଯାଇଥିବା ସରକାରୀ କର୍ମଚାରୀ ପକ୍ଷରେ ଏହା ଖୁବ୍ ବ୍ୟୟ ସାପେକ୍ଷ

ମନେହେଲା । ସେ ଘରକୁ ଚିଠି ଲେଖିଲେ ଆଉ ଗୋଟିଏ ଚଷମା ପଠାଇବା ପାଇଁ । ଘରୁ ଚଷମାଟିଏ ଆସିଲେ ଡାକ ଖର୍ଚ୍ଚ ସମ୍ଭବତ ତା'ଙ୍କ ସ୍ତ୍ରୀ ମାନ ଦେଢ଼ଶହ ଟଙ୍କା ଖର୍ଚ୍ଚ କରିବେ । କିନ୍ତୁ ନୂଆ ଚଷମାଟିଏ ଆସିବାକୁ ତ ୧୫ ଦିନ ସମୟ ଲାଗିବ । ସେ ସେହି ପନ୍ଦରଦିନ ପର୍ଯ୍ୟନ୍ତ ପଢ଼ାପଢ଼ି କରିବେ କିମିତି ? ଆମ ଦେଶର କ୍ୱିକ୍‌ଫିକ୍ସ ଭଳି ଗୋଟିଏ ଅଠା ଟ୍ୟୁବ୍ ୨୦ ପେନ ଦେଇ ଆଣିଲୁ । ଫ୍ରେମ୍‌ଫାଟି ଯେଉଁ ଫାଙ୍କ ସୃଷ୍ଟି ହୋଇଥିଲା, ତା'କୁ ପୂରଣ କରି ଦୁଇଧାରକୁ ଯୋଖି ଧରିରଖିବା ଭଳି ଶକ୍ତି ସେ ଅଠାର ନଥିଲା । ଅଠା ଲଗାଇସାରି ଯଦି ଆମେ ୭୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ଉପାୟରେ ଫ୍ରେମ୍‌କୁ ଚାପି ଧରିଥା'ନ୍ତୁ, ତା'ହେଲେ ବୋଧହୁଏ ଲାଗି ପାରିଥା'ନ୍ତା । ଆମ ପାଖରେ କୌଣସି ଯନ୍ତ୍ର ନଥିଲା । ଘଣ୍ଟାଧିକକାଳ ଚାପିରଖିବା ପାଇଁ କାହାର ଜୋର ନଥିଲା । ଫ୍ରେମ୍‌ର ଫାଙ୍କଟିକୁ ଥରେ ଅଠାଦ୍ୱାରା ପୂରଣ କରିପାରିଲୁ ନାହିଁ । ଅଳ୍ପ ଅଳ୍ପ ଅଠା ପରତ ପରତ କରି ଲଗାଇ ଗୋଟିଏ ପରତ ଶୁଖିଲାପରେ ଆଉ ଗୋଟିଏ ପରତ ଦେଇ ଫାଙ୍କଟିକୁ ବୁଜିବା ପାଇଁ ପ୍ରାୟ ୩୦ ଦିନ ଲାଗିବ ବୋଲି ଆମେ ହିସାବକଲୁ । କାରଣ ପ୍ରତ୍ୟେକ ପରତ ଅଠା ଶୁଖି ଟାଣ ହେବାପାଇଁ ଗୋଟିଏ ଦିନ ସମୟ ଲାଗୁଥିଲା । ଡଙ୍ଗରେ ଦିନକ ପରେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ । ସେ ପଢ଼ାପଢ଼ି ଓ ଲେଖାଲେଖି କରିପାରୁ ନଥାନ୍ତି । ତା'ଙ୍କ ରୁମ୍ ଭିତରେ ଆମେ ଏବିଷୟ କଥାବାର୍ତ୍ତା ହେଉଥିବାବେଳେ ସେ ଘରୁ କ'ଣକ'ଣ ଆଣିଛନ୍ତି ବୋଲି ଆମେ ଦେଖିବାକୁ ଚାହିଁଲୁ । ଆମେ ପ୍ରତ୍ୟେକେ କିଛି ଔଷଧ, ଖଣ୍ଡିଏ ଛୁଞ୍ଚି, ଅଳ୍ପ କିଛି ସୂତା ଓ କେତୋଟି ବୋତାମ ନେଇ ଯାଇଥିଲୁ । ଡଙ୍ଗରେ କିଛି ଅଧିକା ନେଇଥିଲେ । ତାଙ୍କ ଡବାରେ କିଛି ତାର ବି ଥିଲା । ଆର୍କିମେଡ଼ିସ୍ ଇଉରେକା କହିଲାଭଳି ମୁଁ ତେଇଁପଡ଼ି କହିଲି, "ଏଥର ତୁମର ଚଷମା ରିପେଆର ହୋଇଯିବ ।" ରୁମ୍‌ର ହିଟରରେ ଛୁଞ୍ଚିକୁଧରି ତତେଇ ଲାଲକରି ଦିଆଗଲା । ଚିମୁଟାରେ ଧରି ଏହି ଲାଲ ଟହଟହ ଛୁଞ୍ଚିକୁ ଫ୍ରେମ୍‌ର ଫାଟିଥିବା ଦୁଇମୁଣ୍ଡରେ ଦୁଇଟିକଣା କରାଗଲା । ସେହି କଣାବାଟେ ତା'ର ଗଳାଇ ଫ୍ରେମ୍‌ଟିକୁ ବାନ୍ଧି ରଖାଗଲା । ଫଳରେ ଚଷମାଟି ବ୍ୟବହାର ଯୋଗ୍ୟ ହୋଇଗଲା । ମୁଁ ଅକ୍ସଫୋର୍ଡ଼ ଛାଡ଼ିଲା ପର୍ଯ୍ୟନ୍ତ ସେ ସେହିପରି ଚଷମାଟି ବ୍ୟବହାର କରୁଥିଲେ । ପନ୍ଦରଦିନ ଭିତରେ ତା'ଙ୍କ ଘରୁ ଚଷମା ଆସିବ ବୋଲି ସେ ଯେଉଁ ଚିଠି ଲେଖିଥିଲେ, ତାହାର ଫଳ ସେ ପର୍ଯ୍ୟନ୍ତ ମିଳି ନଥିଲା । ମୁଁ ଜୁଲାଇରେ ଫେରିଥିଲି । ସେ ଆଉ ତିନିମାସ ତାଲିମ ପାଇଁ ରହି ଅକ୍ଟୋବରରେ ଫେରିଥିଲେ ।

## ସବୁଦନେ ପଡ଼ି ବ୍ୟବସ୍ଥା :

ଆଗରୁ କହିଛି, ବିଲାତରେ ଦୋକାନ ବଜାରର ଅଧିକାଂଶ ଜିନିଷ, ବିଶେଷତଃ ଖାଉଟି ସାମଗ୍ରୀ ବିଦେଶରୁ ଆସେ । ତେଣୁ ଏ ସବୁ ଅଭାବ ପଡ଼ିବା ସ୍ୱାଭାବିକ । ଅଭାବ ହେଲେ କଣ୍ଟ୍ରୋଲ ବା ପଡ଼ି ବ୍ୟବସ୍ଥା ଲାଗୁହୁଏ । ବିଲାତରେ ସବୁଦନେ ଏଭଳି କଣ୍ଟ୍ରୋଲ ପ୍ରଥା ଚାଲୁରହିଛି । କିନ୍ତୁ ଆମ ଦେଶ ଭଳି କଣ୍ଟ୍ରୋଲ ବ୍ୟବସ୍ଥାରେ ହେରଫେର କାମ ସେଠାରେ ଦେଖାଯାଏ ନାହିଁ । ଆମ ଦେଶର ବ୍ୟବସ୍ଥାରେ ଅନ୍ୟ ଚରିତ୍ରର ରୂପ ଦେଖାଯାଏ । ଆମ ଦୋକାନୀମାନେ ଦୁ'ପଇସା ହାତାଇ ଲାଭ କରିବା ପାଇଁ କୃତ୍ରିମ ଅଭାବ ସୃଷ୍ଟି କରିଥା'ନ୍ତି । ସରକାରୀ କର୍ମଚାରୀମାନେ ଦୁ'ପଇସା ଉପୁରି କରିବାଲାଗି କଣ୍ଟ୍ରୋଲ ଦୋକାନୀଙ୍କୁ ବେଆଇନ କାମ କରିବାକୁ ପ୍ରଶ୍ରୟ ଦିଅନ୍ତି । ମାସରେ ଥରେ କି ଦୁଇଥର କଣ୍ଟ୍ରୋଲ ଜିନିଷ ଉଠାଇବାକୁ ଦୋକାନୀଙ୍କୁ ଅନୁମତି ମିଳେ—ଏହି ଅନୁମତି ପାଇଁ ବାରମ୍ବାର ସିଭିଲ ସପ୍ଲାଇ ଅଫିସକୁ ଦଉଡ଼ିବାକୁପଡ଼େ । ଯେତେବେଳେ ଅନୁମତି ପାଏ, ଦୋକାନୀ ଦେଖେ ଯେ ତା'କୁ ଦୁଇଦିନ ବସ୍ତାରୁ ବେଶି ମିଳୁନାହିଁ—ପୁଣି ଦଶପନ୍ଦର କିଲୋମିଟର ବା ତା'ଠାରୁ ବେଶି ଦୂରରୁ ଏହି ଜିନିଷ ନେବାକୁ ପଡ଼ୁଥାଏ । ସରକାରୀ ହାରରେ ଗାଡ଼ି ଖର୍ଚ୍ଚ ଯାହାମିଳେ, ଦୋକାନୀ ତା'ଠାରୁ ବହୁତ ବେଶି ପରିବହନ ଖର୍ଚ୍ଚ କରିଥାଏ । ଜିନିଷ ଯୋଗାଉଥିବା ଗୋଦାମରେ ମଧ୍ୟ ଓଜନ ଠିକ୍ ନଥାଏ । କୁଇଣ୍ଟାଲଟା କେବେ ଶହେ କିଲୋଗ୍ରାମ ହୁଏ ନାହିଁକି ଲିଟରଟା କେବେ ୧୦୦୦ ମିଲିଲିଟର ହୁଏ ନାହିଁ । ଅଧିକା ପରିବହନ ଖର୍ଚ୍ଚ, କମ ଓଜନ, ବାରମ୍ବାର ଦଉଡ଼ିବାର ଗାଡ଼ି ଓ ଖାଇବା ଖର୍ଚ୍ଚ, ତଦୁପରି କର୍ମଚାରୀଙ୍କୁ ଉପୁରି—ଏ ସବୁକୁ ଚାହିଁଲେ କେଉଁ ସାଧୁସଚ୍ଚୋଟ ଦୋକାନୀ କଣ୍ଟ୍ରୋଲ ଦୋକାନ କରିବ ? ଅସାଧୁ ଦୋକାନୀତ ଆହୁରି ବେଶି ଖର୍ଚ୍ଚ କରେ—ଯଥା ସ୍ଥାନୀୟ ଲୋକପ୍ରତିନିଧି ବା ସଂପୃକ୍ତ କର୍ମଚାରୀଙ୍କୁ ଲାଞ୍ଚଦେଇ କଣ୍ଟ୍ରୋଲ ଜିନିଷର ଲାଇସେନ୍ସ ନେଇଥାଏ; ଦୁଇପ୍ରକାରର ଖାତା ରଖିବାପାଇଁ କାଗଜ ଓ ଗୁମାସ୍ତା ଖର୍ଚ୍ଚ ବହନ କରିଥାଏ । ଏ ପରିପ୍ରେକ୍ଷୀରେ ଦୋକାନରେ କଣ୍ଟ୍ରୋଲ ଜିନିଷ ପହଞ୍ଚିବା ପୂର୍ବରୁ ବିକ୍ରି ହୋଇଯିବା (ଅର୍ଥାତ୍ ରାସ୍ତାରେ ଉଭେଇଯିବା) ଅସମ୍ଭବ ନୁହେଁ । ଯଦି ଦୋକାନରେ ଜିନିଷ ପହଞ୍ଚିଲା, ଲୋକେ ଲମ୍ବାଧାଡ଼ି ବାନ୍ଧିବେ, କାରଣ ସେମାନେ ଜାଣନ୍ତି ଆଉଥରେ ଜିନିଷ ଆସିବାକୁ ମାସେ ବା ବେଶି ଲାଗିପାରେ । ଯାହାର ପଇସା ଅଛି ସେ କଳାବଜାରରେ କଣ୍ଟ୍ରୋଲ ଜିନିଷ କିଣିନିଏ । ଖୋଲାବଜାର ଦର ଓ କଣ୍ଟ୍ରୋଲଦର ଭିତରେ ଏତେ ପାର୍ଥକ୍ୟ ଯେ, କଳାବଜାରରେ ମଝିମଝିକିଆ ଦର ଦେଇ ଥିଲାବାଲା ଲୋକେ

କିଣି ନଥାନ୍ତି; ଦୋକାନୀ ବ ଢ଼ି ପଇସା ପାଇଯାଏ । ଏ ଦ୍ୱୈତ ମୂଲ୍ୟ ପ୍ରଥା ସାଙ୍ଗକୁ ଆମ ଲୋକ ଚରିତ୍ର ଅବସ୍ଥାକୁ ଆହୁରି ସାଙ୍ଘାତିକ କରେ । ଅନ୍ୟର ସୁବିଧାପ୍ରତି ଆମ ଦେଶର ଲୋକଙ୍କ ମଧ୍ୟରେ ଆଦୌ ଚିନ୍ତା ନଥାଏ । ନିଜେ କିପରି ସୁବିଧାଏ ସାଉଁଟିନେବା, ତାହା ହିଁ ଆମର ଚିନ୍ତା । ବିଲାତଭଳି ଯଦି ଆମ ଦେଶରେ ଲୋକଙ୍କ ସୁଖ ସୁବିଧା ବୁଝାବାକୁ ନଆଯାଇ ଦୋକାନୀଙ୍କୁ କଣ୍ଟ୍ରୋଲ ଜିନିଷ ଯୋଗାଯାଆନ୍ତା, ଓଜନ ଠିକ୍ ରହନ୍ତା, ଉପଯୁକ୍ତ ପରିବହନ ଖର୍ଚ୍ଚ ଦୋକାନୀଙ୍କୁ ମିଳନ୍ତା, ଦୋକାନ ଅଭିଜ୍ଞତା ନ ଥିବା ଓ ରାଜନୈତିକ ଫାଇଦା ଉଠାଉଥିବା ବା କଳାବଜାର କରୁଥିବା ଲୋକଙ୍କୁ ଲାଇସେନ୍ସ ନ ମିଳନ୍ତା, ତେବେ ବିଲାତଭଳି ମଧ୍ୟ ଆମ ଦେଶର ଲୋକେ ଆବଶ୍ୟକତା ଠାରୁ ବେଶି ଜିନିଷ ଅଯଥାରେ କିଣନ୍ତେ ନାହିଁ । ସରକାରୀ ଗୋଦାମରେ ଜିନିଷର ଅଭାବ ନାହିଁ—ଅଥଚ ଗାଁ ଗହଳିର କଣ୍ଟ୍ରୋଲ ଦୋକାନୀ ଯଥେଷ୍ଟ ପରିମାଣରେ ଜିନିଷ ପାଏ ନାହିଁ । ଜିନିଷ ଉଠାଇବାରେ ସାମାନ୍ୟ ବିଳମ୍ବ କଲେ ସେ ମାସକର କୋଟା ହରାଇଥାଏ । ଏଥିରେ ଦଣ୍ଡ କାହାକୁ ଦିଆଯାଉଛି—ଦୋକାନୀକୁ ନା ଖାଉଟିକୁ ? ଆମେ ସମସ୍ତେ ଲୋକର ଖରାପ ଦିଗକୁ ଦେଖୁ, ଭଲ ଦିଗଟା ନୁହେଁ । ଆମ ନିୟମଗୁଡ଼ାକ ମଧ୍ୟ ସେହିଭଳି ଔପନିବେଶିକ ଢାଞ୍ଚା ବା ଅବିଶ୍ୱାସର ଭିତ୍ତିରେ ଗଢ଼ା ।

## ଲୋକଚରିତ୍ର :

ଆମ ଦେଶରେ କଳାବଜାରର ଆଉ ଗୋଟିଏ କ୍ଷେତ୍ର ହେଉଛି ସଂରକ୍ଷଣ ବା ରିଜର୍ଭେସନ୍ । ସାମ୍ବିଧାନିକ ଜାତି ସଂରକ୍ଷଣ କଥା ମୁଁ କହୁନାହିଁ । ଗାଡ଼ି ଟିକଟ, ସିନେମା ଟିକେଟ, ଖେଳ ଟିକଟ ଆଦିରେ କଳାବଜାରୀ ବା ଲାଞ୍ଚ ଭରପୂର । ଏହାର ଗୋଟିଏ ବଡ଼ କାରଣ ଯାତ୍ରୀଙ୍କୁ ସୁହାଁ ଗାଡ଼ି ବା ଟିକଟର ପରିମାଣ କମ୍ । ବିଲାତରେ ସୁବିଧା ଦେଖି ବ୍ୟବସ୍ଥା କରାଯାଇଥାଏ ।

ଅଗ୍ରିମ ଟିକଟ ନ କଲେ ମଧ୍ୟ ପରବର୍ତ୍ତୀ ଗାଡ଼ି ପାଇବାକୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼େ ନାହିଁ । ଯେଉଁଠି ବେଶି ଭିଡ଼ହୁଏ ଅର୍ଥାତ୍ କମ୍ ଦୂରରେ ଥିବା ଦୁଇଟି ବଡ଼ ସହରକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରତି ଅଧଘଣ୍ଟା ବା ପ୍ରତି ଘଣ୍ଟାରେ ଗାଡ଼ି ଯା'ଆସ କରୁଥାଏ । ଅଧିକାଂଶ ଷ୍ଟେସନରେ ମେସିନ୍ ଦ୍ୱାରା ଟିକଟ ବିକ୍ରି ହେଉଥାଏ । ତେଣୁ ଡେରି ହେବାର ବା ମୁଦ୍ରାମୁଲାଦାର ପ୍ରଶ୍ନ ନାହିଁ । ପ୍ରାୟ ପ୍ରତ୍ୟେକ ବସ୍‌ରେ ଚଢ଼ିବାବେଳେ ଟିକଟ ନେଇ ଚଢ଼ିବାକୁ

ହୁଏ । ବସ୍‌ର ଡ୍ରାଇଭର ଉପଯୁକ୍ତ ପରିମାଣର ଭଡ଼ାନେଇ ମେସିନ୍‌ଟିପି ଟିକଟ ବାହାର କରେ । ସହର ଭିତର ବସ୍‌ଛଡ଼ା ଅନ୍ୟ ବସ୍‌ଗୁଡ଼ିକରେ କଣ୍ଡକ୍ଟର ବା କ୍ଲିନର ପ୍ରାୟ ନଥା'ନ୍ତି । ଡ୍ରାଇଭର ହିଁ ନିଜ ସିଟ୍‌ପାଖରେ ଥିବା ସୁଇଚ୍‌ବଳରେ ଗାଡ଼ି ପଛଆଡ଼େ ଥିବା ମାଲ ରଖିବାର ଦ୍ୱାର ଖୋଲେ ଓ ବନ୍ଦ କରିପାରେ । ସେହିଭଳି ପ୍ରବେଶ ଦ୍ୱାର ଖୋଲି ପାରେ ଓ ବନ୍ଦ କରି ପାରେ । ସେ ଡ୍ରାଇଭର ସିଟ୍‌ରୁ କେବେ ଉଠେନାହିଁ । ଯେଉଁମାନେ ବିଲାତରେ କିଛିଦିନ ରହି ଆମ ଦେଶକୁ ଫେରନ୍ତି, ସେମାନେ ରେଲ ଟିକଟ ପାଇବା ବା ରିଜର୍ଭେସନ ପାଇବାରେ ଯେଉଁ କଷ୍ଟ ବା କଲାବଜାରିର ମୁକାବିଲା କରନ୍ତି ତା'କୁ ଲକ୍ଷ୍ୟକରି ସେମାନେ କହନ୍ତି ଆମ ଦେଶର ଭବିଷ୍ୟତ .ଅନ୍ଧକାରମୟ । ଆମ ଦେଶରେ ପ୍ରତ୍ୟେକ କାମପାଇଁ ପଇସା ଦରକାର । ସତେ ଯେପରି ଲୋକେ ଦରମା ପାଉଛନ୍ତି ଅଫିସ୍‌ରେ କେବଳ ବସିବାପାଇଁ; ଉପୁରି ନ ପାଇଲେ କାମ କରିବେ ନାହିଁ । ଘଟଣା ଏପରି ଆକାର ଧରିଲାଣି ଯେ ଲାଞ୍ଚ ନ ପାଇବା ପର୍ଯ୍ୟନ୍ତ ପିଅନ ବି ଗୋଟିଏ ସିଟ୍‌ରୁ ଆଉ ଗୋଟିଏ ସିଟ୍‌କୁ କାଗଜପତ୍ର ନେଉନାହିଁ । ଲାଞ୍ଚ ନ ଦେଲେ କାଗଜ ହଜିଯାଉଛି ବା ଗୁଡ଼ାଏ ମନଗଢ଼ା ଆପତ୍ତି ଦର୍ଶାଯାଉଛି । ଏ ଆମ ଦେଶର ଲୋକ ଚରିତ୍ର । ବିଲାତ ଲୋକଙ୍କ ଚରିତ୍ର ହିଁ ସେମାନଙ୍କର କାର୍ଯ୍ୟକଲାପ, ଦେ'ଣ ନେ'ଣ ଓ ବନ୍ଦୋବସ୍ତକୁ ସହଜ ଓ ସରଳ କରିଦେଇଛି । ଆମମାନଙ୍କ ପ୍ରକୃତି ଯେପରି କୁଟିଳ, ଆମ ଦେଶର ସରକାରୀ କର୍ମଚାରୀମାନେ ମଧ୍ୟ ସେହିପରି ଖଳ ପ୍ରକୃତିର । ଲୋକେ ଯେମିତି, ଅଫିସର ସେମିତି ।

## ମକଦ୍ଦମାଖୋର କାହାନ୍ତି ?

ଲୋକଙ୍କର ଖରାପ ପ୍ରକୃତି ସେମାନଙ୍କର ମକଦ୍ଦମା ଖୋର ଅଭ୍ୟାସରୁ ଜଣାପଡ଼େ । ଆମ ଦେଶର ଲୋକମାନଙ୍କର ପ୍ରକୃତିକୁ ଆହୁରି ଖରାପ କରି ଦିଅନ୍ତି ସେମାନଙ୍କର ଓକିଲ ଓ ମୋହରିରମାନେ । ଲୋକ ବା ମକ୍କେଲ ଯଦି କୁଟିଳତା ଜାଣି ନାହିଁ, ମିଛ କହୁନାହିଁ, ଓକିଲ ତା'କୁ ସେ ବିଷୟରେ ଧାରଣା ଦିଏ ଓ ଅନ୍ୟାୟ ଭାବରେ କିଛି ସ୍ୱାର୍ଥ ପାଇବେଲେ ମକ୍କେଲଠାରୁ ମୋଟାଧନ ଆଦାୟ କରେ । ମୁଁ ଜାଣିବାରେ ବିଲାତରେ ଭିନ୍ନ ଭିନ୍ନ ରକମର ମକଦ୍ଦମା ପାଇଁ, ଓକିଲ ନିର୍ବିଶେଷରେ ସମାନ ଧରଣର ପାଉଣା ଦେବାକୁପଡ଼େ । ବେଶି ପଇସା ଦେଲେ ବେଶି ଯତ୍ନ ନେଇ କେସ୍ ଲଢ଼ିବ, ଏ ଧାରଣା କେବଳ ଆମ ଦେଶରେ ଅଛି । ମୁଁ ଯାହା ଶୁଣିଲି, ଲୋକଙ୍କର ଜୀବନ ପ୍ରତି ବିପଦ ଆଣୁଥିବା ମକଦ୍ଦମା, ମୃତ୍ୟୁଦଣ୍ଡ ପାଇବା ସମ୍ଭାବନା ଥିବା ମକଦ୍ଦମାରେ, ଦୋଷୀ ପକ୍ଷରୁ ମଧ୍ୟ ଓକିଲ ଲଢ଼ିଥା'ନ୍ତି; ଅନ୍ୟ କ୍ଷେତ୍ରରେ ଅପାତତଃ ପ୍ରମାଣ ଥିବା ଦୋଷ

ବିପକ୍ଷରେ ଓକିଲମାନେ ଲଢ଼ିବାକୁ ରାଜି ହୁଅନ୍ତି ନାହିଁ । ସେମାନେ ବରଂ ଉପଦେଶ ଦିଅନ୍ତି "ତୁମେ ମାନିଯାଅ, ଦଣ୍ଡ ଲାଘବ; ଜୋରିମାନା କମ୍ ପଡିବ ।" ପ୍ରକୃତରେ ମକଦ୍ଦମା ଲଢ଼ିବାରେ ହାରିଗଲେ ଦଣ୍ଡ/ବା ଜୋରିମାନା ବଢ଼ିଯାଏ । ଅବଶ୍ୟ ମକଦ୍ଦମା ନ ଲଢ଼ିବାର ପରାମର୍ଶ ଦେବାପାଇଁ ମଧ୍ୟ ଓକିଲମାନେ ପରାମର୍ଶ ପାଉଣା ନେଇଥା'ନ୍ତି । ଆମ ଦେଶରେ ମହକିଲଟିଏ ପାଇଗଲେ କେତେକ ଶ୍ରେଣୀର ଓକିଲମାନେ ଜୋକପରି ଲାଗିଯା'ନ୍ତି ଓ ଥରେ ମକଦ୍ଦମାରେ ଫସିଗଲେ ଲୋକ ସର୍ବସ୍ୱାନ୍ତ ହୋଇଯାଏ । ଆମ ଦେଶରେ ନ୍ୟାୟ ପାଇବା ବହୁତ ବ୍ୟୟ ବହୁଳ ।

## ପଇସା ନେଇ ସାର୍ଟିଫିକେଟ ?

ପଇସା ନେଇ ନିୟମ ବହିର୍ଭୂତ କିଛି ଗୋଟିଏ କାମ କରିଦେବା ବା ମିଛ ସାର୍ଟିଫିକେଟ୍ ଟିଏ ଦେବା ଆମ ଦେଶରେ ଖୁବ୍ ସହଜ । ଉପେନ୍ଦ୍ର ବାବୁଙ୍କର ଘର କିଣିବା ପାଇଁ ଋଣ ଲଗାଣ ସଂସ୍ଥା ଯେଉଁ ଆସେସର ବା ମୂଲ୍ୟାୟନକାରୀ ପଠାଇଥିଲା, ସେ ଘରର ମୂଲ୍ୟ ୫୦,୦୦୦ ପାଉଣ୍ଡରୁ ବେଶି କଲନାହିଁ, କିନ୍ତୁ ଘର ମାଲିକ ଅଧିକା ଚାହୁଁଥିଲା । ଆସେସରର ହିସାବ ଅନୁଯାୟୀ ଋଣ ମିଳିବା କଥା । ତେଣୁ ଉପେନ୍ଦ୍ର ବାବୁ ଭାବିଲେ (ଆମ ଦେଶରେ ଆମେ ଯେପରି ଭାବୁ) ସେ ନିଜ ତରଫରୁ ଗୋଟିଏ ଆସେସର ନିଯୁକ୍ତ କଲେ ବୋଧହୁଏ ଘରର ମୂଲ୍ୟ ବେଶି ଦେଖାଇ ହେବ ଏବଂ ତଦନୁଯାୟୀ ଋଣ ବେଶି ମିଳିପାରିବ । ତେଣୁ ସେ ଋଣ ସମିତିର ଅନୁମତି ନେଇ, ଉପଯୁକ୍ତ ପାଉଣା ଦେଇ ଜଣେ ଲାଇସେନ୍ସ ପ୍ରାପ୍ତ ଆସେସର ନିଯୁକ୍ତ କଲେ ଓ ତାଙ୍କୁ ନିଜ ଉଦ୍ଦେଶ୍ୟ ଜଣାଇ ଦେଲେ । ଉକ୍ତ ଆସେସର ଗଣନାକରି ଯେଉଁ ହିସାବ ଦେଲେ ତାହା ଋଣ ସମିତିର ଆସେସରଙ୍କ ସହ ମେଳ ଖାଇଗଲା; ମାପଚୁପ ଯାହା ଅଛି, ତହିଁରେ ଗୃହନିର୍ମାଣରେ ଲାଗିଥିବା ଗୃହଉପକରଣରେ ହିସାବ ଅନୁଯାୟୀ ଘରର ମୂଲ୍ୟ ଅଧିକ ହେବ ନାହିଁ ବୋଲି ଉକ୍ତ ଆସେସର ବୁଝାଇଦେଲେ । ଫି' ବା ପଇସା ଦେଇ ନିଜ ଆସେସର ଦ୍ୱାରା ଋଣ ପରିମାଣ ବଢ଼ାଇ ହେବ ବୋଲି ଉପେନ୍ଦ୍ର ବାବୁଙ୍କର ଯେଉଁ ଆଶା ଥିଲା, ତାହା ଆଶାରେ ହିଁ ରହିଗଲା । ଆମ ଦେଶ ହୋଇଥିଲେ ବୋଧହୁଏ କୌଣସି ଦୁଇଜଣ ଆସେସରଙ୍କର ହିସାବ ସମାନ ହୋଇନଥା'ନ୍ତା । ଏହାର କାରଣ ସେମାନଙ୍କର ଚରିତ୍ର । ପାଉଣା ଯେ ଦେଉନା କାହିଁକି, ଯାହା ଉଚିତ୍ ତାହା କରିବେ ।

## ସପ୍ତାହରେ ଦୁଇଦିନ ବାହାରେ :

ବିଲାତରେ ସପ୍ତାହରେ ପାଞ୍ଚଦିନ କାମ । ଶନିବାର, ରବିବାର ଛୁଟି । ପ୍ରାୟ ପ୍ରତ୍ୟେକ ପରିବାରରେ ଗାଡ଼ି । ଦୁଇଦିନ ଛୁଟି କଟାଇବା ପାଇଁ ସେମାନେ ବିଭିନ୍ନ ଦର୍ଶନୀୟ ବା ସ୍ୱାସ୍ଥ୍ୟକର ସ୍ଥାନକୁ ଚାଲିଯାଆନ୍ତି । ସେମାନଙ୍କର ରୋଷେଇରେ ଝଞ୍ଜଟ ନଥିବାରୁ ଓ ବାଟରେ ଯେ କୌଣସି ସ୍ଥାନରେ ଖାଦ୍ୟ ପଦାର୍ଥ ମିଳୁଥିବାରୁ ସେମାନେ ନିର୍ଦ୍ୱନ୍ଦରେ ବାହାରି ଯାଆନ୍ତି । ଅଧିକାଂଶ ପରିବାର ଗୋଟିଏ ଗୋଟିଏ କାରାଭାନ ରଖିଥାଆନ୍ତି । ଚାରିଚକ ଉପରେ ଗୋଟିଏ ଚଳମାନ ବାସଗୃହ । ସେମାନଙ୍କ କାର ପଛଆଡ଼େ ହୁକ୍ ଲଗାଇ କାରାଭାନଟିକୁ ଟାଣିଟାଣି ନେଇଯା'ନ୍ତି । ଆମ ଦେଶରେ ରାସ୍ତା ଉଚ୍ଚଖାଲ ଓ କାରର ଶକ୍ତି କମ୍ ଥିବାରୁ କାରାଭାନ ଭଳି ଗୋଟିଏ ଓଜନଦାର ଜିନିଷକୁ ଟ୍ରେଲର ଭାବରେ ଟାଣି ନେଇହୁଏ ନାହିଁ । ବିଲାତର ରାସ୍ତା ଖୁବ୍ ସମତଳ ଓ ଅଧିକାଂଶ ଗାଡ଼ି ଚାଳିଶ ଅଶ୍ୱଶକ୍ତି ବିଶିଷ୍ଟ । ତେଣୁ ସେ ଗୁଡ଼ିକ ଅନାୟାସରେ ଗାଡ଼ିଗୁଡ଼ିକୁ ଟାଣିନେଇ ପାରନ୍ତି । ଅଧିକାଂଶ ଦର୍ଶନୀୟ ସ୍ଥାନରେ କାରାଭାନ ରଖିବାପାଇଁ ପଡ଼ିଆ ଥାଏ । ପର୍ଯ୍ୟଟନ ବିଭାଗକୁ ଭଡ଼ାଦେଇ ସେମାନେ କାରାଭାନ ରଖନ୍ତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଜଳ ଓ ବିଜୁଳି ଯୋଗାଇ ଦିଆଯାଏ । କାରାଭାନ ଭିତରେ ଏକାଧିକ ରାତି କଟାଇବାରେ ଅସୁବିଧା ହୁଏ ନାହିଁ । ଦିନବେଳା ସେମାନେ ସୂର୍ଯ୍ୟାଲୋକରେ ସ୍ନାନ କରିବ ପାଇଁ ଭୂଇଁ ଉପରେ ଗଡ଼ୁଥା'ନ୍ତି; ରାତିରେ କାରାଭାନ ଭିତରେ ରୁମ୍ ହିଟର ଲଗାଇ ଶୋଇଯାଆନ୍ତି ।

# ଆଇନ ଅଦାଲତ

## କୋର୍ଟ କଚେରୀ :

ବିଲାତି ଲୋକଙ୍କର ଶାସନରେ ଆମେ ଦେଢ଼ଶହ ବର୍ଷକାଳ ଥିଲୁ । ଆମେ ସାଧାରଣତଃ ଶୁଣିବା କଥା ଯେ, ଆମ ଦେଶରେ ଠିକ୍ ବିଲାତିଭଳି ଶାସନ ବ୍ୟବସ୍ଥା ଥିବ । ପ୍ରକୃତରେ ତାହା ନୁହେଁ । ଆମ ଦେଶକୁ ସେମାନେ ଉପନିବେଶ ଭାବରେ ଅଧିକାର କରି ନେଇଥିଲେ । ଗୋଟିଏ ବିଦେଶୀ ଜାତିକୁ ନିୟନ୍ତ୍ରଣରେ ରଖିବାପାଇଁ ସେମାନେ ବିଭିନ୍ନ ପ୍ରକାରର ନିୟମ କରିଥିଲେ । ଏହି ନିୟମ ଭିତରେ ପରାଧୀନଜାତିର ଆଶା ଆକାଙ୍‌କ୍ଷା କିଛି ନାହିଁ ବୋଲି ଧରିନିଆ ଯାଇଥିଲା । ଯଦି କିଛି ଆଶା ଆକାଙ୍‌କ୍ଷା ଥିଲା ସେ ଗୁଡ଼ିକ ଗୋରାଲୋକଙ୍କ ଆଶା ଆକାଙ୍‌କ୍ଷା ତୁଳନାରେ ଗୌଣଥିଲା ଓ ତା'କୁ ଦବାଇ ରଖାଯାଉଥିଲା । ଉପନିବେଶ ଶାସନ କୌଣସି ଲୋକଙ୍କୁ ବିଶ୍ୱାସ କରେ ନାହିଁ । ତେଣୁ ଯେତେ-ବେଳେ ସ୍ୱାୟତ୍ତଶାସନ ପାଇଁ ଦାବୀହେଲା ଓ ଭାରତୀୟମାନଙ୍କୁ ନ୍ୟାୟ ଦେବାକୁ ଭାରତୀୟ ବିଚାରପତି ଦରକାର ବୋଲି ଦାବୀହେଲା, ସେତେବେଳେ ସେମାନେ ଏହି ଅବିଶ୍ୱାସକୁ ମୂଳଭିତ୍ତିକରି ଥାକ ଉପରେ ଥାକ ବିଚାରପତି ଲଦିଦେଲେ । ଆମେ ସ୍ୱାଧୀନ ହେଲାପରେ ମଧ୍ୟ ସେହିଭଳି ନ୍ୟାୟର ଥାକ ରହିଆସିଛି । ଦେୱାନି ମକଦ୍ଦମା କରିବାକୁ ହେଲେ ଆମେ ଯେଉଁ ଯେଉଁ ସ୍ତର ଦେଇ ଯାଉଁ ତା'ହେଲା, ମୁନ୍‌ସିଫ୍, ସବ୍‌ଜଜ୍, ଅତିରିକ୍ତ ଜିଲ୍ଲାଜଜ୍, ଜିଲ୍ଲାଜଜ୍, ହାଇକୋର୍ଟ ଓ ପରେ ସୁପ୍ରିମ୍‌କୋର୍ଟ, ଅର୍ଥାତ୍ ୬ଟି ଥାକ । ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ, ତା'ର ନିମ୍ନ ନ୍ୟାୟାଳୟର ରାୟ ବିରୁଦ୍ଧରେ ଅପିଲ ବା ରିଭିଜନ୍ ଶୁଣିପାରିବ । ଜଣେ ଜିଦ୍‌ଖୋର ବା ମକଦ୍ଦମା ଖୋର ଲୋକ ସୁଦ୍ଧା ୬ଟିଯାକ ଥାକ ବ୍ୟବହାର କରିପାରେ ଓ ତା'ଦ୍ୱାରା ଉଚିତ୍ ନିଷ୍ପତ୍ତିକୁ ଅନିର୍ଦ୍ଦିଷ୍ଟ କାଳପାଇଁ ଘୁଞ୍ଚାଇ ଦେଇପାରେ । ପ୍ରଶାସନିକ ନ୍ୟାୟକ୍ଷେତ୍ରରେ ଏହାଠାରୁ ବେଶି ବିଳମ୍ବ ଘଟିପାରେ । ସମବାୟ ସମିତିର ପାଣ୍ଠି ତୋଷରପାତ ବା ଋଣ ଖିଲାପ କରିବାର ଉଦାହରଣ ନିଆଯାଉ । ଖିଲାପକାରୀ ବିରୁଦ୍ଧରେ ସବ୍ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ମକଦ୍ଦମା ଆରମ୍ଭ କରି ଋଣ ଆଦାୟର ବ୍ୟବସ୍ଥା ଆରମ୍ଭ କରେ । ଖିଲାପକାରୀ ଏହାକୁ ଅଟକାଇବା ପାଇଁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ପାଖକୁ ଅପିଲ୍‌ରେ ଯାଇପାରେ । ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରର ନିଷ୍ପତ୍ତି ଯଦି ତା'ର ଅନୁକୂଳ ନ ହେଲା,

ସେ ଡେପୁଟି ରେଜିଷ୍ଟ୍ରାର ପାଖରେ ଆପତ୍ତି କରିପାରେ । ଡେପୁଟି ରେଜିଷ୍ଟ୍ରାରର ନିଷ୍ପତ୍ତି ଅନୁକୂଳ ନ ହେଲେ ସେ ଜଏଣ୍ଟ ରେଜିଷ୍ଟ୍ରାର, ତା'ପରେ ଆଡ଼ିସନାଲ ରେଜିଷ୍ଟ୍ରାର ପାଖରେ ଓ ତା'ପରେ ଦରକାର ହେଲେ ରେଜିଷ୍ଟ୍ରାର ପାଖରେ ଆପିଲ ବା ରିଭିଜନ୍ କରିପାରେ । ତା'ପରେ ମଧ୍ୟ ଅନୁକୂଳ ନିଷ୍ପତ୍ତି ନପାଇଲେ ବିଭାଗୀୟ ସେକ୍ରେଟେରି ବା ମନ୍ତ୍ରୀଙ୍କ ପାଖରେ ଆପତ୍ତି କରିପାରେ । ଏହାଛଡ଼ା ଶିଳ୍ପକାରୀ ଚାହିଁଲେ ମଝିରେ ମଝିରେ ସିଭିଲ୍ କୋର୍ଟକୁ ଯାଇ ମାମଲାକୁ ଆଉ କେତେଦିନ ଡେରି କରିଦେଇପାରେ । ଶେଷକୁ ଦରକାର ପଡ଼ିଲେ ହାଇକୋର୍ଟକୁ ଯାଇ ଓ ତା'ପରେ ସୁପ୍ରିମକୋର୍ଟକୁ ଯାଇ ଶିଳ୍ପ ଋଣ ବା ତୋଷରପାତ ଆଦାୟ କରିବା ବ୍ୟବସ୍ଥାକୁ ଆହୁରି ଡେରିକରି ଦେଇପାରେ । ଏତେଗୁଡ଼ିଏ ଥାକଦେଇ ବିଳମ୍ବ କରିବାର କ୍ଷମତା ଯାହାର ଥିବ ଅର୍ଥାତ୍ ଯାହାର ତୋଷରପାତ ପରିମାଣ ଲକ୍ଷ ଲକ୍ଷ ଟଙ୍କାକୁ ବ୍ୟାପିଥିବ, ସେ ବଞ୍ଚିବା ଯାକେ ତୋଷରପାତ ଟଙ୍କା ଦେବନାହିଁ, କୌଣସି ନା କୌଣସି କୋର୍ଟରେ ମାମଲା ବିଚାରାଧୀନ ରଖାଇ ସମସ୍ତ ଗଡ଼ାଇ ଦେବ । ଏପରି ବିଚାର ବ୍ୟବସ୍ଥା ବିଲାତରେ ନାହିଁ । ତଳ କୋର୍ଟ କାଳେ ଅନ୍ୟାୟ ଭାବେ କାହାକୁ ଅନୁଗ୍ରହ ଦେଖାଇବ, ଏହି ଆଶଙ୍କାରେ ଆପିଲ ବା ରିଭିଜନ୍ ଶୁଣିବାପାଇଁ ଉପର କୋର୍ଟ କରାଯାଇଥାଏ । କିନ୍ତୁ ଇଂଲଣ୍ଡରେ ଅବିଶ୍ୱାସ ପରିମାଣ ଆମ ଦେଶ ଭଳି ଏତେ ବେଶି ନୁହେଁ । ସାମାନ୍ୟ କୋର୍ଟପରେ ଜିଲ୍ଲା କୋର୍ଟ ଓ ତା'ପରେ ଜାତୀୟ କୋର୍ଟ, ଖୁବ୍ ଦରକାର ପଡ଼ିଲେ ପ୍ରିଭିକାଉନ୍‌ସିଲକୁ ଯାଏ । ତେଣୁ ଅଧିକ ବେଶିରେ ୪ଟି ଥାକର ନ୍ୟାୟାଳୟ । କେବଳ ତେତିକି ନୁହେଁ; ବିଭିନ୍ନ ମକଦମାର ବିଚାର ଆମ ଦେଶ ଭଳି ଅଯଥା ସମୟ ନିଏନାହିଁ । ଫୌଜଦାରୀ ହେଉ ବା ଦେଓ୍ୱାନୀ ହେଉ ଖୁବ୍ ଶୀଘ୍ର ଶୀଘ୍ର ଫଇସଲା ହୁଏ ।

## ପୋଲିସକୁ ଡର ନାହିଁ :

ଆମ ଦେଶରେ ପୋଲିସର ବକ୍ତବ୍ୟ ସାକ୍ଷୀ ହିସାବରେ ଧରାହୁଏ ନାହିଁ । ବିଲାତରେ ଏ ଅବିଶ୍ୱାସ ନାହିଁ । ଆମ ଦେଶରେ ଲୋକେ ସାକ୍ଷୀ ଦେବାକୁ ଭୟ କରନ୍ତି, କାରଣ ସେମାନେ ପୋଲିସ୍‌ଦ୍ୱାରା ହଇରାଣ ହୁଅନ୍ତି । କିନ୍ତୁ ସେଠାରେ ପୋଲିସ ଲୋକଙ୍କର ବନ୍ଧୁ । କର୍ତ୍ତବ୍ୟରେ ଥିବାବେଳେ ପୋଲିସ୍ ଖଣ୍ଡେ ବାଡ଼ିଧରି ବୁଲୁଥାଏ ଓ ତା'ର କାନ୍ଧ ଉପରେ ଗୋଟିଏ ଓ୍ୱାକିଟକି ସେଟ୍ ରଖିଥାଏ । ଦରକାର ପଡ଼ିଲେ ନିକଟବର୍ତ୍ତୀ ପୋଲିସ ଷ୍ଟେସନକୁ ଖବର ଦେଇପାରିବ ବା ସାହାଯ୍ୟ ମାଗିପାରିବ । ସେଠାକାର ପୋଲିସ କାହାକୁ ଆରେଷ୍ଟ କରୁଛି ବୋଲି କହିଦେଲେ ଯଥେଷ୍ଟ ହେଲା ଏବଂ ଅପରାଧୀଟି ଚୁପ୍‌ଚାପ୍

ଘଟୁଛି ଘଟୁଛି ଚାଲିଛି । ମୁଁ ଥରେ ଜଣେ ପୁଲିସ କର୍ମଚାରୀଙ୍କୁ ପଚାରିଲି, ଏମାନେ କ'ଣ ଦୌଡ଼ି ପଳାଉ ନାହାନ୍ତି ? ସେ ମୋ ଆଡ଼କୁ ବଲ ବଲ କରି ଚାହିଁଲା । ଉତ୍ତର ଦେଲା, ହଁ, ଯଦି ସେମାନେ ଏସିଆ ଲୋକେ ହୋଇଥିବେ । ପରୋକ୍ଷରେ ସେ ମୋତେ ଅପମାନିତ କଲା ସତ, ସେ ଯାହା କହିଲା ତାହା ମଧ୍ୟ ଅକ୍ଷରେ ଅକ୍ଷରେ ସତ । ଏଥିପାଇଁ ଇଂରେଜମାନେ ବି ଦାୟୀ । ଉପନିବେଶର ଦ୍ୱିତୀୟ ଶ୍ରେଣୀ ନାଗରିକରୂପେ ଆମମାନଙ୍କୁ ଏମାନେ ସବୁ ଖରାପ କଥା ଶିଖାଇଲେ । ଆଫ୍ରିକା ଓ ଏସିଆର ଲୋକମାନେ ବହୁ ସଂଖ୍ୟାରେ ଆସି ବିଲାତି ସମାଜରେ ବେଆଇନ ଅପରାଧ ମୂଳକ କାର୍ଯ୍ୟକଳାପ ବଢ଼ାଇ ଦେଇଛନ୍ତି । ତେଣୁ ବିଲାତି ପୋଲିସକୁ ଆମ ଦେଶଭଳି ବିଶୃଙ୍ଖଳ ଆଇନ ଅମାନ୍ୟକାରୀ ଲୋକଙ୍କ ସମ୍ମୁଖୀନ ହେବାକୁ ପଡ଼ୁଛି । ଏସିଆ ଓ ଆଫ୍ରିକାର ଲୋକଙ୍କୁ ତଡ଼ିବା ପାଇଁ କେତେକ ଇଂରେଜ ବର୍ଣ୍ଣବିଦ୍ୱେଷୀ ହୋଇଛନ୍ତି ତ ଆଉ କେତେକ ଇଂରେଜ ଚରମପନ୍ଥୀ ପାଲଟିଛନ୍ତି । ଏହି କାରଣରୁ ଦଙ୍ଗା ହଙ୍ଗାମା ବଢ଼ି ଚାଲିଛି । ଅଧିକନ୍ତୁ, ବିଲାତି ସମାଜରେ ବିରୋଧୀମତର ଲୋକଙ୍କୁ ପ୍ରଶ୍ରୟ ଦିଆ ଯାଉଥିବାରୁ ବିଦେଶରୁ ରାଜନୈତିକ ନେତାମାନେ ଆସି ଆଶ୍ରୟ ନେଉଛନ୍ତି । ସେମାନଙ୍କୁ ମାରିବାପାଇଁ ସେ ଦେଶର ଗୁପ୍ତଚରମାନେ ଲାଗିଯା'ନ୍ତି । ମୁଁ ଅକ୍ସଫୋର୍ଡରେ ଥିବାବେଳେ ନାଇଜେରିଆ ସରକାରଙ୍କର ସରକାରୀ ଏଜେଣ୍ଟମାନେ ରାଜନୈତିକ ଆଶ୍ରୟ ନେଇଥିବା ବିରୋଧିଦଳର ନେତାଙ୍କୁ ଔଷଧ ଖୁଆଇ, ବେହୋସ କରି, ଟ୍ରଙ୍କ ଭିତରେ ପୁରାଇ ଗୋଟିଏ ନାଇଜେରିଆ ବିମାନଦ୍ୱାରା ନେଇଯିବାକୁ ଚେଷ୍ଟା କରୁଥିଲେ । ବିଲାତି ପୋଲିସ ସନ୍ଦେହ କରି ବିମାନ ବନ୍ଦରରେ ଟ୍ରଙ୍କଟିକୁ ଖୋଲିବାପାଇଁ ଚାହିଁଥିଲେ । ନାଇଜେରିଆ ରାଷ୍ଟ୍ରଦୂତ ତାଙ୍କ ଦେଶର ସାର୍ବଭୌମ ଅଧିକାର ବା କୂଟନୀତିଜ୍ଞ କ୍ଷମତା (Diplomatic immunity) ବଳରେ ସେମାନଙ୍କୁ ଖୋଲିବାକୁ ବାରଣ କରିଥିଲେ । ତଥାପି ପୋଲିସ ଟ୍ରଙ୍କ ଭାଙ୍ଗି ଉକ୍ତ ନେତାଙ୍କୁ ଉଦ୍ଧାର କରିଥିଲେ । ଲିବିଆର ଦୂତାବାସରୁ ଗୁଳିଚାଳି ଜଣେ ଇଂରେଜ ମହିଳା କନେଷ୍ଟବଳ ଓ୍ୱାଇଲି ମରି ଯାଇଥିବାରୁ ସେ ସମୟରେ ଲଣ୍ଡନରେ ପ୍ରବଳ ଉତ୍ତେଜନା ଦେଖାଯାଇଥିଲା । ୧୯୮୪ ରୁ କିଛିଦିନ ପାଇଁ ବିଲାତ ଓ ଲିବିଆର କୂଟନୈତିକ ସମ୍ପର୍କ ଛିନ୍ନ ହୋଇଥିଲା । ଏସବୁ ଉଦାହରଣ ଦେବାର ଅର୍ଥ, କ୍ରମେ କ୍ରମେ ସରଳ ବ୍ରିଟିଶ ପୋଲିସ ବ୍ୟବସ୍ଥା ପରିସ୍ଥିତି ଚାପରେ ଜଟିଳ ହେବାକୁ ବାଧ୍ୟ ହେଉଛି । ବ୍ରିଟିଶ ପୋଲିସ ବନ୍ଧୁକ ଧରି ପହରା ଦେବା ମନା । ଲଣ୍ଡନର ଗୋଟିଏ ଦୁଇଟି ଡକାୟତି ଘଟଣାରେ ପୋଲିସ ଗୁଳିରେ ନିରୀହ ଲୋକେ ମରିଥିବାରୁ, ଏହି ଅସ୍ତ୍ର ବାରଣ ଆଇନର ବଳବତ୍ତର କରାଯାଇଛି ।

## ସରକାରଠାରୁ କ୍ଷତିପୂରଣ ମିଳେ .

ସାଧାରଣ ସେବା କ୍ଷେତ୍ରରେ କୌଣସି ଅବହେଳା ଯୋଗୁଁ ନାଗରିକ କ୍ଷତିଗ୍ରସ୍ତ ହେଲେ ସେ ମକଦ୍ଦମା କରିପାରେ ଓ କ୍ଷତିପୂରଣ ମଧ୍ୟ ପାଇପାରେ । ଆମ ଦେଶରେ ଡାକ୍ତରଙ୍କ ଅବହେଳାରୁ କେହିଜଣେ ମରିଗଲେ ଆମେ କେଶ୍ କରୁନା । ଭଗବାନ ତ ତା'କୁ ରଖିଲେ ନାହିଁ, ଡାକ୍ତରକୁ ହଇରାଣ କରି ଲାଭ କ'ଣ ? କିନ୍ତୁ ବିଲାତ ବା ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ଡାକ୍ତରମାନଙ୍କ ବିରୁଦ୍ଧରେ କେଶ୍‌କରି କ୍ଷତିପୂରଣ ଦାବି କରାଯାଏ । ଉଦ୍ଦେଶ୍ୟ, ସେ ଯେପରି ଆଉ ଗୋଟିଏ ରୋଗୀକୁ ଚିକିତ୍ସା କରିବାରେ ହେଳା ନକରୁ । ରାସ୍ତାରେ ମରାମତି ଅଭାବରୁ ଯଦି କିଛି ଦୁର୍ଘଟଣା ଘଟେ, ତେବେ ମ୍ୟୁନିସିପାଲିଟି ବିରୁଦ୍ଧରେ କେଶ୍ କରି କ୍ଷତିପୂରଣ ଦାବି କରାଯାଏ । ଏପରିକି ବ୍ୟକ୍ତିଗତ ସମ୍ପତ୍ତିରେ ଦୁର୍ଘଟଣା ଯୋଗୁଁ ତୃତୀୟପକ୍ଷ ମାଲିକଠାରୁ କ୍ଷତିପୂରଣ ଦାବି କରିପାରେ । ମୁଁ ଅକ୍ସଫୋର୍ଡ଼ରେ ଥିବା ସମୟରେ ଗୋଟିଏ ମକଦ୍ଦମାର ରାୟ ବାହାରିଥାଏ । ଶୀତଦିନରେ ବରଫପାତ ସମୟରେ ଜନୈକ ବ୍ୟକ୍ତି ରାସ୍ତାରେ ଯାଇନପାରି ଜଣକ ପିଣ୍ଡାରେ ଆଶ୍ରୟ ନେଇଥିଲେ । ଛାଲରୁ ଖଣ୍ଡେ କାଠ ଖସିପଡ଼ି ତାଙ୍କୁ ଆଘାତ ଦେଇଥିଲା । ସେ ଘରମାଲିକ ବିରୁଦ୍ଧରେ କ୍ଷତିପୂରଣ ଦାବିକରି ଯେଉଁ କେଶ୍ କରିଥିଲେ, ତାହା ସଫଳ ହୋଇଥିଲା । କୌଣସି ଦୋକାନୀ ଯେଉଁ ପ୍ରକାର ଗୁଣକର ଜିନିଷଟି ବିକ୍ରି କରିଥାଏ, ଯଦି ତଦନୁଯାୟୀ ଫଳ ନମିଳେ, ତେବେ ଦୋକାନୀ ବିରୁଦ୍ଧରେ କ୍ଷତିପୂରଣ ପାଇଁ କେଶ୍ କରାଯାଇପାରେ । ଏ କ୍ଷତିପୂରଣରେ ପରିମାଣ ଜିନିଷର ଦାମ୍ ଭିତରେ ସୀମିତ ରହେ ନାହିଁ, ଦାମ୍ ସହିତ ମାନସିକ ଅଶାନ୍ତିର ଅନୁମାନିକ ମୂଲ୍ୟ, ତାକୁ ବ୍ୟବହାର କରି ହୋଇଥିବା କ୍ଷତିର ପରିମାଣ ଏବଂ ଓକିଲ ଫି ମିଶା ଯାଇଥାଏ ।

ବିଦେଶୀ ଲୋକ ମଧ୍ୟ ଅନୁରୂପ ନ୍ୟାୟ ପାଇଥା'ନ୍ତି । ଜନୈକ ମାର୍କିନ ଦମ୍ପତି ବିଲାତକୁ ପର୍ଯ୍ୟଟନରେ ଆସିଥିବାବେଳେ ଅନ୍ୟ ଗୋଟିଏ ଗାଡ଼ି ସହିତ ଧକ୍କା ଲାଗି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ସେଥିରେ ସ୍ୱାମୀଙ୍କର ମୃତ୍ୟୁ ଓ ସ୍ତ୍ରୀଙ୍କର ଗୁରୁତର ଆଘାତ ହୋଇଥିଲା । ଉକ୍ତ ମହିଳା କେଶ୍ କରି ଆକ୍ସିଡେ଼ଣ୍ଟ କରିଥିବା ଗାଡ଼ିର ମାଲିକଠାରୁ ସାଢ଼େ ୩ ଲକ୍ଷ ପାଉଣ୍ଡ କ୍ଷତିପୂରଣ ପାଇଥିଲେ । ବେଳେ ବେଳେ କ୍ଷତିପୂରଣ ପାଇଁ କେଶ୍ କରିବାକୁ ଯାଉଛୁ ବୋଲି ଧମକାଇ ଦେଇ କୋର୍ଟ ବାହାରେ ପ୍ରତିବାଦୀଠାରୁ ପଇସା ମିଳିଯାଇଥାଏ । ଯଦି ତା'ର

ପ୍ରକୃତରେ ଦୋଷ ଅଛି, ପ୍ରତିବାଦୀ ଖଲାସ ହୋଇଯାଏ କାରଣ ତହିଁରେ ଅନ୍ତତଃ ଓକିଲର ତଥା ଆନୁଷଙ୍ଗିକ ଖର୍ଚ୍ଚ ମିଳେ ନାହିଁ ।

## ଅପରାଧ ମାନି ଯାଅ :

ଛୋଟ ଛୋଟ ଅପରାଧରେ ଅପରାଧୀ ମାନିଗଲେ ଦଣ୍ଡ କମ୍ ହୁଏ । ପ୍ରାୟ ଜୋରିମାନାରେ ଶେଷ ହୋଇଯାଏ । ନ-ମାନିଲେ ଦଣ୍ଡର ପରିମାଣ ବଢ଼ିଯାଏ ଓ ବେଳେ ବେଳେ ଜେଲ ଯିବାକୁ ପଡ଼େ । ଏହି କାରଣରୁ ବିଳାତରେ କୋର୍ଟରେ ଛୋଟ ଛୋଟ କେଶ୍‌ର ସଂଖ୍ୟା ଖୁବ୍ କମ୍ । କେବଳ ଦଣ୍ଡ କମ୍ ହେବ ତାହା ନୁହେଁ କୋର୍ଟକୁ ଦୌଡ଼ିବାରେ ଯେଉଁ ସମୟ ନଷ୍ଟ ହୁଏ ତାହା କମିଯାଏ ବୋଲି ଦୋଷ କରିଥିବା ଲୋକ ମାନିଯାଏ । ବେଳେ ବେଳେ ଦୋଷ ନଥିଲେ ମଧ୍ୟ ଆପାତତଃ ଘଟଣାବଳୀ ଏପରି ହୋଇଥାଏ ଯେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ ବହୁତ ଦୌଡ଼ାଦୌଡ଼ି କରିବାକୁ ପଡ଼ିପାରେ ଏବଂ ବହୁତ ଖର୍ଚ୍ଚାନ୍ତ ହେବାକୁ ମଧ୍ୟ ପଡ଼ିପାରେ । ଏ ସବୁରୁ ରକ୍ଷା ପାଇବାପାଇଁ ଲୋକେ ଦୋଷ ମାନିଯାଆନ୍ତି ଓ ଜୋରିମାନା ଦେଇ ଖଲାସ ପାଇଯାଆନ୍ତି ।

# ଛାତ୍ରମାନଙ୍କ ସୁବିଧା ଅସୁବିଧା

ବିଲାତରେ ରହିବା ଖର୍ଚ୍ଚର ଅଧିକାଂଶ ଖାଦ୍ୟପେୟରେ ଯାଏ । ଯେଉଁମାନେ ନିଜେ ରୋଷେଇ କରନ୍ତି, ସେମାନେ ଅଧାଅଧି ଖର୍ଚ୍ଚ ବଞ୍ଚାନ୍ତି । ଏହି କାରଣରୁ ବିଲାତରେ ବହୁତ ଦିନ ରହିବାକୁ ଚାହୁଁଥିଲେ, ନିଜେ ରୋଷେଇ ବ୍ୟବସ୍ଥା କରିବା ଉଚିତ୍ । ଅଧିକାଂଶ ଅଧିକାଂଶ ବିବାହିତ ଛାତ୍ର ସ୍ତ୍ରୀଙ୍କୁ ସାଙ୍ଗରେ ନେଇଥା'ନ୍ତି, ଖର୍ଚ୍ଚ ବେଶୀ ପଡ଼େ ନାହିଁ, ଅଥଚ ରୋଷେଇ ଧନ୍ଦାରୁ ରକ୍ଷାମିଳେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଖୋର୍ଦ୍ଧାର ଶ୍ରୀ ନାୟକ କିଛିଦିନ ପାଇଁ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ନେଇ ଯାଇଥିଲେ । ଅଧିକାଂଶ ସ୍ତ୍ରୀଲୋକ କିଛି ନା କିଛି କାମ ଜୁଟାଇ ନେଇ କିଛି କିଛି ରୋଜଗାର ମଧ୍ୟ କରନ୍ତି । ଭାରତୀୟ ମହିଳାମାନେ ଇଂରାଜୀ ଭଲ ଭାବରେ ଜାଣିଥିବାରୁ ଇଂରାଜୀ ପଢ଼ାଇବାକୁ ସାମୟିକ ଚାକିରି ପାଇପାରନ୍ତି । କେତେକ ଆଫ୍ରିକୀୟ ଦେଶର ଲୋକେ, ତଥା ଇଂରେଜ ଶାସନରେ ନଥିବା କେତେକ ଦେଶର ଛାତ୍ରମାନେ ଇଂଲଣ୍ଡରେ ରହିବାପାଇଁ, ଇଂରେଜ ଭାଷାରେ କଥାବାର୍ତ୍ତା କରିବାର କ୍ଷମତା ହାସଲ କରିବାପାଇଁ ଟ୍ୟୁସନ୍ ହୁଅନ୍ତି । ଭାରତୀୟ ମହିଳାମାନଙ୍କ ଦ୍ୱାରା ଟ୍ୟୁସନ ଶସ୍ତା ହୁଏ ।

ବିଶ୍ୱବିଦ୍ୟାଳୟରେ ପଢ଼ିବାପାଇଁ ସେତେବେଳେ ବାର୍ଷିକ ଦରମା ଖର୍ଚ୍ଚ ଏପ୍ରକାର ଥିଲା; କଳା ଛାତ୍ରମାନଙ୍କ ପାଇଁ ୨,୭୦୦ ପାଉଣ୍ଡ, ବିଜ୍ଞାନ ଛାତ୍ରମାନଙ୍କ ପାଇଁ ୩,୭୦୦ ପାଉଣ୍ଡ, ଡାକ୍ତରୀ ବା କାରିଗରୀ ବିଦ୍ୟାପାଇଁ ୬,୭୦୦ ପାଉଣ୍ଡ, ପଲିଟେକନିକ ବା ଅନ୍ୟ କୌଣସି ଲାବରେଟରୀ ଉପରେ ଆଧାରିତ ପାଠ ପାଇଁ ଆହୁ ୨,୦୦୦ ପାଉଣ୍ଡ ଅଧିକା । ରହିବା, ଖାଇବା ଖର୍ଚ୍ଚ ପ୍ରାୟ ବର୍ଷକୁ ୩,୨,୫୦ ପାଉଣ୍ଡ । ବହିପତ୍ର ୧୫୦ ପାଉଣ୍ଡ, ଗରମ ପୋଷାକ ୧୫୦ ପାଉଣ୍ଡ । ପରିବାର ସହିତ ଗଲେ ଗୋଟିଏ ଘର ବା ଫ୍ଲାଟ ନେବାକୁ ପଡ଼ିବ । ଭଡ଼ା ପ୍ରାୟ ସପ୍ତାହକୁ ୭୦ ପାଉଣ୍ଡ । ୩ ମାସରୁ କମ୍ ରହିବାପାଇଁ ଚାହିଁଲେ କେହି ଘର ଦେବେନାହିଁ । ବିଲାତରେ ଯେଉଁ ଖାଦ୍ୟପଦାର୍ଥ କିଣିବାକୁ ମିଳେ, ତହିଁରୁ ଅଧିକାଂଶ ବିଦେଶୀ ହୋଇଥିବାରୁ ତାହା ବେଶୀ ଦାମ ହୋଇଥାଏ । ସାପ୍ତାହିକ ବଜାର ଓ ସୁପର ମାର୍କେଟରେ କିଛିଟା ଶସ୍ତାରେ ମିଳେ । ଥଣ୍ଡା ଦେଶ ହୋଇଥିବାରୁ ବେଶୀ ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଇବାକୁ ପଡ଼ିବ । ମାଂସହିଁ ଏଥିପାଇଁ ଖୁବ୍ ଶସ୍ତା ।

ଆମ ଦେଶର ଲୋକଙ୍କପାଇଁ ସେ ଦେଶରେ ବର୍ଷର ପ୍ରାୟ ଆଠମାସ ଖୁବ ଥଣ୍ଡା ଲାଗେ । ଏଥିପାଇଁ ଭଡ଼ା ନେଲାବେଳେ ଏପରି ଘର ବାଛିବା ଉଚିତ୍, ଯେପରି ସେଠାରେ କେନ୍ଦ୍ରସ୍ଥ ଉତ୍ତାପ ବ୍ୟବସ୍ଥା ଥିବା ଉଚିତ୍ । ତା' ନହେଲେ ସ୍ୱତନ୍ତ୍ର ମିଟରରେ ଲଗା ହୋଇଥିବା ଗ୍ୟାସ ଓ ଇଲେକ୍‌ଟ୍ରିକ ନିଆଁ ପାଇଁ ଖୁବ୍ ବେଶି ଖର୍ଚ୍ଚ ପଡ଼ିବ । ଗୋଟିଏ ଗୋଟିଏ ରାତିପାଇଁ ଘରକୁ ଗରମ ରଖିବା ଲାଗି ୨ ପାଉଣ୍ଡରୁ ବେଶୀ ଲାଗିବ । ପରିବାର ସହିତ ରହିଲେ ଆଉ କେତେକ ଖର୍ଚ୍ଚ ବଢ଼ିଯାଏ, ଯଥା ଗୃହ ସାମଗ୍ରି, ଚିଠିପତ୍ର ଖର୍ଚ୍ଚ, ଟେଲିଫୋନ୍ ଖର୍ଚ୍ଚ, ଲୁଗାଧୋଇବା ବା ଧୋବାଖର୍ଚ୍ଚ, ଖବରକାଗଜ ଓ ପତ୍ରିକାଖର୍ଚ୍ଚ, ବେଳେ ବେଳେ ବାହାରେ ଖାଇବା ପାଇଁ ଇଚ୍ଛା ହେଲେ ତା'ପାଇଁ ଖର୍ଚ୍ଚ, ସିନେମା ଦେଖିବା ବା ବୁଲାବୁଲି ଖର୍ଚ୍ଚ । ଏ ଅର୍ଥରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର ବର୍ଷକୁ ଖର୍ଚ୍ଚ ୫୦୦୦ ପାଉଣ୍ଡରୁ କମ୍ ହେବନାହିଁ । ପ୍ରତ୍ୟେକ ଛୁଆପାଇଁ ୫୦୦ ରୁ ୧୦୦୦ ପାଉଣ୍ଡ ଅଧିକା ଖର୍ଚ୍ଚ ହେବ । ଏ ଖର୍ଚ୍ଚରେ ପାଠପଢ଼ା ଖର୍ଚ୍ଚ ମିଶିନାହିଁ । କିନ୍ତୁ ସାଙ୍ଗରେ ସ୍ତ୍ରୀ ବା ପିଲାନେବା ପୂର୍ବରୁ ଏ ବିଷୟରେ ଚିନ୍ତାକରି ଆବଶ୍ୟକ ପରିମାଣରେ ବିଲାତି ମୁଦ୍ରା ସାଙ୍ଗରେ ନେଇଥିବା ଦରକାର କିମ୍ବା ବିଲାତର କୌଣସି ସାଙ୍ଗଠାରୁ ଆଦାୟ କରିବାର କ୍ଷମତା ଥିବା ଦରକାର । ମୋର ଜାଣିବାରେ ଅଧିକାଂଶ ବିବାହିତ ଲୋକ ପ୍ରଥମେ ନିଜେ ବିଲାତରେ ପହଞ୍ଚି, ଅବସ୍ଥା ଅନୁସନ୍ଧାନ କରି ସ୍ତ୍ରୀକୁ ମଗାଇ ନିଅନ୍ତି । ପରେ ବିଲାତରେ ପହଞ୍ଚିଗଲା ପରେ ଆପଣ ଦେଖିବେ, ବିଲାତକୁ ଯିବା ଅତି ସହଜ ଏବଂ ସେଆଡ଼ୁ ଟିକଟକରି ପଠାଇଲେ ଖର୍ଚ୍ଚ ଖୁବ୍ କମ୍ ପଡ଼େ ।

ବିଲାତରେ ଚାକିରି କରିବାପାଇଁ ବିଶେଷତଃ ସାମୟିକ ଭିତ୍ତିରେ କିଛି କାମ କରି ଆୟ କରିବାପାଇଁ ଛାତ୍ରମାନଙ୍କୁ ଡିପାର୍ଟମେଣ୍ଟ ଅଫ ଏମ୍ପ୍ଲୟମେଣ୍ଟ ବା ନିଯୁକ୍ତି ବିଭାଗର ଅନୁମତି ନେବାକୁ ପଡ଼େ ।

## ଚାକରବାକର କଥା ଛାଡ଼ :

ବିଲାତରେ ଯେଉଁଠି ରହନା କାହିଁକି ଚାକରବାକର ଉପରେ ନିର୍ଭର କରିବା ଉଚିତ୍ ନୁହେଁ । ଚାକରର ମଜୁରି ଏତେ ବେଶି ଯେ କେହି ଚାକର ରଖନ୍ତି ନାହିଁ । ବରଂ ଅନେକ ପରିବାର ଏସୀୟ ଲୋକଙ୍କୁ ଚାକର ଭାବରେ ରଖିବାକୁ ଚାହାନ୍ତି କାରଣ ସେମାନଙ୍କର ମଜୁରି କମ୍ । ଯଦି କେବେ କୌଣସି ଲଜିଂ ବା ହଷ୍ଟେଲରେ ରହିବାକୁ ପଡ଼େ, ସେଠାକାର ନିୟମକାନୁନ୍ ମାନି ଚଳିବା ଦରକାର । ଭଡ଼ାଘରେ ରହିଲେ ମାଲିକ ବା ମାଲିକାଣୀଙ୍କ ସୁବିଧା

ଅସୁବିଧା ଦେଖି କାରବାର କରିବାକୁ ପଡ଼ିବ । ମନଇଚ୍ଛା ଯା'ଆସ କରିହେବ ନାହିଁ ବା ସାଙ୍ଗସାଥୀ ନେଇ ହେବନି । ଏଥିପାଇଁ ମାଲିକ ବା 'ମାଲିକାଣୀର ସହଯୋଗ ନେବା ଦରକାର ।

ବିଲାତରେ ଧୋବା ଖର୍ଚ୍ଚ ଖୁବ୍ ବେଶି । ଧୋଇବା ତ ଧୋଇବା, ଇସ୍ତ୍ରୀ କରିବାକୁ ମଧ୍ୟ ଅଧ ପାଉଣ୍ଡ (ଆଠଟଙ୍କା) ଦରକାର । ଅଧିକାଂଶ ରହିବା ଜାଗାରେ ଯନ୍ତ୍ର ଲଣ୍ଡ୍ରି ଥାଏ । ଆଠ ଦଶଟି ଲୁଗା ଯନ୍ତ୍ରରେ ପକାଇ ୫୦ ପେନ୍ସ (୮ ଟଙ୍କା ମୂଲ୍ୟ) ମୁଦ୍ରାଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଗଳାଇଦେଲେ ମେସିନ୍‌ଟି କାମକରେ । ମେସିନ୍‌ରୁ ଲୁଗା ବାହାର କରି ଶୁଖାଇବାକୁ ପଡ଼େ । କିନ୍ତୁ ଅଧିକାଂଶ ହଷ୍ଟେଲ୍ ବା ଲଜ୍‌ଂରେ ବାହାରେ ଲୁଗା ଶୁଖାଇବାକୁ ମନା । ଏଥିପାଇଁ ଅନୁମତି ନେବାକୁପଡ଼େ, ନଚେତ୍ ରୁମ୍ ଭିତରେ ଶୁଖାଇବାକୁ ପଡ଼େ ! ଧୂଇଦେଇ ମେସିନ୍‌ରୁ ଲୁଗା ବାହାର କରି ଶୁଖାଇଲେ ମଧ୍ୟ ନିଜେ ଇସ୍ତ୍ରୀ କରିବାକୁ ପଡ଼ିବ । ଅନେକ ହୋଷ୍ଟେଲ ବା ଲଜ୍‌ଂରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଇସ୍ତ୍ରୀ କରିବାର ବନ୍ଦୋବସ୍ତ ଥାଏ । ନିଜେ ନ କଲେ ଆଉ କେହି କରି ଦେବେନାହିଁ । ନଚେତ୍ ଧୋବାକୁ ଦେବାକୁ ପଡ଼ିବ । ଧୋବା ଗୋଟିଏ ସପ୍ତାହରୁ କମ୍ ସମୟ ନିଏ ନାହିଁ । ମେସିନ୍‌ରେ ଲୁଗାଧୂଇଦେଇ କରିବାର ଗୋଟିଏ ବଡ଼ ଅସୁବିଧା ହେଉଛି ଟେଂ, କାଖ, ବେକ ଆଦି ଯେଉଁ ସ୍ଥାନରେ ବେଶି ମଳି ଲାଗିଥାଏ, ଯନ୍ତ୍ର ତା'କୁ ଭଲକରି ସଫା କରିପାରେ ନାହିଁ । ଏହାକୁ ସଫା କରିବାପାଇଁ ମେସିନ୍‌ରେ ପକାଇବା ପୂର୍ବରୁ ସାର୍ଟର କାଖ, ବେକ ଅଂଶ, ପେଣ୍ଟର ଅଣ୍ଟା ଓ ପାଦପାଖ ଅଂଶ ଆଦି ଜାଗା ଗୁଡ଼ିକୁ ନିଜ ହାତରେ ସାବୁନ୍ ଲଗାଇ ସଫା କରିବାକୁ ପଡ଼ିବ । ତା'ପରେ କପଡ଼ାକୁ ନେଇ ମେସିନ୍‌ରେ ପୂରାଇବାକୁ ପଡ଼ିବ । ଗରମ ଲୁଗା ଡ୍ରାଇ କ୍ଲିନିଙ୍ଗ୍ କରିବାପାଇଁ ଦୋକାନ ଅପେକ୍ଷା ଡ୍ରାଇ-କ୍ଲିନିଙ୍ଗ୍ ମେସିନ୍‌ରେ ନିଜେ କରିବା ବେଶି ଶସ୍ତା ପଡ଼େ । ପ୍ରଥମରୁ ଡ୍ରାଇ-କ୍ଲିନିଙ୍ଗ୍ ମେସିନ୍ କେଉଁଠି ଅଛି ନ ଜାଣିଥିଲେ, ଲୁଗାଧରି ଖୋଜିବାରେ ବହୁତ ସମୟ ନଷ୍ଟ ହେବ ।

## ଚିକିତ୍ସା ସୁବିଧା :

ବିଲାତରେ ଦେହ ଖରାପ ହେଲେ ସେ ଦେଶର ଜାତୀୟ ସ୍ୱାସ୍ଥ୍ୟସେବା (National Health Service) ଜରିଆରେ ଲୋକଙ୍କୁ ମାଗଣାରେ ଡାକ୍ତରୀ ଚିକିତ୍ସା ମିଳେ । ଅବଶ୍ୟ ରୋଗୀକୁ ଔଷଧ ଦାମ୍, ଚଷମା ଦାମ୍, ବା ଦାନ୍ତ ଚିକିତ୍ସା ସମ୍ବନ୍ଧୀୟ ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ । ବାହାରୁ ଯାଇଥିବା

ଲୋକ ଅନ୍ତ କମ୍‌ରେ ବର୍ଷେ ବିଲାତରେ ନ ରହିଲେ ଜାତୀୟ ସ୍ୱାସ୍ଥ୍ୟସେବାର ସୁବିଧା ପାଏନାହିଁ । ବର୍ଷେ ପୂରିଗଲେ ଏଥିପାଇଁ ଜାତୀୟ ସ୍ୱାସ୍ଥ୍ୟସେବାର କୌଣସି ଡାକ୍ତରଙ୍କ ନିକଟରେ ଦରଖାସ୍ତ କରିହେବ । ସେ ଗ୍ରହଣ କରିବାକୁ ରାଜି ହୋଇଗଲେ ତାଙ୍କର ସୁପାରିଶକ୍ରମେ ଜାତୀୟ ସ୍ୱାସ୍ଥ୍ୟସେବାର ନମ୍ବର ଥାଇ ଗୋଟିଏ ମେଡ଼ିକାଲ କାର୍ଡ଼ ଆପଣଙ୍କ ପାଖରେ ପହଞ୍ଚିବ । ଡାକ୍ତରମାନେ ସକାଳ ୯ ଟାରୁ ୧୧ ଟା ଓ ଅପରାହ୍ଣ ୪ଟା ୩୦ ରୁ ୬ଟା ଭିତରେ ରୋଗୀମାନଙ୍କୁ ପରାମର୍ଶ ଦେଇଥା'ନ୍ତି । ମନେ ରଖିବାକୁ ପଡ଼ିବ, ଯଦି କୌଣସି ଡାକ୍ତରଙ୍କ ସହିତ ସମୟ ଧାର୍ଯ୍ୟ କରାଯାଇଛି ଏବଂ ସେ ସମୟରେ ଆପଣ ଯାଇପାରିଲେ ନାହିଁ, ତେବେ ସେହି ସମୟ ପାଇଁ ଡାକ୍ତରଟି ଆପଣଙ୍କ ଠାରୁ ପଇସା ପାଇବାକୁ ହକ୍‌ଦାର । ଠିକ୍ ସମୟରେ ଯିବାର ନଥିଲେ ୨୪ ଘଣ୍ଟା ଆଗରୁ ଡାକ୍ତରଙ୍କୁ ଜଣାଇଦେବା ଉଚିତ୍ ।

## ନିଜର ଗାଡ଼ି :

ଶୋର୍ଡିବାସୀ ନାୟକ ବାବୁ ସ୍ତ୍ରୀ ଓ ଦୁଇଟି ପିଲାଙ୍କ ସହିତ ଯିବାଆସିବା କରିବାପାଇଁ ବିଶେଷତଃ ବଜାର କରିବାପାଇଁ ଗୋଟିଏ ପୁରୁଣାଗାଡ଼ି କିଣିଥିଲେ । ବିଲାତରେ ସେକେଣ୍ଡହାଣ୍ଡ କାର ପ୍ରାୟ ୧୦୦୦ ପାଉଣ୍ଡରୁ କମ୍‌ରେ ମିଳେ । ଆମ ଦେଶ ତୁଳନାରେ ଏହା ଖୁବ୍ ଶସ୍ତା । ଗୋଟିଏ ଗୋଟିଏ କାର ମଧ୍ୟ ୫୦୦ ରୁ ୬୦୦ ପାଉଣ୍ଡ ଭିତରେ ମିଳିଥାଏ । କିନ୍ତୁ ଗାଡ଼ିଟି ତିନିବର୍ଷରୁ ବେଶି ପୁରୁଣା ହୋଇଥିଲେ ମିନିଷ୍ଟ୍ରି ଅଫ ଟ୍ରାନସ୍‌ପୋର୍ଟରୁ ଗୋଟିଏ ଟେଷ୍ଟ ସାର୍ଟି-ଫିକେଟ୍ ଆଣିବାକୁ ପଡ଼େ । ଏହା ନଥିଲେ ତିନିବର୍ଷରୁ ବେଶି ପୁରୁଣାଗାଡ଼ି ଚଳାଇବା ମନା । ତିନିବର୍ଷରୁ ବେଶି ପୁରୁଣା ଗାଡ଼ିରେ ଏତେ ଝଞ୍ଜଟ ଏବଂ ଦୂରବାଟକୁ ନେବାରେ ଅସୁବିଧା ଥିବାହେତୁ ଖୁବ୍ ଶସ୍ତାରେ ବିକ୍ରି ହୁଏ । ଦୁଇବର୍ଷର ପୁରୁଣାଗାଡ଼ି ବଜାରେ ବାରଶହ ପାଉଣ୍ଡରେ ମିଳୁଥିବାବେଳେ ତିନିବର୍ଷର ପୁରୁଣାଗାଡ଼ି ୫୦୦ ପାଉଣ୍ଡରୁ କମ୍‌ରେ ମିଳେ । ଏତେ ଶସ୍ତାଗାଡ଼ି ବ୍ୟବହାର କରି ଅନେକ ଗୁଣ ଏହାଠାରୁ ବେଶି ପରିମାଣର ଯାତ୍ରା ଖର୍ଚ୍ଚ ବଞ୍ଚାନ୍ତି ।

## ଗାଡ଼ିଚାଳନା .

ବିଲାତରେ ୧୭ ବର୍ଷ ବୟସରୁ କମ ବୟସର ଲୋକ ଗାଡ଼ି ଚଳାଇ ପାରିବେ ନାହିଁ । ଦେଶଅପାଣ ଡ୍ରାଇଭିଂ ଲାଇସେନ୍‌ସ ବା ଅନ୍ତର୍ଜାତୀୟ ଡ୍ରାଇଭିଂ ପରମିଟ୍ ଥିଲେ ଆପଣ ମଟରଗାଡ଼ି ଚଳାଇ ପାରିବେ । ଏହା ନଥିଲେ ଡ୍ରାଇଭିଂ

ଟେଷ୍ଟ ଦେଇ ଲାଇସେନ୍‌ସ ନେବାକୁ ପଡ଼ିବ । ବିଲାତରେ ଏହି ଡ୍ରାଇଭିଂ ଟେଷ୍ଟ ଖୁବ୍ କଡ଼ା । ପଇସା ଦେଇ ଡ୍ରାଇଭିଂ ଲାଇସେନ୍‌ସ ବିନା ପରୀକ୍ଷାରେ ମିଳିବ ନାହିଁ । ଏହା କେବଳ ଆମ ଦେଶରେ ସମ୍ଭବ । ଡ୍ରାଇଭିଂ ଟେଷ୍ଟ ପାସ୍ ନ କରିପାରିଲେ ଶିକ୍ଷା ବା ଅସ୍ଥାୟୀ ଲାଇସେନ୍‌ସ ନେଇ 'L' ପ୍ଲେଟ୍‌ଟିଏ ଝୁଲାଇ ଗାଡ଼ି ଚଳାଇ ହେବ, କିନ୍ତୁ କାର ଚଳାଇଲାବେଳେ ଜଣେ ସଂପୂର୍ଣ୍ଣ ଚଳନ୍ତି ଲାଇସେନ୍‌ସ ପାଇଥିବା ବ୍ୟକ୍ତି ପାଖରେ ବସିଥିବା ନିହାତି ଦରକାର । ଏହା ନ ଥିଲେ ଜୋରିମାନା ହୋଇଯିବ । ଗାଡ଼ିର ଲାଇସେନ୍‌ସ ପାଇଁ ଫର୍ମ ଡାକଘରୁ ମିଳେ ।

## ପାଞ୍ଚଘଣ୍ଟା ଫୁଙ୍ଗୁଳା ଦେହ :

ଚାବିକାଠି ବିଷୟରେ ବେଶି ସାବଧାନ ହେବା ଦରକାର । ଅଧିକାଂଶ ଘରର ଦରଜା ଛାଡ଼ିଦେଲାକ୍ଷଣି ଆପେ ଆପେ ବନ୍ଦ ହୋଇଯାଏ ଓ ତା'ଦ୍ୱାରା ଚାବି ମଧ୍ୟ ପଡ଼ିଯାଏ । ଯଦି ଭୁଲ ବଶତଃ ଚାବିକାଠି ରୁମ ଭିତରେ ଛାଡ଼ି ଚାଲିଆସିଛନ୍ତି, ତେବେ ଆପଣ ପଦାରେ ବସିଥିବେ । ସେଣ୍ଟ୍ ଜନ୍‌ଷ୍ଟ୍ରିଟ୍‌ର ଏକୋଇଶ ନମ୍ବର ରୁମ୍‌ରେ ମୁଁ ଥିଲି । ତା'ତଳ ମହଲା ସତର ନମ୍ବର ରୁମ୍‌ରେ ଶ୍ରୀଲଙ୍କାର ଜନୈକ ସରକାରୀ କର୍ମଚାରୀ ଆସି ରହିଲେ । କର୍ମଶାଳାରୁ ଫେରି ଦିନେ ସେ ଅପରାହ୍ଣରେ ଚାବିକୁ ଟେବୁଲ ଉପରେ ରଖି ସ୍ନାନାଗାରକୁ ଚାଲିଗଲେ । ଟାଉଏଲଟି ପିନ୍ଧି ରୁମ୍‌ରୁ ବାହାରି ଗଲାପରେ କବାଟଟି ବନ୍ଦ ହୋଇଗଲା । ବାଥ୍ ରୁମ୍‌ଟି ସମସ୍ତ ଅନ୍ତେବାସୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସେହି ମହଲାରେ ବାହାରେ ଥାଏ । ସେ ବାଥ୍ ରୁମ୍‌ରେ ପହଞ୍ଚି ଦେଖନ୍ତି ତ ସାବୁନ ଆଣି ନାହାନ୍ତି । ରୁମ୍‌କୁ ଫେରିଯାଇ ଦେଖନ୍ତି, ଦ୍ୱାର ବନ୍ଦ, ଖୋଲୁନାହିଁ । ସେ ସେହି ଅର୍ଦ୍ଧ ନଗ୍ନ ଅବସ୍ଥାରେ କ'ଣ କରିବେ ବୋଲି ଚିନ୍ତାକରି ଉପର ମହଲାରେ ମୋ ପାଖକୁ ଆସିଲେ । ଦିନ ଯେତେ ଢଳୁଥାଏ, ଥଣ୍ଡା ସେତେ ବଢ଼ୁଥାଏ । ହଷ୍ଟେଲର ସେହି ଅଂଶଟିରେ ଯେଉଁ ପରିଚାରିକା ଥିଲେ, ସେ ଅନ୍ୟ କାମରେ ବଜାରକୁ ଚାଲିଯାଇଥା'ନ୍ତି । ପରିଚାରକ ବା ପରିଚାରିକାଙ୍କ କାମ କେବଳ ବିଛଣା ବଦଳାଇବା, ଚଟାଣ ସଫା ରଖିବା ଓ ୱେଷ୍ଟପେପର ବାସ୍କେଟ୍‌ରୁ ମଇଳା ଫୋପାଡ଼ିବା । ବଲବଟିଏ ଫ୍ୟୁଜ୍ ହୋଇଥିଲେ ବା ବେସିନ୍ ପାଖରେ ଥିବା ଗିଲସଟି ଭାଙ୍ଗିଯାଇଥିଲେ ସେମାନଙ୍କୁ ଜଣାଇଲେ ସେମାନେ ନୂଆଟିଏ ଆଣିଦିଅନ୍ତି । ସେମାନେ ଅନ୍ୟ କିଛି କାମ କରନ୍ତି ନାହିଁ କିମ୍ବା କରିବାକୁ ମଧ୍ୟ ରାଜି ନୁହନ୍ତି । ସବୁ ସମୟରେ (ରାତିର ଶୋଇବା ସମୟକୁ ବି ବାଦ ଦେଇହେବ ନାହିଁ) ସେମାନେ ବୟ୍‌ଫ୍ରେଣ୍ଡ୍ ବା ଗାର୍ଲ୍‌ଫ୍ରେଣ୍ଡ୍ (ପୁଅ ବା

ଝିଅ ସାଥି) ସହିତ ଟେପ୍ ରେକର୍ଡ଼ରର ସଙ୍ଗୀତ ଆସରରେ ମଜ୍ଜିଥା'ନ୍ତି ଓ ରୁମ୍ ଭିତରେ ନାଚୁଥା'ନ୍ତି । ସେଦିନ ଦୁର୍ଯୋଗକୁ ଧନମନ୍ତ୍ରୀ ସାଜରେ କେହି ନଥିଲେ, ବୋଧହୁଏ କେଉଁ ସାଥୀ ସାଙ୍ଗରେ ଯାଇଥିବେ । ମୋ' ରୁମ୍ ପାଖରେ ଥିବା ପବ୍ଲିକ ଫୋନ୍‌କୁ ହଷ୍ଟେଲର ଯେତେ ଯାହାକୁ ବୁଝିବା କଥା ବୁଝିଥିଲୁ । ବୋହୁସ୍ ଖବରଟି କେବଳ ସେହି ପରିଚାରିକାଙ୍କ ପାଖକୁ ମିଳିବ ବୋଲି ସମସ୍ତେ କହିଲେ । ବୋହୁସ୍ ଖବର ବଳରେ ସେମାନେ ରୁମ୍ ଖୋଲି ସଫାସୁତୁରା କରିଥା'ନ୍ତି । ବଡ଼ସ୍ ସିଂହଳୀଟି ମୋ ରୁମ୍ ଭିତରେ ବସି ରହିଲା । ତା'କୁ ମୁଁ ବଛଣା ସ୍କ୍ରୁଦରଟି ଯୋଡ଼ି ହେବାପାଇଁ ଦେଲି । ହିଟର ଯୋଗୁଁ ରୁମ୍‌ଟି ଗରମ ଥିଲା । କେବଳ ଟାଓ୍ୱେଲ୍‌ଟି ପିନ୍ଧିଥିବା ଯୋଗୁଁ ସେ କେଉଁଆଡ଼େ ଯାଇପାରୁ ନଥିଲା । ରାତି ଦଶଟା ପର୍ଯ୍ୟନ୍ତ ମୋ ରୁମ୍‌ରେ ବସିଥିଲେ ମଧ୍ୟ ସେ ପରିଚାରିକାଙ୍କୁ ଖୋଜିବାକୁ ଗଲାନାହିଁ । ମୋତେ ନିଦ ଲାଗି ଲାଗି ଆସିଲା । ଯାହା ହେଉ ରାତି ୧୧ଟା ବେଳକୁ ପରିଚାରିକାଟି ଆସିଲା । ମୋ' ରୁମ୍‌ରେ ସେ ବସିଥିବାବେଳେ, ମୁଁ ଅନ୍ଧାରେ ଥରି ଥରି ଯାଇ ପରିଚାରିକାଙ୍କ ଠାରୁ ଚାବି ଆଣିଥିଲି । ଏଥିପାଇଁ ମୁଁ ମଧ୍ୟ ହଇରାଣ ହୋଇଥିଲି, କାରଣ ରାତି ୧୦ଟା ପରେ କେହି ପ୍ରାୟ କବାଟ ଖୋଲନ୍ତି ନାହିଁ । ଯେତେ ବେଲ୍ ଚିପିଲେ ମଧ୍ୟ ଲୋକ ଥାଇ ଉତ୍ତର ଦେବ ନାହିଁ କିମ୍ବା ସେ ମହିଳା ହୋଇଥିବାରୁ ଏପରି ନୀରବ ରହିଥିବେ । ୧୧ଟା ପାଖାପାଖି ଫୋନ୍ କରିବା ପରେ ଜାଣିଲି ଯେ ପରିଚାରିକାଟି ସାଢ଼େ ଦଶରୁ ଆସିଲେଣି । କିନ୍ତୁ ସାଢ଼େଦଶ ବେଳେ ବି ସେ ମୋର କଲିଙ୍ଗ୍‌ବେଲ୍ ଚିପିବାର ଉତ୍ତର ଦେଇନଥିଲେ । ୧୧ଟାରେ ଫୋନ୍‌କରି ବୁଝାଇଲାପରେ ମୁଁ ଯାଇ ବେଲ୍ ଚିପିବାରୁ ସେ କବାଟ ଖୋଲି ଚାବି ଦେଇଥିଲେ । ସାମାନ୍ୟ ଟିକେ ଅସାବଧାନତାରୁ ସେ ଭଦ୍ର ବ୍ୟକ୍ତି ପାଞ୍ଚଘଣ୍ଟା ଧରି ବାହାରେ ରହିଥିଲେ ଓ ରାତିସାରା ଉପାସ ମଧ୍ୟ ରହିଥିଲେ । ଟାଓ୍ୱେଲ ପିନ୍ଧି ଖାଇବାକୁ ବା ଯାଆନ୍ତେ କିପରି ?

# ନଦୀ ଧାରେ

ଅକ୍ସଫୋର୍ଡରେ ମୁଁ ସାନ୍ଧ୍ୟଭ୍ରମଣ କରୁଥିବା ଅବସରରେ ଟେମସ୍ ନଦୀ କୂଳେ କୂଳେ ବା ଚେରୱେଲ ନଦୀ କୂଳେ କୂଳେ ବହୁ ଥର ଯିବାଆସିବା କରିଛି । ନଦୀର ଶଯ୍ୟାଠାରୁ ଦୂର ପାଖରେ କିଛିଦୂର ପର୍ଯ୍ୟନ୍ତ ସମତଳ ଜମି ଫାଙ୍କା ରହିଛି । ଏଗୁଡ଼ିକୁ **flood plain** ଭାବେ ସଂରକ୍ଷିତ କରାଯାଇଛି । ଭଲ ଘାସ ପଡ଼ିଆ ଓ ସ୍ଥାନେ ସ୍ଥାନେ ଗଛର ଛାଇ ଏହି ବନ୍ୟା ଅବବାହିକାକୁ ସାଂଧ୍ୟ-ଭ୍ରମଣ ପାଇଁ ଉପଯୁକ୍ତ କରିଛି । ବର୍ଷାଦିନେ ବନ୍ୟାଜଳ ନିଷ୍କାସନରେ ସାହାଯ୍ୟ କରି ଅକ୍ସଫୋର୍ଡ ସହରକୁ ଏହି ଫ୍ଲଡ଼ ପ୍ଲେନ ରକ୍ଷା କରୁଛି । କଟକ ସହରରେ ଦଶ ଇଞ୍ଚ ବର୍ଷା ହୋଇଗଲେ ବନ୍ୟା ଆସିଯାଏ । କାରଣ ବୃଷ୍ଟିଜଳ ନିଷ୍କାସନ ପାଇଁ ଥିବା ଖାଲ ଜାଗା ସବୁ ଘରଦ୍ୱାର ଦ୍ୱାରା ବନ୍ଦ ହୋଇଯାଇଛି । ସମ୍ବଲପୁର ସହରରେ ସହରର ବୃଷ୍ଟିଜଳକୁ ମହାନଦୀରେ ପକାଇବାକୁ ଯେଉଁ ନାଳ ଅଛି ତାକୁ ଧୋବିଜୋର କୁହାଯାଏ । ସେହି ଜୋରଟିର ଶଯ୍ୟାକୁ ଜବରଦଖଲକାରୀମାନେ ଏପରି ବନ୍ଦ କରି ଦେଇଥିଲେ ଯେ ୧୯୮୨ ଅଗଷ୍ଟ ମାସରେ ହୋଇଥିବା ପ୍ରବଳ ବର୍ଷାରେ ସହରରେ ବହୁତ ଗୃହହାନି ହୋଇଥିଲା ଓ ଘର ଭୁଷୁଡ଼ି ପଡ଼ିବା ଯୋଗୁଁ ତିନି ଚାରିଜଣ ମୃତ୍ୟୁବରଣ କରିଥିଲେ । ଏ ବିପଦ ଅନୁଭବ କରି ସରକାର ଏବେ ସମ୍ବଲପୁର ସହରରେ ଜଳ ନିଷ୍କାସନ ପାଇଁ ଗୋଟିଏ ମାଷ୍ଟରପ୍ଲାନ କରିଛନ୍ତି ଏବଂ ଧୋବିଜୋରର ଶଯ୍ୟାକୁ ଜବରଦଖଲରୁ ମୁକ୍ତ ରଖିବା ପାଇଁ ଚେଷ୍ଟା କରୁଛନ୍ତି । କଟକ ସହର ପାଇଁ ଅନୁରୂପ ଏକ ଡ୍ରେନେଜ୍‌ମାଷ୍ଟରପ୍ଲାନ୍ କରାଯାଇଛି ଓ ସେ ଦିଗରେ କାମ ଆରମ୍ଭ ହୋଇଯାଇଛି । ଅସଲକଥା ହେଉଛି ଆମ ଦେଶରେ ଲୋକେ ଆପେ ଆପେ ଆଇନ୍‌କାନୁନ୍ ମାନିବାକୁ ରାଜି ହେଉନାହାନ୍ତି । ଆଖି ଆଗରେ ଜଣେ କେହି ବାଡ଼ି ଧରି ଠିଆ ହୋଇଥିବା ପର୍ଯ୍ୟନ୍ତ ସେମାନେ ଆଇନ ମାନୁଥିବେ । ବେଳେ ବେଳେ ଜବରଦଖଲକାରୀମାନେ ସରକାରଙ୍କୁ ନୋଟିସ ଦେଲଭଳିଆ କାମ କରନ୍ତି । ଦଖଲ ସ୍ୱରୂପ ପ୍ରଥମେ ବାଡ଼ ଘେରି ଦିଅନ୍ତି । ସରକାରୀ କର୍ମଚାରୀଙ୍କ ପାଖରୁ କୌଣସି ଆପତ୍ତି ନ ଆସିଲେ ଘରର ମୂଳଦୁଆ ପକାନ୍ତି । କିଛିଦିନ ଅପେକ୍ଷା କରି ଦେଖନ୍ତି ଯଦି କିଛି ସରକାରୀ କାର୍ଯ୍ୟାନୁଷ୍ଠାନ ନ ହେଲା ତେବେ ପୁରା ଘର ଉଠାଇ ଦିଅନ୍ତି । ଆମ ସରକାରଙ୍କର ନୀତି ମଧ୍ୟ

ଏ ଦିଗରେ ପ୍ରୋତ୍ସାହନ ଦିଏ । ଆଜି ଆଉ ମଝିରେ ମଝିରେ ସରକାର ବିଜ୍ଞପ୍ତି ଜାରି କରନ୍ତି ଯେ ଅମୁକ ତାରିଖ ପର୍ଯ୍ୟନ୍ତ ଯେଉଁମାନେ ସରକାରୀ ଜମିରେ ଜବର ଦଖଲ କରିଥିବେ, ବିଶେଷ ବା ଗୁରୁତର ଆପତ୍ତି ନଥିଲେ ଜବରଦଖଲ ଜମି ସେମାନଙ୍କ ନାମରେ ରେକର୍ଡ କରି ଦିଆଯିବ । ଏହାଦ୍ୱାରା ଜବରଦଖଲ-କାରୀମାନଙ୍କୁ ସେମାନଙ୍କ ବେଆଇନ୍ କାମ ପାଇଁ ପ୍ରୋତ୍ସାହନ ଦିଆଯାଉଛି ତ ଆଉ କ'ଣ ?

## ନଦୀ ହତ୍ୟା :

ସରକାରୀ ଜମି ଜବରଦଖଲ କରିବା ଆମ ଦେଶରେ ଗୋଟିଏ ରୋଗ । ନିଜ ପ୍ରତି ତଥା ଗ୍ରାମ ପ୍ରତି ବିପଦ ଥିଲେ ମଧ୍ୟ ଲୋକେ ଜବରଦଖଲ କରିବାକୁ ଭୁଲନ୍ତି ନାହିଁ । ନଦୀର ଶଯ୍ୟାରେ ଜବରଦଖଲ କରି କରି ଲୋକେ ଭଦ୍ରକ ତଳେ ସାଳନ୍ଦୀ ନଦୀର ଚଉଡ଼ାବନ୍ଧି ରଖିନାହାନ୍ତି । ଯଦି କେବେ ଖୁବ୍ ବେଶୀ ବର୍ଷା ହୁଏ ଓ ସାଳନ୍ଦୀରେ ବଢ଼ି ଆସେ ଘରଦ୍ୱାର ବୁଡ଼ାଇବ, ଜବରଦଖଲକାରୀଙ୍କୁ ଭସାଇନେବ ନିଶ୍ଚୟ । ଯେଉଁ ଅଞ୍ଚଳରେ ନଦୀଶଯ୍ୟାକୁ ଲୋକେ ଜବରଦଖଲ କରି ପକାଉଛନ୍ତି, ସେ ଅଞ୍ଚଳରେ ବନ୍ୟାଜଳ ଅବବାହିକା (flood plain)ରେ ଲୋକେ ବସବାସ, ଘରଦ୍ୱାର ନ କରିବେ କାହିଁକି ? ବନ୍ୟାଜଳ ଅବବାହିକା ନଦୀଶଯ୍ୟାଠାରୁ ଉଚ୍ଚରେ, କେବଳ ନଦୀ ବିପଦ ସଙ୍କେତ ଡେଇଁଲେ ଏହି ଅବବାହିକାରେ ବନ୍ୟାଜଳ ନିଷ୍କାସନ ହୁଏ । ବଢ଼ି ପାଣି ବାହାରିଯିବା ପାଇଁ ନଦୀ କୂଳେ କୂଳେ ବା ମୁହାଣ ପାଖରେ ମେଲା ଜାଗା ଥାଏ । ଏଗୁଡ଼ିକ ବନ୍ଧବାଡ଼ ବା ଘେରବାଡ଼ ଦ୍ୱାରା ବନ୍ଦ ହୋଇଗଲେ ବନ୍ୟାଜଳ ନିଜ ରାସ୍ତା ଖୋଜି ବାହାର କରିନେବ, ଫଳରେ ହଜାର ହଜାର ଲୋକ ଗୃହଶୂନ୍ୟ ହେବେ ଓ ଶହ ଶହ ଜୀବଜନ୍ତୁ ପ୍ରାଣ ହରାଇବେ । ୧୯୮୨ ରେ ମହାନଦୀରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ବାଙ୍କିଠାରେ ଘାଇ ହୋଇ ଯେଉଁ ନୂଆ ନଦୀଟିଏ ସୃଷ୍ଟି ହେଲା ତାହା ଯାଇ ଚିଲିକାରେ ପଡ଼ିଲା । ଲୋକେ କହିଲେ ବହୁକାଳ ଆଗରୁ ମହାନଦୀର ଗୋଟିଏ ଶାଖା ସେହି ବାଟ ଦେଇ ଚିଲିକାକୁ ଯାଉଥିଲା ଏବଂ ତାହା କାଳକ୍ରମେ ବନ୍ଦ ହୋଇଯାଇଥିଲା । ମନୁଷ୍ୟର ଅବିମୃଷ୍ୟକାରିତା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ କାଂଶବାଂଶ ନଦୀ ଉଭେଇଗଲାଣି ଓ ସାଳନ୍ଦୀ ହଜିଯିବା ଭଳି । ଏ ଦୁଇଟି ନଦୀକୁ ହତ୍ୟା କରାଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆମ ଦେଶରେ ଲୋକେ ସରକାରୀ ବା ବେସରକାରୀ ଜମିକୁ ମାଡ଼ି

ବସିବାରେ ବେଶ ଆନନ୍ଦ ପାଆନ୍ତି । ଅଭାବ ଅଛି, ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ କହି ଲୋକେ ଜବରଦଖଲକୁ ପ୍ରୋତ୍ସାହନ ଦିଅନ୍ତି । ବିଦେଶରେ ଅଭାବ ଦୁହାଇ ଦେଇ କେହି ଆଇନ ଅମାନ୍ୟ କରେ ନାହିଁ । ଆମ ଭିତରେ କେମିତି କେଜାଣି ଗୋଟିଏ ଧାରଣା ଆସିଯାଇଛି ଯେ, ଆମେ ବହୁତ ଭାବପ୍ରବଣ ଯୁକ୍ତି ବାଢ଼ିଲେ, ଅନ୍ୟାୟ କାମ ବି ନ୍ୟାୟ କାମ ଭଳି ଦିଶିବ । ଏଥିରେ ଅବଶ୍ୟ ସରକାରଙ୍କର ବହୁତ ଦୋଷ ଅଛି । ସରକାର ତାଙ୍କର ଜମିକୁ ତଥା ଜନସମୁଦାୟର ଜମିକୁ ଯେପରି ବ୍ୟବହାର କଲେ ବି ତାହା ସରକାରଙ୍କ ସାର୍ବଭୌମ କ୍ଷମତାର ଅଧୀନ । କିନ୍ତୁ ଯେତେବେଳେ ଏହି ସରକାରୀ ବ୍ୟବହାର ଏକ ପ୍ରକାର ଜବରଦଖଲ ରୂପ ନିଏ, ସେତେବେଳେ ଲୋକେ ପାଟି କରନ୍ତି କି ? ଏଠାରେ ଲୋକେ ସିଧାସଳଖ ସିନା କ୍ଷତରେ ପଡ଼ନ୍ତି ନାହିଁ, କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ବିଚାର କଲେ ଜଣାପଡ଼ିବ ଯେ ଏହା ପରିବେଶକୁ ନଷ୍ଟ କରୁଛି, ପରିଶେଷରେ ଜନସମାଜର କ୍ଷତି ମଧ୍ୟ କରିବ ।

କଟକ ସହର ଉପକଣ୍ଠରେ ମହାନଦୀ ପଠା କଥା ବିଚାର କରାଯାଉ । ପରିବେଶ ସୁରକ୍ଷା ନାମରେ ଜନଚେତନା ଗଢ଼ିଉଠିବା ବେଳେ ରାଜ୍ୟର ତୁଙ୍ଗ ନେତାମାନେ ନିଜର ଇଚ୍ଛାମତେ ନଦୀ ଗର୍ଭକୁ ନିୟନ୍ତ୍ରଣ କରିବାର ସ୍ୱପ୍ନ ଦେଖିଲେ । ଫଳରେ ଯେଉଁ ପଠା ବର୍ଷରେ ଦିନେଅଧେ ଅତି ଉଚ୍ଚ ବନ୍ୟାର ଜଳ ନିଷ୍କାସନ ଲାଗି ଅତିରିକ୍ତ ସ୍ରୋତ ବହନ କରୁଥିଲା, ବର୍ତ୍ତମାନ ତାହା ବନ୍ୟାକୁ ବିରୋଧ କରିବ । ଅର୍ଥାତ୍ ଆଗ କାଳରେ ମହାନଦୀରେ ଯେଉଁ ଜାଗାରେ ଯେତେ ପରି-ମାଣର ବନ୍ୟାଜଳ ବାହାରି ଯାଉଥିଲା ବର୍ତ୍ତମାନ ତାହାଠାରୁ ଖୁବ୍ କମ୍ ବାହାରିବ, ଫଳରେ ବେଶି ଉଚ୍ଚରେ ପାଣି ଯିବ । ସେହି କାରଣରୁ ପଠାରେ ଯଦି ଆବାସ ନିର୍ମାଣ କରାଯାଏ, ତାହାକୁ ରକ୍ଷା କରିବା ପାଇଁ ପଠାର ପ୍ଲିନ୍ଥ ଉଚ୍ଚ କରିବାକୁ ପଡ଼ିବ । ନଦୀଗର୍ଭ ପୋତି ହୋଇ ଯାଉଥିବାରୁ ଯେଉଁ ନୂଆ ବ୍ୟାରେଜ୍ ତିଆରି ହୋଇଛି, ତାର ଫାଟକଗୁଡ଼ିକ ଆଗଠାରୁ ବେଶ୍ ଉଚ୍ଚ କରାଯାଉଛି । ଏହାର ଅର୍ଥ ପ୍ରବଳ ବନ୍ୟା ଆସିଲେ ପାଣି ଖୁବ୍ ଉପରକୁ ଉଠିବ ; ଅଣଓସାରିଆ ଅଗଭୀର ଶଯ୍ୟାରେ ବେଶୀ ପାଣି ଆସିଲେ ନଦୀକୂଳ ଉଚ୍ଛୁଳିବ । ସେତେବେଳେ କଟକ ସହରକୁ ରକ୍ଷା କରିହେବ ତ ?


୧୯୮୨ ମସିହାର ମହାନଦୀ ବନ୍ୟା ଅନେକଙ୍କର ମନେଥିବ । ମହାନଦୀର ହୀରାକୁଦ ଜଳ ଭଣ୍ଡାରରେ ପାଣି ଭର୍ତ୍ତି ହୋଇ ଆସିବାରୁ ପଠାର ସୁରକ୍ଷା ପାଇଁ ଅଧିକାଂଶ ଗେଟ୍ ଖୋଲି ଦିଆଗଲା । ବାର ଚଉଦ ଲକ୍ଷ କ୍ୟୁସେକ୍ସ ପାଣି

ଛଡ଼ାଗଲା । ଏତେ ପାଣି ଆସି କଟକରେ ପହଞ୍ଚି ଯିବାକୁ ପ୍ରାୟ ଛତିଶ ଘଣ୍ଟା ଲାଗିଗଲା । ସେତେବେଳକୁ ମହାନଦୀର ତଳ ଅଞ୍ଚଳରେ ତଥା କଟକର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ନଦୀଗର୍ଭ ପୂରି ରହିଥିଲା । ତେଣୁ ନରାଜ ପାଖରେ ବନ୍ୟାସ୍ତର ବିପଦ ସଙ୍କେତର ବହୁ ଉପରକୁ ଉଠିଗଲା । ଲୋକେ ଆତଙ୍କିତ ହେଲେ ଯେ ଯଦି ନରାଜ ପାଖରେ କଟକ ସହରକୁ ସୁଅ ଛୁଟେ, ତେବେ ରେଭେନ୍ସା କଲେଜ ପାଖରେ ପ୍ରାୟ ପାଞ୍ଚ ଛ ମିଟର ବା ପନ୍ଦର କୋଡ଼ିଏ ଫୁଟ ଉଚ୍ଚର ପାଣି ବୋହିବ । ଏପରି ବଢ଼ି ଆସିଲେ ଅନେକ ଆଶଙ୍କା କରନ୍ତି ଯେ, କଟକ ସହରକୁ ରକ୍ଷା କରିବାଲାଗି ତଳ ଅଞ୍ଚଳରେ ନଦୀ ବନ୍ଧ କାଟି ଦିଆଯିବ ଓ ଲୋକେ ହଇରାଣ ହେବେ । ବର୍ତ୍ତମାନ ମହାନଦୀ ପଠାକୁ ଆବାଦୀ କରାଯାଉଥିବାରୁ ଜଳ ନିଷ୍କାସନରେ ଯେଉଁ ବାଧା ସୃଷ୍ଟି ହେବ ତାହା ୧୯୮୨ ଭଳି ବଡ଼ ବନ୍ୟାକୁ ଅଟକାଇଦେଲେ କଟକ ସହରକୁ ଛନ୍ନଛତ୍ର କରିଦେବ ନାହିଁ କି ? ପ୍ରାକୃତିକ ପରିବେଶ ବିରୁଦ୍ଧରେ ବର୍ତ୍ତମାନ ସରକାରଙ୍କର ଯେଉଁ ହସ୍ତକ୍ଷେପ, ଦିନେ ତାହା ପ୍ରକୃତିର ଏକ ଅଟ୍ଟହାସ୍ୟ ଭିତରେ ଉଡ଼ିଯିବ । ବିଲାତରେ ନଦୀ ଦୁଇ-ଧାରରେ ବନ୍ୟା ଅବବାହିକା **(flood plains)**କୁ ଖୋଲା ରଖୁଥିବା ବେଳେ ଆମ ଲୋକଙ୍କ ଜବରଦଖଲ କରିବା ସ୍ପୃହା ଦେଖିଲେ ମନେହୁଏ ଆମେ ବିଲାତର ଲୋକମାନଙ୍କର କେବଳ ଖରାପ ଗୁଣଗୁଡ଼ାକୁ ଶିଖିଲେ, ଆଉ ଭଲଗୁଡ଼ାକୁ ପ୍ରାୟ ଆଖି ବୁଜିଦେଲେ । ନଦୀହତ୍ୟାରୁ ଗଣହତ୍ୟା ବା ମଣିଷ ଜାତିର ଆତ୍ମହତ୍ୟା ବେଶି ବାଟ ନୁହେଁ ତ !



ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଓ ବିଶ୍ୱଭାରତୀ ଶ୍ରୀନିକେତନରେ ଅଳ୍ପକାଳ ଅଧ୍ୟାପନା ପରେ ଶ୍ରୀ ସହଦେବ ସାହୁ ୧୯୬୪ରେ ଭାରତୀୟ ପ୍ରଶାସନ ସେବାରେ ଯୋଗ ଦେଇଛନ୍ତି ।

ଏଗାର ବର୍ଷରୁ ଲେଖାଲେଖି ଆରମ୍ଭ । ମାସିକ 'ସଂସାର'ରେ। ପିଲାମାନଙ୍କ ଗଳ୍ପ ଭିତରେ, 'ସରଗର ଚାନ୍ଦ', 'ବୁଦ୍ଧି ହିଁ ବଳ', 'ଆଖିର ଲୁଚକାଳି', 'ଯେତେ ଦୂର ସେତେ ପାଖ', ଅନ୍ୟତମ । ପ୍ରବନ୍ଧ ଓ ସମାଲୋଚନା ପୁସ୍ତକ'ନକ୍ଷତ୍ର ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ', 'ସମସ୍ୟା: ଆଜି ଓ କାଲିର' ଏବଂ ଗଳ୍ପ ପୁସ୍ତକ 'ଏ ଦିଗ ସେ ଦିଗ', 'ଆକାଶ କଇଁଆ' ବିଶେଷ ଆଦୃତ । 'ସମାଜ'ରେ 'ଡାକ ଟିକଟରୁ ଜ୍ଞାନ', 'ପ୍ରଜାତନ୍ତ୍ର' ସାପ୍ତାହିକୀରେ 'ବିଜ୍ଞାନ', 'ପ୍ରତିଭା'ରେ 'ଚଳନ୍ତିକା' କ୍ରମରେ ଧାରାବାହିକ ଲେଖା ଦିଅନ୍ତି । ସେ 'ଆକାଶବାଣୀ' ଓ 'ଦୂରଦର୍ଶନ' କାର୍ଯ୍ୟକ୍ରମରେ ସମ୍ପୃକ୍ତ । ସେ ସାଧାରଣଜ୍ଞାନ ତ୍ରୈମାସିକ ପତ୍ରିକାର ସମ୍ପାଦକ ଥିଲେ ।ଏବେ **stamps and stamps** ତ୍ରୈମାସିକୀର ସମ୍ପାଦନା କରୁଛନ୍ତି । 'ଡାକ ଟିକଟ ପରିଚୟ' ଓ **'A guide to stamp Collecting'** ବହୁଳ ପ୍ରଚାରିତ । ଡାକ ଟିକଟ ବିଶେଷଜ୍ଞ ଭାବେ ସେ ଭାରତ ତରଫରୁ ବୁଏନସ୍ ଏଆରେସ୍ ଓ ମଣ୍ଟ୍ରିଲର ଆନ୍ତର୍ଜାତୀୟ ପ୍ରଦର୍ଶନୀରେ ଭାରତର କମିଶନର । ସଂପ୍ରତି ସ୍ୱରାଷ୍ଟ୍ର ବିଭାଗର ଶାସନ ସଚିବ ।



N
ଲଣ୍ଡନ